'ନୋ ଏଣ୍ଟ୍ରି ୨' ଛାଡ଼ିଲେ ବରୁଣ

▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-111 ◆FRIDAY ◆17 OCTOBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୧୧ ◆ଶୁକ୍ରବାର ◆୧୭ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



ମହଙ୍ଗା ଭତ୍ତା ୩ % ବଢ଼ିଲା

ପିଛିଲା ଭାବେ ଜୁଲାଇ ମାସରୁ ଲାଗୁ

■ **ଭୁବନେଶ୍ୱର, ୧୬।୧୦ (ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୀପାବଳି ପୂର୍ବରୁ ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ତିନି ପ୍ରତିଶତ ବୃଦ୍ଧି ଘୋଷଣା କରିଛନ୍ତି। ଏହା ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫୫ ପ୍ରତିଶତରୁ ୫୮ ପ୍ରତିଶତକୁ ବୃଦ୍ଧି ପାଇଛି। ଏହା ଜୁଲାଇ ପହିଲା ୨୦୨୫ରୁ ପିଛିଲା ଭାବରେ ଲାଗୁ ହେବ। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତ ଅକ୍ଟୋବର ମାସ ଦରମାରେ ନଗଦ ଆକାରରେ ମିଳିବ। ଏହା ସହିତ ପେନ୍‌ସନଭୋଗୀ ମାନଙ୍କ ଟିଆଇରେ ମଧ୍ୟ ତିନି ପ୍ରତିଶତ ବୃଦ୍ଧି କରାଯାଇଛି। ସେମାନେ ମଧ୍ୟ ଅନୁରୂପ ଭାବେ ଅକ୍ଟୋବର ମାସ ପେନ୍‌ସନରେ ଏହି ବର୍ଦ୍ଧିତ ଟିଆଇ ପାଇବେ। ଏହାଦ୍ୱାରା ପ୍ରାୟ ସାଢେ ଆଠ ଲକ୍ଷ ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀ ଉପକୃତ ହେବେ।

ଜନସମ୍ପର୍କ ପଦଯାତ୍ରାରେ ନବୀନ

ଶେଷ ପର୍ଯ୍ୟନ୍ତ ଓଡ଼ିଶା ମା'ର ସେବା ଜାରି ରଖିବି

ବିଜୁ ଜନତା ଦଳ ଓଡ଼ିଶାବାସୀଙ୍କ ଦଳ

ଶଙ୍ଖ ହୁଳହୁଳିରେ ସ୍ୱାଗତ କଲେ ମହିଳା

ନବୀନ ଜିନ୍ଦାବାଦ ସ୍ଲୋଗାନରେ କମ୍ପିଲା ଅଞ୍ଚଳ

■ **ଭୁବନେଶ୍ୱର, ୧୬।୧୦ (ସମିସ):** ବିଜୁ ଜନତା ଦଳ ଆପଣମାନଙ୍କର ଦଳ। ସମଗ୍ର ଓଡ଼ିଶାବାସୀଙ୍କ ଦଳ। ମୁଁ ସବୁବେଳେ ଆପଣଙ୍କ ସହ ରହିଛି ଆଉ ରହିଥିବି। ଶେଷ ପର୍ଯ୍ୟନ୍ତ ଓଡ଼ିଶା ମା'ର ସେବା ଜାରି ରଖିବି ବୋଲି କହିଛନ୍ତି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ନିଜର ୭୯ତମ ଜନ୍ମଦିନ ତଥା ବିଜେଡି ପକ୍ଷରୁ ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀର ଗଙ୍ଗନଗର ବିଜୁ ଆଦର୍ଶ କଲୋନୀରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରା ।।ରେ ଯୋଗଦେଇ ଦଳୀୟ କର୍ମୀଙ୍କୁ ସାଧାରଣ ଲୋକଙ୍କ ସହ ଯୋଡ଼ିହୋଇ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ସେବା ହିଁ ବିଜୁ ଜନତା ଦଳର ମୂଳମନ୍ତ୍ର, ମୂଳ ଆଦର୍ଶ। ତେଣୁ ଏହାକୁ ବ୍ରତ ବାବେ ଗ୍ରହଣ କରି ସାଧାରଣ ଜନତାଙ୍କ ସେବା ଜାରି ରଖିବାକୁ ସେ କର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି।

ଗୁରୁବାର ପୂର୍ବାହ୍ନରେ ସ୍ଥାନୀୟ ଗଙ୍ଗନଗର ବିଜୁ ଆଦର୍ଶ କଲୋନୀରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରାରେ ନବୀନ କର୍ମୀମାନଙ୍କ ଗହଣରେ କିଛି ବାଟ ପଦଯାତ୍ରା କରିଥିଲେ। ନବୀନଙ୍କୁ ପାଖରେ ପାଇ ଦଳୀୟ ନେତା ଓ କର୍ମୀମାନେ ବେଶ୍ ଉତ୍ସାହିତ ହୋଇ ପଡୁଥିବା ବେଳେ ନିଜ ପ୍ରିୟ ନେତାଙ୍କୁ ଦେଖିବା ପାଇଁ ସାଧାରଣ ଲୋକେ ମଧ୍ୟ ଅସମ୍ଭବ ଭିଡ଼ ଜମାଇଥିଲେ। ମହିଳାମାନଙ୍କ ହୁଳହୁଳି, ଶଙ୍ଖ ବାଦନ ସ୍ୱର ସହ ▶ପୃଷ୍ଠା-୭

ଶିଶୁ ଗ୍ରାମରେ ପାଳିଲେ ଜନ୍ମଦିନ

ପିଲାଙ୍କୁ ବାଣ୍ଟିଲେ କେକ୍ ଓ ଚକୋଲେଟ

ଫୋନ୍ କରି ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଶୁଭକାମନା କଲେ ଧର୍ମେନ୍ଦ୍ର, ଜୁଏଲ୍, ଶିବରାଜ ଓ ବହୁ ବିଶିଷ୍ଟ ବ୍ୟକ୍ତି

■ **ଭୁବନେଶ୍ୱର, ୧୬।୧୦ (ସମିସ):** ନିଜର ୭୯ତମ ଜନ୍ମଦିନକୁ ଛୋଟଛୋଟ ପିଲାମାନଙ୍କ ଗହଣରେ ନିଆରା ଢଙ୍ଗରେ ପାଳନ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ନିରାଡମ୍ବର ଜୀବନଶୈଳୀରେ ବିଶ୍ୱାସ ରଖୁଥିବା ନବୀନ ଛୋଟଛୋଟ ପିଲାଙ୍କ ଗହଣରେ ଜନ୍ମଦିନ ପାଳନ କରିବାକୁ ପସନ୍ଦ କରିବା ସହ ସେମାନଙ୍କ ଗହଣରେ ▶ପୃଷ୍ଠା-୭

ବିଦାୟ ନେଲା ମୌସୁମୀ

୨୪ରେ ଲଘୁଚାପ, ଓଡ଼ିଶାରେ ଆଂଶିକ ପ୍ରଭାବ

■ **ଭୁବନେଶ୍ୱର, ୧୬।୧୦ (ସମିସ):** ସାରା ରାଜ୍ୟରୁ ବିଦାୟ ନେଇଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ଗତ ୧୩ ତାରିଖରେ ମୌସୁମୀ ଉତ୍ତର ଓଡ଼ିଶାରୁ ଅପସାରଣ ଆରମ୍ଭ ହୋଇଥିଲା। ୩ ଦିନ ମଧ୍ୟରେ ଏହା ଓଡ଼ିଶା ସମେତ ସାରା ଦେଶରୁ ବିଦାୟ ନେଇଛି। ମୌସୁମୀ ବିଦାୟ ପରେ ପରେ ରାଜ୍ୟରେ ତାପମାତ୍ରା ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି। ଏବେ ରାତିରେ କାକର ମାତ୍ରା ବୃଦ୍ଧି ପାଇଥିବା ବେଳେ କିଛି ମାତ୍ରାରେ ଥଣ୍ଡା ମଧ୍ୟ ବଢ଼ିଛି।

ଅନ୍ୟପଟେ ଆସନ୍ତା ୨୪ ତାରିଖ ବେଳକୁ ବଙ୍ଗୋପ ସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ପ୍ରାଥମିକ ଆକନଳ ଅନୁଯାୟୀ, ଏହା ଅଧିକ ଘନୀଭୂତ ହୋଇପାରେ। ମାତ୍ର କେତେ ଘନୀଭୂତ ହେବ ତାହା ସ୍ପଷ୍ଟ ହୋଇନାହିଁ। ସମ୍ଭବତଃ ଏହା ଆନ୍ଧ୍ର କିମ୍ବା ତାମିଲନାଡୁ ଉପରେ ସିଧାସଳଖ ପ୍ରଭାବ ପକାଇପାରେ। ଯଦି ଏହା ଆନ୍ଧ୍ର ଉପକୂଳ ମୁହାଁ ହୁଏ, ତେବେ ଓଡ଼ିଶାର ଦକ୍ଷିଣ ଭାଗ ଓ ଏହାର ସଂଲଗ୍ନ କିଛି ଜିଲ୍ଲା ସମେତ ପ୍ରାୟ ଜଗତସିଂହପୁର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ବିଶେଷକରି ଉପକୂଳବର୍ତ୍ତୀ କିଛି ଜିଲ୍ଲାରେ ବର୍ଷା ହେବା ସହ ବାକି କିଛି କିଛି ସ୍ଥାନରେ ମେଘୁଆ ପାଗ ସୃଷ୍ଟି ହୋଇପାରେ ବୋଲି ସୂଚନା ମିଳିଛି।

TANISHQ

ଭାରତର ସବୁଠାରୁ ଭରସାଯୋଗ୍ୟ ଜୁଏଲର୍

ବୃହତ୍ତର ତଥା ଉତ୍ତମ କିଣାକିଣି ଅନୁଭୂତି ପାଇଁ ଏବେ ଉଦିତ୍ ନଗର, ମେନ୍ ରୋଡ୍, ରାଉରକେଲାକୁ ସ୍ଥାନାନ୍ତରିତ ହୋଇଛି

₹450 ପର୍ଯ୍ୟନ୍ତ ଛାଡ଼* ପ୍ରତି ଗ୍ରାମ ସୁନା ଅଳଙ୍କାର ଉପରେ

20% ପର୍ଯ୍ୟନ୍ତ ଛାଡ଼* ଡାଇମଣ୍ଡ ମୂଲ୍ୟ ଉପରେ

To locate your nearest store and know more on 8147349242. Buy online at tanishq.co.in or Download our App *Conditions apply, For T&C visit our website.

ସୋରୁମ୍: ଇନ୍ଦ୍ରିଆ ଜୁଏଲ୍‌ସ ପ୍ରାଇଭେଟ୍ ଲିମିଟେଡ୍, ପ୍ଲଟ୍ ନମ୍ବର-362/2000 ଏବଂ 358/2001, ଉଦିନ୍ ନଗର,କଚେରୀ ରୋଡ୍, ମେନ୍ ରୋଡ୍, ରାଉରକେଲା-769012

ସକାଳ
THE SAKALA

www.sakalaepaper.com

ଭଡାଟଙ୍କା ଉପରେ ଲୁଟେରାଙ୍କ ଆଖି

ନାଳକୁ ଡେଇଁ ଟଙ୍କା ଓ ଜୀବନ ବଞ୍ଚାଇଲେ ପିଇଓ

ଭୁବନ, ୧୬ ।୧୦(ସମିସ)

ପଞ୍ଚାୟତ ଭଡା ଟଙ୍କା ଉପରେ ଲୁଟେରାଙ୍କ ନଜର। ଭଡା ଟଙ୍କା ନେଇ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଉଥିବା ସମୟରେ ମାତିଥିଲା କଳା ପଲସର। ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ନାଳକୁ ଡେଉଁ ଟଙ୍କା ସହ ଜୀବନ ରକ୍ଷା କରିଛନ୍ତି। ଭୁବନ ଥାନା କାନଖାଇ ଗ୍ରାମ ନିକଟ ବେକମୋଡ଼ା ନାଳ ନିକଟରେ ଏହି ଘଟଣା ଘଟିଛି।

ସୂଚନାନୁସାରେ ଭୁବନ ଥାନା ବାଲିବୋ ପଞ୍ଚାୟତ ନିର୍ବାହୀ ଅଧିକାରୀ ଆଶୁତୋଷ ନାୟକ ବୁଧବାର ଆଇସିଆଇସିଆଇ ବ୍ୟାଙ୍କରୁ ଲୋକଙ୍କ ଭଡା ବାବଦ ୫ ଲକ୍ଷ ୫୦ ହଜାର ଟଙ୍କା ଉଠାଇ ନିଜ ସ୍କୁଟି ଯୋଗେ ଯାଉଥିଲେ। ୫୩ନଂ ଜାତୀୟ ରାଜପଥର ଅନନ୍ତପୁର ଛକରୁ କାନଖାଇ ଗ୍ରାମ ପାର ହୋଇ କଇଁପାଟ ହୁଡ଼ି ନିକଟସ୍ଥ ବେକମୋଡ଼ା ନାଳ ନିକଟରେ ଏକ କଳା ପଲସରରେ ଆସିଥିବା ୩ ଦୁର୍ବୃତ୍ତ ତାଙ୍କୁ ଅଟକାଇ ଟଙ୍କା ବ୍ୟାଗ ଛଡ଼ାଇବାକୁ ଉଦ୍ୟମ କରିଥିଲେ। ନିର୍ବାହୀ ଅଧିକାରୀ ସ୍କୁଟି ଛାଡ଼ି ଦୌଡ଼ିଯାଇ କଣ୍ଟା ବୁଦା ଡେଇଁ ନାଳକୁ ଡେଇଁ ପଡ଼ିଥିଲେ। ଲୁଟେରା ମଧ୍ୟ ନାଳରେ ପଶି ତାଙ୍କୁ ଟଣାଓଟରା କରିଥିଲେ। କିନ୍ତୁ ବ୍ୟାଗ ଛଡ଼ାଇ ନେଇପାରି ନ ଥିଲେ। ଠିକ ଏହି ସମୟରେ ଜମିରେ କାମ କରୁଥିବା ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ପିମ୍ପୁଡ଼ିଆ ଗ୍ରାମର ଚାଷୀ କୁଶନ ନାୟକ ପୂର୍ତ୍ତ ବିଭାଗ ରାସ୍ତା ଉପରେ ନାଳ କୂଳରେ ଭାତ ଖାଉଥିଲେ। ଏହି ଘଟଣା ଦେଖି ସେ ଖାଦ୍ୟ ଛାଡ଼ି ଠେଙ୍ଗା ଧରି ଦୌଡ଼ି ଆସିବାରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ନିର୍ବାହୀ ଅଧିକାରୀ ଜଣେ ଲୁଟେରାଙ୍କ ମାସ୍କ ଟାଣି ଆଣିବାରୁ

ଠେଙ୍ଗାଧାରୀ ଚାଷୀଙ୍କୁ ଡରି ଲୁଟେରା ଫେରାର

ତାଙ୍କ ମୁହଁରେ ଗ୍ରହଣଖଣ୍ଡିଆ ଥିବା ଜଣାପଡ଼ିଛି। ଭୁବନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଅନ୍ୟପଟେ ବିନା ପୁଲିସ ସୁରକ୍ଷାରେ ନିର୍ବାହୀ ଅଧିକାରୀ କିଭଳି ଏତେ ଟଙ୍କା ନେଉଥିଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନାଯୋଗ୍ୟ ଗତବର୍ଷ ବାଲିବୋଠାରେ ସେବାକେନ୍ଦ୍ର ଖୋଲିଥିବା ହିମାଂଶୁ ଶେଖର ପଣ୍ଡାଙ୍କଠାରୁ ମଧ୍ୟ ଏହି ସ୍ଥାନରେ ୨ ଲକ୍ଷ ଟଙ୍କା ଲୁଟ୍ ହୋଇଥିଲା।

ଅନ୍ତର୍ଜାତୀୟ ଜରା ଦିବସ ଓ ଜିଲ୍ଲାସ୍ତରୀୟ ବିଶ୍ୱ ଦୃଷ୍ଟି ଦିବସ

ଗଁଦିଆ, ୧୬ ।୧୦(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ମାର୍ଥାପୁର ପଞ୍ଚାୟତ ଅଁଳାପାଳ ଐରା ଅନୁଷ୍ଠାନ ଦ୍ୱାରା ପରିଚାଳିତ ଚକ୍ରଧାରୀ ବରିଷ୍ଠ ନାଗରିକ ଗୃହ ପରିସରରେ ଅନ୍ତର୍ଜାତୀୟ ଜରା ଦିବସ ଓ ଜିଲ୍ଲାସ୍ତରୀୟ ବିଶ୍ୱ ଦୃଷ୍ଟି ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଞ୍ଜୟ କୁମାର ମହାପାତ୍ର ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ଚଳଣି, ରହଣି ଓ ସ୍ୱାସ୍ଥ୍ୟ ବିଷୟରେ ଆଲୋଚନା କରିଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ତପନ କୁମାର ମହାନ୍ତି, ଜିଲ୍ଲା ଯୋଜନା ପରିଚାଳକ ସସ୍ମିତା ସାହୁ, ସହକାରୀ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଭାରତୀ ପଣ୍ଡା, ଅଣ ସଂକ୍ରାମକ ରୋଗ ନିଦାନ ପରିଚାଳକ ପ୍ରଜ୍ଞାପରମିତା ମହାନ୍ତି, ଜିରାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର କୃଷ୍ଣବଲ୍ଲଭ ଶତପଥୀ ଓ ମଠକରଗୋଳା ଆୟୁଷ ଡାକ୍ତର ପରମାର୍ଥ ପାଣିଗ୍ରାହୀ, ସୁପରଭାଇଜର ମାନସ ମିଶ୍ର, ଏଏନଏମ ଜ୍ୟୋତ୍ସ୍ନାରାଣୀ ସାହୁ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଯଥା ମଧୁମେହ, ରକ୍ତଚାପ ଓ ଆଖି ପରୀକ୍ଷା ଆଦି କରିଥିଲେ। ଆବଶ୍ୟକ ଔଷଧ ମଧ୍ୟ ପ୍ରଦାନ କରାଯାଇଥିଲା। ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ଦ୍ୱାରା ସମସ୍ତ ୨୫ ଜଣ ଅନ୍ତେବାସୀଙ୍କୁ ବସ୍ତ୍ର ଓ ଖାଦ୍ୟ ବଣ୍ଟନ କରାଯାଇଥିଲା। ଚକ୍ରଧାରୀ ବରିଷ୍ଠ ଗୃହର ପରିଚାଳକ ତାରା ସ୍ୱାଇଁ, ଦେବାଶିଷ ଦାସ, ସଞ୍ଜୟ ଦାସ, ମନୋଜ ଦାସ, ପ୍ରତାପ ପଣ୍ଡା, ସୁଶାନ୍ତ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମାଜସେବୀ ପ୍ରଦ୍ୟୁମ୍ନ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

ନିଖୋଜ ଯୁବକଙ୍କ ମୃତଦେହ ନଦୀରୁ ଉଦ୍ଧାର

ଭୁବନ, ୧୬ ।୧୦(ସମିସ): ଗଁଦିଆ ଥାନା ବଣସିଂ ପଞ୍ଚାୟତ ଭୂଇଁପୁର ଗ୍ରାମ ଦେଇ ଯାଇଥିବା ବ୍ରାହ୍ମଣୀ ନଦୀରେ ଗାଧୋଉଥିବା ବେଳେ ମଙ୍ଗଳବାର ଜଣେ ଯୁବକ ନିଖୋଜ ହୋଇଯାଇଥିଲେ। ସେ ହେଲେ କଟକ ଜିଲ୍ଲା ଆଠଗଡ଼ ମେଡିକାଲ ଛକର ରମେଶ ଦାସଙ୍କ ପୁଅ ଜ୍ଞାନେଶ ଦାସ (୨୨)। ଜ୍ଞାନେଶ ନିଜ ସମ୍ପର୍କୀୟଙ୍କ ଘର ଭୂଇଁପୁର ଗ୍ରାମକୁ ବୁଲିବାକୁ ଆସିଥିବା ବେଳେ ନଦୀକୁ ଗାଧେଇବାକୁ ଯାଇଥିଲେ। ଏହି ସମୟରେ ସେ ଗଭୀର ଜଳରେ ବୁଡ଼ି ଯାଇଥିଲେ। ଜ୍ଞାନେଶ ଘରକୁ ନ ଫେରିବାରୁ ସମ୍ପର୍କୀୟମାନେ ଖୋଜା ଖୋଜି ଆରମ୍ଭ କରିବା ସହ ଅଘଟଣ ସନ୍ଦେହ କରି ଦମକଳ ବାହିନୀକୁ ଖବର ଦେଇଥିଲେ। ଗଁଦିଆ ଏବଂ ଭୁବନ ଦମକଳ ବାହିନୀ ମିଳିତ ଭାବରେ ନଦୀରେ ଖୋଜା ଖୋଜି କରିବା ପରେ ମଧ୍ୟ ଜ୍ଞାନେଶଙ୍କ ପତ୍ତା ମିଳି ନ ଥିଲା। ତେବେ ଗୁରୁବାର ନୀଳକଣ୍ଠପୁର ଘାଟରୁ ଓଡ୍ରାଫ ଟିମ ତାଙ୍କ ମୃତଦେହ ଉଦ୍ଧାର କରିଛି। ଭୁବନ ଥାନା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

ବିଦ୍ୟାଳୟ ସମୂହ ଦୌଡ଼କୁଦ ପ୍ରତିଯୋଗିତା

ହିନ୍ଦୋଳ/ଖଜୁରିଆକଟା, ୧୬ ।୧୦(ସମିସ): ହିନ୍ଦୋଳ ବ୍ଲକ ପାଣ୍ଡୁବେରିଣୀ କୁଣ୍ଡେଶ୍ୱର ଗୁରୁକୁଳ ଆଶ୍ରମ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ୧୭ ଓ ୧୪ ବର୍ଷରୁ କମ ବାଳକ ବାଳିକାମାନଙ୍କ ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପବିତ୍ର ମୋହନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକରମରେ ମୁଖ୍ୟଅତିଥି ଭାବେ ବ୍ଲକ ନୋଡାଲ ଅଫିସର ଅନାଦି ଚରଣ ନାୟକ, ସମ୍ମାନିତ ଅତିଥି ଭାବେ ଖେଳ ଶିକ୍ଷକ ପ୍ରହ୍ଲାଦ ସାମଲ, ନରେନ୍ଦ୍ର କୁମାର ଦେହୁରୀ, ମୁରଲୀଧର ସାହୁ, ଡମ୍ବୁରୁଧର ବେହେରା, ଶଶିଭୂଷଣ ନାଥ, ସୁଶୀଲ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଖେଳ ଶିକ୍ଷକ ଦୀପକ ମୁଦୁଲି, ଜୀବନଜ୍ୟୋତି ବିଶ୍ୱାଳ, ଦୁର୍ଯ୍ୟୋଧନ ପାଣି, ଦାମୋଦର ବେହେରା, ପ୍ରଦୋଷ ସାହୁ, ପ୍ରମୋଦ ଗଡ଼ନାୟକ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ହିନ୍ଦୋଳ ବ୍ଲକର ୪୧ଟି ଉଚ୍ଚ ବିଦ୍ୟାଳୟରୁ ପ୍ରାୟ ୩୦୦ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଅଜିତ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ବନିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଢେଙ୍କାନାଳ, ୧୬ ।୧୦(ସମିସ): ସଦର ବ୍ଲକ ମହୁଲବେରେଣୀ କୋଇଲିପଙ୍ଗି ଉପ୍ରା ବିଦ୍ୟାଳୟରେ ଗୁରୁବାର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ କାକୁଡ଼ିଭାଗ କ୍ଲଷ୍ଟର ଅଧୀନ ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିତର୍କରେ ସୌମଶ୍ରୀ ବାରିକ, ପ୍ରବନ୍ଧରେ ନର୍ମଦା ସୁତାର ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି। ବରିଷ୍ଠ ବର୍ଗ ଚିତ୍ରାଙ୍କନରେ ବିଷ୍ଣୁପ୍ରିୟା ସାହୁ, କୁଇଜରେ ଶୁଭମ ପ୍ରଧାନ, ସୃଜନଶୀଳ ଲିଖନରେ ସୌମଶ୍ରୀ ବାରିକ, ବକ୍ତୃତାରେ ବଦ୍ରିନାଥ ବରାଳ, ସଙ୍ଗୀତରେ ଲିପୁନ କାଞ୍ଜିଆ, ପିଏମ ପୋଷଣ ଚିତ୍ରକଳାରେ ରାହୁଳ ଭୋଳ, ଶିଳ୍ପକଳାରେ ଶୁଭଲକ୍ଷ୍ମୀ ବେହେରା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। କନିଷ୍ଠ ବିଭାଗର ଚିତ୍ରାଙ୍କନରେ ବଳରାମ ରାଉତ, କୁଇଜରେ ଅନନ୍ୟା ସାହୁ, ସୃଜନଶୀଳ ଲିଖନରେ ଅମରଜ୍ୟୋତି ସାହୁ, ବକ୍ତୃତାରେ ଶିବାନୀ ପୃଷ୍ଟି, ସଙ୍ଗୀତରେ ଅଭିଲିପ୍ସା ବେହେରା, ଶ୍ରୁତ ଲିଖନ ଓ ହସ୍ତାକ୍ଷରରେ ସାଇଶ୍ରୀ ସାହୁ, ପିଏମ୍ ପୋଷଣ ଚିତ୍ରକଳାରେ ଅମିତ ବାରିକ, ଶିଳ୍ପ କଳାରେ ଅର୍ପିତା ସାମଲ, ସର୍ବକନିଷ୍ଠ ବର୍ଗର ଗଳ୍ପ କଥନରେ ଅମିତ ସାହୁ, ଅଙ୍କଦୌଡରେ ରାଜଲକ୍ଷ୍ମୀ ସାହୁ, ଦିବ୍ୟାଙ୍ଗ ବର୍ଗର ବିତର୍କରେ ଶ୍ରୀକୃଷ୍ଣ ସାହୁ, ଚିତ୍ରାଙ୍କନରେ ଶୁଭମ ସାହୁ ଏବଂ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୁହାଳଡିହି ପ୍ରାଥମିକ ବିଦ୍ୟାଳୟର ମାନିନୀ ନାୟକ ଓ ସାଥୀ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହେବା ସହିତ ବ୍ଲକସ୍ତରୀୟ ସୁରଭି ପାଇଁ ମନୋନିତ ହୋଇଛନ୍ତି। ସିଆରସିସି ଅର୍ଜୁନ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ସନ୍ତୋଷ ଧଳ, ରାଜେଶ ମହାନ୍ତି, ଅର୍ଜୁନ ସାହୁ, ନଦିଆ ବିହାରୀ ସାହୁ, ସୌରଭ ରାୟ, ଚନ୍ଦ୍ରକାନ୍ତ ବେହେରା, ଶିକ୍ଷୟିତ୍ରୀ ରୂପଶ୍ରୀ ପରିଡ଼ା, ସ୍ୱର୍ଣ୍ଣପ୍ରଭା

ମିଶ୍ର, କଳ୍ପନା ବାରିକ, ଶୁଭଲକ୍ଷ୍ମୀ ସେଠୀ, ମାନସୀ ଦାସ, ନିରୁପମା ପୃଷ୍ଟି ପ୍ରମୁଖ ବିଚାରକ ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ କୃତୀକୁ ମୂଲ୍ୟାୟନ କରିଥିଲେ। ଅପରାହ୍ନରେ ପ୍ରଧାନଶିକ୍ଷୟିତ୍ରୀ ଲୋପାମୁଦ୍ରା ଖଣ୍ଡିଆଙ୍କ ଅଧକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ କାକୁଡିଭାଗ ଗ୍ରାମପଞ୍ଚାୟତର ସରପଞ୍ଚ ରୀନା ସାହୁ, ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ ବିଷ୍ଣୁ ମଲ୍ଲିକ, ବିଜ୍ଞାନ ଶିକ୍ଷକ ଶେଷଦେବ ବାରିକ, କ୍ରୀଡା ଶିକ୍ଷକ ଯଶୋବନ୍ତ ରାଉତ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଶିକ୍ଷକ ପ୍ରଦ୍ୟୁମ୍ନ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ବିଦ୍ୟାଳୟରେ ଚାରାରୋପଣ

ଗଁଦିଆ, ୧୬ ।୧୦(ସମିସ): ଗଁଦିଆ ବ୍ଲକ ଦିଗମ୍ବର ପଞ୍ଚାୟତ ନୂଆଗଡ଼ ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ଉଦ୍ୟାନରେ ଚାରା ରୋପଣ କରାଯାଇଛି। ପରିବେଶବିତ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହରିହର ସାହୁ, ପରିବେଶବିତ

ବିଜୟ କୁମାର ସାମନ୍ତଙ୍କ ସହ ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟାନନ୍ଦ ପାଣିଙ୍କ ସମେତ ବିଦ୍ୟାଳୟର ପରିବେଶ କ୍ଲବ ତତ୍ତ୍ୱାବଧାରକ ଅଭୟ କୁମାର ଶତପଥୀଙ୍କ ନେତୃତ୍ୱରେ ୫୦ରୁ ଅଧିକ ଚାରା ରୋପଣ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ଅରୁଣ ଧରୁଆ, ଶିକ୍ଷୟିତ୍ରୀ ରଶ୍ମିବାଳା ସାମଲ, ଦୀପିକା ପଡ଼ିଆରୀ ଓ କର୍ମଚାରୀ ଗୋବର୍ଦ୍ଧନ ବେହେରା ପ୍ରମୁଖ ସହଯୋଗ କରିଥିଲେ।

ଟାଟା ଷ୍ଟିଲ ଯୁବ ଜ୍ୟୋତିର୍ବିଜ୍ଞାନୀ ଅନ୍ୱେଷଣ କାର୍ଯ୍ୟକ୍ରମ

ହିନ୍ଦୋଳ/ଖଜୁରିଆକଟା, ୧୬ ।୧୦(ସମିସ): ଟାଟା ଷ୍ଟିଲ ପକ୍ଷରୁ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଅଧୀନ ଭୁବନେଶ୍ୱର ପଠାଣି ସାମନ୍ତ ପ୍ଲାନେଟାରିୟମ ସହଯୋଗରେ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକରମର ୧୯ତମ ସଂସ୍କରଣର ବିଦ୍ୟାଳୟସ୍ତରୀୟ କାର୍ଯ୍ୟକ୍ରମ ହିନ୍ଦୋଳ ବ୍ଲକ ଖଜୁରିଆକଟା ଏବଂ ହିନ୍ଦୋଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ସ୍କୁଲ ପିଲାମାନଙ୍କ ମଧ୍ୟରେ ମହାକାଶ ବିଜ୍ଞାନକୁ ନେଇ ଆଗ୍ରହ ଓ ଅନ୍ୱେଷଣକୁ

ନେଇ ସଚେତନତା ସୃଷ୍ଟି ଏହି କର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଏଥିରେ ୬ଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୩୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସାମ୍ବାଦିକ ପ୍ରଶାନ୍ତ ଜେନାମଣି, ସୁଶାନ୍ତ ପତି, ତ୍ରିଲୋଚନ ପାଳ, ବୀଣା ସାହୁ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଖଜୁରିଆକଟା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ମନୋଜ ମିଶ୍ର, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଟାଟା ଷ୍ଟିଲର କର୍ମଚାରୀ ପ୍ରତିଯୋଗିତା ପରିଚାଳନା କରିଥିଲେ। ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ବହୁବିଧ ପସନ୍ଦର ପ୍ରଶ୍ନ ଏମସିକ୍ୟୁ ପରୀକ୍ଷା ଏବଂ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପିଲାମାନଙ୍କ ପାଇଁ କୁଇଜ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

ଜାତୀୟ ରାଜପଥରେ ୩ ଯୁବକଙ୍କ ଆତଙ୍କରାଜ

- **ଗାଡ଼ିରୁ ଘୋଷାଡ଼ି ଡ୍ରାଇଭରଙ୍କୁ ମାଡ଼**
- **ଥାନାରେ ଅଭିଯୋଗ କଲା ମହାସଙ୍ଘ**

ଢେଙ୍କାନାଳ, ୧୬ ।୧୦(ସମିସ): ସଦରଥାନାର ଗୋବିନ୍ଦପୁର ଫାଣ୍ଡି ଅନ୍ତର୍ଗତ ୫୫ନଂ ଜାତୀୟ ରାଜପଥରେ ତିନି ଯୁବକଙ୍କ ଆତଙ୍କରାଜକୁ ନେଇ ଡ୍ରାଇଭର ମହାସଙ୍ଘ ଥାନାରେ ଅଭିଯୋଗ କରିଛି। ଗୋବିନ୍ଦପୁର ନିକଟରେ ଏକ ବୁଲେଟରେ ୩ ଯୁବକ ରଙ୍ଗ ରୁଟ୍‌ରେ ଆସି ପିକଅପ୍ ଭ୍ୟାନ୍‌କୁ ଧକ୍କା ଦେଇଥିଲେ। ପରେ ପିକଅପ ଭ୍ୟାନ ଡ୍ରାଇଭରଙ୍କୁ ଗାଡ଼ିରୁ ଘୋଷାଡ଼ି ନେଇ ନିସ୍ଥୁକ ପିଟିଲେ। ଏହି ଘଟଣାର ଦୃଶ୍ୟ ମୋବାଇଲରେ କଏଦ ହୋଇଛି। ଆତଙ୍କରାଜ ଚଳାଇଥିବା ୩ ଯୁବକ ପିକଅପ ଡ୍ରାଇଭରଙ୍କୁ ଜୀବନରେ ମାରି ଦେବାକୁ ଉଦ୍ୟମ କରୁଥିବା ବେଳେ ଗୋବିନ୍ଦପୁର ଫାଣ୍ଡି ପୁଲିସ ତାଙ୍କୁ ଉଦ୍ଧାର କରିଥିଲା। ବୁଧବାର ରାତିରେ ପୁରୀର ସୁଦାମ ପାଇକାରାୟ ନାମକ ପିକଅପ୍ ଡ୍ରାଇଭର ଗାଡ଼ି ନେଇ ଢେଙ୍କାନାଳରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ସେହି ସମୟରେ ଅପର ପକ୍ଷରୁ ରଙ୍ଗ ରୁଟ୍‌ରେ ଆସି ଗୋଟିଏ ବୁଲେଟରେ ତିନି ଯୁବକ ତାଙ୍କ ଗାଡ଼ିକୁ ଧକ୍କା ଦେଇଥିଲେ। ପରେ ଦୋଷ ନ ଥାଇ ମଧ୍ୟ ଡ୍ରାଇଭରଙ୍କୁ ନିସ୍ଥୁକ ମାଡ଼ ମାରିଥିଲେ। ଓଡ଼ିଶା ଡ୍ରାଇଭର ମହାସଂଘ ଢେଙ୍କାନାଳ ଜିଲ୍ଲା କମିଟି ପକ୍ଷରୁ ଏ ନେଇ ଗୋବିନ୍ଦପୁର ଫାଣ୍ଡିରେ ଲିଖିତ ଅଭିଯୋଗ ପରେ ପୁଲିସ ଜଣଙ୍କୁ ଅଟକ ରଖି ତଦନ୍ତ ଜାରିରଖିଛି। ତୁରନ୍ତ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଡ୍ରାଇଭର ମହାସଙ୍ଘ ଦାବି କରିଛି।

ଜାତୀୟ ମହିଳା କୃଷକ ଦିବସ

ଗଁଦିଆ, ୧୬ ।୧୦(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଗୁଣ୍ଡୁରାପଶି ବରସାହି ଗ୍ରାମରେ ଜାତୀୟ ମହିଳା କୃଷକ ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ, ଗଁଦିଆ ବ୍ଲକ ଅତିରିକ୍ତ କୃଷି ଅଧିକାରୀ ମିନତି ନାୟକ, ସମ୍ମାନିତ ଅତିଥି ଭାବେ ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟି (ଏଫଇଏସ) ପକ୍ଷରୁ ଶୁଭ୍ରଜିତ ସାହୁ ଓ ଅଗ୍ରଣୀ ଚାଷୀ ଯୋଗଦେଇଥିଲେ। କୃଷି ଅଧିକାରୀ ନାୟକ ଉଦବୋଧନରେ ମହିଳା କୃଷକଙ୍କ ଦ୍ୱାରା ଖାଦ୍ୟ ସୁରକ୍ଷା ଓ ଶସ୍ୟ ଚାଷର ସ୍ଥାୟୀ ଉନ୍ନତିରେ ଦିଆଯାଉଥିବା ଅବଦାନକୁ ଉଲ୍ଲେଖ କରିଥିଲେ। ସେ ମହିଳାଙ୍କୁ ଉନ୍ନତ କୃଷି ପଦ୍ଧତି ଅନୁସରଣ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ନେବା, ମହିଳା ନେତୃତ୍ୱ ପ୍ରାକୃତିକ କୃଷି ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସକ୍ରିୟ ଭାଗ ନେବା ପାଇଁ ପ୍ରୋତ୍ସାହିତ କରିଥିଲେ। ମାଷ୍ଟର ଟ୍ରେନର ଶୁଭ୍ରଜିତ ସାହୁ ଶସ୍ୟ ଉତ୍ପାଦନର ସ୍ଥାୟୀ ଦୃଷ୍ଟିକୋଣ, ମାଟି ସ୍ୱାସ୍ଥ୍ୟ ପରିଚାଳନା ଓ ମହିଳା ନେତୃତ୍ୱଭିତ୍ତିକ ନୂତନ କୃଷି ଉଦ୍ୟମ ପ୍ରକଳ୍ପ ଉପରେ ଆଲୋଚନା କରିଥିଲେ। ଉପସ୍ଥିତ ମହିଳାଙ୍କ ଦ୍ୱାରା ମହିଳା କୃଷକଙ୍କୁ ସଶକ୍ତ କରିବା, ସେମାନଙ୍କ ଅବଦାନକୁ ସ୍ୱୀକୃତି ଦେବା ଓ ଜ୍ଞାନ ବିନିମୟ ପାଇଁ ଏକ ମଞ୍ଚ ଦେବାର ଲକ୍ଷ୍ୟ ସ୍ଥିର କରାଯାଇଛି।

କୃଷକମାନଙ୍କ ଜିଲ୍ଲା ସମ୍ମିଳନୀ

ରିଆତିଯୁକ୍ତ ସାର, ବିହନ ଠିକ୍ ସମୟରେ ଯୋଗାଇବାକୁ ଦାବି

ଢେଙ୍କାନାଳ, ୧୬ ।୧୦(ସମିସ): ସ୍ଥାନୀୟ ଲେଖକ ସଦନ ଭବନ ସଭାଗୃହରେ ଅଖିଳ ଭାରତ କୃଷକ ସଭା (ଏଆଇକେଏସ) ସହବନ୍ଧିତ କୃଷକମାନଙ୍କ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଓଡ଼ିଶା କୃଷକ ସଭା ନେତୃତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ଜିଲ୍ଲାର ଭୁବନ, କାମାକ୍ଷାନଗର, ଓଡ଼ାପଡ଼ା ଓ କଙ୍କଡ଼ାହାଡ଼ ବ୍ଲକର କୃଷକମାନେ ଯୋଗଦେଇଥିଲେ। ପ୍ରାରମ୍ଭରେ ସଂଯୁକ୍ତ କୃଷକ ମୋର୍ଚ୍ଚା ନେତୃତ୍ୱରେ ଦିଲ୍ଲୀରେ ହୋଇଥିବା ବର୍ଷବ୍ୟାପୀ ଆନ୍ଦୋଳନରେ

ସହିଦ କୃଷକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସର୍ବଜ୍ଞ ସାହୁ, ଚନ୍ଦ୍ରଶେଖର ସାହୁ, ଶ୍ରୀଧର ମଲ୍ଲିକ, ସମୀର କୁମାର ପାଣି, ବିନୟ ସାହୁ ଓ ସରୋଜ କୁମାର ଶତପଥୀ ଉପସ୍ଥିତ ଥିଲେ। ସମ୍ମିଳନୀକୁ କୃଷକ ନେତା ବଦ୍ରିନାରାୟଣ ଦାଶ ଉଦଘାଟନ କରି କୃଷକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। କୃଷକମାନଙ୍କ ବର୍ଷବ୍ୟାପୀ ଆନ୍ଦୋଳନର ଫଳସ୍ୱରୂପ ମୋଦି ସରକାର ପ୍ରତ୍ୟାହାର କରିଥିବା ୩ଟି କଳା କୃଷି ଆଇନକୁ ପ୍ରତ୍ୟାହାର କରିଥିବା ସେ କହିଥିଲେ। ଫସଲର ଏମଏସପି ଧାର୍ଯ୍ୟ କରିବା ପାଇଁ ଆଇନ ପ୍ରଣୟନ କରିବାକୁ ଦାବି କରିଥିଲେ। ଚାଷୀମାନଙ୍କଠାରୁ ଧାନ ସମେତ ମୁଗ, ବିରି ଇତ୍ୟାଦିକୁ ସରକାରୀ ଦରରେ ସରକାର କ୍ରୟ କରିବା, କୃଷକମାନଙ୍କୁ ରିଆତିଯୁକ୍ତ ସାର, ବିହନ ସଠିକ ସମୟରେ ଯୋଗାଇଦେବା, ଆବଶ୍ୟକତା ଅନୁଯାୟୀ ଜମିକୁ ଜଳ ଯୋଗାଇବା ସହ ପ୍ରାକୃତିକ ଔଷଧ, ଝରଣା ଓ ପୋତି ହୋଇଯାଇଥିବା ପୁରାତନ କେନାଲଗୁଡ଼ିକର ପୁନରୁଦ୍ଧାର କରିବା, ଚାଷୀଙ୍କ ନାମ ପଞ୍ଜୀକରଣ ବ୍ୟବସ୍ଥାକୁ ସରଳୀକରଣ କରିବା ଓ ମଣ୍ଡିଗୁଡ଼ିକରେ କଟନୀ ଛଟନୀକୁ ସମ୍ପୂର୍ଣ୍ଣ ବନ୍ଦ କରିବା, ସରକାରୀ ସ୍ତରରେ ତଦନ୍ତ କରି ଭାଗଚାଷୀଙ୍କୁ ନାମ ପଞ୍ଜୀକରଣ ସୁଯୋଗ ଦେବା, ଚାଷଜମିର କିସମ ପରିବର୍ତ୍ତନ ବନ୍ଦ କରିବା, ଗୋଚରଗୁଡ଼ିକର ସୁରକ୍ଷା କରିବା, କୃଷକମାନଙ୍କ ଋଣ ସୁଧ ଛାଡ଼ କରିବା, ପ୍ରତି ବ୍ଲକରେ ଶୀତଳଭଣ୍ଡାର ପ୍ରତିଷ୍ଠା, ସମସ୍ତ ସମବାୟ ସମିତିକୁ କୃଷିଋଣ ଦେବା ପାଇଁ ଯୋଗ୍ୟ କରିବା ଇତ୍ୟାଦି ଦାବିଗୁଡ଼ିକ ପୂରଣ କରିବା ଦିଗରେ ସଂଗଠନ ଓ ଆନ୍ଦୋଳନ କରିବ ବୋଲି ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଛି। ସେହିପରି ହାତୀ, ବାରହା ଓ ମାଙ୍କଡ଼ଙ୍କ କବଳରୁ ଫସଲକୁ ସୁରକ୍ଷା ଦାବିକୁ ସର୍ବାଧିକ ଅଗ୍ରାଧିକାର ଦେଇ ଆନ୍ଦୋଳନ କରିବାକୁ ସ୍ଥିର କରାଯାଇଛି। ଆଗାମୀ ୩ ବର୍ଷ ପାଇଁ ଜିଲ୍ଲା ସଂଗଠନ ଓ ଆନ୍ଦୋଳନକୁ ପରିଚାଳନା କରିବା ପାଇଁ ଏକ ୧୧ଜଣିଆ ଜିଲ୍ଲା କମିଟିରେ ଆଗାମୀ ନେତୃତ୍ୱ ପାଇଁ ୪ଟି ପଦବୀ ଖାଲି ରଖାଯାଇ ୭ ଜଣଙ୍କୁ ଚୟନ କରାଯାଇଛି। କମିଟିରେ ସଭାପତି ଭାବେ ବିନୋଦ କୁମାର ସାହୁ, ଉପସଭାପତି ଚନ୍ଦ୍ରଶେଖର ସାହୁ, ସମ୍ପାଦକ ସରୋଜ କୁମାର ଶତପଥୀ, ସହ ସମ୍ପାଦକ ସମୀର କୁମାର ପାଣି, ଅଭିନୟ ରାଉତ, ଶ୍ରୀଧର ମଲ୍ଲିକ, ସର୍ବଜ୍ଞ ସାହୁ ପ୍ରମୁଖଙ୍କୁ ଚୟନ କରାଯାଇଛି। ନଭେମ୍ବର ୨୬ରେ କୃଷକମାନଙ୍କ ଫସଲକୁ ବନ୍ୟଜନ୍ତୁଙ୍କ କବଳରୁ ସୁରକ୍ଷା ପାଇଁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ପ୍ରସ୍ତାବ ଗୃହୀତ ହୋଇଛି।

ଢେଙ୍କାନାଳ ଜିଲ୍ଲାର ୨୮ ବିଦ୍ୟାଳୟକୁ ହେଲ୍ପ ୨.୦

୬ଷ୍ଠ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଦିଆଯିବ ପ୍ରତିକାରମୂଳକ ଶିକ୍ଷଣ

କଙ୍କଡ଼ାହାଡ଼, ୧୬ ।୧୦(ସମିସ)

ପରଖ ରାଷ୍ଟ୍ରୀୟ ସର୍ବେକ୍ଷଣ-୨୦୨୪ର ରିପୋର୍ଟ ଅନୁସାରେ ପ୍ରସ୍ତୁତି ସ୍ତରର ଛାତ୍ରଛାତ୍ରୀଙ୍କ ଉପଲବ୍ଧି ସ୍ତର ସନ୍ତୋଷଜନକ ନୁହେଁ। ପରଖରେ ଜିଲ୍ଲାର ୪୪ଟି ବିଭିନ୍ନ ବିଦ୍ୟାଳୟ ଭାଗନେଇଥିବା ବେଳେ ହେଲ୍ପ-୨.୦ରେ କେବଳ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ୨୮ ବିଦ୍ୟାଳୟର ଷଷ୍ଠ ଶ୍ରେଣୀରେ ଏହି ପ୍ରତିକାରମୂଳକ ଶିକ୍ଷଣ ଦିଆଯିବା ଲାଗି ନିଷ୍ପତ୍ତି ନିଆଯାଇଛି। ଏଥିଲାଗି ଜିଲ୍ଲା ଶିକ୍ଷା ଅଧିକାରୀ ବିନିତା ସେନାପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ଲକ୍ଷ୍ମଣ କୁମାର ସାହୁ ଉଦେଶ୍ୟ ଜ୍ଞାପନ କରିଥିଲେ। ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ସ୍ୱାଗତିକା ସ୍ୱାଇଁ କାର୍ଯ୍ୟକ୍ରମର ରୂପରେଖ, ଅଂଶୀଦାରୀଙ୍କ ଭୂମିକା, ପୂର୍ବ ଓ ପର ପରୀକ୍ଷଣ, ସାଧନ ଓ ସାମଗ୍ରୀ ପ୍ରସ୍ତୁତି, ରିପୋର୍ଟ କାର୍ଡ ପ୍ରକାଶନ ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଏଥିଲାଗି ଜିଲ୍ଲା ସ୍ତରରେ ଦୁଇଦିନିଆ କର୍ମଶାଳା ମାଧ୍ୟମରେ ସାଧନ ଚୟନ ଓ ପ୍ରସ୍ତୁତି କରାଯିବା ସହ ସେହି ନିର୍ଦ୍ଦିଷ୍ଟ ବିଦ୍ୟାଳୟଗୁଡ଼ିକରେ ଶିକ୍ଷଣ କାର୍ଯ୍ୟଗୁଡ଼ିକୁ ପିଲାଙ୍କ ଦ୍ୱାରା ଅଭ୍ୟାସ କରାଯିବ। ନମୁନାରେ ସ୍ଥାନ ପାଇଥିବା ବିଦ୍ୟାଳୟଗୁଡ଼ିକର ଶୈକ୍ଷିକ କାର୍ଯ୍ୟକ୍ରମକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ସିଆରସିସି ଓ ଡିଆଇଇଟି ବ୍ଲକ ସଂଯୋଜକ ତଦାରଖ କରିବା ସହ ଶିକ୍ଷକମାନଙ୍କୁ ସହାୟତା କରିବେ। ସେହିପରି ଆଜି ପୂର୍ବାହ୍ନରେ ନମୁନା ବିଦ୍ୟାଳୟଗୁଡ଼ିକର ପ୍ରଧାନଶିକ୍ଷକ ଓ ସମ୍ପୃକ୍ତ ସିଆରସିସିଙ୍କୁ

- **ଖେଳ, ନାଚ, ଗୀତ ଓ ଅନୁଭୂତି ଆଧାରିତ ପାଠପଢ଼ାକୁ ଗୁରୁତ୍ୱ**
- **ଡିଆଇଇଟି ସିଆରସି ଲିଙ୍କେଜ ଜରିଆରେ ଅଭିନବ କାର୍ଯ୍ୟକ୍ରମ**

ଆଭାସୀ ମଞ୍ଚରେ ତାଲିମ ଦେବା ସହ ବିଷୟ ଶିକ୍ଷକମାନଙ୍କ ସହଯୋଗ କାମନା କରାଯାଇଥିଲା। ଏହି ପ୍ରତିକାରମୂଳକ ଶିକ୍ଷଣ ଡିଆଇଇଟି ସିଆରସି ଲିଙ୍କେଜ ମାଧ୍ୟମରେ ହାତକୁ ନିଆଯିବା ଲାଗି ନିଷ୍ପତ୍ତି ହୋଇଛି। ବୈଠକରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମନୋଜ ରଞ୍ଜନ ଦଳେଇ, ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଡିଆଇଇଟିର ବ୍ଲକ ସଂଯୋଜକ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଭୋଗରାଇ ଉପଖଣ୍ଡସ୍ତରୀୟ ମେଡିକାଲ କ୍ରିୟାନୁଷ୍ଠାନ କମିଟି ବୈଠକ

ଜଳେଶ୍ୱରପୁର ଡାକ୍ତରଖାନାରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦାବି

ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର,୧୬।୧୦(ସମିସ)

ବାଲେଶ୍ୱର ଜିଲ୍ଲା ଉପାନ୍ତ ଭୋଗରାଇ ବ୍ଲକରେ ଥିବା ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଏକମାତ୍ର ସ୍ୱାସ୍ଥ୍ୟ ସେବା ଯୋଗାଇବାର ମାଧ୍ୟମ ଅଟେ । ମାତ୍ର ଦୀର୍ଘଦିନ ଧରି ଏଠାରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ହେଉ ନଥିବାରୁ ଲୋକେ ଜଟିଳ ରୋଗ ତଥା ଦୁର୍ଘଟଣା ଜନିତ ଚିକିତ୍ସା ପାଇବା ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି । ଏଠାରୁ ୧୦୦ କିଲୋମିଟର ଦୂର ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରିବାକୁ ପଡୁଛି । ତେଣୁ ଏଠାରେ ଲୋକଙ୍କୁ ଜରୁରୀ କାଳୀନ ଚିକିତ୍ସା ସେବା ଯୋଗାଇ ଦେବା ଦାବି ନେଇ ଭୋଗରାଇ ଉପଖଣ୍ଡ ସ୍ତରୀୟ ମେଡ଼ିକାଲ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏହି ହସ୍ପିଟାଲକୁ ଉପଖଣ୍ଡ ସ୍ତରୀୟ ମାନ୍ୟତା ଦେବା ସହିତ ସବୁ ବିଭାଗର ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଓ ଅସ୍ତ୍ରୋପଚାର ପାଇଁ ସମସ୍ତ ସୁବିଧା ଯୋଗାଇ ଦେବା ପାଇଁ ଦାବୀ ହୋଇଆସୁଛି । ମାତ୍ର ସରକାର ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି । ଏହି ପରିପ୍ରେକ୍ଷୀରେ ମେଡିକାଲ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆଜି ଦେହୁର୍ଦ୍ଦା ଥାନାଛକ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ କ୍ରିୟାନୁଷ୍ଠାନ କମିଟିର ସଭାପତି ଡ. ଶ୍ରୀଶ କୁମାର ଦାସ ଅଧକ୍ଷତା କରିଥିଲେ । ବୈଠକରେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀସେବା ଓ ନୂତନ ଡାକ୍ତର ନିଯୁକ୍ତିଏବଂ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯିବା ସହିତ ବିଭିନ୍ନ ସିଦ୍ଧାନ୍ତମାନ ସର୍ବସମ୍ମତି କ୍ରମେ ଗ୍ରହଣ କରାଯାଇଥିଲା । କମିଟିର ସଭ୍ୟ ନଳିନୀକାନ୍ତ ସେଠୀ ସୂଚନା ଦେଇଥିଲେ ଯେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କେବଳ ପ୍ରସୂତି ବିଭାଗର ବିଶେଷଜ୍ଞ ଡାକ୍ତର ବ୍ୟତୀତ ଅନ୍ୟ କେହି ବିଶେଷଜ୍ଞ ଡାକ୍ତର ଦୀର୍ଘଦିନ ଧରି ନାହାନ୍ତି । ଚୁକ୍ତି ଭିତ୍ତିକ ଓ ନିୟମିତ ମିଶି ମାତ୍ର ଛଅ ଜଣ ଏମବିବିଏସ ଡାକ୍ତର ନିଯୁକ୍ତ ଅଛନ୍ତି । ତେଣୁ ଏଠାରେ କୌଣସି ଜଟିଳ ରୋଗ ରେ ପୀଡ଼ିତ ରୋଗୀ ଙ୍କୁ ଚିକିତ୍ସା କରାଯାଇ ପାରୁନାହିଁ । ବିଶେଷ କରି ହୃଦଘାତ ହେଉ କିମ୍ବା ଦୁର୍ଘଟଣାଗ୍ରସ୍ତ ରୋଗୀମାନଙ୍କୁ କେବଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଉଛି ।ସେହି ରୋଗୀ ମାନଙ୍କ ମଧ୍ୟରୁ ଅନେକେ ରାସ୍ତାରେ ମୃତ୍ୟୁ ବରଣ କରୁଛନ୍ତି । ସେହିପରି ଏହି ହସ୍ପିଟାଲ ଦାୟିତ୍ୱ ରେ ଥିବା ଅଧିକ୍ଷକ ମଧ ଦୀର୍ଘଦିନ ଧରି ଏଠାରେ ଦାୟିତ୍ୱରେ ଥିଲେ ମଧ ତାଙ୍କର କାର୍ଯ୍ୟ ଦକ୍ଷତା ରେ ଅନେକ ତ୍ରୁଟି ରହୁଛି । ତେଣୁ ଏଠାରେ ଜଣେ ଦକ୍ଷ ଅଧିକ୍ଷକ ଙ୍କୁ ନିଯୁକ୍ତି ଦେବା ସହିତ ପ୍ରତ୍ୟେକ ବିଭାଗର ବିଶେଷଜ୍ଞ ଡାକ୍ତରମାନଙ୍କୁ ନିଯୁକ୍ତି ଦେବା ପାଇଁ ସରକାରଙ୍କୁ ଦାବୀ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା ।

ଅନ୍ୟପକ୍ଷରେ କମିଟିର ସଭ୍ୟମାନେ ଡାକ୍ତରଖାନାକୁ ଯାଇ ରୋଗୀମାନଙ୍କର ଚିକିତ୍ସାର ଅବ୍ୟବସ୍ଥା ସମ୍ପର୍କରେ ହସ୍ପିଟାଲର ଅଧିକ୍ଷକ ଡାକ୍ତର କମଳାକାନ୍ତ ଜେନାଙ୍କ ସହିତ ପରାମର୍ଶ କରିଯିବାକୁ ମଧ ନିଷ୍ପତ୍ତି ନିଆଯାଇଥିଲା । ଏହି ବୈଠକରେ କମିଟିର ସମ୍ପାଦକ ହରିଶଙ୍କର ଦାସ, ମାନସ ଚାନ୍ଦ, ରଘୁନାଥ ମହାନ୍ତି, ଭୃଗୁରାମ କର, ନଳିନୀକାନ୍ତ ସେଠୀ ପ୍ରମୁଖ କମିଟିର ଅନ୍ୟ ସଭ୍ୟ ମାନେ ଉପସ୍ଥିତ ଥିଲେ ।

ନବୀନ ପଟ୍ଟନାୟକଙ୍କ ଜନ୍ମଦିନରେ ରକ୍ତଦାନ ଶିବିର

ନୀଳଗିରି/ସୋର, ୧୬।୧୦ (ସମିସ): ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମ ଦିବସ ଅବସରରେ ନୀଳଗିରି ବଡଦାଣ୍ଡ ବିଜୁଜନତା ଦଳ କାର୍ଯ୍ୟାଳୟ ପରିସରରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବିଜେଡି ବରିଷ୍ଠ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତ ସିଂହାର ଯୋଗ ଦେଇ ରକ୍ତ ଦାନ ଶିବିର ଉଦଘାଟନ କରିଥିଲେ । ତାଙ୍କ ସହିତ ନୀଳଗିରିର ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ, ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ମଦନ ମୋହନ ମାଝୀ, ପୂର୍ବତନ ଏନ୍‌ଏସିଅଧକ୍ଷ ରାଧାଗୋବିନ୍ଦ ଖଟୁଆ, କାଉନସିଲର କମଳାମଣି ପରିଡ଼ା, ଗଙ୍ଗାଧର ମିଶ୍ର, ରାଜିବ କୁମାର ଦାଶବାବୁ, ଉପେନ୍ଦ୍ର ଦାସ, କୁଳମଣି ନାୟକ, ରାମକୃଷ୍ଣ ମହାପାତ୍ର, ଦୀପକ ଦାସ, ଶ୍ରୀକାନ୍ତ ପରିଡ଼ା, ରବୀନ୍ଦ୍ର ପରିଡ଼ା, ସୁରଥ ସିଂ ଉପସ୍ଥିତ ଥିଲେ । ଶିବିରରେ ମୋଟ ୧୬୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ରକ୍ତ ସଂଗ୍ରହ କାର୍ଯ୍ୟକ୍ରମରେ ନୀଳଗିରି ଓ ବାଲେଶ୍ୱର ମେଡିକାଲର କର୍ମକର୍ତ୍ତା ଡା. ରୋଜାଲିନ ପାଲ, ମଞ୍ଜରୀ ବେହେରା, ଗତିକୃଷ୍ଣ ମହାନ୍ତି, ରାଜେଶ କୁମାର ଦାସ, ରାଜେନ୍ଦ୍ର ବେହେରା, ସଂଗ୍ରାମ ମହାପାତ୍ର, ସରୋଜ କୁମାର ପାସା, ସୌଭାଗ୍ୟବତୀ ବେହେରା, ବିନୋଦ ବିହାରୀ ଦାସ, ସନ୍ତୋଷ ଜେନା ପ୍ରମୁଖ ସାମିଲ ଥିଲେ ।

ସେହିପରି ସୋର ବିଜେଡି ପକ୍ଷରୁ ଏକ ବିଶାଳ ରକ୍ତଦାନ ଶିବିର ସୋର କଲେଜ ଛକ ସ୍ଥିତ ଓମ ସାଇ କଲ୍ୟାଣମଣ୍ଡପ ପରିସରରେଅନୁଷ୍ଠିତ ହୋଇଯାଇଛି । ଜନ୍ମଦିନ ଅବସରରେ ଆଜି ସକାଳେ ପ୍ରଥମେ ନବୀନ ପଟ୍ଟନାୟକଙ୍କ ଦୀର୍ଘାୟୁ ଓ ସୁସ୍ଥ ଜୀବନ କାମନା କରି ବିଧାୟକ ମାଧବ ଧଡ଼ାଙ୍କ ନେତୃତ୍ୱରେ ଶତାଧିକ ବିଜେଡି ନେତା ଓ କର୍ମୀମାନେ କ୍ଷେମେଶ୍ୱର ଶିବ ମନ୍ଦିରରେ ଦୀପ ପ୍ରଜ୍ୱଳନ କରିଥିଲେ । ପରେ ରକ୍ତଦାନ ଶିବିରକୁ ବିଧାୟକ ଶ୍ରୀ ଧଡା ଉଦଘାଟନ କରିଥିଲେ । ଏହି ଶିବିରରୁ ମୋଟ ୨୯୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ବାଲେଶ୍ୱର ରକ୍ତ ଭଣ୍ଡାରର କର୍ମଚାରୀ ମାନେ ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସୋର ବ୍ଲକ ଅଧକ୍ଷା ଅନୁସୂୟା ମଲିକ, ଜିଲ୍ଲା ପରିଷଦ ସଭ୍ୟ ଜୟରାମ ଦାସ, ନୀଳାମ୍ବର ମହାଲିକ, ଅଶୋକ ନାୟକ, ଶଙ୍କର୍ଷଣ ବାରିକ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ।

ବାଲି ଟ୍ରାକ୍ଟର ଜବତ, ଚାଳକ ଗିରଫ

ଭୋଗରାଇ, ୧୬।୧୦(ସମିସ): ଭୋଗରାଇ ବ୍ଲକ ଅନଳିଆ ପଞ୍ଚାୟତ ଅନଳିଆ ମାନକୁଣ୍ଡା ରାସ୍ତା ଦେଇ ପ୍ରତ୍ୟେକ ଦିନ ଶହ ଶହ ଚୋରା ବାଲି ବୋଝେଇ ଟ୍ରାକ୍ଟର ପଶ୍ଚିମବଙ୍ଗକୁ ଚାଲାଣ ହେଉଅଛି । ଆଜି ଭୋଗରାଇ ଥାନା ଅଧିକାରୀ ରୋହିତ ବଳ ସହିତ ସଦଳବଳେ ଅନଳିଆ ପ ମାନକୁଣ୍ଡା ରାସ୍ତା ଦେଇ ଚୋରା ଆଡିଆ ବାଲି ଟ୍ରାକ୍ଟର ଯୋଗେ ପଶ୍ଚିମବଙ୍ଗକୁ ଯାଉଥିବା ସମୟରେ ଟ୍ରାକ୍ଟର ସହିତ ଚାଳକ ଜଣଙ୍କୁ ଗିରଫ କରିଛନ୍ତି । ଟ୍ରାକ୍ଟର ଚାଳକ ଜଣକ ହେଲେ ମହିଶପୁର ପଞ୍ଚାୟତର ରୋଇପୁର ଗ୍ରାମର ନରେନ୍ଦ୍ର ଦଳେଇଙ୍କ ପୁଅ ପ୍ରଦୀପ ଦଳେଇ । ଟ୍ରାକ୍ଟର ଟିକୁ ଜବତ କରିବା ସହିତ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି ।

ଚନ୍ଦନେଶ୍ୱର ମାଛ ବଜାରରୁ ଆବର୍ଜନା ହଟିଲା

ଚନ୍ଦନେଶ୍ୱର, ୧୬।୧୦ (ସମିସ) : ଭୋଗରାଇର ଅନ୍ୟତମ ପ୍ରମୁଖ ବାଣିଜ୍ୟ କେନ୍ଦ୍ର ଚନ୍ଦନେଶ୍ୱର ମାଛ ବଜାରରୁ ଗୁରୁବାର ଆବର୍ଜନା ହଟିଛି । ଭୋଗରାଇ ତହସିଲଦାର ତଥା ଚନ୍ଦନେଶ୍ୱର ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଗଦା ହୋଇ ଥିବା କୁଢ କୁଢ ଆବର୍ଜନାକୁ ସ୍ଥାନାନ୍ତର କରାଯାଇଛି । ବଜାର କମିଟି ସଭାପତି ଅଭିଜିତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅଳିଆ ସଫାକରାଯିବା ସହ ବ୍ଲିଚିଙ୍ଗ ପକାଯାଇଛି । ଚନ୍ଦନେଶ୍ୱର ମାଛ ବଜାର ଉପରେ ଭୋଗରାଇ ବ୍ଲକର ଅଧିକାଂଶ ପଞ୍ଚାୟତ ସମେତ ପଡୋଶୀ ପଶ୍ଚିମବଙ୍ଗର ଦୀଘା, ପଦିମା, ବସନ୍ତପୁର, ଦକ୍ଷିଣ ସିମୁଳିଆ, ସାନ୍ତଡା ଆଦି ପଞ୍ଚାୟତର ଲୋକ ନିର୍ଭର କରନ୍ତି ।

ଚନ୍ଦନେଶ୍ୱର ମାଛ ବଜାରରୁ ମୋବାଇଲ ଚୋରି

ଚନ୍ଦନେଶ୍ୱର, ୧୬।୧୦(ସମିସ): ଭୋଗରାଇ ବ୍ଲକର ଅନ୍ୟତମ ପ୍ରମୁଖ ବ୍ୟବସାୟ କେନ୍ଦ୍ର ଚନ୍ଦନେଶ୍ୱର ମାଛ ବଜାରରୁ ବାରମ୍ବାର ମୋବାଇଲ ଚୋରି ହେବା ଘଟଣା ଲୋକଙ୍କୁ ଚିନ୍ତାରେ ପକାଉଛି । ଶଙ୍ଖାରି ପଞ୍ଚାୟତ ଅନ୍ତର୍ଗତ ବଡ଼ ନାଫରାଇ ଗାଁ ବାସିନ୍ଦା ତଥା ବାଜିତପୁର ସୀମାନ୍ତ ବିଦ୍ୟା ନିକେତନର ସଂସ୍କୃତ ଶିକ୍ଷକ ଦୁର୍ଗା ଶଙ୍କର ପଣ୍ଡାଙ୍କ ମୋବାଇଲଟି ଗୁରୁବାର ଚୋରି ହୋଇ ଯାଇଛି । ସେ ତାଙ୍କ ସାର୍ଟ ପକେଟରେ ମୋବାଇଲ ରଖି ମାଛ କିଣୁଥିବା ବେଳେ ଅଚାନକ ଏଭଳି କାଣ୍ଡ ଘଟି ଯାଇଛି । ଏ ନେଇ ତାଳସାରି ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣା ପଡ଼ିଛି । ଏଠାରେ ଉଲ୍ଲେଖ ଯେ ପ୍ରାୟ ଦିନେ ଛଡ଼ା ଦିନେ ଏହି ବଜାରରୁ ଗ୍ରାହକଙ୍କ ମୋବାଇଲ ଅକସ୍ମାତ ଚୋରି ହେବା ପଛରେ ଏକ ରାକେଟ କାମ କରୁଛି ବୋଲି ଚର୍ଚ୍ଚା ହେଉଛି ।

ନୂତନ ରାଜସ୍ୱ ଗ୍ରାମ ପାଇଁ ଜନଶୁଣାଣି

ସୋର, ୧୬।୧୦(ସମିସ): ସୋର ବ୍ଲକ ମୂଳିସିଂ ପଞ୍ଚାୟତ ମୂଳିସିଂ ଗ୍ରାମରେ ଏକ ନୂତନ ରାଜସ୍ୱ ଗ୍ରାମ ପାଇଁ ପ୍ରଶାସନ ତରଫରୁ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୂଳିସିଂ ଗ୍ରାମରେ ଜନ ସଂଖ୍ୟା ୪ ହଜାରରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ଏହାକୁ ଦୁଇଟି ରାଜସ୍ୱ ଗ୍ରାମରେ ବିଭକ୍ତ କରିବା ପାଇଁ ପୂର୍ବରୁ ପ୍ରଶାସନ ନିକଟରେ ଦାବୀ କରାଯାଇଥିଲା । ତେବେ ମୂଳିସିଂ ଗ୍ରାମ ସହିତ ଜୁଣଗଡ଼ିଆ ଶାସନ ଏବଂ ମଠ ସାହି ମିଶି ରହିଥିବାରୁ ଜୁଣଗଡ଼ିଆ ଶାସନ ରାଜସ୍ୱ ଗ୍ରାମ କରିବାକୁ ଦାବି ହୋଇଥିଲା । ଏହାକୁ ପ୍ରଶାସନ ଗ୍ରହଣ କରି ଆଜି ମଧ୍ୟାହ୍ନରେ ସୋର ତହସିଲଦାର ଦୈତାରୀ ମଲ୍ଲିକ, ଦହିସଡା ଆରଆଇ ଉମାକାନ୍ତ ସାହୁ ଏବଂ ଅମିନ ଗ୍ରାମରେ ପହଞ୍ଚି ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ବେହେରା, ସମିତି ସଭ୍ୟ ଶରତ କୁମାର ଦଳେଇ ଏବଂ ପ୍ରାକ୍ତନ ବ୍ଲକ ଅଧକ୍ଷ ସତ୍ୟନାରାୟଣ ମହାପାତ୍ରଙ୍କ ଉପସ୍ଥିତିରେ ଶତାଧିକ ଗ୍ରାମବାସୀଙ୍କୁ ନେଇ ଜନ ଶୁଣାଣୀ କରିଥିଲେ ।ଏହି ସମୟରେ ଜୁଣ ଗଡିଆ ଶାସନ ଏବଂ ମଠ ସାହି ଗ୍ରାମର ଜନ ସଂଖ୍ୟା ୭ ଶହରୁ ଊର୍ଦ୍ଧ୍ୱ ହୋଇଥିବାରୁ ସର୍ବ ସମ୍ମତି କ୍ରମେ ଶାସନ ଜୁଣଗଡ଼ିଆ ନାମରେ ନୂତନ ରାଜସ୍ୱ ଗ୍ରାମ ଗଠନ କରିବାକୁ ନିଷ୍ପତ୍ତି ନିଆ ଯାଇଥିଲା । ଏହି କାର୍ଯ୍ୟକ୍ରମ ଆବାହକ ରତ୍ନାକର ଆରୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ।

ଅଗ୍ନି ବିପନ୍ନ ପରିବାରକୁ ବିଧାୟକଙ୍କ ସହାୟତା

ଜଳେଶ୍ୱର, ୧୬।୧୦(ସମିସ): ବିଦ୍ୟୁତ୍ ସଟ ସର୍କିଟରେ ନିଆଁଲାଗି ପୋଡି ଯାଇଥିବା ଦୁଇ ପରିବାରକୁ ବିଧାୟକ ଅଶ୍ୱିନୀ ପାତ୍ର ଭେଟି ସମବେଦନା ଜଣାଇଛନ୍ତି । ଗତ ୧୩ତାରିଖ ଦିନ ଶାଳିକୋଠା ଗାଁର ରବୀନ୍ଦ୍ର ଜେନା ଓ ବରେନ୍ଦ୍ର ଜେନାଙ୍କ ଘର ସମ୍ପୂର୍ଣ୍ଣ ଜଳି ଯାଇଥିବା ବେଳେ ଆଜି ବିଧାୟକ ଶ୍ରୀ ପାତ୍ର ଓ ଜିଲାପରିଷଦ ଉପସଭାପତି ଅନୁସୂୟା ପ୍ରଧାନ ସେମାନଙ୍କ ଘରକୁ ଯାଇ ନଗଦ ୨୦ହଜାର ଟଙ୍କା ସହାୟତା ଦେବା ସହିତ ବିଡିଓ ଓ ତହସିଲଦାରଙ୍କ ସହିତ ଆଲୋଚନା କରି ଖୁବ୍‌ଶୀଘ୍ର ପକ୍କାଘର ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟମୁଖ୍ୟ ଗଣେଶ ପରିଡ଼ା, ୱାଡମେମ୍ବର ବିଜୁ ଗିରି, ସଭାପତି ବିଜୟ କୁମାର ପ୍ରଧାନ, ପୂର୍ବତନ ସରପଞ୍ଚ ହରିଶ୍ଚନ୍ଦ୍ର ଭୂୟାଁ, ରୋଟାରୀ କ୍ଲବ ସଭାପତି ସୁବିର ସେନାପତି, ଲେଲିନ୍ ପ୍ରଧାନ, ସୁବ୍ରଜ ରଣା, ମଣିଭଦ୍ର ଜେନା, ତାରାପଦ ମହାନ୍ତି, ବିଭୁତି ଖଟୁଆ, ବନମାଳି ଭୂୟାଁ, ସନ୍ତୋଷ ସେଣ, ରବିନାରାୟଣ ଚନ୍ଦ, ସତ୍ୟନାରାୟଣ ଦେ, ବୁଢା ମିଶ୍ର, ଶିବୁ ଭୂୟାଁ, ଦୀପୁ ସାମଲ, ପ୍ରଫୁଲ୍ଲ ବେହେରା ପ୍ରମୁଖ ଉପସ୍ଥିତ ହୋଇ ଦୁଇ ପରିବାରକୁ ସମବେଦନା ଜଣାଇଥିଲେ ।

ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ

ଜଳେଶ୍ୱର, ୧୬।୧୦(ସମିସ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ପାଇକସିଦା କ୍ଲଷ୍ଟରର ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ପାଇକସିଦା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । କାର୍ଯ୍ୟକ୍ରମରେ ପାଇକସିଦା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ଶୁଭଶ୍ରୀ ହେମ୍ବ୍ରମ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ପାଇକସିଦା ଗ୍ରାମର କାହ୍ନୁ ଚରଣ ମହାନ୍ତି, ମୁଖ୍ୟ ବକ୍ତା ଭାବେ ବିଦ୍ୟାଳୟ ପୁରାତନ ଛାତ୍ର କମିଟିର ସଭାପତି ବିଜୟ କୁମାର ପରିଡ଼ା, ସମ୍ମାନୀତ ଅତିଥି ଭାବେ ପାଇକସିଦା ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ରମେଶ ଚନ୍ଦ୍ର ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁବ୍ରତ ରଣା, କେଶପୁରା

ମଧ ଇଂରାଜୀ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବ୍ରଜ ମୋହନ ପରିଡ଼ା, ଗଡ଼ସାହି ବାଲିଆପାଳ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜିତ କୁମାର ଗିରି ପ୍ରମୁଖ ମଞ୍ଚରେ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ପାଇକସିଦା କ୍ଲଷ୍ଟର୍ ଅଧୀନରେ ଥିବା ୧୧ଟି ସ୍କୁଲର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ୍, ବକ୍ତୃତା, ଚିତ୍ରାଙ୍କନ, ସଙ୍ଗୀତ, ନୃତ୍ୟ, ସୁନ୍ଦର ହସ୍ତାକ୍ଷର ଲିଖନ ଆଦି ପ୍ରତିଯୋଗିତା ହୋଇଥିଲା । ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଥିବା ପ୍ରତିଯୋଗୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରା ଯାଇଥିଲା । ଉକ୍ତ ଶିଶୁ ମହୋତ୍ସବରେ କ୍ଲଷ୍ଟର୍ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟର ଶିକ୍ଷକ ଓ ପାଇକସିଦା ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଓ ସଦସ୍ୟା ମାନେ ସହଯୋଗ କରିଥିଲେ ।

ସିମୁଳିଆ କ୍ଲଷ୍ଟରର ଶିଶୁ ମହୋତ୍ସବ 'ସୁରଭି'

ବାଲିଆପାଳ, ୧୬।୧୦ (ସମିସ): ଏହି ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସିମୁଳିଆ ପରିସରରେ ସିମୁଳିଆ କ୍ଲଷ୍ଟରସ୍ତରୀୟ

ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇ ଯାଇଛି । ସିଆରସିସି ଯଶୋବନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଏବିଇଓ ନମିତା ପ୍ରଭା ସାମଲ ଯୋଗଦେଇ ସୁରଭି କାର୍ଯ୍ୟକ୍ରମ ଶିଶୁ ମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ କରିଥାଏ ବୋଲି ମତ ରଖିଥିଲେ । ମୁଖ୍ୟ ବକ୍ତା ଭାବେ ଲମ୍ବୋଦର ମାହାନା, ସମ୍ମାନିତ ଅତିଥି ଭାବେ ସମିତି ସଦସ୍ୟ ସୁଶାନ୍ତ ସେଠୀ, ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମି ବାଡ଼ି, ପ୍ରଭାତ ରଞ୍ଜନ ସାହୁ, ପୂର୍ବତନ ସିଆରସିସି ନିତାଇ ଚରଣ ରାଉଳ, ଅଶୋକ ଗିରି ପ୍ରମୁଖ ବକ୍ତବ୍ୟ ରଖିଥିଲେ । ବିଭିନ୍ନ ବିଭାଗରେ ସତରଟି ବିଦ୍ୟାଳୟର ଦୁଇ ଶହରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ମୁଖ୍ୟ ଅତିଥି ପ୍ରଦାନ କରିଥିଲେ । ଶିକ୍ଷକ ପ୍ରଦୀପ ପଣ୍ଡା, ଅଜୟ ମୁର୍ମୁ, ସୁଲୋଚନା ଗିରି, କଳ୍ପନା ସାହୁ, ଧନଞ୍ଜୟ ଚରଣ ଦେ, ଆଦିକନ୍ଦ ପ୍ରଧାନ, ମନୋରଞ୍ଜନ ପ୍ରଧାନ, ନିଳୀମା ସେଠୀ, ପୂଜାରାଣୀ ଦାସ, ପରମାନନ୍ଦ ସାହୁ, ଦିଲ୍ଲୀପ ସାହୁ, ଭରତ ଚନ୍ଦ୍ର ଜେନା, ମଞ୍ଜୁବାଳା ମହାନ୍ତି, ସନ୍ଦିପା ଜେନା, ଅଞ୍ଜନା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ ।

ଖଣି ଓ କ୍ରସର ପରିଦର୍ଶନ କଲେ ଉପଜିଲ୍ଲାପାଳ

ଖଇରା, ୧୬।୧୦ (ସମିସ): ବାଲେଶ୍ୱର ଜିଲା ର ଉପଜିଲାପାଳ ଶିବ୍ ମାଳବ୍ୟ ଗୁରୁବାର ଶାରୀଶୁଆ ପାହାଡର ବିଭିନ୍ନ ଖଣି ସହ ପାହାଡ ସଂଲଗ୍ନ ୪ଟି କ୍ରସର ପରିଦର୍ଶନ କରି ଏକ ପଥର ବୋଝେଇ ଟ୍ରକ ସହିତ କ୍ରସର ଭିତରେ ବେଆଇନ ଭାବେ ଗଛିତଥିବା ପଥର କୁ ଜବତ କରିଥିଲେ । ଜୁନିଅର ଖଣିଅଧିକାରୀଙ୍କୁ ଜବତ ପଥର ଉପରେ ଜରିମାନା ଦାୟିତ୍ୱ ପ୍ରଦାନ କରିଥିଲେ । ପାହାଡର ବଗେଇପୁର ମୌଜାର ୧୮, ୧୯, ୨୦ ଓ ୨୧ ଏବଂ ବନ୍ଧନଟା କପିଳଝୁରି ମୌଜାର ୮୭, ୮୯ ଓ ୯୬ନମ୍ବର ଖଣି ପରିଦର୍ଶନ ପରେ ତ୍ରିବେଣୀ, ମା ମଙ୍ଗଳା, ଜଗନ୍ନାଥ ଓ ମା ଅମ୍ବିକା ଆଦି କ୍ରସର ପରିଦର୍ଶନ କରିଥିଲେ । କନିଷ୍ଠ ଖଣି ଅଧିକାରୀ ଅଭିଷେକ ବେହେରା, ତହସିଲଦାର ଅମିତ ରଞ୍ଜନ ହୋତା ପ୍ରମୁଖ ଉପସ୍ଥିତ ଥିଲେ ।

ଦୁର୍ଘଟଣାରେ ଆଦର୍ଶ ବିଦ୍ୟାଳୟ ଅଧକ୍ଷଙ୍କ ମୃତ୍ୟୁ

ବାହାନଗା, ୧୬।୧୦(ସମିସ) : ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଜାଗେଶ୍ୱରପଦା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷ ଆଲୋକ କୁମାର ମାଝୀଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ଅପରାହ୍ନ ୨ଟା ସମୟରେ ନିଜ ବାଇକ ଯୋଗେ ସେ ସ୍କୁଲରୁ ବାହାରି ବାଲେଶ୍ୱର ଅଭିମୁଖେ ଯାଉଥିଲେ । ସାରଗାଁ ଗୋପାଳପୁର ରାସ୍ତାର ସଦର ଥାନା ଜୟଦେବ କସବା ଫାଣ୍ଡି ଅଧୀନ ରସାଳପୁର ନିକଟରେ ସମ୍ମୁଖରୁ ଆସୁଥିବା ଏକ ସ୍କୁଟି ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ବାଇକ ଆରୋହୀ ଶ୍ରୀ ମାଝୀ ଛିଟିକି ପଡ଼ିବା ସହ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଉଦ୍ଧାର କରିବା ସହ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଜଣାପଡ଼ିଛି । ଅଧକ୍ଷଙ୍କ ମୃତ୍ୟୁରେ ଛାତ୍ରଛାତ୍ରୀଙ୍କ ସମେତ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।

ଭେଲୋରା କ୍ଲଷ୍ଟରସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ

ରାଜଘାଟ, ୧୬।୧୦ (ସମିସ): ବସ୍ତା ବ୍ଲକ ସନ୍ତୋଷପୁର ପଞ୍ଚାୟତସ୍ଥିତ ରାମଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗୁରୁବାର ଭେଲୋରା ଆଞ୍ଚଳିକ ସାଧନା କେନ୍ଦ୍ର ସ୍ତରୀୟ ୨୦୨୫ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସିଆରସିସି ଗଣେଶ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସନ୍ତୋଷପୁର ସରପଞ୍ଚ ସଂଗ୍ରାମ କୁମାର ଦାସ ମହାପାତ୍ର, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଶିକ୍ଷକ ଚୈତନ୍ୟ ପ୍ରସାଦ ଗିରି, ସମ୍ମାନିତ ଅତିଥି ଭାବେ ଭେଲୋରା ସରପଞ୍ଚ ଦୁର୍ଗାରାଣୀ ଜେନା, ସମିତି ସଭ୍ୟ ଅନାଦି ଚରଣ ଦାସ, ପ୍ରଧାନ ଶିକ୍ଷକ ହରେକୃଷ୍ଣ ଗୋଛାୟତ, ବିକର୍ତ୍ତନ କବି, ନିର୍ମଳ ଚନ୍ଦ୍ର ଦାସ, ଗଦାଧର ପତି, ପରିଚାଳନା କମିଟି ସଭାପତି ରବୀନ୍ଦ୍ର ଗିରି ପ୍ରମୁଖ ଯୋଗ ଦେଇଥିଲେ । ୧୪ଟି ବିଦ୍ୟାଳୟରୁ ୩୦୦ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିବା ବେଳେ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା । ପରି ଶେଷରେ ଶିକ୍ଷକ ସେକ ମୁସଲିମ ଧନ୍ୟବାଦ ଅର୍ପଣ କରିଥିଲେ ।

ଶ୍ରଦ୍ଧାପୁର ହାଇସ୍କୁଲ ସ୍ଥିତି ଅନୁଧ୍ୟାନ କଲେ ବିଧାୟକ

ଚନ୍ଦନେଶ୍ୱର, ୧୬।୧୦(ସମିସ): ଭୋଗରାଇ ବ୍ଲକର ଶ୍ରଦ୍ଧାପୁର ହାଇସ୍କୁଲ ପରିଦର୍ଶନ ଆସି ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ସ୍କୁଲ ସ୍ଥିତି ଅନୁଧ୍ୟାନ କରିଛନ୍ତି । ଆମ ଭୋଗରାଇର ଶିକ୍ଷା ମାନଚିତ୍ରରେ ଶ୍ରଦ୍ଧାପୁର ହାଇସ୍କୁଲ ଏକ ସଶ୍ରଦ୍ଧ ଉଚ୍ଚାରଣ । ଉତ୍ତମ ଶିକ୍ଷାଦାନ ଓ ଶୈକ୍ଷିକ ପରିବେଶ ଯୋଗୁଁ ବର୍ଷ ବର୍ଷ ଧରି ଏହି ସ୍କୁଲର ପିଲାମାନେ ଉଲ୍ଲେଖନୀୟ ରେଜଲ୍ଟ କରି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇ ଆସୁଛନ୍ତି ବୋଲି ବିଧାୟକ ଶ୍ରୀ ଦାସ ପ୍ରକାଶ କରିଛନ୍ତି । ଶିକ୍ଷକ ଶିକ୍ଷୟିତ୍ରୀ ତଥା ପରିଚାଳନା କମିଟିର ଅନୁରୋଧ କ୍ରମେ ସ୍କୁଲ ପରିଦର୍ଶନରେ ଯାଇ ସ୍କୁଲର ବିଭିନ୍ନ ଅଭାବ, ଅସୁବିଧା ଓ ସମସ୍ୟା ବିଷୟରେ ଆଲୋଚନା କରିବା ସହିତ ବିଧାୟକ ପାଣ୍ଠିରୁ ଏକ ସମ୍ମିଳନୀ କକ୍ଷ ନିର୍ମାଣ ପାଇଁ

୧୦ ଲକ୍ଷ ଟଙ୍କା ଅନୁଦାନ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ସ୍କୁଲ ପରିଚାଳନା କମିଟିର ସଭାପତି ରାମେଶ୍ୱର ନାୟକ, ପୂର୍ବତନ ଜିଲ୍ଲା ପରିଷଦ ଦେବାଶିଷ ଚାନ୍ଦ, ଶ୍ରଦ୍ଧାପୁର ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଚନ୍ଦନ ପାତ୍ର, ସଦସ୍ୟାଙ୍କ ପ୍ରତିନିଧି ଗୌରହରି ମଣ୍ଡଳ, କାନ୍ଥଭଉଁରୀ ସରପଞ୍ଚଙ୍କ ପ୍ରତିନିଧି ଶ୍ରୀହରି ଜେନା, ସଦସ୍ୟ ପ୍ରଦୀପ ଦାସ, ସ୍କୁଲ ପ୍ରଧାନ ଶିକ୍ଷକ ସୁଧୀର ଭଞ୍ଜ, ସହକାରୀ ଶିକ୍ଷକ ଅଜୟ ପାତ୍ର, ଅତିଥି ଶିକ୍ଷକ ନଟରଞ୍ଜନ ଘଡ଼ାଇ, ସୁବଳ ପ୍ରଧାନ, ଶକ୍ତିପଦ ମହାନ୍ତି, ରବୀନ୍ଦ୍ର ସାହୁ, ଲକ୍ଷ୍ମୀକାନ୍ତ ଚନ୍ଦ, ପରିଚାଳନା କମିଟିର ସଦସ୍ୟ ଅଜିତ ପାତ୍ର, ସୁଶାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ନୀଳଗିରି ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ଉନ୍ନୟନ କମିଟି ବୈଠକ

ନୀଳଗିରି, ୧୬।୧୦ (ସମିସ)

ନୀଳଗିରି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ନୀଳଗିରି ବିଧାନ ସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବିଧାୟକ ସନ୍ତୋଷ ଖଟୁଆ, ନୀଳଗିରି ପଞ୍ଚାୟତ ସମିତିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କେଶରୀ ପରିଡ଼ା, ସ୍ଥାନୀୟ ଉପଜିଲ୍ଲାପାଳ ଡ଼.ମଧୁସ୍ମିତା ସାମନ୍ତରାୟ, ପଞ୍ଚାୟତ ସମିତି ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ଔପଦା ଅଧକ୍ଷା ସୁଶ୍ରୀ ବି. ସି ବିସ୍ୱାଳ, ବାହାନଗା ବ୍ଲକ ଅଧକ୍ଷ ବିଶ୍ୱନାଥ ମିଶ୍ର, ନୀଳଗିରି ତହସିଲଦାର ସୋନମ୍ ଦାସ, ବାହାନଗା ବିଡିଓ ଶୁଭଶ୍ରୀ ଟୁଡୁ, ନୀଳଗିରି ଏନ୍.ଏ.ସି. ଭାରପ୍ରାପ୍ତ ଅଧକ୍ଷ ମହେନ୍ଦ୍ର ନାଥ ବେହେରା, ଜିଲ୍ଲା ପରିଷଦ ସଦସ୍ୟ ଗତିକୃଷ୍ଣ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ଉପଜିଲ୍ଲାପାଳ ଡ଼. ମଧୁସ୍ମିତା ସାମନ୍ତରାୟଙ୍କ ଆବାହକତ୍ୱରେ ବିବରଣୀନୁଯାୟୀ ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା । ନୀଳଗିରି ବିଧାନ ସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନୀଳଗିରି, ଔପଦା, ବାହାନଗା ୩ଟି ବ୍ଲକର ୪୯ଟି ପଞ୍ଚାୟତରେ ସରକାରଙ୍କ ବିଭିନ୍ନ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରି ଥିଲେ । ସମୀକ୍ଷା ବୈଠକ ପରେ ବିଧାୟକ ଶ୍ରୀ ଖଟୁଆ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ପକ୍ଷରୁ ୩ ଜଣ ଭିନ୍ନକ୍ଷମ ହିତାଧିକାରୀଙ୍କୁ ତିନି ଚକିଆ ସାଇକଲ ପ୍ରଦାନ କରିଥିଲେ । ଏହି ବିଧାନ ସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ସମୀକ୍ଷା ବୈଠକରେ ଉଭୟ ଜିଲ୍ଲା ଓ ଉପଖଣ୍ଡ ସ୍ତରୀୟ ସମସ୍ତ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ ।

କଲାମଙ୍କ ଜୟନ୍ତୀରେ ବିଭିନ୍ନ କାର୍ଯ୍ୟକ୍ରମ

ବାଲେଶ୍ୱର, ୧୬।୧୦(ସମିସ): କଲାମ ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ଡ. ଏପିଜେ ଅବଦୁଲ କାଲାମଙ୍କ ଜନ୍ମଦିନକୁ ଅତି ଆଡ଼ମ୍ବର ସହକାରେ ପାଳନ କରା ଯାଇଥିଲା। ଟ୍ରଷ୍ଟର ପ୍ରତିଷ୍ଠାତା ତଥା ଅଗ୍ନିଡେଣା ବିଜ୍ଞାନ ପତ୍ରିକାର ସମ୍ପାଦକ ଡ. ପଙ୍କଜ କୁମାର ଜେନାଙ୍କ ପରିଚାଳନାରେ ସକାଳେ ମ୍ୟୁନିସିପାଲଟି ଚେୟାରମେନ ସବିତା ସାହୁ ଓ ଆଇଟିଆର ଚାନ୍ଦିପୁର ଅତିରିକ୍ତ ନିର୍ଦ୍ଦେଶକ ତଥା ଟ୍ରଷ୍ଟର ସଭାପତି ଡ. ନିଳାଦ୍ରୀ ରାୟ ଷ୍ଟେସନ ଛକରେ ଥିବା କଲାମଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବିଜ୍ଞାନ ମେଳାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରାଯାଇଥିଲା। ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ଆସିଥିବା ଛାତ୍ରଛାତ୍ରୀ ବିଜ୍ଞାନ ମେଳାରେ ଭାଗନେଇଥିଲେ ଏବଂ ଏଥିରେ କନିଷ୍ଠ ଓ ବରିଷ୍ଠ ବିଭାଗର ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଅର୍ଥ ରାଶି ସହ ପ୍ରମାଣ ପତ୍ର ଏବଂ ବୃକ୍ଷ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ସତ୍ୟନାରାୟଣ ସାହୁ, ଇନ୍ଦ୍ରଜିତ ପାତ୍ର, କୌଶିକ ଦାସ ପରିଚାଳନା କରିଥିଲେ। କୁଇଜ୍ ଓ କାଲାମଙ୍କ ଚିତ୍ରାଙ୍କନ ପ୍ରତିଯୋଗିତାରେ କନିଷ୍ଠ ଏବଂ ବରିଷ୍ଠ ବିଭାଗର ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର, ବୃକ୍ଷ, ଏବଂ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ହରିପଦ ଭୂୟାଁ, ବଳରାମ ସ, ପ୍ରଭାତ ଜେନା ପରିଚାଳନା କରିଥିଲେ। ସାରା ରାଜ୍ୟରେ ଓସିଏସ ଟପର୍ ହୋଇଥିବା ପ୍ରୀୟଂଶୁ ସାମଲଙ୍କ ସହ ଅନ୍ୟ ୧୦ ଜଣ ଓସିଏସଙ୍କୁ ମାନପତ୍ର, ଉତ୍ତରୀୟ ଓ ବୃକ୍ଷ ଦେଇ ସମ୍ମାନିତ କରା ଯାଇଥିଲା। ମୁଖ୍ୟଅତିଥି ଭାବେ ଯୋଗ ଦେଇ ଓଡ଼ିଶା ସରକାରଙ୍କ ର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ଓ ଉଦଘାଟକ ସଦର ବିଧାୟକ ମାନସ କୁମାର ଦତ୍ତ ଆଗାମୀ ବର୍ଷ ସାରା ରାଜ୍ୟର ପ୍ରତ୍ୟେକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଡ. କଲାମଙ୍କ ଜୟନ୍ତୀ ପାଳନ କରାଯିବାର ପ୍ରତିଶ୍ରୁତି ଦେଇଥିଲେ ଓ କାଲାମଙ୍କ ସ୍ମୃତି ପାଇଁ ସ୍ଥାନ ଦେଇ ସମସ୍ତ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଲେ। ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାସ ଟ୍ରଷ୍ଟର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ ଓ ଗୁରୁଦେବ ସମ୍ମାନ, ଡଃ କାଲାମ ଆଇକନ୍ ସମ୍ମାନ, ଜିଲ୍ଲାରୁ ନିଟ ଓ ଆଇଜର ପାଇଥିବା ସମସ୍ତ ଛାତ୍ର ଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ସଂଗ୍ରାମ କୁମାର ରାଉତ ମଞ୍ଚ ଆହ୍ୱାନ କରିଥିବା ବେଳେ, ଇଂଜିନିୟର ଗୋପାଳ ଚନ୍ଦ୍ର ଜେନା ଅତିଥି ପରିଚୟ ଦେଇଥିଲେ। ଉପେନ୍ଦ୍ର ବେହେରା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସଞ୍ଜୀବ କୁମାର ନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ।

ନବୀନଙ୍କ ଜନ୍ମଦିନରେ ପୂଜାର୍ଚ୍ଚନା ସହ ରକ୍ତଦାନ ଶିବିର

ବାଲେଶ୍ୱର, ୧୬।୧୦(ସମିସ)

ଆଜି ବାଲେଶ୍ୱର ସଦର ବିଜୁ ଜନତା ଦଳ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମଦିନ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ବାଲେଶ୍ୱର ସଦରର ପୂର୍ବତନ ବିଧାୟକ ସ୍ୱରୂପ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଜି ସକାଳ ୮ ଘଟିକାରେ ନବୀନ ବାବୁଙ୍କର ନିରାମୟ ଜୀବନ ପାଇଁ ବାବା ଝାଡେଶ୍ୱର ମନ୍ଦିରରେ ସାମୁହିକ ପୂଜାର୍ଚ୍ଚନା ଆୟୋଜନ କରାଯାଇଥିଲା। ପରେ ପରେ ସ୍ଥାନୀୟ ରାଣୀପାଟଣାସ୍ଥିତ ଦୃଷ୍ଟିହୀନ ବିଦ୍ୟାଳୟରେ ଅନ୍ତେବାସୀଙ୍କ ଗହଣରେ ନିଆରା ଢଙ୍ଗରେ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ପାଳନ କରାଯାଇଥିବାବେଳେ ନବୀନ ପଟ୍ଟନାୟକଙ୍କ ପାଇଁ ପିଲାମାନେ ସ୍ୱତନ୍ତ୍ର ଭାବେ ସଙ୍ଗୀତ ପରିବେଷଣ କରିଥିଲେ ଏବଂ ଛେନାପୋଡ କାଟି ନବୀନ ପଟ୍ଟନାୟକଙ୍କୁ ଦୃଷ୍ଟିହୀନ ପିଲାମାନେ ଶୁଭେଚ୍ଛା ଜଣାଇଥିଲେ। ଏହା ପରେ ବାଲେଶ୍ୱର ଷ୍ଟେସନ କ୍ଲବରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା।

ଏହି ଶିବିରରେ ବିଜେଡି ରାଜ୍ୟ ନେତ୍ରୀ ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କ ସମେତ ସର୍ବମୋଟ ୧୧୮ ଜଣ ରକ୍ତ ଦାତା ରକ୍ତ ଦାନ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ସ୍ୱରୂପ ଦାସ, ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ, ବାଲେଶ୍ୱର ପୌରପରିଷଦ ଉପାଧ୍ୟକ୍ଷ କୈଳାସ ଚନ୍ଦ୍ର ସେଠୀ, ପୂର୍ବତନ ଉପାଧ୍ୟକ୍ଷ ତଥା ଜିଲ୍ଲା ସମ୍ପାଦକ ମନୋଜ ରାଉତ, ସଦର ବ୍ଲକ ବିଜେଡି ସଭାପତି ବସନ୍ତ ପଣ୍ଡା, ଜୋନାଲ ବିଜେଡି ଆଇ.ଟି ସେଲ ସଂଯୋଜକ ଅଶୋକ ଦାସ, ଜିଲ୍ଲା ଆଇ.ଟି ସେଲ ସଂଯୋଜକ ଦେବାଶିଷ ଦାଶ, ଯୁବନେତା ତଥା ଜିଲ୍ଲା ସୋସିଆଲ ମିଡ଼ିଆ ସଂଯୋଜକ ଧିରେନ ନାୟକ, ଟାଉନ ମହିଳା ସଭାପତି ତଥା କାଉନସିଲର ମୀନା ମହାନ୍ତି, ଛାତ୍ର ନେତା ବିଭୁଦତ୍ତ ପରିଡ଼ା, ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ସଂଗ୍ରାମ ମଲ୍ଲିକ, ବିଜେଡି ନେତା ରିତିକ ଜୀ, ସରପଞ୍ଚ ଅଜିତ ମହାପାତ୍ର, ପୂର୍ବତନ ରାଜକିଶୋର ପ୍ରଧାନ, ବିଜେଡି ନେତା ଦୀପକ ପ୍ରଧାନ, ଗଣେଶ ଦାସ, ସୁଶାନ୍ତ ଶତପଥୀ, ଯୋଗେନ୍ଦ୍ର ତପସ୍ୱୀ, ଗଣେଶ ଲେଙ୍କା, ଦୀପକ ବେହେରା, ସଂଯପ୍ରକାଶ ପରିଡ଼ା, କିରଣ ମହାନ୍ତି, ନଳିନୀ ରଞ୍ଜନ ଦାସ, କାଉନସିଲର ମୀତା ପଟ୍ଟନାୟକ, ସଂଧ୍ୟାରାଣୀ ଜେନା, ସବିତାରାଣୀ ଦାସ, ଶଶିରେଖା ମହାନ୍ତି, ଆୟୁବ ଖାନ, ରାଜଲକ୍ଷ୍ମୀ ଚାଟାର୍ଜୀ, ସୁନିଆ ମୃମୁ, ପୂର୍ବତନ କାଉନସିଲର ସାକିର ଖାନ ପ୍ରମୁଖ ଉପସ୍ଥିତ ଥିଲେ।

ମନ୍ଦିର ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବାଲେଶ୍ୱର, ୧୬।୧୦(ସମିସ): ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ରାମେଶ୍ୱର ମନ୍ଦିର ପୋଖରୀରେ ଭାସୁଥିବା ମୃତଦେହକୁ ପୁଲିସ ଉଦ୍ଧାର କରିଛି। ହେଲେ ମୃତ ବ୍ୟକ୍ତିଙ୍କର ପରିଚୟ ମିଳିନଥିବା ବେଳେ ତାଙ୍କ ଘର ରେମୁଣା ଅଞ୍ଚଳରେ ବୋଲି ଅନୁମାନ କରାଯାଉଛି। ମୃତ ବ୍ୟକ୍ତିଙ୍କ ସଠିକ ପରିଚୟ ମିଳିପାରିନଥିବା ବେଳେ ବୟସ ୪୦ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ପୁଲିସ ମୃତଦେହକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ମେଡିକାଲ ପଠାଇଛି। ଏ ନେଇ ମନ୍ଦିର ପରିଚାଳନା କମିଟି ସଦସ୍ୟ ସୁକୁମାର ଦାସ କହିଛନ୍ତି ଯେ, ଆଜି ମନ୍ଦିର ପରିସରରେ କିଛି ଶ୍ରଦ୍ଧାଳୁ ମଧ୍ୟାହ୍ନ ଭୋଜନ କରିବା ପରେ ହାତ ଧୋଇବାକୁ ପାଇପ ନିକଟକୁ ଯାଇଥିଲେ। ଏହି ସମୟରେ କେହି ଜଣେ ବ୍ୟକ୍ତି ପାଣିରେ ଭାସୁଥିବା ନେଇ ଦେଖି ମନ୍ଦିର ପରିଚାଳନା କମିଟିକୁ ଜଣାଇଥିଲେ। ପରେ ମନ୍ଦିର କମିଟି ପାଣିରେ ଭାସୁଥିବା ବ୍ୟକ୍ତି ଦେଖି ପୁଲିସକୁ ଖବର ଦେଇଥିଲେ।

ହଜିଯାଇଥିବା ମୋବାଇଲ୍ ଫୋନ୍ ଉଦ୍ଧାର

ବାଲେଶ୍ୱର, ୧୬।୧୦(ସମିସ): ଆରପିଏଫ ଯାତ୍ରୀ ସୁରକ୍ଷା ଏବଂ ହଜିଯାଇଥିବା ଜିନିଷର ତୁରନ୍ତ ପୁନରୁଦ୍ଧାର ପ୍ରତି ଏହାର ପ୍ରତିବଦ୍ଧତାକୁ ବଜାୟ ରଖିଛି। 'ଅପରେସନ୍ ଅମାନତ'ର ଅଂଶ ଭାବରେ ଖଡ଼ଗପୁର ଡିଭିଜନ ଅଧୀନରେ ଥିବା ବିଭିନ୍ନ ଷ୍ଟେସନରେ ବହୁ ଘଟଣା ଦକ୍ଷତାର ସହିତ ପରିଚାଳନା କରାଯାଇଥିଲା। ଏଥିରେ ମୋବାଇଲ୍ ଫୋନ୍, ବାଲେଶ୍ୱର ଷ୍ଟେସନରୁ ଏକ ମୋବାଇଲ ଫୋନ ପୁନରୁଦ୍ଧାର କରାଯାଇଥିଲା। ନିୟମିତ ଗସ୍ତ ସମୟରେ, ଆରପିଏଫ ପୋଷ୍ଟ ବାଲେଶ୍ୱର ଜନ ଆହାର ଷ୍ଟଲ୍ ନିକଟରେ ଏକ ବେଞ୍ଚରେ ଛାଡିଯାଇଥିବା ମୋବାଇଲ୍ ଫୋନ୍ ଉଦ୍ଧାର କରିଥିଲା। ଯାଞ୍ଚ ପରେ ୧୫, ୦୦୦/- ଟଙ୍କା ମୂଲ୍ୟର ଫୋନ୍ ସେହି ଯାତ୍ରୀଙ୍କୁ ଫେରସ୍ତ କରାଯାଇଥିଲା। ଯାତ୍ରୀମାନଙ୍କୁ ତୁରନ୍ତ ସହାୟତା ପାଇଁ ଯେକୌଣସି ଅନାବୃତ କିମ୍ବା ହଜିଯାଇଥିବା ଜିନିଷ ବିଷୟରେ ରେଳ ମଦଦ (୧୩୯) ମାଧ୍ୟମରେ କିମ୍ବା ସିଧାସଳଖ ନିକଟସ୍ଥ ଆରପିଏଫ ପୋଷ୍ଟକୁ ରିପୋର୍ଟ କରିବାକୁ ଉତ୍ସାହିତ କରାଯାଉଛି।

ବିପୁଳ ଗୁଡ଼ପୋଚ ଓ ଦେଶୀ ମଦ ନଷ୍ଟ

ବାଲେଶ୍ୱର, ୧୬।୧୦(ସମିସ): ଅବକାରୀ ବିଭାଗ ଓ ଟାଉନ ଥାନା ପୁଲିସ ପକ୍ଷରୁ ମିଳିତ ଚଢ଼ଉରେ ବିଭିନ୍ନ ସ୍ଥାନରୁ ୫୦ହଜାର ଲିଟର ଗୁଡ଼ପୋଚ ଏବଂ ୨୦ ହଜାର ଲିଟର ଦେଶୀ ମଦ ଜବତ ହୋଇଛି। ଜବତ ଦେଶୀମଦ ଓ ଗୁଡ଼ପୋଚର ମୂଲ୍ୟ ୮୦ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ମୋବାଇଲ ୟୁନିଟ୍ ଆଇଆଇସି ହରିହର ସିଂ, ଆଇଆଇସି ଦୀପ୍ତିମୟୀ ସାହୁ, ଏସ୍ଆଇ ଭବେଶ ଦାସ ପ୍ରମୁଖ ଏକ ସ୍ୱତନ୍ତ୍ର ଟିମ୍, ଟାଉନ ଥାନା ପୋଲିସ ଓ ଏପିଆର୍ ଫୋର୍ସ ସହ ମିଳିତ ଭାବେ ଚଢ଼ଉ କରିଥିଲେ। ଜବତ ଗୁଡ଼ପୋଚ ଓ ଦେଶୀମଦ ସବୁକୁ ନଷ୍ଟ କରାଯାଇଥିବା ବେଳେ ବ୍ୟବହୃତ ସମସ୍ତ ସରଞ୍ଜାମ ଜବତ ହୋଇଛି।

'କଲାମ, ବିଜ୍ଞାନ ଓ ମଣିଷ ସମାଜ' ଶୀର୍ଷକ ଆଲୋଚନାଚକ୍ର

ବାଲେଶ୍ୱର, ୧୬।୧୦(ସମିସ): 'ପ୍ରଜାପତି' ଓ ଶିକ୍ଷା ଅନୁଷ୍ଠାନ ବିଦ୍ୟାର୍ଥୀ ଫାଉଣ୍ଡେସନ୍ ମିଳିତ ସହଯୋଗରେ ଛାତ୍ରଛାତ୍ରୀଙ୍କୁ ନେଇ ଭାରତର ରତ୍ନ ଅବଦୁଲ କାଲାମଙ୍କ ଜୟନ୍ତୀ ପାଳନ ଅବସରରେ 'କଲାମ୍, ବିଜ୍ଞାନ ଓ ମଣିଷ ସମାଜ' ଶୀର୍ଷକରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ଆଲୋଚନାଚକ୍ରରେ ଅବଦୁଲ କଲାମଙ୍କ ଜୀବନୀ, ଶିକ୍ଷା ଓ ବିଜ୍ଞାନ ସମ୍ପର୍କରେ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଗୁଣାତ୍ମକ ପୁସ୍ତକ 'ବୈଜ୍ଞାନିକ ରାଷ୍ଟ୍ରପତି ଅବଦୁଲ କଲାମ'ର ଲେଖକ ଦୀନବନ୍ଧୁ ଲେଙ୍କା ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ 'ପ୍ରଜାପତି'ର ପ୍ରତିଷ୍ଠାତା କବି ପ୍ରଶାନ୍ତ ଦାସ କହିଲେ ଯେ ବିଜ୍ଞାନର ବ୍ୟବହାର ପ୍ରକୃତି ଓ ମାନବ ସମାଜର ମଙ୍ଗଳ ପାଇଁ ହେବା ଆବଶ୍ୟକ। କଲାମଙ୍କ ମତରେ ବିଜ୍ଞାନ ମନୁଷ୍ୟକୁ ଈଶ୍ୱରଙ୍କ ଠାରୁ ଦୂରେଇନିଏ ନାହିଁ ବରଂ ବିଜ୍ଞାନ ମାଧ୍ୟମରେ ମଧ୍ୟ ଆଧ୍ୟାତ୍ମିକ ବିକାଶ ସମ୍ଭବପର'। ବିଦ୍ୟାର୍ଥୀ-ଫାଉଣ୍ଡେସନ୍ ମୁଖ୍ୟ ଶିକ୍ଷାବିତ୍ ବିପ୍ଳବ ଦାସ ମହାପାତ୍ର ଆଲୋଚନାଚକ୍ର ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ପାର୍ଥସାରଥୀ ସାହୁ ଯୋଗଦାନ କରିଥିଲେ। ଶିକ୍ଷକ ରବିରଞ୍ଜନ ସାମଲ ଶେଷ କଥା ରଖିଥିଲେ। ଆଲୋଚନାଚକ୍ରରେ ଅନୁଷ୍ଠାନର ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ଆଲୋଚନାଚକ୍ରରେ ଅନେକ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ ଓ ପ୍ରତ୍ୟକ୍ଷ ଭାବେ କେନ୍ଦ୍ରୀୟ ବିଦ୍ୟାଳୟ-୧ର ଛାତ୍ରୀ ଆଦ୍ୟାଶା ପଲେଇ ଓ ବୈଭବୀ ଦାସ ସହଯୋଗ କରିଥିଲେ। ଶେଷରେ ଅତିଥି ଓ ଛାତ୍ରଛାତ୍ରୀ ଭାରତରତ୍ନ ଅବଦୁଲ୍ କଲାମ୍ଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

କଲାମଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ବାଲେଶ୍ୱର, ୧୬।୧୦(ସମିସ): ମିଶାଇଲ ମ୍ୟାନ୍ ଏପିଜେ ଅବଦୁଲ କଲାମଙ୍କ ୯୫ ତମ ଜୟନ୍ତୀ ଅବସରରେ ଡ୍ରିମ୍ସ ଆଇଡିଆଲ୍ ସ୍କୁଲରୁ ଶୋଭାଯାତ୍ରାରେ ବାହାରି ଷ୍ଟେସନଛକ ସ୍ଥିତ କଲାମଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଉକ୍ତ ଶୋଭାଯାତ୍ରାକୁ ଉଦଘାଟନ କରିଥିଲେ

ମୁଖ୍ୟଅତିଥି ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକ। ଅନ୍ୟତମ ଅତିଥି ରୂପେ ପ୍ରାକ୍ତନ ଜିଲ୍ଲା ପରିଷଦ ସଭାପତି ଗିରୀଶ ଚନ୍ଦ୍ର ଦାଶ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବିଦ୍ୟାପୀଠର ପ୍ରତିଷ୍ଠାତା ଗଙ୍ଗାଧର ଦାସ। ଅଧକ୍ଷା ପୁଷ୍ପିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ରେହାନା ବେଗମ୍, ସରିତା ବାରିକ, ଆରତୀବାଳା ଦାସ, ଆଞ୍ଚଲ ପ୍ରିୟା ବେହେରା, ଅନୀତା ରାଣୀ ଦାସ, ଶାନ୍ତି ଲତା ମାଝୀ, ନମିତା ?ାଗ, ମାମୁନି ମହାପାତ୍ର, ପ୍ରଭାତୀ ମହାପାତ୍ର, ଶୁଭଲକ୍ଷ୍ମୀ ରାଉତ, ଜୟସ୍ମିତା ପଣ୍ଡା, ପୂଜା ପରିଡ଼ା, ମୌସୁମୀ ଚାଟାର୍ଜୀ, ଶରିଫୁଦ୍ଦିନ୍ ମହମ୍ମଦ, ରୋହିତ ନାୟକ, ଯଶୋବନ୍ତ ସିଂ, ମନିଷା ଦାଶ ପ୍ରମୁଖ ସହାୟତା କରିଥିଲେ। ପରେ ପିଲାମାନେ ଚାନ୍ଦିପୁର ସ୍ଥିତ ଡଃ କଲାମଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସ୍ୱଚ୍ଛ ଭାରତ ଅଭିଯାନରେ କର୍ମଚାରୀମାନେ ବେଳାଭୂମି ସଫେଇ କରିଥିଲେ। ଚାନ୍ଦିପୁର ବେଳାଭୂମି ମହୋତ୍ସବ କମିଟି ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କମିଟିର ସଭାପତି ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ଉପ ସଭାପତି ଆମ ନ୍ୟୁଜ୍ ଅଧ୍ୟକ୍ଷ ବିପ୍ଳବ ମହାନ୍ତି, ଅତିରିକ୍ତ ସାଧାରଣ ସମ୍ପାଦକ ଭାବଗ୍ରାହୀ ମହାନ୍ତି, ସମ୍ପାଦକ ଶ୍ରୀମାନ ଶ୍ରୀଚନ୍ଦନ ଓ ସମରେନ୍ଦ୍ର ନାଥ ଦାସ, ସହ ସମ୍ପାଦକ ଶେଖ ହାଇଦର୍, ସଭ୍ୟ କମଳାକାନ୍ତ ମହାରାଜ, ନାଏବ ସରପଞ୍ଚ ଓ ଅନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ।

ଭତ୍ତା ଦେବାକୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ବାଲେଶ୍ୱର, ୧୬।୧୦(ସମିସ)

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନାମ୍ପୋ ଅଞ୍ଚଳରେ ୨୦୨୪ ମସିହାଠାରୁ ମଧୁବାବୁ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ଗ୍ରାମର ୧୭୦ଜଣ ଲୋକଙ୍କ ଭତ୍ତା ମଞ୍ଜୁର ହୋଇଥିଲା। ହେଲେ ପରେ ସେମାନଙ୍କ ଭତ୍ତା ବନ୍ଦ ହୋଇଯାଇଛି। ଏହାକୁ ନେଇ ନାମ୍ପୋ ଗ୍ରାମର ସୁଶୀଲ କୁମାର ପରିଡ଼ା ଆଜି କିଛି ଲୋକଙ୍କ ସହ ଆସି ବନ୍ଦ ହୋଇଥିବା ଭତ୍ତା ପ୍ରଦାନ କରିବାକୁ ଦାବି କରିବା ସହ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ୨୦୨୪ମସିହାରେ ମଧୁବାବୁ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ତାଙ୍କର ଗ୍ରାମର୧୭୦ଜଣ ଲୋକଙ୍କର ଭତା ମଞ୍ଜୁର ହୋଇଥିଲା। ଏପରିକି ସମସ୍ତ ଲୋକ ଭତ୍ତା ମଧ୍ୟ ପାଇଥିଲେ। ହେଲେ ପରବର୍ତ୍ତି ସମୟରେ ଉକ୍ତ ଗ୍ରାମର ଗୋପାଳକୃଷ୍ଣ ଜେନା ରାଜନୈତିକ ଉଦ୍ଦେଶ୍ୟରେ୨୦୨୪ମସିହା ମାର୍ଚ୍ଚ ୧୯ରେ୨୭ଜଣ ହିତାଧିକାରୀଙ୍କ ବିରୋଧରେ ଜଳେଶ୍ୱର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଠାରେ ଅଭିଯୋଗ କରିଥିଲେ। ପରେ ବିଡିଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଓ ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଇ ୧୭୦ଜଣଙ୍କ ମଧ୍ୟରୁ ୨୬ଜଣ ହିତାଧିକାରୀଙ୍କୁ ପୁଣିଥରେ ଭତ୍ତା ପ୍ରଦାନ କରାଇଥିଲେ। ହେଲେ ଉକ୍ତ ବ୍ୟକ୍ତି ଗଣଙ୍କ ଏନେଇ ତତକାଳୀନ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ଠାରେ ଅଭିଯୋଗ କରିଥିଲେ। ପରବର୍ତ୍ତି ସମୟରେ ସେ କୋର୍ଟରେ ମଧ୍ୟ ଦ୍ୱାରସ୍ଥ ହୋଇ୧୮ଜଣ ହିତାଧିକାରୀଙ୍କ ନାମରେ ଅଭିଯୋଗ କରିଥିଲେ। ତେବେ ଉକ୍ତ ମାମଲାରେ ବର୍ତ୍ତମାନର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରାଙ୍ଗଚରଣ ଘୋଷ କୋର୍ଟରେ ଯାହାକି ତଦନ୍ତ ସମୟରେ ୧୭ଜଣଙ୍କର ଭତ୍ତା ଭୋଟର ଲିଷ୍ଟ ଅନୁଯାୟୀ କରାଯାଇଥିବା ବେଳେ ଜଣେ ହିତାଧିକାରୀଙ୍କର ସ୍କୁଲ ସାର୍ଟିଫିକେଟ ଅନୁସାରେ କରାଯାଇଛି ସତ୍ୟପାଠ ଦାଖଲ କରିଥିଲେ। ହେଲେ ବ୍ଲକରେ ନୂତନ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯୋଗଦେବା ପରେ ସେ ଉକ୍ତ ବ୍ୟକ୍ତି ଜଣଙ୍କ ଯେଉଁ ଅଭିଯୋଗ ପୂର୍ବରୁ କରିଥିଲେ ତାହାକୁ ପୁଣିଥରେ ତଦନ୍ତ କରାଇ୨୨ଜଣ ହିତାଧିକାରୀଙ୍କ ଭତ୍ତା ବନ୍ଦ କରିଦେଇଥିଲେ। ଏହି ଘଟଣାକୁ ୫ମାସ ହୋଇଯାଇଥିବା ବେଳେ ହିତାଧିକାରୀମାନଙ୍କୁ ଆଜି ପର୍ଯ୍ୟନ୍ତ କୌଣସି ଭତ୍ତା ପ୍ରଦାନ କରାଗଲା ନାହିଁ ବୋଲି ଅଭିଯୋଗ କରିଛନ୍ତି। ଏହାଛଡା ଗୋଟିଏ ପଟେ ବିଡିଓ ନ୍ୟାୟାଳୟଙ୍କ ଠାରେ ଭତ୍ତା ଅନୁମୋଦନ ସଠିକ ଭାବେ ହୋଇଥିବାର ସତ୍ୟପାଠ ଦାଖଲ କରୁଛନ୍ତି ଅନ୍ୟପଟେ ୬ମାସ ପରେ ଭତା ବନ୍ଦ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଉଛନ୍ତି। ଫଳରେ ଭତା ଉପରେ ବଞ୍ଚୁଥିବା ଗରିବ, ଆଦିବାସୀ ଲୋକେ ସେମାନଙ୍କର ଗୁଜୁରାଣ ମେଣ୍ଟାଇବା ପାଇଁ ବହୁ ଅସୁବିଧାର ସମ୍ମୁଖିନ ହେଉଥିବା ବେଳେ ରୋଗ ପାଇଁ ଔଷଧ କିଣିବାକୁ ମଧ୍ୟ ଟଙ୍କା ପାଉ ନାହାନ୍ତି। କୋର୍ଟରେ୧୮ଜଣଙ୍କ ନାମରେ ଅଭିଯୋଗ ହୋଇଥିବା ବେଳେ୨୨ଜଣ ହିତାଧିକାରୀଙ୍କର କିପରି ଭାବେ ଭତ୍ତା ବନ୍ଦ ହେଲା ତାହା ଏବେ ସବୁଠାରୁ ବଡ ପ୍ରଶ୍ନ ବୋଲି କହିଛନ୍ତି। ଏଣୁ ଏହି ଘଟଣାକୁ ସଠିକ ଭାବେ ତଦନ୍ତ କରି ବନ୍ଦ ହୋଇଥିବା ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିବା ପାଇଁ ଦାବି କରିଛନ୍ତି।

Format C-7

(for political parties to publish in the newspaper, social media platforms & website of the party)

Information regarding individuals with pending criminal cases, who have been selected as candidates, along with the reasons for such selection, as also as to why other individuals without criminal antecedents could not be selected as candidates

(As per the Commission's directions issued in pursuance of the order dated 13.02.2020 of the Hon'ble Supreme Court in contempt petition © no. 2192 of 2018 in W.P.(C) No. 536/2011)

Name of the Political Party: BIJU JANATA DAL
Name of the Election: BYE- ELECTION TO THE STATE LEGISLATIVE ASSEMBLY OF ODISHA -2025
Name of the State: ODISHA

(1) Name of the Constituency - **71-NUAPADA AC**

Name of the Candidate – **SMT. SNEHANGINI CHHURIA**

Sl. No.			
1.	Criminal Antecedents		
	a.	Nature of the Offence	i. Non-Bailable ii. Non-Bailable iii. Non-Bailable iv. Non-Bailable
	b.	Case No.	i. Bargarh Town PS Case No-36/25 ii. Bargarh Town PS Case No-37/25 iii. Bargarh Town PS Case No-38/25 iv. Bargarh Rural PS Case No-11/25
	c.	Name of the Court	All cases are pending in SDJM Bargarh, District Bargarh
	d.	Whether charges have been framed or not (Yes/No)	i. No ii. No iii. No iv. No
	e.	Date of Conviction, if any	Not Applicable
	f.	Details of punishment undergone, if any	Not Applicable
	g.	Any other information required to be given	All cases posted for appearance
2.	The reasons for the selection of the candidate. Selection shall be with reference to the qualifications, achievements and merit of the candidates and not mere "winnability" at the polls (Not more than 100 words)		The candidate is a dynamic SC women leader, having huge public contact and popularity in this state of Odisha and she has worked hard in bringing social upliftment, particularly for the women, poor and downtrodden and still have zeal and eagerness to bring perceptible changes in the living standard of the people. She is highly qualified with Post Graduate and BED degrees to her credit.
3.	Reasons as to why other individuals without criminal antecedents could not be selected as candidates (not more than 100 words)		In consideration of the above merits, her selection as a candidate to the **71-NUAPADA Assembly Constituency** is more justified than other individuals without criminal antecedents.

(2) Name of the Constituency - **71-NUAPADA AC**

Name of the Candidate – **SMT. SNEHANGINI CHHURIA**

.... and so on

* In the case of election to Council of States or States or election to Legislative Council by MLAs, mention the election concerned in place of name of Constituency.

Sd/-
DEBIPRASAD MISHRA
SENIOR VICE-PRESIDENT,
BIJU JANATA DAL, ODISHA

ଦୀପାବଳି ରାତିରେ ଜଗିବେ ୨୨ ପ୍ଲାଟୁନ ପୁଲିସ

ଭୁବନେଶ୍ୱର, ୧୬।୧୦(ସମିସ): ଆଲୋକର ପର୍ବ ଦୀପାବଳିକୁ ସହରବାସୀ ଶାନ୍ତିଶୃଙ୍ଖଳାରେ ପାଳନ କରିବା ପାଇଁ ପୁଲିସ କଡ଼ା ପଦେକ୍ଷପ ଗ୍ରହଣ କରିଛି। ଦୀପାବଳି ଦିନ ରାତିରେ ରାଜଧାନୀରେ ୨୨ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହେବ। ସେମାନେ ବିଭିନ୍ନ ଛକ ଏବଂ ବଜାର ଘାଟରେ ଜଗିବେ। ଆହୁରି ମଧ୍ୟ ଅମାନିଆ ଉତ୍ପାତ କଲେ ସେମାନଙ୍କୁ ଏହି ଫୋର୍ସ ସାବାଡ଼ କରିବେ। ବିଶେଷ କରି ମଦୁଆ ଏବଂ ଅମାନିଆ ଉତ୍ପାତ କରିବାର ସମ୍ଭାବନା ରହିଛି। ଏପରିକି ସେମାନେ ମଦ ପିଇ ଦୀପାବଳି ରାତିରେ ମହିଳା ଏବଂ ଯୁବତୀଙ୍କୁ ଅସଦାଚରଣ କରନ୍ତି। ତେଣୁ ପୁଲିସ ଏହି ମଦୁଆଙ୍କୁ ସାବାଡ଼ କରିବା ପାଇଁ ଏକ ସ୍ପେଶାଲ ଟିମ୍ ଗଠନ କରାଯାଇଛି। କେଉଁଠି ଅଘଟଣ ଘଟିଲେ ତୁରନ୍ତ ସେଠାରେ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିବ। ମଦୁଆମାନେ ମଦ ପିଇ ଗଣ୍ଡଗୋଳ କଲେ ତୁରନ୍ତ ଏହି ଟିମ୍ ପହଞ୍ଚି ସେମାନଙ୍କୁ କାବୁ କରି ଥାନାକୁ ଆଣିବେ। ଆହୁରି ମଧ୍ୟ ମହିଳାଙ୍କୁ ସୁରକ୍ଷା ଦେବାକୁ ମଧ୍ୟ ଟିମ୍‌କୁ କୁହାଯାଇଛି। ସ୍ପେଶାଲ ଟିମ୍‌ରେ ଥିବା ସଦସ୍ୟମାନେ ଗଳି କନ୍ଦି ଏବଂ ବଜାର ଘାଟ ବୁଲିବେ। ସେଠାରେ ଯଦି ମହିଳାଙ୍କୁ ଅଶ୍ଳୀଳ ଇଙ୍ଗୀତ ଏବଂ ଅସଦାଚରଣ କରନ୍ତି, ତୁରନ୍ତ ସେମାନଙ୍କୁ ବାନ୍ଧିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନେକ ଅମାନିଆ ଦୀପାବଳୀ ଦିନ ରାଗ ସୁଝାନ୍ତି। ସେମାନେ ଜାଣିଶୁଣି ବମ୍ ଅନ୍ୟ ଘର ଉପରକୁ ପକାନ୍ତି। ଫଳରେ ଅଗ୍ନିକାଣ୍ଡ ଏବଂ ଅନ୍ୟାନ ଦୁର୍ଘଟଣା ଘଟିଥାଏ। ତେଣୁ ଏଭଳି କେହି କଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଭଳି କେହି କରୁଥିଲେ ତୁରନ୍ତ ୧୧୨କୁ ଫୋନ୍ କରି ଜଣାଇବାକୁ ପରାମର୍ଶ ଦିଆଯାଇଛି। ସେହିପରି ସବୁ ଥାନା ଅଧିକାରୀଙ୍କୁ ଆଲର୍ଟ ରହିବାକୁ କୁହାଯାଇଛି। ଦୀପାବଳି ରାତିରେ କିଛି ଅଘଟଣ ଘଟିବା ନେଇ ଖବର ମିଳେ ତୁରନ୍ତ ସେଠାରେ ପହଞ୍ଚିବାକୁ କୁହାଯାଇଛି। ପହଞ୍ଚିବା ପରେ ଆହତଙ୍କୁ ମେଡ଼ିକାଲ ନେବାକୁ କୁହାଯାଇଛି। ସେହିପରି ଚୋରି ରୋକିବାକୁ ପାଟ୍ରୋଲିଂ ଜୋରଦାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଅମାନିଆ, ମଦୁଆଙ୍କ ଉପରେ ରହିବ ଫୋକସ୍

ଅଘଟଣ ରୋକିବାକୁ ସ୍ପେଶାଲ ଟିମ ଗଠନ

ଅଗ୍ନିଶମ, ଡାକ୍ତର ସଜାଗ ରହିବାକୁ ପରାମର୍ଶ

ଗଳିକନ୍ଦିରେ ପଇଁତରା ମାରିବ ହର୍ ଟିମ୍

ଦୁଇ ଘଣ୍ଟା ବାଣ ଫୁଟାଇବାକୁ ଅନୁମତି ଦିଆଯାଇଛି। ତେଣୁ ଯଦି କେହି ବ୍ୟକ୍ତି ନିୟମ ନମାନି ବାଣ ଫୁଟାନ୍ତି ତେବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସବୁ ଥାନାକୁ କୁହାଯାଇଛି। ଦିପାବଳୀ ଦିନ ଏକାଧିକ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି। ଗାଡ଼ି ଦୁର୍ଘଟଣା ଠାରୁ ଆରମ୍ଭ କରି ବାଣ ପଡ଼ି ପୋଡ଼ିଯିବା ଭଳି ଘଟଣା ପୂର୍ବ ଦିନମାନଙ୍କରେ ଦେଖିବାକୁ ମିଳିଛି। ତେଣୁ କାହାର ଜୀବନ ହାନୀ ନହେବ ତାହାର ବ୍ୟବସ୍ଥା ପୁଲିସ କହିଛି। ଆମ୍ବୁଲାନ୍ସ ସଜାଗ କରି ରହିବା ସହ ଡାକ୍ତରମାନଙ୍କୁ ଆଲର୍ଟରେ ରହିବାକୁ ପୁଲିସ ପରାମର୍ଶ ଦେଇଛି। ଯେପରି ଦୁର୍ଘଟଣା ହେଲେ ଲୋକଙ୍କୁ ତୁରନ୍ତ ଚିକିତ୍ସା କରାଯାଇ ପାରିବ ସେନେଇ ଡିସିପି କହିଛନ୍ତି।

ସେହିପରି ଅଗ୍ନିଶମ ବିଭାଗ ମଧ୍ୟ ଅଘଟଣର ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିଛି। ସେଣ୍ଟ୍ରାଲ ରେଞ୍ଜ, ଉତ୍ତରାଞ୍ଚଳରେଞ୍ଜ ଏବଂ ଦକ୍ଷିଣାଞ୍ଚଳ ରେଞ୍ଜ ଭାବେ ସକ୍ରିୟ ରହିବେ ଅଗ୍ନିଶମ ବିଭାଗ। ଟ୍ୱିନ୍ ସିଟିରେ ୭ଟି ଫାୟାର ଷ୍ଟେସନ କରିବ ଅଗ୍ନିଶମ ବିଭାଗ।

ବିମାନବନ୍ଦରରୁ ହତ୍ୟା ଅଭିଯୁକ୍ତଙ୍କୁ ଉଠାଇନେଲା ଚେନ୍ନାଇ ପୁଲିସ

ଭୁବନେଶ୍ୱର, ୧୬।୧୦(ସମିସ): ଦୀର୍ଘଦିନ ଧରି ଫେରାର ଥିବା ଜଣେ ହତ୍ୟାକାରୀଙ୍କୁ ଭୁବନେଶ୍ୱର ବିମାନ ବନ୍ଦରରୁ ଚେନ୍ନାଇ ପୁଲିସ ଗିରଫ କରିଛି। ସେ ବାଙ୍କକରୁ ବିମାନ ଯୋଗେ ଭୁବନେଶ୍ୱର ଆସୁଥିଲା। ହେଲେ ଖବର ପାଇ ଚେନ୍ନାଇ ପୁଲିସ ଆଗକୁ ଭୁବନେଶ୍ୱର ବିମାନ ବନ୍ଦରରେ ଛକି ରହିଥିଲେ। ହତ୍ୟାକାରୀ ବିମାନ ବନ୍ଦରରୁ ଓହ୍ଲାଇବା ପରେ ମାଡ଼ ବସିଥିଲା ପୁଲିସ। ସ୍ଥାନୀୟ ଥାନାକୁ ନେଇ ପଚରାଉଚରା ପରେ ଚେନ୍ନାଇ ନେଇଯାଇଥିଲା ପୁଲିସ। ଏହି ହତ୍ୟାକାରୀ ବିରୋଧରେ ଲୁକ୍‌ଆଉଟ୍ ଜାରି କରାଯାଇଛି। ଚେନ୍ନାଇ ପୁଲିସ ଚିଠି ଆଧାରରେ ବ୍ୟୁରୋ ଅଫ୍ ଇମିଗ୍ରେସନକୁ ଲୁକ୍‌ଆଉଟ୍ ଜାରି କରିଥିଲେ।



ବିଜେଡି ପକ୍ଷରୁ ଅସୀମ ବସୁଙ୍କ ଜୟନ୍ତୀ

ଭୁବନେଶ୍ୱର, ୧୬।୧୦(ସମିସ): ରବୀନ୍ଦ୍ର ମଣ୍ଡପଠାରେ ଅବସ୍ଥିତ କବି, ଚିତ୍ରକର, ଅଭିନେତା ତଥା କଳା ନିର୍ଦ୍ଦେଶକ ଅସୀମ ବସୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ଏହି ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତିଙ୍କ ସଂଯୋଜନାରେ ଏହା ଅନୁଷ୍ଠିତ ହୋଇଥିଲା। ସର୍ବ ପ୍ରଥମେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା ପ୍ରାରମ୍ଭରେ ଅସୀମ ବସୁ ଉପରେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ ଶିକ୍ଷାବିତ୍ କାମଦେବ ମହାପାତ୍ର। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ଗିରିଜା ଶଙ୍କର ମହାପାତ୍ର, ନରସିଂହ ବେହେରା ପ୍ରାଧ୍ୟାପକ ରଙ୍ଗାଧର ସାହୁ, ମେଘନାଦ ମହାରଣା, ବିଜୟ ସାହୁ, ମାନସ ବେହେରା, ସୁଜ୍ଞାନ ଓଝା, ଶୁଭଙ୍କର ସାହୁ, ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ ଯୋଗଦାନ କରି ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଶେଷରେ ଅମିତ୍ ପାତାଳ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

ପଥରରେ ଛେଚି ହତ୍ୟା ମାମଲା

ରେଳବାଇ ପଡ଼ିଆ ହତ୍ୟାକାଣ୍ଡ ପଛରେ ସମାନ ବ୍ୟକ୍ତି!

ଭୁବନେଶ୍ୱର, ୧୬।୧୦(ସମିସ): ଚନ୍ଦ୍ରଶେଖରପୁର ଥାନା ଚୂନକୋଳି ବସ୍ତିରେ ଘଟିଥିବା ହତ୍ୟାକାଣ୍ଡର ସୁରାକ ପାଇଛି ପୁଲିସ। ପୁଲିସ ମୃତ ବ୍ୟକ୍ତିଙ୍କ ପରିଚୟ ପାଇ ନ ଥିବା ବେଳେ ହତ୍ୟାକାରୀ ସାଇକୋ କିଲର ସମ୍ପର୍କରେ ସୂଚନା ପାଇଛି। ପୁଲିସ ଏହି ସୂଚନା ଆଧାରରେ ସାଇକୋ କିଲରକୁ ଖୋଜିଛି। ହତ୍ୟା ସମୟରେ ଜଣେ ତୃତୀୟ ଲିଙ୍ଗୀ ବ୍ୟକ୍ତି ଦେଖିଥିବା ଚର୍ଚ୍ଚା ହେଉଛି। ଏହି ତୃତୀୟ ଲିଙ୍ଗୀ ବ୍ୟକ୍ତିଙ୍କୁ ପୁଲିସ ପଚରାଉଚରା କରିବା ପରେ ଅନେକ ତଥ୍ୟ ମିଳିଛି। ଯେଉଁ ସ୍ଥାନରେ ହତ୍ୟା ହୁଏ ସେଠାରେ ରାତିରେ ତୃତୀୟ ଲିଙ୍ଗୀମାନେ ଛିଡ଼ା ହୁଅନ୍ତି। ସେମାନେ ରାତି ୭ରୁ ୧୨ ପର୍ଯ୍ୟନ୍ତି ଛିଡ଼ା ହୋଇଥାନ୍ତି। ଏହି ହତ୍ୟାକାଣ୍ଡ ମଧ୍ୟ ୧୦ରୁ ୧୧ଟା ଭିତରେ ହୋଇଛି। ତେଣୁ ଜଣେ ତୃତୀୟ ଲିଙ୍ଗୀ ବ୍ୟକ୍ତି ସାଇକୋ କିଲରକୁ ଦେଖିବାକୁ କୁହାଯାଉଛି। ପୁଲିସ ଏହି ସାଇକୋ କିଲରକୁ ଧରିବାକୁ ଉଦ୍ୟମ କରୁଛି। ହତ୍ୟା ପରେ ଏହି ସାଇକୋ କିଲର ଗ୍ରାମକୁ ପଳାଇ ଯାଉଛି। ବଡ଼ କଥା ହେଲା ଏହି ସାଇକୋ କିଲର ମଞ୍ଚେଶ୍ୱର ରେଲୱେ ପଡ଼ିଆ ଶୌଚାଳୟ ପଛରେ ହୋଇଥିବା ହତ୍ୟା ପଛରେ ଏହି ସାଇକୋ କିଲରର ହାତ ଥିବା ସନ୍ଦେହ କରାଯାଉଛି। କାରଣ ସମାନ ଢଙ୍ଗରେ ସେ ମୁଣ୍ଡକୁ ଛେଚି ହତ୍ୟା କରୁଛି। ରେଲୱେ ପଡ଼ିଆରୁ ଠାବ ହୋଇଥିବା ମୃତ ବ୍ୟକ୍ତିର ଏହିଭଳି ମୁଣ୍ଡକୁ ପିଟି ହତ୍ୟା କରାଯାଇଥିଲା।

■ ହତ୍ୟାକାରୀଙ୍କ ବିଷୟରେ ସୁରାକ ପାଇଛି ପୁଲିସ

ତେଣୁ ଏହି ଦୁଇଟି ହତ୍ୟା ପଛରେ ଏହି ସାଇକୋ କିଲରର ହାତ ରହିଥିବା କୁହାଯାଉଛି। ପୁଲିସ ଉଭୟମାମଲାକୁ ଗୁରୁତର ସହ ନେଇ ତଦନ୍ତ କରୁଛି। ରେଲୱେ ପଡ଼ିଆରେ ହୋଇଥିବା ହତ୍ୟା ସ୍ଥାନରେ ମଧ୍ୟ ଏହି ତୃତୀୟ ଲିଙ୍ଗୀ ରାତିରେ ଛିଡ଼ା ହୁଅନ୍ତି। ତେଣୁ ଏହା ପଛରେ ଏକ ରହସ୍ୟ ରହିଛି। କାରଣ ଯେଉଁ ସ୍ଥାନରେ ତୃତୀୟ ଲିଙ୍ଗୀ ରାତିରେ ଛିଡ଼ା ହେଉଛନ୍ତି ସେଠାରେ ହତ୍ୟା ହେଉଛି। ତେଣୁ ପୁଲିସ ପାଇଁ ଏହି ସାଇକୋ କିଲରକୁ ଧରିବା ଏକ ପ୍ରକାର ଚ୍ୟାଲେଞ୍ଜ ହୋଇଯାଇଛି। ଆହୁରି ମଧ୍ୟ ହତ୍ୟାକାରୀ ସାଇକୋ କିଲର ସହର ଭିତରକୁ ଆସୁନି। ଏହାର ଆଖିପାଖରେ ଅନ୍ଧାରୁଆ ସ୍ଥାନରେ ବୁଲି ହତ୍ୟା କରୁଛି। ପୁଲିସ ଏବେ ସନ୍ଦେହ କରୁଛି ଏହି ସାଇକୋ କିଲର ପୂର୍ବରୁ ମଧ୍ୟ ଅନେକ ମାମଲା କରିଛି। କିନ୍ତୁ ତାହା ପୁଲିସ ନଜରକୁ ଆସିନାହିଁ। ବର୍ଷେ ତଳେ ବାରଙ୍ଗ ଷ୍ଟେସନରୁ ଏକ ମୃତଦେହ ଜବତ ହୋଇଥିଲା। ଉକ୍ତ ବ୍ୟକ୍ତିର ମୁଣ୍ଡକୁ ଛେଚି ହତ୍ୟା କରାଯାଇଥିଲା। ତେଣୁ ଏହି ମାମଲା ପଛରେ ଉକ୍ତ ସାଇକୋ କିଲରର ହାତ ରହିଥିବା ସନ୍ଦେହ କରାଯାଉଛି। ପୁଲିସ ସବୁ ଦିଗକୁ ନେଇ ଏବେ ଖୋଳତାଡ଼ କରୁଛି। ୩ ଦିନ ତଳେ ଯୁବକଙ୍କ ମୁହଁ ଏବଂ ମୁଣ୍ଡ ଛେଚା ହୋଇଥିବା ବେଳେ ଉଲଗ୍ନ ଅବସ୍ଥାରେ ମୃତଦେହ ଚୁନକୋଳି ବସ୍ତିରେ ପଡ଼ିଥିଲା। ମୃତଦେହ ନିକଟରେ କିଛି ଟଙ୍କା ଏବଂ ପଥର ପଡ଼ିଥିଲା। ଯାହାକୁ ଫୋରେନ୍‌ସିକ୍ ଟିମ୍ ପରୀକ୍ଷା ପାଇଁ ନେଇଛି। ସ୍ଥାନୀୟ ଲୋକ ଏବଂ ଠିକାଦାର ମୃତଦେହକୁ ଚିହ୍ନଟ କରିଥିଲେ ମଧ୍ୟ କେହି ଚିହ୍ନି ପାରିନଥିଲେ।

ଅସୀମ ଦା'ଙ୍କୁ ଉତ୍ସର୍ଗ ଚା ଖଟି

ଭୁବନେଶ୍ୱର, ୧୬।୧୦(ସମିସ): ରବୀନ୍ଦ୍ର ମଣ୍ଡପ ସମ୍ମୁଖ ଚା ଖଟିକୁ ଆସନ୍ତି ନାଟ୍ୟକାର, ଅଭିନେତା, ସାହିତ୍ୟକ ଓ ଆହୁରି ଅନେକ। ଏକଦା ଏଇ ଖଟିକୁ ନିୟମିତ ଆସୁଥିଲେ ଦିବଂଗତ ଚିତ୍ରଶିଳ୍ପୀ ଅସୀମ ବସୁ। ଏଇ ଖଟିକୁ ସେ ନିତି ଆସୁଥିଲେ, ବସୁଥିଲେ, ଚା' ପିଉଥିଲେ, ନାଟକ, ସାହିତ୍ୟ ଓ କଳା ସମ୍ପର୍କରେ ଆଲୋଚନା ତଥା ଖଟି କରୁଥିଲେ। ଅସୀମ ବସୁଙ୍କ ତିରୋଧାନ ପରେ ଖଟିକୁ ଆସୁଥିବା ନିୟମିତ ଖଟିଆଳମାନେ ଖଟିକୁ ଅସୀମ ଦା'ଙ୍କୁ ଉତ୍ସର୍ଗ କରିଛନ୍ତି। ଅସୀମ ଦାଙ୍କ ୯୩ତମ ଜୟନ୍ତୀ ଅବସରରେ ଅସୀମ ବସୁ ଫାଉଣ୍ଡେସନ ଆୟୋଜିତ ଏକ ଅନୌପଚାରିକ ଉତ୍ସବରେ ଖଟିର ନୂଆ ନାମକରଣ କରିଛନ୍ତି 'ଅସୀମ ଦା' ଚା ଖଟି'। ଏଇ ଖଟିରେ ବିଶିଷ୍ଟ ଚିତ୍ରଶିଳ୍ପୀ ରାମହରି ଜେନାଙ୍କ ଦ୍ୱାରା ଅଙ୍କିତ ଅସୀମ ଦାଙ୍କ ଚିତ୍ରକୁ ବହୁ ପରିଚିତ ଅସୀମ ପ୍ରେମୀମାନେ ଉପସ୍ଥିତ ରହି ଉନ୍ମୋଚନ କରିଥିଲେ। ଅସୀମ ବସୁ ଫାଉଣ୍ଡେସନ ସଭାପତି ରାମହରି ଜେନା ଓ ସମ୍ପାଦକ ପବିତ୍ର ମୋହନ କରଙ୍କ ଉପସ୍ଥିତିରେ ଅତିଥିମାନେ ଚିତ୍ର ଉନ୍ମୋଚନ କରିଥିଲେ। ବିଶିଷ୍ଟ କବି କେଦାର ମିଶ୍ର, ସାମ୍ବାଦିକ ଦିଲ୍ଲୀପ ବିଶୋଇ, କପିଳାସ ଭୂୟାଁ, ଅସିତ ମହାନ୍ତି, ଭାସ୍ୱତୀ ବସୁ, ଅତସୀ ବସୁ, ଅମର ଜେନା ବାଞ୍ଛାନିଧି ପଟ୍ଟନାୟକ ଆଦି ବହୁ ଅସୀମ ପ୍ରେମୀ ଉପସ୍ଥିତ ରହିଥିଲେ।

କେଦାରନାଥ ମହାପାତ୍ର ବାର୍ଷିକ ପୁରସ୍କାର ଘୋଷଣା

ଭୁବନେଶ୍ୱର, ୧୬।୧୦(ସମିସ): କେଦାରନାଥ ମହାପାତ୍ରଙ୍କ ଜୟନ୍ତୀ ଅବସରରେ ପୁରସ୍କାର ଘୋଷଣା କରାଯାଇଛି। ଆସନ୍ତା ୨୨ରେ ହେବାକୁ ଥିବା ଉତ୍ସବରେ ଡ଼. କରୁଣାକର ବିଶୋଇଙ୍କୁ 'କୃଷ୍ଣଚନ୍ଦ୍ର ମିଶ୍ର ସଂସ୍କୃତି ସମ୍ମାନ', ଡ଼ ବାସୁଦେବ ପ୍ରଧାନଙ୍କୁ 'ବୈଦ୍ୟ ବାସୁଦେବ ସ୍ମୃତି ସମ୍ମାନ', କାଳନ୍ଦୀ ଚରଣ ଭଞ୍ଜଙ୍କୁ ' ମହାପାତ୍ର ଯତୀନ୍ଦ୍ର କୁମାର ଉପନ୍ୟାସ ସମ୍ମାନ', ପଦ୍ମଶ୍ରୀ ଦମୟନ୍ତି ବେଶ୍ରାଙ୍କୁ 'ମଣି ଦୀପା ପଟ୍ଟନାୟକ ଭାଷା ସମ୍ମାନ', ସରୋଜ ମିଶ୍ରଙ୍କୁ 'ରବୀନ୍ଦ୍ର ନାଥ ସ୍ମୃତି ନାଟକ ସମ୍ମାନ', ପ୍ର. କୃଷ୍ଣଚନ୍ଦ୍ର ପ୍ରଧାନଙ୍କୁ 'ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ ଗବେଷଣା ସମ୍ମାନ', ଇତିଶ୍ରୀ ମହାନ୍ତିଙ୍କୁ 'ଗୁରୁଦେବ ପ୍ରସାଦ ନୃତ୍ୟ ସ୍ମୃତି ସମ୍ମାନ', ରାଧାକୃଷ୍ଣ ମହାପାତ୍ରଙ୍କୁ 'ଲୋକନାଥ ଶତପଥୀ କଳା ସମ୍ମାନ', ଡ଼. ତ୍ରିନାଥ ପଟ୍ଟନାୟକ ଏବଂ ଉମାକାନ୍ତ ମହାପାତ୍ରଙ୍କୁ 'ଶତଭିକ୍ଷା ଅନୁବାଦ ସମ୍ମାନ', ସ୍ନେହଲତା ଦାସ ଲେଙ୍କା ଏବଂ ମିନତୀ ପାଣିଙ୍କୁ 'ସ୍ମୃତି ଯୁବ କଥାଶିଳ୍ପୀ ସମ୍ମାନ', ମିନତୀ ମିଶ୍ରଙ୍କୁ 'ନାରୀକବି ସମ୍ମାନ', ଡ଼. ଭରତ ଚନ୍ଦ୍ର ନାଥଙ୍କୁ ' ଗୀତା ଜୟନ୍ତୀ ସମ୍ମାନ' ପ୍ରଦାନ କରାଯିବ। ଅନୁଷ୍ଠାନର ସଭାପତି ରଘୁନାଥ ମିଶ୍ର, ସମ୍ପାଦକ ଡ଼. ରମେଶ ଚନ୍ଦ୍ର ପାଣି, ଯୁଗ୍ମ ସମ୍ପାଦକ ଡ଼. ଦେବାଶିଷ ମହାପାତ୍ର, ଡ଼. ଅରୁଣ ନାୟକ ଓ ତନୟା ଦାସ ଗୋସ୍ୱାମୀ ସୂଚନା ଦେଇଛନ୍ତି।

ରାଜଧାନୀରେ ଅପରାଧୀଙ୍କ ଦାଦାଗିରି

● ଗନ ପଏଣ୍ଟରେ ଲୁଟି ନେଲେ ଟଙ୍କା ଓ ଗହଣା

ଭୁବନେଶ୍ୱର, ୧୬।୧୦(ସମିସ): ନୂଆପଲ୍ଲୀ ଏନ୍ ୪ରେ କଳାକନା ବୁଲାଇଲେ ଦୁର୍ବୃତ୍ତ। ବନ୍ଧୁକ ଦେଖାଇ ଲୁଟି ନେଇଛନ୍ତି ଟଙ୍କା ଓ ଗହଣା। ସନ୍ଧ୍ୟା ସମୟରେ ଘରେ ପଶି ମୁଣ୍ଡରେ ବନ୍ଧୁକ ଲଗାଇ ବାଲୁଙ୍କେଶ୍ୱର ପଟ୍ଟନାୟକଙ୍କ ଘରୁ ଗହଣା ଓ ୧୦ଲକ୍ଷ ଟଙ୍କା ଲୁଟି ନେଇଥିବା ଜଣାପଡ଼ିଛି। କେବଳ ସେତିକି ନୁହେଁ ପାଖରେ ଥିବା ଅନ୍ୟ ଜଣଙ୍କ ଘରୁ ମଧ୍ୟ ଟଙ୍କା, ଗହଣା ନେଇ ଛୁ' ମାରିଛନ୍ତି ଲୁଟେରା। ଏନେଇ ନୟାପଲ୍ଲୀ ଥାନାରେ ବାଲୁଙ୍କେଶ୍ୱର ପଟ୍ଟନାୟକଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରିଛି। ଘଟଣା ସ୍ଥଳରେ ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଚଳାଇଛି। ଫୁଟେଜରେ ରାଜ୍ୟ ବାହାରର କିଛି ଅପରାଧୀ ସାମିଲ ଥିବା ସନ୍ଦେହ କରୁଛି ପୁଲିସ। ସହରର ବିଭିନ୍ନ ସ୍ଥାନରେ ସିସିଟିଭି ଓ ଅପରାଧୀଙ୍କ କ୍ରାଇମ୍ ହିଷ୍ଟ୍ରିକୁ ନେଇ ଯାଞ୍ଚ ଚାଲିଛି।

ହାତୀ ଦାନ୍ତ ଡିଲ୍; ଦୁଇଜଣଙ୍କୁ ମାଡ଼ି ବସିଲା ଏସ୍‌ଟିଏଫ

ଭୁବନେଶ୍ୱର, ୧୬।୧୦(ସମିସ): ଅନୁଗୁଳ ଆଠମଲ୍ଲିକ ବନଖଣ୍ଡ ଅଞ୍ଚଳରୁ ହାତୀ ଦାନ୍ତ ଡିଲ ବେଳେ ୨ ଜଣଙ୍କୁ ମାଡିବସିଲା କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ ଟିମ୍। ସେମାନଙ୍କ ନିକଟରୁ ୨ଟି ହାତୀଦାନ୍ତ ଜବତ କରାଯାଇଛି। ଅଭିଯୁକ୍ତଙ୍କୁ ଭୁବନେଶ୍ୱର ଆଣି ପଚରାଉଚରା କରୁଛି ଏସ୍‌ଟିଏଫ। ଦୁଇ ଜଣ ବ୍ୟକ୍ତି ହାତୀଦାନ୍ତ ରଖିଥିବା ନେଇ ଏସ୍‌ଟିଏଫ ଖବର ପାଇଥିଲା। ୨ଶିକାରୀଙ୍କୁ ଧରିବାକୁ ଯୋଜନା କରିଥିଲେ ଏସ୍‌ଟିଏଫ ଅଧିକାରୀ। ଜଣେ ପୁଲିସ ଅଧିକାରୀ ଗ୍ରାହକ ସାଜି ସେମାନଙ୍କ ନିକଟକୁ ଯାଇଥିଲେ। ଦୁଇ ଜଣ ଏକ ଜରୀ ବ୍ୟାଗରେ ହାତୀ ଦାନ୍ତ ଆଣି ଦେଖାଇବା ସମୟରେ ମାଡ଼ି ବସିଥିଲା ଏସ୍‌ଟିଏଫ।

ଟ୍ରକ୍ ଚାଳକକୁ ଆକ୍ରମଣ କରି ଲୁଟ୍ ଉଦ୍ୟମ; ଜଣେ ଗିରଫ

ଭୁବନେଶ୍ୱର, ୧୬।୧୦ (ସମିସ): ଟ୍ରକ୍ ଚାଳକକୁ ଆକ୍ରମଣ କରି ଲୁଟ୍ ଉଦ୍ୟମ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଚନ୍ଦକା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ହରିଡ଼ାମଡ଼ାର ବିକାଶ ବେହେରା (୨୭)।

ପୁଲିସ ସୂଚନା ଅନୁସାରେ, ଗତ କାଲି ଦିନ ପ୍ରାୟ ୨ ଟା ସମୟରେ ଏକ ଟ୍ରକ୍ ଛତାବର ସ୍ଥିତ ୟୁନିକ ପ୍ୟାକେଜିଂ କମ୍ପାନୀକୁ ଆସୁଥିଲା। ବିକାଶ ଉକ୍ତ ଟ୍ରକ୍‌କୁ ରାସ୍ତାରେ ଜୋରଜବରଦସ୍ତ ଅଟକାଇବା ସହ ଡ୍ରାଇଭର ମନୋଜ ରାୟଙ୍କୁ ଆକ୍ରମଣ କରିଥିଲା। ଏଥିସହିତ ତାଙ୍କ ନିକଟରୁ ଟଙ୍କା ଓ ମୋବାଇଲ୍ ଫୋନ୍ ଲୁଟି ନେବା ଲାଗି ଉଦ୍ୟମ କରିଥିଲା। ସେହି ସମୟରେ କମ୍ପାନୀର ମ୍ୟାନେଜର ସୂର୍ଯ୍ୟକାନ୍ତ ବେହେରା ଓ ସ୍ଥାନୀୟ ଲୋକମାନେ ତାକୁ ଅଟକ ରଖିବା ସହ ପିସିଆର ଜିମା ଦେଇଥିଲେ। ସୂର୍ଯ୍ୟକାନ୍ତଙ୍କ ଅଭିଯୋଗ ଆଧାରରେ ଚନ୍ଦକା ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ବିକାଶ ନିୟମିତ ଭାବେ ମଦ୍ୟପାନ କରି ସ୍ଥାନୀୟ ଅଞ୍ଚଳ ଦେଇ ଯାଉଥିବା ଲୋକଙ୍କ ଠାରୁ ଜୋରଜବରଦସ୍ତ ଟଙ୍କା ଆଦାୟ କରିବା, ମୋବାଇଲ୍ ଲୁଟ କରିବା ଓ ମହିଳା ମାନଙ୍କ ପ୍ରତି ଅଶୋଭନୀୟ ଆଚରଣ କରିବା ଭଳି ଅପରାଧରେ ଜଡ଼ିତ ଥିବା ତଦନ୍ତ ବେଳେ ଜଣାପଡ଼ିଛି। ବିକାଶ ନାମରେ ପୂର୍ବରୁ ମଧ୍ୟ ଚନ୍ଦକା ଥାନାରେ ୨ଟି ମାମଲା ରହିଥିବା ପୁଲିସ କହିଛି।



ଭୁବନେଶ୍ୱର ସିଟି

ଦିଲ୍ଲୀକୁ ବଳିଗଲା ଭୁବନେଶ୍ୱର ଭିଡ଼

ଭୁବନେଶ୍ୱର, ୧୬।୧୦(ସମିସ): କୁଆଡ଼େ କିଛି ନାହିଁ। ହଠାତ୍ ରାଜଧାନୀ ସହରର ପ୍ରମୁଖ ରାସ୍ତାରେ ଭିଡ଼ ଏତେମାତ୍ରାରେ ବଢ଼ି ଯାଉଛି ଯେ, ଶହେ ମିଟର ଯିବା ପାଇଁ ଘଣ୍ଟାଏ ସମୟ ଲାଗୁଛି। ବିଶେଷକରି ପୂଜା ପର୍ବାଣୀ ସମୟରେ ଏବଂ ସରକାରୀ କାର୍ଯ୍ୟଦିବସ ସମୟରେ ରାଜଧାନୀ ରାସ୍ତାଘାଟ ଜାମ୍ ହୋଇଯାଉଛି। ଶହେ,

■ ଘଣ୍ଟା ଘଣ୍ଟା ରାସ୍ତା ଉପରେ ଅଟକି ରହିଛି ଗାଡ଼ିମୋଟର
■ ଜାତୀୟ ରାଜପଥ ଏବଂ କଟକ-ପୁରୀ ରାସ୍ତାରେ ଅସମ୍ଭାଳ ଭିଡ଼

ଦୁଇଶହ ମିଟର ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ମାଳମାଳ ଗାଡ଼ି ମୋଟର ଠିଆ ହୋଇ ରହୁଛି। ସେହିଭଳି ୧୬ ନମ୍ବର ଜାତୀୟ ରାଜପଥର ବରମୁଣ୍ଡାରୁ ରସୁଲଗଡ଼ ମଧ୍ୟରେ ଅଧିକାଂଶ ସମୟରେ କିଲୋମିଟର, ଦୁଇ କିଲୋମିଟର ପର୍ଯ୍ୟନ୍ତ ଗାଡ଼ି ମୋଟର ଜମି ରହିବା ଦ୍ୱାରା ଯାତାୟାତ ସାଂଘାତିକ ଭାବେ ବାଧାପ୍ରାପ୍ତ ହେଉଛି। କଟକରୁ ଖୋର୍ଦ୍ଧା ଯାଉଥିବା ଗାଡ଼ିମୋଟରଗୁଡ଼ିକ ଘଣ୍ଟାଘଣ୍ଟା ଧରି ଅଟକି ରହିବା ସହ ଯାତ୍ରୀମାନେ ସମସ୍ୟା ଭୋଗୁଛନ୍ତି।

ଗୁରୁବାର ଭୁବନେଶ୍ୱର କଟକ-ପୁରୀ ରୋଡ଼ରେ ସେହିଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଅଚାନକ କଳ୍ପନା ଛକରୁ ବମିଖାଲ ଫାଏଓଭର ବ୍ରିଜ୍ ପର୍ଯ୍ୟନ୍ତ ହଜାର ହଜାର ଯାନବାହାନ ଅଟକି ରହିଥିଲା। ଲୋକେ ଯାତାୟତ କରିବା ସମ୍ଭବ ହୋଇ ନ ଥିଲା। ପରିସ୍ଥିତି ଏଭଳି ହୋଇଥିଲା ଯେ, ସରକାରୀ କର୍ମଚାରୀମାନେ ଘଣ୍ଟାଏ ଧରି ରାସ୍ତାରେ ଅଟକି ରହିଥିଲେ। ଏମିତି କି ଏହି ଅଞ୍ଚଳର ଲୋକେ ଜରୁରୀ କାମ ପାଇଁ ଘରୁ ବାହାରି ପାରି ନ ଥିଲେ। ଏତେ ଭିଡ଼ ମଧ୍ୟରେ ଆମ୍ବୁଲାନ୍ସଠାରୁ ଆରମ୍ଭ କରି ବିଭିନ୍ନ ଜରୁରିକାଳୀନ ସେବା ପ୍ରଦାନ କରୁଥିବା ଯାନବାହାନ ମଧ୍ୟ ଅଟକି ରହିଥିଲା। ଦୋକାନବଜାରରେ କାରବାର ମଧ୍ୟ ଗୁରୁତର ଭାବେ ହ୍ରାସ ପାଇଥିଲା। ଏହାକୁ ନେଇ ସ୍ଥାନୀୟ ଲୋକଙ୍କଠାରୁ ଆରମ୍ଭ କରି ଦୋକାନୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଦୁର୍ବଳ ଟ୍ରାଫିକ୍ ବ୍ୟବସ୍ଥା ପାଇଁ ଏଭଳି ପରିସ୍ଥିତି ବାରମ୍ବାର ସୃଷ୍ଟି ହେଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସବୁଠାରୁ ବଡ଼କଥା ହେଉଛି ଯାନବାହାନଗୁଡ଼ିକୁ ରାସ୍ତା ଉପରେ ରଖିଦେଇ ଲୋକେ ଚାଲି ଯାଉଥିବାରୁ ରାସ୍ତା ସଙ୍କୁଚିତ ହେଉଛି ଏବଂ ଯାତାୟତ ସମସ୍ୟା ସୃଷ୍ଟି ହେଉଛି। ଅନେକ କ୍ଷେତ୍ରରେ ଅମାନିଆ ଗାଡ଼ି ଚାଳକମାନେ ଭୁଲ ଦିଗରେ ଗାଡ଼ି ନେଉଥିବାରୁ ଦୁର୍ଘଟଣା ଘଟୁଛି ଏବଂ ଘଣ୍ଟାଘଣ୍ଟା ଧରି ରାସ୍ତା ଜାମ ହେଉଛି ବୋଲି ଅଭିଯୋଗ ହେଉଛି।

● ତଞ୍ଚକତା କରି ଅଢ଼େଇ ଲକ୍ଷ ହଡ଼ପ

ଝାରସୁଗୁଡ଼ାରୁ ଧରାପଡ଼ିଲା ଷ୍ଟୋର୍ ମ୍ୟାନେଜର୍

ଭୁବନେଶ୍ୱର, ୧୬।୧୦(ସମିସ): ତଞ୍ଚକତା କରି ଅଢ଼େଇ ଲକ୍ଷ ଟଙ୍କା ହଡ଼ପ କରିଥିବା ଅଭିଯୋଗରେ ଷ୍ଟୋର ମ୍ୟାନେଜରକୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପୁରୀ ଜିଲ୍ଲା ବଳଙ୍ଗା ଥାନା ବ୍ରାହ୍ମଣଖଣ୍ଡି ଗାଁର ମଙ୍ଗଳ କୁମାର ମୁଦୁଲି (୩୦)। ପୁଲିସ ସୂଚନାନୁସାରେ, ପୂର୍ବରୁ ମଙ୍ଗଳର ତମଣା ଛକରେ ଏକ ଲୁଗା ଦୋକାନ ଥିଲା। ଅନ୍‌ଲାଇନ ଗେମ ଖେଳିବାରୁ ତାଙ୍କର ବ୍ୟବସାୟରେ କ୍ଷତି ହୋଇଥିଲା। ମଙ୍ଗଳ ଗତବର୍ଷ ଡିସେମ୍ବର ମାସ ୧ ତାରିଖ ଦିନ ଡିଏନ୍ ରିଗାଲିଆ ମଲରେ ଥିବା ବିବା ଗାର୍ମେଣ୍ଟସରେ ଷ୍ଟୋର ମ୍ୟାନେଜର ଭାବେ ଯୋଗ ଦେଇଥିଲା। ବେପାର ବାବଦ ନଗଦ ଟଙ୍କାକୁ ଜମା କରିବା ବଦଳରେ ନିଜ ପାଖରେ ରଖୁଥିଲା। ସେହି ମାସ ୧୮ ତାରିଖ ଦିନ ସୋରୁମ ମାଲିକ କ୍ରିଷ୍ଣା ଅଗ୍ରୱାଲ ଆକାଉଣ୍ଟ ଓ ଷ୍ଟକ ଯାଞ୍ଚ କରିଥିଲେ। ମଙ୍ଗଳ ଷ୍ଟକ୍ ଠକେଇ କରି ମୋଟ ୨ ଲକ୍ଷ ୫୫ ହଜାର ଟଙ୍କା ହଡ଼ପ କରିଥିବା ଜଣାପଡ଼ିଥିଲା। ଏନେଇ ପଚାରିବାରୁ, ସେ ଏହି ଟଙ୍କା ଠକି ନେଇଥିବା ସ୍ୱୀକାର କରିବା ସହ ଡିସେମ୍ବର ୨୪ ରୁ ୨୮ ତାରିଖ ମଧ୍ୟରେ ଫେରାଇଦେବ ବୋଲି ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଧାର୍ଯ୍ୟ ସମୟ ମଧ୍ୟରେ ଟଙ୍କା ଫେରସ୍ତ ଦେଇ ନଥିଲା। କ୍ରିଷ୍ଣା ଏନେଇ ତମାଣ୍ଡୋ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲା। ବୁଧବାର ଝାରସୁଗୁଡ଼ାର ବିଜୁ ନଗର ଅଞ୍ଚଳରେ ଚଢ଼ଉ କରି ମଙ୍ଗଳକୁ ଗିରଫ କରିଥିଲା।

ନାବାଳିକା ଛାତ୍ରୀଙ୍କୁ ନେଇ ଫେରାର ଶିକ୍ଷକ ଗିରଫ

ଧଉଳି, ୧୬।୧୦(ସମିସ): ଧଉଳି ଥାନା ଅଞ୍ଚଳରେ ଜଣେ ନାବାଳିକା ଛାତ୍ରୀଙ୍କୁ ନେଇ ଫେରାର ଥିବା ଟିଉସନ ଶିକ୍ଷକଙ୍କୁ ଗୁରୁବାର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ଉଦ୍ଧାର ଛାତ୍ରୀଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଗିରଫ ଶିକ୍ଷକ ହେଲେ କେନ୍ଦୁଝର ଘସିପୁରା ଅଞ୍ଚଳର ରାଜୀବ ଲୋଚନ ସେଠୀ। ଖବରନେବାରେ ଜଣାପଡ଼ିଛି ଏହି ଥାନା ଶିଶୁପାଳଗଡ଼ ଅଞ୍ଚଳରେ ରାଜୀବ ଜଣେ ନବମ ଶ୍ରେଣୀର ଛାତ୍ରୀଙ୍କ ଘରକୁ ପଢ଼ାଇବାକୁ ଆସନ୍ତି। ସେ ଉକ୍ତ ଛାତ୍ରୀଙ୍କୁ ୫ ବର୍ଷ ଧରି ପଢ଼ାଉଥିଲେ। ମାତ୍ର ଗତ ୧୪ ତାରିଖରେ ଘରେ କେହି ନଥିବାର ସୁଯୋଗ ପାଇ ଛାତ୍ରୀଙ୍କୁ ନେଇ ଫେରାର ହୋଇଥିଲେ ରାଜୀ। ଏନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଘସିପୁରାରୁ ଟିଉସନ ଶିକ୍ଷକଙ୍କୁ ଗିରଫ କରିବା ସହ ଛାତ୍ରୀଙ୍କୁ ଉଦ୍ଧାର କରିଥିଲେ।

ଉଠାଦୋକାନ ଉଚ୍ଛେଦର ପ୍ରତିବାଦ

ମେୟର୍‌ଙ୍କ ବାସଭବନ ଘେରିଲେ ଉଠାଦୋକାନୀ

ଭୁବନେଶ୍ୱର, ୧୬।୧୦(ସମିସ): ଭୁବନେଶ୍ୱରର ଉଠା ଦୋକାନୀମାନେ ଗୁରୁବାର ମେୟରଙ୍କ ବାସ ଭବନ ଘେରାଉ କରିଛନ୍ତି। ବିଭିନ୍ନ ସ୍ଥାନରୁ ଉଠା ଦୋକାନୀଣାନଙ୍କୁ ଉଚ୍ଛେଦ କରିବା ପ୍ରତିବାଦରେ ଓଡ଼ିଶା ରାସ୍ତା ପାର୍ଶ୍ୱ ଉଠା ଦୋକାନୀ ମହାସଂଘ ପକ୍ଷରୁ ଏହି ଆନ୍ଦୋଳନ କରାଯାଇଛି। କଳ୍ପନା ଛକରୁ ଏକ ବିରାଟ ଶୋଭାଯାତ୍ରା ବାହରି ମେୟରଙ୍କ ବାସ ଭବନ ଆଭିମୁଖେ ଯିବା ସମୟରେ ପୁଲିସ୍ ସହିତ ଧସ୍ତାଧସ୍ତି ହୋଇଛି। ମହାସଂଘର ଉପ

ପୁଲିସ୍ ସହ ଉଠାଦୋକୀନଙ୍କ ଧସ୍ତାଧସ୍ତି

ସଭାପତି ନିରଞ୍ଜନ ପାଣ୍ଡେଙ୍କ ନେତୃତ୍ୱରେ ପ୍ରଦୀପ ସାହୁ, ହରିପଦ ଦାସ, ସୂର୍ଯ୍ୟମଣି ସାହୁ, ସସ୍ମିତା ସାହୁ, ମଞ୍ଜୁଳତା ସାହୁ ପ୍ରମୁଖ ବିଏମ୍‌ସି ଭେଣ୍ଡିଂଜୋନ ଡେପୁଟି କମିଶନର ଅଜୟ କୁମାର ମହାନ୍ତିଙ୍କ ସହିତ ଆଲୋଚନା କରିଥଲେ। ର୍ ଉଠାଦୋକାନ ଉଚ୍ଛେଦକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହିତ ନୂତନ ଟାଉନ୍ ରେଣ୍ଡିଂ ଜୋନ ଗଠନ, ୬୭ଟି ୱାର୍ଡ଼ରେ ଟାଉନ୍ ଲେଣ୍ଡିଂ କମିଟି ଗଠନ, ଫୁଟପାଥର ଏକ ତୃତୀୟାଂଶ ସ୍ଥାନକୁ ଉଠଦୋକାନୀଙ୍କ ପାଇଁ ସଂରକ୍ଷଣ, ପ୍ରବାସୀ ଭାରତୀୟ ବିଶ୍ୱ ହକି ଖେଳ ସମୟରେ ଉଚ୍ଛେଦ ଦୋକାନୀଙ୍କୁ ଥଇଥାନ, ଉଠାଦୋକାନୀଙ୍କୁ ଭେଣ୍ଡିଂ ସାର୍ଟିଫିକେଟ ଓ ଲାଇସେନ୍ସ ପ୍ରଦାନ, ଋଣ ପ୍ରଦାନ କରିବାକୁ ଦାବି କରିଛନ୍ତି। ସେହିପରି ଉଠାଦୋକାନୀଙ୍କ ଠାରୁ ୟୁଜର ଫି. ଟ୍ରେଡ, ଲାଇସେନ୍, ଗ୍ରାଉଣ୍ଡ ରେଣ୍ଟ ଆଦି ଆଦାୟ ଉଚ୍ଛେଦ ସମୟରେ ମହାସଂଘର ସହାୟତା ନିଆଯାଉ ବୋଲି ଦାବି କରିଛନ୍ତି। ଏଥିସହିତ ଅନୁରୂପ ଭାବେ ମୋଟ ୧୯ ଦଫା ଦାବିପତ୍ରକୁ ଡ଼େପୁଟି କମିସନରଙ୍କୁ ପ୍ରଦାନ କରିଛନ୍ତି। ଯେଉଁମାନଙ୍କର ଦୋକାନ ଉଚ୍ଛେଦ କରାଯିବ ସେମାନଙ୍କୁ ଭେଣ୍ଡିଂ ଜୋନ ମାଧ୍ୟମରେ ଥଇଥାନ କରାଯିବା ସହ ପାଣି, ଶୌଚାଳୟ, ବିଜୁଳିର ବ୍ୟବସ୍ଥା କରାଯିବ ବୋଲି କମିସନର ପ୍ରତିଶ୍ରୁତି ଦେଇଛନ୍ତି।

ଦୁର୍ଘଟଣାରେ ମାମୁ, ଭଣଜା ଗୁରୁତର

ଧଉଳି, ୧୬।୧୦(ସମିସ): ଉତ୍ତରା-ବାଳକାଟି ରାସ୍ତା ମଦ କାଉଣ୍ଟର ନିକଟରେ ଏକ ସଡକ ଦୁର୍ଘଟଣାରେ ମାମୁ ଭଣଜା ଗୁରୁତର ଆହତ ହୋଇଛନ୍ତି। ବାଳକାଟି ଅଞ୍ଚଳର ଯୁବ ସ୍ୱେଚ୍ଛାସେବୀ ଇଁ ପ୍ରଭାସ ବାରିକ ଘରକୁ ଫେରୁଥିବା ବେଳେ ଗୁରୁତର ଆହତଙ୍କୁ ସ୍ଥାନୀୟ ବାଳକାଟି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରଥମିକ ଚିକିତ୍ସା ପରେ ଉଭୟ ସୁସ୍ଥ ଥିବା ଜଣାପଡ଼ିଛି। ପ୍ରାପ୍ତ ସୂଚନା ଅନୁଯାୟୀ ପିପିଲି ପୋପରଙ୍ଗା ଅଞ୍ଚଳର ସମୀର ସ୍ୱାଇଁ ତାଙ୍କ ଭଣଜା ନିଆଳି ଅଞ୍ଚଳର ପୀୟୂଷ ପଟ୍ଟସାଣିଙ୍କୁ ଛାଡିବାକୁ ଯାଉଥିଲେ। ସନ୍ଧ୍ୟା ପ୍ରାୟ ୭ ଟାରେ ମଦ କାଉଣ୍ଟର ନିକଟରେ ଜଣେ ବାଇକ୍ ଚାଳକ ହଠାତ ରାସ୍ତା ଉପରକୁ ଚାଲି ଆସିବାରୁ ମୁହାଁମୁହିଁ ଧକ୍କା ହୋଇଥିଲା।

ଚୋରି ଅଭିଯୋଗରେ ୬ ଗିରଫ

ଭୁବନେଶ୍ୱର, ୧୬।୧୦ (ସମିସ): ଚୋରି କରିଥିବା ଅଭିଯୋଗରେ ୬ ଜଣଙ୍କୁ ଗିରଫ କରିଛି କମିସନରେଟ ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ସିଆରପି ମୁଣ୍ଡା ସାହିର ରାକେଶ ମୁଖୀ ଓରଫ୍ ପାଣ୍ଡୁ (୨୨), ଏସକେ ଅବଦୁଲ ୱାହାବ ଓରଫ୍ ବାସା (୩୧), ବୈଦେଶ୍ୱର ଥାନା ମଧୁପଲ୍ଲୀର ପ୍ରହଲ୍ଲାଦ ବେହେରା (୧୯), ବେଗୁନିଆ ଥାନା କେନ୍ଦୁପଲ୍ଲୀର ବ୍ରଜବନ୍ଧୁ ସେନାପତି ଓରଫ୍ ଅନିଲ (୨୯), ପ୍ରଦୀପ ଜେନା (୨୫) ଓ ପଣ୍ଡାକୁଦିଆ ବସ୍ତିର ରବୀନ୍ଦ୍ର ରାଉତ ଓରଫ୍ ରବି (୫୪)।

ପୁଲିସ ସୂଚନା ମୁତାବକ, ବାଳକାଟି ଅଞ୍ଚଳରେ ନିରଞ୍ଜନ ମହାରଣା ଗତ କାଲି ସନ୍ଧ୍ୟାରେ ସିଆରପି ମୁଣ୍ଡା ସାହିରେ ଥିବ ସମ୍ପର୍କୀୟଙ୍କ ଘରକୁ ଆସିଥିଲେ। ଅଟୋଟିକୁ ସର୍ଭିସ ରାସ୍ତାରେ ରଖି ସମ୍ପର୍କୀୟଙ୍କ ଘରକୁ ଯାଇଥିବା ବେଳେ ପାଣ୍ଡୁ ଓ ବାସା ଅଟୋରୁ ବ୍ୟାଟେରି ଚୋରିକରି ନେଇଥିଲେ। ଅଭିଯୋଗ ପାଇବା ପରେ ନୂଆପଲ୍ଲୀ ଥାନା ପୁଲିସ ଇସ୍କନ ବସ୍ତିରୁ ପାଣ୍ଡୁ ଓ ବାସାକୁ କାବୁ କରିବା ସହ ବ୍ୟାଟେରି ଜବତ କରିଥିଲେ।

ଏସ୍‌ଆର୍ ଇଞ୍ଜିନିୟର୍ସର ସୁପର ଭାଇଜର ରଶ୍ମିରଞ୍ଜନ ରାଉତ କୋଳଥିଆ ସ୍ଥିତ ଶ୍ରୀରାମ ଏନକ୍‌ଲେଭରେ ଏକ ଜେନେରେଟର ରଖିଥିଲେ। ଗତମାସ ୩୦ ତାରିଖ ମଧ୍ୟାହ୍ନରେ ପ୍ରହଲ୍ଲାଦ, ବ୍ରଜବନ୍ଧୁ ଓ ପ୍ରଦୀପ ମିଶି ଜେନେରେଟରକୁ ଚୋରିକରି ଅଟୋ ଯୋଗେ ନେଇ ଯାଇଥିଲେ। ଏନେଇ ଅଭିଯୋଗ ହେବାପରେ ଭରତପୁର ଥାନା ପୁଲିସ ୩ ଜଣଙ୍କୁ ଗିରଫ କରିବା ସହ ଜେନେରେଟର ଓ ଅଟୋ ଜବତ କରିଥିଲା।

ପଣ୍ଡାକୁଦିଆ ବସ୍ତିରେ ଥିବା ଏକ ନିର୍ମାଣଧୀନ ପ୍ରକଳ୍ପରୁ ରବୀନ୍ଦ୍ର ଲୁହା ଛଡ ଓ ୧୨, ୦୦୦ ଟଙ୍କା ଚୋରି କରି ନେଇଥିଲା। ସୁପର ଭାଇଜର ଆର୍ତ୍ତତ୍ରାଣ ପେଣ୍ଡୋଇ ଏନେଇ ଅଭିଯୋଗ କରିବା ପରେ ଭରତପୁର ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ଆଜି ରବୀନ୍ଦ୍ରକୁ ଗିରଫ କରିବା ସହ ୩୦ଟି ଲୁହାଛଡ଼ ଓ ପ୍ଲାଏ ଜବତ କରିଥିଲା।

'ମୃତ୍ତିକା-୨୦୨୫'ର ଚତୁର୍ଥ ଦିନ

ଆକର୍ଷଣରେ ଶଙ୍ଖ, ହାତୀ ଓ କଳସୀ ଦୀପ

ବୁଲିଲେ, ସାମଗ୍ରୀ କିଣିଲେ ରାଜ୍ୟପାଳ

ଭୁବନେଶ୍ୱର, ୧୬।୧୦(ସମିସ): ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେଉଥିବା 'ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା-୨୦୨୫' ଚତୁର୍ଥ ଦିନରେ ପହଞ୍ଚିଛି। ପ୍ରଦର୍ଶନୀରେ ରଙ୍ଗବେରଙ୍ଗର ଆକର୍ଷଣୀୟ ଦୀପରେ ନିଜ ଘର କିମ୍ବା ଅଫିସ୍‌କୁ ସଜାଇବାକୁ ମନ ପସନ୍ଦର ଦୀପ କିଣୁଛନ୍ତି ଗ୍ରାହକ। ପ୍ରଦର୍ଶନୀରେ ହ୍ୟାଙ୍ଗିଙ୍ଗ୍ ଦୀପ, ଲଣ୍ଠନ ଦୀପ, ଷ୍ଟୋନ୍ ଦୀପ, ଜିଙ୍କ୍, କୁନ୍ଦନ୍ ଦୀପ ଆଦି ବିକ୍ରି ହେଉଛି। ସେହିପରି ଶଙ୍ଖ, ହାତୀ ଓ କଳସୀ ଦୀପଗୁଡ଼ିକ ମଧ୍ୟ ବେଶ୍ ଆକର୍ଷଣୀୟ ହୋଇଛି। ଦୀପ ଗୁଡ଼ିକର ଦାମ୍ ୫ଟଙ୍କାରୁ ଆରମ୍ଭ ହୋଇ ୨ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ଷ୍ଟୋନ୍ ଦୀପଗୁଡ଼ିକର ଦାମ୍ ଗୋଟାକ ୨୦ ଟଙ୍କାରୁ ଆରମ୍ଭ ହୋଇ ୫୦ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ବ୍ରାଇଡାଲ ଦୀପରେ ମହିଳାମାନେ ନବବଧୂ ସମୟରେ ମୁଣ୍ଡରେ ଓଢ଼ଣୀ ଦେଇ ଦୀପ ଧରିଥିବା ଭଳି ମାଟିରେ ନିର୍ମିତ ଏହି କନିଆ ବା ବ୍ରାଇଡ୍ ଦୀପ ମଧ୍ୟ ବେଶ୍ ଆକର୍ଷଣୀୟ ହୋଇଛି। ଏହାର ଆକୃତି ହିସାବରେ ଦାମ୍ ଗୋଟାକ ୧୫୦ଟଙ୍କାରୁ ଆରମ୍ଭ ହୋଇ ଯୋଡ଼ା ୨୦୦ରୁ୨୫୦ ଟଙ୍କା ରହିଛି। ସେହିପରି ଦୀପ ସାଙ୍ଗକୁ ଘରୋଇ ଉପରକରଣ ଯଥା: ମାଟିର ଫୁଲକୁଣ୍ଡ ଠାରୁ ଆରମ୍ଭ କରି ଫୁଲଦାନୀ, ମାଟି ଘୋଡ଼ା, ହାତୀ, ରାଜସ୍ଥାନୀ ବ୍ୟାଣ୍ଡ, ଭିନ୍ନ ଭିନ୍ନ ପ୍ରଜାତିର ଗଛ, ଟେବୁଲ ଲ୍ୟାମ୍ପ, ଧୂପଦାନୀ, କପ୍, ପ୍ଲେଟ୍, ଗ୍ଲାସ୍, ମଗ୍, ମାସ୍କ, ଫ୍ଲୋଟିଙ୍ଗ୍ ପଟ୍, ଝୁଲା କଳସ, ଝୁଲା ଦୀପ, ଝୁଣା ଦାନୀ, ବିଭିନ୍ନ ଦୋବଦେବୀଙ୍କ ସୁନ୍ଦର ସୁନ୍ଦର ମୂର୍ତ୍ତି ଭଳି ଅନେକ ଘରକରଣା ସାମଗ୍ରୀ କିଣିବାକୁ ସମସ୍ତଙ୍କ ମଧ୍ୟରେ ବେଶ୍ ଉତ୍କଣ୍ଠା ଦେଖିବାକୁ ମିଳିଛି।

ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଗୁରୁବାର ସନ୍ଧ୍ୟାରେ ନିଜର ପତ୍ନୀ ତଥା ପ୍ରଥମ ମହିଳା ଡ଼. ଜୟଶ୍ରୀ କମ୍ଭମପାଟିଙ୍କ ସହ ଇଡକୋ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ଆଦିବାସୀ ମହୋତ୍ସବ ଏବଂ ମୃତ୍ତିକା - ଟେରାକୋଟା ପ୍ରଦର୍ଶନୀ ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ ରାଜ୍ୟପାଳ ବିଭିନ୍ନ ଷ୍ଟଲ୍ ମାଲିକମାନଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ ରାଜ୍ୟପାଳ ସ୍ଥାନୀୟ କୁମ୍ଭକାରମାନଙ୍କ ଦ୍ୱାରା ତିଆରି ମାଟି ଦୀପ ଜଳାଇ ପରିବେଶ ଅନୁକୂଳ ଏବଂ ପାରମ୍ପରିକ ଉପାୟରେ ଦୀପାବଳି ପାଳନ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ ଜଣାଇଛନ୍ତି। ରାଜ୍ୟପାଳ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଦୀପାବଳି ଶୁଭେଚ୍ଛା ଜଣାଇ ଏକ ଆନନ୍ଦଦାୟକ ଏବଂ ସମୃଦ୍ଧ ପର୍ବ କାମନା କରିଛନ୍ତି।

Format C-7

(for political parties to publish in the newspaper, social media platforms & website of the party)

Information regarding individuals with pending criminal cases, who have been selected as candidates, along with the reasons for such selection, as also as to why other individuals without criminal antecedents could not be selected as candidates

(As per the Commission's directions issued in pursuance of the order dated 13.02.2020 of the Hon'ble Supreme Court in contempt petition © no. 2192 of 2018 in W.P.(C) No. 536/2011)

Name of the Political Party: BIJU JANATA DAL
Name of the Election: BYE- ELECTION TO THE STATE LEGISLATIVE ASSEMBLY OF ODISHA -2025
Name of the State: ODISHA

(1) Name of the Constituency - 71-NUAPADA AC

Name of the Candidate – SMT. SNEHANGINI CHHURIA

Sl. No.			
1.	Criminal Antecedents		
	a.	Nature of the Offence	i. Non-Bailable ii. Non-Bailable iii. Non-Bailable iv. Non-Bailable
	b.	Case No.	i. Bargarh Town PS Case No-36/25 ii. Bargarh Town PS Case No-37/25 iii. Bargarh Town PS Case No-38/25 iv. Bargarh Rural PS Case No-11/25
	c.	Name of the Court	All cases are pending in SDJM Bargarh, District Bargarh
	d.	Whether charges have been framed or not (Yes/No)	i. No ii. No iii. No iv. No
	e.	Date of Conviction, if any	Not Applicable
	f.	Details of punishment undergone, if any	Not Applicable
	g.	Any other information required to be given	All cases posted for appearance
2.	The reasons for the selection of the candidate. Selection shall be with reference to the qualifications, achievements and merit of the candidates and not mere "winnability" at the polls (Not more than 100 words)		The candidate is a dynamic SC women leader, having huge public contact and popularity in this state of Odisha and she has worked hard in bringing social upliftment, particularly for the women, poor and downtrodden and still have zeal and eagerness to bring perceptible changes in the living standard of the people. She is highly qualified with Post Graduate and BED degrees to her credit.
3.	Reasons as to why other individuals without criminal antecedents could not be selected as candidates (not more than 100 words)		In consideration of the above merits, her selection as a candidate to the **71-NUAPADA Assembly Constituency** is more justified than other individuals without criminal antecedents.

(2) Name of the Constituency - 71-NUAPADA AC

Name of the Candidate – SMT. SNEHANGINI CHHURIA

..... and so on

* In the case of election to Council of States or States or election to Legislative Council by MLAs, mention the election concerned in place of name of Constituency.

Sd/-
DEBIPRASAD MISHRA
SENIOR VICE-PRESIDENT,
BIJU JANATA DAL, ODISHA

କମିସନରେଟ୍ ପୁଲିସ ପକ୍ଷରୁ କାଳୀ ପୂଜା ସମୀକ୍ଷା ବୈଠକ

ଗୁଜବରେ ନୁହେଁ; ଭାଇଚାରା ବଜାୟ ରଖ: ପୁଲିସ କମିସନର

ହେଲାନି ରୁଟ୍ ପରିବର୍ତ୍ତନ: 'ସାଇଲେଣ୍ଟ ଜୋନ୍' ଓ ଶୃଙ୍ଖଳାକୁ ଗୁରୁତ୍ୱ

ଦରଘାବଜାର ଅଞ୍ଚଳରେ ରହିବ କଡ଼ା ସୁରକ୍ଷାର ବଳୟ

ମେଢ଼ ଶୋଭାଯାତ୍ରାକୁ ଲମ୍ବା ନ କରିବାକୁ ଡିସିପିଙ୍କ ପରାମର୍ଶ

କଟକ,୧୬ ।୧୦(ସମିସ): ଡିଜେ ସାଉଣ୍ଡ ସିଷ୍ଟମ୍‌କୁ ଭସାଣିରେ ବ୍ୟବହାର କରିବାକୁ ଅନୁମତି ଦିଆଯିବ ନାହିଁ। ଭସାଣିରେ ଲେଜର ଲାଇଟ୍ କିମ୍ବା ଫାୟାର ଗନ୍ ବ୍ୟବହାର କରାଯାଇପାରିବ ନାହିଁ। ଏଠାରେ ପାରମ୍ପରିକ ବାଦ୍ୟକୁ ଅଧିକ ପ୍ରାଧାନ୍ୟ ଦିଆଯିବ। ପୂର୍ବରୁ ଦୁର୍ଗାପୂଜା ଭସାଣିରେ ହୋଇଥିବା ବିଶୃଙ୍ଖଳା ଓ ପରେ ସହରରେ କର୍ଫ୍ୟୁ ଘଟଣାକୁ ଗୁରୁତର ସହିତ ପୁଲିସ ଗ୍ରହଣ କରିଛି। କାଳୀପୂଜାରେ ଯେମିତି କୌଣସି ବିଶୃଙ୍ଖଳା ନ ହୁଏ ସେଥିପ୍ରତି ପୁଲିସ ସଜାଗ ରହିଛି। କୌଣସି ଗୁଜବରେ ବିଶ୍ୱାସ ନକରି 'ଭାଇଚାରା' ବଜାୟ ରଖିବାକୁ ଆଜି କାଳୀପୂଜା ପାଇଁ ପୁଲିସ ପକ୍ଷରୁ ଆୟୋଜିତ ସମନ୍ୱୟ ବୈଠକରେ ପୁଲିସ କମିସନର ଏସ୍.ଦେବଦତ୍ତ ସିଂହ କହିଛନ୍ତି। ସହରର କେତେକ ସ୍ଥାନକୁ ହାଇକୋର୍ଟ "ସାଇଲେଣ୍ଟ ଜୋନ' ଘୋଷଣା କରିଛନ୍ତି। ତନ୍ମଧ୍ୟରେ ମେଢ଼ ଆସୁଥିବା ରୁଟ୍‌ରେ ଚାନ୍ଦିନୀଚୌକ୍, ହାଇକୋର୍ଟ ଛକ, ହାଓଡା ମୋଟର୍ସ ଛକ ଓ ସିଟି ହସ୍ପିଟାଲ୍ ଆଖପାଖ ଅଞ୍ଚଳ ରହିଛି। ଏହି ସବୁ ସ୍ଥାନରେ ୧୦୦ ମିଟର ପର୍ଯ୍ୟନ୍ତ ଅଞ୍ଚଳରେ ସାଉଣ୍ଡ ସଂପୂର୍ଣ୍ଣ ବନ୍ଦ ରହିବ। ଉକ୍ତ ଅଞ୍ଚଳ ପାଇଁ ପୁଲିସ ଭସାଣି ପୂର୍ବରୁ ମାର୍କିଂ କରିବ ବୋଲି ସୂଚନା ମିଳିଛି। ତେବେ ସୁନା-ଚାନ୍ଦି ମେଢ଼ରେ ନିଜସ୍ୱ ବା ବେସରକାରୀ ସୁରକ୍ଷା କର୍ମୀ କମିଟି ପକ୍ଷରୁ ରଖାଯାଉ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ମେଢ଼ ଶୋଭାଯାତ୍ରାକୁ ଲମ୍ବା ନ କରିବାକୁ ଡିସିପି ଖିଲାରୀ ରଷିକେଶ ଦ୍ୟାନଦେଓ ପରାମର୍ଶ ହେଇଛନ୍ତି।

ବୈଠକରେ ପୁଲିସ କମିସନର ଶ୍ରୀ ସିଂହଙ୍କ ଅଧ୍ୟକ୍ଷତା କରିଥିଲେ। ତେବେ ପୂଜାକୁ ନେଇ ଏହି ଅବସରରେ ବିଭିନ୍ନ ପ୍ରସ୍ତାବ ଆସିବା ସହିତ ତାହାକୁ ପାଳନ କରିବା ପାଇଁ ନିଷ୍ପତ୍ତି ମଧ୍ୟ ହୋଇଛି। ପୂର୍ବରୁ ହୋଇଥିବା ଗଣ୍ଡଗୋଳ ସ୍ଥାନରେ ଉଭୟ ପକ୍ଷ ମଧ୍ୟରେ ପୁଲିସ ଓ ପ୍ରଶାସନ ପକ୍ଷରୁ ଏକ ସମନ୍ୱୟ ବୈଠକ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ତେବେ ଚଳିତ ମାସ ୨୦ ତାରିଖରୁ କାଳୀ ମା'ଙ୍କ ପୂଜା ଆରମ୍ଭ ହେବ। ଆସନ୍ତା ୨୪ ତାରିଖରେ ତାରିଖରେ ଭସାଣି ଆୟୋଜିତ ହେବ ବୋଲି ସୂଚନା ଦିଆଯାଇଛି। ପୂଜା ମଣ୍ଡପ ପାଇଁ ଅନୁମତି, ଭସାଣି ପାଇଁ ଅନୁମତି କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଆବଶ୍ୟକୀୟ ଲାଇସେନ୍ସ ପୁଲିସଠାରୁ ସିଙ୍ଗଲ୍ ୱିଣ୍ଡୋରେ ମିଳିବ। ସବୁ ମଣ୍ଡପରେ ଅଗ୍ନିସୁରକ୍ଷା ଉପକରଣ ରଖିବା ବାଧ୍ୟତାମୂଳକ। ମଣ୍ଡପ ଓ ସାଜସଜ୍ଜାରେ ନୂଆ ତଥା ଉନ୍ନତମାନର ବିଦ୍ୟୁତ୍ ତାର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ଚାନ୍ଦା ଆଦାୟ ଉପରେ ପୂର୍ବଭଳି ଏ ବର୍ଷ ମଧ୍ୟ ପୁଲିସ କଟକଣା ଜାରି ରଖିଛି। ପୂଜା ନାଁରେ କାହାଠାରୁ ଜବରଦସ୍ତ ଚାନ୍ଦା ମଗାଯାଇପାରିବ ନାହିଁ। କେହି ମାଗିଲେ ପୁଲିସ କାର୍ଯ୍ୟାନୁଷ୍ଠାନ ନେବ ବୋଲି ଚେତାଇଛି। ରାସ୍ତାକୁ ସଫସୁତରା ରଖିବା, ସ୍ୱଚ୍ଛତାକୁ ଅଧିକ ଗୁରୁତ୍ୱ ଦେବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଛି। ଅଧିକ ମୋବାଇଲ୍ ଟଏଲଟ୍ ସହର ତମାମ୍ ରଖାଯିବ। ଭସାଣିକୁ ନିଶାମୁକ୍ତ କରିବାକୁ ଆହ୍ୱାନ ଦିଆଯାଇଛି। ପୂର୍ବ ବର୍ଷଭଳି ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଅନୁମତି ଆଣି ରାତି ୧୨ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭସାଣି ଅନୁଷ୍ଠିତ ହେବ। ରାତି ୧୨ପରେ ମାଇକ୍ ଓ ବ୍ୟାଣ୍ଡର ସାଉଣ୍ଡ ବନ୍ଦ କରି କେବଳ ପାରମ୍ପରିକ ବାଦ୍ୟରେ ଭସାଣି ଆଗକୁ ବଢ଼ିବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ଅତିରିକ୍ତ ପୁଲିସ କମିସନର ନରସିଂହ ଭୋଳ, ମେୟର ସୁବାସ ସିଂହ, ବିଧାୟକ ସୋଫିଆ ଫିର୍‌ଦୋଷ, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରୀ ଦାସ, ପୂର୍ବାଞ୍ଚଳ ଶାନ୍ତିକମିଟି ସଭାପତି ବିଜୟ ସାହୁ, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ସାହୁ, ସମ୍ପାଦକ ପ୍ରଫୁଲ୍ଲ ସାହୁ, ସିଏମ୍‌ସି କମିସନର କିରଣଦୀପ୍ କୌର ସହୋତା ପ୍ରମୁଖ ଉପସ୍ଥିତ ଥିଲେ।

କରଣ ସମାଜର ଚିତ୍ରଗୁପ୍ତ ଜୟନ୍ତୀ ପ୍ରସ୍ତୁତି

ବଡମ୍ବା,୧୬।୧୦(ସମିସ): ବଡମ୍ବା କରଣ ସମାଜର ଇଷ୍ଟ ଦେବତା ଭଗବାନ ଚିତ୍ରଗୁପ୍ତଙ୍କ ଜନ୍ମ ଜୟନ୍ତୀ ଉତ୍ସବ ଆସନ୍ତା ୨୩ ତାରିଖରେ ପାଳନ ହେବ। ଏହି ଅବସରରେ ପ୍ରସ୍ତୁତି ବୈଠକ ନିଜିଗଡ଼ ବଡମ୍ବାସ୍ଥିତ ଗୁଣ୍ଡିଚାବାଡ଼ି ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବଡମ୍ବା କରଣ ସମାଜର କାର୍ଯ୍ୟକାରୀ ସଭାପତି ଚିନ୍ମୟ ପଟ୍ଟନାୟକଙ୍କ ପୌରହିତ୍ୟରେ ଆୟୋଜିତ ବୈଠକରେ ଆସନ୍ତା ୨୩ ତାରିଖରେ ପୂଜା କାର୍ଯ୍ୟ କିପରି ସୁରୁଖୁରୁରେ କରାଯିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ସମ୍ପାଦକ ବୈକୁଣ୍ଠନାଥ ମହାନ୍ତି, କୋଷାଧ୍ୟକ୍ଷ ନାରାୟଣ ମହାନ୍ତି, ବରିଷ୍ଠ ସଦସ୍ୟ ଶାରଦା ଚରଣ ଦାସ, ଶେଷଦେବ ପଟ୍ଟନାୟକ, ଫକୀରମୋହନ ଦାସ, ପ୍ରକାଶ ପଟ୍ଟନାୟକ, ଦେବ ନାରାୟଣ ମହାନ୍ତି, ଚିନ୍ମୟ ମହାନ୍ତି, ମନୋଜ ପଟ୍ଟନାୟକ, ପ୍ରବୀଣ ପଟ୍ଟନାୟକ, ସଞ୍ଜୀବ ପଟ୍ଟନାୟକ ପ୍ରମୁଖ ମତ ଦେଇଥିଲେ। ଶାରଦା ଚରଣ ଦାସ ଧନ୍ୟବାଦ ଦେଇଥିଲେ।

କୁହୁଣ୍ଡା ବିକାଶ ପରିଷଦ ୱାର୍ଡ କମିଟି ଗଠନ

ମାହାଙ୍ଗା,୧୬।୧୦(ସମିସ): କୁହୁଣ୍ଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୧୩ଟି ୱାର୍ଡରୁ ମାହାଙ୍ଗା ବିକାଶ ପରିଷଦର ଶତାଧିକ ସକ୍ରିୟ ସଦସ୍ୟଙ୍କୁ ନେଇ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ସରକାରଙ୍କ ବିଭିନ୍ନ ଯୋଜନାକୁ ୱାର୍ଡସ୍ତରରେ ସୁଚାରୁ ଭାବେ କାର୍ଯ୍ୟକାରୀ କରାଯିବା ଉପରେ ଏହି ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ସ୍ଥାନୀୟ ବିଧାୟକ ଶାରଦା ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ମାହାଙ୍ଗା ବ୍ଲକର ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ୱାର୍ଡ କମିଟି ଗଠନ ଅଭିଯାନ ଜାରି ରହିବା ଦେଖିବାକୁ ମିଳିଛି। କୁହୁଣ୍ଡା ପଞ୍ଚାୟତ ସମିତିସଭ୍ୟାଙ୍କ ପ୍ରତିନିଧି ତଥା କୁହୁଣ୍ଡା ବିକାଶ ପରିଷଦର ପରାମର୍ଶଦାତା ଅଖିଳେଶ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ କୁହୁଣ୍ଡା ପଞ୍ଚାୟତ ବିକାଶ ପରିଷଦର ସଭାପତି ନିରଞ୍ଜନ ମୁଦୁଲି ଯୋଗଦେଇ ସମସ୍ତ ସକ୍ରିୟ ସଦସ୍ୟଙ୍କୁ ନିସ୍ୱାର୍ଥପର ଭାବେ କାର୍ଯ୍ୟ କରିବା ପାଇଁ ଗଠନମୂଳକ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ୱାର୍ଡରେ ସର୍ବନିମ୍ନ ୫ରୁ ୭ ଜଣ ସକ୍ରିୟ କର୍ମୀଙ୍କୁ ନେଇ ୧୩ଟି ୱାର୍ଡ କମିଟି ଗଠନ କରାଯାଇଥିଲା। ଏହି କମିଟିରେ ମହିଳା, ଯୁବକ, ଦଳିତ ଏବଂ ସଂଖ୍ୟାଲଘୁ ବର୍ଗର ପ୍ରତିନିଧିତ୍ୱ ରଖାଯାଇଥିବା ସୂଚନା ମିଳିଛି। ପଞ୍ଚାୟତର ସାମୁହିକ ବିକାଶ ପାଇଁ ଏହିସବୁ କମିଟି ଗୁଡିକ ତୃଣମୂଳସ୍ତରରୁ କିପରି ସଂଗଠିତ ଭାବେ କାର୍ଯ୍ୟ କରିବ, ଏହା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଗୌରୀଶଙ୍କର ମହାପାତ୍ର ଧନ୍ୟବାଦ ଦେଇଥିଲେ।

ରାଜ୍ୟରେ ୧୬ ଲକ୍ଷ ହିତାଧିକାରୀ କରି ପାରିଲେନି ଇ-କେୱାଇସି

ତର୍ଜମା କରନ୍ତୁ ସରକାର: ଡିଲର୍ସ ଆସୋସିଏସନ୍

କଟକ,୧୬।୧୦(ସମିସ): ସାରା ରାଜ୍ୟରେ ଇ-କେୱାଇସି କରିବାକୁ ସକ୍ଷମ ହୋଇ ପାରି ନ ଥିବା ହିତାଧିକାରୀଙ୍କ ସଂଖ୍ୟା ହେଉଛି ୧୬ ଲକ୍ଷ ୨ ହଜାର ୨୮୪। ସେଥିମଧ୍ୟରୁ ଉନ୍ନତ ନେଟୱାର୍କର ସୁବିଧା ଥିବା କଟକ ଜିଲ୍ଲାରେ ଇ-କେୱାଇସି କରିବାକୁ ସକ୍ଷମ ହୋଇ ପାରି ନ ଥିବା ହିତାଧିକାରୀଙ୍କ ସଂଖ୍ୟା ହେଉଛି ୯୦, ୪୬୬। ସବୁ ପ୍ରକାରର ସୁବିଧା ସୁଯୋଗ ଥାଇ ଯଦି କଟକ ଭଳି ଜିଲ୍ଲାରେ ଏତେ ସଂଖ୍ୟକ ହିତାଧିକାରୀ ଇ-କେୱାଇସି କରିବାକୁ ସକ୍ଷମ ହୋଇପାରିଲେ ନାହିଁ ତେବେ ରାଜ୍ୟର ଉପାନ୍ତ ଅଞ୍ଚଳର ଅବସ୍ଥା କ'ଣ ହୋଇଥିବ ଏହା ସହଜେ ଅନୁମେୟ। ହେଲେ ଏଠି ପ୍ରଶ୍ନ ଉଠୁଛି ଏତେ ସଂଖ୍ୟକ ହିତାଧିକାରୀ ମାନେ କାହିଁକି ଇ-କେୱାଇସି କରିବାକୁ ସକ୍ଷମ ହୋଇ ପାରିଲେ ନାହିଁ ସେ ସମ୍ପର୍କରେ ଯୋଗାଣ ବିଭାଗ କାରଣ ଖୋଜିଛି କି ? କେଉଁ କାରଣ ପାଇଁ ଏତେ ସଂଖ୍ୟକ ହିତାଧିକାରୀ ରହିଗଲେ ବିଭାଗ ତର୍ଜମା କରି ଦେଖିଛି କି। ଯଦି ଏତେ ସଂଖ୍ୟକ ହିତାଧିକାରୀ ଇ-କେୱାଇସି କରି ପାରିଲେ ନାହିଁ କିମ୍ବା ଏ ଭଳି କୌଣସି ହିତାଧିକାରୀ ନାହାଁନ୍ତି ତେବେ ବର୍ଷ ବର୍ଷ ଧରି ଏମାନଙ୍କ ସାମଗ୍ରୀ ନେଉଥିଲା କିଏ? ଆଉ ଯଦି ଏମାନେ ସବୁ ଅଛନ୍ତି ଏବଂ କୌଣସି କାରଣରୁ ଇ-କେୱାଇସି କରିପାରି ନାହାଁନ୍ତି ତେବେ ଏମାନଙ୍କ ପାଇଁ ସରକାର କି ବିକଳ୍ପ ବ୍ୟବସ୍ଥା କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଯେତେବେଳେ ଇ-କେୱାଇସି କାର୍ଯ୍ୟ ଚାଲିଥିଲା ସେତେବେଳେ ବହୁ ସଂଖ୍ୟାରେ ହିତାଧିକାରୀ ଅଭିଯୋଗ କରୁଥିଲେ ଯେ ଖୁଚୁରା ବିକ୍ରୟ କେନ୍ଦ୍ରରେ ଥିବା ଇ-ପିଓଏସ ମେସିନରେ ସେମାନଙ୍କ ଆଙ୍ଗୁଳି ଛାପ ମେଳକ ହୋଇପାରୁ ନାହିଁ ତ କାହାର ଆଖି ଡୋଳା ମେଳକ ହୋଇପାରୁ ନାହିଁ କାରଣ ଥିଲା ବୟସାଧିକ କାରଣ, ଅପଡେଟ ହୋଇ ନ ଥିବା ଆଧାର କାର୍ଡ, ଶଯ୍ୟାଶାୟୀ ବୃଦ୍ଧବୃଦ୍ଧା, ଶାରୀରିକ ଅକ୍ଷମଥିବା ଦିବ୍ୟାଙ୍ଗ, ତଥା ଅସୁସ୍ଥତା ଏବଂ ଦଶ ବର୍ଷରୁ କମ ପିଲାମାନେ। ହେଲେ ଏମାନଙ୍କ ପାଇଁ ସରକାର କୌଣସି ବିକଳ୍ପ ବ୍ୟବସ୍ଥା କଲେ ନାହିଁ ଯାହା ଫଳରେ ଆଗାମୀ ମାସରୁ ସେମାନଙ୍କୁ ଚାଉଳ ମିଳିବ ନାହିଁ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ଘୋଷଣା କରିଛନ୍ତି। ସେଥିପାଇଁ ଯୋଗ୍ୟଥିବା ଜଣେ ବି ହିତାଧିକାରୀ ଯେପରି ଏଥିରେ ବାଦ ନ ପଡୁ ସେଥିପ୍ରତି ସରକାର ଓ ଯୋଗାଣ ବିଭାଗ ଯଥେଷ୍ଟ ଯତ୍ନବାନ ହୁଅନ୍ତୁ ବୋଲି ଓଡ଼ିଶା ଫେୟାର ପ୍ରାଇସ୍ ସପ୍ ଡିଲର୍ସ ଆସୋସିଏସନର ସାଧାରଣ ସମ୍ପାଦକ ସୈୟଦ୍ ଏକ୍ରାମ ହୁସେନ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।



ସ୍ୱର୍ଗତ ରଘୁନାଥଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ଟାଙ୍ଗୀ,୧୬ ।୧୦(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଶାଳଗାଁ ପଞ୍ଚାୟତ କଉଡିଆପଡା ଗ୍ରାମର ବରିଷ୍ଠ ନାଗରିକ ସ୍ୱର୍ଗତ ରଘୁନାଥ ମାଝୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା କମଙ୍ଗରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ରହ୍ମପୁର ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଜଗନ୍ନାଥ ଦାସ, ସଫା ପଞ୍ଚାୟତ ପ୍ରାକ୍ତନ ସରପଞ୍ଚ ପ୍ରଫୁଲ୍ଲ ନାୟକ, ଶିକ୍ଷାବିତ ଜୀବନ ସ୍ୱାଇଁ, ସମାଜସେବୀ ପ୍ରମୋଦ ଜଟ, ଉଦ୍ୟାନବିତ ପ୍ରଶାନ୍ତ ବସ୍ତିଆ ଓ ସକାଳ ସାମ୍ବାଦିକ ଗଙ୍ଗାଧର ବେହେରାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ମାଝୀଙ୍କ ଗୁଣଗାନ କରିଥିଲେ। କାର୍ଯ୍ୟକ୍ରମରେ ଜ୍ୟେଷ୍ଠ ପୁତ୍ର ଗୌରାଙ୍ଗ ଚରଣ ମାଝୀ ଓ କନିଷ୍ଠ ପୁତ୍ର ବିଷ୍ଣୁ ଚରଣ ମାଝୀ ଅତିଥି ଚର୍ଚ୍ଚା କରୁଥିବାବେଳେ ନାତି ଦୀପକ ମାଝୀ, ତପନ ମାଝୀ, ପପୁ ଓ ସୌମ୍ୟ ରଞ୍ଜନ ପଲେଇଙ୍କ ସମେତ ସମସ୍ତ ବନ୍ଧୁ ଓ ପରିବାରବର୍ଗ ସହଯୋଗ କରିଥିଲେ।



ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ୱ ମଞ୍ଜୁଳା ପାତ୍ର
କଟକ, ବିଡାନାସୀ ନୂଆସାହି, ସାଇରାମ ଲେନ୍
ଆବିର୍ଭାବ: ୦୨.୦୧.୧୯୭୨
ତିରୋଧାନ: ୨୭.୧୦.୨୦୨୪
(ରମା ଏକାଦଶୀ)

ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଅଶେଷ ତ୍ୟାଗ ଆମ ପାଇଁ ପ୍ରେରଣାର ଉତ୍ସ ହୋଇରହିବ। ପ୍ରଭୁ ଶ୍ରୀଜଗନ୍ନାଥ ତୁମଙ୍କୁ ତାଙ୍କ ନିକଟରେ ଆଶ୍ରିତ କରି ସର୍ବଦା ଶାନ୍ତି ପ୍ରଦାନ କରୁଥାନ୍ତୁ, ଏତିକି କାମନା।

ଶୋକସନ୍ତପ୍ତ: ସ୍ୱାମୀ- ଭାସ୍କର, ଝିଅ- ଅନିନ୍ଦିତା, ପୁଅ- ଅଂଶୁମାନ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ରଗଡ଼ିପଡ଼ା କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ବଡମ୍ବା,୧୬।୧୦(ସମିସ): ରଗଡ଼ିପଡ଼ା ନୋଡାଲ କ୍ଲଷ୍ଟର ଅନ୍ତର୍ଗତ ଚମ୍ପେଇଦ୍ୱାର ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟ ପ୍ରାଙ୍ଗଣରେ ଚମ୍ପେଇଦ୍ୱାର ଗଡାପୋଖରୀ ଉଚ୍ଚ ବିଦ୍ୟାଳୟ ଓ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟଦ୍ୱୟର ପ୍ରଧାନଶିକ୍ଷକ ଦିଲ୍ଲୀପ ପଣ୍ଡା ଓ ରମେଶ ଚନ୍ଦ୍ର ବେହେରାଙ୍କ ସହଯୋଗରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ସମାପନ ହୋଇଛି। କ୍ଲଷ୍ଟର ସଂଯୋଜକ ସୁରସୁନ୍ଦର ଶତପଥୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ବଡମ୍ବା ନରସିଂହପୁର ମଣ୍ଡଳ ଶିକ୍ଷାଧିକାରୀ ପ୍ରକାଶ ଚନ୍ଦ୍ର ମତଗଜ ସିଂହ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ବଡମ୍ବା ମଣ୍ଡଳ ସହ ଶିକ୍ଷାଧିକାରୀ ବିବେକାନନ୍ଦ ସାହୁ, ବିଶିଷ୍ଟ ଅତିଥିଭାବେ ଦିନିଆରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ସନାତନ ବେହେରା, ସମ୍ମାନିତ ଅତିଥିଭାବେ ବଡମ୍ବା ମଣ୍ଡଳ ପ୍ରାକ୍ତନ ସହ ଶିକ୍ଷାଧିକାରୀ ନରେନ୍ଦ୍ର ରଥ, ବଡମ୍ବା ମଣ୍ଡଳ ସହ ଶିକ୍ଷାଧିକାରୀ ଶିବ ପ୍ରସାଦ ବ୍ରହ୍ମା, ସହ ଶିକ୍ଷାଧିକାରିଣି ସୁଷମା ମଞ୍ଜରୀ ମହାଳିକ, ସମାଜସେବୀ ନିଗମାନନ୍ଦ ନାୟକ, ସିନେ କଳାକାର ମନୋରଞ୍ଜନ ମହାନ୍ତି, ଶିଳ୍ପୀ ସଂଜୀବିତା, ବିଶିଷ୍ଟ ପାଲାଗାୟକ ମାୟାଧର ଶତପଥୀ ପ୍ରଭୃତି ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ୮ଟି ବିଦ୍ୟାଳୟରୁ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ "ଶିଶୁ ମହୋତ୍ସବ ସୁରଭି' କାର୍ଯ୍ୟକ୍ରମରେ ଭାଗ ନେଇଥିବା ବେଳେ କନିଷ୍ଠ ଓ ବରିଷ୍ଠ ବିଭାଗରେ ପ୍ରାୟ ୨୦ଟି ପ୍ରତିଯୋଗିତା ହୋଇଥିଲା। ଚିତ୍ରାଙ୍କନ, ସୃଜନଶୀଳ ଲିଖନ, ତର୍କ, ବକ୍ତୃତା, କୁଇଜ, ସୁନ୍ଦର ହସ୍ତାକ୍ଷର ଓ ବିଶେଷ କରି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ଛାତ୍ର ଓ ଛାତ୍ରୀମାନଙ୍କ ପାଇଁ ଗଳ୍ପ କଥନ, ଚିତ୍ରାଙ୍କନ ଓ ଗଣିତ ଦୌଡ଼ ପ୍ରତିଯୋଗିତା ମାନ ହୋଇଥିଲା ଯାହା ଚଳିତ ବର୍ଷ ସୁରଭିକୁ ବହୁତ ବୁଦ୍ଧିମନ୍ତ କରିଥିଲା। କାର୍ଯ୍ୟକ୍ରମକୁ ଚମ୍ପେଇଦ୍ୱାର ଗଡାପୋଖରୀ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ବେହେରା ସଂଯୋଜନା କରିଥିଲେ।

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ୱ ସୁମତୀ ପଟ୍ଟନାୟକ
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ
(ଗାନ୍ଧୀ ନଗର, ୨ୟ ଗଳି, ବ୍ରହ୍ମପୁର)
ଧରାବତରଣ: ୨୮.୦୫.୧୯୫୧
ସ୍ୱର୍ଗାରୋହଣ: ୨୭.୧୦.୨୦୨୪

ଏହାରି ଭିତରେ କେତେବେଳେ ଏକ ବର୍ଷ ବିତିଗଲାଣି ଜମା ବିଶ୍ୱାସ କରି ହେଉନି, ଆମ ଅନ୍ତରର କୋହ ଓ ଆଖିର ଲୁହ ଏ ପର୍ଯ୍ୟନ୍ତ ଶୁଖୁନି। ତୁମ ଅନୁପସ୍ଥିତିକୁ ଆମେ ପ୍ରତ୍ୟେକ ମୁହୂର୍ତ୍ତରେ ମର୍ମେ ମର୍ମେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା, କର୍ତ୍ତବ୍ୟପରାୟଣତା, କଠିନ ପରିଶ୍ରମ, ଧର୍ମୀୟ ଭାବନା, ବିଦ୍ୟାଳୟ ଓ କାର୍ଯ୍ୟାଳୟରେ ସାଙ୍ଗଠନିକ ଦକ୍ଷତା ଓ ସଠିକ୍ ମାର୍ଗ ଦର୍ଶନ ସର୍ବଦା ଆମମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହୁ।

ଶୋକସନ୍ତପ୍ତ : ସ୍ୱାମୀ: ଶରତ
ପୁତ୍ର: ଆୟୁଷ୍ମାନ୍ ଜଗନ୍ନାଥ
ପୁତ୍ରବଧୂ: ସୌଭାଗ୍ୟବତୀ ମୋନାଲିସା ଓ ନାତି: ଆୟୁଷ୍ମାନ୍ ବରଦାନ ତଥା ବନ୍ଧୁବର୍ଗ ସମେତ।

କଟକରେ ଦିବସବ୍ୟାପୀ ପ୍ରାୟଶ୍ଚିତ ଓ ସଂକଳ୍ପ ସତ୍ୟାଗ୍ରହ

କଟକ,୧୬।୧୦(ସମିସ): କଟକରେ ସ୍ଥାୟୀରୂପେ ଶାନ୍ତି, ସଦଭାବନା ଓ ଭାଇଚାରା ସ୍ଥାପନ ନିମନ୍ତେ ଗାନ୍ଧୀ ଭବନ ପରିସରରେ କଟକ ଶାନ୍ତି ସଦଭାବନା ସମିତି ପକ୍ଷରୁ ପ୍ରାୟଶ୍ଚିତ ଓ ସଂକଳ୍ପ ସତ୍ୟାଗ୍ରହ ସମ୍ପନ୍ନ ହୋଇଯାଇଛି। ଜଷ୍ଟିସ ମନୋରଞ୍ଜନ ମହାନ୍ତି ଓ ଡ଼ ସତ୍ୟ ରାୟଙ୍କ ମିଳିତ ଅଧ୍ୟକ୍ଷତାରେ ଏହି ସତ୍ୟାଗ୍ରହର ଶୁଭାରମ୍ଭ ଗାନ୍ଧୀଜୀଙ୍କ ସର୍ବଧର୍ମ ପ୍ରାର୍ଥନାରୁ ଆରମ୍ଭ ହୋଇଥିଲା। ଭାଇଚାରା ତଥା ଶାନ୍ତି ଓ ସଂପ୍ରିତୀ ସ୍ଥାପନ ନିମନ୍ତେ ବିଭିନ୍ନ ସମ୍ପ୍ରଦାୟର ଲୋକେ ଗାନ୍ଧୀ ଭବନରେ ଏକତ୍ରିତ ହୋଇଥିଲେ। ବିଗତ ହିଂସାକୁ ରୋକିବା ପାଇଁ ନାଗରିକ ସମାଜ ବିଫଳ ହୋଇଥିବାରୁ ପ୍ରାୟଶ୍ଚିତ କରିବା ତଥା ଆଗକୁ ଗାନ୍ଧୀଙ୍କ ଭଳି ନିଜ ଜୀବନକୁ ବାଜି ଲଗାଇ ବିଦ୍ୱେଷକୁ ରୋକିବାକୁ ସଂକଳ୍ପ କରିବା ନିମନ୍ତେ ସକାଳ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଏହି ସତ୍ୟାଗ୍ରହ ଅନୁଷ୍ଠିତ ହୋଇଥିଲା। ସହରରେ ସାମ୍ପ୍ରଦାୟିକ ସଦ୍ଭାବମୂଳକ ପଥପ୍ରାନ୍ତ ନାଟକ ଓ ଦିନିକିଆ ଯୁବ ଶିବିର ଆୟୋଜନ କରାଯିବା ସ୍ଥିର ହୋଇଛି। ଦିବସବ୍ୟାପୀ ସତ୍ୟାଗ୍ରହରେ ଶୈଳଜ ରବି, କ୍ଷୀରୋଦ ରାଉତ, ବିଜୟ ପଡ଼ିଆରୀ, ଦୀପାୟନ ପଟ୍ଟନାୟକ, ବିଜୟ ଓଝା, ଜୟନ୍ତ ଦାସ, ଦେବ ପ୍ରାସାଦ ରାୟ, ଅର୍ଚ୍ଚନା ରାଣୀ ଭୂୟାଁ, ସେକ କଲିମୁଦ୍ଦିନ ଅହମ୍ମଦ, ଅଧ୍ୟାପକ ଓଁକାର ରାଉତ, ବିଶ୍ୱଜିତ ପାଣି, ପ୍ରିୟରଞ୍ଜନ ମହାପାତ୍ର, ସୁଶାନ୍ତ ମହାପାତ୍ର, ସକିଲ ଅହମ୍ମଦ, ବିରୁପାକ୍ଷ ତ୍ରିପାଠୀ, ସିରାଜୁଲ ଅମିନ, ଉମା ଶଙ୍କର ମିଶ୍ର, ବ୍ରଜ କିଶୋର ନନ୍ଦ ପ୍ରମୁଖ ଶତାଧିକ ଲୋକେ ସାମିଲ ହୋଇଥିଲେ। କଟକ ମେୟର ସୁବାସ ସିଂହ ଓ ପ୍ରାକ୍ତନ ବିଧାୟକ ଇଂ ମହମ୍ମଦ ମୋକିମ ମଧ୍ୟ ଏହି ସତ୍ୟାଗ୍ରହକୁ ସମର୍ଥନ କରି ସାମିଲ ହୋଇଥିଲେ। ଡା. ବିଶ୍ୱଜିତ ସଭା ସଞ୍ଚାଳନ କରିଥିଲେ ଓ ହରିହର ସେନ ଧନ୍ୟବାଦ ଦେଇଥିଲେ।

କଟକ ସିଟି

ନବୀନ ପଟ୍ଟନାୟକଙ୍କ ଜନ୍ମଦିନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

କଟକ,୧୬।୧୦(ସମିସ): ବିଜୁ ଜନତା ଦଳ ବାରବାଟୀ କଟକ ନିର୍ବାଚନମଣ୍ଡଳୀ ପକ୍ଷରୁ ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ପାଳନ, ସ୍ଥାନୀୟ ଦୃଷ୍ଟିବାଧିତ ଓ ବଧିର ସ୍କୁଲ ପିଲାଙ୍କ ଉପସ୍ଥିତିରେ ପାଳିତ ହୋଇଯାଇଛି। ମେୟର ସୁବାସ ସିଂହ, କଟକ ଜିଲ୍ଲା ବିଜୁ ଜନତା ଦଳ ସଭାପତି ପ୍ରଫୁଲ୍ଲ ସିଂହ, ପୂର୍ବତନ କଟକ ସହର ବିଜୁ ଜନତା ଦଳ ସଭାପତି ମଧୁସୂଦନ ସାହୁ, ପ୍ରକାଶ ସିଂହ, ମହମ୍ମଦ ସକିଲ, ଅନିତା ବେହେରା, ପୁଷ୍ପିତା ମହାନ୍ତି, ପ୍ରିୟମ୍ବଦା ମହାନ୍ତି, ପ୍ରଦୀପ୍ତ ରାଉତ, ବିଶ୍ୱନାଥ ଧୀର, ଧୀରେନ୍ଦ୍ର ମହାପାତ୍ର, ବିଜ୍ଞାନ ମହାପାତ୍ର, ଦୀପ୍ତି ରାୟ, ଜଗନ୍ନାଥ ସ୍ୱାଇଁ, ଦେବେନ୍ଦ୍ର କାହାଳୀ ପ୍ରମୁଖ ଯୋଗଦାନ କରିଥିଲେ।

ରାଜ୍ୟସଭା ସାଂସଦଙ୍କ ପକ୍ଷରୁ ଫଳ ବଣ୍ଟନ

ଗୁରୁବାର କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମଦିନ ଉପଲକ୍ଷେ ବାରବାଟୀ କଟକ ବିଜୁ ଜନତା ଦଳ ପକ୍ଷରୁ ଫଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟଙ୍କ ନେତୃତ୍ୱରେ ହୋଇଥିଲା। ଡ. ରଞ୍ଜନ ବିଶ୍ୱାଳ, ପୂର୍ବତନ ମେୟର ଅନିତା ବେହେରା, କର୍ପୋରେଟର ଅରୁନ୍ଧତୀ କର, ଖୁରେଶା ନୂର୍, ଜନସନ ମହାପାତ୍ର, ଜଗତଜ୍ୟୋତି ପଟ୍ଟନାୟକ, ସୌମ୍ୟଦୀପ ଘୋଷ, ଆସିଫ ଅମିନ, ସନ୍ତୋଷ ମହାପାତ୍ର, ସୁମନ ବେହେରା, ସୟଦ ଜଲିଲ, ବିକ୍ରମ ଛାଟୋଇ, ଜ୍ୟୋତିପ୍ରକାଶ ମହାନ୍ତି, କୁନୀଆ ସେଠୀ, ରାକେଶ ନାୟକ, ସୁବ୍ରତ ଦାସ, ଅକ୍ଷୟ ସିଂ, ପ୍ରଦୀପ୍ତ ବେହେରା, ଚିତ୍ତରଞ୍ଜନ ବେହେରା, ରମାକାନ୍ତ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

ଆଜିଠୁ ଖୋଲିବ ବାଣ ଦୋକାନ

ସବୁଜ ବାଣ ଦର ଆକାଶଛୁଆଁ: ଡିମାଣ୍ଡରେ ଫ୍ୟାନ୍ସି ଆଇଟମ୍

କଟକ,୧୬।୧୦(ସମିସ):

ଆଉ ୩ ଦିନ ପରେ ଦୀପାବଳି। ସହରରେ ଏକ ପ୍ରକାର ଅଘୋଷିତ ବାଣ ଫୁଟା ପ୍ରତିଯୋଗୀତା ଚାଲିବ। ଆସନ୍ତା କାଲି ଠାରୁ ଖୁଚୁରା ବାଣ ଦୋକାନ ଗୁଡ଼ିକ ଖୋଲିବାକୁ ଥିବା ବେଳେ ଗତ ୭ଦିନ ହୋଲସେଲ୍ ବାଣ ବିକ୍ରୟ ଜୋରଦାର ଚାଲିଛି। ବଜାରକୁ ଲକ୍ଷ୍ୟ କଲେ ଜଣାପଡୁଛି, ଏଥର ମହଙ୍ଗା ହୋଇଛି ବାଣ ଦର। ସବୁଜ ବାଣ ଫୁଟାଇବାକୁ ଅନୁମତି ମିଳିଥିଲେ ବି ବଜାରରେ ଏହି ବାଣର ମୂଲ୍ୟ ଆକାଶଛୁଆଁ ରହିଛି। ଅନ୍ୟପଟେ ପାରମ୍ପରିକ ବାଣ ଓ ରାସାୟନିକ ବାଣ ଫୁଟାଇବା ଓ ବିକ୍ରି ଉପରେ କଟକଣା ଯୋଗୁ ଦୀପାବଳିରେ ଦୀପ ଓ ଲାଇଟର ଚାହିଦା ବଢ଼ିଛି। ଯେଉଁ ବାଣ ଗତବର୍ଷ ୧୦୦ ଟଙ୍କା ଥିଲା, ତା' ଦର ଏଥର ୧୩୦ରୁ ୧୪୦ଟଙ୍କା ଛୁଇଁଛି। ଫ୍ୟାନ୍ସି ବାଣ ଦର ଏତେ ଯେ ହାତ ମାରି ହେଉନି। ସ୍କାଏ ସର୍ଚ ୫ ଶହରୁ ୫ ହଜାର ଯାଏଁ ରହିଛି। ଗୋଟିଏ କେଜିକିଆ ପଲିଥିନ୍ ଭର୍ତ୍ତି ଫ୍ୟାନ୍ସି ବାଣ ଆଣିଲେ, ଅତିକମରେ ୨ ହଜାର ଟଙ୍କା ପଡୁଛି।

ଅନ୍ୟପଟେ ଲୋକଙ୍କୁ ଏଥର ଆଶ୍ୱସ୍ତି ଦେବ କିଛି ଦେଶୀ ବାଣ। ଏଥର ଆକାଶ ଦୀପ, ଘଡ଼ି ଓ ଝୁରଝରି ଭଳି ଦେଶୀ ବାଣ ଡିମାଣ୍ଡରେ ରହିବ। କଟକ ଓ ଏହାର ଉପକଣ୍ଠରେ ପ୍ରାୟ ୨୦ଟି ପଡ଼ିଆରେ ୨୦୦ରୁ ଅଧିକ ବାଣ ଦୋକାନ ଖୋଲିବା। କାଲି ଠାରୁ ୩ ଦିନ ପାଇଁ ବାଣ ବିକ୍ରି କରାଯିବ। କଟକ ମାର୍କେଟରେ ଫ୍ୟାନ୍ସି ବାଣ ୫୦ ଟଙ୍କାରୁ ମିଳୁଛି। ଫ୍ୟାନ୍ସି ଆଇଟମରେ ସବୁଠୁ ଅଧିକ ଦର ୧୦ ହଜାର ଯାଏଁ ରହିଛି। ପିଲାଙ୍କ ପାଇଁ ଡିମାଣ୍ଡରେ ଥିବା "ପପ୍ପପ୍' ବାଣର ୬ଟି ଆଇଟମ୍ ଅଛି। ଯାହାର ଦର ୧୦ ଟଙ୍କାରୁ ୪୦ ଯାଏଁ। ଆକାଶଛୁଆଁ ସଟ୍ ଅତିକମରେ ୩୦୦-୫୦୦ ଟଙ୍କାରେ ମିଳିଯାଉଛି। ଯେଉଁଥିରେ ମାତ୍ର ୭ରୁ ୮ଟି ସଟ୍ ଅଛି। ୩୦ରୁ ୪୦ ସଟ୍ ଥିବା ବାଣର ଦର ୧ହଜାର ଟଙ୍କା ରହିଛି। ସବୁଠୁ ଅଧିକ ୧୨୦ ସଟ୍ ଥିବା ବାଣର ଦର ୪୫୦୦ରୁ ୧୦ହଜାର ଟଙ୍କା ଯାଏଁ ରଖାଯାଇଛି। ଘଡି ବାଣ ୨୦ରୁ ୩୦ ଟଙ୍କା, ସ୍କାଏ ଲଣ୍ଠନ ୪୦ ଟଙ୍କାରୁ ୧୦୦ ଟଙ୍କା ମଧ୍ୟରେ ମିଳୁଛି। ପେଟ୍ରୋଲିୟମ ଆଣ୍ଡ ଏକ୍ସପ୍ଲୋସିଭସ ସେଫଟି ଅର୍ଗନାଇଜେଶନ ଅନୁମୋଦିତ ସବୁଜ ବାଣ ବିକ୍ରିର ଅନୁମତି ରହିଛି। ଦରଦାମ୍ ବଢିବାର କାରଣ ନେଇ କଟକର ଜଣେ ବାଣ ବ୍ୟବସାୟୀ ହିତେଶ କୁମାର ମହାନ୍ତି କହିଛନ୍ତି, ଜଟଣୀ ହୋଲସେଲ୍ ମାର୍କେଟକୁ ବାଣ ମଗାଯାଉଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ପରେ ବାଣରେ ଅନେକ କଟକଣା ଲାଗିଛି। ବାଣ ତିଆରି ମଧ୍ୟ ପୂର୍ବବର୍ଷ ତୁଳନାରେ ହ୍ରାସ ପାଇଛି। ଏଥିଯୋଗୁଁ ଏଥର ହୋଲସେଲ୍ ଦର ଅତିକମ୍‌ରେ ୨୫-୩୦ ପ୍ରତିଶତ ବଢିଛି। ସେହି ଅନୁସାରେ ଗ୍ରାହକଙ୍କ ପାଖରେ ବାଣ ପହଞ୍ଚିବା ବେଳକୁ ଦର ବଢିଯାଉଛି।

ବାଣ ବ୍ୟବସାୟ ବେଳେ ସତର୍କତା ପାଇଁ ପଦକ୍ଷେପ ନିଆଯାଇଛି। ଅଘଟଣ ରୋକିବା ପାଇଁ କଟକର ବିଭିନ୍ନ ସ୍ଥାନରେ ବାଣ ଦୋକାନରେ ଅଗ୍ନିଶମ ବିଭାଗ ଯାଞ୍ଚ କରିବ। ଚଳିତବର୍ଷ କଟକ ସହରରେ ମୋଟ ୩୦ଟି ସ୍ଥାନରେ ଅସ୍ଥାୟୀ ବାଣ ଦୋକାନକୁ ଲାଇସେନ୍ସ ଦିଆଯାଇଛି। ଅଗ୍ନିଶମ ବିଭାଗ ପକ୍ଷରୁ ବେଆଇନ ଭାବେ ହୋଇଥିବା ବାଣ ଦୋକାନକୁ ସିଲ୍ କରାଯିବାକୁ ଯୋଜନା ହୋଇଛି। ସେହିଭଳି ବାଣ ଦୋକାନଗୁଡିକ ସୁରକ୍ଷା ସମ୍ପର୍କିତ

ଲୁଚାଛପାରେ ବିକ୍ରି ହେଲାଣି ପ୍ରଚଣ୍ଡ ଶବ୍ଦକାରୀ ବାଣ

ସମସ୍ତ ନିୟମ ପାଳନ କରୁଛନ୍ତି କି ନା, ସେ ଦିଗରେ ମଧ୍ୟ ଅଗ୍ନିଶମ ବିଭାଗ ଯାଞ୍ଚ କରିବ। ମୁଖ୍ୟତଃ ପ୍ରଦୂଷଣଯୁକ୍ତ ବାଣ ବିକ୍ରି, ଅତ୍ୟଧିକ ଶବ୍ଦ ସୃଷ୍ଟି କରୁଥିବା ବାଣ ବିକ୍ରି ଉପରେ ନିଷେଧାଦେଶ ରହିଛି। ସହରର ଦେବୀଗଡ଼ା, ଖାନନଗର କାଳୀମନ୍ଦିର ସମ୍ମୁଖସ୍ଥ ଖୋଲା ସ୍ଥାନ(ସିଏନ୍‌ବିଟି ସମ୍ମୁଖସ୍ଥ ଜାଗା), ପଞ୍ଚମୁଖି ମନ୍ଦିର ନିକଟସ୍ଥ ପଡ଼ିଆ, ଚାଉଳିଆଗଞ୍ଜ ଖେଳପଡ଼ିଆ ଏବଂ ନେତାଜୀ ଖେଳ ପଡ଼ିଆ, ବାଲିଯାତ୍ରା ତଳ ଓ ଉପର ପଡ଼ିଆ, କୃଷକ ବଜାର, ସିଡିଏ ସେକ୍ଟର-୯ ଅଞ୍ଚଳରେ ବାଣ ବଜାର ଖୋଲି ଗଲାଣି। ଜେଲ୍ ରୋଡରେ କଟକଣା ହେତୁ ସେଠାରେ ବାଣ ଦୋକାନ ଖୋଲିବାକୁ କାହାକୁ ଲାଇସେନ୍ସ ଦିଆଯାଇନାହିଁ। ବ୍ୟବସାୟ ନିୟମକୁ ଉଲ୍ଲଙ୍ଘନ କଲେ, ଲାଇସେନ୍ସକୁ ରଦ କରାଯିବା ସହିତ ସମ୍ପୃକ୍ତ ବାଣ ବ୍ୟବସାୟୀକୁ ଗିରଫ କରାଯିବ ବୋଲି କମିଶନରେଟ୍ ପୁଲିସ ନିର୍ଦ୍ଦେଶନାମା ଜାରି କରିଛି।

ଡ୍ରିମ୍‌ସରେ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ

କଟକ, ୧୬।୧୦ (ସମିସ): ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଅଧିନସ୍ଥ 'ସ୍କୁଲ ଅଫ ଇଂଜନିୟରିଂ ଓ ଟେକ୍ନୋଲୋଜି'ରେ ସପ୍ତାହ ବ୍ୟାପୀ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଆଇସିଟିଇ ଦ୍ୱାରା ପ୍ରାୟୋଜିତ ଏହି ପ୍ରଶିକ୍ଷଣ ଭିତ୍ତିକ କାର୍ଯ୍ୟକ୍ରମରେ 'ଆଧୁନିକ ବିଦ୍ୟୁତ୍ ଶକ୍ତି ପ୍ରଣାଳୀ-ବିଶ୍ଳେଷଣରେ କୃତ୍ରିମ ବୁଦ୍ଧିମତା ଓ ଯାନ୍ତ୍ରିକ ଶିକ୍ଷଣର ଉପଯୋଗ' ପ୍ରସଙ୍ଗ ସ୍ଥାନ ପାଇଥିଲା। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ମୁଖ୍ୟବକ୍ତା ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଇଜିନିୟରିଂ ସାଇନ୍ସ ଓ ଟେକ୍‌ନୋଲୋଜି (ଆଇଆଇଇଏସ୍‌ଟି) ଶିବପୁର, (ପଶ୍ଚିମବଙ୍ଗ)ର ଇଲେକ୍ଟ୍ରିକାଲ ଇଂଜନିୟରିଂ ବିଭାଗର ପ୍ରଫେସର ଡ. ଚନ୍ଦନ କୁମାର ଚନ୍ଦା, ଅନ୍ୟତମ ସମ୍ମାନିତ ବକ୍ତା ଇନ୍‌ଫୋସିସ୍‌ର ବିତରଣ ପ୍ରବନ୍ଧକ ଇଂ ହରପ୍ରସାଦ ମିଶ୍ର ଯୋଗ ଦେଇଥିଲେ।

ଶିକ୍ଷାନୁଷ୍ଠାନର 'ଡିନ୍' ଡ. ନୟନ ରଞ୍ଜନ ସାମଲ, ଆଇକ୍ୟୁଏସିର ନିର୍ଦ୍ଦେଶକ ଡ.ଆଲୋକ ରଞ୍ଜନ ବିଶ୍ୱାଳ ପ୍ରମୁଖ ପ୍ରସଙ୍ଗ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ସଂଯୋଜିକା ତଥା ଇଲେକ୍ଟ୍ରିକାଲ ଇଂଜିନିୟରିଂ ବିଭାଗର ମୁଖ୍ୟ ପ୍ରାଧ୍ୟାପିକା ଡ. ଅନୁରେଖା ନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ବିଭାଗୀୟ ପ୍ରାଧ୍ୟାପିକା ତଥା ସହ ସଂଯୋଜିକା ଡ. ଦେବଜାନୀ ମିଶ୍ର ଧନ୍ୟବାଦ ଦେଇଥିଲେ।

ବେଆଇନ କରତକଳ ଉପରେ ଚଢ଼ଉ

କଟକ, ୧୬।୧୦(ସମିସ): କଟକ ଜିଲ୍ଲା ଜଗତପୁର ଥାନା ଅନ୍ତର୍ଗତ ସତ୍ୟଭାମାପୁର ଓ ନେମାଳ ଥାନା ବଳରାମପୁର ଗ୍ରାମରେ ଦୁଇଟି ବେଆଇନ କରତକଳ ଠାବ କରାଯାଇଛି। ଓଡ଼ିଶା ଭିଜିଲାନ୍ସ ଓ ବନ ବିଭାଗ ଦ୍ୱାରା ଏକ ମିଳିତ ଚଢଉ କରାଯାଇ କରତକଳ ଉପକରଣ ସହିତ ୭ ଘନ ଫୁଟ ମୂଲ୍ୟବାନ କାଠ ଏବଂ ୨୦ ଲକ୍ଷ ଟଙ୍କା ମୂଲ୍ୟର ଗୋଟିଏ ଟ୍ରାକ୍ଟର ଜବତ କରାଯାଇଥିଲା। ଉପରୋକ୍ତ କରତକଳଗୁଡ଼ିକ କୌଣସି ବୈଧ ଲାଇସେନ୍ସ ବିନା ଚାଲୁଥିଲା, ଯାହା ଓଡ଼ିଶା କରତକଳ ଏବଂ କରତକଳ (ନିୟନ୍ତ୍ରଣ) ଆଇନ-୧୯୯୧ର ଧାରା-୪ ଉଲ୍ଲଙ୍ଘନ କରିଥିଲା। ଏହି ସମ୍ପର୍କରେ, ସହର ବନ ବିଭାଗ ଅଧୀନରେ କଟକ ରେଞ୍ଜରେ ଦୁଇଟି ମାମଲା ରୁଜୁ କରାଯିବା ସହ ତଦନ୍ତ ଜାରି ରହିଛି।

ଫସଲର ପରିମାଣ ଆକଳନ ତାଲିମ

କଟକ,୧୬।୧୦(ସମିସ): ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟରେ ଫସଲ ଅମଳକୁ ସଠିକ୍ ଭାବେ ଆକଳନ କରିବା ସହିତ ଫସଲରେ ଅଞ୍ଚଳ ଓ ଉତ୍ପାଦନର ବିଶ୍ୱାସଯୋଗ୍ୟ ଆକଳନ କରିବା ଓ ଫସଲ ଅଞ୍ଚଳ ଏବଂ ଉତ୍ପାଦନର ବିଶ୍ୱାସଯୋଗ୍ୟ ଆକଳନ କରିବା ନିମନ୍ତେ ଏକ ଦିନିକିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଏକଦିବସୀୟ ତାଲିମକୁ କେନ୍ଦ୍ରାଞ୍ଚଳ ପରିସଂଖ୍ୟାନ ଯୁଗ୍ମ ନିର୍ଦ୍ଦେଶକ ସରୋଜ କୁମାର ସେଠୀ ଉଦ୍‌ଘାଟନ କରିଥିଲେ। ଉପନିର୍ଦ୍ଦେଶକ ବିଶ୍ୱରଞ୍ଜନ ଦାଶ ଶିବିରକୁ ପରିଚାଳନା କରିଥିଲେ। ସହକାରୀ ନିର୍ଦ୍ଦେଶିକା ଅନୁସୂୟା ଦାଶ ଓ ଗୀତା ରାୟଙ୍କ ସହ ପ୍ରମିଳା ସାହୁ, ଦେବସ୍ମିତା ନାଏକ ଭିନ୍ନ ଭିନ୍ନ ଉପାଦେୟତା ପ୍ରତିପାଦିତ କରିବାକୁ କହିଥିଲେ। ଉପବିଭାଗ ଅଧିକାରୀ ମୀରା ମହାନ୍ତି ଓ ବରିଷ୍ଠ ସହାୟକ ସୁଧାକର ପ୍ରଧାନ ସହଯୋଗ କରିଥିଲେ।

ହାଇକୋର୍ଟରେ କଟକ ସହର ସମସ୍ୟା

ଏସ୍‌ସିବିରେ ଓପନ୍‌ହାର୍ଟ ସର୍ଜରୀର ତଦାରଖ କରିବେ ଏମ୍ସ ଡାକ୍ତର

କଟକ,୧୬।୧୦(ସମିସ):

ଗତ ୮ମାସ ମଧ୍ୟରେ ଏସସିବି ମେଡିକାଲ କଲେଜ ଓ ହସପିଟାଲର କାର୍ଡିଓ ଥେରାସିସ ଭସ୍କୁଲାର ସର୍ଜରୀ ବିଭାଗରେ ରୋଗୀ ମାନଙ୍କର ହୋଇଥିବା ଓପନ ହାର୍ଟ ସର୍ଜରୀ କ୍ଷେତ୍ରରେ ୨୬ଜଣଙ୍କ ମୃତ୍ୟୁ ହୋଇଥିବା ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହ ଶୁଣାଣି କରୁଛନ୍ତି। ମୃତ୍ୟୁ ସମ୍ପର୍କିତ କାରଣକୁ ସମୀକ୍ଷା କରିବା ସହ ସ୍ଥିତି ସୁଧାରିବା ଉପରେ ହାଇକୋର୍ଟ ଗୁରତ୍ୱାରୋପ କରିଥିବା ବେଳେ ଆଜି ଏସସିବି ମେଡିକାଲ କଲେଜ ଓ ହସପିଟାଲ ଅଧୀକ୍ଷକଙ୍କ ପକ୍ଷରୁ ଏକ ସତ୍ୟପାଠ ଦାଖଲ କରାଯାଇଥିଲା। ସେହିଭଳି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ଓ ଏସସିବି ଅଧୀକ୍ଷକ ଭର୍ଚୁଆଲ ଶୁଣାଣିରେ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଥିବା କହିଥିଲେ। ୩ଜଣ ସିଟିଭିଏସ ସର୍ଜନ ଉପଲବ୍ଧ ନହେବା ପର୍ଯ୍ୟନ୍ତ ସର୍ଜରୀ ପାଇଁ ଦ୍ୱିତୀୟ ଟିମ ଗଠନ କରାଯାଇପାରିବ ନାହିଁ ବୋଲି ସଚିବ କହିଥିଲେ। ନୂଆଦିଲ୍ଲୀ ଏମ୍ସ ଓ କେରଳ କୋଟିଅମ ମେଡିକାଲ କଲେଜର ବିଶେଷଜ୍ଞ ଡାକ୍ତର ଏସସିବି ଆସି ଓପନ ହାର୍ଟ ସର୍ଜରୀର ତଦାରଖ କରିବା ସହ ଏଠାକାର ଡାକ୍ତରୀ ଦଳକୁ ପ୍ରଶିକ୍ଷଣ ପ୍ରଦାନ କରିବେ ବୋଲି କୁହାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅକ୍ଟୋବର ୨୩କୁ ଧାର୍ଯ୍ୟ କରିଛନ୍ତି ଅଦାଲତ।

ଶିଶୁଭବନରେ ରହିବ ବ୍ୟାଟେରୀ ଚାଳିତ ଗାଡ଼ି

କଟକ ଶିଶୁଭବନରେ ମୁଖ୍ୟ ଫାଟକରୁ ବିଭିନ୍ନ ୱାର୍ଡକୁ ରୋଗୀଙ୍କୁ ନେବା ଆଣିବା କରିବା ପାଇଁ ବ୍ୟାଟେରୀ ଚାଳିତ ଗାଡି ନିୟୋଜିତ କରାଯିବ। ଶିଶୁଭବନ ଅଧୀକ୍ଷକଙ୍କ ତରଫରୁ ଏ ସଂକ୍ରାନ୍ତରେ ଅଦାଲତଙ୍କୁ ଅବଗତ କରାଯାଇଥିଲା। ଏହି ବ୍ୟାଟେରୀ ଚାଳିତ ଗାଡି ବିଭିନ୍ନ ସଂସ୍ଥାର ସିଏସଆର ଫଣ୍ଡରେ କ୍ରୟ କରିବା ଉପରେ ଆଡଭୋକେଟ କମିଟି ଅଦାଲତଙ୍କୁ ଅବଗତ କରିଥିଲା। ଏ ସଂକ୍ରାନ୍ତରେ ପରବର୍ତ୍ତୀ ଶୁଣାଣି ବେଳେ ଅବଗତ କରିବା ପାଇଁ ହାଇକୋର୍ଟ କହିଛନ୍ତି।

ସିଟି ହସପିଟାଲ ସନ୍ନିକଟ ଅଞ୍ଚଳ ହେବ ସାଇଲେନ୍ସ ଜୋନ

କଟକ ସହରରେ ବିଭିନ୍ନ ସମୟରେ ପୂଜା ଭସାଣି ଶୋଭାଯାତ୍ରା ସିଟି ହସପିଟାଲ ରାସ୍ତା ଦେଇ ଯାଉଥିବା ବେଳେ ସିଟି ହସପିଟାଲ ସନ୍ନିକଟ ଅଞ୍ଚଳକୁ ପୁଲିସ ପକ୍ଷରୁ ସାଇଲେନ୍ସ ଜୋନ କରାଯାଇନାହିଁ। ଦୁର୍ଗାପୂଜା ବେଳେ କଟକ ଡିସିପି ଦେଇଥିବା ସତ୍ୟପାଠରେ ଏସସିବି ମେଡିକାଲ ସମ୍ମୁଖ ମଙ୍ଗଳାବାଗ ରାସ୍ତା, ନିମଚୌଡି ହାଇକୋର୍ଟ ରାସ୍ତାକୁ ସାଇଲେନ୍ସ ଜୋନ ଘୋଷଣା କରାଯାଇଥିଲା ବେଳେ ଏଥିରେ ସିଟି ହସପିଟାଲ ସଂଲଗ୍ନ ରାସ୍ତାକୁ ଉଲ୍ଲେଖ କରାଯାଇନଥିଲା। ଏଣୁ ଏହାକୁ ଅନ୍ତର୍ଭୁକ୍ତ କରିବା ପାଇଁ ହାଇକୋର୍ଟ କହିଛନ୍ତି।

ଡିଜିଟାଲ୍ ଡିସ୍‌ପ୍ଲେ ବୋର୍ଡରେ ରହିବ ନିରାମୟ କେନ୍ଦ୍ର ଔଷଧ ବିବରଣୀ

ଏସସିବି ମେଡିକାଲ ପରିସର ନିରାମୟକେନ୍ଦ୍ର ଗୁଡିକରେ ଅନେକ ଔଷଧ ମିଳୁନଥିବା ବେଳେ ରୋଗୀ ସମ୍ପର୍କୀୟ ଘଣ୍ଟା ଘଣ୍ଟା ଧାଡିବାନ୍ଧି ଶେଷରେ ନିରାଶ ହେଉଛନ୍ତି। ଏଣୁ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ନିରାମୟକେନ୍ଦ୍ରରେ ମିଳୁଥିବା ଔଷଧ ବିବରଣୀକୁ ଡିଜିଟାଲ ଡିସପ୍ଲେ ବୋର୍ଡରେ ଆଲଫାବେଟିକ ପ୍ରଦର୍ଶିତ କରିବା ପାଇଁ ପଦକ୍ଷେପ ନିଆଯାଇଛି। ୧୦ଟିରୁ ୮ଟି ବୋର୍ଡ ଲଗାଯାଇଛି। ହେଲେ, ଏଥିରେ ବିଜୁଳି ସଂଯୋଗ ଓ ସଫ୍ଟୱେର କାମ ୩ସପ୍ତାହରେ ଶେଷ ହେବ ବୋଲି ଏସସିବି ଅଧୀକ୍ଷକ ହାଇକୋର୍ଟଙ୍କୁ ଅବଗତ କରିଛନ୍ତି।

ଶୈଳବାଳା କଲେଜରେ ଦିବ୍ୟାଙ୍ଗ ଛାତ୍ରୀଙ୍କ ପାଇଁ ସୁବିଧା କରାଯିବ

ଶୈଳବାଳା ସ୍ୱୟଂଶାସିତ ମହିଳା କଲେଜରେ ୩୫ଜଣ ଦିବ୍ୟାଙ୍ଗ ଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ସେମାନଙ୍କ ପାଇଁ ଆବଶ୍ୟକ ସୁବିଧା ନଥିବା ପ୍ରସଙ୍ଗକୁ ଅଦାଲତ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ବାଧାମୁକ୍ତ ଚଳାଚଳ ପାଇଁ ରାମ୍ପ ସହ ଶୌଚାଳୟ ସୁବିଧା ଆଦି ନଥିବା ନେଇ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କଟକ ଅତିରିକ୍ତ ଜିଲ୍ଲାପାଳଙ୍କ ସହ ଆଡଭୋକେଟ କମିଟି ଆସନ୍ତାକାଲି ଶୈଳବାଳା କଲେଜ ପରିଦର୍ଶନ କରିବେ। ଏନେଇ ଗ୍ରହଣ କରାଯିବାକୁ ଥିବା ପଦକ୍ଷେପ ସମ୍ପର୍କରେ ପରବର୍ତ୍ତୀ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ଉପସ୍ଥାପନ କରିବେ ବୋଲି ହାଇକୋର୍ଟ କହିଛନ୍ତି।

Format C-7

(for political parties to publish in the newspaper, social media platforms & website of the party)

Information regarding individuals with pending criminal cases, who have been selected as candidates, along with the reasons for such selection, as also as to why other individuals without criminal antecedents could not be selected as candidates

(As per the Commission's directions issued in pursuance of the order dated 13.02.2020 of the Hon'ble Supreme Court in contempt petition © no. 2192 of 2018 in W.P.(C) No. 536/2011)

Name of the Political Party: BIJU JANATA DAL

Name of the Election: BYE- ELECTION TO THE STATE LEGISLATIVE ASSEMBLY OF ODISHA -2025

Name of the State: ODISHA

(1) Name of the Constituency - **71-NUAPADA AC**

Name of the Candidate – **SMT. SNEHANGINI CHHURIA**

Sl. No.			
1.	Criminal Antecedents		
	a.	Nature of the Offence	i. Non-Bailable ii. Non-Bailable iii. Non-Bailable iv. Non-Bailable
	b.	Case No.	i. Bargarh Town PS Case No-36/25 ii. Bargarh Town PS Case No-37/25 iii. Bargarh Town PS Case No-38/25 iv. Bargarh Rural PS Case No-11/25
	c.	Name of the Court	All cases are pending in SDJM Bargarh, District Bargarh
	d.	Whether charges have been framed or not (Yes/No)	i. No ii. No iii. No iv. No
	e.	Date of Conviction, if any	Not Applicable
	f.	Details of punishment undergone, if any	Not Applicable
	g.	Any other information required to be given	All cases posted for appearance
2.	The reasons for the selection of the candidate. Selection shall be with reference to the qualifications, achievements and merit of the candidates and not mere "winnability" at the polls (Not more than 100 words)		The candidate is a dynamic SC women leader, having huge public contact and popularity in this state of Odisha and she has worked hard in bringing social upliftment, particularly for the women, poor and downtrodden and still have zeal and eagerness to bring perceptible changes in the living standard of the people. She is highly qualified with Post Graduate and BED degrees to her credit.
3.	Reasons as to why other individuals without criminal antecedents could not be selected as candidates (not more than 100 words)		In consideration of the above merits, her selection as a candidate to the **71-NUAPADA Assembly Constituency** is more justified than other individuals without criminal antecedents.

(2) Name of the Constituency - **71-NUAPADA AC**

Name of the Candidate – **SMT. SNEHANGINI CHHURIA**

..... and so on

* In the case of election to Council of States or States or election to Legislative Council by MLAs, mention the election concerned in place of name of Constituency.

Sd/-
DEBIPRASAD MISHRA
SENIOR VICE-PRESIDENT,
BIJU JANATA DAL, ODISHA

ବ୍ରହ୍ମପୁରରେ ଖୁବ୍‌ଶୀଘ୍ର ହେବ ବୁଲା କୁକୁରଙ୍କ ଗଣନା ଓ ବନ୍ଧ୍ୟାକରଣ

ବ୍ରହ୍ମପୁର,୧୬ ।୧୦(ସମିସ)

- ଟେଣ୍ଡର ପ୍ରକ୍ରିୟାରେ ସାମିଲ ହୋଇଛନ୍ତି ୩ଟି ଘରୋଇ ସ୍ୱେଚ୍ଛାସେବୀ ସଂସ୍ଥା
- ମାସିକ ୭୦ଟି ହିସାବରେ ବାର୍ଷିକ ୮୪୦ କୁକୁରଙ୍କ ହେବ ବନ୍ଧ୍ୟାକରଣ
- ନିର୍ମାଣ ହେବ ନିଜସ୍ୱ ଗୋଶାଳା, ସ୍ୱତନ୍ତ୍ର ଆନିମଲ କ୍ରିମେଟୋରୀ ଏବଂ ଅଧିକ ଡଗ୍ କେନାଲ

ରାଜଧାନୀ ଭୁବନେଶ୍ୱର ପରେ ଖୁବ୍‌ଶୀଘ୍ର ରେଶମ ସହର ବ୍ରହ୍ମପୁରରେ କାର୍ଯ୍ୟକାରୀ ହେବାକୁ ଯାଉଛି ଆନିମଲ ବାର୍ଥ କଣ୍ଟ୍ରୋଲ ବା 'ଏବିସି' କାର୍ଯ୍ୟକ୍ରମ। ଏଥିପାଇଁ ଟେଣ୍ଡର ପ୍ରକ୍ରିୟା ଚୂଡାନ୍ତ ପର୍ଯ୍ୟାୟରେ ପହଁଞ୍ଚିଥିବା ବେଳେ ୩ଟି ଘରୋଇ ସ୍ୱେଚ୍ଛାସେବୀ ସଂସ୍ଥା ଏଥିପାଇଁ ନିଜର ଆଗ୍ରହ ପ୍ରକାଶ କରି ଟେଣ୍ଡର ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଏଥିପାଇଁ ଆଗ୍ରହ ପ୍ରକାଶ କରିଥିବା ୩ଟି ସଂସ୍ଥା ମଧ୍ୟରେ ବାଙ୍ଗାଲୁରୁର 'ଆନିମଲ ୱେଲଫେୟାର ଅର୍ଗାନାଇଜେସନ' (ଏଡବ୍ଲ୍ୟୁଓ), ଜଗତସିଂପୁରର 'ପିପୁଲ୍ସ ଫର ଆନିମଲ' (ପିଏଫ୍ଏ) ଏବଂ ବ୍ରହ୍ମପୁରର 'ଇନଷ୍ଟିଚ୍ୟୁଟ ଅଫ୍ ସୋସିଆଲ ଆକ୍ସନ ଆଣ୍ଡ ରିସର୍ଚ୍ଚ' (ଇସାରା) ଅନ୍ତର୍ଭୁକ୍ତ। ବୁଧବାର ଟେଣ୍ଡର ଖୋଲାଯିବା ପରେ ଏନେଇ ସୂଚନା ମିଳିଛି। ପୂର୍ବରୁ ଅନେକ ଥର ଯଦିଓ ଟେଣ୍ଡର ଆହ୍ୱାନ କରାଯାଇଥିଲା ତେବେ ଏକକ ଟେଣ୍ଡର କାରଣରୁ ତାହାକୁ କର୍ତ୍ତୃପକ୍ଷ ବାତିଲ କରିବାକୁ ବାଧ ହେଉଥିଲେ। ଆସନ୍ତା ସୋମବାର ଦିନ ଏହି ୩ଟି ସଂସ୍ଥା ସେମାନଙ୍କ କାର୍ଯ୍ୟଶୈଳୀ ସମ୍ପର୍କିତ ରିପୋର୍ଟ ପ୍ରଦାନ ସହିତ ଉପସ୍ଥାପନ କରିବେ। ତାହାପରେ ସେଥିମଧ୍ୟରୁ ଗୋଟିଏ ସଂସ୍ଥା ସହିତ ବିଏମସି ବା ବ୍ରହ୍ମପୁର ମହାନଗର ନିଗମ ଅନ୍ୟୁନ ୨ବର୍ଷ ପାଇଁ ଚୁକ୍ତିନାମା ସ୍ୱାକ୍ଷର କରିବ। ତେବେ ଆବଶ୍ୟକ ସ୍ଥଳେ ଏହି ସମୟ ସୀମା ବୃଦ୍ଧି କରାଯାଇପାରିବ ବୋଲି ଜଣାପଡିଛି। ବିଏମସି ପକ୍ଷରୁ 'ଏବିସି' କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଲେ ସହରରେ ବୁଲା କୁକୁରଙ୍କ ସଂଖ୍ୟା ଓ ପ୍ରାଦୁର୍ଭାବ ଉପରେ ନିୟନ୍ତ୍ରଣ ଆସିପାରିବ। ଏଥିପାଇଁ ଅନେକ ମାର୍ଗଦର୍ଶିକା ମଧ୍ୟ ପ୍ରସ୍ତୁତ କରାଯାଇଛି। ଏବିସି ଦାୟିତ୍ୱ ହାତକୁ ନେବା ପରେ ସମ୍ପୃକ୍ତ ସଂସ୍ଥା ପକ୍ଷରୁ ସହରରେ ବୁଲା କୁକୁରଙ୍କ ଗଣନା କରାଯିବ। ପରେ ସେମାନଙ୍କୁ ଧରି ବନ୍ଧ୍ୟାକରଣ କରାଯିବ। ସବୁଠାରୁ ବଡକଥା ହେଲା ବୁଲା କୁକୁରଙ୍କୁ ସେମାନଙ୍କ ନିଜ ଅଞ୍ଚଳରୁ ଧରି ଆଣି ବନ୍ଧ୍ୟାକରଣ ପରେ ପୁନଃ ସେମାନଙ୍କୁ ନିଜ ଅଞ୍ଚଳରେ ଛାଡ଼ିଦିଆଯିବ। ପ୍ରତି କୁକୁରଙ୍କୁ ଧରିବା ୨ଶହ ଟଙ୍କା ଓ ସେମାନଙ୍କ ବନ୍ଧ୍ୟାକରଣ ପରେ ସେମାନଙ୍କ ଚିକିତ୍ସା ଓ ସୁସ୍ଥ ପରେ ପୁନଃ ସେମାନଙ୍କୁ ନିଜର ପୂର୍ବସ୍ଥାନରେ ଛାଡିବା ସହିତ ଏକ୍ଷେତ୍ରରେ ନିୟୋଜିତ ହେବାକୁ ଥିବା ଜଣେ ପ୍ରାଣୀ ଚିକିତ୍ସକ ଓ ଜଣେ ସହାୟକଙ୍କ ଦରମା ସହିତ ୧୮ଶହ ଏହିଭଳି ଗୋଟିଏ କୁକୁର ବାବଦରେ ମୋଟ ୨ହଜାର ଟଙ୍କା ଖର୍ଚ୍ଚ କରାଯିବ। ସେହିଭଳି ମାସିକ ଅନ୍ୟୁନ ୭୦ଟି କୁକୁରଙ୍କ ହିସାବରେ ବାର୍ଷିକ ୮୪୦ଟି କୁକୁରଙ୍କ ବନ୍ଧ୍ୟାକରଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। କୁକୁରଙ୍କୁ ଧରିବା ପାଇଁ ବିଏମ୍‌ସି ପକ୍ଷରୁ ଗାଡ଼ି ଯୋଗାଇ ଦେବା ସହିତ ଡଗ୍ କେନାଲ ପ୍ରତିଷ୍ଠା କରାଯିବ। ବର୍ତ୍ତମାନ ଥିବା ଡଗ କେନାଲରେ କୁକୁରଙ୍କ ରହିବା ପାଇଁ କେନାଲ ସଂଖ୍ୟାକୁ ମଧ୍ୟ ବୃଦ୍ଧି କରାଯିବ। ଏହାଦ୍ୱାରା ସହରରେ ଦିନକୁ ଦିନ ବୃଦ୍ଧି ପାଉଥିବା ବୁଲାକୁକୁର ଓ ସେମାନଙ୍କ ଦୌରାତ୍ମ୍ୟକୁ ରୋକାଯାଇପାରିବ ବୋଲି ଆଶା କରାଯାଇଛି। ସେପଟେ ଏହି କାର୍ଯ୍ୟକ୍ରମ ଜରିଆରେ ବିଏମ୍‌ସି ପକ୍ଷରୁ ସହରରେ ଏକ ନିଜସ୍ୱ ଗୋଶାଳା ଗୋଷାଣିନୂଆଗାଁ ଅଞ୍ଚଳରେ ଏବଂ ହୁଗୁଳାପଟାଠାରେ ପ୍ରାଣୀଙ୍କ ସଂସ୍କାର ବା ଶବ ଦାହ ପାଇଁ ଏକ ଅତ୍ୟାଧୁନିକ ଶ୍ମଶାନ ପ୍ରତିଷ୍ଠା କରାଯିବ। କ୍ରିମେଟୋରିୟମ ବା ଶ୍ମଶାନ ପାଇଁ ମତ୍ସ୍ୟ ଓ ପଶୁପାଳନ ବିଭାଗ ପକ୍ଷରୁ ପୂର୍ବ ବିଜେଡି ସରକାର ଅମଳରେ ୫୦ଲକ୍ଷ ଟଙ୍କାର ଅନୁଦାନ ରାଶି ଆସି ପଡ଼ିରହିଥିବା ଜଣାପଡ଼ିଛି। ଏହା ଦ୍ୱାରା ରାସ୍ତା ଉପରେ ବିଚରଣ କରୁଥିବା ଗୋରୁଗାଈଙ୍କୁ ବିଏମସି ପକ୍ଷରୁ ଉଠାଇ ନେଇ ଗୋଶାଳାରେ ଛଡାଯିବ। ଏବଂ ଏଥିପାଇଁ ସମ୍ପୃକ୍ତ ଗୋରୁଗାଈଙ୍କ ଠାରୁ ୨ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯିବାକୁ ସ୍ଥିର କରାଯାଇଛି। ସେହିଭଳି ବିଭିନ୍ନ ସ୍ଥାନରେ ଏପରିକି ଦୁର୍ଘଟଣା ଗ୍ରସ୍ତ ହୋଇ ପଶୁପକ୍ଷୀଙ୍କ ଶବ ପଡି ରହି ଦୁର୍ଗନ୍ଧ ବାହାରିଥାଏ। ଏଣୁ ଏଭଳି ସମସ୍ୟା ସ୍ଥାୟୀ ପ୍ରତିକାର ପାଇଁ ବିଏମସି ପକ୍ଷରୁ ଏକ ଅତ୍ୟାଧୁନିକ ତଥା ଇଲେକ୍ଟ୍ରିକ କ୍ରିମେଟୋରିୟମ ପ୍ରତିଷ୍ଠା କରାଯାଇ ସେଠାରେ ମୃତ ପଶୁପକ୍ଷୀ ବା ପ୍ରାଣୀଙ୍କ ଶବକୁ ଦାହ କରାଯିବ ବୋଲି ଜଣାପଡ଼ିଛି। ଖୁବ୍‌ଶୀଘ୍ର ଉଭୟ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାକୁ ବିଏମସି ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଥିବା ସୂଚନା ଦେଇଛନ୍ତି ଡେପୁଟି କମିଶନର ଆଶୀର୍ବାଦ ପରିଡ଼ା।

ଯନ୍ତ୍ରୀ ଓ ଘର ମାଲିକଙ୍କ ଘରୁ ଚୋରି

- ୫ଭରି ସୁନା, ନଗଦ ଟଙ୍କା, ସିସିଟିଭି ଓ ବାଇକ୍ ଚୋରି

ବ୍ରହ୍ମପୁର,୧୬।୧୦(ସମିସ): ଜୟପ୍ରକାଶନଗର ୩ୟ ଲାଇନରେ ଥିବା ଏକ ୨ ମହଲା ଘରେ ଚୋରମାନେ କଳାକନା ବୁଲାଇଛନ୍ତି। ଏହି ଘରର ମାଲିକ ତଳ ମହଲାରେ ରହୁଥିବା ବେଳେ ଉପର ମହଲାରେ ବିଦ୍ୟୁତ ବିଭାଗର ଜଣେ କାର୍ଯ୍ୟରତ ଜଣେ ଯନ୍ତ୍ରୀ ରହୁଥିଲେ। ଉଭୟଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଚୋର ଦଳ ଭରି ଓଜନର ସୁନା ଅଳଙ୍କାର, ନଗଦ ଟଙ୍କା ରୂପା ଅଳଙ୍କାର, ଲାପଟପ, ଟାବଲେଟ୍ ସହ କିଛି ଦାମୀ ସାମଗ୍ରୀ ନେଇ ଯାଇଛନ୍ତି। କେବଳ ସେତିକି ନୁହଁ ଗଲା ବେଳେ ଚୋରମାନେ ଏହି ଘରେ ଲାଗିଥିବା ସିସିଟିଭି କ୍ୟାମେରା ସହ ସମ୍ମୁଖରେ ଥିବା ଏକ ଗହଣା ଦୋକାନ ଆଗରୁ ଏକ ବାଇକ ମଧ୍ୟ ଚୋରି କରି ଚମ୍ପଟ ମାରିଛନ୍ତି।

ସୂଚନାପ୍ରକାରେ, ଜୟପ୍ରକାଶନଗରରେ ନରସିଂହ ବେହେରାଙ୍କ ଏକ ୨ମହଲା ଘର ରହିଛି। ତଳ ଘରେ ନରସିଂହ ରହୁଥିବା ବେଳେ ଉପର ମହଲାରେ ବିଦ୍ୟୁତ ବିଭାଗର ଯନ୍ତ୍ରୀ ସୁବାଷଚନ୍ଦ୍ର ବିଷୋୟୀ ନିଜ ପରିବାର ସହ ଭଡାରେ ରହୁଛନ୍ତି। କିଛି ଦିନ ତଳେ ନରସିଂହ ବାଙ୍ଗାଲୋର ଚାଲି ଯାଇଥିବା ବେଳେ ଯନ୍ତ୍ରୀ ସୁବାଷଙ୍କ ପତ୍ନୀଙ୍କ ସ୍ୱାସ୍ଥ୍ୟ ଖରାପ ଥିବାରୁ ସେ କଟକ ଚାଲି ଯାଇଥିଲେ। ଏଭଳି ସ୍ଥିତିରେ ତଳ ଓ ଉପର ଘରେ ତାଲା ପଡିଥିଲା। ଏହାର ସୁଯୋଗ ନେଇ ଗତ ୧୩ ତାରିଖ ରାତିରେ ଚୋରମାନେ ମୁଖ୍ୟ ଗ୍ରୀଲର ତାଲା ଓ ଉଭୟ ଘରର କବାଟ ତାଲା ଭାଙ୍ଗି ଭିତରକୁ ପଶିବା ପରେ କଳାକନା ବୁଲାଇ ଦେଇଥିଲେ। ଯନ୍ତ୍ରୀ ସୁବାଷ ବ୍ରହ୍ମପୁରରେ ନଥିବାରୁ ତାଙ୍କ କାର୍ଯ୍ୟାଳୟର ଜଣେ କର୍ମଚାରୀ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ହେଲେ ଆଜି ଘର ମାଲିକ ନରସିଂହ ଓ ଯନ୍ତ୍ରୀ ବ୍ରହ୍ମପୁର ଫେରିବା ପରେ ଘର ଭିତରୁ ଚୋରି ହୋଇଥିବା ସାମଗ୍ରୀ ବିଷୟରେ ଜଣାପଡିଥିଲା। ଯନତ୍ରୀଙ୍କ ଘରୁ ଅଫିସ କାର୍ଯ୍ୟ ପାଇଁ ବ୍ୟବହାର ହେଉଥିବା ୨ ଟି ଦାମୀ ଲାପଟପ ଓ ଗୋଟିଏ ଟାବଲେଟ ସହ ନଗଦ ୧୦ହଜାର ଟଙ୍କା, କିଛି ରୂପା ଅଳଙ୍କାର ଓ ମୂଲ୍ୟବାନ ସାବଗ୍ରୀ ଚୋରି ହୋଇଥିବା ଜଣାପଡିଛି। ଚୋରମାନେ ସିସିଟିଭି କ୍ୟାମରୋ ଓ ଏହାର ମେସିନକୁ ମଧ୍ୟ ଚୋରି କରି ନେଇ ଯାଇଛନ୍ତି। ସେହିପରି ଘର ମାଲିକ ନରସିଂହଙ୍କ ଘରୁ ୫ ଭରି ଓଜନର ସୁନା ଅଳଙ୍କାର, ନଗଦ ୧୦ ହଜାର ଟଙ୍କା ଓ ରୂପା ଅଳଙ୍କାର ଚୋରି ହୋଇଥିବା ଜଣାପଡିଛି। ଏପଟେ ଚୋରିମାନେ ସେହି ରାତିରେ ଏହି ଘର ନିକଟରେ ଥିବା ଏକ ଅଳଙ୍କାର ଦୋକାନ ସମ୍ମୁଖରେ ରଖାଯାଇଥିବା ଏକ ବାଇକକୁ ମଧ୍ୟ ଚୋରି କରି ନେଇଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ବୈଦ୍ୟନାଥପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରୁଛି। ଆଖାପାଖ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଚୋରଙ୍କୁ ଚିହ୍ନଟ ପାଇଁ ଉଦ୍ୟମ ଜାରି ରହିଛି।

ଜନ୍ମଦିନରେ ନବୀନଙ୍କ ଦୀର୍ଘାୟୁ କାମନା କଲେ

ବ୍ରହ୍ମପୁର,୧୬।୧୦(ସମିସ)

ବିଜୁ ଜନତା ଦଳର ସୁପ୍ରିମ ତଥା ବିରୋଧୀ ଦଳ ନେତା, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଜନନାୟକ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ମହାସମାରୋହରେ ପାଳିତ ହୋଇଛି। ଏ ଅବସରରେ ବ୍ରହ୍ମପୁର ଓ ଗୋପାଳପୁର ନିର୍ବାଚନ ମଣ୍ଡଳି ବିଜୁ ଜନତା ଦଳ ପକ୍ଷରୁ ବିଭିନ୍ନ ଜନ ହିତକର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସକାଳେ ସ୍ଥାନୀୟ ବୁଢୀ ଠାକୁରାଣୀ ମନ୍ଦିରରେ ଦୀପଦାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରି କର୍ମୀମାନେ ଦୀପ ଜାଳିଛନ୍ତି। ଏଠାରେ ପୂଜାର୍ଚ୍ଚନା କରି ନବୀନ ବାବୁଙ୍କ ଦୀର୍ଘ ସୁସ୍ଥତା କାମନା କରିଛନ୍ତି। ସେହିଭଳି ମହାତ୍ମାଗାନ୍ଧୀ ଷ୍ଟାଡ଼ିୟମ ନିକଟରେ କୁନି କୁନି ଶିଶୁମାନଙ୍କୁ ବିଭିନ୍ନ ଖାଦ୍ୟ ବଣ୍ଟନ କରାଯାଇଛି। ଶିଶୁଙ୍କ ଗହଣରେ କେକ୍ କଟାଯାଇଛି। ଏଠାରେ ଶିଶୁମାନେ ନବୀନ ବାବୁଙ୍କୁ ଗୀତ ମାଧ୍ୟମରେ ଶୁଭେଚ୍ଛା ଜଣାଇଛନ୍ତି। ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ କୁମାର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ କାର୍ଯ୍ୟକ୍ରମରେ ଦଳର ଉପସଭାପତି ତଥା ପୂର୍ବତନ ବ୍ରହ୍ମପୁର ସାଂସଦ ଚନ୍ଦ୍ର ଶେଖର ସାହୁ, ପୂର୍ବତନ ବିଧାୟକ ଡ଼ାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ ବିବେକ ରେଡ୍ଡୀ, ବିଜେଡି ନେତା ସୁବାଷ ମହାରଣା ପ୍ରମୁଖ ଯୋଗଦେଇ ନବୀନ ବାବୁ ଜନସେବାରେ ବ୍ରତୀ ହେବାକୁ କର୍ମୀଙ୍କୁ କହିଥାନ୍ତି। ଏହି ବାର୍ତ୍ତାକୁ ସମସ୍ତ ଅନୁଗାମୀ ଅନୁକରଣ କରନ୍ତି। ଏଭଳି ଜଣେ ଜନନାୟକଙ୍କୁ ମା' ବୁଢୀ ଠାକୁରାଣୀ ସର୍ବଦା ଘଣ୍ଟ ଘୋଡ଼ାଇ ରଖିଥାନ୍ତୁ ବୋଲି ନେତାଏଁ ଏଠାରେ କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅର୍ବାନ ବ୍ୟାଙ୍କ ସଭାପତି ଆର ମୂରଲି ମୋହନ, କର୍ପୋରେଟର ଆର ପାଓ୍ୱାନୀ, ଦୁର୍ଗା କୁମାର ଲାୟକ, ସମୀର କୁମାର ମିଶ୍ର, ଗୀତାରାଣୀ ପଣ୍ଡା, ଦୁର୍ଗା କୁମାର ପଣ୍ଡା, ବିଜେଡି ନେତା ଅଜିତ ଦାଶ, ଜିଲ୍ଲା ପରିଷଦ ଉପାଧକ୍ଷା ଏସ ରାଜେଶ୍ୱରୀ ଦୋରା, କର୍ପୋରେଟର ସନ୍ତୋଷ ସେଠୀ, ଯୁବ ନେତା ଅଜିତ କୁମାର ପଣ୍ଡା, ଜ୍ୟୋତି ରଞ୍ଜନ ସାହୁ, ଶୋଭନ ନାୟକଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ରହି ନବୀନ ବାବୁଙ୍କ ସକାଶେ ଦୀପଦାନ କରିଛନ୍ତି।

ହସ, ଯୋଗ ଓ ବ୍ୟାୟାମ କେନ୍ଦ୍ର ପକ୍ଷରୁ ସତ୍ୟବାଦୀଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର,୧୬ ।୧୦(ସମିସ): ଲାଞ୍ଜିପଲ୍ଲୀ ସ୍ଥିତ ବରିଷ୍ଠ ନାଗରିକ ମଞ୍ଚର ହସ, ଯୋଗ ଓ ବ୍ୟାୟାମ କେନ୍ଦ୍ରର ବରିଷ୍ଠ ସଦସ୍ୟ ସତ୍ୟବାଦୀ ମହାରଣାଙ୍କୁ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଛି। କାର୍ଯ୍ୟକ୍ରମରେ ମଞ୍ଚ ସଭାପତି ପ୍ରଫେସର ଭାସ୍କର ପାଢ଼ୀ ଶ୍ରୀ ମହାରଣାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ପୂର୍ବରୁ ଶ୍ରୀ ମହାରଣାଙ୍କୁ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଆନ୍ତର୍ଜାତୀୟ ବୟୋଜ୍ୟେଷ୍ଠ ଦିବସ ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଘର ସମ୍ପାଦକ ସୁରେଶ ଜେନା, କୋଷାଧକ୍ଷ ପ୍ରଫୁଲ୍ଲ ପାତ୍ର, ମନୋଜ କୁମାର ଖାଡଙ୍ଗା, ଶିବରାମ ପାଣାଗ୍ରାହି, ଜଗନ୍ନାଥ ଦାସ, ଅଭିମନ୍ୟୁ ମହାରଣା, କୁମୁଦ ଚନ୍ଦ୍ର ବେହେରା, ସୂର୍ଯ୍ୟ ନାରାୟଣ ମହାନ୍ତି, ସୁଜନ ଶର୍ମ୍ମା, ଚିତ୍ତରଞ୍ଜନ ସାହୁ, ଦୟାନିଧୀ ପ୍ରଧାନ ଓ କୈଳାଶ ଚର୍ଚ୍ଚି ସମେତ ବହୁ ସଭ୍ୟ ଉପସ୍ଥିତ ଥିଲେ।

ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ଆଲୋଚନା ସଭା

ବ୍ରହ୍ମପୁର,୧୬।୧୦(ସମିସ): ଗଞ୍ଜାମ ଜିଲ୍ଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ମାସିକ ଆଲୋଚନା ସଭା ଉତ୍କଳ ଆଶ୍ରମ ପାଠାଗାର କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ରାଧା ଚରଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସାଧାରଣ ସମ୍ପାଦକ ଦିନବନ୍ଧୁ ଶ୍ରୀପଲ୍ଲବ ସମ୍ପାଦକ ରଜନୀ କାନ୍ତ ମଣ୍ଡଳ ଏବଂ ସଂଯୋଜକ ଗୌରୀଶଙ୍କର ପଟ୍ଟନାୟକ ପ୍ରମୁଖ ମଞ୍ଚାସିନ ଥିଲେ। ଜିଲ୍ଲା ପ୍ରଶାସନ ତରଫରୁ ଗତ ୧୦ତାରିଖରେ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଇଥିବାରୁ ଏଠାରେ ସ୍ୱାଗତ କରାଯାଇଛି। ରାଜ୍ୟର ସମସ୍ତ ବରିଷ୍ଠ ନାଗରିକ ମାନଙ୍କୁ ପୁଲିସ ପ୍ରଶାସନ ପକ୍ଷରୁ ପରିଚୟପତ୍ର ପ୍ରଦାନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। କୋଷାଧକ୍ଷ ଲଡୁ କେଶ ମିଶ୍ର ବାର୍ଷିକ ଉତ୍ସବ ଆୟ ବ୍ୟୟ ହିସାବ ଉପସ୍ଥାପନ କରିଥିଲେ। ସଭାରେ କିରଣ କୁମାର ଦୋରା, ହାଡ଼ିବନ୍ଧୁ ମାଳି, ଶ୍ୟାମାପ୍ରସାଦ ପାଢ଼ୀ, ଡ ବିଜୟ ଚନ୍ଦ୍ର ମହାରଣା, ରବିନ୍ଦ୍ର କୁମାର ନାୟକଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

ପୀତବାସଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଲେ ବିଜେଡି ନେତା

ବ୍ରହ୍ମପୁର,୧୬।୧୦(ସମିସ): ସହରର ବରିଷ୍ଠ ଆଇନଜୀବୀ ତଥା ରାଜ୍ୟ ଆଇନ ପରିଷଦର ସଦସ୍ୟ ସ୍ୱର୍ଗତ ପୀତବାସ ପଣ୍ଡାଙ୍କୁ ବିଜେଡିର ବହୁ ବରିଷ୍ଠ ନେତା ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ସ୍ୱର୍ଗତ ଶ୍ରୀ ପଣ୍ଡାଙ୍କ ବାସଭବନରେ ପହଞ୍ଚି ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ପରିବାର ବର୍ଗଙ୍କ ସହ ଆଲୋଚନା କରିଥିଲେ। ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ପୂର୍ବତନ ବ୍ରହ୍ମପୁର ବିଧାୟକ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଡ଼େପୁଟି ମେୟର ଇ ବିବେକ ରେଡ୍ଡୀ, ଅର୍ବାନ ବ୍ୟାଙ୍କ ସଭାପତି ଆର. ମୁରଲୀ ମୋହନ, କର୍ପୋରେଟର ନୀଳକଣ୍ଠ ସାହୁ, ଡି. କରୁଣା, ଟି. ତ୍ରିପତି ପାତ୍ର, ପ୍ରଦୀପ ଶତପଥି ଓ ଟି. କିଶୋର ପ୍ରମୁଖ ଉପସ୍ଥିତ ରହି ପରିବାରବର୍ଗଙ୍କୁ ଗଭୀର ସମବେଦନା ଜ୍ଞାପନ କରିଥିଲେ।

ମାନବ ଅଧିକାର ସୁରକ୍ଷା ମଞ୍ଚର ଅଭିଯୋଗ

ନିୟମିତ ମିଳୁନି ଔଷଧ, ଇଞ୍ଜେକ୍ସନ୍ ଓ ଭ୍ୟାକ୍ସିନ୍

ବ୍ରହ୍ମପୁର,୧୬।୧୦(ସମିସ): ବ୍ରହ୍ମପୁର ପ୍ରାଣୀ ଚିକିତ୍ସାଳୟକୁ ଗୁରୁବାର ମାନବ ଅଧିକାର ସୁରକ୍ଷା ମଞ୍ଚର ଏକ ପ୍ରତିନିଧି ଦଳ ପରିଦର୍ଶନ କରିଥିଲେ। ଏହି ସମୟର ଚିକିତ୍ସାଳୟରେ ବହୁ ଅବ୍ୟବସ୍ଥା ଦେଖି ପ୍ରତିନିଧି ମାନେ ବିରକ୍ତ ପ୍ରକାଶ କରିଥିଲେ। ପଶୁଙ୍କ ଚିକିତ୍ସା ସ୍ଥାନରେ ବାଲି, ମାଟି ନିୟମିତ ଭାବେ ବାହାର କରିବା ନିୟମ ରହିଥିବା ବେଳେ ବର୍ଷାଧିକାଳରୁ ତାହା ହେଉନଥିବା ଦେଖିବାକୁ ପାଇଥିଲେ। ମହାନଗର ନିଗମ ମର ଶରୀର ବାହାର କରିବା ନିୟମ ରହିଥିଲେ ବି ମର ଶରୀର ଦୀର୍ଘ ଘଣ୍ଟା ପଡ଼ି ରହୁଥିବା ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି। ସେହିପରି ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସାଳୟରେ ଉତ୍ତମ ଚିକିତ୍ସା ସେବା ସମେତ ସଠିକ୍ ଔଷଧ ନଥିବା ଅଭିଯୋଗ ହୋଇଛି। ପଶୁ ପକ୍ଷୀଙ୍କ ଚିକିତ୍ସା ନିମନ୍ତେ ଆବଶ୍ୟକତା ରହିଥିବା ଔଷଧ ମଧ୍ୟରେ ଅନେକ ଔଷଧ ପ୍ରାୟ ୩ମାସ ହେବେ ପ୍ରଦାନ କରାଯାଇନଥିବା ଅଭିଯୋଗ ହୋଇଛି। ବିନା ଔଷଧ, ଇଞ୍ଜେକ୍ସନ୍, ସାଲାଇନ୍, ଭ୍ୟାକ୍ସିନରେ ପଶୁ ଚିକିତ୍ସା କିପରି ସମ୍ଭବ ବୋଲି ମାନବ ଅଧିକାର ସୁରକ୍ଷା ମଞ୍ଚ ଅଭିଯୋଗ କରିଛି। ଅନ୍ତଃବିଭାଗ କାର୍ଯ୍ୟକ୍ଷମ କରାଇବା ସହ ସଠିକ୍ ଭାବେ ୨୪ଘଣ୍ଟା ଆମ୍ବୁଲାନ୍ସ ସେବା, ଚିକିତ୍ସାବେଳେ ଅନୁପସ୍ଥିତ ରହୁଥିବା ଡାକ୍ତର ଓ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ହସ୍ପିଟାଲରେ ସିସି କ୍ୟାମେରା ସଂଯୋଗ କରିବା, ସମସ୍ତ ଜରୁରୀ ଔଷଧ ତୁରନ୍ତ ଯୋଗାଇବା, ପ୍ରତିଦିନ ଚିକିତ୍ସାଳୟକୁ ସିଡିଭିଓ ପରିଦର୍ଶନରେ ଯିବା ଓ ଦୁର୍ଘଟଣାଗ୍ରସ୍ତ ପଶୁ ଜନ୍ତୁଙ୍କ ଜରୁରୀ ଚିକିତ୍ସା ଭଳି ବିଭିନ୍ନ ସେବା ଦେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରଯାଇଛି। ପରିଦର୍ଶନ ସମୟରେ ମଞ୍ଚର ପ୍ରତିନିଧି ଦଳରେ ମାନବ ଅଧିକାର ସୁରକ୍ଷା ମଞ୍ଚର ସାଂଗଠନିକ ସମ୍ପାଦକ ମନୋଜ କୁମାର ତରାଇଙ୍କ ସହ ଅଲ୍ ଇଣ୍ଡିଆ କ୍ଷେତ ମଜଦୂର କିଷାନ ସଭାର ଗଞ୍ଜାମ ଜିଲ୍ଲା ସଭାପତି ଆଇନଜୀବି ଅବନୀ ଗୟା, ସେବା ନିବୃତ୍ତ ଶିକ୍ଷକ କର୍ମଚାରୀ ସଂଘର ରାଜ୍ୟ ସମ୍ପାଦକ ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ଶିକ୍ଷକ ସଂଘର ନେତା ଅଶୋକ କୁମାର ଦଳାଇ, ନିହାର ରଞ୍ଜନ ପଣ୍ଡା, ବି. ରାମ ବାବୁ, ବି. ମଣିକାନ୍ତା, ନିକେଶ ପାଣିଗ୍ରାହୀ, ସୀତାରାମ ବେହେରା, କୃଷ୍ଣଚନ୍ଦ୍ର ସାହୁ, ଆକାଶ ପାତ୍ର, ଗୋବିନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

Format C-7

(for political parties to publish in the newspaper, social media platforms & website of the party)

Information regarding individuals with pending criminal cases, who have been selected as candidates, along with the reasons for such selection, as also as to why other individuals without criminal antecedents could not be selected as candidates

(As per the Commission's directions issued in pursuance of the order dated 13.02.2020 of the Hon'ble Supreme Court in contempt petition © no. 2192 of 2018 in W.P.(C) No. 536/2011)

Name of the Political Party: BIJU JANATA DAL
Name of the Election: BYE- ELECTION TO THE STATE LEGISLATIVE ASSEMBLY OF ODISHA -2025
Name of the State: ODISHA

(1) Name of the Constituency - **71-NUAPADA AC**

Name of the Candidate – **SMT. SNEHANGINI CHHURIA**

Sl. No.			
1.	Criminal Antecedents		
	a.	Nature of the Offence	i. Non-Bailable ii. Non-Bailable iii. Non-Bailable iv. Non-Bailable
	b.	Case No.	i. Bargarh Town PS Case No-36/25 ii. Bargarh Town PS Case No-37/25 iii. Bargarh Town PS Case No-38/25 iv. Bargarh Rural PS Case No-11/25
	c.	Name of the Court	All cases are pending in SDJM Bargarh, District Bargarh
	d.	Whether charges have been framed or not (Yes/No)	i. No ii. No iii. No iv. No
	e.	Date of Conviction, if any	Not Applicable
	f.	Details of punishment undergone, if any	Not Applicable
	g.	Any other information required to be given	All cases posted for appearance
2.	The reasons for the selection of the candidate. Selection shall be with reference to the qualifications, achievements and merit of the candidates and not mere "winnability" at the polls (Not more than 100 words)		The candidate is a dynamic SC women leader, having huge public contact and popularity in this state of Odisha and she has worked hard in bringing social upliftment, particularly for the women, poor and downtrodden and still have zeal and eagerness to bring perceptible changes in the living standard of the people. She is highly qualified with Post Graduate and BED degrees to her credit.
3.	Reasons as to why other individuals without criminal antecedents could not be selected as candidates (not more than 100 words)		In consideration of the above merits, her selection as a candidate to the **71-NUAPADA Assembly Constituency** is more justified than other individuals without criminal antecedents.

(2) Name of the Constituency - **71-NUAPADA AC**

Name of the Candidate – **SMT. SNEHANGINI CHHURIA**

.... and so on

* In the case of election to Council of States or States or election to Legislative Council by MLAs, mention the election concerned in place of name of Constituency.

Sd/-
DEBIPRASAD MISHRA
SENIOR VICE-PRESIDENT,
BIJU JANATA DAL, ODISHA

ରାସ୍ତା ଉପରେ ଜଳିଗଲା କଣ୍ଟେନର

ଛତ୍ରପୁର,୧୬ ।୧୦(ସମିସ): ରାସ୍ତା ଉପରେ ହୁତୁହୁତୁ ହୋଇ ଜଳିଗଲା କଣ୍ଟେନର। ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର୍। ଗୁରୁବାର ଭୋର୍ ୩ଟା ବେଳେ ଗଞ୍ଜାମ ଜିଲ୍ଲା ଚମାଖଣ୍ଡି ଥାନା ଅନ୍ତର୍ଗତ ଟିଟା ନିୟମ କମ୍ପାନୀ ନିକଟ ଜାତୀୟ ରାଜପଥ ଉପରେ ଏହି ଘଟଣା ଘଟିଛି। ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଛି। ଗୁରୁବାର ଭୋର୍ ୩ଟା ବେଳେ କଟକରୁ କନିସି ଯାଉଥିବା ଏକ କଣ୍ଟେନର ଚମାଖଣ୍ଡି ଥାନା ଟିଟାନିୟମ କମ୍ପାନୀ ନିକଟ ଜାତୀୟ ରାଜପଥ ଉପରେ ହୁତୁହୁତୁ ହୋଇ ଜଳିଯାଇଛି। ନିଆଁ ଲାଗିଯିବା ପରେ ଡ୍ରାଇଭର ଗାଡ଼ି ବନ୍ଦ କରି ଓହ୍ଲାଇ ପଡ଼ିଥିଲେ। ଫଳରେ ଏକ ବଡ଼ ଅଘଟଣ ଅଳ୍ପକେ ବର୍ତ୍ତିଯାଇଛି। ଛତ୍ରପୁର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ତେବେ କଣ୍ଟେନେରରେ କୌଣସି ସାମଗ୍ରୀ ବୋଝେଇ ନଥିବା ଜଣାପଡ଼ିଛି।

ନଦୀରେ ବୁଡ଼ି ଯୁବକ ମୃତ

ଆସିକା,୧୬ ।୧୦(ସମିସ): ଆସିକା ବ୍ଲକ ଅନ୍ତର୍ଗତ ଗହଙ୍ଗୁପାଟଣା ସାହିର ଜଣେ ଯୁବକ ନଦୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ମୃତକ ହେଲେ ଦିଲ୍ଲୀପ ନାୟକ(୪୦)। ସେ ଗାଁ ନିକଟରେ ଯାଇଥିବା ବଡ଼ ନଦୀରେ ଶୌଚ ହେଉଥିବା ବେଳେ ବୁଡ଼ି ଯାଇଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସେପଟେ ରୋଜଗାରିଆ ପୁଅକୁ ହରାଇ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।

ପ୍ରେସର କୁକର୍ ବିସ୍ଫୋରଣରେ ୪ ଆହତ

କୁକୁଡାଖଣ୍ଡି,୧୬ ।୧୦(ସମିସ): ସଦର ଥାନା ନିକଟସ୍ଥ ଅଙ୍କୁଶପୁର ଗ୍ରାମରେ ଥିବା କବିରାଜ ଅନନ୍ତ ତ୍ରିପାଠୀ ଶର୍ମା(କେଏଟିଏସ୍) ଆୟୁର୍ବେଦିକ କଲେଜ ଓ ହସ୍ପିଟାଲରେ ଗୁରୁବାର ଦିନ ଏକ ବିସ୍ଫୋରଣରେ ଚାରିଜଣ ଆହତ ହୋଇଛନ୍ତି। ପଞ୍ଚକର୍ମ ବିଭାଗ ଭିତରେ ପ୍ରେସର କୁକରଟି ବିସ୍ଫୋରଣ ହୋଇଥିବା ଜଣାପଡିଛି। ସୂଚନା ପ୍ରକାରେ ଜଣେ ରୋଗୀଙ୍କୁ ସେକ ଦେବା ସମୟରେ ଅନ୍ୟ ଜଣେ ରୋଗୀଙ୍କ ପାଖରେ ଥିବା କୁକର ଅଚାନକ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣର ଶବ୍ଦରେ ସମଗ୍ର ହସ୍ପିଟାଲ କମ୍ପିଉଠିଥିଲା। ଝରକା ଗ୍ଲାସ୍ ଭାଙ୍ଗି ଯିବା ସହ ଓ କାନ୍ଥର ମାର୍ବଲ ଖସିପଡ଼ିଥିଲା। ଫଳରେ ଭୟଭୀତ ଛାତ୍ରଛାତ୍ରୀ ଓ ରୋଗୀମାନେ ଆତଙ୍କିତ ହୋଇ ବାହାରି ଆସିଥିଲେ। ଆହତ ଚାରିଜଣଙ୍କୁ ତୁରନ୍ତ ହସ୍ପିଟାଲର ଅନ୍ୟ ବିଭାଗକୁ ନେଇ ଚିକିତ୍ସା କରାଯାଇଛି। ପୁରୁଣା ଓ ଅତି ଚାପରେ ରହିଥିବା ପ୍ରେସର କୁକର ହିଁ ବିସ୍ଫୋରଣର କାରଣ ବୋଲି କୁହାଯାଉଛି। ଏହି ଘଟଣା ପରେ ମଧ୍ୟ କଲେଜ ପକ୍ଷରୁ ଘଟଣାକୁ ଲୁଚାଇବା ଉଦ୍ୟମ ହେଉଛି। କଲେଜ ଅଧ୍ୟକ୍ଷ ଅରୁଣ କୁମାର ଦାସ ପୁରୁଣା ପ୍ରେସର କୁକୁର ଯୋଗୁଁ ଏପରି ହୋଇଥିବା କହିଛନ୍ତି। ଏହା ଆୟୁର୍ବେଦିକ କଲେଜର ସୁରକ୍ଷା ବ୍ୟବସ୍ଥା ଉପରେ ଗଭୀର ପ୍ରଶ୍ନ ଉଠାଇଛି।

ଗଳିକନ୍ଦିରେ ଗଚ୍ଛିତ ହେଲାଣି ବାଣ, ବଢ଼ିବ ବେଆଇନ ବିକ୍ରି

କବିସୂର୍ଯ୍ୟନଗର,୧୬ ।୧୦(ସମିସ): କବିସୂର୍ଯ୍ୟନଗର ଏନ୍ଏସିର ବିଭିନ୍ନ ଗଳିକନ୍ଦିରେ ବିକ୍ରି ପାଇଁ ଲକ୍ଷାଧିକ ଟଙ୍କାର ବେଆଇନ ବାଣ ମହଜୁଦ ହେଲାଣି । ନଳବଣ୍ଟା, ବ୍ରହ୍ମପୁର, ହାଇଦ୍ରାବାଦ, ଜାରକା ଭଳି ବହୁ ବେନାମୀ କମ୍ପାନୀର ବାଣ ରାତି ଅଧରେ ଆଣି ଜମା କଲେଣି ଅସାଧୁ ବ୍ୟବସାୟୀ। ହେଲେ ବିକ୍ରି ପାଇଁ ଅଛି ନା ଲାଇସେନ୍ସ ନା ମିଳିଛି ଅନୁମତି ପତ୍ର। କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି ପ୍ରଶାସନ। ସ୍ଥାନୀୟ ପୁଲିସ, ଅଗ୍ନିଶମ ବାହିନୀ, ତହସିଲଦାରଙ୍କ ନୀରବତାକୁ ନେଇ ଉଠିଲାଣି ପ୍ରଶ୍ନ। ଲାଇସେନ୍ସ ମିଳିନି ହେଲେ ଆବେଦନକାରୀଙ୍କ ଲକ୍ଷ ଲକ୍ଷ ଟଙ୍କାର ବାଣ ବିକ୍ରି ସରିଲାଣି। ଦୀପାବଳି ଆଉ କେଇଟା ଦିନ ରହିଥିବା ବେଳେ ଲାଭଖୋର ଅସାଧୁ ବେପାରୀ ନିଜ ପସରା ଅବାଧରେ ଚଳାଇଛନ୍ତି। ହାତ ଗଣତି ବେପାରୀ ଲାଇସେନ୍ସ ପାଇଁ ଆବେଦନ କରିଥିବା ବେଳେ ଶତାଧିକ ବାଣ ବେପାରୀ ଏବେଠୁ ଲୁଚାଚୋରାରେ ବିକ୍ରି ଆରମ୍ଭ କରି ଦେଇଛନ୍ତି। ପୁଲିସ, ତହସିଲ, ଅଗ୍ନିଶମ ଅନୁମତି ନେଇ ଉପଜିଲ୍ଲାପାଳ ଠାରୁ ଲାଇସେନ୍ସ ଆଣି ଜନବସତି ଓ ବଜାର ଠାରୁ ୫୦୦ ମିଟର ଦୂରରେ ବାଣ ଦୋକାନ ଖୋଲିବା ସହ ପାଖରେ ଜଳାଶୟ, ଅଗ୍ନିନିର୍ବାପକ ଯନ୍ତ୍ର, ବାଲିବସ୍ତା, ବାଲି ମହଜୁଦ ରଖିବା ନିୟମ ରହିଛି। କିନ୍ତୁ ଏଠି ସବୁ ଉଲ୍ଲଘନ ହୋଇ ସହମତିରେ ବାଣ ବିକ୍ରି ଚାଲିଛି। ବିଶେଷତଃ ମହାମାୟୀ ମନ୍ଦିର ନିକଟ, କୁମୁଟି ସାହି ଛକ, ମାଛଗଳି, ଗଣେଶ ବଜାର, ମୁଖ୍ୟ ରାସ୍ତା, ଆଇବି ଛକ, ଗୁଡ଼ିଆଳି ଛକ, ପଥରା, ତେଲି ସାହି ଓ ଦେଶିବେହେରା ସାହି ମଧ୍ୟଭାଗରେ ବେଆଇନ ବାଣ ଠୁଳ ହୋଇ ରହିଛି।

ରଷିକୁଲ୍ୟାରେ ଛାତ୍ର ନିଖୋଜ ଘଟଣା

୧୩ ଦିନ ପରେ ଗଳିତ ଶବ ଉଦ୍ଧାର

ଧରାକୋଟ,୧୬ ।୧୦(ସମିସ): ଧରାକୋଟ ଥାନା ଅନ୍ତର୍ଗତ ପୋଡ଼ାପଲି ଗ୍ରାମର ଜଣେ ଛାତ୍ର ଗତ ୪ ତାରିଖରେ ରଷିକୁଲ୍ୟା ନଦୀକୁ ଗାଧୋଇବାକୁ ଯାଇ ଭାସି ଯାଇଥିଲେ। ଘଟଣାର ୧୩ ଦିନ ପରେ ଗୁରୁବାର ତାଙ୍କର ଗଳିତ ଉଦ୍ଧାର ହୋଇଛି। ମୃତକ ହେଲେ ବୁଲୁ ପ୍ରଧାନ ଓ ପ୍ରମଦା ପ୍ରଧାନଙ୍କ ପୁଅ ଶୁଭମ୍ ପ୍ରଧାନ(୧୭)। ଗତ ୪ ତାରିଖ ଦିନ ସାଙ୍ଗମାନଙ୍କ ସହିତ ରଷିକୁଲ୍ୟା ନଦୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ନଦୀର ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ଏହା ପରେ ଧରାକୋଟ ଦମକଳ ବାହିନୀ ଓ ପୁଲିସ ଚାରିଦିନ ଧରି ଖୋଜା ଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳିନଥିଲା। ଘଟଣାକୁ ୧୩ ଦିନ ପୁରିଲା ପରେ ଗୁରୁବାର ପୋଡ଼ାପଲି ଗାଁ ଠାରୁ ପ୍ରାୟ ଦୁଇ କିମି ଦୂର ଲକ୍ଷ୍ମୀପୁର ବାଲି ଘାଟ ଭିତରୁ ଶୁଭମଙ୍କ ଶବ ଉଦ୍ଧାର ହୋଇଛି। ନଦୀରେ ଶୁଭମ ନିଖୋଜ ହୋଇଯାଇଥିବା ନେଇ ତାଙ୍କ ଦାଦା ଟୁକୁନା ପ୍ରଧାନ ଧରାକୋଟ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ୩୮୦/୨୫ ପ୍ରକାରେ ଏକ ନିଖୋଜ ମାମଲା ରୁଜୁ କରିଥିଲା। ଧରାକୋଟ ଅଗ୍ନିଶମ ବିଭାଗ ଅଧିକାରୀ କୃଷ୍ଣ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଧରାକୋଟ ତହସିଲଦାର ଓ ପୁଲିସ ଉପସ୍ଥିତିରେ ରଷୀକୁଲ୍ୟା ନଦୀରେ ଦୀର୍ଘ ଚାରିଦିନ ଧରି ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ପତ୍ତା ମିଳିନଥିଲା। ଯାହାକୁ ନେଇ ପରିବାର ସଦସ୍ୟ ଅସହାୟ ହୋଇ ପଡ଼ିବା ସହ ପୁଣି ଥାନାରେ ଶୁଭମକୁ ଖୋଜି ବାହାର କରିବା ପାଇଁ ଥାନା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଗୁରୁବାର ଗାଁ ଲୋକେ ନିଜସ୍ୱ ଉଦ୍ୟମରେ ଲକ୍ଷ୍ମୀପୁର ବାଲି ଘାଟ ଅଞ୍ଚଳରେ ଖୋଳା ଖୋଳି କରିବା ବେଳେ ଶୁଭମର ଶବ ବାଲି ତଳେ ପୋତିହେବା ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଥିଲା। ତୁରନ୍ତ ଗାଁ ଲୋକେ ପୁଲିସ ଓ ଦମକଳ ବାହାନିକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ଅଧିକାରୀ କୃଷ୍ଣଚନ୍ଦ୍ର ସାହୁ, ଆଗ୍ନିକ ପବିତ୍ର ବେହେରା, ଶୁଭଜିତ୍ ରଥ, କୃଷ୍ଣଚନ୍ଦ୍ର ପ୍ରଧାନ, ଦୁଷ୍ମନ୍ତ ପ୍ରଧାନ, ସନ୍ଦୀପ ବେହେରା, ଭୀମ ସେନ ନାୟକ ଓ ଜିତେନ୍ଦ୍ର ନାୟକ ପ୍ରମୁଖ ଘଟଣାସ୍ଥଳରେ ପହଁଚି ବାଲି ଭିତରୁ ଶୁଭମର ଶବକୁ ଉଦ୍ଧାର କରି ପୁଲିସକୁ ହସ୍ତାନ୍ତର କରିଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପ୍ରକାଶଯୋଗ୍ୟ ଗତ ୪ ତାରିଖ ଦିନ ଶୁଭମ୍ ନଦୀରେ ଭାସିଯିବା ପରଠାରୁ ପରିବାର ଲୋକ ସମେତ ଗାଁ ଲୋକେ ମିଳିତ ଭାବରେ ଖୋଜା ଖୋଜି କରୁଥିଲେ। ୧୩ ଦିନ ପରେ ଶୁଭମର ପତ୍ତା ମିଳିବା ପରେ ଗାଁ ଲୋକଙ୍କ ସହ ପରିବାର ଲୋକେ ଏକ ରକମ ଆଶ୍ୱସ୍ତ ହେଇଛନ୍ତି।

ଶ୍ମଶାନ ଗୃହ ନାହିଁ; ଶବ ସଂସ୍କାର ଲାଗି ଗ୍ରାମବାସୀ ଦହଗଞ୍ଜ

ରମ୍ଭା,୧୬ ।୧୦(ସମିସ): ଗଞ୍ଜାମ ବ୍ଲକର ସାନରାମଚନ୍ଦ୍ରପୁର ପଞ୍ଚାୟତ ଅଧିନସ୍ତ ମଧୁରୁଚୁଆ ଅନୁସୂଚିତ ଜାତି ସାହିବାସିନ୍ଦାଙ୍କ ପାଇଁ ପକ୍କା ଶ୍ମଶାନ ଗୃହ ନାହିଁ। ଫଳରେ ସାହିବାସିନ୍ଦା ବର୍ଷା ଦିନେ ଶବଦାହ ଲାଗି ଦହଗଞ୍ଜ ହେଉଛନ୍ତି। ସ୍ୱତନ୍ତ୍ର ଅନୁମୋଦନ ଅର୍ଥ ବରାଦ ହୋଇଥିଲେ ସୁଦ୍ଧା ପକ୍କା ରାସ୍ତା, ବିଦ୍ୟୁତ କରଣ ତାହା ସହିତ ଠାକୁରାଣୀ ମନ୍ଦିର ରାସ୍ତା ଓ ବିଦ୍ୟୁତ କରଣ ଏ ପର୍ଯ୍ୟନ୍ତ ନ ହୋଇ ଫାଇଲ ତଳେ କୁଆଡେ ଚାପି ହୋଇ ରହିଥିବା ଅଭିଯୋଗ ହୋଇଛି। ଅନୁରୂପ ଭାବେ ବିରୁଲିଗଡ଼ ଅନୁସୂଚିତ ଜାତି ସାହିବାସିନ୍ଦାଙ୍କ ଅଭିଯୋଗ ସମ ପରିମାଣରେ ହୋଇଛି। ଏହା ସହିତ ସାନ ରାମଚନ୍ଦ୍ରପୁର ପଞ୍ଚାୟତରେ ଥିବା ସମସ୍ତ ଅନୁସୂଚିତ ଜାତି ପାଇଁ ୨୦୨୩ରେ ଗ୍ରାମ ସଭାରେ ସ୍ୱତନ୍ତ୍ର ୪୦ ଲକ୍ଷ ଟଙ୍କା ବରାଦ ହୋଇଥିବା। କିନ୍ତୁ ଅନୁଦାନ ଠିକ ରୂପରେ କାମ ହୋଇଛିକି ନାହିଁ ସମସ୍ତଙ୍କ ମନରେ ପ୍ରଶ୍ନ ଉଙ୍କି ମାରିଛି। ଅପରପକ୍ଷେ ସ୍ଥାୟୀ ଶ୍ମଶାନ ଗୃହ ନ ଥିବାରୁ ସେମାନେ ଶବଦାହ କରିବା ପାଇଁ ବିଭିନ୍ନ ସମସ୍ୟା ଉପୁଜୁଛି। କେହି ବ୍ୟକ୍ତି ରାତ୍ରିରେ ମୃତ୍ୟୁବରଣ କରନ୍ତି ତାହାହେଲେ ସେମାନେ ଶବ ସଂସ୍କାର କରିବା ପାଇଁ ନାକେଦମ ହେଉଥିବା ବେଳେ ଖରା ଓ ବର୍ଷା ଦିନେ ଶବ ଦାହ କରିବା ଅତ୍ୟନ୍ତ କଷ୍ଟକର ହେଉଛି। ତେଣୁ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

● ଓଲଟିଲା ମାଛ ବୋଝେଇ କଣ୍ଟେନର

ଡ୍ରାଇଭର, ହେଲପର୍ ଆହତ

ଖଲ୍ଲିକୋଟ,୧୬ ।୧୦(ସମିସ): ଖଲ୍ଲିକୋଟ ବଡ଼ ଘାଟିରେ ଓଲଟିଲା ମାଛ ବୋଝେଇ କଣ୍ଟେନର୍। ଫଳରେ ଡ୍ରାଇଭର ଓ ହେଲ୍ପର ଆହତ ହୋଇଛନ୍ତି। ଆନ୍ଧ୍ରପ୍ରଦେଶର ନର୍ଷାପୁରରୁ ଏକ କଣ୍ଟେନର୍ ମାଛ ବୋଝେଇ କରି କୋଲକାତା ଅଭିମୁଖେ ଯାଉଥିଲା। ଖଲ୍ଲିକୋଟ ବଡ଼ ଘାଟି ଉପରେ କଣ୍ଟେନରଟିର ବ୍ରେକ ଫେଲ ହୋଇ ଯାଇଥିଲା। ଫଳରେ ଡ୍ରାଇଭର ଖଲ୍ଲିକୋଟକୁ ସଂଯୋଗ କରୁଥିବା ବାଇପାସ ରାସ୍ତାକୁ କଣ୍ଟେନର୍ ବୁଲାଇ ଦେଇଥିଲେ। ଏତିକିବେଳେ

ରାସ୍ତା ମଝିରେ ଭାରସାମ୍ୟ ହରାଇ କଣ୍ଟେନରଟି ଓଲଟି ପଡ଼ିଥିଲା। ପୁଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଡ୍ରାଇଭର ଓ ହେଲପରଙ୍କୁ ଉଦ୍ଧାର କରି ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଆହତ ଦୁଇ ଜଣ ଆନ୍ଧ୍ରପ୍ରଦେଶ ପଶ୍ଚିମ ଗୋଦାବରୀ ଅଞ୍ଚଳର ଏସ. ରଘୁ ଓ ଅନୀଲ ବୋଲି ଜଣାପଡ଼ିଛି। କଣ୍ଟେନରଟି ରାସ୍ତା ଉପରେ ପଡ଼ିଥିବା ବେଳେ ଜାତୀୟ ରାଜପଥରୁ ଖଲ୍ଲିକୋଟକୁ ସଂଯୋଗ କରୁଥିବା ବାଇପାସ୍ ରାସ୍ତାରେ ଯାତାୟତ ବନ୍ଦ ହୋଇଯାଇଛି।

ଆଶାକର୍ମୀ ସଂଘର ବିକ୍ଷୋଭ ପ୍ରଦର୍ଶନ

ଛତ୍ରପୁର,୧୬ ।୧୦(ସମିସ): ଭାରତୀୟ ମଜଦୂର ସଂଘ ସଂଲଗ୍ନ ଓଡିଶା ରାଜ୍ୟ ଆଶାକର୍ମୀ ସଂଘ ଗଞ୍ଜାମ ଜିଲ୍ଲା ପକ୍ଷରୁ ବିଭିନ୍ନ ଦାବି ନେଇ ଗୁରୁବାର ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହା ସହ ଏକ ୯ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ଜାତୀୟ ସ୍ୱାସ୍ଥ୍ୟ ମିଶନକୁ ସ୍ଥାୟୀ କରି ଆଶା କର୍ମୀ ମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ କରାଯିବା, ସରକାରୀ ମାନ୍ୟତା ମିଳିବା ପର୍ଯ୍ୟନ୍ତ ଆଶା କର୍ମଚାରୀ ମାନଙ୍କୁ ମାସିକ ବେତନ ୧୮ ହଜାର ଟଙ୍କା ପ୍ରଦାନ କରାଯିବା, ସମସ୍ତ ଆଶା କର୍ମୀ ମାନଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ଇଏସଆଇ ଓ ଇପିଏଫୋ ଅନ୍ତର୍ଗତ ପଞ୍ଜୀକୃତ କରାଯିବା ଭଳି ବିଭିନ୍ନ ଦାବି କରିଥିଲେ। ବହୁ ଆଶାକର୍ମୀ ମାନେ ସ୍ଥାନୀୟ ନୂଆ ବସଷ୍ଟାଣ୍ଡରୁ ଏକ ଶୋଭାଯାତ୍ରାରେ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଆଗାମୀ ପୌର ଓ ପଞ୍ଚାୟତ ନିର୍ବାଚନ ସମ୍ପର୍କିତ ସମୀକ୍ଷା

ଛତ୍ରପୁର,୧୬ ।୧୦(ସମିସ): ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ଗୁରୁବାର ଗଞ୍ଜାମ ଜିଲ୍ଲା ଗସ୍ତ କରି ଆଗାମୀ ପୌର ଓ ପଞ୍ଚାୟତ ନିର୍ବାଚନ ସମ୍ବନ୍ଧରେ ବିଭିନ୍ନ ପ୍ରସ୍ତୁତି ନେଇ ସମୀକ୍ଷା କରିଛନ୍ତି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ଶ୍ରୀ ପାଢ଼ୀ ଅଧ୍ୟକ୍ଷତା କରି ଆଗକୁ ଉଭୟ ନିର୍ବାଚନ ଆସୁଛି ଏଣୁ ଗତ ପୌର ଓ ପଟାଂୟତ ନିର୍ବାଚନର ଅନୁଭୂତିକୁ ନେଇ ଆଗାମୀ ଉଭୟ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସୁରୁଖୁରୁରେ ନିର୍ବାଚନ ପରିଚାଳନା ଓ ନିର୍ଭୀକ ମତଦାନକୁ ଗୁରୁତ୍ୱ ଦେଇ ପଦକ୍ଷେପ ନେବା ହେଉଛି ଆମର ମୁଖ୍ୟ ଲକ୍ଷ୍ୟ ବୋଲି କହିଥିଲେ। ଭୋଟର ତାଲିକା ସଂଶୋଧନ, ବାଦ୍ ଓ ସଂଯୋଗ କାର୍ଯ୍ୟକୁ ନେଇ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ହେବ। ଆସନ୍ତା ଉଭୟ ନିର୍ବାଚନ ବେଳେ ବୁଥ୍ ସଂଖ୍ୟା ସହ ସମ୍ବେଦନଶୀଳ ଏବଂ ଅତି ସମ୍ବେଦନଶୀଳ ବୁଥ୍ ସଂଖ୍ୟା ବଢ଼ିପାରେ ଏହାକୁ ମଧ୍ୟ ନଜର ରଖିବାକୁ ହେବ। ଗଞ୍ଜାମ ଜିଲ୍ଲାର ୩ଟି ସବ୍‌ଡିଭିଜନ୍ ଅଧୀନରେ ୨୨ଟି ବ୍ଲକ୍ ୫୦୩ ପଞ୍ଚାୟତ, ୩୨୫୪ଟି ଗାଁ, ୭୦୯ ୯ ୱାର୍ଡ ଏବଂ ଗୋଟିଏ ମହାନଗରନିଗମଙ୍କ ସମେତ ନିକଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା ହୋଇଥିବା ମ୍ୟୁନିସିପାଲିଟି ଓ ଏନ୍ଏସିକୁ ନେଇ ଗଠିତ ସହରାଂଚଳ ରହିଛି। ୨୦୧୧ ଜନଗଣନା ଅନୁସାରେ ୩୫ ଲକ୍ଷ ୨୯ ହଜାର ୦୩୧ ଜନସଂଖ୍ୟା ରହିଥିବା ବେଳେ ସେଥିରୁ ୨୯ ଲକ୍ଷ ୮ ହଜାର ୭୭୯ ଜଣ ଗ୍ରାମାଞ୍ଚଳ ବାସିନ୍ଦା। ସେହିପରି ଅନୁସୂଚିତ ଜନଜାତି ସଂଖ୍ୟା ୧ ଲକ୍ଷ ୧୩ ହଜାର ୪୭୪ ଜଣ ଏବଂ ଅନୁସୂଚିତ ଜାତିର ୬ ଲକ୍ଷ ୨ ହଜାର ୮୨୧ ଜଣ ରହିଛନ୍ତି। ଏଣୁ ଆଗାମୀ ଉଭୟ ନିର୍ବାଚନ ବେଳେ ଜନସଂଖ୍ୟା ସହିତ ଭୋଟର ସଂଖ୍ୟା ଅଧିକାରହିବ। ସେହି ଅନୁସାରେ ସମସ୍ତ ପ୍ରକାର ଆଗୁଆ ପ୍ରସ୍ତୁତି ରହିବା ପାଇଁ ରାଜ୍ୟ ନିର୍ବାଚନ କମିଶନର ପରାମର୍ଶ ଦେଇଛନ୍ତି। ବୈଠକରେ ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତିଭାସନ୍, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜର୍ସିକେ, ଅତିରିକ୍ତ ଜିଲ୍ଲାପାଳ ଡ.ପ୍ରମୋଦ କୁମାର ପୃଷ୍ଟି, ଦେବବ୍ରତ ପଣ୍ଡା ଓ ସୁନିଲ୍ କେର୍କେଟା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଛତ୍ରପୁର ଉପଜିଲ୍ଲାପାଳ ସୁବାଶିଷ ବରାଳ, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ଜିଲ୍ଲା ପଞ୍ଚାୟତ ଅଧିକାରୀ ଏବଂ ସମସ୍ତ ବ୍ଲକର ବିଡିଓ, ସମସ୍ତ ସହରାଞ୍ଚଳର କାର୍ଯ୍ୟ ନିର୍ବାହୀ ଅଧିକାରୀ(ଇଓ) ଏବଂ ପୌର ଓ ପଞ୍ଚାୟତ ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ।





ସକାଳ
THE SAKALA

■ ଫଳକ ଅଛି, ଗଛ ନାହିଁ

ଚାନ୍ଦବାଲି ବନଖଣ୍ଡ ବିଭାଗର ଅପାରଗତା

ବାରିକପୁର, ୧୬।୧୦(ସମିସ): ଧାମନଗର ବନାଞ୍ଚଳ ଅଧୀନସ୍ଥ ଭଣ୍ଡାରିପୋଖରୀ ବ୍ଲକର ରଣଜିତ୍ ପଞ୍ଚାୟତ ବଣଡିହା ହରିଜନ ସାହିଠାରୁ ମହାମାଲ୍ୟା ଗାଁ ଛକ ଯାଏଁ ଗତବର୍ଷ ବ୍ୟାପକ ବୃକ୍ଷ ରୋପଣ ହୋଇଥିଲା। ବୃକ୍ଷରୋପଣ ପରବର୍ତ୍ତୀ ସମୟରେ ଗଛଗୁଡ଼ିକର କୌଣସି ପ୍ରକାର ରକ୍ଷଣାବେକ୍ଷଣ ନହେବାରୁ ଯୋଜନାଟି ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଦେଖାଯାଇଛି। ଲାଗିଥିବା ଗଛ ମଧ୍ୟରୁ ପ୍ରାୟ ୫୦ ଭାଗରୁ ଅଧିକ ନଷ୍ଟ ହୋଇଛି। ଯେତେକ ବି ଅଛି ରକ୍ଷଣାବେକ୍ଷଣ ଅଭାବରୁ ଗାଈଗୋରୁଙ୍କ ପାଟିରେ ସବୁ ଚାଲିଯିବ; ଏଥିରେ ସନ୍ଦେହ ନାହିଁ। ସେହିଭଳି ବାଙ୍କମୁହାଁ ଓ ନୂଆପୋଖରୀ ରହଣିଆ ରାସ୍ତା ପାର୍ଶ୍ୱରେ ଲାଗିଥିବା ଗଛଗୁଡ଼ିକର ଅବସ୍ଥା ମଧ୍ୟ ସମାନ ଦେଖାଯାଇଛି। ଜିଲ୍ଲା ମୁଖ୍ୟ ବନ ଅଧିକାରୀଙ୍କ କାର୍ଯ୍ୟଶୈଳୀ

ହେଉ କି ବନ ବିଭାଗର ଅପରାଗତା; ରାସ୍ତା ପାର୍ଶ୍ୱ ବୃକ୍ଷରୋପଣ କାର୍ଯ୍ୟକ୍ରମ ସଫଳ ହେଉନାହିଁ। ଦୀର୍ଘବର୍ଷ ହେବ ହଜାର ହଜାର ବୃକ୍ଷରୋପଣ ହେଉଥିଲେ ମଧ୍ୟ କେବଳ ଫଳକ ରହୁଛି ହେଲେ ଗଛ ରହୁନାହିଁ। ସୂଚନା ଅନୁସାରେ, ଭଦ୍ରକ ଜିଲ୍ଲା ଜଙ୍ଗଲ ବିଭାଗ ଅଧୀନସ୍ଥ ଚାନ୍ଦବାଲି ବନଖଣ୍ଡ ପକ୍ଷରୁ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅନୁଯାୟୀ ରାସ୍ତା ପାର୍ଶ୍ୱରେ ପ୍ରାୟ ୧୨ ଶହ ଗଛ ଲଗା ଯାଇଥିଲା। ଲକ୍ଷାଧିକ ଟଙ୍କା ବ୍ୟୟ ବରାଦରେ ରାସ୍ତା ଦୁଇ ପାଖରେ ରାଧାଚୂଡ଼ା, କରଞ୍ଜ, ଜାମୁ, ନିମ, ଛତିଆନ, ଅଲଟ କମଳ ଆଦି ବୃକ୍ଷ ରୋପଣ ହୋଇଥିଲା। ଏହାଛଡ଼ା ପ୍ରସ୍ତାବିତ ଆମ୍ବ ବଗିଚା ଶୂନ୍ୟ ନିକଟସ୍ଥ ଝାଟିଆ ପଡିଆ ଓ କୁମ୍ଭାରିଆ କେନାଲ ଦୁଇ ପାଖରେ ମଧ୍ୟ ଗଛ ଲାଗିଥିଲା। ବିଭାଗ ଗଛ ଲଗାଇବା ପରେ ସେଥିରେ ବାଉଁଶ ପାତିଆ ଘେରା ଦେଇଥିବା ବେଳେ ତାହା ଧୀରେଧୀରେ ନଷ୍ଟ ହୋଇଯାଇଛି।

ନବୀନ ବାବୁଙ୍କ ୭୯ତମ ଜନ୍ମଦିନରେ ଦୀପଦାନ ଓ ରକ୍ତଦାନ ଶିବିର

ଭଦ୍ରକ/ଧାମନଗର/ଅସୁରାଳି, ୧୬।୧୦(ସମିସ): ଭଦ୍ରକ ସହର ୬ ନମ୍ବର ୱାର୍ଡ ବସଷ୍ଟାଣ୍ଡ ନିକଟସ୍ଥ ମା' ଦକ୍ଷିଣେଶ୍ୱର କାଳୀଙ୍କ ମନ୍ଦିରରେ ରାଜ୍ୟ ବିଜୁ ଜନତା ଦଳର ସଭାପତି, ପୂର୍ବତନ ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା ତଥା ଜନପ୍ରିୟ ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମ ଦିବସ ଅବସରରେ ତାଙ୍କ ଦୀର୍ଘାୟୁ ଓ ନିରାମୟ ଜୀବନ କାମନା କରି ବିଜୁ ଯୁବ-ଛାତ୍ର ଜନତା ଦଳ ତରଫରୁ ଭକ୍ତିଭାବରେ ପୂଜାର୍ଚ୍ଚନା ଓ ଦୀପଦାନ କରାଯାଇଛି। ରାଜ୍ୟ ବିଜେଡି ବରିଷ୍ଠ ଉପସଭାପତି ଓ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ଉପସ୍ଥିତି ଓ ଶୁଭକାମନା ସହ ଶତାଧିକ ଯୁବ-ଛାତ୍ର ନେତୃମଣ୍ଡଳୀ ଯୋଗ ଦେଇଥିଲେ। ଜନନେତା ବିଜୁ ପଟ୍ଟନାୟକଙ୍କ ଆଦର୍ଶ ଓ ନବୀନ ବାବୁଙ୍କ ଦୟା, ସରଳତା ଓ ନିରହଂକାରୀ ଜୀବନଶୈଳୀ ଆମ ପାଇଁ ସଦା ପ୍ରେରଣାଦାୟକ ହେଉ ବୋଲି କାମନା କରିଥିଲେ।

ସେହିପରି ଧାମନଗର ବ୍ଲକ ବିଜେଡି ପକ୍ଷରୁ ସଭାପତି ପ୍ରତାପ ସାମଲଙ୍କ ନେତୃତ୍ୱରେ ବିଜେଡି ନେତୃମଣ୍ଡଳୀ ଏବଂ ସରପଞ୍ଚ, ସମିତିସଭ୍ୟ ଦୀର୍ଘାୟୁ ଜୀବନ କାମନା କରିଛନ୍ତି। ଧାମନଗର ଏନଏସି ଅଧୀନସ୍ଥ ତହସିଲ କାର୍ଯ୍ୟାଳୟ ନିକଟରେ ସାଇ ମନ୍ଦିର ସମ୍ମୁଖରେ ନଗର ବିଜେଡି ପକ୍ଷରୁ ସଭାପତି ବିଜୟ କେତନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ଓସିମ ଏଜଦାନୀ କାଦରୀ, କାଉନସିଲର ଜୟନୁଲ ହକ, ନଜମା ଖାତୁନ, ରହିମା ଖାତୁନ, ବିଜେଡି ନିର ସ୍ୱାଇଁ, ଭାସ୍କର ସାହୁ (ସନା), ସେକ ଜାଫର ଅଲ୍ଲୀ, ରବିନ୍ଦ୍ର ଜେନା, ରମେଶଚନ୍ଦ୍ର ଜେନା, ଶ୍ରୀଧର ମଳିକ, ସେକ ମୁରତୁଜା, ସେକ ସଲାଉଦ୍ଦିନ, ସେକ ମୁକ୍ତାର, ବେବୁଲି ପଟ୍ଟନାୟକ, ବୁଲୁ ମଲ୍ଲିକ, ଅଜୟ ବେହେରା, ଗୌରାଙ୍ଗ ଯେନା, ଦେବେନ୍ଦ୍ର ଜେନା, ମନୋଜ ବେହେରା, ମନୋରଞ୍ଜନ ମିଶ୍ର, ଶିବପ୍ରସାଦ ସାହୁ, ଅଭୟ ମଳିକଙ୍କ ସମେତ ଶତାଧିକ କର୍ମୀ-ନେତା ଏବଂ ମହିଳା କେକ୍ କାଟିଥିଲେ। ପରେ ସାଇ ମନ୍ଦିର ସମ୍ମୁଖରେ ସମୂହ ଦୀପ ଦାନ କରିଥିଲେ।

ସେହିପରି ଧାମନଗର ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ତରଫରୁ ଧୂଷୁରୀସ୍ଥିତ ଧୂଷୁରାସୁଣୀ ମନ୍ଦିରରେ ୧୦୮ ଦୀପଦାନ ସହ କେକ୍ କାଟି ତାଙ୍କ ଦୀର୍ଘାୟୁ କାମନା କରିଥିଲେ। ବରିଷ୍ଠ ବିଜେଡି ନେତା ତଥା ଧୂଷୁରୀ ଜୋନ୍ ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ଧୂଷୁରୀ ସେବା ସମବାୟ ସମିତି ସଭାପତି ସନ୍ଦୀପ ସ୍ୱାଇଁ, ହସାନାବାଦ ସରପଞ୍ଚ ଅଜୟ ମଲ୍ଲିକ, ବରିଷ୍ଠ ନେତୃତ୍ୱ ଶାନ୍ତନୁ ପଲେଇ, ଉମେଶ ମହାନ୍ତି, ସାହସପୁର ସରପଞ୍ଚଙ୍କ ପ୍ରତିନିଧି ବିଜୟ ସାହୁ, ଖଗେଶ୍ୱର ଖଟୁଆ, ସନ୍ତୋଷ ରାୟ, ଧରଣୀଧର ବସନ୍ତିଆ, ହସାନାବାଦ ପଞ୍ଚାୟତ ବିଜେଡ଼ି ସଭାପତି ଦେବେନ୍ଦ୍ର ପଣ୍ଡା, ଅକ୍ଷୟ ନାୟକ, ଗଜେନ୍ଦ୍ର ମହାନ୍ତି, ଉମେଶ ତ୍ରିପାଠୀ ଏବଂ ବିଜେଡ଼ି ର ବହୁ ଆଗଧାଡ଼ିର ନେତୃତ୍ୱ ଉପସ୍ଥିତ ଥିଲେ।

୧୦୩ ୟୁନିଟ୍ ସଂଗୃହୀତ

ଭଦ୍ରକ: ଭଦ୍ରକ ବିଜୁ ଜନତା ଦଳ ଜିଲ୍ଲା କାର୍ଯ୍ୟାଳୟଠାରେ ସାଢ଼େ ଚାରିକୋଟି ଓଡ଼ିଆଙ୍କ ଜନମାନସର ନେତା, ରାଜ୍ୟ ବିଜେଡି ସଭାପତି, ବିରୋଧୀ ଦଳନେତା ତଥା ସଭିଙ୍କ ପ୍ରିୟ ନେତା ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମ ଦିବସ ଅବସରରେ ବିଜୁ ଯୁବ-ଛାତ୍ର ଜନତା ଦଳ ଭଦ୍ରକ ନିର୍ବାଚନମଣ୍ଡଳୀ ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। କାର୍ଯ୍ୟକ୍ରମରେ ରାଜ୍ୟ ବିଜେଡିର ବରିଷ୍ଠ ଉପସଭାପତି ତଥା ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଜେଡି ଜିଲ୍ଲା ସଭାପତି ଜଗନ୍ନାଥ ସ୍ୱାଇଁ, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଭଦ୍ରକ ପୌରାଧ୍ୟକ୍ଷା ଗୁଲମକ୍କୀ ହବିବ, ଟାଉନ୍ ବିଜେଡି ସଭାପତି ଏମଡି ଜକାଉଲ୍ଲା, ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାୟକ, ଜିଲ୍ଲା ପରିଷଦ ସଭ୍ୟା ପୂର୍ଣ୍ଣଶଶୀ ପାଣିଗ୍ରାହୀ, ବିଜେଡି ସମର୍ଥିତ ସରପଞ୍ଚ, ସମିତି ସଭ୍ୟସଭ୍ୟା, ପାରିଷଦ ଓ ପାରିଷଦଙ୍କ ପ୍ରତିନିଧିଙ୍କ ସହ ବିଜୁ ମହିଳା ଜନତା ଦଳର ପୂର୍ବତନ ସଭାନେତ୍ରୀ ଦେବୀଦତା ମହାନ୍ତି, ନାରୀନେତ୍ରୀ ରାଜଲକ୍ଷ୍ମୀ ମହାପାତ୍ର, ବରିଷ୍ଠ ନେତା ଦିଲ୍ଲୀପ ନାୟକ, ଅକ୍ଷୟ କୁମାର ମହାନ୍ତି, ସୁଧାକର ମହାଳିକ, ଯୁବନେତା ଆଶିଷ ମହାନ୍ତି, ସୁଧାକର ଜେନା, ରଘୁନାଥ ପଣ୍ଡା, ଯୁବନେତା ଅଞ୍ଜନ ଜେନା, ପଙ୍କଜ ବଳ, ଜାହିଦ ହବିବ, ପ୍ରିୟବ୍ରତ ନାୟକ, ଏମଡି ଫରହାତ ଆଲମ ଖାନ, ତପନ ଦାସ, ସାହିଦ ଖାନ, ତନବିର ଖାନ, ମେହେବୁବ ଖାନ, ବିକାଶ ଶ୍ରେଷ୍ଠା, ଆଶିଷ ମହାନ୍ତି, ତାପସ ରାୟ, ଦେବାଶିଷ ଭାରତୀ, ଛାତ୍ରନେତା କାମେଶ ବାରିକ, ଶାନ୍ତନୁ ବିଶ୍ୱାଳ ଯୋଗ ଦେଇଥିଲେ।

ଉତ୍କଳ କେଶରୀ ଡ ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀ

ଭଦ୍ରକ, ୧୬।୧୦(ସମିସ): ଭଦ୍ରକର ଚରମ୍ପା ମହାବିଦ୍ୟାଳୟ ପକ୍ଷରୁ କଲେଜ ସମ୍ମିଳନୀ କକ୍ଷରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ପାଳନ କରାଯାଇଥିଲା। ଏହି ଉତ୍ସବରେ କଲେଜର ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ଅଧ୍ୟକ୍ଷତା କରିଥିଲେ। ଉତ୍କଳ କେଶରୀ ହରେକୃଷ୍ଣ ମହତାବ ସ୍ମାରକୀ ପରିଷଦର ସଭାପତି ଡ. ଭାଗବତ ତ୍ରିପାଠୀ ଡ. ମହତାବଙ୍କୁ ଜଣେ ମହାନ ସ୍ୱାଧୀନତା ସଂଗ୍ରାମୀ ଭାବରେ ମନେ ପକାଇ ପ୍ରତିବାଦର ଗାନ୍ଧୀବାଦୀ ମଡେଲର ପ୍ରବର୍ତ୍ତକ ଥିଲେ ଏବଂ ସେ ଆଧୁନିକ ଓଡ଼ିଶାର ରାଜନୈତିକ ଜୀବନରେ ଅପରାଜିତ ନେତା ବୋଲି ପ୍ରଶଂସା କରିଥିଲେ। କଲେଜର ଅଧ୍ୟକ୍ଷ ଶ୍ରୀ ଦାସ ମହତାବଙ୍କୁ ଭାରତୀୟ ଜାତୀୟ କଂଗ୍ରେସର ଜଣେ ବହୁମୁଖୀ ନେତା, ରାଜନେତା, ସମାଜ ସଂସ୍କାରକ, ଇତିହାସବିତ୍, ନାଟ୍ୟକାର, ସମ୍ପାଦକ ଭାବରେ ବର୍ଣ୍ଣନା କରିଥିଲେ। ରାଜନୀତି ବିଜ୍ଞାନର ଅଧ୍ୟାପକ ମନୋଜ ମହାଳିକ ଡ. ମହତାବଙ୍କ ଜୀବନବ୍ୟାପୀ ଉତ୍ସର୍ଗ ବିଷୟରେ କହିଥିଲେ। କାର୍ଯ୍ୟନିର୍ବାହୀ ପରିଷଦ ସଦସ୍ୟ ଏବଂ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଶଶିକାନ୍ତ ପାଢ଼ୀ ମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟକାଳ ମଧ୍ୟରେ ମହତାବଙ୍କ ସୁଶାସନ ମଡେଲ ଉପରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଶିବକୁମାର ଖାମୁରାଇ ମହତାବ ଜଣେ ଦୂରଦୃଷ୍ଟିସମ୍ପନ୍ନ ରାଜନେତା ମଧ୍ୟ ଥିଲେ ଯିଏ ଓଡ଼ିଶାର ଆଧୁନିକ ପରିଚୟକୁ ଆକାର ଦେଇଥିଲେ ବୋଲି ଗୁରୁତ୍ୱାରୋପ କରି କହିଥିଲେ। ପରିଚାଳନା ପରିଷଦର ପୂର୍ବତନ ସଭାପତି ପଦ୍ମନ କୁମାର ରାୟ ମହତାବଙ୍କ ଦେଶପ୍ରେମ ମନୋଭାବ ଏବଂ ଓଡ଼ିଶାର ଅର୍ଥନୀତିକୁ ସୁଦୃଢ଼ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା ବୋଲି କହିଥିଲେ। ରାଜନୀତି ବିଜ୍ଞାନ ପ୍ରାଧ୍ୟାପିକା ସଂଯୁକ୍ତା ବୋଷ, ଜୀବବିଜ୍ଞାନ ଅଧ୍ୟାପକ ସୋମନାଥ ସିଂହ, ଅର୍ଥନୀତି ଅଧ୍ୟାପକ ରାକେଶ ମଲ୍ଲିକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ମନୋଜ ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ।

■ ଟ୍ରକ୍ ମାଲିକ ସଂଘ ଧାରଣା

୧୨ ଧାରଣାକାରୀଙ୍କୁ ଉଠାଇନେଲା ପୁଲିସ

ଭଣ୍ଡାରିପୋଖରୀ, ୧୬।୧୦(ସମିସ): ମା' କାଳିତ୍ରା ଟ୍ରକ ମାଲିକ ସଂଘ ପକ୍ଷରୁ ୧୬ ନଂ ଜାତୀୟ ରାଜପଥର ଭାଗଡା-ନାରାୟଣପୁର ଟୋଲଗେଟ ସମ୍ମୁଖରେ ଧାମରା ବନ୍ଦରରୁ ମାଲ ପରିବହନ ସୁଯୋଗ ଦାବିରେ ୩ୟ ପର୍ଯ୍ୟାୟ ଜନଧାରଣା ଗୁରୁବାର ଅବ୍ୟାହତ ରହିଛି। ଗୁରୁବାର ଅପରାହ୍ନ ଉପଖଣ୍ଡ ପୁଲିସ ଅଧିକାରୀ ତ୍ରିଲୋଚନ ସେଠୀ, ଥାନାଧିକାରୀ କମଳାକାନ୍ତ ଦାସଙ୍କ ନେତୃତ୍ୱରେ ପୁଲିସ ଧାରଣାରତ ଟ୍ରକ ୧୨ ଜଣ ମାଲିକମାନଙ୍କୁ ସୁରକ୍ଷା ବଳ ସହାୟତାରେ ଉଠାଇ ନେଇଛି। ଧାରଣାକାରୀମାନେ ଦ୍ୱାରା ଅଟକ ଥିବା ଧାମରାରୁ ମାଲ ପରିବହନ କରିଆସୁଥିବା ୨୦ଟି ଟ୍ରକକୁ ପୁଲିସ ଜବତ କରିଥିବା ଜଣାଯାଇଛି। ଧାରଣାକାରୀମାନଙ୍କୁ ପୁଲିସ ପ୍ରଥମେ ଭଣ୍ଡାରିପୋଖରୀ ଥାନା, ପରେ ଗ୍ରାମାଞ୍ଚଳ ଥାନା ଓ ରିଜର୍ଭ ପୁଲିସ କାର୍ଯ୍ୟାଳୟକୁ ନେଇ ଅଟକ ରଖିଥିବା ସୂଚନା ମିଳିଛି। ୨ୟ ପର୍ଯ୍ୟାୟ ଧାରଣା ସମୟରେ କଇଥଗୋଲା ଟ୍ରକ ଆସୋସିଏସନ ପକ୍ଷରୁ ମା' କାଳିତ୍ରା ଟ୍ରକ ମାଲିକ ସଂଘ ବିରୋଧରେ ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଥିଲା। ଆଜି ଧାରଣାକାରୀମାନଙ୍କ ବିରୋଧରେ ମାମଲା ରୁଜୁ ହେବ ବୋଲି ସୂଚନା ମିଳିଛି। ରିପୋର୍ଟ ପ୍ରସ୍ତୁତ ପର୍ଯ୍ୟନ୍ତ ପୁଲିସ ପକ୍ଷରୁ ଏଥିନେଇ କୌଣସି ସୂଚନା ଦିଆଯାଇ ନାହିଁ। ଭଣ୍ଡାରିପୋଖରୀ, ବନ୍ତ ଓ ଧାମନଗର ଟ୍ରକ ମାଲିକମାନଙ୍କ ଦ୍ୱାରା ଗଠିତ ଏହି ସଂଘରେ ଅନୁବନ୍ଧିତ ଟ୍ରକଗୁଡ଼ିକୁ ଧାମରା ବନ୍ଦରରୁ ପରିବହନ ସୁଯୋଗକୁ ଉଦ୍ଦେଶ୍ୟମୂଳକ ଭାବେ ବାଧା ଦିଆଯାଉଛି। ଜିଲ୍ଲା ଓ ଜିଲ୍ଲା ବାହାରର ଟ୍ରକ ମାଲିକ ସଂଘଗୁଡ଼ିକୁ ପରିବହନ ସୁଯୋଗ ମିଳୁଥିବା ବେଳେ ମା'କାଳିତ୍ରା ସଂଘକୁ ବୈମାତୃକ ମନୋଭାବ ଯୋଗୁଁ ଏଥିରୁ ବଞ୍ଚିତ କରାଯାଉଥିବା ଅଭିଯୋଗ କରି ସଂଘ ପକ୍ଷରୁ ବାରମ୍ବାର ଧାରଣା ହୋଇଛି। ଏଥିପାଇଁ ସଂଘ ପକ୍ଷରୁ ୩ ଦଫା ଦାବି ରଖାଯାଇଛି। ଧାମରା ବନ୍ଦରରୁ ୧୫ ଶତାଂଶ ମାଲ ପରିବହନ ସୁଯୋଗ ମିଳିବା, ଧାମରାର ସ୍ଥାନୀୟ ସଂଘ ବ୍ୟତୀତ ଜିଲ୍ଲାର ଅନ୍ୟ ସମସ୍ତ ସଂଘକୁ ସମାନ ପରିବହନ ସୁବିଧା ଯୋଗାଇ ଦିଆଯିବା ଓ କଇଥଗୋଲା ଟ୍ରକ ଆସୋସିଏସନ ପକ୍ଷରୁ ମା' କାଳିତ୍ରା ଟ୍ରକ ମାଲିକ ସଂଘ ବିରୋଧରେ ଦିଆଯାଇଥିବା ଏଫଆଇଆର ପ୍ରତ୍ୟାହାର କରାଯିବା ଆଦି ଦାବି କରାଯାଇଛି।

କଂଗ୍ରେସର 'ଭୋଟ୍ ଚୋର-ଗାଦି ଛାଡ଼' ଦସ୍ତଖତ ଅଭିଯାନ

ଭଦ୍ରକ, ୧୬।୧୦(ସମିସ): ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଭୋଟ ଚୋରି ପ୍ରତିବାଦରେ ଭଦ୍ରକ ଜିଲ୍ଲାରେ ଦସ୍ତଖତ ଅଭିଯାନର ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲାସ୍ତରୀୟ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ପୂର୍ବତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତି, ପିସିସି ଅନୁସୂଚିତ ଜାତି ବିଭାଗର ରାଜ୍ୟ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନା, ଜିଲ୍ଲା ମହିଳା କଂଗ୍ରେସ ସଭାପତି ସବିତା ଚନ୍ଦ, ଟାଉନ ସଭାପତି ଅବଦୁଲ ମୋକିତ ଖାଁ, ପ୍ରକାଶଜ୍ୟୋତି ମହାକୁଡ଼, ପିସିସି ଦଳିତ ସେଲ ସମ୍ପାଦକ ରଞ୍ଜନ ଜେନା, ଜିଲ୍ଲା ଦଳିତ ସେଲ ସଭାପତି ବିଦ୍ୟାଧର ଜେନା ପ୍ରମୁଖ ଯୋଗ ଦେଇଥିଲେ। କେନ୍ଦ୍ରରେ ଚାଲୁଥିବା ବିଜେପି ସରକାର କିପରି ଭୋଟ ଚୋରି କରି କ୍ଷମତାସୀନ ହୋଇପାରିଛି ତାର ପ୍ରତିବାଦରେ ହେବାକୁ ଥିବା ଦସ୍ତଖତ ଅଭିଯାନକୁ ଦଳୀୟ କର୍ମୀ, ସାଧାରଣ ଭୋଟର, ସଚେତନ ନାଗରିକ ଏବଂ ସବୁ ବର୍ଗର ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କୁ ସଚେତନ କରାଇ ଦସ୍ତଖତ ଅଭିଯାନକୁ ସଫଳ କରିବାକୁ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି ବକ୍ତବ୍ୟ ଦେଇଥିଲେ। ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ରାଜ୍ୟ ଦଳିତ ନେତା ରାଜେନ୍ଦ୍ର ପ୍ରସାଦ ଜେନାଙ୍କୁ ସଂଯୋଜକ ଭାବେ ନିଯୁକ୍ତ କରାଯାଇଛି। ଭଦ୍ରକ ବ୍ଲକ ସଭାପତି ପୀତବାସ ଧଳ, ଧାମନଗର ବ୍ଲକ ସଭାପତି ରମେଶଚନ୍ଦ୍ର ବେହେରା, ଭଣ୍ଡାରିପୋଖରୀ ବ୍ଲକ ସଭାପତି ରଜନୀକାନ୍ତ ଚନ୍ଦ, ଆରଜିପିଆରଏସର ନେତା ପ୍ରଦ୍ୟୁମ୍ନ ଦାସ, ଯୁବ ନେତା ବଳରାମ ରାଉତ, ଚାନ୍ଦବାଲି ଟାଉନ ସଭାପତି ବଦ୍ରି ନାୟକ, ଧାମନଗର ଟାଉନ ସଭାପତି ମାନସ ରଞ୍ଜନ ବେହେରା, ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀ ଯୁବ ସଭାପତି ସାଦ ସିଦ୍ଦିକ, ଧାମନଗର ନିର୍ବାଚନମଣ୍ଡଳୀ ସଭାପତି ଆଲୋକ ସ୍ୱାଇଁ, ଭଦ୍ରକ ବ୍ଲକ ନିର୍ବାଚନମଣ୍ଡଳୀ ସଭାପତି ଇଲିଆସ ଖାଁ, ରାଉତ, ସୁଶାନ୍ତ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଯୁବନେତା ବିଜୟ ବାରିକ, ରାଜକିଶୋର ପଣ୍ଡା, ମନୋଜ ମଲ୍ଲିକ ପରିଚାଳନା କରିଥିଲେ।

ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ ମେଳା

ଅସୁରାଳି, ୧୬।୧୦(ସମିସ): ଧାମନଗର ବ୍ଲକ ଅଧୀନ ହରିହଂସ ସରକାରୀ ଉ.ପ୍ରା ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ପ୍ରକଳ୍ପ ଓ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀ ମେଳାକୁ ଅଧ୍ୟାପକ ନିକୁଞ୍ଜ କିଶୋରେ ଯେନା ଉଦଘାଟନ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଶାନ୍ତିଲତା ପତିଙ୍କ ସଭାପତିତ୍ୱରେ ଏକ ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ଅକ୍ଷୟ କୁମାର ହୋତା, ବରିଷ୍ଠ ସମାଜସେବୀ ଚତୁର୍ଭୁଜ ନାୟକ, ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ମିଶ୍ର, ନନ୍ଦକିଶୋର ଦଳାଇ, ବିଜୟ ଦାସ, ପ୍ରାକ୍ତନ ସଂଯୋଜକ ତୃପ୍ତିରଞ୍ଜନ ବିଶ୍ୱାଳ, ଶିକ୍ଷକ ବିକାଶ ନାୟକ ତଥା ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜ୍ୟୋତ୍ସ୍ନାରାଣୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ପୁଷ୍ପଲତା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ଅମିତା ମହାଳିକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମଟି ସମ୍ପାଦିତ ହୋଇଥିଲା। ଶିକ୍ଷୟିତ୍ରୀ ଦୀପିକା ବିଶ୍ୱାଳ, ପୁଷ୍ପଲତା ପାଣିଗ୍ରାହୀ ଓ ଶିକ୍ଷକ ସଞ୍ଜୟ ବିନ୍ଧାଣୀ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଅଭିଭାବକ ଓ ଅଭିଭାବିକା କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା।

ନାବାଳିକାକୁ ଦୁଷ୍କର୍ମ: ୨ ଗିରଫ

ଦୋବଲ, ୧୬।୧୦(ସମିସ): ଧାମନଗର ଥାନା ଦୋବଲ ଅଞ୍ଚଳରେ ଜଣେ ୧୫ ବର୍ଷ ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ୨ ଯୁବକ ଗିରଫ ହୋଇଛନ୍ତି। ଗିରଫ ହୋଇଥିବା ୨ ଅଭିଯୁକ୍ତ ହେଲେ ମୁସ୍ତାଫାପୁର ଗାଁର ସେକ ଜାବିର ଓ ଟାଇଗର ଲତିଫ। ପୁଲିସ ସୂଚନାନୁଯାୟୀ, ଗତମାସ ୨୯ ତାରିଖରେ ନାବାଳିକାକୁ ଦୋବଲ ଅଞ୍ଚଳରୁ ନେଇ ଭୁବନେଶ୍ୱର, ଗୁଜୁରାଟ ଓ ଆଜମେରରେ ରଖି ଦୁଷ୍କର୍ମ କରାଯାଇଥିଲା। ପରେ ଅଭିଯୁକ୍ତମାନେ ୬ ତାରିଖ ତାଙ୍କୁ ଭଦ୍ରକ ଚରମ୍ପା ଅଞ୍ଚଳରେ ଛାଡି ପଳାଇଯାଇଥିଲେ। ୧୩ ତାରିଖ ଧାମନଗର ଥାନାରେ ପରିବାର ପକ୍ଷରୁ ଏନେଇ ଅଭିଯୋଗ ମିଳିବା ପରେ ୩୮୭/୨୫ରେ ମାମଲା ରୁଜୁ କରି ଧାନଗର ଥାନାଧିକାରୀ ରଞ୍ଜନ ସେଠୀଙ୍କ ନିର୍ଦ୍ଦେଶକ୍ରମେ ଏଏସଆଇ ନରେନ୍ଦ୍ର ରାଉତ ଗୁଜୁରାଟରୁ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ଆଣିଥିଲେ। ଗୁରୁବାର ଉଭୟଙ୍କୁ ଡାକ୍ତରୀ ମଇନା ପରେ କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣା ଧାମନଗର ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ବିଭିନ୍ନ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

ସାଆଁଳପୁର

ଅସୁରାଳି, ୧୬।୧୦(ସମିସ): ଧାମନଗର ବ୍ଲକ ସାଆଁଳପୁର କ୍ଲଷ୍ଟର ଅଧୀନରେ ଥିବା ବିଦ୍ୟାଳୟ ସମୂହକୁ ନେଇ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ସାଆଁଳପୁର ସରକାରୀ ଉଚ୍ଚବିଦ୍ୟାଳୟରେ ସାଧନ କେନ୍ଦ୍ର ସଂଯୋଜକ ବ୍ରଜମୋହନ ସିଥଳଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ସଭାପତିତ୍ୱ କରିଥିଲେ ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ଦାସ। ମୁଖ୍ୟଅତିଥି ଭାବେ ଧାମନଗର ଏବିଇଓ ସତ୍ୟସୁନ୍ଦର ପରିଡ଼ା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସାଧୁଚରଣ ଷଡ଼ଙ୍ଗୀ, ସମ୍ମାନିତ ଅତିଥିଭାବେ ପ୍ରଧାନଶିକ୍ଷକ ଚୈତନ୍ୟ ଚରଣ ବିଶ୍ୱାଳ, ପ୍ରଧାନଶିକ୍ଷକ ମନ୍ମଥ କର, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶଚନ୍ଦ୍ର ଧଳ, ପ୍ରମୋଦିନୀ ଦେଇ, ସରସ୍ୱତୀ ଦାସ, ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁରାଣୀ ଦାସ, ପ୍ରଧାନଶିକ୍ଷକ ରାକେଶ ସାହୁ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଝରଣା ଦାସ, ପ୍ରାକ୍ତନ ସଂଯୋଜକ ତୃପ୍ତିରଞ୍ଜନ ବିଶ୍ୱାଳ, ଏସଏମସି ସଭାପତି ବୀରେନ୍ଦ୍ର ଜେନା, ପନ୍ଦର ବାଟିଆ ମଦ୍ରାସା କ୍ୟୁଦ୍ରୀଆ ସେକ ମୁକ୍ତାର ଆଲ୍ଲାମ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ରବୀନ୍ଦ୍ର ପାଣିଗ୍ରାହୀ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ପିଲାମାନଙ୍କୁ ବିକଶିତ ଓଡିଶା ଗଠନରେ ଭାଗିଦାର ହେବାକୁ ଆହ୍ୱାନ ଦେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଧନ୍ୟବାଦ ଅର୍ପଣ କରିଥିଲେ ସଂଗ୍ରାମ ଭାରତୀ।

ଦେଶବନ୍ଧୁ ନୋଡାଲ ସିଆର୍‌ସି

ଦେଶବନ୍ଧୁ ନୋଡାଲ ସାଧନ କେନ୍ଦ୍ର ଅଧୀନରେ ଥିବା ବିଦ୍ୟାଳୟ ସମୂହକୁ ନେଇ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଝାରଡ଼େଶ୍ୱର ଉଚ୍ଚ ବିଦ୍ୟାପୀଠରେ ସାଧନ କେନ୍ଦ୍ର ସଂଯୋଜକ ସଞ୍ଜୟ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗିରିଶ ମିଶ୍ର। ମୁଖ୍ୟଅତିଥି ଭାବେ ଏବିଇଓ ସତ୍ୟସୁନ୍ଦର ପରିଡ଼ା, ମୁଖ୍ୟବକ୍ତା ଭାବେ ଅଧ୍ୟକ୍ଷ ହୃଷିକେଶ ରାଉତ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ସରୋଜ ସ୍ୱାଇଁ, ଅଧ୍ୟକ୍ଷ ସତ୍ୟବ୍ରତ ଭାରତୀ, ଅଧ୍ୟାପକ ସଞ୍ଜୟ ବହଳ ପ୍ରମୁଖ ଯୋଗ ଦେଇଥିଲେ। ବିଚାରକ ଭାବେ କାମିନୀବାଳା ମିଶ୍ର, ନନ୍ଦିନୀ ରାୟ, ରବିନ୍ଦ୍ର ପାଣିଗ୍ରାହୀ, ଉମେଶଚନ୍ଦ୍ର ପତି, ଗଣପତି ଜେନା, ଅଜୟ ପଣ୍ଡା, ସସ୍ମିତା ବିଶ୍ୱାଳ, ସୁଶ୍ରୀ କ୍ରିତିକ୍ରିଷ୍ଣା ପଣ୍ଡା, ସୁବାସଚନ୍ଦ୍ର ମଲ୍ଲିକ, ମନୋଜ ପଣ୍ଡା, ସନ୍ଧ୍ୟାରାଣୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଉଦଯାପନୀ ଉତ୍ସବରେ ସଭାପତିତ୍ୱ କରିଥିଲେ ପ୍ରଧାନଶିକ୍ଷକ ଗିରିଶ ମିଶ୍ର। ଯୋଗଦାନ କରିଥିଲେ ପ୍ରବୀଣ ବେହେରା, ଅହଲ୍ୟା ନାୟକ ପ୍ରମୁଖ। ମୋଟ ୨୫୦ ଛାତ୍ରଛାତ୍ରୀ ଓ ୩୨ ଜଣ ଗାଇଡ ଶିକ୍ଷକ ଯୋଗଦାନ କରିଥିଲେ।

ମତୋ

ଭଦ୍ରକ: ଭଦ୍ରକ ଜିଲ୍ଲା ଚାନ୍ଦବାଲି ମତୋ ଆଞ୍ଚଳିକ ସାଧନକେନ୍ଦ୍ର ଅଧୀନସ୍ଥ ଫାର୍ଶୀବନ୍ଧ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ସୁରଭି ମହୋତ୍ସବ ସିଆରସିସି ବୀରନାରାୟଣ ଦାସଙ୍କ ସଂଯୋଜନା ଓ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସତ୍ୟବତୀ ପାତ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ଶିବାଜୀ ଚରଣ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଭଦ୍ରକ ଜିଲ୍ଲା ଓଷ୍ଟା ସଂଘ ସମ୍ପାଦକ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଭାତ ପାଣିଗ୍ରାହୀ ମୁଖ୍ୟଅତିଥି, ସରପଞ୍ଚ ସୁରଭି ନାୟକ ମୁଖ୍ୟବକ୍ତା, ସୁଶାନ୍ତ ପୁହାଣ, ସମିତିସଭ୍ୟା ଚିନ୍ମୟୀ ନାୟକ, ସମାଜସେବୀ ବେଣୁଧର ନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହରେକୃଷ୍ଣ ଜେନା, ଧ୍ରୁବଚରଣ ଧଳ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୧୭ଟି ବିଦ୍ୟାଳୟର ପାଖାପାଖି ୩୦୦ ଛାତ୍ରଛାତ୍ରୀ ୫୦ରୁ ଅଧିକ ଶିକ୍ଷକଶିକ୍ଷୟିତ୍ରୀ ଓ ଜନସାଧାରଣ ଉପସ୍ଥିତ ଥିଲେ। ସହକାରୀ ଶିକ୍ଷକ ସୁଶୀଲ କ୍ଷେଣ୍ଣ ଧନ୍ୟବାଦ ଦେଇଥିଲେ।

ବ୍ୟାସନଗର ଗୁଳିକାଣ୍ଡ ଘଟଣାରେ ୨ ଗିରଫ

ବ୍ୟାସନଗର, ୧୬।୧୦(ସମିସ)

ବ୍ୟାସନଗରର ଗଣପର୍ବ କାଳୀପୂଜାର ଅବ୍ୟବହିତ ପୂର୍ବରୁ ଯାଜପୁର ରୋଡ ପୁଲିସକୁ ଅପରାଧୀମାନେ ଖୋଲା ଚ୍ୟାଲେଞ୍ଜ ଦେଇ ସହରର ନହକା ଗୋପବନ୍ଧୁ ମାର୍ଗରେ ଏକ ଦୋକାନ ଉପରକୁ ଗୁଳିମାଡ଼ କରିଥିଲେ। ମାତ୍ର ୪ ଘଣ୍ଟାର ସମୟ ମଧ୍ୟରେ ଏହି ହାର୍ଡକୋର ୨ ଆସାମୀଙ୍କୁ ନିଜ ହେପାଜତକୁ ନେବାରେ ସକ୍ଷମ ହୋଇଛି ଯାଜପୁର ରୋଡ ଏବଂ କୋରେଇ ପୁଲିସର ମିଳିତ ଟିମ୍। ସୂଚନାନୁଯାୟୀ, ଗତ ବୁଧବାର ସନ୍ଧ୍ୟା ପ୍ରାୟ ୭ଟା ୨୦ରେ କିଛି ଦୁର୍ବୃତ୍ତ ନହକା ଗୋପବନ୍ଧୁ ଛକ ମୁଖ୍ୟ ରାସ୍ତାରେ ଥିବା ଡିଏମ କମ୍ୟୁନିକେସନ ନାମକ ଦୋକାନ ଉପରକୁ ଅତର୍କିତ ଗୁଳି ଚଳାଇଥିଲେ। ସ୍ଥାନୀୟ ଲୋକଙ୍କ ନିକଟରୁ ଖବର ପାଇ ଯାଜପୁର ରୋଡସ୍ଥ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଏବଂ ସ୍ଥାନୀୟ ଲୋକଙ୍କ ତଥ୍ୟ ଆଧାରରେ ତଦନ୍ତ ଆରମ୍ଭ କରିଥିଲା। ତେବେ ତଦନ୍ତ ସମୟରେ ପୁଲିସ ଜାଣିବାକୁ ପାଇଥିଲା ଯେ ପ୍ରାୟ ଏକ ସପ୍ତାହ ତଳେ ରେଳବାଇ ଟିକକ ବାବଦ ଅର୍ଥ ଫେରସ୍ତକୁ ନେଇ ଦୋକାନ ମାଲିକ ତଥା ଅଭିଯୋଗକାରୀ ଜେନାପୁର ଥାନା ଶ୍ରୀଚନ୍ଦନପୁରର ଦେବୀଦତ୍ତ ପଣ୍ଡା(୩୪) ଏବଂ ଅଭିଯୁକ୍ତ କୋରେଇ ଥାନା ପୂର୍ବକୋଟର ମାଇକେଲ ସନ୍ତୋଷ(୨୨) ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ସେହି ସମୟରେ ଅଭିଯୋଗକାରୀଙ୍କ ନିକଟରୁ ପ୍ରଦାନ ଅର୍ଥର ୧୦ଗୁଣ ଆଦାୟ କରିବ ବୋଲି ଅଭିଯୁକ୍ତ ମାଇକେଲ ସନ୍ତୋଷ ଧମକ ଦେଇଥିଲା। ଏହି ଆଧାରରେ ଅଭିଯୁକ୍ତ ମାଇକେଲ ସନ୍ତୋଷ ଗୁଳି କରିଥିବା ମାନିଥିବା ବେଳେ ତାର ସହଯୋଗୀ ଯାଜପୁର ରୋଡ ଥାନା ମୁଣ୍ଡମାଳ ଅଞ୍ଚଳର ସନ୍ତୋଷ ପ୍ରଧାନ(୨୩)କୁ ମଧ୍ୟ ପୁଲିସ ଗିରଫ କରିଛି।

- **ରେଳବାଇ ଟିକଟ ବାବଦ ଟଙ୍କା ଫେରାଇବାକୁ ନେଇ ବଚସାରୁ ଗୁଳିକାଣ୍ଡ**
- **ବନ୍ଧୁକ ସମେତ ୪ଟି ଜୀବନ୍ତ ଗୁଳି, ବାଇକ୍ ଓ ଫୋନ ଜବତ**

ତେବେ ଗିରଫ ମୁଖ୍ୟ ଅଭିଯୁକ୍ତ ମାଇକେଲ ସନ୍ତୋଷ ନାମରେ ଗତ କିଛି ମାସ ତଳେ କୋରେଇ ପୁଲିସ ଗାଡି ଭଙ୍ଗାନେଇ ଥାନାରେ ମାମଲା ରହିଥିବା ବେଳେ ସେ ଫେରାର ରହିଥିଲା। ତେବେ ତଦନ୍ତ ସମୟରେ ସମ୍ପୃକ୍ତ ଅଭିଯୁକ୍ତ ପୁଲିସକୁ ବୟାନ ଦେଇଛି ଯେ ସେମାନେ ଆସାମ, ବିହାର ଆଦି ଅଞ୍ଚଳରେ ବିଭିନ୍ନ ବେଆଇନ କାର୍ଯ୍ୟ କରିଥାନ୍ତି ଏବଂ ବିହାରରୁ ସେମାନଙ୍କୁ ବନ୍ଧୁକ ଖୁବ୍ ସହଜରେ ମିଳିଥାଏ। ତେବେ ବୁଧବାର ଘଟଣା ପରେ ଯାଜପୁର ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମଲଙ୍କ ନିର୍ଦ୍ଦେଶରେ ଯାଜପୁର ରୋଡ ଏସଡିପିଓ ଲକ୍ଷ୍ମୀଧର ସ୍ୱାଇଁଙ୍କ ନେତୃତ୍ୱରେ କୋରେଇ ଥାନାଧିକାରୀ ରାକେଶ କୁମାର ତ୍ରିପାଠୀ, ଯାଜପୁର ରୋଡ ଥାନାଧିକାରୀ ଆଶିଷ କୁମାର ସାହୁ ପୁଲିସ ଟିମ ସହ ବିଭିନ୍ନ ଅଞ୍ଚଳରେ ସାରା ରାତି ଚଢଉ କରି ମାତ୍ର ୪ଘଣ୍ଟା ମଧ୍ୟରେ ଆସାମୀ ଦ୍ୱୟଙ୍କୁ ଧରିବାରେ ସକ୍ଷମ ହୋଇଥିଲେ। ତେବେ ଏହି ଅପରାଧୀଙ୍କ ବିଷୟରେ ଅଧିକ ତଥ୍ୟ ପାଇଁ ବିହାର ଏବଂ ଆସାମ ପୁଲିସ ସହିତ ଯୋଗାଯୋଗ କରାଯାଇଛି। ତେବେ ଅଭିଯୁକ୍ତଙ୍କ ସମେତ ପୁଲିସ ଗୋଟିଏ ଦେଶୀ ବନ୍ଧୁକ, ୪ଟି ଜୀବନ୍ତ ଗୁଳି, ଗୋଟିଏ ଖୋକା(ଘଟଣାସ୍ଥଳରୁ), ଏକ ନମ୍ବର ବିହୀନ ମୋଟର ସାଇକଲ ଏବଂ ମୋବାଇଲ ଫୋନ ଜବତ କରିଛି। ଯାଜପୁର ରୋଡ ଏବଂ କୋରେଇ ପୁଲିସର ଏହି ମିଳିତ ସଫଳତାକୁ ନେଇ ଯାଜପୁର ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମଲ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଘଟଣାରେ ଅନ୍ୟ କିଏ ସବୁ ରହିଛନ୍ତି ସେ ନେଇ ତଦନ୍ତ କରାଯିବା ସହିତ ଅଭିଯୁକ୍ତମାନଙ୍କର ଟିଆଇ ପରେଡ କରାଯିବ ବୋଲି କହିଛନ୍ତି। ତେବେ ଯାଜପୁର ରୋଡରେ ଗଣପର୍ବ କାଳୀପୂଜା ପୂର୍ବରୁ ଏଭଳି ଘଟଣାପରେ ସହରବାସୀଙ୍କ ମନରେ ଏବେବି ଅନେକ ଭୟ ରହିଛି।

ବନ୍ଧୁକ ଜବତ; ଜଣେ ଗିରଫ

ଯଖପୁରା/ଦାନଗଦି, ୧୬।୧୦(ସମିସ): ଟମକା ଥାନା ଅଧୀନ ତାରି ଗ୍ରାମରେ ଜଣେ ବ୍ୟକ୍ତି ବନ୍ଧୁକ ଧରି ବୁଲୁଥିବା ଖବର ପାଇ ପୁଲିସ ଅଭିଯୁକ୍ତକୁ କାବୁ କରିଛି। ପୁଲିସ ସୂତ୍ର ଅନୁସାରେ, ଥାନା ଅଧିକାରୀଙ୍କ ନିର୍ଦ୍ଦେଶ ଅନୁସାରେ ଅମିତା ପଣ୍ଡା, କନେଷ୍ଟବଳ ଦିବାକର ତରାଇ ଓ ସୁଶାନ୍ତ କୁମାର ରାଉତରାୟ ଫୁଲଝର ଓ ତାରିଗ୍ରାମ ଅଞ୍ଚଳରେ ଦିନରେ ପାଟ୍ରୋଲିଂ କରୁଥିଲେ। ପୁଲିସ ଗୁପ୍ତ ସୂଚନା ପାଇଥିଲା, ଯେ ସେହି ତାରି ଗ୍ରାମରେ ଜଣେ ବ୍ୟକ୍ତି ବନ୍ଧୁକ ଧରି ବୁଲୁଛି। ପୁଲିସ ଦଳ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚି ଏହି ବ୍ୟକ୍ତିଙ୍କୁ ଧରିଥିଲେ। ଗିରଫ ବ୍ୟକ୍ତିଙ୍କ ନାମ ବୁନ୍ଦନ ସିଂହ ଲାମାୟ (୫୪)। ତାଙ୍କ ପାଖରୁ ଏକ ଅବୈଧ ବନ୍ଧୁକ ଓ ପାଞ୍ଚଟି ଆଇରନ ଗୁଳି ଜବତ କରାଯାଇଛି। ବନ୍ଧୁକ ରଖିବା ପାଇଁ କୌଣସି ଲାଇସେନ୍ସ କିମ୍ବା ଡକ୍ୟୁମେଣ୍ଟ ପୁଲିସକୁ ଦେଖାଇ ପାରିନଥିବାରୁ, ତାଙ୍କ ବିରୁଦ୍ଧରେ ଆର୍ମସ ଆକ୍ଟ ଅନୁସାରେ ମାମଲା ରୁଜ କରାଯାଇଛି। ଅଭିଯୁକ୍ତଙ୍କୁ ଗିରଫ କରି ବନ୍ଧୁକ ଓ ଗୁଳି ସହ ଥାନାକୁ ଆଣାଯାଇ ଆଜି ଜେଏମଏଫସି କୋର୍ଟ ଯାଜପୁରକୁ ଫରୱାର୍ଡ କରାଯାଇଛି।

ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଶିବିର ଉଦ୍‌ଯାପିତ

କୟାଁଗୋଲା, ୧୬।୧୦(ସମିସ): ଦଶରଥପୁର ବ୍ଲକ ସ୍ଥିତ ମଙ୍ଗଳପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ଏନଏସଏସ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷା ଡ. ମିନାକ୍ଷୀ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସମାଜସେବୀ ତଥା ମହାବିଦ୍ୟାଳୟର ପୂର୍ବତନ ପରିଚାଳନା କମିଟି ସଭାପତି ଜଗଦୀଶ ଶଙ୍କର ସାହୁ ଯୋଗଦେଇଥିଲେ। ଗତ ଶୁକ୍ରବାରରୁ ଆରମ୍ଭ ହୋଇଥିବା ଏହି ଶିବିରରେ ୫୦ ଜଣ ଛାତ୍ରୀ ଯୋଗଦେଇଥିଲେ। ଛାତ୍ରୀମାନେ ମଙ୍ଗଳପୁର ଡାକ୍ତରଖାନା, ଗାୟତ୍ରୀ ମନ୍ଦିର ପରିସର, ମହାବିଦ୍ୟାଳୟ ପରିସର ଏବଂ ଫାଟକ ସାମ୍ନା ସଫେଇ ସହ ନିଶାମୁକ୍ତି ଅଭିଯାନ କରିଥିଲେ। ମଙ୍ଗଳପୁର ପୁଲିସ ତରଫରୁ ଇନ୍ସପେକ୍ଟର ବିଭୁତି ଭୂଷଣ ମହାପାତ୍ରଙ୍କ ଦ୍ୱାରା ସାଇବର ସିକ୍ୟୁରିଟି ତାଲିମ, ଦଶରଥପୁର ଦମକଳ ବାହିନୀ ପକ୍ଷରୁ ଓଆଇସି ପର୍ଶୁରାମ ଜେନାଙ୍କ ଦ୍ୱାରା ଅଗ୍ନି ନିରାପତ୍ତା ତାଲିମ, ଡାକ୍ତର ଅମ୍ରିତା ପ୍ରୀତମ ମଲ୍ଲ ଏବଂ ଡାକ୍ତର ରାଜେନ୍ଦ୍ର ପୃଷ୍ଟିଙ୍କ ସହାୟତାରେ ମହିଳା ରୋଗ ଏବଂ ଟୀକାକରଣ ଭଳି ଅନେକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏନଏସଏସର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ପ୍ରମିଳା ବାଇଙ୍କୁ ଅଧକ୍ଷା ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପିକା ଶୁଭଶ୍ରୀ ଘଡ଼ାଇ, ତପସ୍ୱିନୀ ଭଞ୍ଜ, ସୁଷମା ସାହୁ, ରଶ୍ମି ଦଳାଇ, ଶୁଭସ୍ମିତା ସାହୁ, ବ୍ରଜକିଶୋର ସାହୁ ସହଯୋଗ କରିଥିଲେ। ସମସ୍ତ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

ମଦମୁକ୍ତ ଭାରତ ପାଇଁ ରାଷ୍ଟ୍ରପତିଙ୍କୁ ସାକ୍ଷାତ

ଯାଜପୁର, ୧୬।୧୦(ସମିସ): ମଦମୁକ୍ତ ଭାରତ ଅଭିଯାନର ଆବାହକ ଓ ମିଳିତ ଓଡ଼ିଶାର ନିଶା ନିବାରଣ ଅଭିଯାନ (ମୋନା)ର ସଭାପତି ପଦ୍ମଚରଣ ନାୟକଙ୍କ ନେତୃତ୍ୱରେ ନିଶା ନିବାରଣ କର୍ମୀଙ୍କ ୬ ଜଣିଆ ପ୍ରତିନିଧି ଦଳ ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଛନ୍ତି। ପ୍ରତିନିଧି ଦଳ, ପରିବାର ଏବଂ ସମାଜ ଉପରେ ମଦ ଏବଂ ନିଶା ଦ୍ରବ୍ୟର ବିନାଶକାରୀ ପ୍ରଭାବ ବିଷୟରେ ରାଷ୍ଟ୍ରପତିଙ୍କୁ ଅବଗତ କରାଇଥିଲେ। ଜାତୀୟ ସମନ୍ୱୟ ବିନା ରାଜ୍ୟସ୍ତରୀୟ ନିଶା ନିବାରଣ ନୀତି ହୋଇପାରୁନାହିଁ। କାରଣ ପଡୋଶୀ ରାଜ୍ୟଗୁଡ଼ିକରୁ ମଦ ଅନୁପ୍ରବେଶ ସମସ୍ତ ପ୍ରୟାସକୁ ଦୁର୍ବଳ କରି ଦେଉଛି। ଭାରତୀୟ ସମ୍ବିଧାନ ଅଧୀନ ରାଷ୍ଟ୍ର ପାଇଁ ସାମ୍ବିଧାନିକ ନୀତି ନିର୍ଦ୍ଦେଶକର ଧାରା ୪୭କୁ ପ୍ରତିନିଧି ଦଳ ଉଲ୍ଲେଖ କରିଥିଲେ। ସ୍ପଷ୍ଟ ଭାବରେ ରାଜ୍ୟଗୁଡ଼ିକୁ ନାଗରିକଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ନିଶାଦ୍ରବ୍ୟ ଏବଂ ମାଦକ ଦ୍ରବ୍ୟକୁ ନିଷିଦ୍ଧ କରିବାକୁ ନିର୍ଦ୍ଦେଶ ରହିଛି। ସମ୍ବିଧାନର ସର୍ବୋଚ୍ଚ ସଂରକ୍ଷକ ଭାବେ ରାଷ୍ଟ୍ରପତି ଏଥିରେ ହସ୍ତକ୍ଷେପ କରି ମଦ ପ୍ରସାର ପରିବର୍ତ୍ତେ ଏହାର ସମ୍ପୂର୍ଣ୍ଣ ନିଷେଧକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଅନୁରୋଧ କରିଥିଲେ। ମଦଜନିତ ନୈତିକ ଏବଂ ସାଂସ୍କୃତିକ ଅବକ୍ଷୟ ରାଷ୍ଟ୍ରପତି ନିଜେ ଦେଖିଛନ୍ତି ବୋଲି ସୂଚନା ଦେଇଥିଲେ। ଜାତୀୟ ସ୍ତରରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସହମତ ହୋଇଥିଲେ। ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥରେ ଦେଶ ବ୍ୟାପି ମଦ ଓ ଅନ୍ୟ ମାରାତ୍ମକ ନିଶା ଦ୍ରବ୍ୟର ସମ୍ପୂର୍ଣ୍ଣ ନିଷେଧ କରିବାକୁ ପ୍ରତିନିଧି ଦଳ ଅନୁରୋଧ କରିଥିଲେ। ଏସମ୍ପର୍କରେ ଓଡ଼ିଶା ସରକାରଙ୍କୁ ପତ୍ର ଲେଖି ପରାମର୍ଶ ଦେବେ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରତିନିଧି ଦଳଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିନିଧି ମଣ୍ଡଳୀରେ ମଦମୁକ୍ତ ଭାରତ ଅଭିଯାନ 'ମୋନା'ର ସଭାପତି ପଦ୍ମଚରଣ ନାୟକ, ଉତ୍ତରପ୍ରଦେଶର ସୁଲତନା ସିଂହ, ପଶ୍ଚିମବଙ୍ଗ କଲ୍ୟାଣୀ ପାଲୁଇ, ଦିଲ୍ଲୀ ଅବିନ୍ଦର ସିଂହ, ଓଡ଼ିଶାର ଗୀତାଞ୍ଜଳି ସ୍ୱାଇଁ, ମୋନାର କାର୍ଯ୍ୟକାରୀ ସଭାପତି(ଓଡ଼ିଶା) କାହ୍ନୁଚରଣ ବେହୁରା ପ୍ରମୁଖ ସାମିଲ ଥିଲେ।

ଶିବ ପ୍ରକଳ୍ପକୁ ଆବଦ୍ଧ କଲା ପ୍ରଶାସନ

ଯାଜପୁର, ୧୬।୧୦(ସମିସ): ଯାଜପୁରର ବରାହନାଥ ମନ୍ଦିର ନିକଟରେ ଥିବା ୧୨୩ ଫୁଟ୍ ଉଚ୍ଚର ଶିବ ମୂର୍ତ୍ତି ଉପରେ ଗତ ୧୦ ତାରିଖ ଦିନ କିଛି ଯୁବକ ଚଢ଼ି ରିଲ୍ସ ବନାଇ ଭିଡିଓ କରୁଥିବା ଦେଖିବାକୁ ମିଳିଥିଲା। ଏପରି ବିପଦପୂର୍ଣ୍ଣ ରିଲ୍ସ ବନାଇବା ଯୁବକମାନଙ୍କ ଜୀବନ ପ୍ରତି ବିପଦ ରହିଥିବା ବେଳେ କିଛି ନ ମାନି ଏହି ଯୁବକମାନେ ରିଲ୍ସ ନିଶାରେ ଶିବଙ୍କ ମୂର୍ତ୍ତି ଉପରେ ଚଢ଼ି ଯାଇଥିଲେ। ସେଠାରେ ଶିବଙ୍କ ହାତ ଉପରେ ଚଢ଼ି ନୃତ୍ୟ କରୁଥିବାର ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବା ସହ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରଚାରିତ ହେବା ପରେ ଜିଲା ପ୍ରଶାସନ ତତ୍ପର ହେବା ସହ ଶିବ ପ୍ରକଳ୍ପର ସୁରକ୍ଷାକୁ ଦୃଷ୍ଟିରେ ରଖି ଏହାରି ଚତୁଃପାର୍ଶ୍ୱକୁ ଟିଣ ଦ୍ୱାରା ଆବଦ୍ଧ କରାଯାଇଛି।

ବାଲିଆ କଲେଜରେ ନିଶାମୁକ୍ତ ଭାରତ ଶୀର୍ଷକ ଆଲୋଚନାଚକ୍ର

ବରୀ, ୧୬।୧୦(ସମିସ): ବରୀ ବ୍ଲକ ଅନ୍ତର୍ଗତ ଅଭିମନ୍ୟୁ ବାଲିଆସ୍ଥ ଅଭିମନ୍ୟୁ ସାମନ୍ତସିଂହାର ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଶତାଧିକ ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଣୀ ବିଜ୍ଞାନ ବିଭାଗ ଅଧ୍ୟାପକ ବିକାଶ ସାହୁ କାର୍ଯ୍ୟକ୍ରମରେ ଯୋଗଦାନ କରି ନିଜର ବକ୍ତବ୍ୟରେ ଛାତ୍ରଛାତ୍ରୀଙ୍କୁ ନିଶାଦ୍ରବ୍ୟ ସେବନ ଦ୍ୱାରା ମନ ଓ ଶରୀର ପ୍ରତି ହେଉଥିବା ହାନୀକାରକ ପରିଣାମ ଓ ଏଥିରୁ ମୁକ୍ତି ପାଇବା ମାର୍ଗ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ତର୍କ ଶାସ୍ତ୍ର ବିଭାଗ ଅଧ୍ୟାପିକା ସରୋଜିନୀ ପୃଷ୍ଟି, ଗଣିତ ବିଭାଗ ଅଧ୍ୟାପକ ଅଭିନ୍ନ ମହାନ୍ତି, ମନସ୍ତତ୍ତ୍ୱ ବିଭାଗ ଅଧ୍ୟାପିକା ନିହାରିକା ବିଶ୍ୱାଳ, ସମାଜ ବିଜ୍ଞାନ ବିଭାଗ ଅଧ୍ୟାପକ ନିମାଇଁ ଲେଙ୍କା, ଅଧ୍ୟାପିକା ମନ୍ଦାକିନୀ ସାମନ୍ତରାୟ, ଅର୍ଥନୀତି ବିଭାଗ ଅଧ୍ୟାପିକା ରଶ୍ମିତା ସାହୁ, ଇତିହାସ ବିଭାଗ ଅଧ୍ୟାପିକା ଇତିଶ୍ରୀ ଦାସ, ସଂସ୍କୃତ ବିଭାଗର ଅଧ୍ୟାପିକା ଭକ୍ତିଲତା ସୂତାର ପ୍ରମୁଖ ଅଂଶଗ୍ରହଣ କରି ଛାତ୍ରଛାତ୍ରୀ କିଭଳି ନିଶାଦ୍ରବ୍ୟଠାରୁ ନିଜେ ଦୂରେଇ ରହିବା ସହିତ ନିଜ ସମ୍ପର୍କୀୟ ଓ ସାଙ୍ଗସାଥିଙ୍କୁ ଏଥିରୁ ଦୂରେଇ ରଖିବେ ସୁଚିନ୍ତିତ ପରାମର୍ଶ ପ୍ରଦାନ କରିଥିଲେ। ଅଧ୍ୟାପକ ଗୁଣନିଧି ଜେନା, ସ୍ୱେଚ୍ଛାସେବୀ ଓ କର୍ମଚାରୀ ସୁକାନ୍ତ ଜେନା, ପ୍ରଫୁଲ୍ଲ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧକ୍ଷ ନିରୋଦ ଜେନାଙ୍କ ତତ୍ତ୍ୱାବଧାନରେ ଅଧ୍ୟାପକ ପ୍ରଦୀପ ମୁଦୁଲି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ବରିଷ୍ଠ ସମାଜସେବୀଙ୍କ ବିୟୋଗ

କାରେଇ, ୧୬।୧୦(ସମିସ): ବ୍ଲକସ୍ଥିତ ହଳଦିଗଡ଼ିଆ ନିବାସୀ ତଥା ବରିଷ୍ଠ ସମାଜସେବୀ ମହେନ୍ଦ୍ର କୁମାର ମହାନ୍ତି(୭୫)ଙ୍କ ହୃଦଘାତରେ କୋରେଇ ମେଡିକାଲଠାରେ ପରଲୋକ ଘଟିଛି। ସେ ଗ୍ରାମର ମୁରବୀ ଥିବାସହ ହଳଦିଗଡ଼ିଆ ସତ୍ୟନାରାୟଣପାଲା କମିଟିର ପୂର୍ବତନ ସଭାପତି ଓ ସାଦକପୁର ପଞ୍ଚାୟତର ବିଜେଡିର ପୂର୍ବତନ ସଭାପତି ଥିବାସହ ମଦନମୋହନ ନୋଡାଲ ବିଦ୍ୟାପୀଠର ପୂର୍ବତନ ସଭାପତି ମଧ୍ୟ ଥିଲେ। ତାଙ୍କ ବିୟୋଗ ଖବର ପାଇ ବିଜେଡି ନେତା ଭବପ୍ରକାଶ ଦାସ, ହଳଦିଗଡ଼ିଆର ସରପଞ୍ଚ ଅନିଲ କୁମାର ମହାପାତ୍ର, ସେବା ସମବାୟ ସମିତିର ସଭାପତି ମଦନମୋହନ ମହାପାତ୍ର, କମ୍ୟୁନିଷ୍ଟ ନେତା ଆଲୋକ ମହାନ୍ତି, ଯୁବନେତା ତାରକେଶ୍ୱର ମହାନ୍ତି, ସାଦକପୁର ସରପଞ୍ଚ ରବୀନ୍ଦ୍ର କୁମାର ବେହେରା, ହଳଦିଗଡ଼ିଆ ସମିତି ସଭ୍ୟ ଉଦୟ ନାୟକ, ସେକ ସିରାଜ ଅଲ୍ଲୀ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥଲେ। ଗାଁ ଶଶ୍ମାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

ଛେଳି ଚୋର ଅଟକ, ଛେଳିକୁ ହସ୍ତାନ୍ତର କଲା ପୁଲିସ

ଦଶରଥପୁର, ୧୬।୧୦(ସମିସ): ଛେଳି ଚୋରକୁ ଅଟକ ରଖି ଚୋରି ହୋଇଥିବା ଛେଳିକୁ ତା'ର ମାଲିକକୁ ହସ୍ତାନ୍ତର କଲା ଟାଉନ ପୁଲିସ। ସୂଚନା ମୁତାବକ ଯାଜପୁର ଟାଉନ ଥାନା ଅନ୍ତର୍ଗତ ଅକରପଡ଼ା ଗ୍ରାମର ଭଜ ଗୋବିନ୍ଦ ମହାଳିକଙ୍କ ଛେଳି ଚୋରି ହୋଇଯାଇଥିଲା। ସେ ଛେଳିକୁ ବହୁ ଖୋଜାଖୋଜି କରିବା ପରେ ଛେଳିଟି ମିଳିନଥିବାରୁ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଗୁରୁବାର ଅକରପଡ଼ାର କିଛି ଯୁବକ ଖୋଜାଖୋଜି କରିବା ପରେ ଛେଳିଟିକୁ ଉଦ୍ଧାର କରିବା ସହ ଛେଳିକୁ ଚୋରି କରିଥିବା ୨ଜଣ ଚୋରକୁ ଧରି ଟାଉନ ଥାନାରେ ଜିମା ଦେଇଥିଲେ। ପୁଲିସ ଛେଳି ଚୋରି କରିଥିବା ୨ ଚୋରକୁ ଥାନାରେ ଅଟକ ରଖି ପଚରାଉଚରା କରିବା ସହ ଛେଳିକୁ ତା'ର ମାଲିକକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

Format C-7

(for political parties to publish in the newspaper, social media platforms & website of the party)

Information regarding individuals with pending criminal cases, who have been selected as candidates, along with the reasons for such selection, as also as to why other individuals without criminal antecedents could not be selected as candidates

(As per the Commission's directions issued in pursuance of the order dated 13.02.2020 of the Hon'ble Supreme Court in contempt petition © no. 2192 of 2018 in W.P.(C) No. 536/2011)

Name of the Political Party: BIJU JANATA DAL
Name of the Election: BYE- ELECTION TO THE STATE LEGISLATIVE ASSEMBLY OF ODISHA -2025
Name of the State: ODISHA

(1) Name of the Constituency - 71-NUAPADA AC

Name of the Candidate – SMT. SNEHANGINI CHHURIA

Sl. No.			
1.	Criminal Antecedents		
	a.	Nature of the Offence	i. Non-Bailable ii. Non-Bailable iii. Non-Bailable iv. Non-Bailable
	b.	Case No.	i. Bargarh Town PS Case No-36/25 ii. Bargarh Town PS Case No-37/25 iii. Bargarh Town PS Case No-38/25 iv. Bargarh Rural PS Case No-11/25
	c.	Name of the Court	All cases are pending in SDJM Bargarh, District Bargarh
	d.	Whether charges have been framed or not (Yes/No)	i. No ii. No iii. No iv. No
	e.	Date of Conviction, if any	Not Applicable
	f.	Details of punishment undergone, if any	Not Applicable
	g.	Any other information required to be given	All cases posted for appearance
2.	The reasons for the selection of the candidate. Selection shall be with reference to the qualifications, achievements and merit of the candidates and not mere "winnability" at the polls (Not more than 100 words)		The candidate is a dynamic SC women leader, having huge public contact and popularity in this state of Odisha and she has worked hard in bringing social upliftment, particularly for the women, poor and downtrodden and still have zeal and eagerness to bring perceptible changes in the living standard of the people. She is highly qualified with Post Graduate and BED degrees to her credit.
3.	Reasons as to why other individuals without criminal antecedents could not be selected as candidates (not more than 100 words)		In consideration of the above merits, her selection as a candidate to the **71-NUAPADA Assembly Constituency** is more justified than other individuals without criminal antecedents.

(2) Name of the Constituency - 71-NUAPADA AC

Name of the Candidate – SMT. SNEHANGINI CHHURIA

.... and so on

* In the case of election to Council of States or States or election to Legislative Council by MLAs, mention the election concerned in place of name of Constituency.

Sd/-
DEBIPRASAD MISHRA
SENIOR VICE-PRESIDENT,
BIJU JANATA DAL, ODISHA

ଯାଜପୁରର ଗଣପର୍ବ କାଳୀପୂଜା

ପ୍ରଶାସନ ଦେଉନି ଅନୁମତି; ବିରଜାଶ୍ରୀ ବାଣିଜ୍ୟ ମେଳା ହେବାନେଇ ଆଶଙ୍କା

ଯାଜପୁର, ୧୬।୧୦(ସମିସ)

ଯାଜପୁରର ଗଣପର୍ବ କାଳୀପୂଜା। ଯାହା ରାଜ୍ୟର ଏକ ପ୍ରମୁଖ କାଳୀପୂଜା ଭାବେ ମାନ୍ୟତା ପାଇଥିଲା, ତାହା ଏବେ ଫିକା ପଡ଼ିବାକୁ ବସିଲାଣି। ପ୍ରଶାସନ ଉପରେ ଶାସକ ଦଳର ଚାପ ଯୋଗୁଁ ଏହା ଧିରେଧିରେ ନିଜର ଗୁରୁତ୍ୱ ହରାଇବାକୁ ବସିଲାଣି ବୋଲି ଅଭିଯୋଗ ହେଉଛି। ରାଜ୍ୟର ଗୋଟିଏ ସ୍ଥାନରେ ୪୦ରୁ ଊର୍ଦ୍ଧ୍ୱ ପୂଜାମଣ୍ଡପରେ କାଳୀପୂଜା ହେବାରେ ଯାଜପୁର ରେକର୍ଡ ସୃଷ୍ଟିକରିଛି। ଭଦ୍ରକ ପରେ ଯାଜପୁରରେ କାଳୀପୂଜାର ସ୍ୱତନ୍ତ୍ରତା ରହିଛି। ଏଥିପାଇଁ ପ୍ରତ୍ୟେକ ବର୍ଷ କାଳୀପୂଜାର କଳେବର ବୃଦ୍ଧି ପାଇବା ଫଳରେ ସମଗ୍ର ରାଜ୍ୟରେ ଏହାର ସ୍ୱତନ୍ତ୍ରତା ରହିଛି। କିନ୍ତୁ ଗତ ବର୍ଷ ରାଜ୍ୟରେ ଶାସନ ବ୍ୟବସ୍ଥା ପରିବର୍ତ୍ତନ ପରେ ଏହାର କୁପ୍ରଭାବ ଗଣପର୍ବ କାଳୀପୂଜା ଉପରେ ପଡ଼ିଥିବା ଦେଖିବାକୁ ମିଳିଛି। କାଳୀପୂଜା ଆୟୋଜନ ଠାରୁ ଆରମ୍ଭ କରି ଶାନ୍ତିକମିଟି ଗଠନ ପର୍ଯ୍ୟନ୍ତ ସବୁଠି ଶାସକ ଦଳର ଅହେତୁକ ହସ୍ତକ୍ଷେପ ଫଳରେ ଏହି ପୂଜା ଉପରେ ନକରାତ୍ମକ ପଡୁଥିବା ଅଭିଯୋଗ ହେଉଛି। ଗତବର୍ଷ ଶାନ୍ତି କମିଟିରେ ଜୋରଜବରଦସ୍ତ ଶାସକ ଦଳର କର୍ମୀଙ୍କୁ ଥଇଥାନ କରିବାକୁ ଉଦ୍ୟମ କରି ପ୍ରଶାସନ ଫେଲ୍ ମାରିବା ପରେ ଚଳିତ ବର୍ଷ ମଧ୍ୟ ଦ୍ୱିତୀୟ ଥର ଫେଲ୍‌ମାରିଛି। ସେହିପରି ଯାଜପୁର ପୌରପାଳିକା ପ୍ରତିବର୍ଷ କୁସୁମା ପଡ଼ିଆରେ ବିରଜାଶ୍ରୀ ବାଣିଜ୍ୟ ମେଳା ଆୟୋଜନ କରିଥାଏ। କିନ୍ତୁ ଗତ ବର୍ଷ ପୌରପାଳିକାକୁ ଏଭଳି ବାଣିଜ୍ୟ ମେଳା ଆୟୋଜନ କରିବାକୁ ଅନୁମତି ଦେଇନଥିଲା। ଯାହାଫଳରେ ଏହାକୁ ନେଇ ଅସନ୍ତୋଷ ଦେଖାଦେଇ ଶେଷରେ ଏହାକୁ ବନ୍ଦ କରାଯାଇଥିଲା। ଏହି ମେଳା ମାଧ୍ୟମରେ ସ୍ଥାନୀୟ ବ୍ୟବସାୟୀଙ୍କୁ ସୁଯୋଗ ଦେବା ସହିତ ଏସଏସଜି ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ଏହାକୁ ନ କରାଇଦେବା ପାଇଁ ପ୍ରଶାସନ ଶାସକ ଦଳର ଇଙ୍ଗିତରେ ପୌରପାଳିକାକୁ ଏଭଳି ମେଳା କରିବାକୁ ଅନୁମତି ଦେଉନାହିଁ। ଚଳିତ ବର୍ଷ ମଧ୍ୟ ପୌରପାଳିକା ପକ୍ଷରୁ ଏହି ବାଣିଜ୍ୟ ମେଳା ଆୟୋଜନ ପାଇଁ ଅନୁମତି ମାଗିଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ଅଦ୍ୟାବଧି କୌଣସି ଅନୁମତି ଦେଇନାହିଁ। ଯାହାଫଳରେ ଚଳିତ ବର୍ଷ ବାଣିଜ୍ୟ ମେଳା ହେବା ନେଇ ଆଶଙ୍କା ଦେଖାଦେଇଛି। ଯାଜପୁର ପୌରପାଳିକା ପ୍ରଶାସନର ଏକ ଅଙ୍ଗ ହୋଇଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ପୌରପ୍ରଶାସନକୁ ରାଜନୈତିକ ଚାପରେ ଏଭଳି ଅନୁମତି ନ ଦେବା ଘଟଣାକୁ ସାଧାରଣରେ ନାପସନ୍ଦ କରାଯାଇଛି। ବାଣିଜ୍ୟ ମେଳା କାଳୀପୂଜାର ଅନ୍ୟତମ ଆକର୍ଷଣ ହୋଇଥିବା ବେଳେ ଏହାକୁ ଶ୍ରୀହିନ କରିବା ପାଇଁ ରାଜନୈତିକ ଚାଲ କରାଯାଉଥିବା ଚର୍ଚ୍ଚା ହେଉଛି। ଯାଜପୁର ଜିଲ୍ଲା ପ୍ରଶାସନକୁ ପୌରପାଳିକା କୋଟି କୋଟି ଟଙ୍କାର ସମ୍ପତ୍ତି ଟେକି ଦେଇଥିବା ବେଳେ ସାମାନ୍ୟ ଅନୁମତି ବେଳକୁ ପ୍ରଶାସନ ହିନମନ୍ୟତା କରୁଥିବା ଯାଜପୁର ପୌରପାଳିକାର ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ କ୍ଷୋଭ ପ୍ରକାଶ କରିଛନ୍ତି। ସେପଟେ ଏସମ୍ପର୍କରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କୁ ପଚାରିବାରେ ଏନେଇ ବିଚାର କରାଯାଉଛି ବୋଲି କହି ପ୍ରସଙ୍ଗକୁ ଏଡାଇ ଯାଇଥିଲେ। ତେବେ ଯାହାବି ହେଉ ଶାସକ ଦଳର ଇଙ୍ଗିତରେ ପ୍ରଶାସନର ଏଭଳି ପଦକ୍ଷେପ ଯାଜପୁର ସହରବାସୀଙ୍କ ଭାବାବେଗକୁ କୁଠାରଘାତ କରିଛି। ତେଣୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ଭାବାବେଗକୁ ସମ୍ମାନ ଜଣାଇ ପ୍ରଶାସନ ତୁରନ୍ତ ବାଣିଜ୍ୟ ମେଳା ପାଇଁ ଅନୁମତି ଦେବାର ଆବଶ୍ୟକତା ରହିଛି।

ନବୀନ ପଟ୍ଟନାୟକଙ୍କ ଜନ୍ମଦିନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ମନ୍ଦିରରେ ସମୂହ ଦୀପଦାନ କରି ଦୀର୍ଘାୟୁ କାମନା

କେନ୍ଦ୍ରାପଡ଼ା, ୧୬।୧୦(ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ଜନନାୟକ ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମଦିନରେ କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ପାଳନ କରାଯାଇଛି। ଗୁରୁବାର ସନ୍ଧ୍ୟାରେ ବଳଦେବଜୀଉ ମନ୍ଦିରରେ ସମୂହ ଦୀପଦାନ କରାଯାଇଛି। ନବୀନ ପଟ୍ଟନାୟକଙ୍କ ଦୀର୍ଘ ନିରାମୟ ଜୀବନ କାମନା କରି ଶତାଧିକ ବିଜେଡି କର୍ମୀ ଦୀପଦାନ କରିଥିଲେ। ଜିଲ୍ଲା ବିଜୁ ଜନତା ଦଳ ସଭାପତି ଶିବପ୍ରସାଦ ଭଳଙ୍କ ନେତୃତ୍ୱରେ ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ଜିଲ୍ଲା ମହିଳା ବିଜେଡି ସଭାପତି ରୋସନା ସାହୁ, ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ଜିଲ୍ଲା ବିଜେଡି ସଂଖ୍ୟାଲଘୁ ସଭାପତି ସେକ ଇନିଆତ, ନଗର ବିଜେଡି ସଭାପତି ଯଯାତି ମହାନ୍ତି, କେନ୍ଦ୍ରାପଡ଼ା ବ୍ଲକ ବିଜେଡି ସଭାପତି ଆଲୋକ ସାହୁ, ବ୍ଲକ ମହିଳା ସଭାପତି ସୁମିତ୍ରା ପାଢ଼ୀ, ନଗର ବିଜେଡି ମହିଳା ସଭାପତି ସ୍ୱର୍ଣ୍ଣପ୍ରଭା କର, ରବୀନ୍ଦ୍ର ପଣ୍ଡା, ରଶ୍ମିରଞ୍ଜନ ରାଉତ, ପୂର୍ବତନ ନଗରପାଳ ଧିରେନ ସାହୁ, ମୁକ୍ତାର ଖାଁ, ପୌର ସଭ୍ୟ ଉମେଶ ନାୟକ, ନିରାକାର ସ୍ୱାଇଁ, ପ୍ରଦୀପ ଜେନା, ପୁଷ୍ପଲତା ବେହେରା, ଶୁଭାଶିଷ ପଣ୍ଡା, ତୁଳସୀ ହେମ୍ବ୍ରମ, ରମେଶ ଦାସ, ପ୍ରାକ୍ତନ ପୌର ସଭ୍ୟ ହିରଣ୍ୟ ପଣ୍ଡା, ସୌମେନ୍ଦ୍ର ପୃଷ୍ଟି, ହିବଜୁର ରହେମାନ, ମହେନ୍ଦ୍ର ମିଶ୍ର, ରଞ୍ଜନ ସାହୁ, ଅକ୍ଷୟ ମେକାପ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ମିନତୀ ପରିଡ଼ା, ଲୋପାମୁଦ୍ରା ବାରିକ, ଲୋହିତ ମହାନ୍ତି, ପ୍ରତାପ ନାରାୟଣ ମହାପାତ୍ର, ନିରଞ୍ଜନ ବାରିକ, ମାନସ ଦାସ, ରାଜୁ କୁବେର, ବିଜୟ ମଣ୍ଡଳ, ସାହେବ ସାହିଲ ରାଉତ, ସମ୍ବିତ ଶ୍ରୀଚନ୍ଦନ, ପ୍ରସନ୍ନ ରାଉତ, ଦୁର୍ଗାପ୍ରସାଦ ପତି, ନିରଞ୍ଜନ ନାୟକ, ମୋହନ ଆଚାର୍ଯ୍ୟ, ଅଜିତ ପରିଡ଼ା ପ୍ରମୁଖ ଦୀପଦାନରେ ସାମିଲ ହୋଇ ଦୀପଦାନ କରିଥିଲେ। ଏ ଅବସରରେ ସହରସ୍ଥ ନିମାଇଁ ଚରଣ ମାନସିକ ନ୍ୟୁନତା ଅନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ଗହଣରେ ବିଜେଡି କର୍ମୀ ଜନ୍ମଦିନ କେକ କାଟି ନବୀନ ବାବୁଙ୍କ ଜନ୍ମଦିନକୁ ଆନନ୍ଦ ଉଲ୍ଲାସରେ ପାଳନ କରିଥିଲେ।

ମନ୍ଦିରରେ ଦୀପଦାନ, ମେଡିକାଲରେ ଫଳ ବଣ୍ଟନ

ପଟ୍ଟାମୁଣ୍ଡାଇ: ପଟ୍ଟାମୁଣ୍ଡାଇ ବିଜେଡି ପକ୍ଷରୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ବିଜେଡି ସୁପ୍ରିମୋ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମ ଦିବସ ପାଳନ କରାଯାଇଛି। ଏ ଅବସରରେ ନବୀନଙ୍କ ଦୀର୍ଘ ଜୀବନ କାମନା କରି ପୋଖରୀଆପଡ଼ା ହରପାର୍ବତୀ ମନ୍ଦିରରେ ଦୀପଦାନ ଓ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ନଗର ଯୁବ ବିଜେଡି ସଭାପତି ଅଶୋକ ଧଳ, ବରିଷ୍ଠ ନେତା ଅମୂଲ୍ୟ ପ୍ରଧାନ, ଯୁବ ସମାଜସେବୀ ଉତ୍ତମ ଖୁଣ୍ଟିଆ, ଯୁବନେତା ସଂଗ୍ରାମ ସ୍ୱାଇଁ, କାଉନସିଲର ପ୍ରଶାନ୍ତ ବାରିକ, ଲକ୍ଷ୍ମୀପ୍ରିୟା ସାହୁ, ମୃତ୍ୟୁଞ୍ଜୟ ପାଢ଼ୀ, ଲାସ୍ୟମୟୀ ସାହୁ, ବରିଷ୍ଠ ନେତା ଶ୍ରୀକାନ୍ତ ରାଉତ, ପୂର୍ବତନ କାଉନସିଲର ମଳୟ ମଲିକ, ଆଲୋକ ଧଳ, ବରିଷ୍ଠ ନେତା ସୁରେନ୍ଦ୍ର ଗିରି, ଯୁବନେତା ନିରାକାର ସାହୁ, ସ୍ୱରୂପ ସାମଲ, ସଞ୍ଜୟ ଦାସ, ପୁରୁଷୋତ୍ତମ ଗିରି, ଅସୀମ ମହାନ୍ତି, ବାପି ସାମଲ, ଅନୀଲ ପଣ୍ଡା, ଦିଲ୍ଲୀପ ସାହୁ, ରାମଚନ୍ଦ୍ର ସାହୁ, ଦିଲ୍ଲୀପ ମହାନ୍ତି ପ୍ରମୁଖ ବହୁ ବିଜେଡି ନେତା ଓ କର୍ମକର୍ତ୍ତା ଯୋଗଦେଇ ହରପାର୍ବତୀ ମନ୍ଦିରରେ ଦୀପଦାନ କରିବା ସହିତ ପଟ୍ଟାମୁଣ୍ଡାଇ ହସ୍ପିଟାଲରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ।

ଦଧିବାମନଜୀଉ ମନ୍ଦିରରେ ଦୀପଦାନ

ରାଜନଗର: ଓଡ଼ିଶାର ଜନନାୟକ, ବିରୋଧୀ ଦଳ ନେତା, ବିଜୁ ଜନତା ଦଳ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମଦିବସ ରାଜନଗରରେ ବିଜୁ ଜନତା ଦଳ ପକ୍ଷରୁ ପାଳିତ ହୋଇଯାଇଛି। ଦଧିବାମନଜୀଉ ମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମରେ ତାଙ୍କ ଦୀର୍ଘ ଜୀବନ କାମନା କରାଯାଇ ଦୀପଦାନ କରାଯାଇଥିଲା। ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ରାଜ୍ୟରେ ଯୁଗାନ୍ତକାରୀ ଜନକଲ୍ୟାଣ ଯୋଜନା, ମହିଳାଙ୍କ ପାଇଁ ମିଶନ ଶକ୍ତି ମାଧ୍ୟମରେ ମାଆମାନଙ୍କୁ ସଶକ୍ତୀକରଣ ଓ ଆର୍ଥିକ ସ୍ୱାବଲମ୍ବୀ କ୍ଷେତ୍ରରେ ନେଇଥିବା ବୈପ୍ଲବିକ ପଦକ୍ଷେପ ସମଗ୍ର ଦେଶରେ ସ୍ୱତନ୍ତ୍ର ଉଦାହରଣ ସୃଷ୍ଟି କରିଥିଲା ବୋଲି ଉପସ୍ଥିତ ନେତୃବୃନ୍ଦ, ଯୁବ, ଛାତ୍ର, ବୁଦ୍ଧିଜୀବୀ ମତବ୍ୟକ୍ତ କରିଥିଲେ। ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ ନେତୃତ୍ୱରେ ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ନିର୍ବାଚନମଣ୍ଡଳୀ ସାମାଜିକ ଗଣମାଧ୍ୟମ ସଂଯୋଜକ ବିଜୟ ନାୟକ, ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ସରପଞ୍ଚ ଅଶୋକ ମହାନ୍ତି, ସୁଶ୍ରୀ ସଙ୍ଗୀତା ମିଶ୍ର, ସମିତି ସଭ୍ୟ ସୁମିତ୍ରା ସେଠୀ, ସଞ୍ଜୟ ସ୍ୱାଇଁ, ପ୍ରଦୀପ ଲେଙ୍କା, ସରୋଜ ରାଉତ, ବାଇଧର ସେଠୀ, ରମଣୀ ରଞ୍ଜନ ମହାପାତ୍ର, ପ୍ରଦୀପ ବେହେରା, ପ୍ରମୋଦ ପ୍ରଧାନ, ପରମେଶ୍ୱର ଦାସ, ସାଗର ବଳ, ଗୁରୁଚରଣ ବଳ, ପ୍ରମୋଦ ବେହେରା, ସଂଯୁକ୍ତା ଦାସ, ମନୋରଞ୍ଜନ ରାଉତ, ସତ୍ୟ ପାତ୍ର, ବିଚିତ୍ର ମଲିକ, ସୁରଜ ପୁହାଣ, ଗୟାଧର ବେହେରା, ଜଟାଧାରୀ ରାଉତ, ଶରତ ସ୍ୱାଇଁ, ରାକେଶ ନାୟକ, ମଙ୍ଗୁଲି ଓଝା, ନାରାୟଣ ଦାସ, ରଞ୍ଜନ ଜେନା, ଅଲେଖ ହାତୀ, ଉମେଶ ନାୟକ, ରଞ୍ଜନ ପ୍ରଧାନଙ୍କ ସମେତ ଦଳୀୟ କର୍ମୀ ଯୋଗଦେଇ ସମୂହ ଦୀପଦାନ କରିଥିଲେ।

ନାବାଳିକାକୁ ଅସଦାଚରଣ କରି ଯୁବକ ଗିରଫ

ରାଜକନିକା, ୧୬।୧୦(ସମିସ): ରାଜକନିକା ଥାନା ଅନ୍ତର୍ଗତ ଆଖୁଳିପଡ଼ା ଗାଁରେ ଜଣେ ନାବାଳିକା ଯୁବତୀକୁ ନିଶାସକ୍ତ ଅବସ୍ଥାରେ ଅସଦାଚରଣ କରିବା ଅଭିଯୋଗରେ ଏହି ଗାଁର ଦୀପକ ତରାଇ ଓରଫ ସୁକୁଟାକୁ ରାଜକନିକା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ନାବାଳିକାକୁ ଏକୁଟିଆ ଥିବା ସୁଯୋଗ ନେଇ ଦୀପକ ତାଙ୍କୁ ପଦ୍ମପୋଖରୀ ନିକଟରେ ଅସଦାଚରଣ କରିବା ପରେ ଧମକ ଦେଇ ଫେରାର ହୋଇଯାଇଥିଲା। ନାବାଳିକାଙ୍କ ଏତଲା ଆଧାରରେ ରାଜକନିକା ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅଭିଯୁକ୍ତକୁ ଧରିବାରେ ସକ୍ଷମ ହୋଇଥିଲା।

କେନ୍ଦ୍ରାପଡ଼ା ମଣ୍ଡଳସ୍ତରୀୟ କଳା ଉତ୍ସବ

କେନ୍ଦ୍ରାପଡ଼ା, ୧୬।୧୦(ସମିସ): ଭରତପୁର ପଞ୍ଚାୟତର ମେହେନ୍ଦିପୁରସ୍ଥ ଲାଲବାହାଦୂର ସରକାରୀ ଉଚ୍ଚବିଦ୍ୟାଳୟରେ କେନ୍ଦ୍ରାପଡ଼ା ମଣ୍ଡଳସ୍ତରୀୟ କଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ମନ୍ତ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଲା।ଲ ବା।ହା।ଦୂର ସରକାରୀ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ସନ୍ତୋଷ ଦାସ, ସହମଣ୍ଡଳ ଶିକ୍ଷାଧିକାରୀ ତଥା ମଣ୍ଡଳ ସାଧନକେନ୍ଦ୍ର ସଂଯୋଜକ ବଳଦେବ ଜେନା, ବୁଢୀ ବିଳାଶୁଣୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ରାଜେନ୍ଦ୍ର ରାଉତ ଓ ମା'ମଙ୍ଗଳା ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ରାଧାନାଥ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍କଳୀୟ କଳା ଓ ସଂସ୍କୃତିକୁ ବଜାୟ ରଖିବା ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାକୁ ଉଦ୍‌ଭାସିତ କରିବା ପାଇଁ ଏହି ଉତ୍ସବର ଆୟୋଜନ ବୋଲି କହିଥିଲେ। ଅପରାହ୍ନରେ କଳା ଓ ସଂସ୍କୃତି ଉପରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରକାଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ସମାଜସେବୀ କମଳାଦେବୀଙ୍କ ପଞ୍ଚମ ଶ୍ରାଦ୍ଧୋତ୍ସବ

କେନ୍ଦ୍ରାପଡ଼ା, ୧୬।୧୦(ସମିସ): କୋରୋ ପଞ୍ଚାୟତର ବିଶିଷ୍ଟ ସମାଜସେବୀ କମଳା ଦେବୀଙ୍କ ପଞ୍ଚମ ଶ୍ରାଦ୍ଧୋତ୍ସବ କଜଳାସ୍ଥ ନିମାଇଁ ଚରଣ ମାନସିକ ନ୍ୟୁନତା ସଂସ୍ଥାନଠାରେ ଅଧକ୍ଷ ସ୍ୱର୍ଣ୍ଣାଂଶୁ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ କୈଳାସ ବରାଳ, ସମ୍ମାନିତ ବକ୍ତା ଭାବେ ସତୀର୍ଥର ସଭାପତି ଅମର ରାଉତ ଓ କମଳାଦେବୀଙ୍କ ଜ୍ୟେଷ୍ଠପୁତ୍ର ମନ୍ମଥ ବରାଳ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି କବିତା ମୁଦୁଲି, ପ୍ରତିଶ୍ରୁତି ବରାଳ, ସ୍ନେହାଞ୍ଜଳି ଦାସ, ସୁନୀଲ ଶତପଥୀ, ସୁକାନ୍ତ କର, ପ୍ରଦ୍ୟୁମ୍ନ ଦାଶ, କଳ୍ପନା ପ୍ରଧାନ, ଶିବରାଜ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ନିରାକାର ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

ଓଡ଼ିଶା କୃଷକ ସଭାର ଜିଲ୍ଲାସ୍ତରୀୟ ସମ୍ମିଳନୀ

ରାଜକନିକା, ୧୬।୧୦(ସମିସ): ଓଡ଼ିଶା କୃଷକ ସଭାର କୃଷି ବଞ୍ଚାଓ, କୃଷକ ବଞ୍ଚାଓ ଆହ୍ୱାନରେ ବିପ୍ଳବୀ ମାଟି ରାଜକନିକାରେ ଆଜି ଦୁଇଦିନିଆ କେନ୍ଦ୍ରାପଡ଼ା ଜିଲ୍ଲା ସମ୍ମିଳନୀ ଆରମ୍ଭ ହୋଇଛି। ଆଜି ଅପରାହ୍ନରେ ଅଚ୍ୟୁତପୁରର ଅନ୍ଧାର ଘରଣୀ ଠାକୁରାଣୀ ପୀଠରେ ଆୟୋଜିତ ସମ୍ମିଳନୀରେ କୃଷକ ସଭାର ସ୍ୱର୍ଗତ ନେତା ସାଥି ପରୀକ୍ଷିତ ବେହେରା ମଞ୍ଚ ଭାବେ ଉତ୍ସର୍ଗ ହୋଇଥିବା ଏହି ମଞ୍ଚରେ ଜିଲ୍ଲା ସମ୍ପାଦକ ଗୟାଧର ଧଳଙ୍କ ସଭାପତିତ୍ୱ କରିଥିଲେ। ବ୍ଲକ କୃଷକ ସଭା ସଭାପତି ଧନେଶ୍ୱର ରାଉତ, ସମ୍ପାଦକ ନବକିଶୋର ସୂତାର ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ଯଜ୍ଞେଶ୍ୱର ସାମନ୍ତରାୟ, ଜିଲ୍ଲା ସଭାପତି ବିଜୟ ଦାସ, ଶ୍ରମିକନେତା ନରୋତ୍ତମ ପାର୍ଥ ସାରଥୀ, ବିଶିଷ୍ଟ କୃଷକ ନେତା କାଳୀପ୍ରସାଦ ନାୟକ, ଅଭ୍ୟର୍ଥନା ସମିତି ଅଧକ୍ଷ ହଳଧର ମଲ୍ଲିକ, ବରୁଣାଡିହା ସରପଞ୍ଚ ଦୁର୍ଯ୍ୟୋଧନ ମହାନ୍ତି, ଭାରିଗଦା ସମିତି ସଭ୍ୟ ଶରତ ରାଉତ ପ୍ରମୁଖ କୃଷି ସମସ୍ୟା, ତ୍ରୁଟିଯୁକ୍ତ କୃଷି ଆଇନ ସଂଶୋଧନ, କୃଷି ଉତ୍ପାଦର ଧାର୍ଯ୍ୟମୂଲ୍ୟ ପ୍ରଦାନ ଆଦି ଦାବିକୁ ନେଇ ବର୍ଷିଥିଲେ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାରଣାଙ୍କ ପରଲୋକ



ପଞ୍ଚୁପାଣ୍ଡବ, ୧୬।୧୦(ସମିସ): ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ କଂସାରିପାଟଣା ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାରଣା(୯୩)ଙ୍କ ପରଲୋକ ହୋଇଯାଇଛି। ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ଗୁରୁବାର ଅପରାହ୍ନରେ ତାଙ୍କର ପରଲୋକ ହୋଇଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବାବେଳେ ପୁଅ ବନମାଳୀ ମହାରଣା ମୁଖାଗ୍ନି ଦେଇଥିଲେ।

ଦୁଇ ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ଜଣେ ଗିରଫ

ରାଜନଗର, ୧୬।୧୦(ସମିସ): ଦୁଇ ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଜଣେ ଗିରଫ ହୋଇଛି। ରାଜନଗର ଥାନା ଅଞ୍ଚଳରେ ସମ୍ପର୍କୀୟ ଦାଦା ନିଶାଗସ୍ତ ଅବସ୍ଥାରେ ନାବାଳିକା ଝିଆରୀ ଓ ତା'ର ସାଙ୍ଗକୁ ଅସଦାଚରଣ କରିଥିବା ନେଇ ରାଜନଗର ଥାନାରେ ଅଭିଯୋଗ ହୋଇଥିଲା। ନାବାଳିକାଙ୍କ ମାଆଙ୍କ ଅଭିଯୋଗ ଆଧାରରେ ରାଜନଗର ଥାନାରେ ୩୫୩/୨୫ରେ ମାମଲା ରୁଜୁ ହୋଇଛି। ନାବାଳିକାଙ୍କ ମାଆ ଗତକାଲି ରାତିରେ ଅଭିଯୋଗ କରିଥିଲେ। ତାଙ୍କର ୧୩ ବର୍ଷର ଝିଅ ଓ ତା'ର ୧୧ ବର୍ଷର ସାଙ୍ଗ ସନ୍ଧ୍ୟା ସମୟରେ ପାଖ ଦୋକାନକୁ ଯାଉଥିଲେ। ଏହି ସମୟରେ ଅନ୍ଧାର ଥିବା ସ୍ଥାନରେ ପ୍ରମୋଦ ଖଣ୍ଡୁଆଳ ନାମକ ଯୁବକ ନିଶାଗସ୍ତ ଅବସ୍ଥାରେ ଅଟକାଇ ଉଭୟଙ୍କୁ ଅସଦାଚରଣ କରିଥିଲା। ସେମାନଙ୍କ ଚିତ୍କାର ଶୁଣି ଲୋକେ ଆସି ସେମାନଙ୍କୁ ଉଦ୍ଧାର କରିଥିଲେ। ସେମାନେ କାନ୍ଦି କାନ୍ଦି ଆସି ଘରେ କହିଥିଲେ। ଥାନାରେ ଅଭିଯୋଗ ହେବା ପରେ ପୁଲିସ ପହଞ୍ଚି ଅଭିଯୁକ୍ତକୁ ଧରିଥିଲା।

ଛାତରୁ ଖସିଲା ପ୍ଲାଷ୍ଟର; ବର୍ତ୍ତିଲେ ଛାତ୍ରଛାତ୍ରୀ

ଆଳି, ୧୬।୧୦(ସମିସ): ପାଳିମୀ ପଞ୍ଚାୟତସ୍ଥ ଗଣେଶ୍ୱରପୁର ପ୍ରାଥମିକ ବିଦ୍ୟାଳୟ ଗୃହ ଛାତରୁ ପ୍ଲାଷ୍ଟର ଖସିଛି। ଏହା ଦେଖି ପ୍ରଧାନଶିକ୍ଷକ ଗିରିଧାରୀ ମଲିକ ଦୌଡ଼ି ଯାଇ ଛାତ୍ରଛାତ୍ରୀଙ୍କୁ ଟାଣି ଶ୍ରେଣୀ ଗୃହ ବାହାରକୁ ନେଇ ଆସିଥିଲେ। ଫଳରେ ସେମାନେ ବର୍ତ୍ତିଯାଇଥିଲେ। ଉକ୍ତ ବିଦ୍ୟାଳୟରେ ଶିଶୁବାଟିକାଠାରୁ ଆରମ୍ଭ ହୋଇ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ୬ଟି ଶ୍ରେଣୀରେ ୪୦ ଜଣ ଛାତ୍ରଛାତ୍ରୀ ପଢ଼ନ୍ତି। ପ୍ଲାଷ୍ଟର ଖସିଥିବା ଶ୍ରେଣୀ ଗୃହରେ ଚତୁର୍ଥ ଓ ପଞ୍ଚମ ଶ୍ରେଣୀର ୧୩ ଜଣ ପିଲା ଥିଲେ। ଏ ନେଇ ଆଳି ବ୍ଲକରେ ନୂଆ ଭାବେ ଯୋଗଦେଇଥିବା ଶିକ୍ଷାଧିକାରୀ ସଞ୍ଜୀବ ବେହୁରାଙ୍କୁ ପଚାରିବାରୁ ସେ କହିଛନ୍ତି, ସେ ଆସନ୍ତାକାଲି ଘଟଣାସ୍ଥଳ ପରିଦର୍ଶନ କରି ଘଟଣାକୁ ତଦାରଖ କରିବେ। ତତସହିତ ସମସ୍ୟାର ଯଥାଶୀଘ୍ର ସମାଧାନ ପାଇଁ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ।

ସର୍ବସାଧାରଣ ରାସ୍ତାରେ ଘର ନିର୍ମାଣର ପ୍ରତିବାଦ

ଗ୍ରାମାଞ୍ଚଳ ଥାନାରେ ଶତାଧିକ ଗ୍ରାମବାସୀଙ୍କ ଏତଲା

ପଟ୍ଟାମୁଣ୍ଡାଇ, ୧୬।୧୦(ସମିସ)

ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଆଜି ଶହ ଶହ ଲୋକ ହାତରେ ଗୋଟିଏ ଗୋଟିଏ ଅଭିଯୋଗ ପତ୍ର ଧରି ଥାନା ଆଗରେ ଲମ୍ବା ଲାଇନ ଦେଇଥିଲେ। ବିଳିକଣା ପଞ୍ଚାୟତ ବାଲିଆଯୋଡ଼ି ଗ୍ରାମରେ ସର୍ବସାଧାରଣ ରାସ୍ତାକୁ ମାଡ଼ି ଜଣେ ବ୍ୟକ୍ତି ଘର ତିଆରି କରୁଥିବାରୁ ଗ୍ରାମବାସୀ ଏହାର ବିରୋଧ କରି ତାଙ୍କ ନାମରେ ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ସମ୍ପୃକ୍ତ ବ୍ୟକ୍ତି ଗ୍ରାମର ୩ ଜଣ ମୁରବୀଙ୍କ ନାମରେ ପାଲଟା ଅଭିଯୋଗ କରିଥିଲେ। ଏହି ଅଭିଯୋଗପତ୍ରରେ ଜଣେ ଗାଁ ମୁରବୀ ଗାଁରେ ରହୁ ନ ଥିଲେ ମଧ୍ୟ ତାଙ୍କ ନାଁରେ ଅଭିଯୋଗ କରାଯାଇଛି। ମାତ୍ର ଗ୍ରାମାଞ୍ଚଳ ଥାନା ପୁଲିସ ସମ୍ପୃକ୍ତ ବ୍ୟକ୍ତିଙ୍କ ଅଭିଯୋଗର କୌଣସି ତଦନ୍ତ ନ କରି ମାମଲା ରୁଜୁ କରିବା ଘଟଣାରେ ଗ୍ରାମବାସୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଫଳରେ ବାଲିଆଯୋଡ଼ି ଗ୍ରାମର ପ୍ରତ୍ୟେକ ପରିବାରର ଜଣେ ଲେଖାଏଁ ସଦସ୍ୟ ସର୍ବସାଧାରଣ ରାସ୍ତାକୁ ମାଡ଼ି ଘର କରୁଥିବା ସମ୍ପୃକ୍ତ ବ୍ୟକ୍ତି ନାଁରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଏକାଧିକ ଲିଖିତ ଅଭିଯୋଗ କରିଥିଲେ। ଗ୍ରାମାଞ୍ଚଳ ଥାନା ପୁଲିସ ଯେପରି ସମ୍ପୃକ୍ତ ବ୍ୟକ୍ତିଙ୍କ ଅଭିଯୋଗର କୌଣସି ତଦନ୍ତ ନ କରି ମାମଲା ରୁଜୁ କରିଥିଲା, ସେପରି ଗ୍ରାମାଞ୍ଚଳ ଥାନାରେ ଦାଏର କରାଯାଇଥିବା ଏକାଧିକ ଲିଖିତ ଅଭିଯୋଗ ଉପରେ ମାମଲା ରୁଜୁ କରିବାକୁ ଥାନାକୁ ଆସିଥିବା ଗ୍ରାମବାସୀ ଦାବି କରିଥିଲେ। ଏହି ଅଭାବନୀୟ ଘଟଣାରେ ଗ୍ରାମାଞ୍ଚଳ ଥାନା ପୁଲିସର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

Format C-7

(for political parties to publish in the newspaper, social media platforms & website of the party)

Information regarding individuals with pending criminal cases, who have been selected as candidates, along with the reasons for such selection, as also as to why other individuals without criminal antecedents could not be selected as candidates

(As per the Commission's directions issued in pursuance of the order dated 13.02.2020 of the Hon'ble Supreme Court in contempt petition © no. 2192 of 2018 in W.P.(C) No. 536/2011)

Name of the Political Party: BIJU JANATA DAL

Name of the Election: BYE- ELECTION TO THE STATE LEGISLATIVE ASSEMBLY OF ODISHA -2025

Name of the State: ODISHA

(1) Name of the Constituency - **71-NUAPADA AC**

Name of the Candidate – **SMT. SNEHANGINI CHHURIA**

Sl. No.			
1.	Criminal Antecedents		
	a.	Nature of the Offence	i. Non-Bailable ii. Non-Bailable iii. Non-Bailable iv. Non-Bailable
	b.	Case No.	i. Bargarh Town PS Case No-36/25 ii. Bargarh Town PS Case No-37/25 iii. Bargarh Town PS Case No-38/25 iv. Bargarh Rural PS Case No-11/25
	c.	Name of the Court	All cases are pending in SDJM Bargarh, District Bargarh
	d.	Whether charges have been framed or not (Yes/No)	i. No ii. No iii. No iv. No
	e.	Date of Conviction, if any	Not Applicable
	f.	Details of punishment undergone, if any	Not Applicable
	g.	Any other information required to be given	All cases posted for appearance
2.	The reasons for the selection of the candidate. Selection shall be with reference to the qualifications, achievements and merit of the candidates and not mere “winnability” at the polls (Not more than 100 words)		The candidate is a dynamic SC women leader, having huge public contact and popularity in this state of Odisha and she has worked hard in bringing social upliftment, particularly for the women, poor and downtrodden and still have zeal and eagerness to bring perceptible changes in the living standard of the people. She is highly qualified with Post Graduate and BED degrees to her credit.
3.	Reasons as to why other individuals without criminal antecedents could not be selected as candidates (not more than 100 words)		In consideration of the above merits, her selection as a candidate to the **71-NUAPADA Assembly Constituency** is more justified than other individuals without criminal antecedents.

(2) Name of the Constituency - **71-NUAPADA AC**

Name of the Candidate – **SMT. SNEHANGINI CHHURIA**

.... and so on

* In the case of election to Council of States or States or election to Legislative Council by MLAs, mention the election concerned in place of name of Constituency.

Sd/-
DEBIPRASAD MISHRA
SENIOR VICE-PRESIDENT,
BIJU JANATA DAL, ODISHA

ସକାଳ THE SAKALA

■ ଖେଳାଳି ଚୟନରେ ପାତରଅନ୍ତର ଅଭିଯୋଗ

କ୍ରୀଡ଼ା ସଂସଦ ସମ୍ପାଦକଙ୍କ ଥାନାରେ ଏତଲା

ପାରାଦୀପ, ୧୬।୧୦(ସମିସ): ଖେଳାଳି ଚୟନରେ ପାତରଅନ୍ତର ନେଇ ମିଥ୍ୟା ଅଭିଯୋଗ ଆଣିଛନ୍ତି ଖେଳାଳିଙ୍କ ପରିବାର ଲୋକେ। ଏଭଳି ମିଥ୍ୟା ଅଭିଯୋଗ ବିରୋଧରେ ମୁହଁ ଖୋଲିଛନ୍ତି ଗୋପବନ୍ଧୁ କ୍ରୀଡ଼ା ସଂସଦ ସମ୍ପାଦକ ଧୂନଚନ୍ଦ୍ର ତରାଇ। ଏ ନେଇ ସମ୍ପାଦକ ଶ୍ରୀ ତରାଇ ପାରାଦୀପ ଆଦର୍ଶ ଥାନାରେ ଏତଲା ଦେଇଛନ୍ତି। ପୁଲିସ ଏଭଳି ଘଟଣାକୁ ଗୁରୁତର ଭାବେ ନେଇ ମାମଲାକୁ ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସମ୍ପାଦକ ଶ୍ରୀ ତରାଇଙ୍କ କହିବା ଅନୁଯାୟୀ, ଚଳିତ ବର୍ଷ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ପକ୍ଷରୁ ୧୯ ବର୍ଷରୁ କମ୍ ଓଡିଶା ଦଳରେ ସାମିଲ ପାଇଁ ଏକ ଟ୍ରାଏଲ ପ୍ରକ୍ରିୟାରେ ପାରାଦୀପର ଅର୍ପିତ ସତ୍ୟମ ମହାନ୍ତି ଅଂଶଗ୍ରହଣ କରିଥିଲେ। ଭଲ ପ୍ରଦର୍ଶନ କରି ଓସିଏ ଦ୍ୱାରା ପ୍ରସ୍ତୁତ ଲିଡର ବୋର୍ଡର ପଞ୍ଚମ ସ୍ଥାନରେ ରହିଥିଲେ। କିନ୍ତୁ ଓଡ଼ିଶା ଦଳ ତାଲିକାରୁ ତାଙ୍କ ନାମ ବାଦ୍ ପଡିବାରୁ ଏଥିରେ ଅନିୟମିତତା ହୋଇଥିବା ନେଇ ଅର୍ପିତଙ୍କ ଅଭିଭାବକ ଅଭିଯୋଗ କରିଥିଲେ। ଅର୍ପିତଙ୍କ ପିତା ଜ୍ଞାନଞ୍ଜୟ ମହାନ୍ତି ଓ ତାଙ୍କ ପତ୍ନୀ ଓଡ଼ିଶା ଦଳରେ ତାଙ୍କ ପୁଅ ସ୍ଥାନ ନ ପାଇବାରେ ସେ ଖେଳୁଥିବା ଗୋପବନ୍ଧୁ କ୍ରୀଡା ସଂସଦର ପୂର୍ବତନ ସମ୍ପାଦକ ତଥା ଓସିଏର ସଦସ୍ୟ ରବି ଦାସ ଓ ଅନ୍ୟ କର୍ମକର୍ତ୍ତାଙ୍କୁ ଦୋଷାରୋପ କରି ଆତ୍ମହୁତି ଦେବା ଧମକ ଗଣମାଧ୍ୟମ ଜରିଆରେ ଦେଇଥିଲେ। ଉଭୟ ସ୍ୱାମୀ ଓ ସ୍ତ୍ରୀ ଗଣମାଧ୍ୟମରେ ମିଥ୍ୟା ବିବୃତି ଓ ମିଥ୍ୟା ଅପପ୍ରଚାର କରି ଗୋପବନ୍ଧୁ କ୍ରୀଡ଼ା ସଂସଦକୁ ଯେତିକି ନିନ୍ଦା ମୁଣ୍ଡାଇବାକୁ ପଡିଥିଲା, କର୍ମକର୍ତ୍ତାଙ୍କ ଆତ୍ମସମ୍ମାନ ପ୍ରତି କୁଠାରଘାତ କରିଥିଲା। ବ୍ୟକ୍ତିବିଶେଷଙ୍କୁ ନିନ୍ଦିତ କରିବା ସଙ୍ଗେ ସଙ୍ଗେ ସାମାଜିକ ପ୍ରତିଷ୍ଠାରେ ଆଞ୍ଚ ଆଣିଛନ୍ତି। ଏହାବ୍ୟତୀତ ଅଫିସ ଭିତରେ ପଶି ପାଟିତୁଣ୍ଡ କରିବା ସହିତ ବିଭିନ୍ନ ଧମକ ଦେଇଛନ୍ତି। ଏହି ସମ୍ବେଦନଶୀଳ ଘଟଣାକୁ ନେଇ ଜ୍ଞାନଞ୍ଜୟ ମହାନ୍ତିଙ୍କ ବିରୋଧରେ କ୍ରୀଡ଼ା ସଂସଦ ସମ୍ପାଦକ ଧୂନଚନ୍ଦ୍ର ତରାଇ ପାରାଦୀପ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଭଳି ଘଟଣାକୁ ଶ୍ରୀ ତରାଇ ଘୋର ନିନ୍ଦା କରିବା ସହିତ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ସମ୍ପର୍କରେ ଗୋପବନ୍ଧୁ କ୍ରୀଡ଼ା ସଂସଦ ସମ୍ପାଦକ ଧୂନଚନ୍ଦ୍ର ତରାଇଙ୍କୁ ପଚାରିବାରୁ ଖେଳାଳି ତାଲିକା ପଠାଇବା ସଂସଦ କାମ। ଖେଳାଳି ଚୟନ କରିବା ଓସିଏର ଦାୟିତ୍ୱ। ସେ ଘଟଣା ସମ୍ପର୍କରେ ନ ବୁଝି ଅଯଥା ସଂସଦକୁ ବଦନାମ କରୁଛନ୍ତି। ସଂସଦ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କର। ଏହା ଭିତ୍ତିହୀନ ବୋଲି ସେ କହିଛନ୍ତି।

ବାଲିକୁଦା ମହିଳା କଲେଜରୁ ବାଇକ୍ ଚୋରି

ବାଲିକୁଦା,୧୬।୧୦(ସମିସ): ବାଲିସାହି ଗ୍ରାମର ସଂଗ୍ରାମ ସାହୁଙ୍କ ବାଇକ୍ ବାଲିକୁଦା ମହିଳା ମହାବିଦ୍ୟାଳୟ ପରିସରରୁ ଚୋରି ହୋଇଥିବା ନେଇ ବାଲିକୁଦା ଥାନାରେ ଅଭିଯୋଗ କରିଛନ୍ତି। ମହିଳା ମହାବିଦ୍ୟାଳୟରେ କିରାଣି ଭାବେ କାର୍ଯ୍ୟରତ ଥିବା ସଂଗ୍ରାମ କଲେଜ ପରିସରରେ ବାଇକ ରଖି କାମ କରୁଥିଲେ। ଦିନ ପ୍ରାୟ ୧୧ଟା ୩୦ ମିନିଟ ସମୟରେ ବାଇକ କଲେଜ ପରିସରରେ ନ ଥିବା ଅନ୍ୟ ଜଣେ ସହଯୋଗୀ କହିଥିଲେ। ସଂଗ୍ରାମ କଲେଜରେ ଲାଗିଥିବା ସିସିଟିଭି ଫୁଟେଜ ଦେଖିବା ପରେ କେହି ଜଣେ ଅଜଣା ବ୍ୟକ୍ତି ତାଙ୍କ ଗାଡ଼ି ଚୋରି କରି ନେଉଥିବା ଦେଖିବାକୁ ପାଇଥିଲେ। ସେ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ବାଲିକୁଦା ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିବା ଥାନା ଅଧିକାରୀ ସୁଶାନ୍ତ ସାହୁ କହିଛନ୍ତି।

ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

ଜଗତସିଂହପୁର,୧୬।୧୦(ସମିସ): ଜଗତସିଂହପୁର ଜିଲ୍ଲାର ବିରିଡ଼ି ଥାନା ଅଞ୍ଚଳରେ ୨୦୨୧ରେ ଘଟିଥିବା ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଜଗତସିଂହପୁର ଫାଷ୍ଟଟ୍ରାକ୍ କୋର୍ଟ (ପକ୍ସୋ) ବିଚାରପତି ସୟେଦ ଅବଦୁଲ କାଦିର ଜାହିର ଅହମ୍ମଦ ଅଭିଯୁକ୍ତକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

ସୂଚନା ମୁତାବକ, ୨୦୨୧ ଅଗଷ୍ଟ ୨୧ ତାରିଖ ରାତିରେ ବିରିଡ଼ି ଥାନା ଅଞ୍ଚଳର ନାବାଳିକା ସାନଭଉଣୀ ସହିତ ଶୋଇଥିବାବେଳେ ଅଭିଯୁକ୍ତ ସୌମ୍ୟରଞ୍ଜନ ବେହେରା ବିବାହ ପ୍ରଲୋଭନ ଦେଇ ଦୁଷ୍କର୍ମ କରିଥିଲା। ନାବାଳିକାର ସାନଭଉଣୀ ଉଠିପଡିବାରୁ ସୌମ୍ୟରଞ୍ଜନ ଦୌଡ଼ି ପଳାଇଥିଲା। ଘଟଣାର ୫ ଦିନ ପରେ ପୀଡ଼ିତାର ସାନଭଉଣୀ ଏ ସଂପର୍କରେ ମାଆକୁ କହିଥିଲା। ପୀଡ଼ିତାଙ୍କ ମାଆ ବିରିଡି ଥାନାରେ ଏ ନେଇ ଅଭିଯୋଗ କରିଥିଲେ ଓ ପୁଲିସ ସୌମ୍ୟରଞ୍ଜନକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମୋଟ ୧୯ ଜଣଙ୍କଠାରୁ ସାକ୍ଷ୍ୟ ପ୍ରମାଣ ଗ୍ରହଣ କରିବା ପରେ ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ଜଷ୍ଟିସ୍ ସୟେଦ ଅହମ୍ମଦ ସୌମ୍ୟରଞ୍ଜନକୁ ୨୦ ବର୍ଷ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଏଥିସହିତ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଥିବା ସରକାରୀ ଓକିଲ ଦୋଳଗୋବିନ୍ଦ ଦାଶ ସୂଚନା ଦେଇଛନ୍ତି।

ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମଦିନ

ବିଭିନ୍ନ ସ୍ଥାନରେ ଆନନ୍ଦ ଉଲ୍ଲାସର ସହ ପାଳନ

ପାରାଦୀପ, ୧୬।୧୦(ସମିସ):

ନୂତନ ଓଡ଼ିଶାର ବିନ୍ଧାଣି, ସାଢ଼େ ଚାରିକୋଟି ଓଡ଼ିଆଙ୍କ ହୃଦୟର ସ୍ପନ୍ଦନ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମଦିବସ ଆଜି ସାରା ରାଜ୍ୟରେ ପାଳନ କରାଯାଇଛି। ଏ ପରିପ୍ରେକ୍ଷୀରେ ଜଗତସିଂହପୁରରେ ଆନନ୍ଦ ଉଲ୍ଲାସର ସହ ଏହାକୁ ପାଳନ କରାଯାଇଛି। ପାରାଦୀପ ନଗର ବିଜୁ ଜନତା ଦଳ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ସହିତ ପାଳନ କରାଯାଇଛି। ସକାଳେ ସ୍ଥାନୀୟ ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟରେ କୁମରବର ନାୟକଙ୍କ ଅଧ୍ୟକ୍ଷତାରେ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ କେକ୍ କଟାଯାଇ ପାଳନ କରାଯାଇଥିଲା। ଦଳର ବରିଷ୍ଠ କର୍ମୀ ନବୀନ ପଟ୍ଟନାୟକଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ଯିଏ ଓଡ଼ିଶାରେ ୨୪ ବର୍ଷ ଧରି ମୁଖ୍ୟମନ୍ତ୍ରୀ ଭାବେ ଶାସନ କରି ପାଞ୍ଚଟି ନିରନ୍ତର କାର୍ଯ୍ୟକାଳର ବିଜୟୀ ହୋଇ ଏକ ଅସାଧାରଣ ରେକର୍ଡ ସୃଷ୍ଟି କରିଛନ୍ତି। ନବୀନଙ୍କ ଶାସନ କାଳରେ ଓଡ଼ିଶାର ବିକାଶ ଶୀର୍ଷରେ ପହଞ୍ଚି ପାରିଛି। ଏହି ଜନ୍ମଦିନ ପାଳନ କାର୍ଯ୍ୟକ୍ରମରେ ନାରୀନେତ୍ରୀ ସବିତା ମହାପାତ୍ର, ଜ୍ୟୋତିକାନ୍ତ ପରିଡା, ସମୀର ବିଶ୍ୱାଳ, ବିକ୍ରମ ମହାନ୍ତି, ଲପନ ପରିଡା, ସୁଶୀଲ ମହାପାତ୍ର, ଅନୁପ ସହାଣୀ, କାଉନସିଲର ମନୋଜ ବେହେରା, ରଶ୍ମିରଞ୍ଜନ ପରିଡା, ମାନସ ବିଶ୍ୱାଳ, ପ୍ରଦୀପ ସାମଲ ଓ କେ ରାମବାବୁଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

ସେହିପରି ଅପରାହ୍ନରେ ମଧୁବନ ଶ୍ରମିକ ଭବନରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ନବୀନ ବାବୁଙ୍କ ଜନ୍ମଦିନ କେକ୍ କଟାଯାଇ ମହାଆଡମ୍ବରରେ ପାଳନ କରାଯାଇଥିଲା। ଶ୍ରୀ ପଟ୍ଟନାୟକଙ୍କ ସୁସ୍ଥ ନିରାମୟ ଜୀବନ ପାଇଁ ପାରାଦୀପର ବିଭିନ୍ନ ଦେବାଳୟରେ ପୂଜାପାଠ କରାଯାଇଥିଲା। ଅପରାହ୍ନ କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ଡା. କୁଳମଣି ସାମଲ, ଆଲୋକ ମହାପାତ୍ର, ପାରିଷଦ କେ. ଜଗନ୍ନାଥ ରାଓ ଓ ଅଜିତ ଷଡଙ୍ଗୀ, ନାରୀନେତ୍ରୀ ସବିତା ମହାପାତ୍ର, ଚପଳା ସ୍ୱାଇଁ, ଭାସ୍କର ସାହୁ, ଅଜୟ ନାୟକ ପ୍ରମୁଖ ଯୋଗ ଦେଇ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନମଙ୍ଗଳକାରୀ କାର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହିତ ନବୀନ ପଟ୍ଟନାୟକଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ। ନବୀନ ବାବୁଙ୍କ ଶାସନ ଓଡ଼ିଶାକୁ ନୂତନ ଦିଗନ୍ତରେ ପହଞ୍ଚାଇଛି। ଏଥିସହିତ ଦାରିଦ୍ର୍ୟ ନିରାକରଣରେ ନବୀନଙ୍କ ଯୋଜନା ଏକ ବିପ୍ଳବ ଆଣିଛି। ମହିଳା ସଶକ୍ତୀକରଣରେ ତାଙ୍କର ଅତୁଳନୀୟ ଅବଦାନ ଥିଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶଙ୍କର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ତିର୍ତ୍ତୋଲ: ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତେନ୍ତୁଳିପଦା ମୁନି ଗୋସାଇଁ ମଠ ପରିସର ଆଦିକବି ଭବନରେ ସମାଜସେବୀ ଅନୀଲ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ତେନ୍ତୁଳିପଦା ପଞ୍ଚାୟତ ବିଜେଡି ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ପାଳିତ ହୋଇଯାଇଛି। ଏଥିରେ ଚିତ୍ତରଞ୍ଜନ ପରିଜା, ସୁବ୍ରତ ଦାଶ, ପ୍ରଭାତ ପରିଜା, ଯୋଗେନ୍ଦ୍ର ମହାପାତ୍ର, ରଞ୍ଜନ ସେଠୀ, ରିଙ୍କୁ କାଣ୍ଡି ସମେତ ବିଜେଡି କର୍ମୀ ଯୋଗଦେଇ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ।

ଜୟପ୍ରକାଶ ଶିକ୍ଷା ନିକେତନରେ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ

ରଘୁନାଥପୁର,୧୬।୧୦(ସମିସ): ତଂଅରା ପଞ୍ଚାୟତ ରାମଚନ୍ଦ୍ରପୁରସ୍ଥ ଜୟପ୍ରକାଶ ଶିକ୍ଷା ନିକେତନ ଓ ଚର୍ଚ୍ଚିକାଇ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମଣ୍ଡଳ ସହଶିକ୍ଷାଧିକାରୀ ଆଶୁତୋଷ ବାନାର୍ଜୀ ପୌରୋହିତ୍ୟ କରିଥିଲେ। ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ମୁଖ୍ୟଅତିଥି, ଅନ୍ୟତମ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ମୁଖ୍ୟବକ୍ତା ଓ ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ଜିଲ୍ଲା ପରିଷଦ ସଭ୍ୟା ଇତିଶ୍ରୀ ମଲ୍ଲିକ, ସ୍ଥାନୀୟ ସରପଞ୍ଚ ବଟକୃଷ୍ଣ ନାୟକ, ସମିତିସଭ୍ୟା ଶାନ୍ତିଲତା ଦ୍ୱିବେଦୀ, ରେଢୁଆ ସମିତିସଭ୍ୟ ବିଶ୍ୱଜିତ ଦାଶ, ପରିଚାଳନା କମିଟି ସଭାପତି ଇଂ ବାବାଜୀ ଜେନା, ସମ୍ପାଦକ ଜୟପ୍ରକାଶ ଜେନା, ବିଶ୍ୱ ଓଡିଆ ସଂଗଠନ ସଭାପତି ଡ ସୁରେନ୍ଦ୍ରନାଥ ମହାପାତ୍ର, ପଞ୍ଚସଖା ଶିକ୍ଷାସେତୁ ସଭାପତି ମାନସ ମହାପାତ୍ର ଓ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବନ୍ଦନା ନାୟକ ଯୋଗ ଦେଇଥିଲେ। ଶିକ୍ଷକ ନେତା ଦେବାଶିଷ ବେହେରା ଅତିଥି ପରିଚୟ

ଓ ସୁକାନ୍ତ ଦ୍ୱିବେଦୀ ଧନ୍ୟବାଦ ପ୍ରଦାନ କରିଥିଲେ।

ପୂର୍ବାହ୍ନରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ ସୁଶାନ୍ତ ମହାନ୍ତି ଉତ୍ସବର ଶୁଭାରମ୍ଭ କରିଥିଲେ। ମଣ୍ଡଳ ଶିକ୍ଷାଧିକାରୀ ମଧୁସ୍ମିତା ପତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଡ ମହାନ୍ତି, ସମ୍ମାନିତ ଅତିଥି ଭାବେ ମଣ୍ଡଳ ସହ ଶିକ୍ଷାଧିକାରୀ ଶ୍ରୀ ବାନାର୍ଜୀ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ରଞ୍ଜନ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସିଆରସିସି ଦିଲ୍ଲୀପ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ସିଆରସିସି ନିରଞ୍ଜନ ସାହୁ, ଭାସ୍କର ମୁଦୁଲି, ଯଜ୍ଞବଲ୍ଲଭ ମିଶ୍ର, ତରୁଣ ଜେନା, ମଧୁସ୍ମିତା ସେନାପତି, ସୋନା ମହାନ୍ତି, ଚତୁର୍ଭୁଜ ନାୟକ, ବିରୂପାକ୍ଷ ସେଠୀ, ଚିନ୍ମୟ ରଥ, ପ୍ରଶାନ୍ତ ରାଉତ ଓ ସେକ ସମିମୁଦ୍ଦିନଙ୍କ ତତ୍ତ୍ୱାବଧାନରେ ୩୦୦ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଥମ ସ୍ଥାନ ହାସଲ କରିଥିବା ଛାତ୍ରୀଛାତ୍ର ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଶିକ୍ଷକ ପବିତ୍ର ସ୍ୱାଇଁ, ସୁଧୀର ସାହାଣୀ, ସୁବାସ ନାୟକ, ଧରଣୀଧର ଜେନା, ସୁଧୀର ନାୟକ, ସୁରେନ୍ଦ୍ର ଦ୍ୱିବେଦୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ବିରିଡ଼ି ତହସିଲ ଅଞ୍ଚଳରେ ମିଳୁନି ବାଲି

କାମ ପାଉ ନ ଥିବାରୁ ନିର୍ମାଣ ଶ୍ରମିକଙ୍କ ବିକ୍ଷୋଭ

ବିରିଡ଼ି, ୧୬।୧୦(ସମିସ): ବିରିଡି ତହସିଲ ଅଧୀନ ବିଲୁଆଖାଇ ନଦୀ ଓ ଦେବୀନଦୀ ବାଲିଘାଟ ବନ୍ଦ ରହିଛି। ୫ ମାସ ଧରି ଘାଟରୁ ବାଲି ଉଠାଯାଇପାରୁନାହିଁ। ଫଳରେ ବିରିଡ଼ି ତହସିଲ ଅଧୀନ ୨୧ଟି ପଞ୍ଚାୟତରେ ଚାଲିଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ସମେତ ଅନ୍ୟାନ୍ୟ ନିର୍ମାଣ କାମ ହୋଇପାରୁନାହିଁ। ଫଳରେ ଏସବୁ କ୍ଷେତ୍ରରେ କାମ କରୁଥିବା ବିରିଡି ବ୍ଲକ୍ ଅଞ୍ଚଳର କୁଶଳୀ ଶ୍ରମିକ (ରାଜମିସ୍ତ୍ରି), ନିର୍ମାଣ ଶ୍ରମିକ କାମ ନ ପାଇ ଘରେ ହାତବାନ୍ଧି ବସି ରହିଥିବାରୁ ସେମାନଙ୍କ ରୋଜଗାର ବନ୍ଦ ହୋଇଯାଇଛି। ଯଦ୍ୱାରା ସେମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି। ହେମନ୍ତ ସାହୁ, ମାନସ ବେହେରା, ଅଶୋକ ବେହେରା, ବିଜୟ ସାହୁ, ଧନେଶ୍ୱର ଭୋଇ, ବିଜୟ ଦାସ, ଚନ୍ଦ୍ରମଣି ଦାସ, ପଞ୍ଚାନନ ତରାଇ, ଗଗନ ଦାସ, ଲିଙ୍ଗରାଜ ପାତ୍ର, ପ୍ରଶାନ୍ତ ସେଠୀ, ବଂଶୀଧର ଭୋଇଙ୍କ ନେତୃତ୍ୱରେ ଆଜି ଶହ ଶହ ସଂଖ୍ୟକ ନିର୍ମାଣ ଶ୍ରମିକ ବିରିଡ଼ି ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଲୋକଙ୍କୁ ବାଲି ଯୋଗାଇ ଦେବାକୁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ

ନାଉଗାଁ,୧୫।୧୦(ସମିସ): ନାଉଗାଁ ବ୍ଲକ୍ ଅନ୍ତର୍ଗତ ଶିଖର ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରାଯାଇଛି। ବିଜେପି ପକ୍ଷରୁ କର୍ମକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଥିବାବେଳେ

ମୁଖ୍ୟଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ କୁତାମଚଣ୍ଡି ମନ୍ଦିର ଉନ୍ନତୀକରଣ, ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୧ ଲକ୍ଷ ୧୫ ହଜାର ଟଙ୍କା ବିନିମୟରେ ଅଙ୍ଗେଶ୍ୱରପଡ଼ା ଆଦିବାସୀ ସାହିରେ ନିର୍ମିତ ଉଜ୍ଜ୍ୱଳ ଆଲୋକ ପ୍ରକଳ୍ପର ଉଦଘାଟନ କରିବା ସହ ୫ ଲକ୍ଷ ଟଙ୍କା ବିନିମୟରେ ନିର୍ମାଣ ହେବାକୁ ଥିବା ଗୋଷ୍ଠୀ ଶୌଚାଳୟର ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ନାଉଗାଁ ବିଡିଓ ନିରଞ୍ଜନ ପରିଡ଼ା, ୧ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, ଯୁବକର୍ମୀ ତାପସ ଦାସ, ଦେବୀପ୍ରସାଦ ପାଢ଼ୀ, ବିସ୍ମୟାନନ୍ଦ ସ୍ୱାଇଁ, ଅଲେଖ ସାହୁ, ନିଲୁ ନାୟକ, ଲଲାଟେନ୍ଦୁ ଲେଙ୍କା, ଧନେଶ୍ୱର ନାୟକ, ଦୀପକ ମହାନ୍ତିଙ୍କ ସମେତ ଶତାଧିକ ବିଜେପି କର୍ମୀ ଉପସ୍ଥିତ ଥିଲେ।

ମାଳଣ୍ଡ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି

ତିର୍ତ୍ତୋଲ, ୧୬।୧୦(ସମିସ): ମାଳଣ୍ଡସ୍ଥ ଭାରତୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିଜୟ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ସ୍ଥାନୀୟ ସରପଞ୍ଚ ବିଭୁପ୍ରସାଦ ମହାନ୍ତି, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବସନ୍ତ ମହାନ୍ତି, ସମ୍ମାନିତ ଅତିଥି କ୍ଲଷ୍ଟରର ସିଆରସିସି ପ୍ରଶାନ୍ତ ମହାନ୍ତି, ଶିକ୍ଷାବିତ୍ ନାରାୟଣ ପଣ୍ଡା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ କ୍ଷେତ୍ରରେ ସୁରଭି ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି ବୋଲି କହିଥିଲେ। କଟରା କ୍ଲଷ୍ଟର ଅଧୀନ ୧୦ଟି ବିଦ୍ୟାଳୟର ୧୦୦ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଚନ୍ଦ୍ରଶେଖର ବିଦ୍ୟାଳୟ ବେଗୁନିଆ ପ୍ରଥମ, ସତ୍ୟନାରାୟଣ ବିଦ୍ୟାଳୟ ଦ୍ୱିତୀୟ, ଅତାମୂଳ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲା। ଶିକ୍ଷକ ଦୀପକ ବିଶ୍ୱାଳ, ପ୍ରଶାନ୍ତ ସେଠୀ, ବସନ୍ତ ବଳ, ରଞ୍ଜିତ ସାହୁ, ରାକେଶ ବେହେରା, ସାରଦା ବେହେରା, ନରେନ୍ଦ୍ର ରାଉତ, ପ୍ରତାପ ସ୍ୱାଇଁ, ଶିକ୍ଷୟିତ୍ରୀ କିରଣବାଳା ରାଉତ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଅଭୟ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

ସାଇବର ସିକ୍ୟୁରିଟି ଅଭିଯାନ ପ୍ରସ୍ତୁତି ବୈଠକ

ଜଗତସିଂହପୁର,୧୬।୧୦(ସମିସ) ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସଦଭାବନା ସଭାଗୃହରେ ସାଇବର ସିକ୍ୟୁରିଟି ଅଭିଯାନ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଜେ ସୋନାଲ, ଆରକ୍ଷୀ ଅଧୀକ୍ଷକ ଅଙ୍କିତ ବର୍ମା, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ ରାଉତ, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇ, ଏସଡିପିଓ ଅଜିଙ୍କ୍ୟା ମାଣେ ଯୋଗ ଦେଇଥିଲେ। ପ୍ରଥମେ ଆରକ୍ଷୀ ଅଧୀକ୍ଷକ ଅଙ୍କିତ କୁମାର ବର୍ମା ଏହି ଅଭିଯାନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଆସନ୍ତା ୧୮ ତାରିଖରେ ମୁଖ୍ୟମନ୍ତ୍ରୀ ଏହି ଅଭିଯାନର ଶୁଭାରମ୍ଭ କରିବା କାର୍ଯ୍ୟକ୍ରମ ଥିବା ଆରକ୍ଷୀ ଅଧୀକ୍ଷକ ସୂଚନା ଦେଇଥିଲେ। ବର୍ତ୍ତମାନ ସମୟରେ ସାଇବର ଅପରାଧ ମାମଲା ଦିନକୁ ଦିନ ବୃଦ୍ଧି ପାଉଛି। ଜାଣତ ବା ଅଜାଣତରେ ହେଉ ଲୋକମାନେ ଏହି ଠକାମୀର ଶିକାର ହୋଇ ନିଜର ଧନ, ମାନ ହରାଇବସୁଛନ୍ତି। ଏଥିରୁ ରକ୍ଷା ପାଇବା ପାଇଁ ସଚେତନତା ହିଁ ଏକମାତ୍ର ଉପାୟ ବୋଲି ଆରକ୍ଷୀ ଅଧୀକ୍ଷକ କହିଥିଲେ। ଏକମାସ ବ୍ୟାପୀ ଚାଲିବାକୁ ଥିବା ଏହି ଅଭିଯାନରେ ଅନଲାଇନ୍ ଓ ଅଫଲାଇନ୍ ଉଭୟ ଭାବେ ସଚେତନତା କାର୍ଯ୍ୟକ୍ରମ ଚାଲିବ। ସୋସିଆଲ ମିଡ଼ିଆରେ ସାଇବର ନିରୋଧୀ ଭିଡିଓ ଓ ଜିଙ୍ଗିଲ ବାର୍ତ୍ତା ପ୍ରଚାର କରାଯିବ। ସେହିପରି ଅଫ୍ଲାଇନ୍‌ରେ ଏକ ସଚେତନତା ରଥ ଜିଲ୍ଲାର ସମସ୍ତ ୮ଟି ବ୍ଲକ୍‌ର ୧୯୮ ପଞ୍ଚାୟତ, ଦୁଇ ମ୍ୟୁନିସପାଲିଟି ବୁଲି ଲୋକଙ୍କୁ ସାଇବର ଅପରାଧ ବିଷୟରେ ସଚେତନ କରାଇବ। ଏହାଛଡା ବିଦ୍ୟାଳୟ ମହାବିଦ୍ୟାଳୟରେ ବକ୍ତୃତା, କୁଇଜ୍, ପ୍ରବନ୍ଧ ପ୍ରତିଯୋଗିତା ଆୟୋଜିତ ହେବ। ବିଭିନ୍ନ ସ୍ଥାନରେ ସଚେତନତା ଧର୍ମୀ ନୁକ୍କଡ ନାଟକ ପ୍ରଦର୍ଶିତ ହେବ। ଏକ ସାଇକ୍ଲୋଥନର ଅୟୋଜନ କରାଯିବ। ଜିଲ୍ଲାପାଳ ଏଥିନିମନ୍ତେ ସମସ୍ତ ବିଭାଗୀୟ ଅଧିକାରୀ, ବିଦ୍ୟାଳୟ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଏହି ଅଭିଯାନରେ ଅଂଶଗ୍ରହଣ କରିବାକୁ କହିଥିଲେ। ମ୍ୟୁନିସିପାଲଟିର ଅଳିଆ ଗାଡ଼ି ତଥା ଏଲଇଡିରେ ସରକାରଙ୍କ ତରଫରୁ ଆସିଥିବା ସାଇବର ନିରୋଧୀ ଭିଡିଓ ଚଳାଇବାକୁ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସମସ୍ତ ବିଭାଗୀୟ ଅଧିକାରୀ, ବିଦ୍ୟାଳୟ ମହାବିଦ୍ୟାଳୟ ଅଧ୍ୟକ୍ଷ, ସିଭିଲ ସୋସାଇଟି, ବ୍ୟାଙ୍କ ଅଧିକାରୀ, ଶିକ୍ଷାନୁଷ୍ଠାନ, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

ସାରସ୍ୱତ ସାଧକ ଭୋଳାନାଥ ରାଉତଙ୍କୁ ଶ୍ରଦ୍ଧାଞ୍ଜଳି

ଜଗତସିଂହପୁର,୧୬।୧୦(ସମିସ): ସବୁ ମଣିଷର ଜନ୍ମ ଏକପ୍ରକାର। କିନ୍ତୁ ଅସାଧାରଣ କର୍ମ ହିଁ ମଣିଷକୁ କାଳଜୟୀ କରିଥାଏ। ସେଭଳି ଜଣେ କାଳଜୟୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ଅନନ୍ୟ ସାରସ୍ୱତ ସାଧକ ଡକ୍ଟର ଭୋଳାନାଥ ରାଉତ ବୋଲି ଆଜି ତାଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ବାଗସାହିସ୍ଥ ମନୋରମା

ପାଠାଗାରରେ ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ସଭାପତି ହିମାଂଶୁ ଆଚାର୍ଯ୍ୟ ଅଧ୍ୟକ୍ଷ୍ୟତା କରି ଜଗତସିଂହପୁର ଇତିହାସ ପୁସ୍ତକ ରଚନା ପାଇଁ ସ୍ୱର୍ଗତ ରାଉତ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବେ ବୋଲି କହିଥିଲେ। ମୁଖ୍ୟ ଆଲୋଚକ ଭାବେ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ ଯୋଗଦେଇ ଜଣେ ପ୍ରବୀଣ ଶିକ୍ଷାବିତ, ଦକ୍ଷ ଶିକ୍ଷକ ନେତା, ସର୍ବୋପରି ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ଓ ବେସରକାରୀ କଲେଜ ଶିକ୍ଷକ ସଙ୍ଘ ପ୍ରତିଷ୍ଠାତା ସଦସ୍ୟ ଭାବେ ତାଙ୍କର କାର୍ଯ୍ୟ କୁଶଳତା ଶିକ୍ଷକ ସମାଜ ନିମନ୍ତେ ଉଦାହରଣ ହୋଇ ରହିଛି ଓ ରହିଥିବ। ଅନ୍ୟତମ ଆଲୋଚିକା ଭାବେ କବୟିତ୍ରୀ ତଥା ମନୋରମା ପାଠାଗାରର ସମ୍ପାଦିକା ମନୋରମା ଶତପଥୀ ଭାଗନେଇ ଡକ୍ଟର ରାଉତଙ୍କ ସୃଜନଶୀଳତାର ପରିସୀମା ବେଶ ପରିବ୍ୟାପ୍ତ ଥିଲା। ମହାବାତ୍ୟା ପରେ ଆୟୋଜିତ ଜଗତସିଂହପୁର ପୁସ୍ତକ ମେଳାର ମୁଖପତ୍ରର ଦୀର୍ଘଦିନ ଧରି ସମ୍ପାଦକ ଥିଲେ ବୋଲି କହିବା ସହିତ ତାଙ୍କର ଅନ୍ୟାନ୍ୟ ସାହିତ୍ୟକୃତି ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଦମ୍ବିନୀ ମିଶ୍ର, ଅରୁନ୍ଧତୀ ମହାନ୍ତି ଓ ସ୍ମରଣିକା ବିଶ୍ୱାଳ ପ୍ରମୁଖ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଶିକ୍ଷକ ଉପେନ୍ଦ୍ର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

ଶାନ୍ତିଲତା ରାଉତଙ୍କ ଶ୍ରଦ୍ଧାଞ୍ଜଳି ସଭା

ଏରସମା,୧୬।୧୦(ସମିସ): ହାଜିପୁର ଗ୍ରାମ ଧର୍ମପ୍ରାଣା ମହିଳା ଶାନ୍ତିଲତା ରାଉତଙ୍କ ଶ୍ରଦ୍ଧାଞ୍ଜଳି ସଭା ପଣ୍ଡିତ ନାଗୁଚରଣ ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଡ. ଅରୁଣ ପାଣି, ମୁଖ୍ୟବକ୍ତା ଭାବେ ଜଗନ୍ନାଥ ଖଣ୍ଡୁଆଳ, ସମ୍ମାନିତ ଅତିଥି ହେମନ୍ତ ନାୟକ, କୈଳାସ ପ୍ରଧାନ, ଅଭୟ ପ୍ରଧାନ, ନଗେନ୍ଦ୍ର ସ୍ୱାଇଁ, ଆଇନଜୀବୀ ମଞ୍ଜୁଲତା ରାଉତ, ମହେଶ୍ୱର ସ୍ୱାଇଁ, ଗୀତା ଦାସ, ଅନୀଲ ଜେନା, ବିଭୂଷିତା ଦାସ, ଶିବପ୍ରସାଦ ସାହୁ, ଯଯାତି କେଶରୀ ସାମନ୍ତରାୟ, ଶରତ ତାରିଣୀଆ ପ୍ରମୁଖ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ ସହ ଏକ ସ୍ମୃତି ପୁସ୍ତିକା ଶାନ୍ତି ନିଳୟରେ ଶାନ୍ତିରେ ଶାନ୍ତି ଉନ୍ମୋଚନ କରିଥିଲେ। ପରିବାର ସଦସ୍ୟ ନିମାଇଁ ରାଉତ, ପ୍ରେମ ରାଉତ ଡ. ବସନ୍ତ ମଞ୍ଜରୀ ଦାସ, ଇଂ ବିଘ୍ନେଶ ରାଉତରାୟ, ଇଂ ବିଧାନ ରାଉତରାୟ, ଗଗନ ସାମଲ, ଗୀତାଞ୍ଜଳି ରାଉତ, ଝରଣା ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏ ଅବସରରେ ଭଜନ ପରିବେଷଣ କରାଯାଇଥିଲା।

ମାଆପୁଅ ମନ୍ଦିର ଚୋରି ଗ୍ୟାଙ୍ଗର ପର୍ଦ୍ଦାଫାସ

ଚୋରି ସାମଗ୍ରୀ ସହ ୬୪ ହଜାର ଟଙ୍କା ଜବତ; ୪ ଗିରଫ

ଜଗତସିଂହପୁର,୧୬।୧୦(ସମିସ):

ଜଗତସିଂହପୁର ସଦର ଏସଡିପିଓ ଆଜିଙ୍କ୍ୟା ମାନେଙ୍କ ନେତୃତ୍ୱରେ ଗଠିତ ପୁଲିସ ଟିମ୍‌କୁ ମିଳିଛି ବଡ଼ ସଫଳତା। ଚଢେଇଗାଁ ଅଞ୍ଚଳର ପେଶାଦାର ମାଆପୁଅ ମନ୍ଦିର ଚୋରି ଗ୍ୟାଙ୍ଗର ୪ ଜଣଙ୍କୁ ଗିରଫ କରିବା ସହିତ ଏମାନଙ୍କ ଘରୁ ଚୋରି ସାମଗ୍ରୀ ଓ ନଗଦ ୬୪ ହଜାର ଟଙ୍କା ଜବତ ହୋଇଥିବା ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସପି ଅଙ୍କିତ ବର୍ମା ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ମାଲିତୋଟା (ଆଶ୍ରମପାଟଣା) ଗ୍ରାମର ସାରଦା ଆଚାର୍ଯ୍ୟ, ଚଢେଇଗାଁ (ଦିଆନପାଟଣା) ଗ୍ରାମର ନିର୍ମଳା ଆଚାର୍ଯ୍ୟ ଓ ତାଙ୍କ ଦୁଇପୁଅ ବରଦା ଆଚାର୍ଯ୍ୟ ଓ ଅନ୍ନଦା ଆଚାର୍ଯ୍ୟ। ଜବତ ସମାଗ୍ରୀ ମଧ୍ୟରେ ରହିଛି ଗୋଟିଏ ବଡ଼ ପିତଳ ଥାଳି, ୨ଟି ଛୋଟ ପିତଳ ଥାଳି, ଗୋଟିଏ ପିତଳ ଘଣ୍ଟ, ଗୋଟିଏ ପିତଳ ଘଣ୍ଟି, ୧ଟି

ପିତଳ ନୋଟା, ୨ଟି ରୂପା ମୁକୁଟ, ୨ଟି ସୁନାଭଳି ଦିଶୁଥିବା କାନଫୁଲ, ୧ଟି ପିତଳ ନାଗମୂର୍ତ୍ତି, ଚିନା ମାଟିର ଦୀପ, ହାଲୋଜେନ୍ ଲାଇଟ୍ ଓ ଗୋଟିଏ ଛୋଟ ପର୍ସ ଭିତରେ ଥିବା ୬୪ ହଜାର ଟଙ୍କା। ଏହି ଗ୍ୟାଙ୍ଗ ଜିଲ୍ଲାର ଜଗତସିଂହପୁର ସଦର ଥାନା ସମେତ ବାଲିକୁଦା, ରଘୁନାଥପୁର, ନାଉଗାଁ ଓ ବିରିଡି ଥାନା ଅଞ୍ଚଳରେ ନିୟମିତ ଭାବେ ମନ୍ଦିର ତାଲା ଭାଙ୍ଗି ଚୋରି କରିଆସୁଥିବା ଏସପି ସୂଚନା ଦେଇଛନ୍ତି। ଦିନରେ ମନ୍ଦିର ନିକଟକୁ ଆସି ଚୋରି ଯୋଜନା କରିବା ପରେ ବିଳମ୍ବିତ ରାତିରେ ତାଲା ଭାଙ୍ଗି ଚେରି କରିଥା'ନ୍ତି ବୋଲି ପୁଲିସ ତଦନ୍ତରୁ ଜଣାପଡିଛି।

ଗତ ସେପ୍ଟେମ୍ବର ମାସରେ ବେନୁପୁର ଗ୍ରାମର ବିଶେଶ୍ୱର ମହାଦେବ ଓ ବିରିବାଟୀର ବାଗଦେବୀ ମନ୍ଦିରରୁ ଏହି ଗ୍ୟାଙ୍ଗ ତାଲା ଭାଙ୍ଗି ରୂପା ମୁକୁଟ ସମେତ ହୁଣ୍ଡିରୁ ଚୋରି କରିଥିଲେ। ସମସ୍ତ ଚୋରି ସାମଗ୍ରୀ ଓ ଟଙ୍କା ଚଢେଇଗାଁସ୍ଥ ଘରେ ମାଟି ଖୋଳି ପୋତି ଦେଇଥିଲେ। ଅଭିଯୁକ୍ତମାନେ ଗତ ୧୫ ତାରିଖ ଅପରାହ୍ନରେ ଏ ସମସ୍ତ ଚୋରି ସାମଗ୍ରୀ ବିକ୍ରି ପାଇଁ ଯୋଜନା କରୁଥିବା ଖବର ପାଇ ପୁଲିସ ଟିମ୍ ପହଞ୍ଚିଥିଲା। ଉପରୋକ୍ତ ସମସ୍ତ ଜିନିଷ ଜବତ କରିବା ସହିତ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଚୋରି ହୋଇଥିବା କିଛି ଜିନିଷ ଜିଲ୍ଲା ବାହାରର ଜଣେ ବ୍ୟବସାୟୀଙ୍କୁ ଏମାନେ ବିକ୍ରି କରିଦେଇଥିବା ଏସପି ଶ୍ରୀ ବର୍ମା ସୂଚନା ଦେଇଛନ୍ତି। ସମ୍ପୃକ୍ତ ବ୍ୟବସାୟୀ ଓ ଆଉ କେଉଁମାନେ ଏମାନଙ୍କଠାରୁ ଚୋରି ଜିନିଷ ନେଇଛନ୍ତି, ସେ ସମ୍ପର୍କରେ ଖୋଳତାଡ ଚାଲିଛି। ୨୦୨୪ରେ ମଧ୍ୟ ଏମାନେ ସମାନ ମନ୍ଦିର ଚୋରି ମାମଲାରେ ଗିରଫ ହୋଇ ଜେଲ୍‌ରେ ଥିଲେ। ଜାମିନରେ ଆସିବା ପରେ ପୁଣି ନୂଆ ନୂଆ ତରିକାରେ ଭିନ୍ନ ଭିନ୍ନ ମନ୍ଦିରରୁ ଚୋରି କରିଆସୁଥିଲେ। ଗିରଫ ସାରଦା ଆଚାର୍ଯ୍ୟ ନାମରେ ପୂର୍ବରୁ ୧୨ଟି ମାମଲା ଥିବାବେଳେ ବରଦା ଆଚାର୍ଯ୍ୟ ନାମରେ ୧୪ ମାମଲା, ନିର୍ମଳା ଆଚାର୍ଯ୍ୟ ନାମରେ ୧୦ ମାମଲା ଓ ଅନ୍ନଦା ଆଚାର୍ଯ୍ୟ ନାମରେ ୧୨ଟି ମାମଲା ବିଭିନ୍ନ ଥାନାରେ ରହିଥିବା ଏସପି ଶ୍ରୀ ବର୍ମା ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ।

ବିପଦ ସାଜିବ କି ବାଉଁଶ ତୋରଣ

ପୂଜା ପରେ ବି ଲାଗିରହିଛି ତୋରଣ; ପ୍ରଶାସନ ନିରବଦ୍ରଷ୍ଟା

ବାରିପଦା, ୧୬।୧୦(ସମିସ)

ବାରିପଦା ସହରରେ ଦୁର୍ଗାପୂଜା ଓ ଲକ୍ଷ୍ମୀପୂଜା ସରି କାଳୀପୂଜା ପହଞ୍ଚିବାକୁ ହେଲାଣି, ପରନ୍ତୁ ଦୁର୍ଗାପୂଜା ପାଇଁ ବିଭିନ୍ନ ସ୍ଥାନରେ ସୁଉଚ୍ଚ ବାଉଁଶ ତୋରଣଗୁଡ଼ିକ ଏବେ ମଧ୍ୟ ରହିଥିବାରୁ ବିପଦକୁ ଆମନ୍ତ୍ରଣ କରୁଛି। ତାହା ଖସି ଲୋକଙ୍କ ପ୍ରାଣଘାତକ ସାଜିବାର ସମ୍ଭାବନା ସୃଷ୍ଟି କରିଛି। ବିଭିନ୍ନ ପୂଜାମଣ୍ଡପ ଆଲୋକୀକରଣ ଓ ବ୍ୟବସାୟିକ ପ୍ରତିଷ୍ଠାନ ସମେତ ବ୍ୟକ୍ତି ବିଶେଷମାନଙ୍କ ନିଜର ବିଜ୍ଞାପନ ବଡ଼ବଡ଼ ହୋର୍ଡ଼ିଂ ବାରିପଦା ସହର ସାରା ଲଗାଇଛନ୍ତି। ତାହା ଆଗକୁ ବିପଦ ସାଜିବାର ସମ୍ଭାବନା ରହିଛି। ପୂଜା ପରେ ବାଉଁଶ ଆଦିକୁ ଅପସାରଣ କରାଯାଇନଥିବା ବେଳେ ଏବେ ବି ରାସ୍ତାରେ ରହିଛି। ବର୍ଷା ଓ ଜୋର୍‌ରେ ପବନ ବୋହିଲେ ବାଉଁଶ ଭାଙ୍ଗି ଲୋକ ଓ ଗାଡିମଟର ଉପରେ ପଡ଼ିବାର ଅନେକ ଆଶଙ୍କା ସୃଷ୍ଟି ହୋଇଛି। ଏଥିପ୍ରତି ଜିଲ୍ଲା ତଥା ପୌର ପ୍ରଶାସନ ପକ୍ଷରୁ ଦୃଷ୍ଟିଦେଇ ପୂଜା କମିଟିମାନଙ୍କୁ ବାଉଁଶ ଅପସାରଣ କରିବାକୁ ନିର୍ଦ୍ଦେଶ ଜାରି କରାଯାଇନାହିଁ। ପୂର୍ବରୁ ରାଜ୍ୟର ଅନ୍ୟ ସ୍ଥାନରେ ତୋରଣ ଭାଙ୍ଗି ପଡ଼ିଥିବାର ନଜିର ରହିଛି। ଯେଉଁଥିରୁ ଅଳ୍ପକେ ଲୋକମାନେ ବର୍ତ୍ତି ଯାଇଥିଲେ। ତେବେ ଉକ୍ତ ବାଉଁଶଗୁଡ଼ିକ ଅନେକ ଦିନ ଖରା, ବର୍ଷା ଓ କାକରରେ ଦୁର୍ବଳ ଅବସ୍ଥାରେ ଥିବାରୁ ଭାଙ୍ଗିପଡ଼ି ଜନଜୀବନ କ୍ଷତି କରିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ। ଅନ୍ୟପଟେ ହୋର୍ଡ଼ିଂ ଅଭାବ ପଡ଼ିବାରୁ ବିଶେଷ କରି ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ମନଇଚ୍ଛା ବାଉଁଶର ତୋରଣ କରି ବିଜ୍ଞାପନ କରୁଛନ୍ତି। ସହରର ପ୍ରବେଶ ଓ ପ୍ରସ୍ଥାନ ପଥ ସହିତ ମୁଖ୍ୟ ସ୍ଥାନମାନଙ୍କରେ ବିଜ୍ଞାପନ ତୋରଣ ଗେଟ୍ ଭଳିଆ କରିଛନ୍ତି। ଯାହାକି ଅନେକ ଦିନ ଧରି ରହି ରାସ୍ତାରେ ସ୍ଥାନ ଅବରୋଧ କରି ରହୁଛି। ତେବେ ଏଗୁଡ଼ିକ କରିବା ପୂର୍ବରୁ ବାରିପଦା ପୌରପାଳିକା ପକ୍ଷରୁ ଅନୁମତି ନେବାର ଆବଶ୍ୟକତା ଥିବା ବେଳେ ଅଧିକାଂଶ ମନଇଚ୍ଛା ବେଆଇନ ଭାବେ କରିଛନ୍ତି। ଯାହା ବାବଦରେ ପୌରପାଳିକାକୁ ମଧ୍ୟ ସୂଚିତ କରିନାହାଁନ୍ତି। ଏହାଦ୍ୱାରା ବିଜ୍ଞାପନ ଜରିଆରେ ପୌରପାଳିକା ଆଦାୟ କରିବାକୁ ଥିବା ରାଜସ୍ୱ ମଧ୍ୟ ହାନି ହେଉଛି। ଏଥି ସହିତ ଲୋକଙ୍କ ଜୀବନ ପାଇଁ ବିପଦ ସାଜିଛି। ଗତ ବର୍ଷ ଦାରୋଗାଡାହି ଠାରେ ସନ୍ଧ୍ୟାରେ କାଳବୈଶାଖୀ ହେବାରୁ ତୋରଣ ଗେଟ୍ ଖସି ପଡ଼ିଥିଲା। କିନ୍ତୁ ଭାଗ୍ୟବଶତଃ ଲୋକେ ବର୍ତ୍ତି ଯାଇଥିଲେ। ସହରର ଅନେକ ସ୍ଥାନରେ ଏହିପରି ତୋରଣ ଗେଟ ସହ ବିଜ୍ଞାପନ ତୋରଣ ମାନ ରହିଥିବା ବେଳେ ଜନସାଧାରଣଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବାଉଁଶଗୁଡ଼ିକ ଅନେକ ଦିନ ଧରି ରହୁଥିବା ବେଳେ ଦୁର୍ବଳ ଅବସ୍ଥାରେ ଥିବାରୁ ଭାଙ୍ଗି ପଡ଼ିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ। ବାଉଁଶ ଭାଙ୍ଗି ଲୋକ ଓ ଗାଡିମଟର ଉପରେ ପଡ଼ିବା ପ୍ରାଣଘାତକ ହେବାର ଅନେକ ଆଶଙ୍କା ସୃଷ୍ଟି ହୋଇଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ପୌରପାଳିକା ପକ୍ଷରୁ ଦୃଷ୍ଟି ଦେଇ ବାଉଁଶ ଅପସାରଣ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି।

ମାସ ମାସ ଧରି ରହୁଛି ବିଜ୍ଞାପନ ତୋରଣ

କର୍ମଶାଳା ଭିତ୍ତିକ ନାଟକ 'ଇତି ଯେବେ ହସେ' ମଞ୍ଚସ୍ଥ

ବାରିପଦା, ୧୬।୧୦(ସମିସ): ଦୀର୍ଘ ବର୍ଷ ପରେ ବାରିପଦାରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ତଥା ଜିଲ୍ଲା ପ୍ରଶାସନର ସହଯୋଗରେ ଯୁବ କଳାକାରଙ୍କୁ ନେଇ ନାଟ୍ୟ କର୍ମଶାଳା ଅକ୍ଟୋବର ୧ରୁ ଆରମ୍ଭ ହୋଇ ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ପ୍ରଶିକ୍ଷଣ ପରେ ଯୁବ କଳାକାରଙ୍କ ଦ୍ୱାରା ୧୫ ତାରିଖ ଦିନ ସନ୍ଧ୍ୟାରେ କର୍ମଶାଳା ଭିତ୍ତିକ ନାଟକ 'ଇତି ଯେବେ ହସେ' ସ୍ଥାନୀୟ ସହିଦ ଭବନରେ ପରିବେଷିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବା ସହ କର୍ମଶାଳାର ସଫଳତା ପାଇଁ ସମସ୍ତଙ୍କୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡ଼ା ଯୁବ କଳାକାରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ବରିଷ୍ଠ ସାମ୍ବାଦିକ ଡଃ ବିଜୟ କୁମାର ଅଗ୍ରୱାଲ କର୍ମଶାଳା ଭିତ୍ତିକ ନାଟକ ଯୁବପିଢିଙ୍କୁ ନାଟକ ପ୍ରତି ଆକୃଷ୍ଟ କରିବ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ନାଟ୍ୟସଂଘର ସମ୍ପାଦକ ଶୁଭକାନ୍ତ ପାଢ଼ୀ, ନାଟ୍ୟଶାଳାର ସଂଯୋଜକ ଧୀର ବଶା ଓ ବାରିପଦା କଳାକାର ପରିବାରର ସଭାପତି ସନ୍ତୋଷ ମହାନ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ନାଟ୍ୟଶାଳର ନିର୍ଦ୍ଦେଶକ ନବୀନ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିବା ବେଳେ ଜ୍ଞାନରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ବିଶିଷ୍ଟ ଅଭିନେତା ଓ ନିର୍ଦ୍ଦେଶକ ଧୀର ବସାଙ୍କ ସଂଯୋଜନାରେ ତଥା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ନବୀନ ପରିଡ଼ାଙ୍କ ରଚିତ ଓ ନିର୍ଦ୍ଦେଶିତ ଏକ ଭିନ୍ନ ସ୍ୱାଦର ନାଟକଟି ଦର୍ଶକଙ୍କୁ ପ୍ରଭାବିତ କରିଥିଲା।

ବିଶୋଇ ବିଜେଡି ପକ୍ଷରୁ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ପାଳିତ

ବିଶୋଇ, ୧୬।୧୦(ସମିସ): ବିଶୋଇ ବ୍ଲକ ବିଜେଡି ପକ୍ଷରୁ ଓଡ଼ିଶାର ଲୋକପ୍ରିୟ ନେତା ବିଜେଡି ସୁପ୍ରିମୋ ତଥା ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୯ ତମ ଜନ୍ମ ଦିବସ ଆଡ଼ମ୍ବର ସହକାରେ ପାଳନ କରାଯାଇଛି। ବିଜେଡିର ବରିଷ୍ଠ ନେତା ଡା. ଦେବାଶିଷ ମାର୍ଣ୍ଡିଙ୍କ ଆହ୍ୱାନକ୍ରମେ ଆଜି ବିଶୋଇ ବିଜେଡି କାର୍ଯ୍ୟାଳୟ ଠାରେ ବିଜେଡିର ବରିଷ୍ଠ, ଯୁବ କର୍ମୀମାନେ ଏକତ୍ରିତ ହୋଇ କେକ୍ କାଟି ନବୀନ ପଟ୍ଟନାୟକଙ୍କ ଜନ୍ମ ଦିବସ ପାଳନ କରିବା ସହିତ ତାଙ୍କର ଦୀର୍ଘାୟୁ କାମନା କରିଥିଲେ। ଆଗାମୀ ଦିନରେ ନବୀନଙ୍କ ମାର୍ଗଦର୍ଶନରେ ଦଳକୁ ତୃଣମୂଳ ସ୍ତରରେ ମଜବୁତ କରିବା ପାଇଁ କର୍ମୀମାନେ ଶପଥ ଗ୍ରହଣ କରିଥିଲେ। ଜନ୍ମଦିନ ପାଳନ ଅବସରରେ ବିଜେଡି ନେତା ବିରଞ୍ଚି ନାରାୟଣ ନନ୍ଦ, ଯୁବନେତା ସୁନୀଲ ମହାପାତ୍ର, ଗୋପବନ୍ଧୁ ଗିରି, ନଟବର ସିଂ, ଖେଲାରାମ ଟୁଡୁ, ଛାତ୍ର ନେତା ସଚିନ୍ଦ୍ର ମହାନ୍ତ, ଦେବଜ୍ୟାତି ନାଏକ, ଭଞ୍ଜ ମାହାଲି ସମେତ ବହୁ ବିଜେଡି କର୍ମୀଗଣ ଉପସ୍ଥିତ ଥିଲେ।

ଯଶିପୁରରେ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ପାଳିତ

ଶୁକ୍ଳି, ୧୬।୧୦(ସମିସ): ଯଶିପୁର ନିର୍ବାଚନମଣ୍ଡଳୀର ଯଶିପୁର ବ୍ଲକ ବିଜୁ ଜନତା ଦଳ ତରଫରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମଦିନ ପାଳନ କରାଯାଇଅଛି। ତାସହିତ ରାଜ୍ୟ ବିଜୁ ଜନତା ଦଳର ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ଯଶିପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ ଚକ୍ରଧର ହେମ୍ବ୍ରମ, ଯଶିପୁର ବ୍ଲକ ସଭାପତି ଦର୍ପ ନାରାୟଣ ମହାନ୍ତ, ଜିଲ୍ଲାପରିଷଦ ସଦସ୍ୟା ମିନତି ନାୟକ ଓ ସୁଜାତା ହୋ'ଙ୍କ ନେତୃତରେ ଆଗାମୀ ବିଜୁ ଜନତା ଦଳର ପଦଯାତ୍ରା, ବ୍ଲକ କମିଟି, ପଞ୍ଚାୟତ କମିଟି, ବୁଥ୍ ସ୍ତରୀୟ ଏଜେଣ୍ଟ, ଯୁବ ଛାତ୍ର, ମହିଳା କମିଟି ଗଠନ ନିମନ୍ତେ ପ୍ରସ୍ତୁତି ବୈଠକରେ ଆଲୋଚନା କରାଯାଇଥିଲା। ଏଥିରେ ସମସ୍ତ ବିଜୁ ଜନତା ଦଳର ପଞ୍ଚାୟତ ସଭାପତି ରାଜୁ ତିୟୁ ହରିଶ ସେଠି, ରାଜେନ୍ଦ୍ର ନାଏକ, ହୀରାଲାଲ ମହାନ୍ତ, ଦେବବ୍ରତ ରାୟ, ବୋଘେଲ ବାବୁ, ଦେବେନ୍ଦ୍ର ନାଏକ, ପ୍ରଫୁଲ୍ଲ ନାଏକ, ପଙ୍କଜ ନାଏକ, ଲକ୍ଷ୍ମୀ ସେଠୀ, ସୁମନ୍ତ ନାଏକ, ଜହର ନାଏକ, ପଙ୍କଜ ମହାନ୍ତ, ହରିଶ ମହାନ୍ତ ଏବଂ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେଡି କର୍ମୀ ଶମ୍ଭୁ ମହାକୁଡ଼, ବିଶ୍ୱ ସାହୁ, ନରେଶ ମହାନ୍ତି, ଖଗେଶ୍ୱର ସାହୁ, ସଞ୍ଜୟ ସେଠୀ, ରୋହିତ ସାହୁ, ସଂଗ୍ରାମ ମୁଣ୍ଡୁୟା, ସରୋଜ ସେଠୀ, ନରହରି ଦାସ, ଗିରିଶ ଛାତାର, ଅଭିମନ୍ୟୁ ମହାନ୍ତ, ତୁଷାର ନନ୍ଦ, ସୁନୀଲ ମହାନ୍ତ, ଶଙ୍ଖ ଭବନ ସୋସିଆଲ ମେଡିଆ ସଂଯୋଜକ ସନ୍ଦୀପ ମହାନ୍ତ, ମୟୂରଭଞ୍ଜ ସଦର-୨ ଜିଲ୍ଲା ଆଇଟିସେଲ ସଂଯୋଜକ ନଳିନୀ ରଞ୍ଜନ ସାହୁ ସମେତ ବହୁ କର୍ମୀ ଉପସ୍ଥିତି ଥିଲେ।

ଏମ୍‌ପିସି ସ୍ୱୟଂଶାସିତ କଲେଜରେ ରାଷ୍ଟ୍ରୀୟ ପୋଷଣ ସଚେତନତା

ବାରିପଦା, ୧୬।୧୦(ସମିସ): ଏମିପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଗୃହବିଜ୍ଞାନ ବିଭାଗ ପକ୍ଷରୁ ରାଷ୍ଟ୍ରୀୟ ପୋଷଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରାଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନିଜ ବକ୍ତବ୍ୟରେ ପ୍ରଫେସର ବେହେରା କହିଥିଲେ ଯେ, 'ଭାରତୀୟ ପରମ୍ପରାରେ ଶରୀରଂ ଆଦ୍ୟଂ କୁହାଯାଇଛି। ସୁସ୍ଥ ଶରୀର ପାଇଁ ସଠିକ ପୋଷଣ ଯୁକ୍ତ ଖାଦ୍ୟ ଚୟନ କରିବା ସାମ୍ପ୍ରତିକ ସମୟର ସବୁଠୁ ବଡ଼ ଆହ୍ୱାନ। ଗୃହବିଜ୍ଞାନ ବିଭାଗର ସଂଯୋଜିକା ହପନ ବିଟି ଟୁଡୁ ଅତିଥି ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। କଲେଜର ଶୈକ୍ଷିକ ମୁଖ୍ୟ ଡ. ବିଦ୍ୟୁତ ପ୍ରଭା ଦାସ, ପ୍ରଶାସନିକ ମୁଖ୍ୟ ଡ ପ୍ରିୟବ୍ରତ ବେହେରା ଅନ୍ୟତମ ଅତିଥି ଭାବେ ମଞ୍ଚରେ ଉପସ୍ଥିତ ରହିବା ସହ ନିଜ ବକ୍ତବ୍ୟରେ ପୋଷଣ ସମ୍ପର୍କିତ ବିଭିନ୍ନ ସଚେତନତା ବାର୍ତ୍ତା ରଖିଥିଲେ। ଅବସରରେ ଏକ ରୁଚିପୂର୍ଣ୍ଣ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ମେଳା ଆୟୋଜନ କରାଯାଇଥିଲା। ଶ୍ରେଷ୍ଠ ଖାଦ୍ୟ ଷ୍ଟଲର ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଗୃହବିଜ୍ଞାନ ବିଭାଗର ଅଧ୍ୟାପିକା ସୋନାଲି ବାଗ୍, ରଶ୍ମିରେଖା ବେହେରା, ଶ୍ୱେତପଦ୍ମା ବେହେରା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅଧ୍ୟାପିକା ବନାନୀ ସାହୁ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ।

ରାଇରଙ୍ଗପୁର ଜିଲ୍ଲା ଗଠନକୁ ବିରୋଧ

ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ଗ୍ରାମସଭା ସଂଯୋଜକ କମିଟିର ଦାବିପତ୍ର

କରଞ୍ଜିଆ, ୧୬।୧୦(ସମିସ): ମୟୂରଭଞ୍ଜ ଜିଲ୍ଲାକୁ ଭାଗକରି ରାଇରଙ୍ଗପୁର ଜିଲ୍ଲା ଗଠନ ପାଇଁ ଦାବି ଉଠିଥିବା ବେଳେ ଏହାକୁ ଘୋର ବିରୋଧ କରିଛି ଜିଲ୍ଲା ପେସା ଗ୍ରାମସଭା କୋଡିନେଶନ କମିଟି। ରାଇରଙ୍ଗପୁର ଜିଲ୍ଲା ଗଠନ ନିମନ୍ତେ କେତେକ ସ୍ୱାର୍ଥବାଦି ଲୋକ ନିଜର ସ୍ୱାର୍ଥ ହାସଲ କରିବାକୁ ଚକ୍ରାନ୍ତ କରିଛନ୍ତି। ସେମାନେ ମୟୂରଭଞ୍ଜ ଜିଲ୍ଲାର ମୂଳ ବାସିନ୍ଦା ବି ନୁହନ୍ତି, କି ମୟୂରଭଞ୍ଜର ଇତିହାସ ଜାଣିନାହାନ୍ତି। ମୟୂରଭଞ୍ଜକୁ ଭାଗ କଲେ ଶିମିଳିପାଳ ସମ୍ପୂର୍ଣ୍ଣ ଅସୁରକ୍ଷିତ ହେଇଯିବ। ଶିମିଳିପାଳ ସୁରକ୍ଷା ନାମରେ କେତେକ ସ୍ୱାର୍ଥବାଦି ମିଛ ଦସ୍ତଖତ ଅଭିଯାନ ପ୍ରଚାର କରୁଛନ୍ତି। ଶିମିଳିପାଳରେ ଥିବା ପ୍ରଚୁର ଖଣିଜ ସମ୍ପଦକୁ ଲୁଟିବା ଚକ୍ରାନ୍ତ କରୁଛନ୍ତି ଏବଂ ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି ଜିଲ୍ଲା କମିଟିର ସଭାପତି ପାଣ୍ଡୁରାମ ହେମ୍ବ୍ରମ୍। ପରେ ବ୍ଲକ କମିଟିର ସଭାପତି ବାଜୁନାଥ ମାରାଣ୍ଡିଙ୍କ ନେତୃତ୍ୱରେ କରଞ୍ଜିଆ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ବିଡିଓଙ୍କୁ ଦାବିପତ୍ର ଦେବା ପରେ ଜିଲ୍ଲା ପେସା ଗ୍ରାମସଭା ସଂଯୋଜକ କମିଟିର ସଭାପତି ପାଣ୍ଡୁରାମ ହେମ୍ବ୍ରମ୍, ସମ୍ପାଦକ ନାରାୟଣ ମୁର୍ମୁଙ୍କ ନେତୃତ୍ୱରେ ଶତାଧିକ ଆଦିବାସୀ ନେତା ଉପଜିଲ୍ଲାପାଳଙ୍କ ଅନୁପସ୍ଥିତରେ ଅତିରିକ୍ତ ଉପଜିଲ୍ଲାପାଳ ପ୍ରକାଶ କୁମାର ଦାସଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ କୁମାର ବାସ୍କେ, ନାରାୟଣ ମାରାଣ୍ଡି, ପିଥ ମାରାଣ୍ଡି, ବୁଢ଼ାନ ମୁର୍ମୁ, ରବୀନ୍ଦ୍ର ହେମ୍ବ୍ରମ୍ ରବୀନ୍ଦ୍ର ହାଁସଦା, ରାଜେନ୍ଦ୍ର ଗାଗରାୟ, ରଘୁନାଥ ହୋ, ଗୁର୍ଗା ସିଂ ଗଡ଼ସରା ପ୍ରମୁଖଙ୍କ ସହିତ ଶତାଧିକ ଆଦିବାସୀ ଉପସ୍ଥିତ ଥିଲେ।

ଏସି ଲଗାଇବା ବେଳେ ଛାତରୁ ଖସି ମିସ୍ତ୍ରିଙ୍କ ମୃତ୍ୟୁ

ବାରିପଦା, ୧୬।୧୦(ସମିସ): ଭଞ୍ଜପୁର ଅଞ୍ଚଳରେ ଏସି ଲଗାଇବା ବେଳେ ଯୁବମିସ୍ତ୍ରି ଜଣଙ୍କ ଛାତରୁ ଖସିପଡ଼ିବାରୁ ମୃତ୍ୟୁ ଘଟିଛି। ମୃତକ ହେଲେ କପ୍ତିପଦାର ନିଶିକାନ୍ତ ରାୟ(୧୮)। ସେ ବାରିପଦାର ବାରୁଣୀ ରୋଡସ୍ଥିତ ଏକ କମ୍ପାନୀ ସର୍ଭିସ ସେଣ୍ଟରରେ କାର୍ଯ୍ୟ କରନ୍ତି। ଭଞ୍ଜପୁରର ଯମୁନାଦେଇପୁର ଅଞ୍ଚଳରେ ସୁମନ ଅଗ୍ରୱାଲଙ୍କ ଘରେ ଏସି ଇନଷ୍ଟଲ କରୁଥିଲେ। ଛାତରେ କାମ କରୁଥିବା ବେଳେ ଅସାବଧାନତା କାରଣରୁ ତଳକୁ ଖସି ପଡ଼ିଥିଲେ। ଯାହା ଫଳରେ ତାଙ୍କ ମୁଣ୍ଡରେ ମାଡ଼ହେଇ ରକ୍ତସ୍ରାବ ହୋଇଥିଲା। ଗୁରୁତର ଅବସ୍ଥାରେ ପିଆରଏମ ହସ୍ପିଟାଲ ଓ ପରେ ଭୁବନେଶ୍ୱର ସ୍ଥିତ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସର୍ଭିସ ସେଣ୍ଟର ପରିଚାଳକ ତାଙ୍କର ଚିକିତ୍ସା ନେଇ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସେଥିରେ ଠିକ ଭାବେ ମନନିବେଶ ନକରିବାରୁ ଚିକିତ୍ସା ଅବହେଳାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଯାହାକୁ ନେଇ ପରିବାର ଲୋକେ ସର୍ଭିସ ସେଣ୍ଟର ପରିଚାଳକଙ୍କ ନାମରେ ଭଞ୍ଜପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

ସର୍ଭିସ ସେଣ୍ଟରର ମ୍ୟାନେଜରଙ୍କ ବିରୋଧରେ ମାମଲା

ଟ୍ରାନ୍ସଫର୍ମରରୁ ତେଲ ଚୋରି ଅଭିଯୋଗ

ମହୁଲଡିହା, ୧୬।୧୦(ସମିସ): ଠାକୁରମୁଣ୍ଡା ବ୍ଲକର ନବ ନିର୍ମିତ ଏକଲବ୍ୟ ମଡେଲ ଆବାସିକ ସ୍କୁଲ ସାତକୋଶିଆର ଟ୍ରାନ୍ସଫର୍ମରରୁ ତେଲ ଚୋରି ଅଭିଯୋଗ ହୋଇଛି। ପ୍ରକାଶ ଥାଉ କି ୧୪ ତାରିଖ ରାତିରେ କୌଣସି ଦୁର୍ବୃତ୍ତ ସଟର ଟେକି ଘର ଭିତରେ ଥିବା ଟ୍ରାନ୍ସଫର୍ମରରୁ ଲାଗିଥିବା ସମସ୍ତ ନଟ ଖୋଲି ତେଲ ନେଇଯାଇଥିବା ବୁଧବାର ସନ୍ଧ୍ୟାରେ ଅଭିଯୋଗ କରିଛନ୍ତି ସୁପରଭାଇଜର ବିମାନ କୁମାର ହାଜରା।(୫୨)। ଅଭିଯୋଗ ପାଇ ମହୁଲଡିହା ଥାନା ଆଇଆଇସି ଅରୁଣ କୁମାର ଟୁଡୁଙ୍କ ନିର୍ଦ୍ଦେଶରେ ୧୬ ତାରିଖ ଥାନା ଏଏସଆଇ ସନ୍ତୋଷ କୁମାର ନାୟକ ଘଟଣାସ୍ଥଳକୁ ଯାଇ ତଦନ୍ତ କରୁଛନ୍ତି। ସ୍କୁଲରେ ଦିନରାତି ଜଗୁଆଳି ଅଛନ୍ତି ମାତ୍ର ସାମନାରେ ସିସି କ୍ୟାମେରା ଲାଗିଥିବା ବେଳେ ଟ୍ରାନ୍ସଫର୍ମର ଥିବା ଘର ଆଡ଼କୁ କ୍ୟାମେରା କି ଆଲୋକ ବ୍ୟବସ୍ଥା ନାହିଁ। ଦୁର୍ବୃତ୍ତ ତେଲ କାଢ଼ି ପାଟେରୀ ଡେଇଁ ଚାଲିଯାଇଥିବା ଜଣାପଡ଼ିଛି।

ମହିଳା କିଷାନ ଦିବସ ପାଳିତ

ବାରିପଦା/ମୋରଡା, ୧୬।୧୦(ସମିସ): ଶାମାଖୁଣ୍ଟାସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ-୧ ପକ୍ଷରୁ ମୋରଡା ବ୍ଲକ ଅଧୀନ ସୀଲଦା ଗ୍ରାମରେ ମହିଳା କିଷାନ ଦିବସ ପାଳିତ ହୋଇଯାଇଅଛି। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ଼ଃ ସଂଘମିତ୍ରା ପଟ୍ଟନାୟକଙ୍କ ଅଧକ୍ଷତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ରର ବୈଜ୍ଞାନିକ ଡ଼ଃ ଝୁନିଲତା ଭୂୟାଁ, ଡ଼ଃ ଗୋବିନ୍ଦ ଚନ୍ଦ୍ର ଧଳ, ଡ଼ଃ. ଜ୍ୟୋତିପ୍ରକାଶ ମିଶ୍ର ଏବଂ ଆଇସିଡିଏସ ସୁପରଭାଇଜର ଶୁଭଶ୍ରୀ ଦଳାଇ ଏବଂ ଅଙ୍ଗନବାଡି କର୍ମୀ ପ୍ରମୁଖ ଯୋଗଦେଇ ମହିଳାମାନଙ୍କୁ କୃଷି ଏବଂ ଆନୁଷଙ୍ଗିକ କୃଷିକୁ ଆପଣାର ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଥିଲେ। କୃଷି ଯନ୍ତ୍ରପାତି ବ୍ୟବହାର କରିବା ଦ୍ୱାରା ମହିଳାମାନଙ୍କର ଶ୍ରମଲାଘବ ହେବ ବୋଲି ବକ୍ତାମାନେ ମତ ରଖିଥିଲେ। ବିଭିନ୍ନ ପ୍ରକାରର ଚାଷ ଯଥା ଛତୁ ଚାଷ, ମହୁ ଚାଷ, କୁକୁଡ଼ା ପାଳନ, ଛେଳି ପାଳନ ବ୍ୟବସାୟିକ ଫୁଲ ଚାଷ କରି ମହିଳାମାନେ ଅଧିକ ଲାଭବାନ ହେବାକୁ ବକ୍ତାମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ସୀଲଦା ଏବଂ ଆଖପାଖ ଗ୍ରାମରୁ ୫୦ରୁ ଅଧିକ ମହିଳା ଚାଷୀ ଅଂଶ ଗ୍ରହଣ କରିଥିଲେ।

ବିଦ୍ୟାଳୟରେ ବିଶ୍ୱ ହାତଧୁଆ ଦିବସ

ବଡସାହି, ୧୬।୧୦(ସମିସ): ବଡ଼ସାହି ବ୍ଲକ ଅଧୀନସ୍ଥ କୋଟିଲାଖୁଣ୍ଟା ପଞ୍ଚାୟତ ଅଧୀନ ବାଗୁଲି ଆଶ୍ରମ ବିଦ୍ୟାଳୟ ପରିସରରେ ବିଶ୍ୱ ହାତଧୁଆ ଦିବସ ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କୋଟିଲାଖୁଣ୍ଟା କ୍ଲଷ୍ଟରର ସିଆର୍‌ସିସି ମୀନତି ପଣ୍ଡା ଯୋଗଦେଇ ସ୍ୱଚ୍ଛତାର ଆରମ୍ଭ ହାତ ଧୁଆରୁ ହିଁ ହୋଇଥାଏ ବୋଲି କହି ପିଲାମାନଙ୍କୁ ସଚେତନ କରିଥିଲେ। ବିଦ୍ୟାଳୟର ଛାତ୍ରୀମାନେ ସ୍ୱଚ୍ଛତା ଓ ହାତଧୁଆ ଉପରେ ଏକ ସୁନ୍ଦର ନୃତ୍ୟ ପରିବେଷଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷକ ମୃତ୍ୟୁଞ୍ଜୟ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ସହକାରୀ ଶିକ୍ଷକ ନାରାୟଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

୧୮ ରୁ ମାସେ ବ୍ୟାପୀ ସାଇବର ସୁରକ୍ଷା ସଚେତନତା ଅଭିଯାନ

ବାରିପଦା, ୧୬।୧୦(ସମିସ)

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଥିବା ମହାତ୍ମାଗାନ୍ଧୀ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧକ୍ଷତାରେ ସାଇବର ସୁରକ୍ଷା ସଚେତନତା ଅଭିଯାନ-୨୦୨୫ ସମ୍ବନ୍ଧୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାଏକ, ଇଶ୍ୱର ଚନ୍ଦ୍ର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୌତମ କିଷାନ, ଦୀପକ କୁମାର ଗୋଛାୟତ ଓ ସବିତା ମାଝୀ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ଦାଶ, ଅତିରିକ୍ତ ଉନ୍ନୟନ ଅଧିକାରୀ ଶାନ୍ତନୁ ନାୟକଙ୍କ ସମେତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଣୀ, ଜିଲ୍ଲା ସଂସ୍କୃତି ଅଧିକାରୀ, ଏନଆଇସିର ଅଧିକାରୀ, ଆରଟିଓ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଏଲଡିଏମଙ୍କ ସମେତ ପୁଲିସ ଅଧିକାରୀ ତଥା ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଅଭିଯାନ ୧୮ ଅକ୍ଟୋବରରୁ ଆରମ୍ଭ ହୋଇ ୧୭ନଭେମ୍ବର ପର୍ଯ୍ୟନ୍ତ ଚାଲିବ ବୋଲି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୂଚନା ଦେଇଛନ୍ତି। ଜିଲ୍ଲାରେ ସଚେତନତା ଅଭିଯାନ ଉଭୟ ଅନଲାଇନ ଓ ଅଫଲାଇନ ଜରିଆରେ ମାସେ ଧରି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଚାଲିବ। ସାଇବର ସୁରକ୍ଷା ସଚେତନତା ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି, ସମାଜର ସବୁ ବର୍ଗର ଲୋକଙ୍କୁ ସାଇବର ଠକେଇରୁ ସୁରକ୍ଷା ଦେବା। ବର୍ତ୍ତମାନ ସାରା ବିଶ୍ୱ ଜଗତିକରଣମୁଖୀ କାରଣରୁ ସମସ୍ତଙ୍କ ଜୀବନ ବ୍ୟସ୍ତବହୁଳ ହୋଇଯାଇଛି। ଏଭଳି ଜୀବନଶୈଳୀ ଭିତରେ ସରକାରୀସ୍ତରରେ ହେଉ ବା ବ୍ୟକ୍ତିଗତ ସ୍ତରରେ ହେଉ ବା ସାମାଜିକ ସ୍ତରରେ ଦୈନନ୍ଦିନ ଜୀବନରେ ଇଣ୍ଟରନେଟ ସାଙ୍ଗକୁ ସ୍ମାର୍ଟଫୋନ ବ୍ୟବହାର ଅପରିହାର୍ଯ୍ୟ ହୋଇପଡ଼ିଛି। ମାତ୍ର ଏହାକୁ ଯଦି ଆମେ ସତର୍କତା ସହ ସୁରକ୍ଷିତ ଭାବେ ବ୍ୟବହାର ନକରୁ ତେବେ ଠକାମୀର ଶିକାର ହେବା। ପରିବର୍ତ୍ତିତ ସମୟ ଅନୁସାରେ ସାଇବର ଠକମାନେ ମଧ୍ୟ ନୂତନ ଉପାୟ ଅବଲମ୍ବନ କରି ଲୋକମାନଙ୍କୁ ସେମାନଙ୍କର ଶିକାର ବନାଉଛନ୍ତି। ସାଇବର ଠକାମୀର ଶିକାର ହେବାର ଦୁଇଟି ପ୍ରମୁଖ କାରଣ ହେଉଛି ଲୋଭ ଓ ଭୟ। ମାଗଣାରେ କିମ୍ବା କମ ଦାମରେ ଅଧିକ ଲାଭ ପାଇବା ଆଶାରେ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଦେଣନେଣ କରିବା କିମ୍ବା କୌଣସି ମିଛ ଫୋନକଲ୍ ପାଇ ଭୟାତୁର ହୋଇ କିଛି ତର୍ଜମା ନକରି ନିଜର ବ୍ୟକ୍ତିଗତ ତଥ୍ୟ ଶେୟାର କରି ସାଇବର ଠକାମୀର ଶିକାର ହେବାକୁ ପଡେ। ତେଣୁ ସମାଜରେ ସବୁ ବର୍ଗର ଲୋକଙ୍କୁ ସାଇବର ସୁରକ୍ଷା ପ୍ରଦାନ ଏହାର ମୂଳ ଲକ୍ଷ୍ୟ। ଯେମିତି କି ଛାତ୍ରଛାତ୍ରୀଙ୍କୁ ନିରାପଦ ଡିଜିଟାଲ ଅଭ୍ୟାସ ସହ କୌଣସି ପ୍ରଲୋଭନ ଏବଂ ସାଇବର ଭୟର ଶିକାର ନହେବା, ଗୋପନ ଭିଡିଓ ଦେଖାଇ ସାଇବର ଅପରାଧର ଶିକାର କରାଇବା, ଅଭିଭାବକ ଓ ଶିକ୍ଷକମାନଙ୍କୁ ପିଲାମାନଙ୍କ ଅନଲାଇନ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ, ଚାକିରୀ ଆଶାୟୀ ଯୁବପିଢ଼ିଙ୍କୁ ନକଲି ନିଯୁକ୍ତି ଯାଚିବା, ନକଲି ବ୍ୟାଙ୍କ ଆକାଉଣ୍ଟ ଓ ସିମ ବିକ୍ରି, ଫ୍ରଡ଼ ନିବେଶ ପାଇଁ ପ୍ରବର୍ତ୍ତାଇବା, ମହିଳା ଓ କିଶୋରୀମାନଙ୍କୁ ନକଲି କଲ୍ ଜରିଆରେ ଯୌନଶୋଷଣ, ଗ୍ରାମ ଓ ସେମି ଅର୍ବାନ ଅଞ୍ଚଳରେ ପ୍ରଥମ କରି ସ୍ମାର୍ଟଫୋନ ବ୍ୟବହାରକାରି ଲୋକଙ୍କୁ ୟୁପିଆଇ, ଓଟିପିର ସଠିକ ଉପଯୋଗ, ଫେକକଲ୍ ବାବଦରେ ଜ୍ଞାନ ଦେବା, ବରିଷ୍ଠ ନାଗରିକ ମାନଙ୍କୁ ନିରାପଦ ବ୍ୟାଙ୍କିଂ କାରବାର ଓ ଆର୍ଥିକ ଠକେଇରୁ ବର୍ତ୍ତିବା ପାଇଁ ସତର୍କ କରିବା, ଏସଏଚଜି ଏବଂ ଗୋଷ୍ଠୀ ଗ୍ରୁପକୁ ସମୂହ ଡିଜିଟାଲ ଦେଣନେଣ, ଫେକ ଋଣ, ନକଲି ପୁଞ୍ଜି ନିବେଶ ବାବଦରେ ଏବଂ ବ୍ୟବସାୟୀ ଓ ବୃତ୍ତିଧାରୀଙ୍କୁ ଡାଟା ସିକ୍ୟୁରିଟି, ବୃତ୍ତିଗତ ଶୋଷଣରୁ ସୁରକ୍ଷା, ଡିଜିଟାଲ ପେମେଣ୍ଟରେ ସତର୍କତା ଇତ୍ୟାଦି ସମ୍ବନ୍ଧରେ ସଚେତନ କରାଯିବ। ସଚେତନତା ଅଭିଯାନ ଉଭୟ ଅନଲାଇନ ଓ ଅଫଲାଇନରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ- ଯଥା ସାଇବର ସୁରକ୍ଷା ପ୍ରଚାର ପତ୍ର, ଭିଡିଓ ପ୍ରଦର୍ଶନ, ରେଡିଓ, ବାର୍ତ୍ତା, ସୁରକ୍ଷା ମେସେଜ୍, ଡିବେଟ ପ୍ରତିଯୋଗିତା, ପଥପ୍ରାନ୍ତ ନାଟକ, ନାଟକ, ସଚେତନତା ରଥ ପରିକ୍ରମା, ପଦଯାତ୍ରା, ସାଇକଲ ଯାତ୍ରା, ସ୍ପଟ କୁଇଜ, ସାଇବର ଅପରାଧ ଉପରେ ସମ୍ମିଳନୀ, ଅନଲାଇନ କୁଇଜ, ରିଲ ମ୍ୟାକିଂ ପ୍ରତିଯୋଗିତା ଇତ୍ୟାଦି ଆୟୋଜନ କରାଯିବ। ଏହାର ସଫଳ ରୂପାୟନ ବିଭାଗୀୟ ସମନ୍ୱୟରେ ସମ୍ଭବ ହେବ ବୋଲି ଆଶାବ୍ୟକ୍ତ କରି ସହଯୋଗ କାମନା କରିଥିଲେ। ଜିଲ୍ଲାପାଳ କହିଥିଲେ ଯେ ଲୋକଙ୍କୁ ସାଇବର ଠକେଇରୁ ସୁରକ୍ଷା ଦେବା କେବଳ ପୁଲିସ ବିଭାଗର ନୁହେଁ ବରଂ ଆମ ସମସ୍ତଙ୍କ ଦାୟିତ୍ୱ। ନିଜେ ସତର୍କ ରହିବା ସହିତ ଜନସାଧାରଣଙ୍କୁ ସତର୍କ ରହିବା ପାଇଁ ଉପଯୁକ୍ତ ଭାବେ ସଚେତନ କରିପାରିଲେ ସାଇବର ଠକେଇ ରୁ ସୁରକ୍ଷା ମିଳିବ। ବିଶେଷ କରି ଗଣମାଧ୍ୟମର ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କାରଣ ଗଣମାଧ୍ୟମରେ ପ୍ରଚାର ପ୍ରସାର ଫଳରେ ସଚେତନତା ଅଭିଯାନ ବ୍ୟାପକ ହୋଇପାରିବ। ମିଳିତ ପ୍ରୟାସରେ ଏହି ଅଭିଯାନକୁ ଫଳପ୍ରସୂ କରିବା ପାଇଁ ସୁଚାରୁ ରୂପେ ନିଜ ନିଜ ଦାୟିତ୍ୱ ସମ୍ପାଦନ କରିବାକୁ ଉପସ୍ଥିତ ସମସ୍ତଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି।

ସ୍କୁଟି ଧକ୍କାରେ କଲେଜ ଛାତ୍ରୀ ଆହତ

ବେଲବାହାଲି,୧୬।୧୦(ସମିସ): ଘସିପୁରା ଥାନାଅନ୍ତର୍ଗତବାରିଗାଁଛକନିକଟରେମଧ୍ୟାହ୍ନ ସମୟରେଜଣେଛାତ୍ରୀଙ୍କୁସ୍କୁଟିଧକ୍କାଦେବାରୁ ଛାତ୍ରୀ ଜଣକ ଗୁରତର ଆହତ ହୋଇଛନ୍ତି। ଗୁରୁତର ଛାତ୍ରୀ ଜଣକ ଆନନ୍ଦପୁର ଉପଖଣ୍ଡ ବେଲବାହାଲି ବେଲେଶ୍ୱର ମହାବିଦ୍ୟାଳୟର ଅର୍ଚ୍ଚନା ଜେନା। କଲେଜରୁ ନିଜଘର ବାଇଲୋକୁ ସାଇକଲ ଚଲାଇ ଫେରୁଥିବା ସମୟରେ ବାରିଗାଁ ନିକଟରେ ସ୍କୁଟି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ଏନଏଚଏଆଇ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟଠାରେ ଭର୍ତ୍ତି କରାଯାଇଛି। ସ୍କୁଟି ନମ୍ବର ଓଡି ୦୯ ଏଡି ୮୯୭୭କୁ ଆଧାର କରି ଘଟଣାର ତଦନ୍ତ ଆରମ୍ଭ କରିଛି ଘଷିପୁରା ପୁଲିସ।

ମୁଗୁପୁର ଦୈତାରୀ ଗୁରୁକୁଲମ୍‌ର ପ୍ରସ୍ତୁତି

ଆନନ୍ଦପୁର, ୧୬।୧୦ (ସମିସ): ମୁଗୁପୁରସ୍ଥିତ ଦୈତାରୀ ଗୁରୁକୁଲମ୍‌ର ବାର୍ଷିକ ଉତ୍ସବ ଓ ଶିଶୁ ଦିବସ ପାଳନ କରାଯିବା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠାନର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଗୁରୁକୁଲମ୍‌ର ପ୍ରତିଷ୍ଠାତା ଜନ୍ମେଜୟ ଓଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକର ନିଷ୍ପତ୍ତି ପ୍ରକାରେ ଆସନ୍ତା ନଭେମ୍ବର ୧୪ ତାରିଖ ଶିଶୁ ଦିବସରେଶିଶୁଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ କବି-ଲେଖକଙ୍କ ଦ୍ୱାରା ସେ ଅଞ୍ଚଳର ସଂସ୍କୃତି, ଶିଶୁ ସାହିତ୍ୟ, ଶିକ୍ଷା,ସାମାଜିକ ମୂଲ୍ୟବୋଧ ସଂପର୍କିତ କବିତା ପାଠ କରାଯିବାକୁ ସ୍ଥିର ହୋଇଛି। ଅନୁରୂପ ଭାବେ ଆଗାମୀ ବାର୍ଷିକ ଉତ୍ସବ ଅବସରରେ ପ୍ରକାଶ ପାଇବାକୁ ଥିବା ମୁଖପତ୍ର 'କଲ୍‌ଲୋଳିନୀ ବୈତରଣୀ' ପାଇଁ ଗଳ୍ପ, କବିତା, ପ୍ରବନ୍ଧ ଆଦି ବିଭିନ୍ନ ବିଭାଗର ଲେଖାମାନ ହ୍ୱାଟସ୍ ଆପ୍ ନଂ ୭୨୮୧୦୦୦୦୦୭ରେ ପଠାଇବା ପାଇଁ ଅନୁରୋଧ କରାଯାଇଛି। ଏହି ବୈଠକରେ ଗୁରୁକୁଲମ୍‌ର କର୍ମକର୍ତ୍ତାଙ୍କ ସମେତ ଗୁରୁଜୀ ଗୁରୁମା ଅଂଶଗ୍ରହଣ କରିଥିଲେ।

ସାପ କାମୁଡ଼ାରେ ମହିଳା ମୃତ

ତୁରୁମୁଙ୍ଗା, ୧୬।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଘୋଳକୁଣ୍ଡ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ସାପ କାମୁଡାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ ଗ୍ରାମର ବିଜୟ ଚାମ୍ପିଆଙ୍କ ସ୍ତ୍ରୀ ଜେମା (୩୦)। ଉଭୟ ସ୍ୱାମୀ ସ୍ତ୍ରୀ ରାତିରେ ଘର ଚଟାଣରେ ଶୋଇଥିବା ସମୟରେ ଏକ ବିଷଧର ସାପ ଜେମାଙ୍କୁ କାମୁଡିଥିଲା। ପରିବାର ଲୋକେ ତାଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଫାଣ୍ଡି ଏଏସ୍‌ଆଇ ପଞ୍ଚମୀ ମହାନ୍ତ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଶବକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ପାଟଣା ଥାନାରେ ୩୦/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

କେନ୍ଦୁଝର,୧୬।୧୦(ସମିସ): କେନ୍ଦୁଝର ସଦର ବ୍ଲକ ନୂଆଗାଁ କ୍ଲଷ୍ଟର ବରଦାପାଳ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାଦଗଡ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନଳିନୀ ଦେହୁରୀ ମା' ସରସ୍ୱତୀଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରିବା ପରେ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ଏଥିରେ ୧୬ଟି ବିଦ୍ୟାଳୟର ୯୪ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ମଣ୍ଡଳପାଟ ନୋଡାଲ ହାଇସ୍କୁଲର ଛାତ୍ରୀମାନେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ମଇଦାନକେଲ କ୍ଲଷ୍ଟରର ସିଆରସିସି ରମାକାନ୍ତ ମହାନ୍ତ ଅତିଥି ଭାବେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ଜ୍ଞାନଗର୍ଭକ ଉଦବୋଧନ ଦେଇଥିଲେ। ପ୍ରଧାନଶିକ୍ଷକ ରଣଜିତ ମହାନ୍ତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ନୂଆଗାଁ କ୍ଲଷ୍ଟର ସିଆରସିସି ନେତ୍ରାନନ୍ଦ ଦେହୁରୀ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

ପ୍ରସ୍ତାବିତ ଷ୍ଟିଲପ୍ଲାଣ୍ଟକୁ ବିରୋଧ କରି ବାଇକ୍ ରାଲି, ପ୍ରତିବାଦ ସଭା

ଚାଷ ଜମିରେ ଷ୍ଟିଲ୍‌ପ୍ଲାଣ୍ଟ ନିର୍ମାଣ ବନ୍ଦ ସହ ଚୁକ୍ତିନାମା ରଦ୍ଦ ଦାବି

ତୁରୁମୁଙ୍ଗା,୧୬।୧୦(ସମିସ)

କେନ୍ଦୁଝରଜିଲ୍ଲାପାଟଣାତହସିଲଚେମେଣାଓଯମୁନାପଶି ପଞ୍ଚାୟତ ଅଞ୍ଚଳରେ ପ୍ରସ୍ତାବିତ ଷ୍ଟିଲପ୍ଲାଣ୍ଟ ନିର୍ମାଣକୁ ବିରୋଧ କରି ଗୁରୁବାର ଅଲ୍‌ଇଣ୍ଡିଆ କିସାନ କ୍ଷେତ ମଜଦୁର ସଂଗଠନର ସର୍ବଭାରତୀୟ କମିଟି ଆହ୍ୱାନକ୍ରମେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। କିଛି ଦିନ ତଳେ ଏହାକୁ ନେଇ ସପକ୍ଷବାଦୀଙ୍କ ଏକ ସଭାରେ ସ୍ଥାନୀୟ ବିଧାୟକଙ୍କ ସମର୍ଥନ ପରେ ପ୍ରସ୍ତାବିତ ଜିନ୍ଦଲ ପୋ।ସ୍କୋ ପ୍ଲାଣ୍ଟ ଅଞ୍ଚଳରେ ଏହି ସଭା ପ୍ରସଙ୍ଗକୁ ସରଗରମ କରିଛି। ଅଲ୍‌ଇଣ୍ଡିଆ କିସାନ କ୍ଷେତ ମଜଦୁର ସଂଗଠନ ଓ ଜିନ୍ଦଲ ପୋ।ସ୍କୋ ପ୍ରତିରୋଧ ମଞ୍ଚ ପକ୍ଷରୁ ଚିଲିଦା, ଭୃଙ୍ଗରାଜ ପଶି, ନୂଆଗାଁ, ରାଇକଳା, ଧରୁଆପଡା, କିମିର୍ଦ୍ଦାପଶି, ନୁଆଖମଣ, ବରୁଡିପଶି, ପଦ୍ମକେଶରପୁର, କୋଡ଼ଖମଣ ଯମୁନାପଶି ଗୋଡିପୋଖରୀ, ବାରଡାଙ୍ଗୁଆ, ଧନୁର୍ଯ୍ୟୟପୁର ଅଙ୍ଗିକଳା ରେଙ୍ଗାଳବେଡା ବଳିଆପଶି ଓ ଚେମେଣା ଆଦି ଗ୍ରାମଗୁଡିକରେ ବିଶାଳ ବାଇକ ରାଲି ଅନୁଷ୍ଠିତ ହୋଇଯାଇଛି। ପ୍ରସ୍ତାବିତ ଜିନ୍ଦଲ-ପୋସ୍କୋ ଅଞ୍ଚଳର ୧୮ ଟି ଗ୍ରାମର ଶତାଧିକ ରାଲିରେ ସାମିଲ ହେବା ସହ ଚେମେଣାଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଏକତ୍ରିତ ହୋଇଥିଲେ। ଚିଲିଦା ମକର ପଡିଆଠାରୁ ବାଇକ୍ ରାଲି କରି ଶୋଭାଯାତ୍ରାରେ ବାହାରି ସମସ୍ତ ଗ୍ରାମ ପରିକ୍ରମା କରିଥିଲେ। ବିଭିନ୍ନ ପ୍ଲାକାର୍ଡ ଓ ବ୍ୟାନର ସହ ଚାଷ ଜମିରେ ଶିଳ୍ପ ପ୍ରତିଷ୍ଠା ବନ୍ଦ କର, ଜିନ୍ଦଲ-ପୋସ୍କୋ ସହ ହୋଇଥିବା ଚୁକ୍ତିପତ୍ର ବାତିଲ, ରକ୍ତ ଦେବୁ ଜୀବନ ଦେବୁ ଭିଟାମାଟି ଛାଡିବୁ ନାହିଁ ଆଦି ସ୍ଲୋଗାନ ଦେଇ ଗାଁ ପରିକ୍ରମା କରିଥିଲେ। ଚେମଣା ରଜ ମହୋତ୍ସବ ଆମ୍ବତୋଟାରେ ବିଭିନ୍ନ ଗ୍ରାମ କମିଟି ପକ୍ଷରୁ ବାଇକ ଶୋଭାଯାତ୍ରାକାରୀଙ୍କୁ ସ୍ୱାଗତ କରାଯିବା ପରେ ଏକ ପ୍ରତିବାଦ ସଭା ମଞ୍ଚର ସଭାପତି ଘନଶ୍ୟାମ ମହାନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଅଞ୍ଚଳରେ ରାଜ୍ୟ ସରକାର ଦୋ ଫସଲି ଓ ବହୁ ଫସଲି ଜଳସେଚିତ ଚାଷ ଜମି ଲୋକଙ୍କଠାରୁ ବଳପୂର୍ବକ ଛଡ଼ାଇ ନେଇ ଜିନ୍ଦଲ ଓ ପୋସ୍କୋକୁ ଦେବା ପାଇ ବୁଝାମଣାପତ୍ର ଚୁକ୍ତିନାମା ସ୍ୱାକ୍ଷର କରିଥିବାରୁ ଉପସଭାପତି କମ୍ରେଡ୍ ପ୍ରକାଶ ମଲ୍ଲିକ କଡ଼ା ସମାଲୋଚନା କରିଥିଲେ। ଏହାଦ୍ୱାରା ଏଠାରେ ପୁରୁଷ ପୁରୁଷ ଧରି ବସବାସ କରୁଥିବା ପ୍ରାୟ ୨୦ ହଜାର ଗରିବ ଆଦିବାସୀ ଓ ଅନ୍ୟମାନେ ଉଚ୍ଛେଦ ହେବେ। ପୂର୍ବରୁ ଏହି ଅଞ୍ଚଳରେ ୨୦୦୬ରୁ ୨୦୧୩ ମସିହା ପର୍ଯ୍ୟନ୍ତ ଦୀର୍ଘ ୭ ବର୍ଷ ଧରି ଆନ୍ଦୋଳନ କରି ମିତ୍ତଲ କମ୍ପାନୀକୁ ହଟାଇଥିଲେ। ପୁଣି ଥରେ ଜିନ୍ଦଲ ପୋସ୍କୋକୁ ହଟାନ୍ତୁ ବୋଲି ଅଞ୍ଚଳବାସୀଙ୍କୁ ଆହ୍ୱାନ ଦେଇଥିଲେ। ମଞ୍ଚର ସମ୍ପାଦକ ବେଣୁଧର ସର୍ଦ୍ଦାର, ଉପସଭାପତି ସରୋଜ କୁମାର ସିଂହ, ନିରାକାର ମହାନ୍ତ, ବଙ୍ଗାଳି ନାଏକ, ପ୍ରଭାକର ମହାନ୍ତ, ଭାବଗ୍ରାହୀ ନାଏକ, କ୍ଷେତ୍ରବାସୀ ନାଏକ, ବସୁମତୀ ନାଏକ, ଚୌଧୁରୀ ମହାନ୍ତ, ଲକ୍ଷଣ ମହାନ୍ତ, ତ୍ରିଲୋଚନ ମହାନ୍ତ, ଅକ୍ଷୟ ନାଏକ, ବେଣୁଧର ମହାନ୍ତ, ଦିବାକର ନାଏକ, ସନାତନ ନାଏକ, ଶତ୍ରୁଘ୍ନ ନାଏକ, ମନୋଜ ନାଏକ, ଭୁବନାନନ୍ଦ ସର୍ଦ୍ଦାର ଓ ଚେମଣା ପଞ୍ଚାୟତର ପୂର୍ବତନ ସରପଞ୍ଚ ଉଦୟନାଥ ନାଏକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ସରକାର ଚୁକ୍ତିନାମା ବାତିଲ ନକଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଜିନ୍ଦଲ ପୋସ୍କୋ ପ୍ରତିରୋଧ ମଞ୍ଚର ସଭାପତି ଘନଶ୍ୟାମ ମହାନ୍ତ ଆହ୍ୱାନ ଦେବା ସହ ଏନେଇ ରାଷ୍ଟ୍ରପତିଙ୍କୁ ମେଲ୍ ଜରିଆରେ ଦାବିପତ୍ର ପଠାଯାଇଥିବା କହିଛନ୍ତି।

ପୋଡ଼ଖମଣ ହତ୍ୟା ଆସାମୀକୁ ୫ ବର୍ଷ ସଶ୍ରମ କାରାଦଣ୍ଡ

ଆନନ୍ଦପୁର, ୧୬।୧୦ (ସମିସ): ଏକ ହତ୍ୟା ମାମଲାର ବିଚାର କରି ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଆସାମୀକୁ ୫ ବର୍ଷର ସଶ୍ରମ କାରାଦଣ୍ଡ ରାୟ ଶୁଣାଇଛନ୍ତି। ଅତିରିକ୍ତ ସରକାରୀ ଓକିଲଙ୍କ ସୂଚନା ଅନୁଯାୟୀ, ଗତ ୧୧-୭-୨୦୨୦ ରାତି ୯ଟା ସମୟରେ ଘଷିପୁରା ଥାନା ପୋଡାଖମଣ ମାଝିସାହିର ରାମ ନାଇକଙ୍କ ପୁଅ ନରତମ ନାଇକ ନିଜର ଦୁଇଟି ଯାକ ହଂସକୁ ଆଣିବାକୁ ଯାଇଥିଲେ। କୌଣସି ସୂତ୍ରରୁ ଖବର ପାଇଲେ ଯେ ନିକଟସ୍ଥ ଝାଡେଶ୍ୱର ମାଝିସାହିର ରବି ମୁର୍ମୁ ସେହି ହଂସ ଦୁଇଟିକୁ ମାରି ଖାଇଦେଇଥିଲେ। ନରତମ ହଂସ ଦୁଇଟିର ମୂଲ୍ୟ ବାବଦକୁ ରବି ମୁର୍ମୁଙ୍କୁ ପଇସା ମାଗିବାରୁ ରବି ମୁର୍ମୁ ନରତମକୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲା। ଏହାକୁ ନରତମର ବାପା ରାମ ନାଇକ ବାରଣ କରିବାରୁ ରବି ଉତକ୍ଷିପ୍ତ ହୋଇ ରାମକୁ ଏକ ପଥରରେ ଆକ୍ରମଣ କରିଥିଲା। ଫଳରେ ରାମ ନାଇକ ଚିତ୍କାର କରି ସେହିଠାରେ ପଡିଯିବାରୁ ନରତମ ସଙ୍ଗେ ସଙ୍ଗେ ତାର ବାପା ରାମ ନାଇକଙ୍କୁ ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା। ରାମର ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେଠାରୁ ଡାକ୍ତର ରାମକୁ କେନ୍ଦୁଝର ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। କେନ୍ଦୁଝର ଯିବା ବାଟରେ ରାମର ମୃତ୍ୟୁ ହୋଇଥିଲା। ଏ ସମ୍ପର୍କରେ ନରତମ ଘଷିପୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ।ନା କେସ୍ ନମ୍ବର ୧୧୮/୧୨-୭-୨୦ରେ ଭାରତୀୟ ଦଣ୍ଡବିଧି ଆଇନର ଧାରା ୩୦୨ରେ ମାମଲା ରୁଜୁ କରିଥିଲା। ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଦେବଦତ୍ତ ଦାସମହାପାତ୍ର ଏହି ମାମଲାରେ ଏସ୍‌ଟି କେସ୍ ନମ୍ବର ୧୭/୨୦ରେ ମୋଟ ୧୩ଜଣ ସାକ୍ଷୀଙ୍କ ସାକ୍ଷ୍ୟପ୍ରମାଣ ଓ ବୟାନ ଆଧାରରେ ଭାରତୀୟ ଦଣ୍ଡବିଧି ଆଇନର ଧାରା ୩୦୪(୨) ଅନୁଯାୟୀ ମାମଲାର ବିଚାର କରି ଆସାମୀ ରବି ମୁର୍ମୁକୁ ୫ବର୍ଷର ସଶ୍ରମ କାରାଦଣ୍ଡ ରାୟ ପ୍ରଦାନ କରିଛନ୍ତି। ସରକାରଙ୍କ ତରଫରୁ ଡେପୁଟି ଡାଇରେକ୍ଟର ଅଫ୍ ପ୍ରସିକ୍ୟୁସନ ପ୍ରକାଶଚନ୍ଦ୍ର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆନନ୍ଦପୁରର ଅତିରିକ୍ତ ସରକାରୀ ଆଇନଜୀବୀ ସୌମିତ୍ରୀ କୁମାର ରାଉତ ମାମଲା ପରିଚାଳନା କରୁଥିଲେ।

ଦାଦାବଟି ମାଗି ଯୁବକ ଗିରଫ

ବାଲିବନ୍ଧ, ୧୬।୧୦ (ସମିସ): କେନ୍ଦୁଝର ଜିଲ୍ଲା ବାମେବାରୀ ଥାନାଞ୍ଚଳରେ ଦାଦାବଟି ମାଗି ଯୁବକ ଝୁମ୍ପୁରା ବ୍ଲକ କୁଟୁଗାଁ ପଞ୍ଚାୟତ ଚିପିଣ୍ଡା ଗ୍ରାମର ଅଭିଯୁକ୍ତ ପ୍ରମୋଦ ବାରିକ (୩୭) ଗିରଫ ହୋଇଥିବା ଜଣାପଡ଼ିଛି। ଚିପିଣ୍ଡା ଗ୍ରାମର ପ୍ରମୋଦ ବାରିକ ମାସିକ ୧ଲକ୍ଷ ଟଙ୍କା ଦାଦବଟି ମାଗୁଥିବା ନେଇ କୁଟୁଗାଁସ୍ଥିତ ଚମ୍ପାଡିହିଠାରେ ନିର୍ମାଣାଧୀନ ଥିବା କାଶୀଭି ଇଣ୍ଟରନ୍ୟାସନାଲ ପ୍ରାଇଭେଟ କମ୍ପାନୀର ପିଲେଟ ପ୍ଲାଣ୍ଟ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ଶଶିଭୂଷଣ ସାହୁ ଥାନାରେ ଗତ ୧୨ ତାରିଖ ଲିଖିତ ଅଭିଯୋଗ କରିଥିଲେ। ଏହି ଦାଦା ବଟି ନମିଳିଲେ ଖଣ୍ଡାରେ ହାଣିଦେବି ବୋଲି ଧମକ ଦେବା ସହ ବହୁତ ଅଭଦ୍ର ଭାଷାରେ ଗାଳିଗୁଲଜ କରିଥିଲା ଅଭିଯୁକ୍ତ ପ୍ରମୋଦ। ଏପରିକି ପ୍ଲାଣ୍ଟକାମ ବନ୍ଦ କରିଦେବି ବୋଲି ପାଟିତୁଣ୍ଡ କରିଥିଲା ପ୍ରମୋଦ। ଫଳରେ ଶଶିଭୂଷଣ ଭୟଭୀତ ହୋଇ ବାମେବାରୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ କରି ବାମେବାରୀ ପୁଲିସ ପ୍ରମୋଦକୁ ଗୁରୁବାର କୋର୍ଟ ଚାଲାଣ କରିଛି।

ଅଧ୍ୟାପକଙ୍କୁ ଡ କଲାମ ଗୁରୁଦେବ ସମ୍ମାନ

ଆନନ୍ଦପୁର/ବେଲବାହାଲି, ୧୬।୧୦ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟ ଇତିହାସ ବିଭାଗ ଅଧ୍ୟାପକ ବିଜୟ କୁମାର ସାହୁଙ୍କୁ ଡ ଅବଦୁଲ କଲାମ ଗୁରୁଦେବ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ପୂର୍ବତନ ଯଶସ୍ୱୀ ରାଷ୍ଟ୍ରପତି, ବିଶିଷ୍ଟ ବୈଜ୍ଞାନିକ ତଥା ମିସାଇଲ ମ୍ୟାନ ଡ ଅବଦୁଲ କଲାମଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ବାଲେଶ୍ୱରର ରୋମୀଠାରେ ଅଧ୍ୟାପକ ଶ୍ରୀ ସାହୁଙ୍କୁ ଏହି ସମ୍ମାନ ମିଳିଛି। ଉତ୍ସବରେ ଅନୁଷ୍ଠାନର ଅଧକ୍ଷ ଡ ପଙ୍କଜ କୁମାର ଜେନା ସଭାପତିତ୍ୱ କରିଥିଲେ। ଓଡିଶା ସରକାରଙ୍କ ଉପ ମୁଖ୍ୟ ସଚେତକ ଗୋବିନ୍ଦଚନ୍ଦ୍ର ଦାସ ମୁଖ୍ୟଅତିଥି, ବିଶିଷ୍ଟ ବୈଜ୍ଞାନିକ ଡ ନୀଳାଦ୍ରି ରାୟ ମୁଖ୍ୟବକ୍ତା, ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷା ଓ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ କଲାମ ଗୁରୁଦେବ ସମ୍ମାନ ସ୍ୱରୂପ ଟ୍ରଫି ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। କଲେଜର ଅଧକ୍ଷ ସଞ୍ଜୟ ମିଶ୍ର, ସମସ୍ତ ଅଧ୍ୟାପକଅଧ୍ୟାପିକା ଓ କର୍ମଚାରୀ ଶ୍ରୀ ସାହୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

କ୍ଲଷ୍ଟର୍‌ସ୍ତରୀୟ ଶିଶୁ ସୁରଭି ମହୋତ୍ସବ

ହାଟଡ଼ିହୀ,୧୬।୧୦(ସମିସ): ହାଟଡ଼ିହୀ ବ୍ଲକ ବାଲିବରେଇ କ୍ଲଷ୍ଟରଅଧୀନରେଥିବା ବିଦ୍ୟାଳୟସମୂହକୁନେଇକ୍ଲଷ୍ଟରସ୍ତରୀୟ ଶିଶୁ ସୁରଭି ମହୋତ୍ସବ କାର୍ଯ୍ୟକ୍ରମ ବିଦ୍ୟାଧରପୁରସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ନିତ୍ୟାନନ୍ଦ ନାୟକ, ବିଜୟ ଜେନା ପ୍ରମୁଖ ଅତିଥି ଯୋଗଦାନ କରିଥିଲେ। ଏସିବି ଫାଉଣ୍ଡେସନର ଅଧକ୍ଷ ଅଲେଖଚନ୍ଦ୍ର ବେହେରା ସୁରଭିରେ ଭାଗ ନେଇଥିବା ସମସ୍ତେ ପିଲାଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ସାଧନ କେନ୍ଦ୍ର ଅଧୀନସ୍ଥ ୧୧ଟି

ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କ୍ଲଷ୍ଟର ଅଧୀନସ୍ଥ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟସଭ୍ୟା ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶକୁନ୍ତଳା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ସାଧନ କେନ୍ଦ୍ର ସଂଯୋଜକ ବିଶ୍ୱଜିତ ରାଉତଙ୍କ ସଂଯୋଜନାରେ ଏହା ଅନୁଷ୍ଠିତ ହୋଇଥିଲା ବେଳେ ଶ୍ରୀ ରାଉତ ସଭାପତିତ୍ୱ କରିଥିଲେ। ବାଲିବରେଇ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅପର୍ଣ୍ଣା ବେହେରା, ଇଞ୍ଜୋଳ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀକାନ୍ତ ପଟ୍ଟନାୟକ, ଚତୁର୍ଭୁଜ ପହି, ଶିକ୍ଷାବିତ୍

ପୂର୍ଣ୍ଣ ଅନୁଦାନ ପାଇଲା ଜଳସୁଆଁ ଲକ୍ଷ୍ମୀନାରାୟଣ ହାଇସ୍କୁଲ

ଆନନ୍ଦପୁର, ୧୬।୧୦ (ସମିସ)

ଆନନ୍ଦପୁର ବ୍ଲକ ଜଳସୁଆଁ ଲକ୍ଷ୍ମୀନାରାୟଣ ଉଚ୍ଚବିଦ୍ୟାଳୟ ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗରୁ ପୂର୍ଣ୍ଣ ଅନୁଦାନ ପାଇଥିବାରୁ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି। ୧୯୯୩ରେ ଅଞ୍ଚଳବାସୀ ଓ କେତେକ ଶିକ୍ଷାପ୍ରେମୀଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀମାନେ ସ୍ୱଳ୍ପ ବେତନ ପାଉଥିଲେ ମଧ୍ୟ ପ୍ରତିବର୍ଷ ପରୀକ୍ଷାଫଳ ଆଶାଜନକ ହୋଇଥାଏ। ବିଦ୍ୟାଳୟର ଶୈକ୍ଷିକ ପରିବେଶ ଓ ଶିକ୍ଷଦାନ ବ୍ୟବସ୍ଥାର ଅନୁଧାନ ପରେ କେନ୍ଦୁଝର ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଅତିରିକ୍ତ ଜିଲ୍ଲା ଶିକ୍ଷାଧକାରୀ

ଶିକ୍ଷକମାନଙ୍କ ବିଭିନ୍ନ କାର୍ଯ୍ୟ ସ୍ୱଚ୍ଛତାର ସହିତ ହେଉଥିବାରୁ ଶତପ୍ରତିଶତ ଅନୁଦାନ ପାଇବା ପାଇଁ ଗଣଶିକ୍ଷା ବିଭାଗକୁ ଅନୁମୋଦନ କରିଥିଲେ। ଗଣଶିକ୍ଷା ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଶିକ୍ଷକ ଓ କର୍ମଚାରୀ ଅସୁବିଧାକୁ ଉପଲବ୍ଧି କରି ଏହି ପ୍ରସ୍ତାବକୁ ମଞ୍ଜୁରୀ ଦେବା ପରେ ଜିଲ୍ଲା ଶିକ୍ଷାଧିକାରୀ ତାଙ୍କର ସ୍ୱତନ୍ତ୍ର କ୍ଷମତା ବଳରେ ଶତପ୍ରତିଶତ ଅନୁଦାନ ପାଇଁ ସ୍ୱୀକୃତି ଦେଇଥିବା ଜଣାପଡ଼ିଛି। ଏହି ବିଦ୍ୟାଳୟର ପ୍ରଧାଶିକ୍ଷକ ସମେତ ଶିକ୍ଷକ ଓ କର୍ମଚାରୀଙ୍କ ପକ୍ଷରୁ ଗଣଶିକ୍ଷା ବିଭାଗ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପ୍ରଧାନ ଶିକ୍ଷକ ଜଗବନ୍ଧୁ ସାହୁ କୃତଜ୍ଞତା ଜଣାଇଛନ୍ତି।

ହାଟଡ଼ିହୀ ହାଇସ୍କୁଲରେ ଦିନିକିଆ ଗଣିତ ଓ ବିଜ୍ଞାନ ତାଲିମ୍

ହାଟଡ଼ିହୀ,୧୬।୧୦(ସମିସ): ହାଟଡ଼ିହୀ ହାଇସ୍କୁଲଠାରେ ଗୁରୁବାର ପୂର୍ବାହ୍ନରେ ଏକଦିବସୀୟ ଗଣିତ ଓ ବିଜ୍ଞାନ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ହାଟଡ଼ିହୀ ବିଇଓ ରାଜୀବ କୁମାର ଦଳେଇ, ଏବିଇଓ ପ୍ରମୋଦ କୁମାର ନାୟକ, ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖଙ୍କ ସହ ହାଟଡ଼ିହୀ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପରମାନନ୍ଦ ପରିଡ଼ା ଏହାକୁ ଉଦଘାଟନ କରିଥିଲେ। ଖାନ୍ ଏକାଡେମୀ ପକ୍ଷରୁ ଆୟୋଜିତ ଏହି ଶିବିରରେ ହାଟଡ଼ିହୀ ଶିକ୍ଷାମଣ୍ଡଳର ୪୭ଟି ହାଇସ୍କୁଲର ଗଣିତ ଓ ବିଜ୍ଞାନ ଶିକ୍ଷକଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ପ୍ରଶିକ୍ଷକ ଭାବେ ଶାଳଦେଇସ୍ଥିତ କେବି ସରକାରୀ ହାଇସ୍କୁଲର ଜ୍ୟୋତିରଞ୍ଜନ ସିଆଲ ଓ ପ୍ରଦୀପ ଭଞ୍ଜ ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ୍ ଦେଇଥିଲେ। କାର୍ଯ୍ୟକ୍ରମକୁ କୋଷାଧକ୍ଷ ସଞ୍ଜୟ ସାହୁ ପରିଚାଳନା କରିଥିଲା ବେଳେ ଅନ୍ୟମାନେ ଏଥିରେ ସହଯୋଗ କରିଥିଲେ।

ଓଡ଼ିଶା ରାଜ୍ୟ ସମବାୟ ନୀତି -୨୦୨୫ ଚିଠା ପ୍ରସ୍ତାବ କର୍ମଶାଳା

ସମ୍ବଲପୁର, ୧୬।୧୦(ସମିସ)

ଗତ ଜୁଲାଇ ୨୪ ତାରିଖ ପ୍ରକାଶ ପାଇଥିବା ଜାତୀୟ ସମବାୟ ନୀତି-୨୦୨୫ ଉପରେ ଆଧାରିତ ଓଡ଼ିଶା ରାଜ୍ୟ ସମବାୟ ନୀତି-୨୦୨୫ ଜାତୀୟ ଆକାଂକ୍ଷାରେ ଅବଦାନ ଦେବାର ଲକ୍ଷ୍ୟ ରଖିଛି। ସମବାୟଭିତ୍ତିକ କାର୍ଯ୍ୟକୁ ସରଳ କରିବା ପାଇଁ ଉତ୍ତମ ଶାସନ ବ୍ୟବସ୍ଥା କରିବା, ନୂତନ ପିଢ଼ିର ସମବାୟ ପ୍ରତିଷ୍ଠାନ ଗଠନ ଏବଂ ଦୃଢ଼ ନେଟୱାର୍କ ସହିତ ସମବାୟ ପ୍ରତିଷ୍ଠାନର ଅଭିବୃଦ୍ଧି, ଭବିଷ୍ୟତ ପାଇଁ ପ୍ରସ୍ତୁତ ଏବଂ ଗତିଶୀଳ (ଭାଇବ୍ରାଣ୍ଟ) କରିବା ପାଇଁ ସମସ୍ତସ୍ତରରେ ସମବାୟ ପ୍ରତିଷ୍ଠାନକୁ ସୁଦୃଢ଼ କରିବା, ମାନବ ସମ୍ବଳ ଏବଂ ସଦସ୍ୟଙ୍କ ଦକ୍ଷତାରେ ନିରନ୍ତର ଉନ୍ନତି କରିବା, ବୃତ୍ତିଗତ ଦକ୍ଷତାକୁ ପ୍ରୋତ୍ସାହନ ଏବଂ ସମବାୟକୁ ରୂପାନ୍ତରିତ କରିବା, ଯୁବପିଢ଼ି ଏବଂ ମହିଳାମାନଙ୍କୁ ଉଦ୍ୟୋଗୀ ମନୋଭାବ ସହିତ ଏହି କ୍ଷେତ୍ରରେ ଯୋଗଦାନ କରିବାକୁ ଉତ୍ସାହିତ କରିବା, ସମସ୍ତ ଅଂଶୀଦାରଙ୍କ ମଧ୍ୟରେ ସକ୍ରିୟ ସମବାୟ ଆନ୍ଦୋଳନକୁ ପ୍ରୋତ୍ସାହିତ କରିବା ଆଦି ଏହି ଚିଠା ନୀତିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଏହି ଓଡ଼ିଶା ରାଜ୍ୟ ସମବାୟ ନୀତି -୨୦୨୫ ଚିଠା ପ୍ରସ୍ତାବ ଉପରେ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ଆଞ୍ଚଳିକ କର୍ମଶାଳାମାନ ଆୟୋଜନ କରାଯାଉଛି। ଏଥିରେ ସମବାୟ ସଂସ୍ଥା ପ୍ରତିନିଧି, ସମବାୟଅଧିକାରୀ, ବୁଦ୍ଧିଜୀବୀ, ଚାଷୀ ତଥା ଏହାର ସହଭାଗୀ ଏବଂ ସମ୍ବନ୍ଧିତ ବିଶେଷଜ୍ଞମାନଙ୍କଠାରୁ ପ୍ରସ୍ତାବ ଆହ୍ୱାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଆଜି ସମ୍ବଲପୁରଠାରେ ପଶ୍ଚିମ ଓଡ଼ିଶାର ୮ଟି ଜିଲ୍ଲା - ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ଦେବଗଡ଼, ବଲାଙ୍ଗୀର, ସୁବର୍ଣ୍ଣପୁର, ନୂଆପଡ଼ା

ଓ ସୁନ୍ଦରଗଡ଼କୁ ନେଇ ଆଞ୍ଚଳିକ କର୍ମଶାଳା ଆୟୋଜନ କରାଯାଇଥିଲା।

ରାଜ୍ୟ ସରକାରଙ୍କ ସମବାୟ ବିଭାଗ ଆନୁକୂଲ୍ୟରେ ଆନ୍ତର୍ଜାତୀୟ ସମବାୟ ବର୍ଷ ୨୦୨୫ ଉପଲକ୍ଷେ ଆଜି ପୂର୍ବାହ୍ନରେ ଦୁର୍ଗାପାଲିସ୍ଥିତ ଏକ ଘରୋଇ ହୋଟେଲ ପ୍ରେକ୍ଷାଳୟରେ ଓଡ଼ିଶା ରାଜ୍ୟ ସମବାୟ ନୀତି ୨୦୨୫କୁ ନେଇ ଏକ ଆଞ୍ଚଳିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହା 'କୋ-ଅପରେଟିଭ୍ସ ବିଲ୍ଡ ଏ ବେଟର୍ ୱାର୍ଲଡ' ଉପରେ ଆଧାରିତ ଥିଲା। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଡ୍ରାଫ୍ଟିଂ କମିଟି ସଦସ୍ୟ ଜଜ୍ଞେଶ୍ୱର ବାବୁ, ଆଇଆର୍ଏମ୍ଏ ଅବସରପ୍ରାପ୍ତ ତଥା ଡ୍ରାଫ୍ଟିଂ କମିଟି ସଦସ୍ୟ ପ୍ରଫେସର ହରେକୃଷ୍ଣ ମିଶ୍ର, ଡ୍ରାଫ୍ଟିଂ କମିଟି ସଦସ୍ୟ ଅବସରପ୍ରାପ୍ତ ଆଇଏଏସ୍ ଗୋପବନ୍ଧୁ ଶତପଥୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତିନିଧି ଚନ୍ଦ୍ରଶେଖର ପଣ୍ଡା ଏବଂ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ପ୍ରତିନିଧି ବିଭୂତି କଲ୍ୟାଣ ପଟେଲ ମଞ୍ଚାସୀନ ଥିଲେ।

ଜିଲ୍ଲାପାଳ ଶ୍ରୀ ବୋନ୍ଦର ସମବାୟ ଅଭିକଳ୍ପନା ଓ ନୀତି ସଂସ୍କାର ଉପରେ ମତାମତ ରଖି କହିଥିଲେ ଯେ, ସମବାୟ ସଂସ୍ଥାମାନେ ଗ୍ରାମୀଣ ଅର୍ଥନୀତି ଓ ସାମାଜିକ ଉନ୍ନତିର ଏକ ମୁଖ୍ୟ ଅଭିନ୍ନ ଅଂଶ। ସେଥିପାଇଁ ସମବାୟ ସଂସ୍ଥା ମାନଙ୍କୁ ଅଧିକ ସକ୍ରିୟ ଓ ସ୍ୱୟଂସମର୍ଥ ହେବାପାଇଁ ସମୟୋପଯୁକ୍ତ କ୍ଷମତା ଗଠନ (କେପାସିଟି ବିଲ୍ଡିଂ) ଆବଶ୍ୟକ। ସେମାନଙ୍କୁ ଭଲ କାମ କରିବାପାଇଁ କେବଳ ପ୍ରୋତ୍ସାହନ ନୁହେଁ ବରଂ ସମବାୟ ଅଭିକଳ୍ପନାରେ ଆନ୍ତର୍ଜାତୀୟ ସହଭାଗିତା ଓ ଗ୍ଲୋବାଲ୍ ଲିଙ୍କେଜ୍ର ମଧ୍ୟ ଆବଶ୍ୟକତା ରହିଛି। ଓଡ଼ିଶାର ସ୍ୱଦେଶୀ ଉତ୍ପାଦନ ସମୂହ ପାଇଁ ଜିଆଇ (ଜିଓଗ୍ରାଫିକାଲ ଇଣ୍ଡିକେସନ୍) ଟ୍ୟାଗ୍ ମିଳିଲେ ସେଗୁଡ଼ିକ ଆନ୍ତର୍ଜାତୀୟ ବଜାରରେ ପରିଚିତ ହେବ ଓ ଉତ୍ପାଦକମାନଙ୍କ ଆୟ ବୃଦ୍ଧି ହୋଇପାରିବ ଯେଉଁଥିପାଇଁ ସ୍ୱଦେଶୀ ଉତ୍ପାଦନର ଡିଜିଟାଲାଇଜେସନ୍ ମାଧ୍ୟମରେ ବିପଣନୀକରଣ (ମାର୍କେଟିଂ) ବିକାଶ କରାଇବାର ଆବଶ୍ୟକତା ରହିଛି ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଦେବଗଡ଼ ଡିଆରସିଏସ୍ ଭୀମସେନ ସାହୁ ସ୍ୱାଗତ ବକ୍ତବ୍ୟ ରଖିଥିବାବେଳେ ଶେଷରେ ବରଗଡ଼ ଡିଆରସିଏସ୍ ଯୁଗଳ କିଶୋର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ବଲପୁର ଡିଆରସିଏସ୍ ମଧୁସୂଦନ ମେହେର, ଏସ୍ଆରସିଏସ୍ ସୁଶୀଲ ମିଶ୍ର, ଇନ୍ସପେକ୍ଟର ପୂର୍ଣ୍ଣଚନ୍ଦ୍ର ମରେଇ ତଥା ଡିଆରସିଏସ୍ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

'ଆପଣଙ୍କ ପୁଞ୍ଜି, ଆପଣଙ୍କ ଅଧିକାର' ସଚେତନତା ଶିବିର

ସମ୍ବଲପୁର, ୧୬।୧୦(ସମିସ): ଭାରତୀୟ ଷ୍ଟେଟ ବ୍ୟାଙ୍କ ଆନୁକୂଲ୍ୟରେ ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ରେ 'ଆପଣଙ୍କ ପୁଞ୍ଜି, ଆପଣଙ୍କ ଅଧିକାର' ଶୀର୍ଷକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ଏବଂ ଅନ୍ୟାନ୍ୟ ଆର୍ଥିକ ସଂସ୍ଥାରେ ପଡ଼ି ରହିଥିବା ପୁଞ୍ଜିର ଦ୍ରୁତ ଓ ସରଳ ଦାବି ସମାଧାନ ଦିଗରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ

ଶିବିର ଆୟୋଜନ କରାଯାଇଥିଲା। ସାରା ଦେଶରେ ପ୍ରଥମ ପର୍ଯ୍ୟାୟରେ ୨୫ଟି ଜିଲ୍ଲା ଓ ଓଡ଼ିଶାର ଦୁଇଟି ଜିଲ୍ଲା ମଧ୍ୟରୁ ସମ୍ବଲପୁର ଜିଲ୍ଲାରେ ଏହି ସଚେତନତା କାର୍ଯ୍ୟକ୍ରମ ଆଜି ଶୁଭାରମ୍ଭ ହେଲା।

କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଅତିଥି, ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ଆବାହକ ଏବଂ ୟୁକୋ ବ୍ୟାଙ୍କ ମୁଖ୍ୟ ମହାପ୍ରବନ୍ଧକ ଗୌତମ ପାତ୍ର ମୁଖ୍ୟ ବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ସମ୍ବଲପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୋଦିନୀ ନାୟକ ସମ୍ମାନିତ ଅତିଥି, ରିଜର୍ଭ ବ୍ୟାଙ୍କର ଲିଡ୍ ଡିଷ୍ଟ୍ରିକ୍ଟ ଅଫିସର୍ ମୌସୁମୀ ସା ଯୋଗ ଦେଇଥିଲେ। ଭାରତୀୟ ଷ୍ଟେଟ ବ୍ୟାଙ୍କର ଉପ-ମହାପ୍ରବନ୍ଧକ ସଞ୍ଜୟ କୁମାର ଝା ସଭାପତିତ୍ୱ କରିଥିବାବେଳେ କାର୍ଯ୍ୟକ୍ରମର ଆବାହକ ଭାରତୀୟ ଷ୍ଟେଟ ବ୍ୟାଙ୍କର କ୍ଷେତ୍ରୀୟ ଅଧିକାରୀ ମାନସ ରଞ୍ଜନ ପ୍ରଧାନ ମଞ୍ଚାସୀନ ଥିଲେ। ଅତିଥିମାନେ ନିଷ୍କ୍ରିୟ ପୁଞ୍ଜିର ସରଳ ଓ ଦ୍ରୁତ ଦାବି ସମାଧାନ ବାବଦରେ ପ୍ରାଞ୍ଜଳ ଭାବରେ ସୂଚନା ଦେଇଥିଲେ। ଏହି ସଭାରେ ଅତିଥି ମାନଙ୍କ ଦ୍ୱାରା ୬ଜଣ ହିତାଧିକାରୀଙ୍କୁ ସେମାନଙ୍କ ନିଷ୍କ୍ରିୟ ଜମା ପୁଞ୍ଜିର ଦାବି ଅର୍ଥକୁ ଚେକ୍ ଆକାରରେ ପ୍ରଦାନ କରାଯାଇଥିଲା। ସଭା ପ୍ରାରମ୍ଭରେ ଓ ଶେଷରେ ସରକାର ଓ ରିଜର୍ଭ ବ୍ୟାଙ୍କ ଦ୍ୱାରା ଜାରି କରାଯାଇଥିବା ଶିକ୍ଷଣୀୟ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ଭାରତୀୟ ଷ୍ଟେଟ ବ୍ୟାଙ୍କ ବୁର୍ଲା ଶାଖାର ମୁଖ୍ୟ ପ୍ରବନ୍ଧକ ଶୁଭଦା ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ଶିବିରରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ସହିତ ଅନ୍ୟାନ୍ୟ ବ୍ୟାଙ୍କ, ବୀମା କମ୍ପାନୀ, ମ୍ୟୁଚୁଆଲ ଫଣ୍ଡ କମ୍ପାନୀ ଅଧିକାରୀମାନେ ଅଂଶଗ୍ରହଣ ଗ୍ରହଣ କରିଥିଲେ ଏବଂ ସେମାନଙ୍କ କ୍ୟାମ୍ପ ସ୍ଥାପନ କରିଥିଲେ। ଉପସ୍ଥିତ ଜନସାଧାରଣଙ୍କ ବ୍ୟାଙ୍କ କାରବାର ଓ କେୱାଇସି ନବୀକରଣ ପାଇଁ ଗ୍ରାହକ ସେବା କେନ୍ଦ୍ରର ପରିଚାଳକ ମାନଙ୍କ ଦ୍ୱାରା ମଧ୍ୟ କ୍ୟାମ୍ପ ସ୍ଥାପନ କରାଯାଇଥିଲା।

ବନ୍ଧୁକ ଜବତ, ୨ ଗିରଫ

ସମ୍ବଲପୁର, ୧୬।୧୦(ସମିସ): ସମ୍ବଲପୁରରୁ ଝାରସୁଗୁଡ଼ାକୁ ବନ୍ଧୁକ ବିକ୍ରୟ ପାଇଁ ନେଉଥିବାବେଳେ ପୁଲିସ ପାଟ୍ରୋଲିଂ ଦଳ ଚଢ଼ଉ କରି ବନ୍ଧୁକ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୁଲିସର ସୂଚନା ଅନୁଯାୟୀ, ଆଜି ସମ୍ବଲପୁରରୁ ହୁଣ୍ଡାଇ ଆଇ-୨୦ କାର୍ ଯୋଗେ ଦୁଇଜଣ ଝାରସୁଗୁଡ଼ାକୁ ଯାଉଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପାଟ୍ରୋଲିଂ ଦଳ ଚଢ଼ଉ କରି ସେମାନଙ୍କଠାରୁ ଦେଶୀ ଅଟୋମେଟିକ ପିସ୍ତଲ ୭.୬୫ ମିମି ଓ ଗୋଟିଏ ଖାଲି ଗୁଳି ଏବଂ ଦେଶୀ ସିଙ୍ଗଲ ସଟ୍ ଗନ୍ ଜବତ କରିବାସହ ଦୁଇଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଝାରସୁଗୁଡ଼ା ଜିଲ୍ଲା ବନମାଳ ଥାନା ମାଲଦାର ସିଦ୍ଧାନ୍ତ କିସାନ (୨୬) ଓ ଯୁଧିଷ୍ଠିର କିସାନ (୨୬)। ସେମାନଙ୍କଠାରୁ ଉପରୋକ୍ତ ବନ୍ଧୁକ ସହ ୩ଟି ମୋବାଇଲ ଫୋନ ଓ ହୁଣ୍ଡାଇ କାରଟିକୁ ପୁଲିସ ଜବତ କରିଛି। ସେମାନେ ବନ୍ଧୁକ ବିକ୍ରି କରିବା ପାଇଁ ନେଉଥିବା ପୁଲିସ କହିଛି। ରେଙ୍ଗାଲି ଥାନା କେସ୍ ନଂ. ୨୩୧/୨୦୨୫ରେ ମାମଲା ରୁଜୁ ହୋଇଥିବାବେଳେ ଉଭୟ ଅଭିଯୁକ୍ତଙ୍କୁ ପୁଲିସ କୋର୍ଟଚାଲାଣ କରିଛି।

ବ୍ୟବସାୟୀଙ୍କୁ ଛୁରିରେ ଆକ୍ରମଣ, ଯୁବକ ଗିରଫ

ରେଢ଼ାଖୋଲ, ୧୬।୧୦ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ପୁରୁଣା ପେଟ୍ରୋଲ ପମ୍ପ ସ୍ଥିତ ବିଦେଶୀ ମଦ ଦୋକାନ ନିକଟରେ ବୁଧବାର ବିଳମ୍ବିତ ରାତିରେ ଜଣେ କୁକୁଡ଼ା ଦାନା ବ୍ୟବସାୟୀଙ୍କୁ ଛୁରିରେ ଆକ୍ରମଣ ହେବା ଫଳରେ ବ୍ୟବସାୟୀ ଜଣକ ଗୁରୁତର ହୋଇଥିବା ବେଳେ ତାଙ୍କ ଗାଡ଼ି ଡ୍ରାଇଭର ଆହତ ହୋଇଛନ୍ତି। ସୂଚନା ଯୋଗ୍ୟ ଯେ ରେଢ଼ାଖୋଲ ସହରର ଡିମିରିକୁଦାଗ୍ରାମର ବାସିନ୍ଦା ସନ୍ତୋଷ ପ୍ରଧାନ ତାଙ୍କ ଗାଡ଼ିରେ କୁକୁଡ଼ା ଦାନା ନେଇ ସମ୍ବଲପୁରରେ ବିକ୍ରି କରି ଡ୍ରାଇଭର ସହ ଘରକୁ ଫେରୁଥିଲେ ହେଲେ ସହରର ପୁରୁଣା ପେଟ୍ରୋଲ ପମ୍ପ ନିକଟରେ ଦୁଇ ଜଣ ଯୁବକ ଆସି ଗାଡ଼ିକୁ ଅଟକାଇ ଟଙ୍କା ମାଗିଥିବା ଅଭିଯୋଗ ହୋଇଛି। ଟଙ୍କା ନ ଦେବାରୁ ସନ୍ତୋଷ ପ୍ରଧାନ ଓ ତାଙ୍କ ଡ୍ରାଇଭରକୁ ଛୁରିରେ ଆକ୍ରମଣ କରିଥିଲେ। ଫଳରେ ସନ୍ତୋଷ ପ୍ରଧାନଙ୍କ ପେଟରେ ଗଭୀର ଆଘାତ ହୋଇଛି ଏବଂ ଡ୍ରାଇଭର ଜଣକ ଆହତ ହୋଇଛନ୍ତି। ଏଥିରେ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ଅଧିକ ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରଣ କରିଥିଲେ। ଏ ସଂକ୍ରାନ୍ତରେ ସନ୍ତୋଷ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ଆକ୍ରମଣ କରିଥିବା ରେଢ଼ାଖୋଲ ସହରର ନୂଆସାହି ବାସିନ୍ଦା ମଣ୍ଟୁ ପୁରୋହିତକୁ ପୁଲିସ ଗିରଫ କରି ତଦନ୍ତ ଆରମ୍ଭ କରୁଛି।

ଭୀମଭୋଇ ମହାବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ସମ୍ମାନ

ରେଢ଼ାଖୋଲ, ୧୬।୧୦ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରସ୍ଥ ଭୀମଭୋଇ ମହାବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ବିଭାଗ ତରଫରୁ 'ରହସ୍ୟମୟ ବିଶ୍ୱ ବ୍ରହ୍ମାଣ୍ଡ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସମ୍ମାନକୁ ମହାବିଦ୍ୟାଳୟର ପରିଚାଳନା ସଭାପତି ତଥା ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହାନ୍ତ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସେ ବିଶ୍ୱ ସୃଷ୍ଟିର ରହସ୍ୟ ଓ ଉପନିଷଦୀୟ ଦର୍ଶନର ସାମଞ୍ଜସ୍ୟ ବାବଦରେ ଆଲୋଚନା କରିବା ସହ ଛାତ୍ରଛାତ୍ରୀଙ୍କୁ ଏ ପ୍ରସଙ୍ଗରେ ଅଧିକରୁ ଅଧ୍ୟୟନ ପାଇଁ ପରାମର୍ଶ ଦେଇଥିଲେ।

ମହାବିଦ୍ୟାଳୟର ଅଧ୍ୟକ୍ଷ ଅମୂଲ୍ୟ କୃଷ୍ଣ ପାଢ଼ୀ ସ୍ୱାଗତ ଭାଷଣ ଦେବା ସହ ଛାତ୍ରଛାତ୍ରୀ ଜିଜ୍ଞାସୁ ହେବାକୁ ଗୁରୁତ୍ୱ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସହଯୋଗୀ ଜିଲ୍ଲାପାଳ ଶ୍ରୀମତି ସାରଦା ମହାରଣା ଯୋଗ ଦେଇଥିଲେ। ବିଷୟ ବିଶେଷଜ୍ଞ, ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଅରୁଣ କୁମାର ଶାସନୀ ରହସ୍ୟମୟ ବିଶ୍ୱ ବ୍ରହ୍ମାଣ୍ଡ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନରେ ରେଢ଼ାଖୋଲ ଉପଖଣ୍ଡର ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଯୋଗ ଦେଇଥିଲେ। ଶେଷରେ ରାଜନୀତି ବିଜ୍ଞାନର ଅଧ୍ୟାପିକା ସମିତା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ରାମଚନ୍ଦ୍ର ଭୋଇ, ଡ.ଦିବ୍ୟଲୋଚନ ରାଉତ, ଅଞ୍ଜନ କୁମାର ମିଶ୍ର, ମୋତିଲାଲ ପ୍ରଧାନ, ନବୀନ ନାଗଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀମାନେ ଉପସ୍ଥିତ ଥିଲେ।

ଥମୁନି ବାଲି ଚୋରାଚାଲାଣ

୩ ବାଲି ବୋଝେଇ ଗାଡ଼ି ଜବତ, ଚାଳକ ଗିରଫ

ସମ୍ବଲପୁର, ୧୬।୧୦(ସମିସ): ସମ୍ବଲପୁର ଜିଲ୍ଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ମାଟି, ବାଲି ଆଦି ବେଆଇନ ଚୋରାଚାଲାଣ ଅହେତୁକ ଭାବେ ବୃଦ୍ଧି ପାଇଛି। ଗତ ୧୪ ତାରିଖ ଅଇଁଠାପାଲି ଥାନା ଅନ୍ତର୍ଗତ ସିଟି ଷ୍ଟେସନ ପଛପଟେ ସରକାରୀ ଜମିରୁ ବେଆଇନ୍ ମାଟି ଖନନ ଓ ଚାଲାଣବେଳେ ପୁଲିସ ଓ ରାଜସ୍ୱ ବିଭାଗ ପକ୍ଷରୁ ଚଢ଼ଉ କରି ୨ଟି ହାଇୱା ଓ ଗୋଟିଏ ଜେସିବି ଜବତ କରାଯାଇଥିଲା। ଏହାସହ ସମ୍ପୃକ୍ତ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା ଖଣି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ଆଜି ପୁଣି ବେଆଇନ ବାଲି ଚୋରାଚାଲାଣ ବିରୋଧରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଠେଲକୋଲୋଇ ଥାନା ଅନ୍ତର୍ଗତ ଖେରୁଆଲ ସଫେଇ ନଦୀ ଘାଟରୁ ବେଆଇନ ବାଲି ଚାଲାଣ ବେଳେ ପୁଲିସ ବାଲି ବୋଝେଇ ହୋଇଥିବା ଗୋଟିଏ ହାଇୱା, ଗୋଟିଏ ଟ୍ରକ୍ ଏବଂ ଗୋଟିଏ ଟ୍ରାକ୍ଟର ଜବତ କରିବାସହ ଚାଳକ ମାନଙ୍କୁ ଗିରଫ କରିଛି।

ଖେରୁଆଲ ନଦୀ ଘାଟରୁ ବାଲି ଆଣି ବୋଝେଇ କରି ଚାଲାଣ କରୁଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଠେଲକୋଲୋଇ ଥାନାଧିକାରୀଙ୍କ ନେତୃତ୍ୱରେ ଜେଏସ୍ଡବ୍ଲୁ ବିପିଏସ୍ଏଲ୍ ଗେଟ୍ ନଂ. ୪ ନିକଟରେ ଚଢ଼ଉ କରାଯାଇଥିଲା। ଟାଟା ହାଇୱା, ଆଇଚର୍ ଟ୍ରକ୍ ଓ ମହିନ୍ଦ୍ର ଯୁଭୋ ଟ୍ରାକ୍ଟରଟିରେ ବେଆଇନ ବାଲି ବୋଝେଇ ହୋଇଥିଲା। ଗାଡ଼ିର ଚାଳକମାନେ ବାଲି ପରିବହନ ସମ୍ପର୍କିତ ଆବଶ୍ୟକ କାଗଜପତ୍ର ଦେଇପାରିନଥିଲେ। ଗିରଫ ଚାଳକମାନେ ହେଲେ ଯୁଯୋମୁରା ଥାନା ଅନ୍ତର୍ଗତ ମେଘପାଳର ପ୍ରଦୀପ ଲାକ୍ରା (୨୫), ଅଇଁଠାପାଲି ଥାନା ଅନ୍ତର୍ଗତ ଭାଲୁପାଲିର ଘନଶ୍ୟାମ ଯାଦବ (୫୫) ଏବଂ ଝାରସୁଗୁଡ଼ା ଜିଲ୍ଲା ଲଇକେରା ଥାନା ଅନ୍ତର୍ଗତ ତାଲଚଙ୍ଗିର ଉପେନ୍ଦ୍ର କିସାନ (୨୫)। ପୁଲିସ ବାଲି ବୋଝେଇ ଗାଡ଼ିଗୁଡ଼ିକ ଜବତ କରିଥିବାବେଳେ ୩ ଜଣ ଅଭିଯୁକ୍ତ ଚାଳକଙ୍କୁ ଗିରଫ କରିଛି। ଠେଲକୋଲେଇ ଥାନାରେ କେସ ନଂ. ୪୬୧/୨୦୨୫ରେ ଏକ ମାମଲା ରୁଜୁକରି ଏନେଇ ଅଧିକ ତଦନ୍ତ ଜାରି ରହିଥିବା ପୁଲିସ କହିଛି।

ଜମନକିରା ବ୍ଲକ୍ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଜମନକିରା, ୧୬।୧୦ (ସମିସ): ଜମନକିରା ବ୍ଲକ ସମ୍ମିଳନୀ କକ୍ଷରେ ଆଜିଠାରୁ ବ୍ଲକସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ରକ୍ତହୀନତା-ମୁକ୍ତ ପଞ୍ଚାୟତ ପ୍ରଶିକ୍ଷଣ ଦିଆଯାଇଥିବା ବେଳେ ଆସନ୍ତାକାଲି ପୁଷ୍ଟିହୀନତା-ମୁକ୍ତ ପଞ୍ଚାୟତ ଏବଂ ଶେଷଦିନ ଗ୍ରାମୀଣ ପରିମଳ ବିଷୟରେ ପ୍ରଶିକ୍ଷଣ ଦିଆଯିବ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ

ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର ସେଠୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମହିମା ସାହୁ ଯୋଗଦେଇଥିଲେ। ସୁଜାତା ପଣ୍ଡା ମାଷ୍ଟର ଟ୍ରେନର୍ ଭାବରେ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଦେବାଶିଷ ମହାକୁଡ଼ ସିପି, ଦେବରାଜ ଛତ୍ରିଆ ବିସିପି ଏବଂ ରାଜୀବ ସାହୁ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ମୋଟ ୬୮ଜଣ ଏଏନଏମ, ଅଙ୍ଗନବାଡ଼ି କର୍ମୀ ଓ ଆଶାକର୍ମୀ ଅଂଶଗ୍ରହଣ କରିଥିଲେ।







ଅମିତ ଗୁରୁଙ୍କୁ ରାଷ୍ଟ୍ରୀୟ ଗୌରବ ସମ୍ମାନ

ସମ୍ବଲପୁର, ୧୬।୧୦(ସମିସ): ନୂଆଦିଲ୍ଲୀସ୍ଥିତ ପ୍ରେସ୍ କ୍ଲବ ଅଫ୍ ଇଣ୍ଡିଆଠାରେ କଳିଙ୍ଗ ଏଜୁକେସନାଲ ଆଣ୍ଡ ସୋସିଆଲ୍ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ବୁଧବାର ଭାରତରତ୍ନ ଡଃ ଏପିଜେ ଅବଦୁଲ କଲାମଙ୍କ ୯୪ତମ

ଜନ୍ମଜୟନ୍ତୀ ଏବଂ ବିଶ୍ୱ ବିଦ୍ୟାର୍ଥୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସମ୍ବଲପୁର କଂଗ୍ରେସ ଜିଲ୍ଲା ସଭାପତି ଅମିତ କୁମାର ଗୁରୁଙ୍କୁ 'ରାଷ୍ଟ୍ରୀୟ ଗୌରବ ସମ୍ମାନ-୨୦୨୫' ପ୍ରଦାନ କରାଯାଇଛି। ଭାରତ ସରକାରଙ୍କ ସୋସିଆଲ ଜଷ୍ଟିସ ଆଣ୍ଡ ଏମ୍ପାୱାରମେଣ୍ଟ ମନ୍ତ୍ରାଳୟର ଡଃ ଆମ୍ବେଦକର ଫାଉଣ୍ଡେସନ୍‌ର ପୂର୍ବତନ ନିର୍ଦ୍ଦେଶକ ଡଃ ଦେବେନ୍ଦ୍ର ପି. ମାଝିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସେନାବାହିନୀର ପ୍ରାକ୍ତନ ମେଜର ଜେନେରାଲ ପି.କେ ସେହଗାଲ ଏବଂ ମୁଖ୍ୟବକ୍ତା ଭାବେ ଏନ୍ଆଇଇପିଏର ନେସନାଲ ଫେଲୋ ଏବଂ ଏନ୍‌ସିଟିଇର ପୂର୍ବତନ ଚେୟାରପର୍ସନ ପ୍ରଫେସର ଡଃ ସନ୍ତୋଷ ପଣ୍ଡା ଯୋଗ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ଇଣ୍ଡିଆନ ଜର୍ଣ୍ଣାଲିଷ୍ଟ ୟୁନିଅନ୍‌ର ଜାତୀୟ ସାଧାରଣ ସମ୍ପାଦକ ସୁଜ୍ଞାନ ଚୌଧୁରୀ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ବିଜେପିର ଜାତୀୟ ପ୍ରବକ୍ତା ଡଃ ରନ୍‌ବିର କୁମାର ସିଂହ, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ ସୁମନ ହଂସରାଜ, ଏସ୍ଏସ୍ଆର୍‌ୟୁ ବିଶ୍ୱବିଦ୍ୟାଳୟ, ଦିଲ୍ଲୀର ଚେୟାରମ୍ୟାନ ଡଃ କେ. ଯୋଗେଶଙ୍କ ସହ ଆଲାହାବାଦ ବିଶ୍ୱବିଦ୍ୟାଳୟ, ପ୍ରୟାଗରାଜ, ଉତ୍ତରପ୍ରଦେଶର ପ୍ରାକ୍ତନ କୁଳପତି ପ୍ରଫେସର ପି.କେ ସାହୁ, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଓ ଆଷ୍ଟ୍ରୋ ଫିଜିକ୍ସ ବିଭାଗର ପ୍ରଫେସର ଅଜିତ କୁମାର ମହାପାତ୍ର, ବିଶିଷ୍ଟ ସାମାଜିକ କର୍ମୀ ସହଦେବ ଖଟୁଆ ପ୍ରମୁଖ ଯୋଗ ଦେଇଥିଲେ।

ଅବ୍ୟବସ୍ଥା ଘେରରେ ଷଣ୍ଢପଥର ଏସ୍ଏସ୍ଡି +୨ ବିଜ୍ଞାନ କଲେଜ

ଜମନକିରା, ୧୬।୧୦(ସମିସ): ସରକାରୀ ଏସଏସଡି ଉଚ୍ଚ ମାଧ୍ୟମିକ ବିଜ୍ଞାନ ବିଦ୍ୟାଳୟ ଷଣ୍ଢପଥରରେ ଘୋର ଅବ୍ୟବସ୍ଥା ଲାଗି ରହିଛି। ଛାତ୍ରଛାତ୍ରୀମାନେ ବୁଧବାର ଶ୍ରେଣୀ ବର୍ଜନ କରି ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଖବରପାଇ ଜମନକିରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର ସେଠୀ, ତହସିଲଦାର ଜମନକିରା ପ୍ରବୀଣ ବିଲୁଙ୍ଗ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଐଶ୍ୱର୍ଯ୍ୟ ନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ସମ୍ବଲପୁର ମୃତ୍ୟୁଞ୍ଜୟ ବଡ଼ପଣ୍ଡା ପ୍ରମୁଖ ଅଧିକାରୀଗଣ ଛାତ୍ରଛାତ୍ରୀଙ୍କୁ ବୁଝାଶୁଝା କରିଥିଲେ। ବିଦ୍ୟାଳୟରେ ଦୀର୍ଘଦିନ ହେବ ପଦାର୍ଥ ବିଜ୍ଞାନ ଶିକ୍ଷକ ଅଭାବରୁ ପଢ଼ା ଯାଉନଥିବା ଓ ଗଣିତ ଶିକ୍ଷାଦାନ ଶିକ୍ଷକ ପଦବୀ ଖାଲି ପଡ଼ିଥିବାରୁ ପାଠପଢ଼ା ଠପ୍ ହୋଇ ଯାଇଥିବାରୁ ଏହି ଚରମ ପଦକ୍ଷେପ ନେଇଥିବାର ସୂଚନା ମିଳିଛି। ବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଦୀର୍ଘ ୩ ମାସ ହେବ ଚାକିରିରୁ ଇସ୍ତଫା ପତ୍ର ପ୍ରଦାନ କରିଥିବା ବେଳେ ଏହି ମାସରେ ଗଣିତ ଅଧ୍ୟାପିକା ଚାକିରି ଛାଡ଼ିଛନ୍ତି। ଏହି ବିଦ୍ୟାଳୟରେ ଜଣେ ଅଧ୍ୟାପକ ଓ ଜଣେ ଅଧ୍ୟାପିକା ଭାରପ୍ରାପ୍ତ ଅଧ୍ୟକ୍ଷାଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରେ କେତେଜଣ ଅଭିଭାବକ ଅଧ୍ୟକ୍ଷାଙ୍କ ବିରୁଦ୍ଧରେ ଅଭିଯୋଗ ଆଣିଥିବାରୁ ତାହାର ମଧ୍ୟ ଅନୁସନ୍ଧାନ ଅଦ୍ୟାବଧି ଚାଲୁରହିଛି। ଛାତ୍ରଛାତ୍ରୀ ମାନଙ୍କଠାରୁ ବିଦ୍ୟାଳୟ ପରିତ୍ୟାଗ ସାର୍ଟିଫିକେଟ ନେବାବେଳେ ଟଙ୍କା ଅସୁଲି ମାମଲା ମଧ୍ୟ ଅନୁସନ୍ଧାନ ହୋଇଥିଲା, କିନ୍ତୁ ଆଜି ପର୍ଯ୍ୟନ୍ତ କିଛି କାର୍ଯ୍ୟାନୁଷ୍ଠାନ ହୋଇ ପାରିନାହିଁ।

ନବ ନିର୍ମିତ କଲ୍ୟାଣ ମଣ୍ଡପରୁ ଜବରଦଖଲ ଉଚ୍ଛେଦ

କୁଚିଣ୍ଡା, ୧୬।୧୦(ସମିସ)

ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସହରାଞ୍ଚଳ ୱାର୍ଡ ନଂ-୯ ବାବା କୁଣ୍ଡେଶ୍ୱର ଶିବ ମନ୍ଦିର ସମ୍ମୁଖରେ ଏନ୍ଏସି ପକ୍ଷରୁ ଏକ କଲ୍ୟାଣ ମଣ୍ଡପ ନିର୍ମାଣ କାମ ଚାଲିଛି। ଏହି କଲ୍ୟାଣ ମଣ୍ଡପ ପରିସରରେ ରହିଥିବା ସରକାରୀ ଜମିରେ ଦୁଇଟି ଘର ରହିଥିଲା। ପ୍ରଶାସନ ପକ୍ଷରୁ ସରକାରୀ ଜମିରୁ ଉଠିଯିବାକୁ ସୁଦନ ଖଣ୍ଡା ଓ ବନ୍ତ ସାହୁ ନାମକ ଜଣେ ମହିଳାଙ୍କୁ ନୋଟିସ ଦିଆଯାଇଥିଲା। ମାତ୍ର ଏମାନେ ପ୍ରଶାସନ ପକ୍ଷରୁ ଦିଆ ଯାଇଥିବା ନୋଟିସକୁ ଭ୍ରୂକ୍ଷେପ ନ କରିବାରୁ ଗୁରୁବାର ପୂର୍ବାହ୍ନରେ କୁଚିଣ୍ଡା

ଏନ୍ଏସ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋରଞ୍ଜନ ସୁନା, ତହସିଲଦାର ସରିତା ଓରାମଏବଂ ପୁଲିସ ସହାୟତାରେ ଘରକୁ ଜେସିବି ଲଗାଇ ଭାଙ୍ଗି ମାଟିରେ ମିଶାଇ ଦେଇଥିବା ଦେଖିବାକୁ ମିଳିଥିଲା। ପୁଲିସ ଘର ଭାଙ୍ଗୁ ଥିବା ସମୟରେ ଜବରଦଖଲକାରୀ କୁଚିଣ୍ଡାରେ ବହୁ ଲୋକ ସରକାରୀ ଜମିରେ ଘର ନିର୍ମାଣ କରି ରହିଛନ୍ତି ସମସ୍ତଙ୍କୁ ତୁରନ୍ତ ବେଦଖଲ କରାଯାଉ ବୋଲି ଦାବି କରିଥିଲେ। ବନ୍ତ ସାହୁ ନିଃସହାୟ ମହିଳାଙ୍କ ରହିବା ପାଇଁ ଅନ୍ୟ ସ୍ଥାନ ନ ଥିବାରୁ ଏନ୍ଏସି ପକ୍ଷରୁ ତୁରନ୍ତ ଉକ୍ତ ମହିଳାଙ୍କ ପାଇଁ ଥଇଥାନ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ ନିଃସହାୟ ମହିଳାଙ୍କୁ ଅସ୍ଥାୟୀ ଭାବେ ମୁକ୍ତାକାଶ ଧର୍ମଶାଳାରେ ରଖି ଏନନ୍ଏସି ପକ୍ଷରୁ ମହିଳାର ସେବା ଯତ୍ନ ପାଇଁ କିଛି ମହିଳା କର୍ମଚାରୀଙ୍କୁ ନିୟୋଜିତ ରଖାଯାଇଛି।ମହିଳାଙ୍କୁ ଥଇଥାନ ପରେ ସରକାରଙ୍କ ନିର୍ଦ୍ଦେଶ ଆସିବା ପରେ ଘରକୁ ଭଙ୍ଗା ଯିବ ବୋଲି ଏନ୍ଏସି ପକ୍ଷରୁ ପ୍ରକାଶ।

୬୩୦ ଫୁଟ୍‌ରେ ହୀରାକୁଦ ଜଳସ୍ତର, ପୁଣି ଖୋଲିଲା ଗେଟ୍

ସମ୍ବଲପୁର, ୧୬।୧୦(ସମିସ): ହୀରାକୁଦ ଜଳଭଣ୍ଡାରର ଉପର ଓ ତଳମୁଣ୍ଡରେ ବର୍ଷା ବନ୍ଦ ହୋଇଯାଇଥିବା ବେଳେ ଗୁରୁବାର ସକାଳୁ ହୀରାକୁଦ ଜଳସ୍ତର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ରହିଛି। ପ୍ରବେଶ ଜଳ ପରିମାଣ ହ୍ରାସ ପାଇଥିବା ସତ୍ତ୍ୱେ ଆଜି ସନ୍ଧ୍ୟାରେ ପୁଣି ଗୋଟିଏ ଗେଟ୍ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଗୁରୁବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୩୦ ଫୁଟ୍ ରହିଛି। ସନ୍ଧ୍ୟା ୬ଟା ୧୫ ମିନିଟ ସମୟରେ ନଦୀବନ୍ଧର ବାମ ପାର୍ଶ୍ୱର ଗୋଟିଏ ସ୍ଲୁଇସ୍ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩୬, ୬୨୫ ଘନଫୁଟ୍ ଜଳ ପ୍ରବେଶ କରୁଥିବାବେଳେ ସ୍ପିଲୱେ, ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୫୩, ୦୬୫ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୮.୩୯ ଫୁଟ୍ ରହିଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

ଅସିଚାଳନା ପ୍ରତିଯୋଗିତାର ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା

ସମ୍ବଲପୁର, ୧୬।୧୦(ସମିସ): କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିଅମରେ ଆୟୋଜିତ ଚତୁର୍ଥ ଓଡ଼ିଶା ଆନ୍ତଃ-ଜିଲ୍ଲା ଅସିଚାଳନା ପ୍ରତିଯୋଗିତା ୨୦୨୫-୨୬ରେ ସମ୍ବଲପୁର ଜିଲ୍ଲାର ପ୍ରତିଯୋଗୀ ବରେନ୍ୟା ଗୌତମୀ ବାର୍ଲା ଓ ଡଲିରାଣୀ ମାଝୀ ସ୍ୱର୍ଣ୍ଣ ପଦକ ଜିଣିଥିବାବେଳେ ସୁଲଗ୍ନା ଶେଉଳ ରୌପ୍ୟ ପଦକ ଓ ହର୍ଷିତା ନାୟକ କାଂସ ପଦକ ଜିତିଛନ୍ତି। ଆଜି ପଦକ ବିଜେତାଙ୍କ ସହ ଅନ୍ୟମାନେ ଜିଲ୍ଲାପାଳଙ୍କୁ ସାକ୍ଷାତ କରିଛନ୍ତି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସମ୍ବର୍ଦ୍ଧିତ କରିବାସହ ଜାତୀୟସ୍ତରର ପ୍ରତିଯୋଗିତାରେ ସମଗ୍ର ରାଜ୍ୟକୁ ଗୌରବାନ୍ୱିତ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଡ.ସତ୍ୟନାରାୟଣ ତାଣ୍ଡି ଏବଂ କୋଚ ରଶ୍ମିତା ପୁରୋହିତ ଉପସ୍ଥିତ ଥିଲେ।

ବୁର୍ଲା ମୁଖ୍ୟବନ୍ଧ ବିଭାଗ ଟେଣ୍ଡର ଦୁର୍ନୀତି ଅଭିଯୋଗ

ସମ୍ବଲପୁର, ୧୬।୧୦(ସମିସ): ବୁର୍ଲା ମୁଖ୍ୟବନ୍ଧ ବିଭାଗରେ ଟେଣ୍ଡର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଭାରତୀ କଳା ମଣ୍ଡପ ତିଆରି ନାଁରେ ପ୍ରାୟ ୪୦ ଲକ୍ଷ ଟଙ୍କାର ଦୁର୍ନୀତି ପଦାକୁ ଆସିଛି। ଏହାର କୌଣସି ଏଷ୍ଟିମେଟ୍, ପ୍ଲାନ, କାର୍ଯ୍ୟାଦେଶ ଆଦି ହୋଇନଥିବାବେଳେ ଭୂମିପୂଜା ସମ୍ପୂର୍ଣ୍ଣ ହେଇଥିବା ଜଣାପଡ଼ିଛି। ଏହାକୁ ଆଜି ଦୃଢ଼ ବିରୋଧ କରିଥିଲେ ବୁର୍ଲାର ସଚେତନ ନାଗରିକ। ବିନା ଟେଣ୍ଡରରେ କେମିତି ଭୂମି ପୂଜା ହେଲା ବୋଲି ପ୍ରଶ୍ନ କରିଥିଲେ। ସରକାରୀ ଆଇନ ବ୍ୟବସ୍ଥା ଭିତରେ ଟେଣ୍ଡର କରି କାମ କରିବାକୁ ଆଜି ହୀରାକୁଦ ମୁଖ୍ୟବନ୍ଧ ଚିଫ୍ ଇଞ୍ଜିନିଅରଙ୍କୁ ଅନୁରୋଧ କରିଥିଲେ। ଚିଫ୍ ଇଞ୍ଜିନିଅର ଓପନ୍ ଟେଣ୍ଡର ମଧ୍ୟମରେ କାମ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସଚେତନ ନାଗରିକ କମିଟି ତରଫରୁ ଗିରିଜା ନାୟକ, ଶିବ ଦଳେଇ, ଶାନ୍ତିଲତା କର, ପ୍ରଦୀପ କୁମାର ମିଶ୍ର, ଭୁବନ ବିଶ୍ୱାଳ, ଓକିଲ ଖମାରି, ବବଲୁ କାଦରୀ, ଚୈତନ୍ୟ ଭୋଇ, ଦୀପକ ପ୍ରଧାନ, ଗୌତମ ବେହେରା, ମନୋଜ ଲୁହା ପ୍ରମୁଖ ଉପସ୍ଥିତ ଥିଲେ।

ମହାନଗର ବିଜେଡି ପକ୍ଷରୁ ନବୀନଙ୍କ ଜୟନ୍ତୀ

ସମ୍ବଲପୁର, ୧୬।୧୦(ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ୭୯ତମ ଜନ୍ମଜୟନ୍ତୀକୁ ନେଇ ହୀରାକୁଦ କଳ୍ପତରୁ ଆଶ୍ରମଠାରେ ସମ୍ବଲପୁର ମହାନଗର ବିଜେଡି ପକ୍ଷରୁ ଆଶ୍ରମର ଶିଶୁ ଅନ୍ତେବାସୀଙ୍କୁ ନେଇ ଦୀପ ଜଳାଇ କେକ୍ କାଟି ମିଷ୍ଟାନ୍ନ ବଣ୍ଟନ କରିବା ସହ ତାଙ୍କର ଦୀର୍ଘାୟୁ କାମନା କରି ଜନ୍ମଦିନ ପାଳନ କରାଯାଇଛି। ମହାନଗର ବିଜେଡି ବରିଷ୍ଠ ସଭ୍ୟ ହରଦିପ ସିଂ ଭୁର୍ଜିଙ୍କ ନେତୃତ୍ୱରେ ସତ୍ୟେନ୍ଦ୍ର ଦାଶ, ଶେଷଦେବ ଗୁରୁ, ପ୍ରହଲ୍ଲାଦ ଗୁରୁ, ବିଜେଡି ଜୋନ ସାଧାରଣ ଗଣମାଧ୍ୟମ ସଂଯୋଜକ ସୁବାଷ ଜେନା, ବିଜେଡି ଜିଲ୍ଲା ସାଧାରଣ ଗଣମାଧ୍ୟମ ସଂଯୋଜକ ଦୁଲାଲ ଚନ୍ଦ୍ର ରାୟ, ବିଜୁ ସ୍ମୃତି କମିଟି ଆବାହକ ପ୍ରଶାନ୍ତ ଥାପା, ଯୁବନେତା ବିକାଶ ଖେତ୍ରୀ, ରେଣୁ ମରେଇ, ଆଇନଜୀବୀ ସବିନୟ ପୂଜାରୀ, ମାୟାଧର ଜେନା, ସୁକେଶ ସିଂ, ପ୍ରଶାନ୍ତ ନାୟକ, ସୁରଜ ସିଂ, ବିଶ୍ୱାମିତ୍ର ସାହୁ ପ୍ରମୁଖ ବହୁ ବିଜେଡି କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ।

ବିକାଶ ନର୍ସିଂ କଲେଜରେ ସିପିଆର୍ ସଚେତନତା ସପ୍ତାହ

ସମ୍ବଲପୁର, ୧୬।୧୦(ସମିସ): କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ (ଏମ୍ଓଏଚ୍ଏଫ୍‌ଡବ୍ଲୁ) ଏବଂ ଇଣ୍ଡିଆନ ନର୍ସିଂ କାଉନସିଲର ନିର୍ଦ୍ଦେଶାନୁସାରେ ଆଜି ବିଦ୍ୟା ବିକାଶ ଅନୁଷ୍ଠାନ ସମୂହର ସମ୍ବଲପୁରସ୍ଥିତ

ବିକାଶ ନର୍ସିଂ କଲେଜରେ ସିପିଆର୍ (କାର୍ଡିଓ ପଲ୍‌ମୋନାରୀ ରେସସିଟେସନ୍) ସଚେତନତା ସପ୍ତାହ ଉପଲକ୍ଷେ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ବିକାଶ ହସ୍ପିଟାଲ ସମ୍ବଲପୁରର ଏମର୍ଜେନ୍ସି ମେଡିସିନ୍ ବିଭାଗ ଡାକ୍ତର ପ୍ରଦୀପ ରଜନ୍ନା ତାଙ୍କ ଦଳ ସହିତ ଉପସ୍ଥିତ ହୋଇ ଛାତ୍ରଛାତ୍ରୀଙ୍କୁ ସିପିଆର୍‌ର ଗୁରୁତ୍ୱ, ପ୍ରୟୋଗ ପ୍ରଣାଳୀ ଓ ଜୀବନ ରକ୍ଷାରେ ଏହାର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ସିପିଆର୍ କିପରି କରାଯାଏ ତାହା ପ୍ରଦର୍ଶନ କରିଥିଲେ। ସେ କହିଲେ ଯେ, ସମୟ ବ୍ୟର୍ଥ ନକରି ତୁରନ୍ତ ସିପିଆର୍ ଆରମ୍ଭ କରି ଆମେ ରୋଗୀର ଜୀବନ ବଞ୍ଚାଇପାରିବା।

କାର୍ଯ୍ୟକ୍ରମରେ ବିକାଶ ଅନୁଷ୍ଠାନ ସମୂହର ଚେୟାରମ୍ୟାନ ଜି. ଭାସ୍କର ରାଓ, ନିର୍ଦ୍ଦେଶକ ଜି. ରାମକୃଷ୍ଣ, ମୁଖ୍ୟ ପ୍ରଶାସନିକ ଅଧିକାରୀ ସଞ୍ଜିବ କୁମାର ବାବୁ, ବିକାଶ ନର୍ସିଂ କଲେଜ ଅଧ୍ୟକ୍ଷ ପ୍ରଫେସର ଈଶ୍ୱର ନାଗ, ବିକାଶ କନସେପ୍ଟ ସ୍କୁଲ୍ ଅଧ୍ୟକ୍ଷ ମନୋରଞ୍ଜନ ପତି, ବିକାଶ ସିନିଅର ସେକେଣ୍ଡାରୀ ସ୍କୁଲ ଅଧ୍ୟକ୍ଷା ଡଃ ପୁଷ୍ପିତା ପଣ୍ଡା, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କାର୍ଯ୍ୟବାହୀ ଅଧ୍ୟକ୍ଷ ଡଃ ଦିବ୍ୟସିଂହ ମହନ୍ତ ତଥା ବିକାଶ ନର୍ସିଂ କଲେଜର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀମାନେ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମ ଉଦ୍ଦେଶ୍ୟରେ ଏକ ସଂକ୍ଷିପ୍ତ ନାଟକ ପରିବେଷଣ କରିବା ସହିତ ବିଭିନ୍ନ ପ୍ରକାରର ପୋଷ୍ଟର ତିଆରି କରିଥିଲେ।

ସମନ୍ୱିତ ଶିଶୁ ବିକାଶ ଯୋଜନା ପକ୍ଷରୁ ପୋଷଣ ମାସ

ସମ୍ବଲପୁର, ୧୬।୧୦(ସମିସ): ସମନ୍ୱିତ ଶିଶୁ ବିକାଶ ଯୋଜନା ସମ୍ବଲପୁର ସହରାଞ୍ଚଳ ପକ୍ଷରୁ ନୂଆପଡ଼ା କଲ୍ୟାଣ ମଣ୍ଡପରେ ପ୍ରକଳ୍ପସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ ହୋଇଯାଇଛି।ସ୍ୱାସ୍ଥ୍ୟ ଅଧିକାରୀ ଡା. ମହେନ୍ଦ୍ର ନନ୍ଦ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପୋଷଣଯୁକ୍ତ ଖାଦ୍ୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥି ସମ୍ବଲପୁର ମହାନଗର ନିଗମ ଉପାୟୁକ୍ତ ଭିକ୍ଟର ସୋରେନ୍ ସହରାଞ୍ଚଳରେ ପୋଷଣ କାର୍ଯ୍ୟକ୍ରମର ସଫଳ ରୂପାୟନ କରିବା ଦିଗରେ ଅଙ୍ଗନବାଡ଼ି କର୍ମୀଙ୍କ ଭୂମିକାକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ସମାଜ ମଙ୍ଗଳ ପକ୍ଷରୁ ଏସ୍‌ଡବ୍ଲ୍ୟୁଓ ଜୟନ୍ତୀ ଗଡ଼ତିଆ ଓ ପ୍ରକଳ୍ପ ଅଧିକାରୀ ସୁବାସିନୀ ପଟେଲ ଯୋଗ ଦେଇଥିଲେ। ସହରାଞ୍ଚଳ ସିଡିପିଓ ମିନତୀ ପାଣିଗ୍ରାହୀ ପୋଷଣ ମାସ ୨୦୨୫ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନୀ ଏବଂ ମା'ମାନଙ୍କ ମଧ୍ୟରେ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା କରାଯାଇଥିଲା। ଉତ୍କୃଷ୍ଟ ଖାଦ୍ୟ ପ୍ରସ୍ତୁତ କରିଥିବା ତିନିଜଣ ମା'ଙ୍କୁ ପୁରସ୍କୃତ କରାଯାଇଥିଲା। ପୂର୍ବରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ରଚନା, କ୍ୱିଜ ଓ ତର୍କ ପ୍ରତିଯୋଗିତା ଆୟୋଜନ କରାଯାଇଥିବାବେଳେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ସିଆରପିଏଫ୍ ପକ୍ଷରୁ 'ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ୍ ୬.୦'

ସମ୍ବଲପୁର, ୧୬।୧୦(ସମିସ)

ଭାରତ ସରକାରଙ୍କ ପଦକ୍ଷେପ 'ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ୍ ୬.୦' ଅଧିନରେ ଆଜି ଗୋଶାଳାସ୍ଥିତ କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ (ସିଆରପିଏଫ୍), ଗ୍ରୁପ୍ ସେଣ୍ଟରରେ ଏକ ସାମୂହିକ ଦୌଡ଼ ଆୟୋଜନ କରାଯାଇଥିଲା। ଏହାର ଥିମ୍ ରହିଛି ସ୍ୱଚ୍ଛ ଭାରତ, ସୁସ୍ଥ ଭାରତ। ଏହି କାର୍ଯ୍ୟକ୍ରମ ଡେପୁଟି ଇନ୍ସପେକ୍ଟର ଜେନେରାଲ୍ ସଞ୍ଜୟ କୁମାର ସିଂହଙ୍କ ମାର୍ଗଦର୍ଶନ ଏବଂ ପ୍ରେରଣାରେ ସଫଳତାର ସହିତ ପରିଚାଳିତ ହୋଇଥିଲା। ଏହି ଦୌଡ଼ର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଫୋର୍ସ କର୍ମଚାରୀ ଏବଂ ସ୍ଥାନୀୟ ନାଗରିକଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ଏବଂ ଫିଟନେସ୍ ବିଷୟରେ ସଚେତନତା କରିବା। ତାଙ୍କ ଭାଷଣରେ ଡେପୁଟି ଇନ୍ସପେକ୍ଟର ଜେନେରାଲ ଶ୍ରୀ ସିଂହ କହିଥିଲେ ଯେ 'ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ୍ ୬.୦' ଅଭିଯାନ ଅକ୍ଟୋବର ୨ ତାରିଖ (ଗାନ୍ଧୀ ଜୟନ୍ତୀ)ରେ ଆରମ୍ଭ ହୋଇଥିଲା ଏବଂ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ସେ ସମସ୍ତ ସିଆରପିଏଫ୍ କର୍ମଚାରୀ ଏବଂ ସେମାନଙ୍କ ପରିବାରଙ୍କୁ ସକ୍ରିୟ ଅଂଶଗ୍ରହଣ କରିବା ପାଇଁ ଆହ୍ୱାନ ଦେଇ କହିଥିଲେ ଯେ ନିୟମିତ ବ୍ୟାୟାମ ଏବଂ ସ୍ୱଚ୍ଛତା ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ ହେବା ଉଚିତ। ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟକ ସିଆରପିଏଫ୍ ଅଧିକାରୀ, କର୍ମଚାରୀ ଏବଂ ସେମାନଙ୍କ ପରିବାର ଯୋଗ ଦେଇଥିଲେ।

Format C-7

(for political parties to publish in the newspaper, social media platforms & website of the party)

Information regarding individuals with pending criminal cases, who have been selected as candidates, along with the reasons for such selection, as also as to why other individuals without criminal antecedents could not be selected as candidates

(As per the Commission's directions issued in pursuance of the order dated 13.02.2020 of the Hon'ble Supreme Court in contempt petition © no. 2192 of 2018 in W.P.(C) No. 536/2011)

Name of the Political Party: BIJU JANATA DAL
Name of the Election: BYE- ELECTION TO THE STATE LEGISLATIVE ASSEMBLY OF ODISHA -2025
Name of the State: ODISHA

(1) Name of the Constituency - **71-NUAPADA AC**

Name of the Candidate – **SMT. SNEHANGINI CHHURIA**

Sl. No.			
1.	Criminal Antecedents		
	a.	Nature of the Offence	i. Non-Bailable ii. Non-Bailable iii. Non-Bailable iv. Non-Bailable
	b.	Case No.	i. Bargarh Town PS Case No-36/25 ii. Bargarh Town PS Case No-37/25 iii. Bargarh Town PS Case No-38/25 iv. Bargarh Rural PS Case No-11/25
	c.	Name of the Court	All cases are pending in SDJM Bargarh, District Bargarh
	d.	Whether charges have been framed or not (Yes/No)	i. No ii. No iii. No iv. No
	e.	Date of Conviction, if any	Not Applicable
	f.	Details of punishment undergone, if any	Not Applicable
	g.	Any other information required to be given	All cases posted for appearance
2.	The reasons for the selection of the candidate. Selection shall be with reference to the qualifications, achievements and merit of the candidates and not mere "winnability" at the polls (Not more than 100 words)		The candidate is a dynamic SC women leader, having huge public contact and popularity in this state of Odisha and she has worked hard in bringing social upliftment, particularly for the women, poor and downtrodden and still have zeal and eagerness to bring perceptible changes in the living standard of the people. She is highly qualified with Post Graduate and BED degrees to her credit.
3.	Reasons as to why other individuals without criminal antecedents could not be selected as candidates (not more than 100 words)		In consideration of the above merits, her selection as a candidate to the **71-NUAPADA Assembly Constituency** is more justified than other individuals without criminal antecedents.

(2) Name of the Constituency - **71-NUAPADA AC**

Name of the Candidate – **SMT. SNEHANGINI CHHURIA**

.... and so on

* In the case of election to Council of States or States or election to Legislative Council by MLAs, mention the election concerned in place of name of Constituency.

Sd/-
DEBIPRASAD MISHRA
SENIOR VICE-PRESIDENT,
BIJU JANATA DAL, ODISHA

ପାୱାର ହାଉସ୍ ବାଣ ଦୋକାନକୁ ନେଇ ଅସନ୍ତୋଷ

ରାଉରକେଲା, ୧୬।୧୦(ସମିସ): ଦୀପାବଳି ପୂର୍ବରୁ ପାୱାର ହାଉସ୍ ଅଞ୍ଚଳରେ ବାଣ ବଜାରକୁ ନେଇ ପୁଣି ଥରେ ଅସନ୍ତୋଷ ଦେଖାଦେଇଛି। ପ୍ରଶାସନର ପୁରୁଣା ନିରାପତ୍ତା ଅଞ୍ଚଳରୁ ଦୋକାନକୁ ଏକ ଅସୁରକ୍ଷିତ ଅଞ୍ଚଳକୁ ସ୍ଥାନାନ୍ତରିତ କରିବାର ନିଷ୍ପତ୍ତି ବାଣ ବ୍ୟବସାୟୀଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ସୃଷ୍ଟି କରିଛି। ସୂଚନା ମୁତାବକ, ଗତ ଦଶନ୍ଧି ଧରି ପାୱାର ହାଉସ୍ ପାର୍କିଂ ଲଟ୍, ଆରଏସପି ଜମି ଏବଂ ବାଲ୍ ଗଣେଶ ପୂଜା ଗ୍ରାଉଣ୍ଡ ଅଞ୍ଚଳରେ ବାଣ ଦୋକାନ ପ୍ରତିଷ୍ଠା କରାଯାଇଛି। ଯାହାକୁ ସୁରକ୍ଷିତ ଅଞ୍ଚଳ ଭାବରେ ଘୋଷଣା କରାଯାଇ ଥିଲା। କିନ୍ତୁ ଗତ ବର୍ଷରୁ ଉକ୍ତ ସ୍ଥାନକୁ ନେଇ ବିବାଦ ସୃଷ୍ଟି ହୋଇଥିବା ବେଳେ ଚଳିତ ବର୍ଷ ମଧ୍ୟ ସମାନ ଅଭିଯୋଗ ହୋଇଛି। ପ୍ରଶାସନ ପ୍ରାରମ୍ଭରେ ପୁରୁଣା ନିରାପତ୍ତା ଅଞ୍ଚଳରେ ଦୋକାନ କରିବାକୁ ଅନୁମତି ଦେଇଥିଲା। ଦୋକାନ ନିର୍ମାଣ ମଧ୍ୟ ଶେଷ ହୋଇଥିଲା, କିନ୍ତୁ ପରେ ପ୍ରଶାସନ ହଠାତ୍ ୟୁ-ଟର୍ଣ୍ଣ ନେଇ ସେହି ବଜାରକୁ ପ୍ରତ୍ୟାଖ୍ୟାନ କରି ମ୍ୟୁନିସିପାଲ କଲେଜ ଏବଂ ଘନ ଜନବସତି ସଂଲଗ୍ନ ଅସୁରକ୍ଷିତ ଅଞ୍ଚଳରେ ଏକ ନୂତନ ବାଣ ବଜାର ପ୍ରସ୍ତୁତ କରିବା ଆରମ୍ଭ କରିଥିଲା। ଏହି ନୂତନ ସ୍ଥାନର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି ଯାହାକୁ ନେଇ ବ୍ୟବସାୟୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ଆର୍ଏସ୍‌ପି ନୂତନ ପ୍ଲେଟ୍ ମିଲ୍ ଦ୍ୱାରା ଏସ୍ଓପି ଓ ଏସ୍ଏମ୍‌ପିର ଡିଜିଟାଲ ରୂପାନ୍ତରଣ

ରାଉରକେଲା, ୧୬।୧୦(ସମିସ): କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ଡିଜିଟାଲ୍ ରୂପାନ୍ତରଣ ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ସେଲ୍‌ର ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ନୂତନ ପ୍ଲେଟ୍ ମିଲ୍ ବିଭାଗର ମାନକ ପରିଚାଳନା ପ୍ରକ୍ରିୟା (ଏସଓପି) ଏବଂ ମାନକ ରକ୍ଷଣାବେକ୍ଷଣ ପ୍ରକ୍ରିୟା (ଏସଏମପି)ର ଡିଜିଟାଇଜେସନ୍‌କୁ କାର୍ଯ୍ୟକାରୀ କରି ଏକ ଅଗ୍ରଣୀ ପଦକ୍ଷେପ ଗ୍ରହଣ କରିଛି। ଏହି ସ୍ୱତନ୍ତ୍ର ଡିଜିଟାଲ୍ ପଦକ୍ଷେପକୁ ଅକ୍ଟୋବର ୧୦ ତାରିଖ ଦିନ ନୂତନ ପ୍ଲେଟ ମିଲ ଏବଂ ଏସପିପି ବିଭାଗର ତତ୍କାଳୀନ ସିଜିଏମ ଆର. କେ. ବିସାରେ ଉଦ୍‌ଘାଟନ କରିଥିଲେ। ସେଲ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମଡି)ଙ୍କ ଦୂରଦୃଷ୍ଟି ସମ୍ପନ୍ନ ନିର୍ଦ୍ଦେଶନାମାରେ ଅନୁପ୍ରାଣିତ, ଏହି ଅଭିନବ ପ୍ରକଳ୍ପରେ ଏକ ଅତ୍ୟାଧୁନିକ ୨ ଫୁଟ x ୪ ଫୁଟ ଡିଜିଟାଲ୍ ଡିସ୍‌ପ୍ଲେ ସ୍ଥାପନ କରାଯାଇଛି। ଡିଜିଟାଇଜ୍ ହୋଇଥିବା ଏସଓପି ଏବଂ ଏସଏମ୍‌ପି ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ଷମ ସହ ରକ୍ଷଣାବେକ୍ଷଣ ନିର୍ଦ୍ଦେଶାବଳୀ ଶୀଘ୍ର ଏବଂ ସହଜରେ ଉପଲବ୍ଧ ହୋଇପାରିବ, ଯାହା ଦ୍ୱାରା କାର୍ଯ୍ୟକ୍ଷେତ୍ରର ସୁରକ୍ଷା, ଦକ୍ଷତା ସହ ଉକ୍ତ ବ୍ୟବସ୍ଥାର ନିର୍ଭରଯୋଗ୍ୟତା ବୃଦ୍ଧିରେ ସହାୟକ ହେବ। ଏହି ପଦକ୍ଷେପ ଆରଏସପିର ଡିଜିଟାଲ୍ ପରିବର୍ତ୍ତନ ଯାତ୍ରାରେ ଆଉ ଏକ ନୂତନ ଅଧ୍ୟାୟ ଭାବେ ଯୋଡ଼ି ହୋଇ ଯାଇଥିବା କୁହାଯାଉଛି।

ଓମ୍ବାଡସି ଓଭରସାଇଟ୍ ଅଥରିଟିଙ୍କ ବଣାଇଁ ଗସ୍ତ

ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟର ପରିଦର୍ଶନ ଓ ସମୀକ୍ଷା

ବଣାଇ, ୧୬ ।୧୦(ସମିସ)

ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ (ଓମ୍ବାଡସି) ର ତଦାରଖ ପ୍ରାଧୀକରଣ ଭାବେ ଜଷ୍ଟିସ୍ ଏକେ ପଟ୍ଟନାୟକ ଆଜି ଦିନିକିଆ ବଣାଇଁ ଗସ୍ତରେ ଆସିଛନ୍ତି। ଏହି ଗସ୍ତରେ ସେ ଓମ୍ବାଡସି ପାଣ୍ଠି ବିନିଯୋଗରେ ଖଣି ଅଞ୍ଚଳରେ ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା, ଜଳ ସଂରକ୍ଷଣ ଆଦିର ବିକାଶ ଦିଗରେ କରାଯାଉଥିବା ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରି ଏହାର ସମୀକ୍ଷା କରିଛନ୍ତି। ପ୍ରଥମେ ବଣାଇ ବ୍ଲକ ଅଧୀନ ସରସରା ବଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ସେଠାରେ ଗ୍ରାମାଞ୍ଚଳ ଲୋକଙ୍କ ସ୍ୱାସ୍ଥ୍ୟ ସେବା ବିଷୟ ଅନୁଧ୍ୟାନ କରିବା ସହ ସମନ୍ୱିତ ଭୌତିକ ସେବା ଓ ଆରୋଗ୍ୟ କେନ୍ଦ୍ର ପରିଦର୍ଶନ କରିଥିଲେ। ଏହାଦ୍ୱାରା ଉକ୍ତ ଅଞ୍ଚଳର ଲୋକମାନଙ୍କ ଜୀବନଜୀବିକା ଉପରେ କିପରି ପ୍ରଭାବ ପକାଉଛି ସେ ବିଷୟରେ ମଧ୍ୟ ସ୍ଥାନୀୟ ଲୋକମାନଙ୍କ ସହିତ ପଚାରି ବୁଝିଥିଲେ। ସେହିପରି ଭାବେ ଝିରଡାପାଲି ଠାରେ ଥିବା ଡ୍ରାଇଭିଙ୍ଗ ଟ୍ରେନିଂ ସ୍କୁଲରେ ମିଳୁଥିବା ଶିକ୍ଷା ଓ ସୁବିଧା ବିଷୟରେ ପଚାରି ବୁଝିଥିଲେ। ପରେ ରୁଗୁଡ଼ାସ୍ଥିତ ଦୁଗ୍ଧ ଉତ୍ପାଦନ କେନ୍ଦ୍ରକୁ ଯାଇ ଦୁଗ୍ଧଚାଷୀମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ପରିବେଶର ସୁରକ୍ଷା ପାଇଁ ବଣାଇଁ ବନବିଭାଗ ପକ୍ଷରୁ ବ୍ୟାପକ ଚାରାରୋପଣ କାର୍ଯ୍ୟଦେଖି ଖୁସିବ୍ୟକ୍ତ କରିଥିଲେ। ଏହିଗସ୍ତରେ ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ, ବଣାଇ ବିଡିଓ ଦିବ୍ୟଶଙ୍କର ଜୟପୁରିଆ, ଜିଲ୍ଲା ଡିଏମ୍ଏଫ୍ ସହ ବଣାଇଁ ଉପଖଣ୍ଡର ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ।

ରାମ୍‌କୋ କାରଖାନାରେ ଦୁର୍ଘଟଣାରେ ଶ୍ରମିକ ମୃତ

ରାଉରକେଲା, ୧୬।୧୦ (ସମିସ) : ବୀରମିତ୍ରପୁର ଥାନା ଅଧୀନ ରାମପାଲ ଛକରେ ଥିବା ରାମ୍‌କୋ କାରଖାନାରେ ଆଜି ଏକ ଦୁର୍ଘଟଣାରେ ଜଣେ କାର୍ଯ୍ୟରତ ଶ୍ରମିକର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତ ଶ୍ରମିକ ହେଉଛନ୍ତି ରାଜେଶ ଲାକ୍ରା (୪୩)। ତାଙ୍କଘର ନିକଟବର୍ତ୍ତୀ ରତାଖଣ୍ଡି ଗାଁରେ ବୋଲି ଜଣାପଡ଼ିଛି। ସୂଚନା ମୁତାବକ ରାଜେଶ ଲାକ୍ରା ସହ କିଛି ଶ୍ରମିକ ରାମକୋ କାରଖାନା ପରିସରରେ ନିର୍ମାଣାଧୀନ ଏକ ଘରର ଛାତ ଉପରେ ଚଢି ଆଜବେଷ୍ଟସ୍ ପକାଉଥିଲେ। ତେବେ ଅସାବଧାନତା ଯୋଗୁଁ ହଠାତ୍ ରାଜେଶ ତଳେ ପଡ଼ି ଗୁରୁତର ଭାବେ ଆହତ ହୋଇଥିଲା। ତାଙ୍କୁ ବଞ୍ଚାଇବାକୁ ଯାଇ ସଞ୍ଜୟ କୁମାର ଲାକ୍ରା ନାମକ ଆଉ ଜଣେ ଶ୍ରମିକ ଆହତ ହୋଇଥିବା ଜଣାପଡ଼ିଛି। ସେପଟେ ଗୁରୁତର ରାଜେଶକୁ ହସ୍ପିଟାଲ ନେବା ରାସ୍ତାରେ ତାର ମୃତ୍ୟୁ ଘଟିଥିଲା। ପୁଲିସ ଏ ନେଇ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

ପତ୍ନୀକୁ ତଣ୍ଟିଚିପି ହତ୍ୟା : ସ୍ୱାମୀ ଗିରଫ

ରାଉରକେଲା, ୧୬।୧୦(ସମିସ): କିଞ୍ଜିରକେଲା ଥାନା ବନ୍ଧବାହାଲ ଗାଁରେ ଜଣେ ଯୁବକ ତାଙ୍କ ପତ୍ନୀକୁ ତଣ୍ଟି ଚିପି ହତ୍ୟା କରିଥିବା ସୂଚନା ମିଳିଛି। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ସ୍ୱାମୀକୁ ଗିରଫକରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଉଛି ଅର୍ଜୁନ ସିଂହ(୩୬)। ସୂଚନା ମୁତାବକ ଅଭିଯୁକ୍ତ ହେଉଛି ଅର୍ଜୁନ କୌଣସି କାମଧନ୍ଦା ନ କରି ବେକାର ବୁଲିବା ସହ ମଦ୍ୟପାନ କରୁଥିଲା। ଏହାକୁ ନେଇ ପତ୍ନୀ ସଂଯୁକ୍ତା ସହ ସବୁବେଳେ ତାର ପାଟିତୁଣ୍ଡ ହେଉଥିଲା। ଗତକାଲି ପୁନର୍ବାର ଉଭୟଙ୍କ ମଧ୍ୟରେ ଭୀଷଣ ପାଟିତୁଣ୍ଡ ହୋଇ ଉଗ୍ରରୂପ ଧାରଣ କରିଥିଲା। ଶେଷରେ କ୍ଷୁବ୍ଧ ହୋଇ ସ୍ୱାମୀ ଅର୍ଜୁନ ପତ୍ନୀ ସଂଯୁକ୍ତାର ତଣ୍ଟିଚିପି ଅତ୍ୟନ୍ତ ନିର୍ମମଭାବେ ହତ୍ୟା କରିଥିଲା। ହତ୍ୟାକାଣ୍ଡ ପରେ ସେ ଫେରାର ହୋଇଯାଇଥିଲା। ସୁନ୍ଦରଗଡ଼ ସଦର ଏସଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପୁଲିସ ଆଜି ଅଭିଯୁକ୍ତ ହତ୍ୟାକାରୀ ଅର୍ଜୁନ ସିଂହକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

ଆର୍ଏସ୍‌ପିରେ ସୁରକ୍ଷା ସର୍କଲ୍ ପୁରସ୍କାର ସମାରୋହ

ରାଉରକେଲା, ୧୬।୧୦(ସମିସ): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟସ୍ଥିତ 'ସମାଗମ' ସମ୍ମିଳନୀ କକ୍ଷରେ ସେଫ୍ଟି ସର୍କଲ୍ ପ୍ରତିଯୋଗିତାରେ ଉତ୍କର୍ଷତା ନିମନ୍ତେ ସେଫ୍ଟି ସର୍କଲ୍ ଦଳଗୁଡ଼ିକୁ ପୁରସ୍କୃତ କରାଯାଇଛି। ଏହି ସମାରୋହରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ଅଧ୍ୟକ୍ଷତା କରିବା ସହ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ସୁରକ୍ଷା ଓ ଅଗ୍ନିଶମ ସେବା ବିଭାଗର ସିଜିଏମ ଆଶା ଏସ୍ କାର୍ଥା ମଞ୍ଚାସୀନ ଥିଲେ। ଉଲ୍ଲେଖନୀୟ ଯେ ଏହି ପ୍ରତିଯୋଗିତା ଗତ ସେପ୍ଟେମ୍ବର ୩୦ ତାରିଖରେ ସେଫ୍ଟି ଇଞ୍ଜିନିୟରିଂ ବିଭାଗ (ଏସଇଡି) ଦ୍ୱାରା ଆୟୋଜିତ ହୋଇଥିଲା। ବ୍ଲାଷ୍ଟ ଫର୍ଣ୍ଣେସେସ୍ ବିଭାଗର 'ଉତ୍କର୍ଷ' ସୁରକ୍ଷା ସର୍କଲର ବିଜେତା ଦଳକୁ ୨୫୦୦୦/- ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସେହିଭଳି ନୂତନ ପ୍ଲେଟ୍ ମିଲ୍ ବିଭାଗର 'ସମ୍ପୂର୍ଣ୍ଣ' ସୁରକ୍ଷା ସର୍କଲ୍ ଦଳ ପ୍ରଥମ ରନର୍ସ ଅପ୍ ପୁରସ୍କାର ଭାବେ ୧୫୦୦୦/- ଟଙ୍କା ପୁରସ୍କାର ପାଇଥିବାବେଳେ ଇନ୍‌ଷ୍ଟ୍ରୁମେଣ୍ଟେସନ୍ ଏବଂ ଅଟୋମେସନ ବିଭାଗର 'ପ୍ରଗତି' ସେଫ୍ଟି ସର୍କଲ୍ ଦଳକୁ ଦ୍ୱିତୀୟ ରନର୍ସ ଅପ୍ ପୁରସ୍କାର ଭାବେ ୧୦, ୦୦୦/- ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଫାଇନାଲିଷ୍ଟ ବିଭାଗର ଶ୍ରେଷ୍ଠ ରାଙ୍କିଂ ଥିବା ପ୍ରତ୍ୟେକ ଦଳକୁ ମଧ୍ୟ ୫୦୦୦/- ଟଙ୍କା ପୁରସ୍କାର ମିଳିଥିଲା। ଏହି ଅବସରରେ କାର୍ଯ୍ୟବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ପଲାଇ କର୍ମକ୍ଷେତ୍ରର ସୁରକ୍ଷା ବୃଦ୍ଧି କରିବାରେ ପ୍ରତ୍ୟେକ ବ୍ୟକ୍ତିଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ପ୍ରତିଯୋଗିତାରେ କାରଖାନାର ବିଭିନ୍ନ ବିଭାଗୀୟ ଦଳଗୁଡ଼ିକ ଅଂଶଗ୍ରହଣ କରିଥିଲେ। ଆରଏସପିରେ ସଫଳତାର ସହିତ କାର୍ଯ୍ୟକାରୀ ହୋଇଥିବା ସେଫ୍ଟି ସର୍କଲ୍ ଧାରଣା, ଅସୁରକ୍ଷିତ ପରିସ୍ଥିତିକୁ ସଠିକ ଭାବେ ଚିହ୍ନଟ କରିବା ସହିତ ବିପଦ ହ୍ରାସ କରିବା ପାଇଁ ବ୍ୟବହାରିକ ସମାଧାନ ପରାମର୍ଶ ସହିତ ସପ୍ ବିଭାଗ କର୍ମଚାରୀମାନଙ୍କୁ ସଶକ୍ତ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରୁଛି। ନିୟମିତ ବୈଠକ, ମାନସ ମନ୍ଥନ ଅଧିବେଶନ ଏବଂ ସାଥୀ କର୍ମଚାରୀଙ୍କ ମଧ୍ୟରେ ଶିକ୍ଷା ସହଭାଗିତା ମାଧ୍ୟମରେ, ଏହିସବୁ ଟିମ୍ ଗୁଡ଼ିକ ତୃଣମୂଳସ୍ତରରେ ସୁରକ୍ଷା ଅଭ୍ୟାସକୁ ଆହୁରି ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି।

ସାମାନ୍ୟ ଦୁର୍ଘଟଣାରୁ ମାରପିଟ୍

ରାଉରକେଲା, ୧୬।୧୦(ସମିସ): ଦୁଇ ଗାଡ଼ି ମଧ୍ୟରେ ସାମାନ୍ୟ ଦୁର୍ଘଟଣାରୁ ମାରପିଟ ହୋଇଥିବା ଅଭିଯୋଗ ହୋଇଛି। ମୁଖ୍ୟ ରାସ୍ତାର ମଙ୍ଗଳଭବନ ଛକ ଠାରେ ଗୁରୁବାର ରାତିରେ ଏହି ଘଟଣା ଘଟିଥିଲା। ମୁଖ୍ୟ ରାସ୍ତାରୁ ଏକ ଅଟୋ ପାୱାର ହାଉସ ପାର୍କିଂ ଆଡ଼କୁ ଯାଉଥିଲା। ହଠାତ୍ ବାଇକ୍ ସହ ଧକ୍କା ହୋଇଥିଲା। ଘଟଣାକୁ ନେଇ ଉଭୟ ଗାଡ଼ିର ଚାଳକ ମଧ୍ୟରେ ପାଟିତୁଣ୍ଡ ହୋଇ ମାରପିଟ ହୋଇଥିଲା। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ମାମଲା ଶାନ୍ତ ପଡ଼ିଥିଲା।

ନବୀନ ପଟ୍ଟନାୟକଙ୍କ ଜନ୍ମ ଦିନ ପାଳିତ

ବଣାଇଁ, ୧୬ ।୧୦(ସମିସ): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୯ ତମ ଜନ୍ମ ଦିନ ଅବସରରେ ବଣାଇ ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ତରଫରୁ ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଏକ ରକ୍ତ ଦାନ ଶିବିର ଲହୁଣୀପଡ଼ା କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବଣାଇର ପୂର୍ବତନ ବିଧାୟକ ହେମେନ୍ଦ୍ର ପ୍ରସାଦ ମହାପାତ୍ରଙ୍କ ବିୟୋଗରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ଏହି ରକ୍ତଦାନ ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ରଞ୍ଜିତ କିଷାନ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କମଳ ଲାକ୍ରା, ଜିଲ୍ଲା ପରିଷଦ ସଭ୍ୟ ରାମଚନ୍ଦ୍ର ସାହୁ, ସଭ୍ୟା ଜୁଲିଆଣୀ କାନ୍ଦିର, ସୁଶୀଳା ନାୟକ, ଲହୁଣୀପଡ଼ା ବ୍ଲକ ସଭାପତି ଗୁରୁଚରଣ ସ୍ୱାଇଁ, ବଣାଇଁ ବ୍ଲକ ସଭାପତି ବାଣେଶ୍ୱର ସାହୁ, ପୂର୍ବତନ ବଣାଇଁ ବ୍ଲକ ସଭାପତି ରଘୁନାଥ ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ କେଦାର ମହାନ୍ତ, ପପୁ ମହାନ୍ତି, ସରୋଜ ମଲ୍ଲିକ, ଅଜୟ ନାୟକ, ଉମେଶ ରାୟ, ଅଶୋକ ବେହେରା, କାନ୍ଦୁରୁ କିସାନ, ସୁମିତ୍ରା ଛଦିଆ, ଭୁବନାନନ୍ଦ କିସାନ, ସିଂରାୟ ମୁଣ୍ଡା, ମାଳତୀ କିସାନ, ଦେବାକାନ୍ତ ଯଇଶ୍ୱାଲ, ହରି ମହାନ୍ତ, ଦ୍ରୋପଦୀ କିସାନ, ସତୀନ ମହାନ୍ତ, ସିପୁନ ମିଶ୍ର, ରଞ୍ଜିତ ପାତ୍ର, ହେମନ୍ତ ମହାନ୍ତ, ସରୋଜ ମିଶ୍ର, ଅଜୟ କୁମ୍ଭାର, ଅମିତ ରାୟ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ହୋଇଥିଲେ। ଶିବିରରେ ସମୁଦାୟ୭୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

ରକ୍ତଦାନ ଶିବିର; ୧୦୦ ୟୁନିଟ୍ ସଂଗ୍ରହ

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ୭୯ତମ ଜନ୍ମ ଦିନରେ ଏକ ରକ୍ତଦାନ ଶିବିରର ଆୟୋଜନ ଆରଜିଏଚର ବ୍ଲଡ୍ ବ୍ୟାଙ୍କରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଶୁଭାରମ୍ଭ କରିଥିଲେ। ଏଥିରେ ୧୦୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏଥିରେ ବ୍ଲଡ୍‌ବ୍ୟାଙ୍କ ଡାକ୍ତର, କର୍ମଚାରୀ ଯୋଗଦାନ ଥିଲା। ବିଜେଡିର ନଗର ସଭାପତି ଗଗନ ପଣ୍ଡା, ପ୍ରବକ୍ତା ଜୟନ୍ତ କୁମାର ମିଶ୍ର, ସୁଶନ୍ତ ରାଉତ, ଆଶିଷ ମହାନ୍ତି, ବ୍ରିଜେଶ ମେହେତୋ, ଛବିରାଣୀ ମହାନ୍ତି, ବିଭୂତି ଭୂଷଣ ପୁହାଣ, ଅଭିକ କୁମାର, ମୀନତି ବିଶ୍ୱାଳ, ପିଙ୍କୁ ଜେଶୱାଲ ଏ. ମହାନ୍ତିଙ୍କ ସହ ବିଜେଡିର ବହୁ ନେତା ଓ ସଭ୍ୟ ଯୋଗ ଦେଇଥିଲେ।

ଉଦିତନଗରରେ ଖୋଲିଲା 'ତନିଷ୍କ'ର ନୂଆ ଶୋ' ରୁମ୍

ଧନ୍‌ତରେସ ପାଇଁ ବମ୍ପର ଅଫର ଘୋଷଣା

ରାଉରକେଲା, ୧୬।୧୦(ସମିସ): ରାଉରକେଲା ସହରର ଉଦିତନଗର ନିକଟ ଉପ ଶ୍ରମ କମିଶନ କାର୍ଯ୍ୟାଳୟ ସମ୍ମୁଖରେ 'ତନିଷ୍କ'ର ନୂଆ ଶୋ' ରୁମ୍ ଆଜି ଉଦଘାଟିତ ହୋଇଯାଇଛି। ୧୦, ୦୦୦ ବର୍ଗ ଫୁଟ ଆକାର ବିଶିଷ୍ଟ ଏହି ରିଟେଲ ଶୋ ରୁମ୍ କୁ ଟାଇଟନ୍ କମ୍ପାନୀ ଲିମିଟେଡର ଆଞ୍ଚଳିକ ବ୍ୟବସାୟ ମୁଖ୍ୟ ଶାହା ଗୌରବ କ୍ରିଷ୍ଣା ଉଦଘାଟନ କରିଛନ୍ତି। ଏହି ଅବସରରେ ତନିଷ୍କର ସର୍କଲ ବ୍ୟବସାୟ ପ୍ରବନ୍ଧକ ଅରିନ୍ଦମ ପରମାଣିକ, ରାଉରକେଲା ତନିଷ୍କ ଶୋ'ରୁମର ମାଲିକ ମଞ୍ଜିତ ସିଂହ, ନବପ୍ରିତ୍ ସିଂହ, ବିଶେନ୍ ସିଂହ ଉପସ୍ଥିତ ଥିଲେ। ଧନ୍‌ତରେସର ଅବ୍ୟବହିତ ପୂର୍ବରୁ ରାଉରକେଲା ମେନରୋଡ କଚେରୀ ରୋଡରେ ଖୋଲା ଯାଇଥିବା ଓଡ଼ିଶାର ସର୍ବବୃହତ ତନିଷ୍କ ଶୋରୁମରେ ସୁନା ଓ ହୀରାର ବହୁ ଅତ୍ୟାଧୁନିକ ମନଲୋଭା ଡିଜାଇନର ଅଳଙ୍କାର, ମ୍ରିଗାଙ୍କା, ଗ୍ଲାମଡେଏସ୍, କଲାଇ ଆଦି ଉପଲବ୍ଧ ରହିଛି। ସେପଟେ ଆଉ ଦୁଇ ଦିନ ପରେ ଧନତରେସ ପର୍ବ ଥିବାରୁ ତନିଷ୍କର କର୍ତ୍ତୃପକ୍ଷ ଗ୍ରାହକଙ୍କ ପାଇଁ ଏକ ଆକର୍ଷଣୀୟ ବମ୍ପର ଅଫର ଘୋଷଣା କରିଛନ୍ତି। ପୁରୁଣା ସୁନା ଅଳଙ୍କାର ଏକ୍ସଚେଞ୍ଜ କରି ବିନା କୌଣସି ଡିଡକ୍ସନରେ ପୁରା ଶତ ପ୍ରତିଶତ ସୁନାର ଅଳଙ୍କାର ନେଇ ଯିବାକୁ ଗ୍ରାହକମାନଙ୍କ ପାଇଁ ଘୋଷଣା କରାଯାଇଛି। ଏହାସହ ପ୍ରତି ୧୦ ଗ୍ରାମ୍ ସୁନାଅଳଙ୍କାର କ୍ରୟ କଲେ ୪୫୦ ଟଙ୍କା କ୍ୟାସ ଅଫର ମଧ୍ୟ ଘୋଷଣା କରାଯାଇଛି। ଏହି ଆକର୍ଷଣୀୟ ଅଫର ଆସନ୍ତା ଅକ୍ଟୋବର ୨୧ ତାରିଖ ପର୍ଯ୍ୟନ୍ତ ସୀମିତ ରହିଛି ବୋଲି ଆଜି ଶୋ ରୁମ୍‌ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଆଞ୍ଚଳିକ ବ୍ୟବସାୟ ମୁଖ୍ୟ ଶାହା ଗୌରବ କ୍ରିଷ୍ଣା ଘୋଷଣା କରିଛନ୍ତି। ଏହି ଅବସରରେ ତନିଷ୍କର ସର୍କଲ ବ୍ୟବସାୟ ପ୍ରବନ୍ଧକ ଅରିନ୍ଦମ ପରମାଣିକ କହିଲେ ମାତ୍ର ୧୦୦୦ ବର୍ଗ ଫୁଟର ଏକ ଛୋଟ ଶୋରୁମରୁ ରାଉରକେଲାରେ ଆରମ୍ଭ ହୋଇଥିବା ଏହି ତନିଷ୍କ ଶୋରୁମ ଦୀର୍ଘ ୧୮ ବର୍ଷ ଧରି କେବଳ ରାଉରକେଲା କାହିଁକି ସମଗ୍ର ପଶ୍ଚିମ ଓଡ଼ିଶାରେ ତାର ଗୁଣବତ୍ତା ଓ ବିଶ୍ୱସନୀୟତା ପାଇଁ ଗ୍ରାହକମାନଙ୍କ ପାଖରେ ବେଶ୍ ପ୍ରିୟଭାଜନ ହୋଇପାରିଛି। ରାଉରକେଲା ତନିଷ୍କ ଶୋରୁମର ମାଲିକ ମଞ୍ଜିତ ସିଂହ କହିଲେ ସୁନାଦର ଯେପରି ପ୍ରତିଦିନ ହୁ ହୁ କରି ବଢ଼ିବାରେ ଲାଗିଛି ସେପରିସ୍ଥଳେ ଏକ ସାଧାରଣ ପରିବାର ବାହାଘର ବେଳେ ମନ ଇଚ୍ଛା ଅନୁଯାୟୀ ସୁନା ଅଳଙ୍କାର କ୍ରୟ କରିବା ସମ୍ଭବ ନୁହେଁ। ଏପରି ସ୍ଥଳେ ତନିଷ୍କ ସେହି ବର୍ଗର ଲୋକଙ୍କ ପାଇଁ ଏକ ସୁନ୍ଦର ଅଫର ଭେଟି ଦେବାକୁ ଯାଉଛି। ଜଣେ ବ୍ୟକ୍ତି ମାସକୁ ମାସ ତାଙ୍କର ସାମର୍ଥ୍ୟ ଅନୁଯାୟୀ ସୁନା କ୍ରୟ କରି ଶୋ' ରୁମରେ ଜମା କରିପାରିବେ। ୧୦ ମାସ ସୁନା ଜମା କରିବା ପରେ ସମସ୍ତ ସୁନାକୁ ଅଳଙ୍କାର ଭାବେ ନେଇ ପାରିବେ। ଏତଦବ୍ୟତୀତ ୧୦ ମାସର ମୋଟ ଜମା ଅର୍ଥର ୭୫ ପ୍ରତିଶତ ଟଙ୍କା ଗହଣା ନିର୍ମାଣ ବାବଦକୁ ମଧ୍ୟ ପାଇବେ ବୋଲି ରାଉରକେଲା ତନିଷ୍କ'ର ଅଧ୍ୟକ୍ଷ ମଞ୍ଜିତ ସିଂହ ସୂଚନା ଦେଇଛନ୍ତି। ଏହି ଅବସରରେ ଆଞ୍ଚଳିକ ବ୍ୟବସାୟ ପ୍ରବନ୍ଧକ ବୁଦ୍ଧାଦିତ୍ୟ ଭୌମିକ, ତନିଷ୍କ ରାଉରକେଲା ଶୋରୁମର ମ୍ୟାନେଜର ବିକ୍ରମ କେଶରୀ ପଟେଲ, ମିଡିଆ ସଂଯୋଜକ ସୁବୀର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

Format C-7

(for political parties to publish in the newspaper, social media platforms & website of the party)

Information regarding individuals with pending criminal cases, who have been selected as candidates, along with the reasons for such selection, as also as to why other individuals without criminal antecedents could not be selected as candidates

(As per the Commission's directions issued in pursuance of the order dated 13.02.2020 of the Hon'ble Supreme Court in contempt petition © no. 2192 of 2018 in W.P.(C) No. 536/2011)

Name of the Political Party: BIJU JANATA DAL

Name of the Election: BYE- ELECTION TO THE STATE LEGISLATIVE ASSEMBLY OF ODISHA -2025

Name of the State: ODISHA

(1) Name of the Constituency - **71-NUAPADA AC**

Name of the Candidate – **SMT. SNEHANGINI CHHURIA**

Sl. No.			
1.	Criminal Antecedents		
	a.	Nature of the Offence	i. Non-Bailable ii. Non-Bailable iii. Non-Bailable iv. Non-Bailable
	b.	Case No.	i. Bargarh Town PS Case No-36/25 ii. Bargarh Town PS Case No-37/25 iii. Bargarh Town PS Case No-38/25 iv. Bargarh Rural PS Case No-11/25
	c.	Name of the Court	All cases are pending in SDJM Bargarh, District Bargarh
	d.	Whether charges have been framed or not (Yes/No)	i. No ii. No iii. No iv. No
	e.	Date of Conviction, if any	Not Applicable
	f.	Details of punishment undergone, if any	Not Applicable
	g.	Any other information required to be given	All cases posted for appearance
2.	The reasons for the selection of the candidate. Selection shall be with reference to the qualifications, achievements and merit of the candidates and not mere "winnability" at the polls (Not more than 100 words)		The candidate is a dynamic SC women leader, having huge public contact and popularity in this state of Odisha and she has worked hard in bringing social upliftment, particularly for the women, poor and downtrodden and still have zeal and eagerness to bring perceptible changes in the living standard of the people. She is highly qualified with Post Graduate and BED degrees to her credit.
3.	Reasons as to why other individuals without criminal antecedents could not be selected as candidates (not more than 100 words)		In consideration of the above merits, her selection as a candidate to the **71-NUAPADA Assembly Constituency** is more justified than other individuals without criminal antecedents.

(2) Name of the Constituency - **71-NUAPADA AC**

Name of the Candidate – **SMT. SNEHANGINI CHHURIA**

.... and so on

* In the case of election to Council of States or States or election to Legislative Council by MLAs, mention the election concerned in place of name of Constituency.

Sd/-
DEBIPRASAD MISHRA
SENIOR VICE-PRESIDENT,
BIJU JANATA DAL, ODISHA

ବିଭିନ୍ନ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

ଗାନ୍ଧୀ ନଗର କ୍ଲଷ୍ଟର

ଝାରସୁଗୁଡ଼ା, ୧୬।୧୦(ସମିସ)

ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗାନ୍ଧୀ ନଗର କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିପିଲିମାଲ କ୍ଲଷ୍ଟର ଅଧୀନ ୯ଟି ବିଦ୍ୟାଳୟରୁ ପ୍ରାୟ ୨୦୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ବେଲପାହାଡ ମ୍ୟୁନିସିପାଲିଟି ଅଧୀନ ୱାର୍ଡ ନଂ୧ର ୱାର୍ଡ ମେମ୍ବର ଆର୍ଜିନା ବେଗମ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବେଲପାହାଡ ମ୍ୟୁନିସିପାଲିଟି ଅଫିସର ଭାଇସ ଚେୟାରମ୍ୟାନ ରୀନା ସୁନା ଏବଂ ବିଦ୍ୟାଳୟର ଏସଏମସି ସଭାପତି ସୁନିତା ଦୀପ ମୁଖ୍ୟ ଅତିଥି ଭାବେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ସିଆରସିସି ଅମୂଲ୍ୟ କୁମାର ମଲ୍ଲିକ ଏବଂ ବିଦ୍ୟାଳୟର ସହକାରୀ ଶିକ୍ଷକ ବିଜୟ କୁମାର ଭୋଇ ଏହାକୁ ପରିଚାଳନା କରିଥିଲେ। ଗାନ୍ଧୀନଗର ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଗୀତ ରାଣୀ ଦାସଙ୍କ ସମେତ ପରମେଶ୍ୱରୀ ଚୌହାନ, ସରୋଜିନୀ ସା, ଗୀତାଞ୍ଜଳି ଦୁସର ସମେତ କ୍ଲଷ୍ଟର ସ୍ଥିତ ଅନ୍ୟାନ୍ୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

ପଞ୍ଚାୟତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ଝାରସୁଗୁଡ଼ା: ଲଖନପୁର ପଞ୍ଚାୟତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରାଙ୍ଗଣରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଲଖନପୁର ସରପଞ୍ଚ ଆରତି ପଧାନ, ମୁଖ୍ୟ ବକ୍ତା ଆଦର୍ଶ ବିଦ୍ୟାଳୟର ଅଧକ୍ଷ ରାଜୀବ ପଟେଲ, ସଭାପତି ଅଧକ୍ଷା ସଙ୍ଗୀତା ସାହୁ, ସମ୍ମାନିତ ଅତିଥି ଭାବେ ଲଖନପୁର ସିଆରସିସି ଘନଶ୍ୟାମ ଗଡ଼ତିଆ, ପ୍ରଧାନଶିକ୍ଷକ ଉମାକାନ୍ତ ନେଟୀ, ଅନିରୁଦ୍ଧ ଡନସେନା, କ୍ଷିତି ଭୁଷଣ ପଧାନ, ହେମାକାନ୍ତ ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଜଗଦୀଶ ତନ୍ତି, ସବିତା ତାଣ୍ଡିଆ ମଞ୍ଚ ପରିଚାଳନା କରିଥିଲେ। ଗଦାଧର ପଧାନ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୧୨ ବିଦ୍ୟାଳୟରୁ ପ୍ରଥମରୁ +୨ ପର୍ଯ୍ୟନ୍ତ ପ୍ରାୟ ୨୨୫ ଛାତ୍ରଛାତ୍ରୀଙ୍କ ମଧ୍ୟରେ ୨୮ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ୪୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ବିଭିନ୍ନ ପ୍ରତିଯୋଗିତାର ପରିଚାଳନା କରିଥିଲେ। ସିଆରସିସି ଘନଶ୍ୟାମ ଗଡ଼ତିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଆରତୀ ପଧାନ, ଅତିରିକ୍ତ ବ୍ଲକ ଶିକ୍ଷାଅଧିକାରୀ ହେମସାଗର ଚୌଧୁରୀ, ଦାମୋଦର ବଢେଇ, ସଙ୍ଗୀତା ସାହୁ, ଅବସରପ୍ରାପ୍ତ ଶିକ୍ଷକ ମୁରଲିଧର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଲଖନପୁର କ୍ଲଷ୍ଟରର ଦାମୋଦର ଧୃଆ, ହେମାନନ୍ଦ ଖଣ୍ଡା, ଗଦାଧର ପଧାନ, ଦେବେନ୍ଦ୍ର ପଧାନ, ସୁରଥ ବିଶ୍ୱାଳ, ସବିତା ତାଣ୍ଡିଆ, ପ୍ରଭାସିନୀସାହୁ, ଭଗବାନ ପସାୟତ, ରାହୁଲ ପଧାନ, ଗୋପାଳ ସାହୁ, ସୁମନ୍ତ ସାଗର, କ୍ଷୀରୋଦ୍ର ଭୋଇ, ଅଶୋକ ସାହୁ, ଉତ୍ତମ ବାଣୀ, ସନ୍ଧ୍ୟାରାଣୀ କଣ୍ଟା, କିଶୋରୀ ମାଝୀ, ସବ୍ୟାସାଚୀ ବୁଦୁଲା, ଦିପକ ସାହୁ, ରେଣୁକା ପଧାନ, ସାଗରିକା ସାହୁ, ସାଗରିକା ସେଟ୍, ରାଜଶ୍ରୀ ପଧାନ ପ୍ରମୁଖ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀ ସହଯୋଗ କରିଥିଲେ।

ସାହାସପୁର କ୍ଲଷ୍ଟର

ଝାରସୁଗୁଡ଼ା: ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ ସାହାସପୁର କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ୨୦୨୫ ଖୁନ୍ତାମାଲ ଆଶ୍ରମ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ସାହାସପୁର କ୍ଲଷ୍ଟର ସିଆରସି ପ୍ରଦୀପ ନାଏକଙ୍କ ଅଧକ୍ଷତାରେ ସାହାସପୁର ଜେଆର୍ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତୀ ବାରିକ ମୁଖ୍ୟ ଅତିଥି, ପ୍ରଧାନଶିକ୍ଷକ ପ୍ରଦୀପ ମେହେର ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷୟିତ୍ରୀ ଡଲି ଗୁରୁ, ଅବସରପ୍ରାପ୍ତ ଶିକ୍ଷକ ପ୍ରଶାନ୍ତ ଦେଓ, ପ୍ରଧାନଶିକ୍ଷକ ଛତ୍ରଲାଲ କିସାନ ପ୍ରମୁଖ ସୁରଭି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଡ.ଏପିଜେ ଅବଦୁଲ କଲାମଙ୍କ ଜନ୍ମ ଜୟନ୍ତୀ ମଧ ପାଳନ କରାଯାଇଥିଲା। ମୋଟ ୧୬ଟି ବିଦ୍ୟାଳୟରୁ ୬୫ ଜଣ ଛାତ୍ରଛାତ୍ରୀ ବକ୍ତୃତା, ରଚନା, ଚିତ୍ରାଙ୍କନ, ନାଚ ଓ ଗୀତରେ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଖୁନ୍ତାମାଲ ସରପଞ୍ଚ ସବ୍ୟସାଚୀ ସାହୁଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଲଇକେରା ଗୋଷ୍ଠୀ ଶିକ୍ଷା ଅଧିକାରୀ

ଯୋଗ ଦେଇଥିଲେ। ତିଳେଇମାଳ କ୍ଲଷ୍ଟରର ୧୧ଟି ବିଦ୍ୟାଳୟରୁ ସବ ଜୁନିୟର, ଜୁନିୟର ଓ ସିନିୟର ବିଭାଗରେ ମୋଟ ୧୦୫ ଜଣ ଛାତ୍ରଛାତ୍ରୀ ଯୋଗ ଦେଇ ୨୬ଟି ବିଭାଗରେ ଅଂଶଗ୍ରହଣ କରିଥିଲେ। ମୋ ସ୍ୱପ୍ନର ଓଡ଼ିଶା ୨୦୩୬ ଉପରେ ଅତିଥିଗଣ ସବିଶେଷ ଆଲୋକପାତ କରିଥିଲେ। ସୁରଭିରେ ପ୍ରବନ୍ଧ, ବକ୍ତୃତା, ଇଲୋକ୍ୟୁସନ, ଚିତ୍ରାଙ୍କନ, କୁଇଜ୍, ଶ୍ରୁତଲିଖନ, ନୃତ୍ୟ ଅଭିନୟ ଇତ୍ୟାଦି ପ୍ରତିଯୋଗିତା କରାଯାଇଥିଲା। ଛାତ୍ରଛାତ୍ରୀ ବିଷୟ ଭିତ୍ତିକ ବିଭିନ୍ନ ରଙ୍ଗାରଙ୍ଗ

ହିମାଂଶୁ ବାଗ, ମୁଖ୍ୟବକ୍ତା ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ପରିଦର୍ଶକ ମଦନ ମୋହନ ସେଠ, ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷୟିତ୍ରୀ ଡଲି ଗୁରୁ, ପ୍ରଶାନ୍ତ ଦେଓ ପ୍ରମୁଖ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ଭୁବନେଶ୍ୱର ମାଝୀ ପରିଚାଳନା କରିଥିବା ବେଳେ ବସନ୍ତ କିସାନ ଧନ୍ୟବାଦ ଅର୍ପଣ କରିଥିଲେ।

ତିଳେଇମାଳ କ୍ଲଷ୍ଟର

ଦେବଗଡ଼: ବାରକୋଟ ବ୍ଲକ ତିଳେଇମାଳ କ୍ଲଷ୍ଟରରେ କ୍ଲଷ୍ଟରସ୍ତରୀୟ ସୁରଭି ପ୍ରତିଯୋଗିତା ଆଞ୍ଚଳିକ କେନ୍ଦ୍ର ସଂଯୋଜକ ନିରଞ୍ଜନ ସାହୁଙ୍କ ପରିଚାଳନା ଓ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି କ୍ଷୀରୋଦ ବିହାରୀ ସାହୁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିନୋଦ ବିହାରୀ ନାୟକ, ମୁଖ୍ୟବକ୍ତା ଲଳିତ ମୋହନ ପ୍ରଧାନ ଓ ସମ୍ମାନିତ ବକ୍ତା ହୃଦାନନ୍ଦ ପ୍ରଧାନ

ନୃତ୍ୟାଭିନୟ ପରିବେଷଣ କରିଥିଲେ। କ୍ଲଷ୍ଟର ସ୍ତରୀୟ କାର୍ଯ୍ୟକ୍ରମରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ବାରକୋଟ ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗଦେବାର ସ୍ଥିର କରାଯାଇଛି। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ଶିକ୍ଷକ ଡିଲେଶ୍ୱର ନାଏକ ପରିଚାଳନା କରିଥିଲେ। ମୁଖ୍ୟଅତିଥି ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପୀତବାସ ସାହୁ, ବିଭୂତି ଭୂଷଣ ସାହୁ, ପ୍ରମୋଦ ପ୍ରଧାନ, କାଞ୍ଚନ ପ୍ରଭା ପ୍ରଧାନ, ନେହେରୁ ସାମଲ, ଇନ୍ଦ୍ରଜିତ ସାମଲ, ପରମାନନ୍ଦ ପ୍ରଧାନ, ଲଳିତ ମୋହନ ପ୍ରଧାନ ତଥା ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ ଭେଷଜ ଭୋଜ ଧନ୍ୟବାଦ ଅର୍ପଣ କରିଥିଲେ।

ଫଟା କ୍ଲଷ୍ଟର

ଇବଥର୍ମାଲ: ଲଖନପୁର ବ୍ଲକ ତୃତୀୟ ଜୋନ୍ ଅଧୀନ ଫଟା କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରଣ୍ଡାମାଲ ମନୋଜ ପାଢ଼ୀ ହାଇସ୍କୁଲ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ଲଷ୍ଟରର ୧୫ଟି ବିଦ୍ୟାଳୟରୁ ୨୦୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ମନୋଜ ପାଢ଼ୀ ହାଇସ୍କୁଲ ପ୍ରଧାନଶିକ୍ଷକ କେଶବଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ ଯୋଗ ଦେଇଥିଲେ। ସରଣ୍ଡାମାଲ ପଞ୍ଚାୟତର ସରପଞ୍ଚ ଝରଣା ସେଠ୍, ସିଆରସିସି ଲଳିତ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଜୁନିୟର, ସବ ଜୁନିୟର ଓ ସିନିୟର ଦଳରେ ମୋଟ ୨୧ ଟି ପ୍ରତିଯୋଗିତା ହୋଇଥିଲା। କୃତୀ ପିଲାଙ୍କୁ ପୁରସ୍କୃତ ତଥା ମାନପତ୍ର ଦିଆଗଲା। ମଞ୍ଚ ପରିଚାଳନା କରିଥିଲେ ଶ୍ରୀପତୀ ଓରାମ ଓ ଜିତେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ବନ୍ଧବାହାଲ କ୍ଲଷ୍ଟର

ଇବଥର୍ମାଲ: ଲଖନପୁର ବ୍ଲକ ବନ୍ଧବାହାଲ କ୍ଲଷ୍ଟର ଶିଶୁ ମହୋତ୍ସବ 'ସୁରଭି' ସ୍ଥାନୀୟ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଲଖନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ ଓ ସମ୍ମାନିତ ଅତିଥି ଭାବେ ବନ୍ଧବାହାଲ ସରପଞ୍ଚ ଭାରତୀ ବେହେରା, ଉମାକାନ୍ତ ପଣ୍ଡା, ସନ୍ତୋଷ ପଧାନ ଓ ଧ୍ରୁବଚରଣ ପଧାନ ପ୍ରମୁଖ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ ଅୱଧ ପାଣ୍ଡେ ମୁଖ୍ୟ ଅତିଥି ଭାବେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ କ୍ଲଷ୍ଟରର ମୋଟ ୧୧ଟି ବିଦ୍ୟାଳୟର ୧୫୦ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ନୃତ୍ୟ ପ୍ରତିଯୋଗିତାରେ ଛର୍ଲା ସ୍କୁଲର ଛାତ୍ରୀ ମାନେ ପ୍ରଥମ ସ୍ଥାନ, ବନହରପାଲି ସ୍କୁଲ ଦ୍ୱିତୀୟ ସ୍ଥାନ ଓ ବନ୍ଧବାହାଲ ଉଚ୍ଚ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରି ଛର୍ଲା ସ୍କୁଲ ବ୍ଲକ ସ୍ତରକୁ ମନୋନୀତ ହୋଇଛନ୍ତି। ଉଦ୍‌ଘାଟନୀ ସମାରୋହରେ ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ ଭୀଷ୍ମଦେବ ପାତ୍ର ଏବଂ ଉଦ୍‌ଯାପନୀ ସମାରୋହରେ ଛର୍ଲା ସ୍କୁଲର ପ୍ରଧାନଶିକ୍ଷକ ସୁରେଶ ପଧାନ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ ପତି ଆୟୋଜନ କରିଥିଲେ। ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ରମେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ତିଲିଆ କ୍ଲଷ୍ଟର

ଇବଥର୍ମାଲ: ଲଖନପୁର ଶିକ୍ଷା ବ୍ଲକ ଅଧୀନସ୍ତ ତିଲିଆ କ୍ଲଷ୍ଟରରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ତୁଳସୀ ସାହୁ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ତିଲିଆ କ୍ଲଷ୍ଟର ସିଆରସିସି ଶିବନାଥ ଭୁଏଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ତିଲିଆ ସରପଞ୍ଚ ପୁଷ୍ପାଞ୍ଜଳି ପଧାନ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶୁଭଶ୍ରୀ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ଫକୀର ସାହୁ, ଦାଶରଥୀ ପଧାନ, ତିଲିଆ ସମିତି ସଭ୍ୟା ଶକୁନ୍ତଳା ବିଶ୍ୱାଳ, ରମ୍ଭେଲା ସରପଞ୍ଚ ବିମଳା କିସାନ ଯୋଗ ଦେଇଥିଲେ। କ୍ଲଷ୍ଟର ଅଧୀନସ୍ତ ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ମୋଟ ୧୬୦ ଜଣ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ବିଭିନ୍ନ ବିଭାଗରେ ଆୟୋଜିତ ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ କରକମଳରେ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ କ୍ଲଷ୍ଟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ସଭା କାର୍ଯ୍ୟକୁ ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ ସଞ୍ଜୟ ମହାକୁଡ ପରିଚାଳନା କରିଥିବା ବେଳେ ଶିକ୍ଷକ ଶିବାନନ୍ଦ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

କଣ୍ଢେଇ ଗଜଲକ୍ଷ୍ମୀ ପୂଜା

ମାଁଙ୍କ ସୁନା ଲକେଟ ୮୦ ହଜାରରେ ନିଲାମ

ଦେବଗଡ଼/କଣ୍ଢେଇ, ୧୬।୧୦(ସମିସ): ଜିଲ୍ଲାର ପ୍ରସିଦ୍ଧ କଣ୍ଢେଇ ଗଜଲକ୍ଷ୍ମୀ ପୂଜା ଅବସରରେ ଅଗ୍ରଗତି ସଙ୍ଘ ଆନୁକୂଲ୍ୟରେ ଆୟୋଜିତ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ୧୦ ଦିନ ଧରି ବେଶ୍ ଧୁମଧାମରେ ପାଳିତ ହୋଇଥିବା ଲକ୍ଷ୍ମୀ ପୂଜାରେ ହଜାର ହଜାର ଶ୍ରଦ୍ଧାଳୁ ମାଁଙ୍କ କୃପା ଲାଭ କରିଥିଲେ। ଏହି ଅବସରରେ ପ୍ରତିଦିନ ଦର୍ଶକ ମେଲୋଡି, ଅନ୍ନ ପ୍ରସାଦ, ମୀନାବଜାର ସାଙ୍ଗକୁ ଅପେରା ଓ ଫୁଟବଲ ମ୍ୟାଚ୍‌ର ମଜା ଉଠାଇଥିଲେ। ଆଜି ଅନ୍ତିମ ଦିନରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରପଞ୍ଚ ସଙ୍ଘର ପରାମର୍ଶ ଦାତା ତଥା ଦେବଗଡ଼ ଜିଲ୍ଲା ସରପଞ୍ଚ ସଙ୍ଘ ସଭାପତି ସତ୍ୟନାରାୟଣ ପାଣି ଓ ବାରକୋଟ ଜୋନ ୩ ଜିଲ୍ଲା ପରିଷଦ ସଭ୍ୟା ଗୀତାଞ୍ଜଳି ପାଣି ଯୋଗ ଦେଇ ଅନ୍ନ ପ୍ରସାଦ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରଥମ ଥର ପାଇଁ ହେଉଥିବା ମାଁ ଲକ୍ଷ୍ମୀଙ୍କ ଆଶୀର୍ବାଦ ସ୍ୱରୂପ ସୁନା ଲକେଟ ନିଲାମ କାର୍ଯ୍ୟକ୍ରମକୁ ବିଧିବଦ୍ଧ ଭାବେରେ ଉଦ୍‌ଘାଟନ କରିଥିଲେ। ଶେଷରେ ମାଁଙ୍କ ଆଶୀର୍ବାଦ ସ୍ୱରୂପ ଲକେଟକୁ କଲା ଗାଁର ସତ୍ୟନାରାୟଣ ପାଣି ଓ ଗୀତାଞ୍ଜଳି ପାଣି ତାଙ୍କ ୪ ମାସର ସୁପୌତ୍ର ଶୁଭ ପାଣିଙ୍କ ଉଦ୍ଦେଶ୍ୟରେ ୮୦ ହଜାର ଏକ ଶହ ଟଙ୍କାରେ ଗ୍ରହଣ କରିଥିଲେ।

ସ୍କାଏ ଡାଇଭିଂରେ ନବୀନଙ୍କୁ ଜନ୍ମଦିନ ଶୁଭେଚ୍ଛା

ଝାରସୁଗୁଡ଼ା, ୧୬।୧୦ (ସମିସ): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ନିଆରା ଭାବେ ଝାରସୁଗୁଡ଼ା ସହର ପୁରୁଣାବସ୍ତିର ଯୁବକ ଦିଲୀପ ସାହୁ ଜନ୍ମଦିନ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ବିଦେଶ ମାଟିରେ ହଜାର ହଜାର ଫୁଟ ଉପରୁ ଆକାଶରୁ ଏକାଧିକବାର ଡେଇଁ ଦେଶ ଓ ରାଜ୍ୟ ପାଇଁ ଗର୍ବ ଦିଲୀପ ଗୌରବ ଆଣିଛନ୍ତି। ରାଜ୍ୟର ପୂର୍ବ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ପୁଣି ସେ ଏହି ଦୁଃସାହସିକ କାର୍ଯ୍ୟ କରି ଦେଖାଇଛନ୍ତି। ଦିଲୀପ ମରିଶସ ଦେଶକୁ ଯାଇ ସେଠାରେ ଆକାଶରୁ ଡେଇଁ ନବୀନଙ୍କୁ ଆକାଶରେ ଉଡିବା ଅବସ୍ଥାରେ ଜନ୍ମଦିନରେ ଶୁଭେଚ୍ଛା ଜଣାଇଛନ୍ତି। ପୂର୍ବରୁ ଥାଇଲାଣ୍ଡ ଏବଂ ଦୁବାଇରେ ସେ ସ୍କାଏ ଡାଇଭିଂ ପ୍ରଦର୍ଶନ କରିଥିବା ବେଳେ ଇଣ୍ଡୋନେସିଆ ନୁସା ପେନିଡା ଠାରେ ବଞ୍ଜି ଜମ୍ପିଂ କରିଥିଲେ। ସେଠାରେ ସେ ଓଡ଼ିଶାର ବରପୁତ୍ର ବିଜୁ ପଟ୍ଟନାୟକଙ୍କ ଚିତ୍ର ଥିବା ପୋଷାକ ପରିଧାନ କରିଥିଲେ। ଏଥର ଦିଲୀପ ମରିଶସ୍ ଦେଶକୁ ଯାଇ ସେଠାରେ ବିମାନ ଯୋଗେ ଉଚ୍ଚ ଆକାଶରୁ ଉଭୟଦେଶର ଜାତୀୟ ପତାକା ସହ ନିଜ ପ୍ରିୟ ନେତା ନବୀନ ପଟ୍ଟନାୟକଙ୍କ ଚିତ୍ର ଧାରଣ କରି ଡେଇଁଛନ୍ତି। ଏହା ସହିତ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି।

ବରପାଲି ଜଙ୍ଗଲରେ ୨ ହାତୀ

ଝାରସୁଗୁଡ଼ା, ୧୬।୧୦(ସମିସ): ଝାରସୁଗୁଡ଼ା ଜିଲ୍ଲା ଅଧୀନ ଚାନ୍ଦିନୀମାଲ ପଞ୍ଚାୟତ ବରପାଲି ଗ୍ରାମାଞ୍ଚଳ ଜଙ୍ଗଲରେ ଗୁରୁବାର ସନ୍ଧ୍ୟାରେ ୨ଟି ହାତୀକୁ ତବଲାମାଲ ପଡ଼ାବାସୀ ଦେଖିବାକୁ ପାଇଛନ୍ତି। ଉଭୟ ହାତୀଙ୍କୁ ଗତକାଲି ଗୌଡମାଲ ପଞ୍ଚାୟତର ରଣକଟା-ବଡଯୋବ ଗ୍ରାମ୍ୟ ଜଙ୍ଗଲରେ ଦେଖିବାକୁ ମିଳିଥିଲା। ବନ ବିଭାଗ ଖବର ପାଇବା ପରେ ହାତୀଙ୍କୁ ଘଡାଇବା ଦ୍ୱାରା ହାତୀ ୨ଟି ଚାନ୍ଦିନୀମାଲ-ଖୁଣ୍ଟପାଣି ଦେଇ ବରପାଲି ଗ୍ରାମ୍ୟ ଜଙ୍ଗଲକୁ ପ୍ରବେଶ କରିଥିଲେ। ତେବେ ସେଠାରେ ସେମାନେ ଗର୍ଜନ କରୁଥିବା ଶୁଣି ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ବ୍ରଜରାଜନଗର ରେଞ୍ଜର ରେସନା ଜାମଦାଲିୟାଙ୍କ ନେତୃତ୍ୱରେ ୨ଟି ଦଳ ଗଠନ କରାଯାଇ ହାତୀଙ୍କ ଗତିପଥ ଉପରେ ନଜର ରଖାଯାଇଛି। ରାଜପୁର ଫରେଷ୍ଟର ସରୋଜ ଭୋଇ, ବ୍ରଜରାଜନଗର ଫରେଷ୍ଟର ଅଜୟ ବିଶ୍ୱାଳ, ବନରକ୍ଷୀ କିଶୋର ଷଣ୍ଢ, ସଞ୍ଜୀବ ଚୌଧୁରୀ ପ୍ରମୁଖ ଏଥିରେ ସାମିଲ ହୋଇ ଜଙ୍ଗଲର ଆଖପାଖ ଅଞ୍ଚଳର ଗାଁ ଗୁଡିକରେ ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ସଚେତନ କରୁଛନ୍ତି। ହାତୀଙ୍କ ସୁରକ୍ଷା ଦୃଷ୍ଟିରୁ ଜଙ୍ଗଲ ବିଭାଗଙ୍କ ପରାମର୍ଶରେ ସନ୍ଧ୍ୟା ୭ଟା ସମୟରୁ ତିଳେଇମାଲ ଓ ବରପାଲି ଗାଁରେ ବିଦ୍ୟୁତ୍ ସେବା ବିଚ୍ଛିନ୍ନ କରାଯାଇ ଥିବା ଜଣାପଡ଼ିଛି।

ବ୍ରଜରାଜନଗର ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ପୋଷଣ ଦିବସ

ଝାରସୁଗୁଡ଼ା, ୧୬।୧୦(ସମିସ): ବ୍ରଜରାଜନଗର ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଗୁରୁବାର ଉଚ୍ଚଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ରାଷ୍ଟ୍ରୀୟ ପୋଷଣ ମାସ ୨୦୨୫ (୧୭ ସେପ୍ଟେମ୍ବର ରୁ ୧୬ ଅକ୍ଟୋବର) ମହାବିଦ୍ୟାଳୟ ଅଧକ୍ଷ ବିଜୟ ସାହୁଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ବାଣିଜ୍ୟ ବିଭାଗ ମୁଖ୍ୟ ଭାଗିରଥି ତ୍ରିପାଠୀ, ଅଧାପକ ବିକ୍ରମ ପ୍ରଧାନ, ଓଡ଼ିଆ ବିଭାଗ ମୁଖ୍ୟ ଶ୍ରୀକର ଭୋଇ, ଇତିହାସ ବିଭାଗ ମୁଖ୍ୟା ଡ.ଋତୁପର୍ଣ୍ଣା ମହାନ୍ତି ମଞ୍ଚାସୀନ ଥିଲେ। ଅତିଥି ମାନେ ପୋଷଣ ଦିବସ ପାଳନ ଉପରେ ଅଭିମତ ରଖିଥିଲେ। କାର୍ଯ୍ୟକ୍ରମକୁ ଅଧାପିକା ଡ.ପୁଷ୍ପାଞ୍ଜଳି ସାହୁ ପରିଚାଳନା କରିଥିବା ବେଳେ ଅଧାପକ ଲଗୁ ଚରଣ ମାରାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ବହୁ ଅଧାପକ ଅଧାପିକା, କର୍ମଚାରୀ ତଥା ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ନବୀନଙ୍କ ଜନ୍ମ ଦିବସରେ ଜିଲ୍ଲା ବିଜେଡି ପକ୍ଷରୁ ରକ୍ତଦାନ ଶିବିର

ଦେବଗଡ଼, ୧୬।୧୦(ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧି ଦଳ ନେତା ନବୀନ ପଟ୍ଟନାୟକଙ୍କ ଜନ୍ମଦିନକୁ ସେବା ଦିବସ ଭାବେ ବିଜେଡି ପାଳନ କରିଛି। ଏହି ଅବସରରେ ଦେବଗଡ଼ ଜିଲ୍ଲା ବିଜେଡି ପକ୍ଷରୁ ଲାଲୁସାହି ସ୍ଥିତ ବିଜେଡି କାର୍ଯ୍ୟାଳୟରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଶିବିରର ଶୁଭାରମ୍ଭ କରିଥିଲେ। ମୋଟ ୭୯ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଜିଲ୍ଲା ରକ୍ତଭଣ୍ଡାରରେ ରକ୍ତର ଘୋର ଅଭାବ ରହିଥିବା ବେଳେ ବିଜେଡି ପକ୍ଷରୁ ଅନୁଷ୍ଠିତ ରକ୍ତଦାନ ଶିବିର ରୋଗୀଙ୍କୁ ରକ୍ତ ଯୋଗାଇବାରେ ସହାୟକ ହେବ ବୋଲି ବିଧାୟକ ଶ୍ରୀ ବିଶ୍ୱାଳ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧକ୍ଷ କୌଶିକ ପ୍ରଧାନ, ରିଆମାଳ ପଞ୍ଚାୟତ ସମିତି ଅଧକ୍ଷ ମଧୁସୂଦନ ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା ସୁଷମା ବେହେରା, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ଅରୁଣୀ ପ୍ରଧାନ, ଅନୀତା ପାତ୍ର, ପାର୍ବତୀ ସାହୁ, ସୁଜାତା ପ୍ରଧାନ, ପ୍ରତାପ ଦେବ, ଭବାନୀଶଙ୍କର ସାହୁ, ଶୁକଦେବ ଭଞ୍ଜ, ବାବୁଲାଲ ପୁଷେଠ, ନଗେନ ପଣ୍ଡା, ଚନ୍ଦ୍ର ଭୁକ୍ତା, ମନୋଜ ପ୍ରଧାନ, ସମୀର ପ୍ରଧାନ, ସୁଶାନ୍ତ ବାଙ୍କ, ଅନନ୍ତ ମେହେର, ସୌମ୍ୟରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ଚୟନ

ଦେବଗଡ଼, ୧୬।୧୦(ସମିସ): ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଦେବଗଡ଼ ଆନୁକୂଲ୍ୟରେ ଗୁରୁବାର ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଠାରେ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ୧୪ ଓ ୧୭ ବର୍ଷରୁ କମ ଛାତ୍ରଛାତ୍ରୀଙ୍କର କ୍ରୀଡା ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଗେଡ୍ରା କୁଜୁରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅନିଲ ମିଶ୍ର, ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ରାଜେନ୍ଦ୍ର ମିଞ୍ଜ, ପୌରପରିଷଦ ଭାରପ୍ରାପ୍ତ ଅଧକ୍ଷ ପ୍ରଜିତ ଭୋଜ, ଜିଲ୍ଲା କ୍ରୀଡା ଅଧିକାରୀ ତାପସ ମହନ୍ତ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ ଘୁଟା ପ୍ରମୁଖ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। କ୍ରୀଡା ଶିକ୍ଷକ ବିରଞ୍ଚି ନାରାୟଣ ଦାସଙ୍କ ତତ୍ତ୍ୱାବଧାନରେ ୩ଟି ବ୍ଲକର ଛାତ୍ରଛାତ୍ରୀ ମାର୍ଚ୍ଚପାଷ୍ଟ ମାଧ୍ୟମରେ ଅଭିବାଦନ ପ୍ରଦାନ କରିଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପଦ୍ମିନୀ ମହାପାତ୍ର କାର୍ଯ୍ୟକ୍ରମ ରୂପରେଖ ସହିତ ବିବରଣୀ ପଠନ କରିଥିଲେ। ସୁଗୁଡା ସିଆରସିସି ପ୍ରାଣବନ୍ଧୁ ଘଡେଇ ମଞ୍ଚ ସଂଯୋଜନା କରିଥିବା ବେଳେ ଟାଇଁସର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସଞ୍ଜୟ ବ୍ରହ୍ମା ଧନ୍ୟବାଦ ପ୍ରଦାନ କରିଥିଲେ। ପୂର୍ବ ନିର୍ଦ୍ଧାରିତ ୩ଟି ବ୍ଲକ ୬ଟି ଜୋନରେ ଆୟୋଜିତ ଚୟନ ପ୍ରକ୍ରିୟାରେ ଚୟନ ହୋଇ ଆସିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ୨ ଦିନ ଧରି ଫୁଟବଲ, ଖୋଖୋ, କବାଡି, କ୍ରିକେଟ, ଯୋଗ, ଆଥଲେଟିକ ପ୍ରତିଯୋଗିତା ମାନ ହୋଇଥିଲା। ସେଥିରୁ ରାଜ୍ୟ ସ୍ତରୀୟ ବିଦ୍ୟାଳୟ ସମୂହ ଖେଳ ପ୍ରତିଯୋଗିତା ପ୍ରତିନିଧିତ୍ୱ କରିବା ନିମନ୍ତେ ଖେଳାଳି ଚୟନ କରାଯିବ। ଖେଳ ଗୁଡିକୁ ଡିଲେଶ୍ୱର ସ୍ୱାଇଁ, ରଞ୍ଜିତା ମିଶ୍ର, କୁନିତା ସାହୁ, କିରଣ ଟପନୋ, ଦମୟନ୍ତୀ ଦାସ, ଶ୍ୟାମ ସୁନ୍ଦର ବେହେରା, ଚିତ୍ତରଞ୍ଜନ ମହାପାତ୍ର, ମାନସ ଦାସ, ଜୟନାରାୟଣ ସାହୁ, କରୁଣାକର ପାନ୍ନା, ଜଗଦୀଶ ଭୋଇ, ସଞ୍ଜୟ ପ୍ରଧାନ, ରିଣ୍ଟୁ ବିଶ୍ୱାଳ, ଟିପଟନ ସାହୁ, ମନୋଜ ଜେନା ପ୍ରମୁଖ ପରିଚାଳନା କରିଥିଲେ। କ୍ରୀଡା ଚୟନ ଶିବିରରେ ୩ଟି ବ୍ଲକରୁ ୨୭୯ ଜଣ ବାଳକ, ୨୨୦ ବାଳିକା ଓ ୬୩ ଜଣ ଖେଳ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

■ କାଉନସିଲର କପ୍ ଫୁଟବଲ ଖେଳରେ ଖେଳାଳି ମୃତ୍ୟୁ ଘଟଣା

ସହାୟତା ଘୋଷଣାର ୨ମାସ ପରେ ବି ମିଳିଲାନି କାଣିଚାଏ

ଦେବଗଡ଼, ୧୬।୧୦(ସମିସ)

ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ କାଉନସିଲର କପ ଫୁଟବଲ ପ୍ରତିଯୋଗିତାରେ ଫୁଟବଲ ମ୍ୟାଚ୍ ଖେଳୁଥିବା ବେଳେ ଗତ ଅଗଷ୍ଟ ୨୪ ତାରିଖ ଦେବଗଡ଼ ପୌରାଞ୍ଚଳ ୨ ନମ୍ବର ୱାର୍ଡ ଭୂୟାଁସାହିର ଫୁଟବଲ ଖେଳାଳି ପ୍ରକାଶ ନାଏକଙ୍କ ମୃତ୍ୟୁ ଘଟିଥିଲା। ଘଟଣାରେ ଅଗଷ୍ଟ ୨୫ ତାରିଖ ମୁଖ୍ୟମନ୍ତ୍ରୀ ଗଭୀର ଶୋକ ପ୍ରକାଶ କରି ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଥିଲେ। ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ସହାୟତା ଘୋଷଣାକୁ ବେଶ୍ ପ୍ରଚାର ପ୍ରସାର କରାଯାଇଥିଲା। ମାତ୍ର ମୁଖ୍ୟମନ୍ତ୍ରୀଙ୍କ ଘୋଷଣାର ୨ ମାସ ବିତିଥିଲେ ମଧ ମୃତକଙ୍କ ପରିବାରକୁ କାଣିଚାଏ ମଧ ସହାୟତା ମିଳିନାହିଁ। ଅନ୍ୟପକ୍ଷରେ ନିଜ ଏକମାତ୍ର ଯୁବ ପୁତ୍ରକୁ ହରାଇ ପରିବାର ଆଜି ମଧ ଶୋକ ମଧ୍ୟରେ ବୁଡ଼ି ରହିଛି। ତେବେ ଛାତିରେ କୋହକୁ ଚାପି ରୋଜଗାରିଆ ପୁତ୍ର ହରାଇ ଥିବା ପିତା ଏକାଧିକ ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ସହାୟତା ରାଶି ସମ୍ପର୍କରେ ପଚାରିବାରୁ ବିଭାଗୀୟ କିରାଣୀ ଠାରୁ ସନ୍ତୋଷଜନକ ଉତ୍ତର ପାଇ ନାହାନ୍ତି। ବାରମ୍ବାର ଏନେଇ ନିରାଶ ଫେରିବା ପରେ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା ବାସ୍ତବିକ ନା ପ୍ରହେଳିକା ବୋଲି ସେ ପ୍ରଶ୍ନ ପଚାରିଛନ୍ତି।

ଦେବଗଡ଼ ପୌର ପରିଷଦ ପକ୍ଷରୁ ଜିଲ୍ଲା କ୍ରୀଡା ସଂସଦ ସହଯୋଗରେ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଅଗଷ୍ଟ ୨୧ରୁ କାଉନସିଲର କପ ଫୁଟବଲ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଅଗଷ୍ଟ ୨୪ ତାରିଖ ୱାର୍ଡନଂ-୨ ଓ ୱାର୍ଡ ନଂ-୭ ମଧ୍ୟରେ ମ୍ୟାଚ୍ ଚାଲିଥିବାବେଳେ ପ୍ରକାଶ ହଠାତ ପଡ଼ିଆ ମଧ୍ୟରେ ଟଳି ପଡ଼ିଥିଲେ। ତେବେ ପ୍ରତିଯୋଗିତା ଆୟୋଜନ ପୂର୍ବରୁ ଜିଲ୍ଲା କ୍ରୀଡା ସଂସଦ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟକୁ ପଡ଼ିଆରେ ଡାକ୍ତରୀ ଟିମ ଓ ଆମ୍ବୁଲାନ୍ସ ଯୋଗାଇବା ପାଇଁ ସୂଚନା ଦିଆଯାଇଥିଲେ ମଧ ପଡ଼ିଆରେ ଡାକ୍ତର କି ଆମ୍ବୁଲାନ୍ସ ପହଞ୍ଚି ନଥିଲା। ଫଳରେ ପଡ଼ିଆରେ ଗୁରୁତର ଖେଳାଳିଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ସହର ଠୁଁ ୬ କିମି ଦୁରବର୍ତ୍ତୀ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିବାରେ ବିଳମ୍ବ ହେବାରୁ ଖେଳାଳିଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣା

ମୁଖ୍ୟମନ୍ତ୍ରୀଙ୍କ ଶୋକ ଓ ସହାୟତା ରାଶି ପ୍ରହେଳିକା

ସ୍ଥଳରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରି ମୃତ ଖେଳାଳିଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରି ନିଜ ଦାୟିତ୍ୱ ସାରି ଦେଇଥିଲେ।

ଅନୁପ୍ରବେଶକାରୀଙ୍କୁ ହଟାଇବା ଦାବିରେ ଦେଓଗାଁ ବନ୍ଦ

ଥାନା ସମ୍ମୁଖରେ ଗ୍ରାମବାସୀଙ୍କ ଧାରଣା

ଦେଓଗାଁ, ୧୭।୧୦(ସମିସ)

ବଲାଙ୍ଗିର ଜିଲ୍ଲା ଦେଓଗାଁ କଛାରପାଲିରେ ୪ ଦିନତଳେ ମାରଣାସ୍ତ୍ରଧରି ୧୨ଜଣ ଦୁର୍ବୃତ୍ତଙ୍କ ଆତଙ୍କ ପରେ ଗାଁରେ ଉତ୍ତେଜନା ଲାଗିରହିଛି। ବାହାର ରାଜ୍ୟର ଅନୁପ୍ରବେଶକାରୀମାନେ ଦେଓଗାଁରେ ବସତି ସ୍ଥାପନ କରି ଏହି ଆତଙ୍କ ଖେଳାଉଥିବା ପ୍ରତିବାଦ କରି ଗାଁବାସୀ ଗୁରୁବାର ଦେଓଗାଁ ବନ୍ଦ ଡାକରା ଦେଇଥିଲେ। ଏହି ବନ୍ଦକୁ ସମସ୍ତେ ସ୍ୱତଃପ୍ରବୃତ୍ତ ଭାବେ ପାଳନ କରିଥିଲେ। ଦେଓଗାଁ, କଛାରପାଲି ତଥା ବଙ୍ଗଳା ଛକର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ଏହା ଫଳରେ ଅନେକ ଯାତ୍ରୀ, କଲେଜ ଛାତ୍ରଛାତ୍ରୀ ତଥା ଅନ୍ୟମାନେ ହନ୍ତସନ୍ତ ହେବାର ନଜରକୁ ଆସିଥିଲା। ତେବେ ଅପରାହ୍ନ ୩ଟାରେ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ

ଗ୍ରାମବାସୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବ ସମ୍ମତିକ୍ରମେ ଗାଁକୁ ଆସି ରହୁଥିବା ଅନୁପ୍ରବେଶକାରୀଙ୍କୁ ଗାଁରୁ ହଟାଇବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏନେଇ ଏକ ରିଜୋଲ୍ୟୁସନ କରାଯିବା ସହ ଥାନାକୁ ଯାଇ ଥାନା ଅଧିକାରୀଙ୍କୁ ସାକ୍ଷାତ କରି ଦାବି ଉପସ୍ଥାପନ କରାଯାଇଥିଲା। ଏହି ସମୟରେ ଥାନା ଅଧିକାରୀ ବୁଲୁ ମୁଣ୍ଡା ଗାଁବାସୀଙ୍କୁ ଅଣଦେଖା କରିଥିଲେ। ଥାନା ବାହାରକୁ ଚାଲିଯିବା ପାଇଁ କହିଥିଲେ। ଏଣୁ ସମସ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସମସ୍ତେ

ଥାନା ବାହାରକୁ ଚାଲିଯିବାକୁ ଆଇଆଇସିଙ୍କ ନାଲିଆଖି

ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ପ୍ରାୟ ଘଣ୍ଟା, ପରେ ପୁଣି ଥାନା ଅଧିକାରୀ ଆସି ଗାଁବାସୀଙ୍କୁ ବୁଝାସୁଝା କରିଥିଲେ। କମ୍ ସମୟ ମଧ୍ୟରେ ଅନ୍ୟ ଅଭିଯୁକ୍ତଙ୍କୁ ଧରାଯିବ। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଫଟାମୁଣ୍ଡା ଯାତ୍ରା ପଡ଼ିଆରେ ପେଟି ପେଟି ଥଣ୍ଡା ପାନୀୟ ବୋତଲ ପଡ଼ିଛି।

ରାଷ୍ଟ୍ରୀୟ ପୋଷଣ ମାସ

ମୁରିବାହାଲ, ୧୭।୧୦(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ପୋଷଣ ମାସ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ସରୋଜ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ରୂପେ ସିଡିପିଓ ସୁଶ୍ରୀ ପୂର୍ଣ୍ଣିମା ବୈଠରୁ, ସମ୍ମାନିତ ଅତିଥି ଭାବେ ଡା. ରାଜେଶ ଅଗ୍ରୱାଲ, ଡା. ରଶ୍ମିରେଖା ଟାଲି, ଙ୍ଗରାଜୀ ଅଧ୍ୟାପକ ସୋମେଶଦତ୍ତ ହୋତା, ଓଡ଼ିଆ ଅଧ୍ୟାପକ ଦିଲ୍ଲୀପ ପଶାୟତ ପ୍ରମୁଖ ମଞ୍ଚାସୀନ ଥିଲେ। ଓଡ଼ିଆ ଅଧ୍ୟାପକ ଘନଶ୍ୟାମ ଖମାରି ସଭା ପରିଚାଳନା କରିଥିଲେ।

ଗୁଜରାଟରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ

ଖପ୍ରାଖୋଲ, ୧୭।୧୦ (ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଘୁନସର ପଞ୍ଚାୟତ ପିଙ୍ଗଲମୁଣ୍ଡା ଗ୍ରାମର ଈଶ୍ୱର ରାୟ (୨୩)ଙ୍କ ଗୁଜରାଟରେ ମୃତ୍ୟୁ ଘଟିଛି। ମାସେ ତଳେ ସେଠାକୁ ସେ ଏକ କମ୍ପାନୀରେ କାମ ପାଇଁ ଯାଇଥଲେ। ତେବେ ଗାଁରେ ମୃତଦେହ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସେ ଅବିବାହିତ ଥିଲେ। ତାଙ୍କ ଅକାଳ ବିୟୋଗରେ ମା' ଭାଙ୍ଗି ପଡ଼ିଛନ୍ତି।

କଲେଜ ଛାତ୍ରୀଙ୍କ ରାସ୍ତା ଅବରୋଧ

ଡୁଙ୍ଗୁରିପାଲି, ୧୭।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ପଞ୍ଚାୟତ ମହିଳା ମହାବିଦ୍ୟାଳୟର ଯୁକ୍ତ ୨ ଦ୍ୱତୀୟ ବର୍ଷର ଛାତ୍ରୀ ରାସ୍ତା ଅବରୋଧ କରିଥିଲେ। ଏମାନଙ୍କ ପାଖରୁ ୧ ହଜାର ଟଙ୍କା ବଦଳରେ କଲେଜ କର୍ତ୍ତୃପକ୍ଷ ଫର୍ମ ପୂରଣ ପାଇଁ ୧୨ ଶହ ଟଙ୍କା ନେଉଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ କଲେଜ ଛାତ୍ରୀମାନେ ବିନିକା-ଡୁଙ୍ଗୁରିପାଲି ମୁଖ୍ୟ ରାସ୍ତାକୁ କଲେଜ ସମ୍ମୁଖରେ ଅବରୋଧ କରିଥିଲେ। ଏହାଫଳରେ ରାସ୍ତା ଉପରେ ଗାଡି ମଟର ଅଟକି ରହିଥିଲା। ଏଣୁ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଅଧ୍ୟକ୍ଷା କଳ୍ପନା ଦାସ ଛାତ୍ରୀଙ୍କ ସହ ଆଲୋଚନା କରିଥିଲେ।

କୁଟାସିଂହାରେ 'ସିନ୍ଦୂର ପିନ୍ଧିଲି ଦିନକ ପାଇଁ' ମଞ୍ଚସ୍ଥ

ବଲାଙ୍ଗିର, ୧୭।୧୦(ସମିସ): ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକର କୁଟାସିଂହାଠାରେ ସିନ୍ଦୂର ପିନ୍ଧିଲି ଦିନକ ପାଇଁ ପରିବେଷିତ ହୋଇଛି। ଦିନେଶ ଦାସଙ୍କ ତତ୍ତ୍ୱାବଧାନରେ ଭଜମନ କଳା ପରିଷଦ ତଥା କୁଟାସିଂହା ଦୁର୍ଗା ପୂଜା କମିଟିର ପିଲାଙ୍କୁ ନେଇ ଯାତ୍ରା ଶ୍ରୀ ମା ଅଭୟା ଦ୍ୱାରା ଏହି ସାମାଜିକ ପ୍ରେମ ଓ ଦୁଃଖ ଭରା ନାଟକ ପରିବେଷିତ ହୋଇଛି। ଭାଗବତ ପ୍ରଧାନ, ଡକ୍ଟର ସୁବାସ ପାତ୍ର, ରାମଜୀ ପ୍ରଧାନ ଓ ପ୍ରଦୀପ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଆନନ୍ଦ ଚନ୍ଦ୍ର ପଶାୟତ ନିର୍ଦ୍ଦେଶନା ଦେଇଥିଲେ। ସରପଞ୍ଚ ଡିଗ୍ରୀ ମେହେର, ପୂର୍ବତନ ସମିତି ସଭ୍ୟ ପ୍ରକାଶ ବେହେରାଙ୍କ ପରିଚାଳନାରେ ଏହି ନାଟକ ମଞ୍ଚସ୍ଥ ହୋଇଥଲା।

୨୭ ଶ୍ରମିକ ଉଦ୍ଧାର ; ସର୍ଦ୍ଦାର ଫେରାର

କଣ୍ଟାବାଞ୍ଜି, ୧୭।୧୦(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଅଞ୍ଚଳରୁ ବାହାର ରାଜ୍ୟକୁ ବେଆଇନ ଭାବେ ଦାଦନ ଶ୍ରମିକଙ୍କୁ ଚାଲାଣ କରାଯାଉଥିବା ବେଳେ ୨୭ ଜଣଙ୍କୁ କଣ୍ଟାବାଞ୍ଜି ପୁଲିସ ଉଦ୍ଧାର କରିଛି। କଣ୍ଟାବାଞ୍ଜି ରେଳଷ୍ଟେସନ ନିକଟରୁ ୧୧ ଶିଶୁ ସମେତ ୧୬ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ହାଇଦ୍ରାବାଦକୁ ଇଟା ଗଢିବା ପାଇଁ ଯାଉଥିବା ବେଳେ ଏହି ଦାଦନ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଏହି ଦାଦନ ଶ୍ରମିକମାନେ

କଣ୍ଟାବାଞ୍ଜି ଥାନା ଡୁମେରୁଆଁ, କରଳାବାହାଲି ତଥା ଖଡ଼ିଆଳ ଥାନା ବୋଡେନ ଅଞ୍ଚଳର ବୋଲି ସୂଚନା ମିଳିଛି। ଏମାନଙ୍କୁ କଣ୍ଟାବାଞ୍ଜିର ଦାଦନ ସର୍ଦ୍ଦାର ବିନୋଦ କୁମାର ଅଗ୍ରିମ ଟଙ୍କା ଦେଇ ଚାଲାଣ କରୁଥିଲା। ସେ କିନ୍ତୁ ଫେରାର ମାରିଛି। ତା' ନାଁରେ ମାମଲା ରୁଜୁ କରି ତାକୁ ଧରିବାକୁ ପୁଲିସ ଏକ ଟିମ୍ ଗଠନ କରିଛି। ତେବେ ବାରମ୍ବାର ଶ୍ରମିକ ଉଦ୍ଧାର ହେଉଥିବା ବେଳେ ବଡ଼ବଡ଼ିଆ ଦାଦନ ସର୍ଦ୍ଦାର ଫେରାର ହେବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟହୋଇଛି।

କାରରୁ ୨୫ କେଜି ଗଞ୍ଜେଇ ଜବତ

ଖପ୍ରାଖୋଲ, ୧୭।୧୦ (ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଅବକାରୀ ବିଭାଗ ପାଟ୍ରୋଲିଂ ସମୟରେ ଏକ କାରରୁ ୨୫ କେଜି ଗଞ୍ଜେଇ ଜବତ କରିଛି। ଛତିଶଗଡ଼ ଅଞ୍ଚଳକୁ ଏହା ଚୋରା ଗଞ୍ଜେଇ ଚୋରା ଚାଲାଣ ହେଉଥିଲା। ସୂଚନା ପାଇ ଖପ୍ରାଖୋଲ ଅବକାରୀ ବିଭାଗର ଅଧିକାରୀ ଜୟନ୍ତୀ ଲାଲ ପାଣ୍ଡେ, ଜିତେନ୍ଦ୍ର ମଲ୍ଲିକ ଓ ମୋତିଲାଲ ସାଗର ଗାଡ଼ିକୁ ଧରିବାକୁ ଯୋଜନା କରିଥିଲେ। ରେଙ୍ଗାଳି ଗ୍ରାମରେ ଉଭୟ ପଟରୁ ଘେରିଯିବାରୁ ଅନ୍ୟ ଉପାୟ ନ ପାଇ ଗାଡ଼ିରେ ଥିବା ୨ ଜଣ ଗାଡି ଛାଡ଼ି ଫେରାର ହୋଇ ଯାଇଥିଲେ। ଅବକାରୀ ବିଭାଗ ଗଞ୍ଜେଇ ଭର୍ତ୍ତି କାରକୁ ଖପ୍ରାଖୋଲ ଆଣିଥିଲା। ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ହରିହର ଧଳଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇଥିଲା। କାରରୁ ଏକ ଡ୍ରାଇଭିଂ ଲାଇସେନ୍ସ, ଗାଡ଼ିର କାଗଜ ପତ୍ର ସହିତ ନଗଦ ୧୦୦୦ ଟଙ୍କା ଜବତ ହୋଇଛି।

■ ହରଭଙ୍ଗା ବ୍ଲକ୍‌ରେ ସାମାଜିକ ସୁରକ୍ଷା ଆଇନ୍ ବାଟବଣା

୯୦ ପ୍ରତିଶ୍ରୁତ ଦିବ୍ୟାଙ୍ଗ ସତ୍ତ୍ୱେ ମିଳୁନି ବର୍ଦ୍ଧିତ ଭତ୍ତା

ହରଭଙ୍ଗା, ୧୭।୧୦(ସମିସ): ପିଲାଟି ବେଳୁ ସେ ଦିବ୍ୟାଙ୍ଗ। ଗୋଡ ଦୁଇଟି ଅଚଳ। ଏଥି ଯୋଗୁଁ ହାତ ସାହାରାରେ ସେ ସବୁ କାମ କରନ୍ତି। ଏବେ ତାଙ୍କୁ ବୟସ ୭୫ ହେଲାଣି। ବୟସର ଅପରାହ୍ନ ସାଙ୍ଗକୁ ପରିଣତ ବୟସରେ ପାଖରେ ସାହା ଭରସା କେହି ନାହାନ୍ତି। ସରକାରଙ୍କ ପକ୍ଷରୁ ମିଳୁଥିବା କେତେ କେଜି ଚାଉଳ ଏବଂ ଭତ୍ତା ହେଉଛି ତାଙ୍କର ସମ୍ବଳ। ସେଥିରେ ସେ କଷ୍ଟେମଷ୍ଟେ ଚଳନ୍ତି; ମାତ୍ର ସରକାରଙ୍କ ବର୍ଦ୍ଧିତ ଭତ୍ତାରୁ ତାଙ୍କ ଭଳି ୯୦ ପ୍ରତିଶ୍ରୁତ ଦିବ୍ୟାଙ୍ଗ ବ୍ୟକ୍ତି ବଞ୍ଚିତ। ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଧଳପୁର ପଞ୍ଚାୟତ ଖରଶଙ୍କୁଲେଇ ଗ୍ରାମର ସୋମନାଥ ମହାକୁଡ(୭୫)ଙ୍କ ଏହି କାହାଣୀ। ବର୍ଦ୍ଧିତ ଭତାରୁ ସୋମନାଥ ବଞ୍ଚିତ। ପୁରୁଣା ଭତ୍ତା ହିସାବରେସେ ମାସିକ ୧୨ଶହ ଟଙ୍କା ଭତ୍ତା ପାଉଛନ୍ତି। ୮୦ ପ୍ରତିଶ୍ରୁତରୁ ଅଧିକ ଦିବ୍ୟାଙ୍ଗଙ୍କୁ ସରକାର ୩୫ଶହ ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ ପାଇଁ କହି ବୁଲୁଛନ୍ତି। ହରଭଙ୍ଗା ବ୍ଲକରେ ସୋମନାଥଙ୍କ ଭଳି ଅନେକ ଦିବ୍ୟାଙ୍ଗ ବ୍ୟକ୍ତି କିନ୍ତୁ ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ। ତୁରନ୍ତ ସୋମନାଥଙ୍କୁ ବର୍ଦ୍ଧିତ ଭତ୍ତା ଯୋଗାଇ ଦେବାକୁ ସମାଜସେବୀ ପ୍ରମିଳ ଦନ୍ତା ଦାବୀ କରିଛନ୍ତି।

ରେଳ ଉପଭୋକ୍ତା ସଂଘର ବୈଠକ

ବଲାଙ୍ଗିର, ୧୭।୧୦(ସମିସ): ସ୍ଥାନୀୟ ଆର୍ଯ୍ୟ ସମାଜ ମନ୍ଦିରରେ ରେଳ ଉପଭୋକ୍ତା ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ତରୁଣ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ବିମଳ ଚକ୍ରବର୍ତ୍ତୀ ବିବରଣୀ ପାଠ କରିଥିଲେ। ଗୋପବନ୍ଧୁ ପୁରୋହିତ, ରତୁରାଜ ସିଂହ, ଧର୍ମବ୍ରତ ରଥ, ନରେନ୍ଦ୍ର ଆଚାର୍ଯ୍ୟ, ଶିବ ନାରାୟଣ ରଥ, ଦିବାକର ହୋତା, ପଙ୍କଜିନି ପଣ୍ଡା, ମୋତିଲାଲ ସାହୁ, ବାଲୁଲାଲ ଖେଡିଆ, ମନୋରଞ୍ଜନ ପୁରୋହିତ, ନିତ୍ୟାନନ୍ଦ ମିଶ୍ର, ବ୍ରଜକିଶୋର ପଣ୍ଡା, ସଲିମ ଖାନ, ସୁବ୍ରତ ବହିଦାର, ଅତୁଳ ଅଗ୍ରୱାଲ, ଅଦିତ୍ୟ ନାରାୟଣ ସାହୁ, ଶତ୍ରୁଘ୍ନ ସିଂହ, ସୁବାଷ ଶତପଥୀ, ଅଶୋକ ମିଶ୍ର, ବିଶ୍ୱନାଥ ତ୍ରିପାଠୀ, ରାମ ପ୍ରସାଦ ସେଠ, ପ୍ରଦୀପ ନେପାକ, ମହେଶ ମାଲାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ହିତେଶ ସାହୁ ସହଯୋଗ କରିଥିଲେ। ଅଶୋକ ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

ତୁରେକେଲା କ୍ଲଷ୍ଟରସ୍ତରୀୟ ସୁରଭି

ତୁରେକେଲା, ୧୭।୧୦(ସମିସ): ବଲାଙ୍ଗୀର ଜିଲ୍ଲା ତୁରେକେଲା କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ବୁଡିବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ତୁରେକେଲା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିରଞ୍ଚି ନାରାୟଣ ଦାଶଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ବକ୍ତୃତା, ଚିତ୍ରାଙ୍କନ, ପ୍ରବନ୍ଧ, କୁଇଜ, ନୃତ୍ୟ, ଗୀତ ଭଳି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣ ସଭାରେ ପ୍ରଫୁଲ୍ଲ ମାଝୀ

ସଭାପତିତ୍ୱ କରିଥିଲେ। ତୁରେକେଲା ସରପଞ୍ଚ ଜଳନ୍ଧର ମହାକୁଡ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୌତମ ପଟେଲ, ବିଆରସିସି ଫକୀର ଚରଣ ବିଶି, ସିଆରସିସି ଧନଞ୍ଜି ମାଝୀ, ରବୀନ୍ଦ୍ର ରଥ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମାନସ ରଞ୍ଜନ ଜାଲ ସଭା ପରିଚାଳନା କରିଥିଲେ। ରଜନୀ ମେହେର, ସୁଦୀପ୍ତା ଜେନା, ରାଜେଶ ସିଂଦେଓ, ସୁଭଦ୍ରା ମେହେର, ସୁକାନ୍ତି ମାଝୀ, ରାଜୀବ ଦାସ ବିଚାରକ ଥିଲେ। ଶିକ୍ଷକ ଶୁଭାଶିଷ ରାଉତ, ବିମଳ ଧରୁଆ, ପ୍ରଦୀପ ମେହେର, ରାଜକିଶୋର ନାଗ, ନେହେରୁ ତାଣ୍ଡି ସହଯୋଗ କରିଥିଲେ।





ଦାଦନ ଖଟିବାକୁ ଯାଇ ଶ୍ରମିକ ନିଖୋଜ

ଜୟପାଟଣା, ୧୬।୧୦ (ସମିସ): ଦାଦନ ଖଟିବାକୁ ଯାଇ ଜଣେ ଶ୍ରମିକଙ୍କ କୌଣସି ଖୋଜ ଖବର ମିଳୁନଥିବାରୁ ସ୍ତ୍ରୀ ଜୟପାଟଣା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଜୟପାଟଣା ଥାନା ଅନ୍ତର୍ଗତ ବଡ଼ପୁଝାରିଗୁଡା ପଞ୍ଚାୟତ କୁଳିହାମୁଣ୍ଡା ଗ୍ରାମର କୋକିଳ ମାଝୀ

ଦଲାଲ ସାଜି ଗ୍ରାମର ଦେବେନ୍ଦ୍ର ମାଝୀ(୩୦), ସୁରେଶ ମାଝୀ, ଘନ ମାଝୀଙ୍କୁ ଗୁଜୁରାଟ ସୁରେନ୍ଦ୍ର ନଗରରେ କାମ କରିବାକୁ ନେବି ବୋଲି ସେମାନଙ୍କୁ ଗତ ଅଗଷ୍ଟ ୩ ତାରିଖରେ ଭୁବନେଶ୍ୱର ଯାଏଁ ନେଲା। ଖୋର୍ଦ୍ଧାରେ ଟ୍ରେନ ବସାଇ ଦେଇ କୋକିଳ ଗୁଜୁରାଟ ନଯାଇ ନିଜ ଘରକୁ ଫେରିଆସିଲା। ଯିବା କିଛି ଦିନ ପରେ ଦେବେନ୍ଦ୍ରଙ୍କ ପରିବାର ସହ ଯୋଗାଯୋଗ ବିଚ୍ଛିନ୍ନ ହେଲା ପରେ ଦେବେନ୍ଦ୍ରଙ୍କ ସାଙ୍ଗରେ ଯାଇଥିବା ସୁରେଶ ଏବଂ ଘନଙ୍କୁ ପଚାରିବାରୁ ଦେବେନ୍ଦ୍ର ଗୁଜରାଟ ରେ କେଉଁଠି ନିଖୋଜ ହୋଇଯାଇଛି ବୋଲି କହୁଛନ୍ତି। କୋକିଳକୁ ପଚାରିଲେ ଦେବେନ୍ଦ୍ର କେଉଁଠି ହଜିଗଲା ବୋଲି କହୁଛ।ଏନେଇ ଦେବେନ୍ଦ୍ରଙ୍କ ସ୍ତ୍ରୀ କଳାବତୀ ମାଝୀ ସ୍ୱାମୀ ହଜିଯିବା ସମ୍ପର୍କରେ ଗତ ସେପ୍ଟେମ୍ବର ମାସ ୧୩ ତାରିଖରେ ଜୟପାଟଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ରାଜ୍ୟ ସରକାର ଦେବେନ୍ଦ୍ରଙ୍କୁ ସନ୍ଧାନ କରିବାରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

ବିଦ୍ୟୁତ୍ ତାର ଲାଗି ମହିଳା ମୃତ ଘଟଣା

ମାନବାଧିକାର କମିଶନରେ ଅଭିଯୋଗ

ଥୁଆମୂଳରାମପୁର, ୧୬।୧୦(ସମିସ): ଥୁଆମୁଳରାମପୁର ଥାନା ମାଳିଗାଁ ପଞ୍ଚାୟତର ଡି ଚେପଟାଘାଟ ଗାଁଆଁର ୪୫ ବର୍ଷୀୟା ମହିଳା ଗୁରୁବାରି ଝୋଡିଆ ଗତ ୧୫ ଅକ୍ଟୋବର ଦିନ ବିଦ୍ୟୁତ୍ ଆଘାତରେ ମୃତ୍ୟୁବରଣ କରିଛନ୍ତି। ଏହି ମାମଲାରେ ୧୬ ତାରିଖ ଦିନ ଅନ୍ତୋଦୟ ଅନୁଷ୍ଠାନର ଅଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ଜାତୀୟ ମାନବ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ ଦାଖଲ କରି ପୀଡିତ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି ଜଣାଇଛନ୍ତି। ଏହା ସହିତ ଅବହେଳା କରିଥିବା ଅଧିକାରୀଙ୍କୁ ତୁରନ୍ତ ଗିରଫ କରିବା ସହିତ ସେମାନଙ୍କ ବିରୋଧରେ ହତ୍ୟା ମକଦ୍ଦମା ରୁଜୁ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ମାନବ ଅଧିକାର କମିଶନଙ୍କ ନିକଟରେ ଅନୁରୋଧ କରିଛନ୍ତି। ସୂଚନା ଯୋଗ୍ୟ ଯେ ଡି ଚେପଟାଘାଟ ଗାଁର ଗୁରୁବାରି ଝୋଡ଼ିଆ ନିଜ ବାଡିରେ ଅମୃତଭଣ୍ଡା ତୋଳିବା ବେଳେ ଝୁଲି ରହିଥିବା ୧୧ କେଭି ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲେ। ଗାଁଆଁ ନିକଟରେ ଯାଉଥିବା ତାର ଖୋଲା ନରଖି କେବୁଲ ତାର ବ୍ୟବହାର କରିବା ନିୟମ ଥିଲେ ମଧ୍ୟ ବିଭାଗ ତରଫରୁ ଏ ନେଇ କୌଣସି ପଦକ୍ଷେପ ନିଆ ଯାଉନାହିଁ।ଝୁଲି ରହିଥିବା ତାର ଗୁଡ଼ିକୁ ନିର୍ଦ୍ଧାରିତ ଉଚ୍ଚତା ରେ ରଖିବା ପାଇଁ ତତ୍ପରତା ପ୍ରକାଶ ପାଉ ନଥିବାରୁ ଜୀବନହାନି ଘଟୁଛି ଯାହାକି ମାନବ ଅଧିକାରର ଖୋଲାଖୋଲି ଉଲ୍ଲଂଘନ। ଦିଲ୍ଲୀପ କୁମାର ଦାସଙ୍କ ଅଭିଯୋଗକୁ କମିଶନ କେସ ଡାଏରୀ ନମ୍ବର ୨୪୬୭୨୯/ଆଇ ଏନ୍/୨୦୨୫ ଭାବରେ ଗ୍ରହଣ କରିଛନ୍ତି।

ସିଲେଟପଡ଼ା ରାସ୍ତା ପାଲଟିଛି ମରଣଯନ୍ତା

ଖବର ପ୍ରକାଶ ପରେ ବି ପ୍ରଶାସନ ଦୃଷ୍ଟି ଦେଉନି

ଭବାନୀପାଟଣା, ୧୬।୧୦(ସମିସ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଜୋରାଡବରା ପଞ୍ଚାୟତ ସିଲେଟପଡ଼ା ଠାରୁ କୁସୁର୍ଲା ହରଗୋରି ମନ୍ଦିର ଛକ ୫୯ ଜାତୀୟ ରାଜପଥ ଏନ୍‌ଏଚକୁ ସଂଯୋଗ କରୁଥିବା ସିଲେଟପଡ଼ା ରାସ୍ତା ମରଣଯନ୍ତା ପାଲଟିଛି।୨୦୧୫ ମସିହାରେ ପିଚୁ ରାସ୍ତା ନିର୍ମାଣ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ମରାମତି କିମ୍ବା ନୂତନ କାର୍ଯ୍ୟ ହୋଇପାରି ନଥିବାରୁ ତିନି ବର୍ଷ ଧରି ରାସ୍ତା ବିପଦପୂର୍ଣ୍ଣ ହୋଇ ପଡ଼ିଛି।ବର୍ଷା ମାସରେ ବର୍ଷା ଯୋଗୁଁ ବିପଦ ଅବସ୍ଥାରେ ରହିଛି। ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ଛାତ୍ରଛାତ୍ରୀ ଏବଂ ଆଖ ପାଖ ଅଞ୍ଚଳ ଗାଁ ଲୋକେ ପ୍ରତି ଦିନ ଦୁର୍ଘଟଣା ଶିକାର ହେଉଛନ୍ତି।ଏନେଇ ସାମାଜିକ କର୍ମୀ ଚୈତନ୍ୟ ସାହୁ, ଦ୍ରୋଣ ସାହୁ, କଲେକ୍ଟରଙ୍କୁ ଏବଂ ବିଡ଼ିଓଙ୍କୁ ବାରମ୍ବାର ଲିଖିତ ଭାବରେ ଜଣାଇଥିଲେ ମଧ୍ୟ କର୍ଣ୍ଣପାତ କରୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ଗତ ୨୦୨୩ ମସିହା ଅଗଷ୍ଟ ମାସରେ ଜିଲ୍ଲା ପରିଷଦ ସୁରେଶ ଚୌଧୁରୀ ତତ୍କାଳିନ ୫-ଟି ସଚିବଙ୍କୁ ଲିଖିତ ଦାବି ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ଦ୍ଦେଶ କ୍ରମେ କେସିଙ୍ଗା ଆରଡ଼ି ଅଫିସର ଅଧିକ୍ଷଣ ଯନ୍ତ୍ରୀ ମୁଖ୍ୟଯନ୍ତ୍ରୀ ଭୁବନେ ଶବରଙ୍କୁ ଚିଠି ଲେଖି ଏହାର ମରାମତି ପାଇଁ ଏକ କୋଟି ଷାଠିଏ ଲକ୍ଷ୍ୟ ଟଙ୍କାର ଆବଶ୍ୟକତା ଥିବା ର ଉଲେଖ୍ୟ କରିଥିଲେ। କିନ୍ତୁ ଆଜି ଯାଏ କୌଣସି କାର୍ଯ୍ୟ ହୋଇପାରୁନି, ଏଥିପ୍ରତି ପ୍ରଶାସନକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

କଳାହାଣ୍ଡିରେ ସାଇବର୍ କ୍ରାଇମ୍

ଦୁଇ ବର୍ଷରେ ୫କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ

ଭବାନୀପାଟଣା, ୧୬ ।୧୦(ସମିସ)

ଅଳ୍ପ ସମୟରେ ଅଧିକ ଉପାର୍ଜନର ନିଶାରେ ଅନେକ ବ୍ୟକ୍ତି ଏବେ ସର୍ବସ୍ୱାନ୍ତ ହେଉଥିବା ଦେଖିବାକୁ ମିଳିଛି। କଳାହାଣ୍ଡି ଜିଲ୍ଲାର ୧୩ଟି ଥାନାରେ ଗତ ଦୁଇ ବର୍ଷ ମଧ୍ୟରେ ୧୪୪ଟି ସାଇବର୍ ଅପରାଧ ଘଟଣା ରେଜିଷ୍ଟ୍ରେସନ ହୋଇଥିବା ବେଳେ ସାଇବର ଥାନାରେ ୩୦ଟି ମକଦ୍ଦମା ରୁଜୁ ହୋଇଛି। ପ୍ରାୟ ଦୁଇବର୍ଷରେ ୫କୋଟି ଟଙ୍କା ସାଇବର୍ ଲୁଟ ହୋଇଥିବା ଜଣାପଡ଼ିଛି। ଗ୍ରାମାଞ୍ଚଳର ସାଧାରଣ ମହିଳା ଓ ଗ୍ରାହକ ସେବା କେନ୍ଦ୍ରକୁ ହ୍ୟାକରମାନେ ଟାର୍ଗେଟ କରି ଟଙ୍କା ଲୁଟୁଥିବା ସାଇବର ଥାନା ପକ୍ଷରୁ କୁହାଯାଇଛି। ଅନ୍ୟପଟେ ବେଆଇନ ଅନଲାଇନ ଟ୍ରେଡ଼ିଂ ମହା ବିପଦର କାରଣ ସାଜିଛି। ଭବାନୀପାଟଣାର ଜଣେ ଶିକ୍ଷିତ ଯୁବକ ବେଆଇନ ଟ୍ରେଡ଼ିଂରେ ମାତି ୭୭ଲକ୍ଷ ଟଙ୍କା ହରାଇଥିଲେ। ପରବର୍ତ୍ତୀ ସମୟରେ ନ୍ୟାସନାଲ ସାଇବର କ୍ରାଇମ ରିପୋର୍ଟିଂ ପୋର୍ଟାଲ ଜରିଆରେ ପୁଲିସ ଜାଣିଥିଲେ। କଳାହାଣ୍ଡିରୁ ବିଭିନ୍ନ ସ୍ଥାନ ଗସ୍ତ କରିବା ସହିତ ଏହି ମାମଲାରେ ଆକାଉଣ୍ଟ ସବୁ ଫ୍ରିଜ କରି ଶେଷରେ ୫୭ଲକ୍ଷ ଟଙ୍କା ଉଦ୍ଧାର କରିବାରେ ସାଇବର୍ ପୁଲିସ ସଫଳ ହୋଇଛି। ଉଚ୍ଚ ନ୍ୟାୟାଳୟର ହସ୍ତକ୍ଷେପ ଦ୍ୱାରା ଉକ୍ତ ଟଙ୍କା ମିଳିବା ସମ୍ଭବ ହୋଇପାରିଛି। ସେହିପରି ଜୁନାଗଡ଼ର ଜନୈକା ଡାକ୍ତରାଣୀଙ୍କ ୱେବସାଇଟକୁ ହ୍ୟାକ କରି ୧୫ଲକ୍ଷ ଟଙ୍କା ଚତୁରତାର ସହ ହ୍ୟାକରମାନେ ଲୁଟିଥିବା ପ୍ରକାଶ। କେବଳ ସେତିକି ନୁହେଁ ସାମାଜିକ ଗଣମାଧ୍ୟମକୁ ବ୍ୟବହାର କରିବା ଏବଂ ଯୁବତୀଙ୍କ ସହ 'ହ୍ୟାଲୋ ହାଏ'ରୁ ସମ୍ପର୍କ ଯୋଡି କୌଶଳକ୍ରମେ ଆକାଉଣ୍ଟକୁ ହ୍ୟାକ କରିଛନ୍ତି। ଜିଲ୍ଲାରେ ଅନ୍ୟୁନ ୪୦ରୁ ଊର୍ଦ୍ଧ୍ୱ ଝିଅ ସୋସିଆଲ ମିଡିଆରେ ଶିକାର ହୋଇଥିବା ଥାନା ପକ୍ଷରୁ ସୂଚନା ମିଳିଛି। ଏତଦବ୍ୟତୀତ ବର୍ତ୍ତମାନ ଗ୍ରାମାଞ୍ଚଳ ମହିଳାମାନେ ମାତ୍ର ଦୁଇ ହଜାର

ଟଙ୍କା ପାଇଁ ନିଜ ଆକାଉଣ୍ଟ ଓ ବ୍ୟାଙ୍କ ଡିଟେଲସ ଭଡା ସୂତ୍ରରେ ଦେଇଥିବା ଘଟଣା ସମସ୍ତଙ୍କୁ ଚମକାଇ ଦେଇଛି। ହ୍ୟାକର ମହିଳାଙ୍କୁ କିଛି ଟଙ୍କା ଦେଇ ବ୍ୟାଙ୍କ ଆକାଉଣ୍ଟ ନିଜ ଅକ୍ତିଆରକୁ ନେବାପରେ ମହିଳାଙ୍କ ମୋବାଇଲ ନମ୍ବର ବ୍ୟାଙ୍କ ଟ୍ରାଞ୍ଜାକ୍ସନରେ ସୁବିଧା ଦୃଷ୍ଟିରୁ ପରିବର୍ତ୍ତନ କରୁଛନ୍ତି। ପରେ ମହିଳାଙ୍କ ଆକାଉଣ୍ଟରେ ଲକ୍ଷ ଲକ୍ଷ ଟଙ୍କାର କାରବାର ଚଳାଉଥିବା ଘଟଣା ସାଇବର ପୁଲିସର ନଜରକୁ ଆସିଛି। ପ୍ରାୟତଃ ମନି ମ୍ୟୁଲ(ଖଚର) ଆକାଉଣ୍ଟକୁ ଆଧାର କରି ଅପରାଧିମାନେ ଏବେ ଅପରାଧର ସାମ୍ରାଜ୍ୟ ଚଳାଉଛନ୍ତି। ସେହିକ୍ରମରେ ଗ୍ରାହକ ସେବାକେନ୍ଦ୍ର ତଥା ଜନସେବା କେନ୍ଦ୍ର ଗୁଡିକରେ ମଧ୍ୟ ହ୍ୟାକର ଗୋଷ୍ଠିର ସଦସ୍ୟମାନେ ଚାଲାକିରେ ଅପରେସନ ଚଳାଇ ସଫଳ ହେଉଥିବା ପ୍ରକାଶ। ବିଶେଷଭାବେ ଏମ.ରାମପୁର ଥାନା ଅଞ୍ଚଳ ସାଇବାର ଅପରାଧୀମାନଙ୍କ ଚରାଭୂଇଁ ପାଲଟିଛି। ବ୍ୟାଙ୍କର ସମସ୍ତ ତଥ୍ୟ ନିଜ କବଜାରେ ରଖି କୋଟି କୋଟି ଟଙ୍କାର କାରବାର ଚଳାଉଥିବା ପ୍ରମାଣ ରହିଛି। ତେବେ ହ୍ୟାକରଙ୍କ ନିକଟସ୍ଥ ହେବାପାଇଁ ଶିକାର ହୋଇଥିବା ବ୍ୟକ୍ତିଙ୍କ ପକ୍ଷରୁ ଠିକଣା ସମୟରେ ସେତିକି ଯୋଗାଯୋଗ ମିଳୁନାହିଁ। କାରଣ ଗୋଟିଏ ପଟେ ଲୋଭ ଏବଂ ଅନ୍ୟଦିଗରେ ଲୋକଲଜ୍ୟା

> **ହ୍ୟାକରଙ୍କ ଟାର୍ଗେଟରେ ଅଶିକ୍ଷିତ ମହିଳା ଆଉ ଗ୍ରାହକ ସେବାକେନ୍ଦ୍ର**

ଭୟରେ ଅନେକ ମୁହଁ ଖୋଲୁନାହାନ୍ତି।ପୁଲିସ ନିଜ ଥାନାର କେସ ବୁଝିବା ଭିତରେ ସାଇବର କେସ ପ୍ରତି ସମୟଦେବା କଷ୍ଟକର ହୋଇପଡୁଛି। ତେଣୁ ଜିଲ୍ଲାରେ ଘଟୁଥିବା ସାଇବର ଅପରାଧ ଗୁଡିକ ଉପରେ ପୁଲିସ ତଦନ୍ତ କରି ଅପରାଧୀଙ୍କ ପିଛା କରିବା ସମୟ ସାପେକ୍ଷ ବୋଲି କୁହାଯାଉଛି। ତଥାପି ସାଇବର ଥାନାରେ ରୁଜୁ ହୋଇଥିବା ମକଦ୍ଦମା ମଧ୍ୟରୁ ୬୦ପ୍ରତିଶତ କେସ ସମାଧାନ କରିବାରେ ବିଭାଗ ସଫଳତା ଲାଭ କରିଛି। ଗତବର୍ଷ ଡାକ୍ତର, ଇଞ୍ଜିନିୟର ଓ ଶିକ୍ଷକ ଏଭଳିକି ବଡ ଅଧିକାରୀ ମଧ୍ୟ ସେଥିରୁ ବାଦ ପଡ଼ିନଥିଲେ। କଳାହାଣ୍ଡି ଭଳି ଏକ ଜିଲ୍ଲାରେ ସାଇବର ଅପରାଧିମାନେ କାୟା ବିସ୍ତାରକରି ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇ ଚାଲିଛନ୍ତି। ଅପରାଧିଙ୍କ ବିଭିନ୍ନ ନୂଆ କୌଶଳ ଅବଲମ୍ବନ ଦ୍ୱାରା ଅସଚେତନ ମଣିଷଙ୍କୁ ଆଖିପିଛୁଳାକେ ଲକ୍ଷ ଲକ୍ଷ ଟଙ୍କା ହରାଇବାକୁ ପଡୁଛି। ଗତବର୍ଷ ଜୁଲାଇ ମାସ ଶେଷ ସୁଦ୍ଧା ଏହି ଜିଲ୍ଲାରୁ ୩କୋଟି ୩୬ଲକ୍ଷ ୬୧ହଜାରରୁ ଉ୧ହଜ ଟଙ୍କା ଠକେଇ ହୋଇଥିବା ସମୟରେ ଚଳିତ ବର୍ଷ ପ୍ରାୟ ୨କୋଟି ଟଙ୍କା ଲୁଟ ହୋଇଛି। ଟଙ୍କା ଇନଭେଷ୍ଟ କରି ରାତା ରାତି କୋଟିପତି ହେବା ନିଶାରେ ଲକ୍ଷ ଲକ୍ଷ ଟଙ୍କା ଠକେଇର ଶିକାର ହୋଇଥିବା ଜଣାପଡ଼ିଛି। ସବୁଠାରୁ ଅତ୍ୟାଧୁନିକ କୌଶଳ ପ୍ରୟୋଗ କରି ଟାର୍ଗେଟରେ ଥିବା ବ୍ୟକ୍ତିଙ୍କୁ ନାନା ପ୍ରକାର ଭୟଭୀତ କରିବା ସହିତ ଶେଷରେ ଡିଜିଟାଲ ଆରେଷ୍ଟ କରି ମାନସିକ ଚାପରେ ରଖୁଛନ୍ତି। ମୁମ୍ବାଇରୁ ଆରମ୍ଭ କରି କଲିକତା ଓ ରାଜସ୍ଥାନ ଦୁବାଇ, ସିଙ୍ଗାପୁର ଏମିତି ବିଦେଶର ଅନେକ ଦେଶ ପର୍ଯ୍ୟନ୍ତ ସାଇବର କ୍ରାଇମର ଶକ୍ତିଶାଳୀ ଚେର ଲମ୍ବିଛି। କେବଳ ତାହା ନୁହେଁ ଏହି ଅପରାଧ ଘଟଣାରେ ଅପରାଧିମାନେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ସହାୟତା ନିଆଯାଇଥିବା ସାଇବର କ୍ରାଇମ ପୋଲିସ ଠାରୁ ସୂଚନା ମିଳିଛି। କଳାହାଣ୍ଡି ଜିଲ୍ଲାରେ ଅପରାଧୀଙ୍କ ମାୟାଜାଲରେ ଛନ୍ଦି ହୋଇ ନିଜ ବ୍ୟାଙ୍କ ଆକାଉଣ୍ଟ ନମ୍ବର ଦେବା ଘଟଣା ସବୁଠାରୁ ସାଂଘାତିକ ସ୍ଥିତି ସୃଷ୍ଟି କରିଛି। ନୂଆ ନୂଆ ତରିକାରେ ଚାଲିଛି ଠକେଇ।ସାଇବର କ୍ରାଇମ ଦ୍ୱାରା ଶିକାର ନହେବା ପାଇଁ ଅଧିକରୁ ଅଧିକ ସଚେତନତାମୂଳକ କାର୍ଯ୍ୟକ୍ରମର ଆବଶ୍ୟକତା ଜରୁରୀବୋଲି ବୁଦ୍ଧିଜୀବୀ ମହଲରେ ସରକାରଙ୍କୁ ନିବେଦନ କରାଯାଇଛି।

ଭୂର୍ଷାଗୁଡାରେ ଦଶରା ଲାଗି ସାଂସ୍କୃତିକ କାର୍ଯ୍ୟକ୍ରମ

କୋକସରା, ୧୬ ।୧୦(ସମିସ): କୋକସରା ବ୍ଲକ ମହିମା ପଞ୍ଚାୟତ ଭୂର୍ଷାଗୁଡ଼ା ଗ୍ରାମରେ ମାଁ ଠାକୁରାଣୀ ଦେବୀଙ୍କ ବାର୍ଷିକ ଦଶହରା ଉପଲକ୍ଷେ ସ୍ୱାମୀ ବିବେକାନନ୍ଦ ଯୁବ ସଂଘ ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ରେକର୍ଡ ଡ୍ୟାନ୍ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି।କୋକସରା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ମଞ୍ଚ ଉଦ୍‌ଘାଟନ କରିଥିଲେ। ମହିମା ସରପଞ୍ଚ ଈଶରାମ କୋଲଥିଆ, ସମିତି ସଭ୍ୟ ଘନଶ୍ୟାମ ନାଏକ, ୱାର୍ଡ ସଭ୍ୟା ଭୂମିସୂତା ମାଝୀ, ୱାର୍ଡ ସଭ୍ୟ ଦୈତାରୀ ମାଝୀ, ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର, ଉପସଭାପତି ଟଙ୍କଧର ନାଏକ, ମହିମା ଗୌନ୍ତିଆ ଦୀନକୃଷ୍ଣ ପାତ୍ର, ଗରୁଡଧ୍ୱଜ ମାଝୀ, ଔରତ ମାଝୀ, ଭୋଜରାଜ କୋଟିଆ, ଦୁର୍ଜନ ମାଝୀ, ନକୁଳ ନାଏକ, ଗ୍ରାମ ପୂଜାରୀ ପୁରୁନ ପୂଝାରୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ

ଯୋଗଦେଇଥିଲେ। ପ୍ରତିଯୋଗିତାରେ ମୋଟ ୨୬ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମ ପୁରସ୍କାର ମା' କାଳୀମାଉଳି ଡ୍ୟାନ୍ସ ଗ୍ରୁପ୍ କୋଟପାଡି, ଦ୍ୱିତୀୟ ବିଆର ଡ୍ୟାନ୍ସ ଗ୍ରୁପ୍ ଭୂର୍ଷିଗୁଡା, ତୃତୀୟ ୟୁବିଏମ ଡ୍ୟାନ୍ସ ଗ୍ରୁପ୍ କଲମପୁର, ଚତୁର୍ଥ ମାଁ ଠାକୁରାଣୀ ଡ୍ୟାନ୍ସ ଗ୍ରୁପ୍ ଭାଲିଆଯୋର ଓ ପଞ୍ଚମ ପୁରସ୍କାର ମିସ୍ ପଲ୍ଲବୀ ଡାବୁଗାଁ ପ୍ରାପ୍ତ କରିଥିଲେ। ଆୟୋଜନ କମିଟିର ସଭାପତି ପଦ୍ମଲୋଚନ ମାଝୀ, ସମ୍ପାଦକ ଜିତେନ୍ଦ୍ର କୁମାର ଠାକୁର, କୋଷାଧ୍ୟକ୍ଷ ଡମ୍ବରୁଧର ନାଏକ, ସ୍ୱାମୀ ବିବେକାନନ୍ଦ ଯୁବ ସଂଘ ସଭାପତି ଶିବାନ ମାଝୀ, ସମ୍ପାଦକ କ୍ଷୀରୋଦ କୁମାର ନାଏକ, କୋଷାଧ୍ୟକ୍ଷ ଗୋବର୍ଦ୍ଧନ ନାଏକ ସମେତ ଭୂର୍ଷାଗୁଡା ଗ୍ରାମବାସୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।ଜିତେନ୍ଦ୍ର କୁମାର ଠାକୁର ମଞ୍ଚ ସଂଯୋଜନା କରିଥିଲେ।

ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କୋକସରା, ୧୬ ।୧୦(ସମିସ): କୋକସରା ଥାନା ଧଅଁରପୁର ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳୁଛି। ଜଣେ କଜେଲ ପଢୁଆ ଛାତ୍ରର ମୃତଦେହ ଜଙ୍ଗଲ ପାଖ ଜମି ହୁଡାରେ ଥିବା ଗଛରୁ ଝୁଲନ୍ତା ଅବସ୍ଥାରେ ପୁଲିସ ଉଦ୍ଧାର କରିଛି। ମୃତ ଯୁବକ ଜଣକ ଧଅଁରପୁର ଗ୍ରାମର ମହେନ୍ଦ୍ର ପୋଟାଙ୍କ ପୁଅ ଘନଶ୍ୟାମ ପୋଟା (୧୮) ବୋଲି ଜଣାପଡ଼ିଛି।

ସୂଚନା ମୁତାବକ, ବୁଧବାର ରାତିରୁ ଘନଶ୍ୟାମ ନିଖୋଜ ହୋଇଥିବା ବେଳେ ଗୁରୁବାର ସକାଳେ ଗ୍ରାମର କିଛିଲୋକ ତାଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ପାଇ ପରିବାର ଲୋକଙ୍କୁ ଜଣାଇଥିଲେ। ଏହାପରେ ପରିବାର ଲୋକେ ପୁଲିସକୁ ଖବର ଦେଇଥିଲେ। କୋକସରା ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିବା ସହ ଗଛରୁ ଘନଶ୍ୟାମଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଥିଲେ। ପରେ ଶବ ବ୍ୟବଚ୍ଛେଦ ପାଇଁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ଅନ୍ୟପଟେ ଯୁବକଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିନାହିଁ। କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ ହେବାପରେ ପରିବାରବର୍ଗଙ୍କୁ ଶବ ହସ୍ତାନ୍ତର କରାଯାଇଛି। ଏନେଇ କୋକସରା ଥାନାରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରଖିଥିବା ଥାନା ପକ୍ଷରୁ ସୂଚନା ମିଳିଛି।

ଉମରମାଲ କ୍ଲଷ୍ଟର ପକ୍ଷରୁ ଶିଶୁ ମହୋତ୍ସବ 'ସୁରଭି'

କେସିଙ୍ଗା, ୧୬ ।୧୦(ସମିସ): ଆଜିର ଶିଶୁ ଆସନ୍ତାକାଲିର ଭବିଷ୍ୟତ। ଏକ ବିକଶିତ ଦେଶକୁ ଆଗେଇ ନେବାରେ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଶିଶୁ ମହୋତ୍ସବ ସୁରଭି ଏକ ମାଧ୍ୟମ। ସେଥି ପାଇଁ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ କେସିଙ୍ଗା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ଉମରମାଲ କ୍ଲଷ୍ଟରର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶୁଶିଳ କୁମାର ଦାସ ଙ୍କ ସଂଯୋଜନାରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରଲସିଙ୍ଗା ପରିସରରେ ଗୁରୁବାର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରଲସିଙ୍ଗା ଗ୍ରାମ ପଞ୍ଚାୟତ ସରପଞ୍ଚ କୃତ୍ତାଞ୍ଜଳ ଗଡତ, ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ମାଧବ ମହଲା, ଶିକ୍ଷକ ପ୍ରଭାତ ମହଲା, କ୍ଲଷ୍ଟର ସଂଯୋଜକ ଶୁଶିଲ କୁମାର ଦାସ୍, ପରଲସିଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ସାହୁ, ସାମ୍ବାଦିକ ଦିଲେଶ୍ୱର ମିଶ୍ର ଅତିଥି ଭାବେ ଯୋଗଦେଇ ଥିଲେ।ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ବିଭୁତି ପ୍ରଧାନ ଖୁସିରାମ ସାହୁ, ପ୍ରିୟମ୍ବଦା ପରିଡ଼ା, ମାଧବୀ ସାଠୁଆ, ଲଳିତା ପାତ୍ର, ବିଭୁତି ପ୍ରଧାନ, ପ୍ରଶାନ୍ତ ନନ୍ଦ ବାଗ, ସତ୍ୟବତୀ ମକ୍ଷହାର, ଅଙ୍କ ମାଝୀ, ଏବଂ କ୍ଲଷ୍ଟରର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

ଦେବଗିରି ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା ଚୟନ

ସଞ୍ଜୟ ସଭାପତି, ସୁନୀଲ ସାଧାରଣ ସମ୍ପାଦକ

ଭବାନୀପାଟଣା, ୧୬ ।୧୦ (ସମିସ): ରାଜ୍ୟର ଅଗ୍ରଣୀ ସଂସ୍ଥା ଦେବଗିରି ସାଂସ୍କୃତିକ ଅନୁଷ୍ଠାନର ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ବୁଢ଼ୀପଦର ସ୍ଥିତ ଅନୁଷ୍ଠାନର ସଭାଗୃହରେ ଗୁରୁବାର ସନ୍ଧ୍ୟାରେ ଏନେଇ ଆୟୋଜିତ ବୈଠକର ସଭାପତିତ୍ୱ କରିଥିଲେ ପୂର୍ବତନ ସଭାପତି ପ୍ରଦୀପ କୁମାର ଧଙ୍ଗଡ଼ାମାଝୀ। ଦେବଗିରି ସାଂସ୍କୃତିକ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଭାବେ



ପୁନର୍ବାର ବିଜୟ କୁମାର ଧଙ୍ଗଡ଼ାମାଝୀଙ୍କୁ ଦାୟୀତ୍ୱ ଅର୍ପଣ କରାଯାଇଛି।ସର୍ବସମ୍ମତିକ୍ରମେ ସଭାପତି ଭାବେରେ ସଞ୍ଜୟ କୁମାର ଧଙ୍ଗଡ଼ାମାଝୀ, ଉପସଭାପତି ଭାବେ ଜୟଦ୍ରଥ ଜାଲ, ସାଧାରଣ ସମ୍ପାଦକ ଭାବେ ସୁନୀଲ କୁମାର ଧଙ୍ଗଡ଼ାମାଝୀ, ଯୁଗ୍ମ ସମ୍ପାଦକ ଭାବରେ ସୁଧୀର କୁମାର ଧଙ୍ଗଡ଼ାମାଝୀ, କୋଷାଧ୍ୟକ୍ଷ ଭାବେ ସୁରେଶ କୁମାର ଧଙ୍ଗଡ଼ାମାଝୀ, ସାଂସ୍କୃତିକ ସମ୍ପାଦକ ସଲିଲ କୁମାର ଧଙ୍ଗଡ଼ାମାଝୀ, କ୍ରୀଡ଼ା ସମ୍ପାଦକ ଅନିଲ କୁମାର ଧଙ୍ଗଡ଼ାମାଝୀ ଓ ସଂଗଠନ ସମ୍ପାଦକ ଭାବେ ପ୍ରକାଶ ଧଙ୍ଗଡ଼ାମାଝୀ ମନୋନୀତ ହୋଇଛନ୍ତି। ଆଗକୁ ରାଜ୍ୟସ୍ତରୀୟ କୁମାରସ୍ୱାମୀ ମହୋତ୍ସବ-୨୦୨୫ ଓ ବାର୍ଷିକ ଉତ୍ସବ ପାଳନ ନେଇ ତାରିଖ ଘୋଷଣା ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ରହିଛି।

କ୍ଷିରବତୀ ହତ୍ୟା ଘଟଣା

ଅଭିଯୁକ୍ତଙ୍କୁ ଗିରଫ ଦାବିରେ ୧୯ରେ ରାସ୍ତାରୋକ

କେସିଙ୍ଗା, ୧୬ ।୧୦(ସମିସ)

ଗତ ସେପ୍ଟେମ୍ବର ମାସ ୧୦ ତାରିଖରେ କେସିଙ୍ଗା ଥାନା ଉମରମାଲ ଗ୍ରାମରେ ହୋଇଥିବା ଚର୍ଚ୍ଚିତ କ୍ଷୀରବତୀ ହତ୍ୟା ମାମଲାକୁ ନେଇ ସମଗ୍ର ସାହୁ ସମାଜରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଅସନ୍ତୋଷ ବଢ଼ିବାର କାରଣ ଲିଖିତ ଅଭିଯୋଗରେ ଲେଖାଯାଇଥିବା ଅନ୍ୟ ୩ ଜଣଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ପୁଲିସ ଧରିବାରେ ସଫଳ ହୋଇନାହିଁ। ଏଠାରେ ପ୍ରକାଶ ଠାଉକି କ୍ଷୀରବତୀଙ୍କ ମୃତ୍ୟୁ ପରେ ତାଙ୍କ ବାପା କେସିଙ୍ଗା ଥାନା ରେ ଯୌତୁକ ନିର୍ଯାତନା ବଧୂ ହତ୍ୟା ଅଭିଯୋଗ ଆଣି କ୍ଷୀରବତୀଙ୍କ ସ୍ୱାମୀ, ଶଶୁର, ଶାଶୂ ଓ ନଣନ୍ଦ ନାମରେ ଲିଖିତ ଅଭିଯୋଗ କରିଥିଲେ। ଘଟଣା ଦିନ ସ୍ୱାମୀ ଜଗନ୍ନାଥଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିସାରିଥିବା ବେଳେ ବର୍ତ୍ତମାନ ମାସେରୁ ଊର୍ଦ୍ଧ୍ୱ ଦିନ ବିତି ଯାଇଥିଲେ ସୁଦ୍ଧା ଅନ୍ୟ ୩ ଜଣଙ୍କ ଟେର ପାଉନି ପୁଲିସ। ଏହାକୁ ନେଇ ଗତ ସେପ୍ଟେମ୍ବର ମାସ ୨୪ ତାରିଖରେ ମଧ୍ୟ କ୍ଷୀରବତୀଙ୍କ ବାପ ଘର ମ.ରାମପୁର ଥାନା ବାଞ୍ଜିପଦର ଗ୍ରାମବାସୀ ଓ ସାହୁ ସମାଜର ଅନେକ କର୍ମକର୍ତ୍ତା ଅନ୍ୟ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ ଦାବିରେ କେସିଙ୍ଗା ଥାନା ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସି ବିରୋଧ ପ୍ରଦର୍ଶନ କରିଥିଲେ। ସେହି ସମୟରେ କେସିଙ୍ଗା ଥାନା ଅଧିକାରୀ ଜୀତେନ୍ଦ୍ର କୁମାର ବିଶ୍ୱାଳ ପ୍ରଦର୍ଶନକାରୀଙ୍କ ସମ୍ମୁଖକୁ ଆସି ଅନ୍ୟ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ବୁଝାସୁଝା କରି ଆଉ କିଛି ଦିନ ସମୟ ମାଗିଥିଲେ। ଧାରଣାରେ ବସିଥିବା ସାହୁ ସମାଜର କର୍ମକର୍ତ୍ତାମାନେ ୧୦ ଦିନ ଭିତରେ ଅଭିଯୁକ୍ତଙ୍କୁ ଗିରଫ ନ କଲେ ପୁଣି ଆନ୍ଦୋଳନ ଓ ରାସ୍ତାରୋକ କରାଯିବ ବୋଲି ପୁଲିସକୁ ଜଣାଇ ଥିଲେ।ବର୍ତ୍ତମାନ ପ୍ରାୟ ୨୦ ଦିନ ବିତିଯାଇଥିଲେ ମଧ୍ୟ ପୁଲିସର ହାତ ଅଭିଯୁକ୍ତଙ୍କ ପାଖରେ ପହଞ୍ଚି ପାରି ନ ଥିବାରୁ ବାଞ୍ଜିପଦର ଗ୍ରାମ୍ୟ କମିଟି ଓ ଅଞ୍ଚଳବାସୀଙ୍କ ସହଯୋଗରେ ଆସନ୍ତା ୧୯ ତାରିଖ ସକାଳ ୧୦ ଘଣ୍ଟା ସମୟରୁ ମଦନପୁର ରାମପୁର ଥାନା ଯୋରାଡବରା ଛକ ଏନ୍‌ଏଚ ୫୯ ଯାହା ଆଗକୁ ବୌଦ୍ଧ, ଫୁଲବାଣୀ, ବ୍ରହ୍ମପୁରକୁ ଯୋଡୁଛି ତାହାକୁ ଅନିର୍ଦ୍ଦିଷ୍ଟ କାଳପାଇଁ ବନ୍ଦ କରିବାକୁ ସାହୁ ସମାଜ ପକ୍ଷରୁ ଗଣମାଧ୍ୟମକୁ ଓ ସ୍ଥାନୀୟ ପ୍ରଶାସନକୁ ସୂଚନା ଦିଆଯାଇଛି।ଆମେ ଉକ୍ତ ବିଷୟ ଉପରେ ଥାନା ଅଧିକାରୀଙ୍କ ସହିତ ଆଲୋଚନା କରିଥିଲୁ ଅଧିକାରୀଙ୍କ କହିବା ଅନୁଯାୟୀ ଆମେ ଉକ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ଅନେକ ସ୍ଥାନରେ ରେଡ କରୁଛୁ ସେମାନଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଟିମ୍ ପ୍ରସ୍ତୁତ କରାଯାଇଛି ସମ୍ଭବତଃ ବହୁତ ଶୀଘ୍ର ଅନ୍ୟ ୩ ଜଣ ଅଭିଯୁକ୍ତ ପୁଲିସ ହାତରେ ଧରାପଡ଼ିବେ ବୋଲି ପ୍ରକାଶ କରିଥିଲେ।

ସିଙ୍ଗଝର କ୍ଲଷ୍ଟରସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ

ସିନାପାଲି, ୧୬ ।୧୦(ସମିସ): ଛାତ୍ରଛାତ୍ରୀଙ୍କ ପାଖରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଅନନ୍ୟ ପ୍ରୟାସ୍ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିନାପାଲି ବ୍ଲକ ସିଙ୍ଗଝର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସିଙ୍ଗଝର କ୍ଲଷ୍ଟରସ୍ତରୀୟ ସୁରଭି

କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଙ୍ଗଝର କ୍ଲଷ୍ଟର ସିଆରସିସି ସଞ୍ଜୟ କୁମାର ବୈଠାରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚନ୍ଦ୍ରଭାନୁ କଶ୍ୟପ, ମୁଖ୍ୟବକ୍ତା ଭାବରେ ପୂର୍ବତନ ସିଆରସିସି ଜୟକୃଷ୍ଣ ଯୋଶୀ, ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହୃଷିକେଶ ନାୟକ, ସିଙ୍ଗଝର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭୁବନେଶ୍ୱର ମାଝୀ, ସିଙ୍ଗଝର ଗ୍ରାମର ଗହଁଟିଆ ଧରଣୀଧର ମାଝୀ, ସୁଶୀଲ କୁମାର ଯୋଷୀ, ସମାଜସେବୀ ଗୌରୀଶଙ୍କର ମାଝୀ ଓ ପ୍ରଧାନଶିକ୍ଷକ ପଦ୍ମଲୋଚନ ନାୟକ ମଞ୍ଚାସୀନ ଥିଲେ। ଏଥିରେ ମଞ୍ଚ ପରିଚାଳନା କରିଥିଲେ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୌତମ ମେହେର ଓ ପରିଶେଷରେ ଶିକ୍ଷକ ଆଲୋକ ରଞ୍ଜନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟରୁ ପ୍ରାୟ ୨୫୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ରଚନା, ବକ୍ତୃତା, ନୃତ୍ୟ, ପ୍ରବନ୍ଧ, ତର୍କ, ଚିତ୍ରାଙ୍କନ ସମେତ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇ ନିଷ୍ଠାର ସହିତ ବିଭିନ୍ନ ଦାୟିତ୍ୱକୁ ସୁଚାରୁରୂପେ ତୁଲାଇ ଥିଲେ।

ଏ.ପି.ଜେ. ଅବଦୁଲ କଲାମଙ୍କ ଜନ୍ମଦିନ ପାଳିତ

ବୈପାରୀଗୁଡା, ୧୬।୧୦ (ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଚନ୍ଦ୍ରପୋଡା ସ୍ଥିତ ଆଦର୍ଶ ବିଦ୍ୟାଳୟରେ ଡକ୍ଟର ଏ.ପି.ଜେ. ଅବଦୁଲ କଲାମଙ୍କ ଜନ୍ମଦିନ ପାଳିତ ହୋଇଯାଇଛି । ଓଡିଶା ଆଦର୍ଶ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଅବଦୁଲ କଲାମଙ୍କ ଜନ୍ମଦିନ ପାଳିତ ଅବସରରରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ପ୍ରିନ୍ସିପାଲ ଶଶି ଭୂଷଣ ମହାପାତ୍ର ଯୋଗଦେଇ ଅବଦୁଲ କଲାମଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। କଲାମଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଅତିଥି କହିଥିଲେ ଯେ, କଲାମ ଜଣେ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତି ଭାବରେ ମନେ ରଖାଯାଏ । ଯିଏ ଯୁବ ମନକୁ ପ୍ରଜ୍ୱଳିତ କରିଥିଲେ ଏବଂ ଆମ ଦେଶକୁ ବଡ଼ ସ୍ୱପ୍ନ ଦେଖିବା ପାଇଁ ପ୍ରେରଣା ଦେଇଥିଲେ। ଏହି ଏହି ଅବସରରେ ବିଦ୍ୟାଳର ସମସ୍ତ ଛାତ୍ର ଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ

ଭୁବନେଶ୍ୱରରେ ରାୟଗଡା ଶିକ୍ଷକଙ୍କୁ ଆକ୍ରମଣ ମାମଲା: ୨ ଗିରଫ

ରାୟଗଡ଼ା,୧୬।୧୦(ସମିସ): ରାୟଗଡ଼ାର ସ୍ୱନାମଧନ୍ୟ ରାଷ୍ଟ୍ରପତି ସମ୍ମାନ ପ୍ରାପ୍ତ ଶିକ୍ଷକ ଦ୍ୱିତୀଚନ୍ଦ୍ର ସାହୁଙ୍କୁ ଆକ୍ରମଣ କରି ମୋବାଇଲ ଲୁଟ୍ ଘଟଣାରେ ଭୁବନେଶ୍ୱର କମିଶନରେଟ୍ ପୁଲିସ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗତ ସୋମବାର ଦିନ ରାୟଗଡ଼ାର ଶିକ୍ଷକ ଶ୍ରୀ ସାହୁ ରାଜ୍ୟ ଶିକ୍ଷା ଗବେଷଣା ପ୍ରତିଷ୍ଠାନର ଏକ କର୍ମଶାଳାରେ ଯୋଗ ଦେବା ପାଇଁ ଭୁବନେଶ୍ୱର ଯାଇଥିଲେ । ୬ ନମ୍ବର ପ୍ଲାଟଫର୍ମରୁ ବାହାରି କଟକ ରୋଡକୁ ଚାଲି ଚାଲି ଯାଉଥିବା ବେଳେ ତାଙ୍କୁ ଅଜଣା ଦୁର୍ବୃତ୍ତ କାଠ ଫାଳିଆରେ ଆକ୍ରମଣ କରି ତାଙ୍କ ଠାରୁ ମୋବାଇଲ ଫୋନ ଲୁଟି ନେଇଥିଲେ । ଆକ୍ରମଣ ଯୋଗୁଁ ତାଙ୍କ ମୁଣ୍ଡରେ ୧୨ଟି ଷ୍ଟିଚ୍ ପଡିଥିଲା । ଏ ନେଇ ସେ ଲକ୍ଷ୍ମୀସାଗର ଥାନାରେ ଏତଲା ଦେଇଥିଲେ । କମିଶନରେଟ୍ ପୁଲିସ ଏହାର ତଦନ୍ତ କରି ଭୁବନେଶ୍ୱର ବୁଦ୍ଧ ନଗରର ଅର୍ଜୁନ ପ୍ରଧାନ ଓ ପିଡବ୍ୟୁଡି ବସ୍ତି କଦଳୀ ଗୋଦାମର ସୁନିଲ ନାୟକକୁ ଗିରଫ କରି ତାଙ୍କ ଠାରୁ ୩ଟି ମୋବାଇଲ ଫୋନ ଜବତ କରିଥିଲେ । ଆହତ ଶ୍ରୀ ସାହୁ ଏବେ ବିପଦ ମୁକ୍ତ ଥିବା ଡ଼ାକ୍ତର କହିଛନ୍ତି । ଅପରପକ୍ଷେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅଭିଯୁକ୍ତ ମାନଙ୍କୁ ଗିରଫ କରିଥିବାରୁ ପୋଲିସଙ୍କୁ ଧନ୍ୟବାଦ ଜଣାଇବା ସହ ଭୋର ସକାଳ ସମୟରେ ଟ୍ରେନ ଯୋଗେ ଭୁବନେଶ୍ୱରରେ ପହଞ୍ଚି ବାହାରକୁ ଯାଉଥିବା ଯାତ୍ରୀ ତଥା ସାଧାରଣ ଜନତାଙ୍କୁ ଏଭଳି ଘଟଣା କ୍ରମରୁ ସୁରକ୍ଷା ଦେବା ପାଇଁ ଉକ୍ତ ଅଞ୍ଚଳ ଗୁଡିକରେ ପୋଲିସ ପେଟ୍ରୋଲିଙ୍ଗ କଡାକଡି କରିବାକୁ ସେ ଦାବି କରିଛନ୍ତି







ରମେଶ ଚନ୍ଦ୍ର ସାହୁ ରାଜ୍ୟ ବିଜେପି ଉପ ସଭାପତି

ଉମରକୋଟ, ୧୬।୧୦(ସମିସ): ରମେଶ ଚନ୍ଦ୍ର ସାହୁଙ୍କୁ ରାଜ୍ୟ ବଜେପି ଉପ ସଭାପତି ଭାବେ ମନୋନୀତ ହୋଇଛନ୍ତି । ଉମରକୋଟ ରେ ବିଜେପି ବିଧାୟକ ମାନଙ୍କୁ ବିଜୟକରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ରମେଶ ସାହୁ ପୂର୍ବରୁ ୨ ଥ ଜିଲ୍ଲା ସଭାପତି ଭାବେ ମନୋନୀତ ହେଇଥିବା ସହ ଏବେ ୪ ବର୍ଷ ହେଲା ରାଜ୍ୟ ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲେ । ଜଣେ ସରଳ ମିଷ୍ଟ ଭାଶି ଓ ନମ୍ର ବ୍ୟବହାର ପାଇଁ ସୁନାମ ରହିଥିବା ରମେଶ ସାହୁ ଏହି ଅଞ୍ଚଳର ବିକାସରେ ମୁଖ୍ୟ ଗ୍ରହଣ କରିବେ ବୋଲି ଆଶା କରାଯାଉଛି । ଉପ ସଭାପତି ଭାବେ ମନୋନୀତ ହେବା ପରେ ରମେଶ ଚନ୍ଦ୍ର ସାହୁ ରାଜ୍ୟ ସଭାପତି ମନମୋହନ ସାମଲ ଓ ସାଂଗଠନିକ ସମ୍ପାଦକ ମାନସ ମହାନ୍ତି ଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ନୁଆପଡା ଉପନିର୍ବାଚନ ପାଇଁ ନୂଆପଡ଼ାରେ ଥିବା ରମେଶ ଚନ୍ଦ୍ର ସାହୁଙ୍କୁ ମୋବାଇଲ ଯୋଗେ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଉଛି ।

● ନାବାଳିକା ଅପହରଣ ମାମଲା

ଅପହରଣକାରୀ ପୁଅ ସହ ବାପା ଗିରଫ

ଜୟପୁର,୧୬।୧୦(ସମିସ): କୋରାପୁଟ ଜିଲ୍ଲା ଜୟପୁର ସଦରଥାନା ପୁଲିସ ପକ୍ଷରୁ ନାବାଳିକା ଅପହରଣ ମାମଲାରେ ଅଭିଯୁକ୍ତ ପୁଅକୁ ଗିରଫ କରିଥିବା ବେଳେ ଏଥିରେ ପୁଅକୁ ସହଯୋଗ କରିଥିବା ଅଭିଯୋଗରେ ବାପାଙ୍କୁ ଗିରଫ କରାବା ସହ କୋର୍ଟ ଚାଲାଣ କରିଛନ୍ତି । ଗିରଫ ଅଭିଯୁକ୍ତ ପୁଅ ବୋରିଗୁମ୍ମା ଥାନା ଦୁତିଗୁଡ଼ା ଗ୍ରାମର ସମୀର ହରିଜନ(୨୨) ଏବଂ ତାଙ୍କୁ ସହଯୋଗ କରିଥିବା ପିତା ତ୍ରିଲୋଚନ ହରିଜନ(୫୦) । ଅଭିଯୁକ୍ତ ବାପା ଓ ପୁଅଙ୍କୁ ପୁଲିସ ଦଶମନ୍ତପୁର ଥାନା ଅଞ୍ଚଳରୁ ଗିରଫ କରିଥିବା ବେଳେ ନାବାଳିକା ଝିଅକୁ ଉଦ୍ଧାର କରିବା ପରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ କୋରାପୁଟ ସ୍ଥିତ ଏକ ନାବାଳିକ ହୋଷ୍ଟେଲରେ ସୁରକ୍ଷିତ ଭାବେ ରଖାଯାଇଛି ।

ପୁଲିସ ସୂଚନା ଅନୁଯାୟୀ, ଜୟପୁର ସଦରଥାନା ଅଞ୍ଚଳର କୁମୁଲିପୁଟ ଗ୍ରାମର ଜଣେ ୧୬ ବର୍ଷିୟା ନାବାଳିକାଙ୍କୁ ଅଭିଯୁକ୍ତ ଅପହରଣକାରୀ ସମୀର ଗତ ଏକ ମାସ ମଧ୍ୟରେ ଦୁଇଥର ଅପହରଣ କରି ନେଇଯାଇଥିଲେ। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ମାସ ୪ତାରିଖରେ ନାବାଳିକା ପାରାବେଢା ସ୍ଥିତ ଏକ ଘରୋଇ ବିଦ୍ୟାଳୟକୁ ପାଠ ପଢିବାକୁ ଆସିଥିବା ବେଳେ ଅଭିଯୁକ୍ତ ଯୁବକ ବିଦ୍ୟାଳୟ ନିକଟରୁ ଏକ କାର ଯୋଗେ ଅପହରଣ କରିଥିବା ନେଇ ଟାଉନଥାନାରେ ମାମଲା ରୁଜୁ ହୋଇଥିଲା। ଏହିପରି ପୁଲିସ ଖୋଜାଖୋଜି କରିଥିଲେ ସୁଦ୍ଧା ପରିବାର ପକ୍ଷରୁ ବାଳିକାଙ୍କୁ ନବରଙ୍ଗପୁର ଜିଲ୍ଲା ଖାତିଗୁଡା ଥାନା ଅଞ୍ଚଳରୁ ଉଦ୍ଧାର କରିଥିଲେ। କିନ୍ତୁ ଅଭିଯୁକ୍ତ ଯୁବକ ସମୀର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଏକ ମାସ ମଧ୍ୟରେ ପୁଣି ସେହି ନାବାଳିକାଙ୍କୁ ଚଳିତ ମାସ ୫ ତାରିଖରେ ବିଳମ୍ବିତ ରାତିରେ ନାବାଳିକାଙ୍କୁ ରାତିରେ ତାଙ୍କ ଗ୍ରାମ କୁମୁଲିପୁଟରୁ ଅପହରଣ କରିଥିବା ନେଇ ଅଭିଯୁକ୍ତ ସମୀରଙ୍କ ବିରୋଧରେ ସଦରଥାନାରେ ନାବାଳିକାଙ୍କ ପିତାଙ୍କ ପକ୍ଷରୁ ମାମଲା ରୁଜୁ ହୋଇଥିଲା। ଏଥିନେଇ ସଦରଥାନାରେ ମଧ୍ୟ ଦ୍ୱିତୀୟ ମାମଲା ରୁଜୁ ହୋଇଥିଲା। ଅପହରଣକାରୀ ପୁଅକୁ ସହଯୋଗ କରିଥିବା ଅଭିଯୋଗରେ ବାପାକୁ ଗତ ୧୨ ତାରିଖରେ ଟାଉନଥାନା ପୁଲିସ ପକ୍ଷରୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ବାହାରିବା ପରେ ଅଭିଯୁକ୍ତ ବାପା ମୁଖ୍ୟ ଅଭିଯୁକ୍ତ ତାଙ୍କ ପୁଅ ଏବଂ ନାବାଳିକାଙ୍କ ସହିକ ଦଶମନ୍ତପୁର ଅଞ୍ଚଳରେ ରହିଥିବା ନେଇ ସଦରଥାନା ପୁଲିସ ସୂଚନା ପାଇବା ପରେ ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଇନସପେକ୍ଟର ସୁରୋଚନା ପ୍ରଧାନ ଏକ ଦଳକୁ ନେଇ ଅଭିଯୁକ୍ତ ପୁଅ ଓ ବାପାଙ୍କୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲେ।



ଧାନ ନେଇ ଠକି ଦେଲେ ବ୍ୟବସାୟୀ

ମାଲକାନଗିରି,୧୬।୧୦(ସମିସ): ଧାନ କିଣିବା ପରେ ଟଙ୍କା ନଦେଇ ଠକିଦେଲେ ବ୍ୟବସାୟୀ, ଥାନାରେ ଏତଲା ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏଭଳି ଅଭିଯୋଗ ଆସିଛି ମାଲକାନଗିରି ଜିଲ୍ଲା ସଦର ଥାନା ଅନ୍ତର୍ଗତ ସିଆଡିମାଳ ଗାଁରୁ। ଏମଭି -୨୨ ଗାଁର ଧାନ ବ୍ୟବସାୟୀ ଅବିନାଶ ସର୍ଦ୍ଦାର ସିଆଡିମାଳ ଗାଁର ୫୩ ଜଣ ଚାଷୀଙ୍କ ଠାରୁ ପାଖାପାଖି ୬୧ ଲକ୍ଷ ଟଙ୍କାର ଧାନ ଏବଂ ରାଶି କିଣି ନେଇଥିଲେ। ପରେ ଗ୍ରାମବାସୀ ମାନେ ଟଙ୍କା ମାଗିବାରୁ ଆଜି ଦେବି, କାଲି ଦେବି କହିବା ସହ ଅଧିକାଂଶ ସମୟରେ ମୋବାଇଲ ବନ୍ଦ ରଖୁଥିଲେ। ଶେଷରେ ଗ୍ରାମବାସୀ ତାଙ୍କ ନାଁରେ ଥାନାରେ ଏତଲା ଦେଲେ। ଏତଲା ଦେବା ପରେ ପୁଲିସ ତାଙ୍କୁ ଥାନାକୁ ଆଣିଥିଲେ।ପରେ ପୁଣି ଛାଡ଼ି ଦେଇଥିଲେ। ସେବେଠାରୁ ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ଆମ ସମସ୍ୟାର ସମାଧାନ ହୋଇ ପାରିନାହିଁ। ଏମିତିରେ ବାରମ୍ବାର ଥାନାଧିକାରୀ ଏବଂ ଉପରିସ୍ଥ ଅଧିକାରୀଙ୍କୁ ଭେଟି ନୟାନ୍ତ ହେଲେଣି ସିଆଡିମାଳ ଚାଷୀ। ନିରୁପାୟ ହୋଇ ଶେଷରେ ଜିଲ୍ଲାପାଳଙ୍କୁ ଆଜି ଭେଟି ଲିଖିତ ଅଭିଯୋଗ କରିଛନ୍ତି।



ପ୍ରତିଶ୍ରୁତି ଭୁଲିଗଲେ ପ୍ରଶାସନ,କମ୍ପାନୀ କର୍ତ୍ତୃପକ୍ଷ

ଜମିହରା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

କୋରାପୁଟ,୧୬ା୧୦ (ସମିସ): କମ୍ପାନୀ ପ୍ରତିଷ୍ଠା ହେଲେ ଜମିହରା ଓ ସ୍ଥାନୀୟ ଶିକ୍ଷିତ ଯୁବକ ଯୁବତୀମାନଙ୍କୁ କର୍ମ ନିଯୁକ୍ତି ମିଳିବ, ଉପଯୁକ୍ତ କ୍ଷତି ପୂରଣ ଦିଆ ଯିବ, ଏଭଳି ପ୍ରତିଶ୍ରୁତି ଦେଇ ଜମି ନେଲେ । କିନ୍ତୁ ବର୍ତ୍ତମାନ ସ୍ଥାନୀୟ ଲୋକଙ୍କୁ ଅଣଦେଖା କରି କମ୍ପାନୀ କର୍ତ୍ତୃପକ୍ଷ କାମ କରୁଥିବା ଅଭିଯୋଗ କରି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତମାସରେ ସେମିଳିଗୁଡା ବ୍ଲକରେ ଗ୍ରୀନ ପ୍ଲାଏଉଡ ଶିଳ୍ପ ପ୍ରତିଷ୍ଠା ପାଇଁ ଭିତି ପ୍ରସ୍ତର କରା ଯାଇଥିଲା। ଉକ୍ତ ଶିଳ୍ପ ନିମନ୍ତେ ସଂପୃକ୍ତ କମ୍ପାନୀ ସେମିଳିଗୁଡା ବ୍ଲକ ଅନ୍ତର୍ଗତ ପାକଝୋଲା ଓ ଦଳେଇଗୁଡ଼ା ପଞ୍ଚାୟତର ସରକାରୀ ଜମି ସହ ୪୦ ବର୍ଷ ପୂର୍ବରୁ ରାଜ୍ୟ ସରକାର ଦୁଇ ପଞ୍ଚାୟତର ୮୪ଟି ପରିବାରକୁ ଜୀବନ ଜୀବିକା ନିମନ୍ତେ ଦେଇଥିବା ୭୩ ଏକର ଜମି ନେଇଥିଲେ। ଲୋକଙ୍କୁ ଜମି ବାବଦରେ କ୍ଷତି ପୂରଣ ସହ ନିଯୁକ୍ତି କ୍ଷେତ୍ରରେ ସୁଯୋଗ ଦେବାକୁ କଂପାନୀ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ବର୍ତ୍ତମାନ ସ୍ଥାନୀୟ ବିଡିଓ ଓ କମ୍ପାନୀ କର୍ତ୍ତୃପକ୍ଷ ତାହା ଭୁଲି ଯାଇଛନ୍ତି। ଜମିହରା ଗ୍ରାମବାସୀଙ୍କ କହିବା ଅନୁଯାୟୀ ଲୋକେ ଉକ୍ତ ଜମିରେ ଚାଷ କରିବା ସହ କାଜୁ, ଓ ଅନ୍ୟାନ୍ୟ ଫଳ ଚାଷ କରି ଗୁଜୁରାଣ ମେଣ୍ଟାଉଥିଲେ। ବର୍ତ୍ତମାନ ଜମି ଚାଲି ଯିବା ପରେ ସେମାନଙ୍କର ଚିନ୍ତା ବଢ଼ିଛି। ଶିଳ୍ପ ପ୍ରତିଷ୍ଠା ହେଲେ ଲୋକ ଦୋକାନ ବଜାର କରିବେ, କେତେକ ବ୍ୟକ୍ତି ଋଣ କରି ଟ୍ରକ୍, ଟିପର କ୍ରୟ କରିଛନ୍ତି । କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ ସେମାନଙ୍କ ଗାଡ଼ି ନେବାକୁ ମନା କରିଛନ୍ତି। ଫଳରେ ଋଣ ଆଣିଥିବା ଲୋକେ ମାନସିକ ନିର୍ଯାତନା ପାଉଛନ୍ତି। ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି କମ୍ପାନୀ ପ୍ରଥମେ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବା ପାଇଁ ଜିଲ୍ଲାପାଳଙ୍କୁ ଜମିହରା ପରିବାର ଅନୁରୋଧ କରିଛନ୍ତି।

ବିଜେଡି ପକ୍ଷରୁ ନବୀନ ବାବୁଙ୍କ ଜନ୍ମଦିନ ପାଳନ

ପଦ୍ମପୁର,୧୬.୧୦(ସମିସ) ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ ବିଜେଡି ତରଫରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମ ଜୟନ୍ତୀ ଅବସରରେ ପଦ୍ମପୁର ର ସମସ୍ତ ବିଜେଡି ନେତା ଓ କର୍ମୀ ପରସ୍ପର ମଧ୍ୟରେ ଥିବା ରାଗରୁଷାକୁ ଭୁଲି ସମସ୍ତେ ପଦ୍ମପୁର ସ୍ଥିତ ଐତିହାସିକ ନୀଳକଣ୍ଠେଶ୍ୱର ମନ୍ଦିର ସମ୍ମୁଖରେ ସମାବେଶ ହୋଇ କେକ୍ କାଟି ତାଙ୍କର ଦୀର୍ଘ ଜୀବନ କାମନା କରିଥିଲେ। ପଦ୍ମପୁର ଅଚଳରେ ବିଜେଡି ତା'ର ଲୋକପ୍ରିୟତା ବଜାୟ ରଖିଛି ବୋଲି ନେତୃବୃନ୍ଦ ମତବ୍ୟକ୍ତ କରିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜେଡ଼ି ତାର ଲୋକପ୍ରିୟତା ପାଇଁ ପୁନର୍ବାର କ୍ଷମତା ହାସଲ କରିବ ବୋଲି ବିଜେଡି ନେତା ମାନେ ମତବ୍ୟକ୍ତ କରିଥିଲେ। ପରେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ଏହି ସମୟରେ ପଦ୍ମପୁର ବ୍ଲକ୍ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ବରିଷ୍ଠ ବିଜେଡି ନେତା ଗୋଦାବରୀ ରାଉତ, ଦୁର୍ଗା ସାହୁ, ରବିନାରାୟଣ ଆଚାର୍ଯ୍ୟ, ସରପଞ୍ଚ ପ୍ରକାଶ କଣ୍ଡାଗୀରି, ଟୁକୁନା ପଣ୍ଡା, ଦେବେନ୍ଦ୍ର ପାଢ଼ୀ, ପ୍ରଶାନ୍ତ ଦଳେଇ, ବ୍ରଜ ସୁନ୍ଦର ପାଣିଗ୍ରାହୀ, ହୁତୁଲା ମାଝୀ, ବୁନା ପାଣିଗ୍ରାହୀ, ଏଲ୍ ଚେଲ୍ ପତି, ଟୁନା ସାହୁଙ୍କ ସହ ପଦ୍ମପୁର ବ୍ଲକ୍ ର ବହୁ ବିଜୁ ପ୍ରେମୀ ଯୋଗଦାନ କରିଥିଲେ।

ଆଶାକର୍ମୀ ସଂଘର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଦାବି ପୂରଣ ନହେଲେ ରାଜଧାନୀରେ ଆନ୍ଦୋଳନ

କୋରାପୁଟ,୧୬ା୧୦(ସମିସ): ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ୯ ଦଫା ଦାବିନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୋରାପୁଟ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ କୋରାପୁଟ ଜିଲ୍ଲା ଶାଖା ସଭାପତି ମମତା ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ ଆଶାକର୍ମୀ ଏକ ବିଶାଳ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳ କାର୍ଯ୍ୟାଳୟ ଠାରେ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ଗୁଡ଼ିକ ମଧ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କୁ ସ୍ଥାୟୀ କରାଯାଇ ଆଶାକର୍ମୀ ମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ କରିବା, ମାସିକ ୧୮ ହଜାର ଟଙ୍କା ବେତନ ଦେବା, ସମସ୍ତ ଆଶାକର୍ମୀ ମାନଙ୍କୁ ସାମାଜିକ ସୁରକ୍ଷା ଅନ୍ତର୍ଗତ ଇଏସ୍ଆଇ ଓ ଇପିଏଫ ରେ ଅନ୍ତର୍ଭୁକ୍ତ କରାଇବା, ପ୍ରତିମାସ ୧୦ ତାରିଖ ମଧ୍ୟରେ ମାନଦେୟ ପ୍ରଦାନ ସହ ପ୍ରତି ଡାକ୍ତରଖାନାରେ ଆଶା ଗୃହ ନିର୍ମାଣ କରିବା, ଯୋଗ୍ୟତା ଭିତ୍ତିକ ଆଶା କର୍ମୀ ମାନଙ୍କୁ ଉପଯୁକ୍ତ ତାଲିମ୍ ପ୍ରଦାନ କରାଯାଇ ଏଏନ୍ଏମ ଭାବରେ ପଦୋନ୍ନତି କରାଯିବା, ପ୍ରତେ୍ୟକ ଆଶାକର୍ମୀ ମାନଙ୍କୁ ବର୍ଷକୁ ଦୁଇ ହଳ ୟୁନିଫର୍ମ ପ୍ରଦାନ ସହ ରିପୋର୍ଟ ସମ୍ପାଦନ ପାଇଁ ରେଜିଷ୍ଟ୍ରାର ଯୋଗାଇବା, ଦୁର୍ଘଟଣା ଜନିତ ମୃତ୍ୟୁ ସହାୟତା ରାଶି ୧୦ ଲକ୍ଷ ଟଙ୍କା ପ୍ରଦାନ, ଅବସରକାଳୀନ ସହାୟତା ରାଶି ଏକ କାଳୀନ ୧୦ ଲକ୍ଷ ଟଙ୍କା ପ୍ରଦାନ ସହିତ ମାସିକ ଭତ୍ତା ୫ ହଜାର ଟଙ୍କା ପ୍ରଦାନ କରିବା ଏବଂ ୫ଜି ମୋବାଇଲ୍ କିମ୍ବା ଟାବେଲଟ ଯୋଗାଇବା ନେଇ ଲିଖିତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ରାଜ୍ୟ ବ୍ୟାପୀ ଆଜି ଆଶାକର୍ମୀଙ୍କ ତରଫରୁ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଉଛି । ଯଦି ସରକାର କର୍ଣ୍ଣପାତ ନକରନ୍ତି, ତାହେଲେ କାର୍ଯ୍ୟ ବନ୍ଦ କରିବା ସହ ରାଜଧାନୀରେ ଆନ୍ଦୋଳନ ପାଇଁ ସରକାର ଦାୟୀ ରହିବେ ବୋଲି କୁହାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଭାରତୀୟ ମଜଦୁର ସଂଘ କୋରାପୁଟ ଜିଲ୍ଲା ସଭାପତି ବିରଞ୍ଚି ନାରାୟଣ ଷଡ଼ଙ୍ଗୀ, ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ସାଧାରଣ ସମ୍ପାଦିକା କମଳା ବେହେରା, ଅଖିଳ ଭାରତୀୟ ଆଶା କର୍ମଚାରୀ ମହା ସଂଘର ସଭାନେତ୍ରୀ ଜିନିମା ଖରାଙ୍କ ସହ ଜିଲ୍ଲାର ସମସ୍ତ ବ୍ଲକ୍ ର ଶତାଧିକ ଆଶାକର୍ମୀ ଉପସ୍ଥିତ ଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ କୋରାପୁଟ ଟାଉନ ପୋଲିସର ଏକ ଟିମ୍ ରହିଥିଲେ।

ଦ୍ୱିତୀକୃଷ୍ଣଙ୍କ ପ୍ରବଚନ ଶୁଣିବାକୁ ଭିଡ଼

ଉମରକୋଟ ୧୬ା୧୦ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରର ଗୁଲିପାଟଣା ସ୍ଥିତ କଳିଙ୍ଗ କଳା ଓ ସାଂସ୍କୃତିକ ଯୁବ ପରିଷଦ ଓ ବାବା ବୈଦ୍ୟନାଥ ମନ୍ଦିର କମିଟି ର ପ୍ରଚେଷ୍ଟାରେ ଏହି ପ୍ରବଚନ କାର୍ଯ୍ୟକ୍ରମ ର ଆରମ୍ଭ କରାଯାଇଥିଲା ଏବଂ ଆଜି ଏହାର ଅନ୍ତିମ ଦିନ। ଅନ୍ତିମ ଦିନରେ ଶ୍ରଦ୍ଧାଳୁ ଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ଦ୍ୱିତୀକୃଷ୍ଣଙ୍କ ପ୍ରବଚନ ଶୁଣିବା ପାଇଁ ଝରୀଗାଁ, ରାଇଘର, ଧୋଡ୍ରା, ଡାବୁଗାଁ ରୁ ଲୋକେ ଆସୁଛନ୍ତି ଅନ୍ୟପଟେ ଯୁବ ବର୍ଗର ଯୁବକ ଯୁବତୀ ମାନେ ମଧ୍ୟ ଏହି ଆଧ୍ୟାତ୍ମିକ ପ୍ରବଚନ ଶୁଣିବାକୁ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ପୁରୀରୁ ଆସିଥିବା କୁନି ପ୍ରବଚକ୍ ଯାହାଙ୍କ ବୟସ ମାତ୍ର ୧୪ ବର୍ଷ। ତାଙ୍କ ନାମ ଶ୍ରୀକେଶବ ଦାସ ଦ୍ୱିତୀ କୃଷ୍ଣ ତଥା କୁନି ପ୍ରବଚକ ଙ୍କ ବାଣୀ ଶୁଣିବା ପାଇଁ ଲୋକଙ୍କ ମନରେ ବେଶ ଉତ୍ସାହ ଦେଖିବାକୁ ମିଳିଛି, କାର୍ଯ୍ୟକ୍ରମ ରେ ବିଭିନ୍ନ ବର୍ଗର ଲୋକଙ୍କୁ ଦେଖିବାକୁ ମିଳିଛି। ଗୀତା, ଭାଗବତ କଥା ଏବଂ ଜଗନ୍ନାଥ ଙ୍କ ପୌରାଣିକ ବିଷୟ ବସ୍ତୁ କୁ ନେଇ ପ୍ରବଚନ ଦେଇଥିଲେ। ଆଧ୍ୟାତ୍ମିକ ବିଷୟ ବସ୍ତୁ ଉପରେ ପ୍ରବଳ ଜ୍ଞାନ ହାସଲ କରିଥିବା ଏହି ପ୍ରବଚକ ଅନେକ ଆଧ୍ୟାତ୍ମିକ କଥା ମଧ୍ୟ କହିଥିଲେ। ସେହିଭଳି ମଣିଷ ଜୀବନର ଦୈନନ୍ଦିନ ଜୀବନ ରେ ଘଟୁଥିବା ଅନେକ ସମସ୍ୟା କୁ କିପରି ଆଧ୍ୟାତ୍ମିକ ରାସ୍ତାକୁ ଆପଣେଇଲେ ନିଶ୍ଚୟ ଘରେ ଶାନ୍ତି ପ୍ରତିଷ୍ଠା ହୋଇ ପାରିବ ବୋଲି କହିଛନ୍ତି କୁନି ପ୍ରବଚକ। ଆଜି ଶେଷ ଦିନରେ ବିଭିନ୍ନ ବର୍ଗର ଲୋକ ମାନେ ବିଭିନ୍ନ ବେଶ ଭୁଷା ରେ ସଜ୍ଜିତ ହୋଇ ଆସିଥିଲେ ଏବଂ ନାଟକୀୟ ଢଙ୍ଗରେ କଂସ ବଧ, କୃଷ୍ଣ ସୁଦାମା ଙ୍କ ଅପୂର୍ବ ମିଳନ, ଶ୍ରୀକୃଷ୍ଣ ଓ ରୁକ୍ମଣୀ ଙ୍କ ବିବାହ କରାଯାଇଥିଲା ଏବଂ କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତ ଥିବା ସମସ୍ତ ଭକ୍ତ ଙ୍କ ପାଇଁ ପ୍ରସାଦ ସେବନ ର ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମ କୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ମନ୍ଦିର କମିଟି ସଭାପତି ଜୟଦେବ ପରିଡା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ପରିଚାଳିତ ହେଉଥିବା ବେଳେ କଳିଙ୍ଗ କଳା ଓ ସାଂସ୍କୃତିକ ଯୁବ ପରିଷଦ ସମସ୍ତ ସଦସ୍ୟ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳାରେ ସମାପନ ପାଇଁ ସହଯୋଗ କରିଥିଲେ

କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ

ବୈପାରୀଗୁଡା, ୧୬ା୧୦(ସମିସ) : ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଦଳପୁର ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ "ସୁରଭି" ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭବାନୀ ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଗୋଷ୍ଠି ଶିକ୍ଷା ଅଧିକାରୀ ସୁକାନ୍ତ କାର୍ତ୍ତାମି ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ରୂପେ ସ୍ଥାନୀୟ ସରପଞ୍ଚ ଗଙ୍ଗାଧର ମସିହା ସିଆରସିସି ଶ୍ରୀକାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଲୁକାୟିତ ପ୍ରତିଭା ଅନ୍ୱେଷଣ ଉଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୧୬ ଟି ବିଦ୍ୟାଳୟରୁ ୨୫୦ ଛାତ୍ରଛାତ୍ରୀ ଆସିଥିଲେ।। ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବନଗୁଡା ବିଦ୍ୟାଳୟ ପ୍ରଥମ, ଦୋରାଗୁଡା ସେବାଶ୍ରମ ଦ୍ୱିତୀୟ, ବେରେଗାଁ ବିଦ୍ୟାଳୟ ତୃତୀୟ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ସୌମ୍ୟ ରଞ୍ଜନ ପ୍ରଧାନ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ।

ସ୍କୁଲ ବସ୍ ଧକ୍କାରେ ବୃଦ୍ଧ ମୃତ

ରାଇଘର, ୧୬ା୧୦ (ସମିସ) ଗତକାଲି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ରେ ଥିବା ସ୍ଥାନୀୟ ବିଜୁ ପଟ୍ଟନାୟକ ପବ୍ଲିକ ସ୍କୁଲ ବସ ପିଲା ମାନଙ୍କୁ ନେଇ ସ୍କୁଲ ଆସିବା ସମୟରେ ଗଂଜାପରା ଠାରେ ଥିବା ପେଟ୍ରୋଲ ପମ୍ପ ନିକଟରେ ଏକ ଲୁନା ଚାଳକ ପମ୍ପରେ ତେଲ ପକାଇବାକୁ ହଠାତ୍ ବସ ସାମ୍ନାରେ ବୁଲି ଟାଙ୍କିକୁ ଯିବାକୁ ଚେଷ୍ଟା କରିଥିଲା। ଏହି ସମୟରେ କୁନି କୁନି ସ୍କୁଲ ପିଲା ମାନଙ୍କୁ ନେଇ ଆସୁଥିବା ବସ୍ ଡ୍ରାଇଭର ଲୁନା ଚାଳକଙ୍କୁ ବଞ୍ଚାଇବାକୁ ଚେଷ୍ଟାକରି ଥିଲେ ସୁଦ୍ଧା ତାହା ସମ୍ଭବ ହୋଇନଥିଲା। ଫଳରେ ବସ୍ଟି ବୃଦ୍ଧ ସମାରୁ ଗଣ୍ଡ(୭୦) ଙ୍କ ଲୁନାରେ ପିଟି ହୋଇ ରାସ୍ତା କଡ଼କୁ ଚାଲିଯାଇଥିଲା । ଘଟଣା ସ୍ଥଳରେ ସମାରୁଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ରାଇଘର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଶରୀରକୁ ଆମ୍ବୁଲାନ୍ସ ଯୋଗେ ମେଡିକାଲ ପଠାଇ ବସ ଏବଂ ଲୁନାକୁ ଥାନାକୁ ଆଣିବା ସହ ଡ୍ରାଇଭର କୁ ଅଟକ ରଖିଥିବା ଜଣା ପଡିଛି ଶବ ବ୍ୟବଚ୍ଛେଦ ସାରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏହି ଦୁର୍ଘଟଣାରେ ବସ୍ ରେ ଥିବା ଛାତ୍ରଛାତ୍ରୀ ମାନେ ସାମାନ୍ୟ ଆଘାତ ହୋଇଥିବା ବେଳେ ତିନୋଟି ପିଲାଙ୍କୁ ଗଭୀର ଆଘାତ ଲାଗିଥିଲା। ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ସେମାନେ ଘରକୁ ଯାଇଥିବା ପୋଲିସ ପ୍ରକାଶ କରିଛି । ଏଥି ସହ ସ୍କୁଲ ସଭାପତି ମୃତକ ପରିବାରଙ୍କୁ ୩୦ହଜାର ଟଙ୍କା ଦେଇଥିବା ବେଳେ ଇନ୍ସୁରାନ୍ସ କମ୍ପାନିରୁ ଯାହା କ୍ଷତି ପୂରଣ ବାବଦକୁ ମିଳିବ ତାହା ପରିବାର ପାଇବେ ବୋଲି ସଭାପତି ରାଇସିଙ୍ଗ ଗଣ୍ଡ କହିଛନ୍ତି ।

ଏଟିଏମ ଅଚଳ, ଗ୍ରାହକ ହନ୍ତସନ୍ତ

ବୈପାରୀଗୁଡା, ୧୬ା୧୦(ସମିସ): ବୈପାରୀଗୁଡାରେ ବିଦ୍ୟୁତ ସରବରାହ ବ୍ୟାଘାତ ଯୋଗୁଁ ଏଟିଏମ ଅଚଳ, ଗ୍ରାହକ ହନ୍ତସନ୍ତ। ବ୍ଲକର ୨୦ ଟି ପଞ୍ଚାୟତ ପାଇଁ ରହିଛି ଗୋଟିଏ ମାତ୍ର ଆଇଓବି ଶାଖା। ଲୋକଙ୍କ ସୁବିଧା ପାଇଁ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ତରଫରୁ ଗୋଟିଏ ଏଟିଏମ ମଧ୍ୟ ରହିଛି। ତେବେ ଏହି ଏଟିଏମ ଠିକ ଭାବେ କାମ କରୁନଥିବାରୁ ଲୋକେ ନାହିଁ ନଥିବା ହଇରାଣ ହେଉଥିବା ଦେଖିବାକୁ ମିଳିଛି। ଯାହାଫଳରେ ଜନ ଅସନ୍ତୋଷ ବଢିବାରେ ଲାଗିଛି। ବିଗତ ଦିନରେ ବିଦ୍ୟୁତ ସରବରାହ ବ୍ୟାଘାତ ଯୋଗୁଁ ଏଟିଏମ ଚାଲୁ ନଥିବାରୁ ଲୋକଙ୍କ ବାରମ୍ବାର ଦାବି କରିଥିଲେ। କିନ୍ତୁ ଏହି ସମସ୍ୟାର ସମାଧାନ ନ ହେବା ଯୋଗୁଁ ପୁଣି ଆଜି ଜୟପୁର ସ୍ଥିତ ଗ୍ରୀଡ଼ର ମରାମତି ନିମନ୍ତେ ସକାଳ ୧୦ ଘଟିକାରୁ ସନ୍ଧ୍ୟା ଛଅ ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ ସରବରାହ ବନ୍ଦ ରହିଥିଲା । ଫଳରେ ବୈପାରୀଗୁଡା ବ୍ଲକ ତଥା କୁନ୍ଦୁରା ବ୍ଲକ ଲୋକେ ମଧ୍ୟ ହନ୍ତସନ୍ତ ହୋଇଛନ୍ତି। ଯାହାକି ଜନ ଅସନ୍ତୋଷ ବଢିବାରେ ଲାଗିଛି। ତେଣୁ ତୁରନ୍ତ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ବୈପାରୀଗୁଡା ବିଜେଡି ପକ୍ଷରୁ ନବୀନ ବାବୁଙ୍କ ଜନ୍ମଦିନ ପାଳନ

ବୈପାରୀଗଡ଼ା,୧୬ା୧୦(ସମିସ): ବୈପାରୀଗୁଡା ବିଜେଡି ପକ୍ଷରୁ ମହାନ ଜନନାୟକ ନବୀନ ବାବୁଙ୍କ ଜନ୍ମଦିନ ପାଳିତ ହୋଇଯାଇଛି। ଏହି ଅବସରରେ ବୈପାରୀଗୁଡା ଜିଜେଡି ବରିଷ୍ଠ ନେତା ବିଶ୍ୱଜିତ ନାୟକଙ୍କ ନେତୃତ୍ୱରେ ରୋଗୀଙ୍କୁ ଫଳ ବାଣ୍ଟନ କରାଯାଇଛି । ବିଜୁ ଜନତା ଦଳ କର୍ମକର୍ତା ମାନେ ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିବା ବେଳେ ମା ଗୃହରେ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହ ସେମାନଙ୍କୁ ମଧ୍ୟ ଫଳ ବଣ୍ଟନ କରିଛନ୍ତି। ନବୀନଙ୍କ ଦୀର୍ଘ ଜୀବନ କାମନା କରିବା ସହ ଓଡ଼ିଶାବାସୀଙ୍କ ସେବା କରିଚାଲନ୍ତୁ ବୋଲି ସେ ଶୁଭେଚ୍ଛା ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ଲକ ଉପଧକ୍ଷା ପୂର୍ଣ୍ଣିମା ବାରିକ, ନାଏବ ସରପଞ୍ଚ ସୁଶାନ୍ତ ସାହୁ, ପୂର୍ବତନ ବ୍ଲକ ଆଧକ୍ଷା ସରୋଜିନୀ କାଣ୍ଡିକି, ପୂର୍ବତନ ସରପଞ୍ଚ ଭାଗିରଥି ମୁର୍ଜିଆ, ବରିଷ୍ଠ ବିଜେଡି କର୍ମୀ ସାଥୀରାମ ନାୟକ, ବିରଞ୍ଚି ନାରାୟଣ ପାତ୍ର, କଂଗ୍ରେସ ମଲିକ, ଅଶୋକ ଦାସ, ସଦା ମଲିକ, ଜି ନରେନ୍ଦ୍ର ରାଓ, ସନ୍ତୋଷ ପଟ୍ଟନାୟକ, ଆର ରୋହିତ କୁମାର, ଆର ରଞ୍ଜିତ, ଜେ ସୁଧକର ରାଓ ପ୍ରମୁଖ ଉପସ୍ଥିତ ଥିଲେ।

ଚୋରା ଦେଶୀ ମଦ ଜବତ: ଦୁଇ ଅଭିଯୁକ୍ତ ଗିରଫ

ତେନ୍ତୁଲିଖୁଣ୍ଟି ୧୬ା୧୦(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ଥାନା ଅନ୍ତର୍ଗତ କୁସୁମୀ ଗ୍ରାମରେ ନବରଙ୍ଗପୁର ଅବକାରୀ ବିଭାଗ ତରଫରୁ ଚଢ଼ଉ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଅଭିଯୁକ୍ତଙ୍କ ନିକଟରୁ ଦେଶୀ ରନ୍ଧା ମଦ ଏବଂ ପୋଚ ଜବତ କରିଛି। ନବରଙ୍ଗପୁର ଥାନା ଅନ୍ତର୍ଗତ ମହୁଲ ପଦର ଗ୍ରାମରେ ଚଢଉ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ମଦ ଜବତ କରାଯାଇଛି। ସୂଚନା ଅନୁଯାଇ କୁସୁମି ଗ୍ରାମର ରୁପୁ ବିଶୋଇଙ୍କ ନିକଟରୁ ୧୦ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଏବଂ ୨୫ ଲିଟର ପୋଚ ଜବତ ହୋଇଛି । ମହୁଲ ପଦର ଗ୍ରାମର ଅର୍ଜୁନ ଗୌଡ଼ଙ୍କ ନିକଟରୁ ୧୮ ଲିଟର ଦେଶୀ ମଦ ଜବତ ହୋଇଛି । ଅବକାରୀ ଅଧୀକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ନିରୀକ୍ଷକ ଦିଲ୍ଲିପ ରଥ ଏବଂ ଅବକାରୀ କର୍ମଚାରୀ ରିସମା ସୁନା, ସୁଧାଂଶୁ ଶେଖର ବଘ୍ ଓ ଅକ୍ରମ ଖାନ ପ୍ରମୁଖ ଚଢ଼ାଉ କରିଥିଲେ। ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି ଅଧିକ୍ଷକ ଶ୍ରୀ ରଥ ।

ଲୁଥୁରନ୍ ଖ୍ରୀଷ୍ଟ ଧର୍ମାବଲାମ୍ବୀଙ୍କ ନିର୍ବାଚନ

ପୋଡ଼ାଗଡ଼,୧୬ା୧୦(ସମିସ): ଜୟପୁର ଇବଞ୍ଜେଲିକଲ ଲୁଥୁରନ ଖ୍ରୀଷ୍ଟ ଧର୍ମାବଲାମ୍ବୀ ମାନଙ୍କର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ନିର୍ବାଚନରେ ପରଜା ଶୁକୁ ପ୍ରଧାନ ମଣ୍ଡଳୀ ବା ସଭାର ପ୍ରାୟ ୪ଗ୍ରାମ ପଞ୍ଚାୟତରମଣ୍ଡଳୀର କର୍ମକର୍ତ୍ତା ଭାଗ ନେଇଥିଲେ।। ୧୧ଟି ପଦବୀ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ତଥା ମହାସଭାର ସଭାପତି ରେଭ ରେଣ୍ଡ ଅନନ୍ତ ନାଗ ସୂଚନା ଦେଇଥିଲେ। ପ୍ରାଚୀନ ଭାବେ ଜୁଲିଏସ ବିହାରୀ ଖରା ସଞ୍ଜୀବ କୁଲଦୀପ ପୁରୁଷ ସଭ୍ୟ ଭାବରେ ରତ୍ନା କର ରଥିନାୟକ ମୋହିନ୍ଦ୍ର ଡୁରୁକ୍ ମହିଳା ସଭ୍ୟା ସୁକେଶିନି ଖୋସଲା ପାଷ୍ଟର ସୁନିଲ ସାଗରନାଇକ ସାନ୍ତୁନୁସୁନା ହସିଅ ଭଡ୍ରା ଶିକ୍ଷକ ନିକୁଞ୍ଜ ଖରା ପବିତ୍ର ରଥିନୟକ ରବିବାର ଶିକ୍ଷକ ଶେଖର ଯୁବକ ଲିଭିଙ୍ଗ ଖରା ପ୍ରମୁଖ ସମସ୍ତ ସଭ୍ୟ ସଭ୍ୟା ମହାସଭାକୁ ପ୍ରେରିତ ହୋଇଥିଲେ। ନିର୍ବାଚନ ସଭା ପରିଚାଳନା କରିଥିଲେ ଭାରପ୍ରାପ୍ତ ପରିଚାଳକ ରେଭ୍ ସୁନିଲ ସାଗର ନାୟକ ଭାରପ୍ରାପ୍ତ ସଭାପତି ଜୁଲି ଏସ ଖରା ରେକର୍ଡିଂ ସମ୍ପାଦକ ରେଭ ସାନ୍ତୁନୁ ସୁନା କାର୍ଯ୍ୟ ପରିଚାଳନା କରିଥିଲେ। ନୂତନ ଭାବେ ପରଜା ସୁକୁ ପ୍ରଧାନ ମଣ୍ଡଳୀ ପରିଚାଳକ ଭାବେ ନିଦ୍ୱନ୍ଦ୍ୱରେ ରେଭ ରବୀନ୍ଦ୍ର ଚେଟି ବିଜୟ ହୋଇଥିବାରୁ ସମସ୍ତ ସଭ୍ୟ ସଭ୍ୟାଙ୍କୁ ଧନ୍ୟବାଦ୍ ଜଣାଇ ଥିଲେ। ପ୍ରଥମ ଥର ପାଇଁ ପରଜା ସୁକୁ ପ୍ରଧାନ ମଣ୍ଡଳୀ ଗଠନ ହୋଇ ଥିବାରୁ ସମସ୍ତ ସଭ୍ୟ ସଭ୍ୟା ନିଦ୍ୱନ୍ଦ୍ୱରେ ହୋଇଥିବାରୁ ଅଞ୍ଚଳରେ ତଥା ସମସ୍ତ ଲୁଥୁରାନ୍ ମଣ୍ଡଳୀରେ ଚର୍ଚ୍ଚାର ବିଷୟ ପାଲଟିଛି।

Format C-7

(for political parties to publish in the newspaper, social media platforms & website of the party)

Information regarding individuals with pending criminal cases, who have been selected as candidates, along with the reasons for such selection, as also as to why other individuals without criminal antecedents could not be selected as candidates

(As per the Commission's directions issued in pursuance of the order dated 13.02.2020 of the Hon'ble Supreme Court in contempt petition © no. 2192 of 2018 in W.P.(C) No. 536/2011)

Name of the Political Party: BIJU JANATA DAL
Name of the Election: BYE- ELECTION TO THE STATE LEGISLATIVE ASSEMBLY OF ODISHA -2025
Name of the State: ODISHA

(1) Name of the Constituency - **71-NUAPADA AC**

Name of the Candidate – **SMT. SNEHANGINI CHHURIA**

Sl. No.			
1.	Criminal Antecedents		
	a.	Nature of the Offence	i. Non-Bailable ii. Non-Bailable iii. Non-Bailable iv. Non-Bailable
	b.	Case No.	i. Bargarh Town PS Case No-36/25 ii. Bargarh Town PS Case No-37/25 iii. Bargarh Town PS Case No-38/25 iv. Bargarh Rural PS Case No-11/25
	c.	Name of the Court	All cases are pending in SDJM Bargarh, District Bargarh
	d.	Whether charges have been framed or not (Yes/No)	i. No ii. No iii. No iv. No
	e.	Date of Conviction, if any	Not Applicable
	f.	Details of punishment undergone, if any	Not Applicable
	g.	Any other information required to be given	All cases posted for appearance
2.	The reasons for the selection of the candidate. Selection shall be with reference to the qualifications, achievements and merit of the candidates and not mere "winnability" at the polls (Not more than 100 words)		The candidate is a dynamic SC women leader, having huge public contact and popularity in this state of Odisha and she has worked hard in bringing social upliftment, particularly for the women, poor and downtrodden and still have zeal and eagerness to bring perceptible changes in the living standard of the people. She is highly qualified with Post Graduate and BED degrees to her credit.
3.	Reasons as to why other individuals without criminal antecedents could not be selected as candidates (not more than 100 words)		In consideration of the above merits, her selection as a candidate to the **71-NUAPADA Assembly Constituency** is more justified than other individuals without criminal antecedents.

(2) Name of the Constituency - **71-NUAPADA AC**

Name of the Candidate – **SMT. SNEHANGINI CHHURIA**

.... and so on

* In the case of election to Council of States or States or election to Legislative Council by MLAs, mention the election concerned in place of name of Constituency.

Sd/-
DEBIPRASAD MISHRA
SENIOR VICE-PRESIDENT,
BIJU JANATA DAL, ODISHA

ଶ୍ରୀକ୍ଷେତ୍ର ସିଟି

୧୫/୧୦/୨୦୨୫ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୭୭,୧୮୪/- ସୁନା: ୦୩.୨୦୦ ଗ୍ରାମ୍ ରୁପା: ୩୦.୪୦୦ ଗ୍ରାମ୍

ଛଟେଇ ବିରୋଧରେ ବିକ୍ଷୋଭ

ପୁରୀ,୧୬।୧୦(ସମିସ): ଗ୍ରାମ୍ୟସ୍ତରୀୟ ଫେଡେରେଶନ ପୁନର୍ଗଠନ ନାମରେ ଗୋଷ୍ଠୀ ସହାୟିକାମାନଙ୍କୁ ଛଟେଇ ନ କରିବା ଦାବିରେ ବୁଧବାର ଗୋଷ୍ଠୀ ସହାୟିକାମାନେ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସର୍ବଭାରତୀୟ ଶ୍ରମିକ ସଂଗଠନ ଏଆଇଟିୟୁସି ସହବନ୍ଧିତ ଓଡ଼ିଶା ଗୋଷ୍ଠୀ ସହାୟିକା ସଂଘ ପକ୍ଷରୁ ଏକ ଶୋଭାଯାତ୍ରା ଗୁଣ୍ଡିଚା ମନ୍ଦିରଠାରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ଓ ପ୍ରତିବାଦ ସଭା କରିଥିଲେ। ସଂଘ ନେତାମାନେ ଅଭିଯୋଗ କରିଥିଲେ କି, ସରକାର ସ୍ୱତନ୍ତ୍ର ପରୀକ୍ଷା ଓ ଯୋଗ୍ୟତା ଭିତ୍ତିରେ ଗୋଷ୍ଠୀ ସହାୟିକାମାନଙ୍କୁ ନିଯୁକ୍ତି କରିଛନ୍ତି। ଓଡ଼ିଶା ମିଶନ ଶକ୍ତି ଅଧୀନରେ ୨୦୧୨ରୁ ଗ୍ରାମାଞ୍ଚଳରେ ଗୋଷ୍ଠୀ ସହାୟିକାମାନେ ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ କରି ମହିଳାମାନଙ୍କ ଉନ୍ନତି ନିମନ୍ତେ ସରକାରଙ୍କ ଯୋଜନାକୁ ସଫଳ କରିବା ପାଇଁ ସମସ୍ତ କାର୍ଯ୍ୟ କରିଆସୁଥିଲେ। ପୂର୍ବ ସରକାର ଗୋଷ୍ଠୀ ସହାୟିକାଙ୍କ କାର୍ଯ୍ୟ ପାଇଁ ମାସିକ ଭତ୍ତା ପ୍ରଦାନ କରିଆସୁଥିଲେ। ଏବେର ସରକାର ମଧ୍ୟ ୧୧ ମାସ ଧରି ସେହି ଭତ୍ତା ପାରିଶ୍ରମିକ ବାବଦକୁ ଦେଇଆସିଛନ୍ତି। ଏବେ ସରକାର ହଠାତ୍ ଗୋଷ୍ଠୀ ସହାୟିକାଙ୍କ ନିଯୁକ୍ତି କାୟମ ରହିବା ଉପରେ ସ୍ପଷ୍ଟୀକରଣ ନ ରଖି ଗ୍ରାମ୍ୟସ୍ତରୀୟ ଫେଡେରେଶନର ପୁନର୍ଗଠନ କରିବା ପାଇଁ ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ଦେବା ଗୋଷ୍ଠୀ ସହାୟିକାଙ୍କ ନିଯୁକ୍ତିକୁ ବିପଦ ଓ ଆଶଙ୍କା ମଧ୍ୟକୁ ଠେଲି ହୋଇଯାଇଛି। ଏହି ପ୍ରତିବାଦ ସଭାରେ ଏଆଇଟିୟୁସି ରାଜ୍ୟ ସମ୍ପାଦକ ବ୍ରଜବନ୍ଧୁ ପ୍ରଧାନ, ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସ ମହାପାତ୍ର, ଜିଲ୍ଲା ସମ୍ପାଦିକା ଅନୁସୂୟା ପ୍ରଧାନ, ଜିଲ୍ଲା ସଭାନେତ୍ରୀ ରେଣୁପ୍ରଭା ଦାସ ପ୍ରମୁଖ ସରକାର ତୁରନ୍ତ ଗୋଷ୍ଠୀ ସହାୟିକାଙ୍କ ନିଯୁକ୍ତିର ସ୍ଥାୟିତ୍ୱ ନେଇ ସ୍ପଷ୍ଟୀକରଣ ନ ଦେଲେ ରାଜ୍ୟବ୍ୟାପୀ ଆନ୍ଦୋଳନ ଚାଲିବ ବୋଲି ଘୋଷଣା କରିଛନ୍ତି। ଜିଲ୍ଲାପାଳଙ୍କ ଜରିଆରେ ଏହି ସନ୍ଦେହପୂର୍ଣ୍ଣ ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ ନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

୧୦ ଲକ୍ଷ ଟଙ୍କାର ବାଣ ଜବତ

● ଗେଷ୍ଟ ହାଉସ୍ ମ୍ୟାନେଜର ଅଟକ

ପୁରୀ,୧୬।୧୦(ସମିସ): ପୁରୀରେ ବାଣକୁ ନେଇ ଘଟିଛି ବଡ଼ ଅଘଟଣ। ନରେନ୍ଦ୍ର ପୁଷ୍କରିଣୀର ବାଣ ବିସ୍ଫୋରଣ ଘଟଣାରେ ମୃତକଙ୍କ ପରିବାର ଆଖିରୁ ଏ ପର୍ଯ୍ୟନ୍ତ ଲୁହ ଶୁଖିନି। ଏଭଳି ସ୍ଥିତିରେ ପୁଲିସ ବାଣ ଉପରେ ସତର୍କ ନଜର ରଖିଛି। ଆଗକୁ ଦୀପାବଳି। ତେଣୁ ବିଭିନ୍ନ ସ୍ଥାନରେ ବେଆଇନ ଭାବେ ବାଣ ବିକ୍ରି କରାଯାଉଛି। ପୁଲିସ ଚଢ଼ଉ କରି ବାଣ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରୁଛି। ହେଲେ ଏହା ଉପରେ ଅଙ୍କୁଶ ଲାଗିପାରୁ ନାହିଁ। ଗୁରୁବାର ଟାଉନ ଥାନା ପୁଲିସ ଏକ ଗେଷ୍ଟ ହାଉସ୍‌ରୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବାଣ ଜବତ କରିଥିବାବେଳେ ଏହାର ମ୍ୟାନେଜରଙ୍କୁ ଅଟକ ରଖିଛି। ପୁଲିସ ସୂଚନା ଅନୁଯାୟୀ, ସ୍ୱର୍ଗଦ୍ୱାର ପିଏନ୍‌ବି ସମ୍ମୁଖରେ ଥିବା ରିଆନ୍ସି ଗେଷ୍ଟ ହାଉସ୍‌ରେ ବେଆଇନ ଭାବେ ବାଣ ବିକ୍ରି କରାଯାଉଥିବା ବିଶେଷ ସୂତ୍ରରୁ ଖବର ମିଳିଥିଲା। ଏହାପରେ ପୁଲିସ ସେଠାରେ ଚଢ଼ଉ କରି ବିପୁଳ ପରିମାଣର ବାଣ ଜବତ କରଥିଲା। ଜବତ ବାଣର ମୂଲ୍ୟ ୧୦ ଲକ୍ଷରୁ ଅଧିକ ଟଙ୍କା ହେବ। ଏ ନେଇ ପୁଲିସ ସମ୍ପୃକ୍ତ ଗେଷ୍ଟ ହାଉସ୍ ମ୍ୟାନେଜରଙ୍କୁ ଧରି ଥାନାକୁ ଆଣିଛି। ତାଙ୍କୁ ଅଟକ ରଖାଯାଇଥିବା ବେଳେ ପୁଲିସ ପଚରାଉଚରା କରୁଛି ବୋଲି ଆଇଆଇସି ଗୋକୁଳ ରଞ୍ଜନ ଦାଶ କହିଛନ୍ତି। ଆଇଆଇସିଙ୍କ ସୂଚନା ଅନୁଯାୟୀ, ଚନ୍ଦନପୁର ଅଞ୍ଚଳର ଜଣେ ବ୍ୟକ୍ତି ଏହି ଗେଷ୍ଟ ହାଉସ୍‌କୁ ଲିଜ୍‌ରେ ଆଣି ଚଳାଉଛନ୍ତି। ତେବେ ପର୍ଯ୍ୟଟକ ରହୁଥିବାବେଳେ ଗେଷ୍ଟ ହାଉସ୍‌ରେ ବାଣ ଗଚ୍ଛିତ ରଖି ବିକ୍ରି କରିବା ସମ୍ପୂର୍ଣ୍ଣ ବେଆଇନ ଏବଂ ବିପଜ୍ଜନକ।

ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ

ପୁରୀ,୧୬।୧୦(ସମିସ): ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଗୁରୁବାର ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଗ୍ରାମ୍ୟ ପାନୀୟ ଜଳଯୋଗାଣ ଅଧୀକ୍ଷଣ ଯନ୍ତ୍ରୀ ବିକାଶ କୁମାର ସାମଲ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ବ୍ଲକ୍‌ରେ କାର୍ଯ୍ୟରତ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ, ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଏଥିରେ ସାଂସଦ ପାଣ୍ଠି, ବିଧାୟକ ପାଣ୍ଠି, ବକେୟା ବିଜୁଳି ଦେୟ, ପରିମଳ ସମସ୍ୟା, ପର୍ଯ୍ୟଟନ ଭିତ୍ତିଭୂମିଗୁଡ଼ିକର ବିକାଶମୂଳକ କାର୍ଯ୍ୟ, ପାନୀୟଜଳ, ବିକଶିତ ଗାଁ ବିକଶିତ ଓଡ଼ିଶା, ଗ୍ରାମୀଣ ଆବାସ, ମନରେଗା ଯୋଜନା, ସ୍କୁଲ ଭିତ୍ତିଭୂମି ବିକାଶ ଯୋଜନା, ମିଶନ ଶକ୍ତି ଦ୍ୱାରା ପରିଚାଳିତ ବିଭିନ୍ନ ଭିତ୍ତିଭୂମିର ନିର୍ମାଣ, ୧୫ତମ କେନ୍ଦ୍ରୀୟ ଅର୍ଥ କମିଶନ, ପଞ୍ଚମ ରାଜ୍ୟ ଅର୍ଥ କମିଶନ ମାଧ୍ୟମରେ ଆସୁଥିବା ବିଭିନ୍ନ ପ୍ରକଳ୍ପ, ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ତଥା ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟକ୍ରମଗୁଡ଼ିକୁ ଜିଲ୍ଲାପାଳ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ।

କୋଣାର୍କରୁ ଯୁବକଙ୍କୁ ଅପହରଣ ଘଟଣା

୪ ଗିରଫ, ଟଙ୍କା ପାଇଁ ଉଠାଇନେଇଥିଲେ ଦୁର୍ବୃତ୍ତ

ପୁରୀ/କୋଣାର୍କ,୧୬।୧୦(ସମିସ)

କୋଣାର୍କ ଥାନା ଅଧୀନ ବନାଖଣ୍ଡି ଛକ ପାଖ ପେଟ୍ରୋଲ୍ ପମ୍ପ ନିକଟରୁ ମଙ୍ଗଳବାର ସନ୍ଧ୍ୟାରେ ୩୫ ବର୍ଷୀୟ ଯୁବକ ଜୟ ଚକ୍ରବର୍ତ୍ତୀଙ୍କୁ ଦୁର୍ବୃତ୍ତମାନେ ଅପହରଣ କରିଥିଲେ। ତେବେ ପୁଲିସର ତ୍ୱରିତ ପଦକ୍ଷେପ ଫଳରେ ଜୟଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଟଙ୍କା ପାଇଁ ଏହି ଅପହରଣ କରାଯାଇଥିଲା। ଏହି ଘଟଣାରେ ପୁଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ସେମାନଙ୍କଠାରୁ ୪ଟି ମୋବାଇଲ୍ ଫୋନ୍ ଏବଂ ପଶ୍ଚିମବଙ୍ଗ ନମ୍ବର ଥିବା ଏକ କାର୍ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ଭବାନୀପୁରର ଚଞ୍ଚଳ ଜାନା, ପଶ୍ଚିମବଙ୍ଗ ପୂର୍ବ ମେଦିନାପୁରର ସୁଲତାନ୍ ଅହମ୍ମଦ ଖାନ୍, ପଶ୍ଚିମବଙ୍ଗ ମହିଷାଦାଲର ଶେଖ୍ ବକି ବୁଲ୍ଲା ଏବଂ ଜଗତସିଂହପୁର ଜିଲ୍ଲା ପାରାଦୀପ ଲକ୍ ଥାନା ଅନ୍ତର୍ଗତ ପାରାଦୀପ ଗଡ଼ର ନିଭୟ ମହାରଥା ବୋଲି ପୁରୀ ଏସ୍‌ପି ପ୍ରତୀକ ସିଂ କହିଛନ୍ତି।

ଗୁରୁବାର ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଶ୍ରୀ ସିଂ କହିଛନ୍ତି, ଆସାମ ନିବାସୀ ଜୟ ଚକ୍ରବର୍ତ୍ତୀ ଭୁବନେଶ୍ୱରର ଅଶୋକ ସାହୁ (ମାମଲାର ଅଭିଯୋଗକାରୀ)ଙ୍କ ସହିତ ବ୍ୟାବସାୟିକ କାର୍ଯ୍ୟକଳାପରେ ସାମିଲ୍ ଥିଲେ। ଏକ ଗେମିଂ ଆପ୍‌କୁ ନେଇ ଜୟଙ୍କ ସହିତ ଅନ୍ୟମାନଙ୍କ ସମ୍ପର୍କ ସୃଷ୍ଟି

● ୪ ମୋବାଇଲ୍ ଏବଂ ଅପହରଣରେ ବ୍ୟବହୃତ କାର୍ ଜବତ
● ୩୦ ଲକ୍ଷ ଟଙ୍କା ଦାବି କରିଥିଲେ ଅଭିଯୁକ୍ତ

ହୋଇଥିଲା। ପଶ୍ଚିମବଙ୍ଗ ଭବାନୀପୁରର ଚଞ୍ଚଳ ଜାନା ଆପ୍ ସହିତ ଜଡ଼ିତ ଆର୍ଥିକ ଯୋଜନା ମାଧ୍ୟମରେ ଜୟଙ୍କ ସଂସ୍ପର୍ଶରେ ଆସିଥିଲେ। ଯେଉଁଠାରେ ସେମାନେ ଆର୍ଥିକ କାରବାର ପାଇଁ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ବିବରଣୀ ସେୟାର

କରିଥିଲେ। ଚଞ୍ଚଳଙ୍କ ଅଜାଣତରେ ତାଙ୍କ ଆକାଉଣ୍ଟରୁ ୧୭ ଲକ୍ଷ ଟଙ୍କା ଜୟ ନିଜ ସହଯୋଗୀଙ୍କୁ ପଠାଇଥିଲେ। ଚଞ୍ଚଳ ଟଙ୍କା ମାଗୁଥିଲେ ମଧ୍ୟ ଜୟ ଫେରାଇ ନ ଥିଲେ। ଏଥିରେ କ୍ରୋଧିତ ହୋଇ ଚଞ୍ଚଳ ଜୟଙ୍କୁ ଅପହରଣ କରିବାକୁ ଷଡ଼ଯନ୍ତ୍ର କରିଥିଲେ। ଚଞ୍ଚଳ ତାଙ୍କ ସହଯୋଗୀଙ୍କ ସହିତ ଜୟଙ୍କ ସନ୍ଧାନରେ ଭୁବନେଶ୍ୱର ଆସିଥିଲେ। ଗତ ମଙ୍ଗଳବାର ଜୟ ବନ୍ଧୁ ଅଶୋକଙ୍କ ସହ ପୁରୀ, କୋଣାର୍କ ପରିଭ୍ରମଣ କରିବାକୁ ଆସିଥିଲେ। ସନ୍ଧ୍ୟାରେ ଭୁବନେଶ୍ୱର ଫେରୁଥିବାବେଳେ ବନାଖଣ୍ଡି ନିକଟ ପେଟ୍ରୋଲ ପମ୍ପରେ ତେଲ ପକାଇଥିଲେ। ସେହି ସମୟରେ ଏକ ବୁଲେଟ୍‌ରେ ତିନି ଜଣ ଯୁବକ ରାସ୍ତା ଅବରୋଧ କରି ସେମାନଙ୍କ ଗାଡ଼ିକୁ ଅଟକାଇଲେ। ସେମାନଙ୍କ ମଧ୍ୟରୁ ଜଣେ ଜୟଙ୍କୁ ବାହାରକୁ ଆସିବାକୁ ନିର୍ଦ୍ଦେଶ ଦେଇଥିଲେ। ଜୟ କାର୍‌ରୁ ଓହ୍ଲାଇବା ମାତ୍ରେ ଜଣେ ଦୁର୍ବୃତ୍ତ ତାଙ୍କ ମୁଣ୍ଡରେ ବନ୍ଧୁକ ଲାଗାଇ ଏକ କାର୍ ଭିତରକୁ ନେଇଯାଇଥିଲେ। ସେହି କାର୍‌ରେ ଅଭିଯୁକ୍ତ ଚଞ୍ଚଳ ଉପସ୍ଥିତ ଥିଲେ। ଏ ନେଇ ଅଶୋକ କୋଣାର୍କ ଥାନାରେ ଲିଖିତ ଅଭିଯୋଗ ପରେ ମାମଲା ପଞ୍ଜୀକରଣ କରାଯାଇଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶରେ ତଦନ୍ତ ପାଇଁ ଗଠିତ ଏକାଧିକ ଟିମ୍ ସିସିଟିଭି ଫୁଟେଜ୍, ହୋଟେଲ୍ ଏବଂ ଲଜ୍ ଯାଞ୍ଚ କରିଥିଲେ।

ସେହିଦିନ ସନ୍ଧ୍ୟାରେ ପୁଲିସ ଜଗତସିଂହପୁର ଜିଲ୍ଲା ପାରାଦୀପର ଏକ ଘରୁ ଜୟଙ୍କୁ ଜଗତସିଂହପୁର ପୁଲିସ ସହାୟତାରେ ପୁରୀ ପୁଲିସ ଉଦ୍ଧାର କରିଥିଲା। ଏଥିସହ ଉକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତମାନେ ଜୟଙ୍କୁ ମାଡ଼ ମାରିଥିବାବେଳେ ତାଙ୍କ ସହଯୋଗୀଙ୍କଠାରୁ ୩୦ ଲକ୍ଷ ଟଙ୍କା ଦାବି କରିଥିଲେ। ଯଦି ଚଞ୍ଚଳଙ୍କ ଆକାଉଣ୍ଟକୁ ଟଙ୍କା ପଠା ନ ଯାଏ ତେବେ ତାଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲେ। ଏପରିକି ଜୟଙ୍କୁ ଡଙ୍ଗା ମାଧ୍ୟମରେ ସମୁଦ୍ରକୁ ନେଇଯିବାକୁ ମଧ୍ୟ ଯୋଜନା କରିଥିଲେ। ତେବେ ମାମଲାଟି ଏବେ ତଦନ୍ତାଧୀନ ରହିଛି। ଏହି ଷଡ଼ଯନ୍ତ୍ରରେ ସାମିଲ୍ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ଏସ୍‌ପି ଶ୍ରୀ ସିଂ କହିଥିଲେ।

ଉତ୍ପାଦକ ଗୋଷ୍ଠୀର ଦୀପ ବିକ୍ରି ଷ୍ଟଲ୍ ଉଦ୍‌ଘାଟିତ

ପୁରୀ,୧୬।୧୦(ସମିସ): ଓର୍‌ମାସ ପକ୍ଷରୁ ଉତ୍ପାଦକ ଗୋଷ୍ଠୀଙ୍କୁ ପ୍ରୋତ୍ସାହନପୂର୍ବକ ଆମ ସଂସ୍କୃତି ଓ ପରମ୍ପରାକୁ ଋଦ୍ଧିମନ୍ତ କରିବାର ପ୍ରୟାସ କରାଯାଇଛି। ବଡ଼ଶଙ୍ଖଠାରେ ଆଗାମୀ ଦୀପାବଳିକୁ ଦୃଷ୍ଟିରେ ରଖି ପୁରୀ ଜିଲ୍ଲାର ୭ଟି ଉତ୍ପାଦକ ଗୋଷ୍ଠୀ ବିଭିନ୍ନ ପ୍ରକାର ଦୀପ ବିକ୍ରି କରିବାର ବ୍ୟବସ୍ଥା ଓର୍‌ମାସ ପକ୍ଷରୁ କରାଯାଇଛି। ଗୁରୁବାର ସନ୍ଧ୍ୟାରେ ଏହାକୁ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଉଦ୍‌ଘାଟନ କରିଛନ୍ତି। ଏଥିରେ ଓର୍‌ମାସର ଡେପୁଟି ସିଇଓ ନିଗମ ଚରଣ ଦାସ ଓ ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଏହା ଖୋଲା ରହିବ। ପ୍ରକୃତି ଓ ପରିବେଶ ଉପଯୋଗୀ ଏହି ଦୀପଗୁଡ଼ିକୁ ଜନସାଧାରଣ କିଣିବାକୁ ଓର୍‌ମାସ ଓ ଉତ୍ପାଦକ ଗୋଷ୍ଠୀ ପକ୍ଷରୁ ଅନୁରୋଧ କରାଯାଇଛି।

ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ ଉଦ୍‌ଯାପିତ

ପୁରୀ,୧୬।୧୦(ସମିସ): କାର୍ତ୍ତିକ ବ୍ରତ ଉପଲକ୍ଷେ ମାର୍କଣ୍ଡେଶ୍ୱର ସାହିସ୍ଥିତ ମାର୍କଣ୍ଡେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ ଉଦ୍‌ଯାପିତ ହୋଇଯାଇଛି। ପ୍ରବକ୍ତା ଭାବେ ବାବାଜୀ ସତ୍ୟାନନ୍ଦ ଦାସ ମହାରାଜ ଯୋଗଦେଇ ଧାରାବାହିକ ପ୍ରବଚନ ପ୍ରଦାନ କରିଥିଲେ। ଉଦ୍‌ଯାପନୀରେ ବିଷୟ ଥିଲା 'ଭକ୍ତ ସୁଦାମା' ଓ ପ୍ରବଚନ ବିଷୟ ସହିତ ନୃତ୍ୟାଭିନୟ ମଧ୍ୟ ପରିବେଷଣ କରାଯାଇଥିଲା। ସୁଦାମା ଚରିତ୍ରରେ ଥିଲେ ବରିଷ୍ଠ ଅଭିନେତା କୃଷ୍ଣ ଚନ୍ଦ୍ର ସାହୁ, ପତ୍ନୀ ସୁମତୀ ଭୂମିକାରେ ରାନିମା ସାହୁ, ଶ୍ରୀକୃଷ୍ଣ ଭୂମିକାରେ ସିଦ୍ଧ ବକୁଳ ମଠ ମହନ୍ତ ପ୍ରେମାନନ୍ଦ ମହାରାଜ ଏବଂ ରୁକ୍ମିଣୀ ଚରିତ୍ରରେ ଲାଳିମା ସାହୁ ଅଭିନୟ କରିଥିଲେ। ବହୁ ଭକ୍ତ, ଶ୍ରୋତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିଥିଲେ। ଅଞ୍ଚଳବାସୀଙ୍କ ସହଯୋଗରେ ସପ୍ତାହବ୍ୟାପୀ ସୂଚାରୁ ରୂପେ ସମ୍ପାଦିତ ଏହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ଶ୍ୟାମ ପ୍ରକାଶ ସେନାପତି।

ଶ୍ରୀମନ୍ଦିରରେ ପଡ଼ି ହବିଷ୍ୟାଳି ଆହତ

ପୁରୀ,୧୬।୧୦(ସମିସ): ବହୁ ସଂଖ୍ୟାରେ ହବିଷ୍ୟାଳି ମା'ମାନେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଛନ୍ତି। ତେବେ ଗୁରୁବାର ମନ୍ଦିର ଭିତରେ ପଡ଼ିଯିବାରୁ ଜଣେ ହବିଷ୍ୟାଳି ଆହତ ହୋଇଛନ୍ତି। ସୂଚନା ଅନୁସାରେ, ଜଣେ ହବିଷ୍ୟାଳି ମହାପ୍ରଭୁଙ୍କ ଦର୍ଶନ ପରେ ବେଢ଼ା ପରିସର ବୁଲି ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରୁଥିଲେ। ହଠାତ୍ ସେ ତଳେ ପଡ଼ିଯାଇଥିଲେ, ଫଳରେ ତାଙ୍କ ପାଦରେ ଆଘାତ ଲାଗିଥିଲା। ସଙ୍ଗେ ସଙ୍ଗେ ତାଙ୍କୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ଚିକିତ୍ସା ପରେ ତାଙ୍କ ପାଦ ମକଚି ହୋଇଯାଇଥିବା ଜଣାପଡ଼ିଥିଲା। ତେବେ ଏସ୍‌ପି ପ୍ରତୀକ ସିଂହ ନିଜେ ହସ୍ପିଟାଲରେ ପହଞ୍ଚି ସମ୍ପୃକ୍ତ ହବିଷ୍ୟାଳିଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଡାକ୍ତରଙ୍କୁ ପଚାରି ବୁଝିଥିଲେ। ଭିଡ଼ରେ ସନ୍ତୁଳନ ହରାଇ ସେ ନିଜେ ପଡ଼ିଯାଇଥିବା ଏସ୍‌ପିଙ୍କୁ ଅବଗତ କରାଇଥିଲେ।

Format C-7

(for political parties to publish in the newspaper, social media platforms & website of the party)

Information regarding individuals with pending criminal cases, who have been selected as candidates, along with the reasons for such selection, as also as to why other individuals without criminal antecedents could not be selected as candidates

(As per the Commission's directions issued in pursuance of the order dated 13.02.2020 of the Hon'ble Supreme Court in contempt petition © no. 2192 of 2018 in W.P.(C) No. 536/2011)

Name of the Political Party: BIJU JANATA DAL
Name of the Election: BYE- ELECTION TO THE STATE LEGISLATIVE ASSEMBLY OF ODISHA -2025
Name of the State: ODISHA

(1) Name of the Constituency - **71-NUAPADA AC**

Name of the Candidate – **SMT. SNEHANGINI CHHURIA**

Sl. No.			
1.	Criminal Antecedents		
	a.	Nature of the Offence	i. Non-Bailable ii. Non-Bailable iii. Non-Bailable iv. Non-Bailable
	b.	Case No.	i. Bargarh Town PS Case No-36/25 ii. Bargarh Town PS Case No-37/25 iii. Bargarh Town PS Case No-38/25 iv. Bargarh Rural PS Case No-11/25
	c.	Name of the Court	All cases are pending in SDJM Bargarh, District Bargarh
	d.	Whether charges have been framed or not (Yes/No)	i. No ii. No iii. No iv. No
	e.	Date of Conviction, if any	Not Applicable
	f.	Details of punishment undergone, if any	Not Applicable
	g.	Any other information required to be given	All cases posted for appearance
2.	The reasons for the selection of the candidate. Selection shall be with reference to the qualifications, achievements and merit of the candidates and not mere "winnability" at the polls (Not more than 100 words)		The candidate is a dynamic SC women leader, having huge public contact and popularity in this state of Odisha and she has worked hard in bringing social upliftment, particularly for the women, poor and downtrodden and still have zeal and eagerness to bring perceptible changes in the living standard of the people. She is highly qualified with Post Graduate and BED degrees to her credit.
3.	Reasons as to why other individuals without criminal antecedents could not be selected as candidates (not more than 100 words)		In consideration of the above merits, her selection as a candidate to the **71-NUAPADA Assembly Constituency** is more justified than other individuals without criminal antecedents.

(2) Name of the Constituency - **71-NUAPADA AC**

Name of the Candidate – **SMT. SNEHANGINI CHHURIA**

.... and so on

* In the case of election to Council of States or States or election to Legislative Council by MLAs, mention the election concerned in place of name of Constituency.

Sd/-
DEBIPRASAD MISHRA
SENIOR VICE-PRESIDENT,
BIJU JANATA DAL, ODISHA

କଳାହାଟ ଦ୍ୱାରରେ ବାନ୍ତି; ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ,୧୬।୧୦(ସମିସ): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। କଳାହାଟ ଦ୍ୱାରରେ ବାନ୍ତି ପଡ଼ିଥିବାରୁ ବଡ଼ ମହାସ୍ନାନ କରାଯାଇଛି। ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତିରେ ପ୍ରାୟ ଘଣ୍ଟାଏ ବିଳମ୍ବ ହୋଇଛି। ଏବେ ଚାଲିଛି କାର୍ତ୍ତିକ ମାସ। ମନ୍ଦିରରେ ଭିଡ଼ ସାଙ୍ଗକୁ ସ୍ୱତନ୍ତ୍ର ନୀତିକାନ୍ତି ଯୋଗୁଁ ଯେପରି ନୀତି ଧାର୍ଯ୍ୟ ସମୟରେ ହେବ ତା' ଉପରେ ଗୁରୁତ୍ୱ ଦିଆଯାଉଛି। ତେବେ ଗୁରୁବାର ଭୋର୍ ୪ଟା ୪୫ରେ ଦ୍ୱାର ଫିଟିଥିଲା। ୫ଟା ୪୫ରେ ମଙ୍ଗଳ ଆଳତି ପରେ ଅନ୍ୟାନ୍ୟ ନୀତିକାନ୍ତି ଚାଲିଥିଲା। ସନ୍ଧ୍ୟା ଆଳତି ପରେ କଳାହାଟ ଦ୍ୱାରରେ ବାନ୍ତି ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହାପରେ ସେହିଠାରେ ନୀତି ଅଟକାଯାଇ ମହାସ୍ନାନ ପାଇଁ ଆରମ୍ଭ ହୋଇଥିଲା ପ୍ରକ୍ରିୟା। ରତ୍ନସିଂହାସନଠାରୁ ଜୟ ବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୂନପାଣି ପଡ଼ିଥିଲା। ରାତି ସାଢ଼େ ୮ଟାରେ ସିଂହାସନ ଧୂଆ ଯାଇଥିବାବେଳେ ୮ଟା ୪୦ରେ ପୂଜାପଣ୍ଡା ସେବକମାନେ ମହାସ୍ନାନ ପୂଜା କରିଥିଲେ। ୮ଟା ୫୦ରେ ମହାସ୍ନାନ ବଢ଼ିବା ପରେ ପୁନଶ୍ଚ ଯେଉଁଠାରେ ନୀତି ବନ୍ଦ ରଖାଯାଇଥିଲା ସେହିଠାରୁ ଆରମ୍ଭ ହୋଇଥିଲା। ମହାସ୍ନାନ ପାଇଁ ଦର୍ଶନ ବି ବନ୍ଦ ରହିଥିଲା। ଫଳରେ ପ୍ରାୟ ଘଣ୍ଟାଏରୁ ଊର୍ଦ୍ଧ୍ୱ ନୀତିକାନ୍ତିରେ ବିଳମ୍ବ ହୋଇଥିଲା।

ନବୀନଙ୍କ ଦୀର୍ଘାୟୁ କାମନା କରି ଦୀପଦାନ

ପୁରୀ,୧୬।୧୦(ସମିସ)

ଓଡ଼ିଶାବାସୀଙ୍କ ପ୍ରିୟ ନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୯ତମ ଜୟନ୍ତୀ ଅବସରରେ ପୁରୀରେ ବିବିଧ ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ନବୀନଙ୍କ ଦୀର୍ଘାୟୁ କାମନା କରି ସିଂହଦ୍ୱାରରେ ସମୂହ ଦୀପଦାନ କରାଯାଇଥିଲା। ନବୀନଙ୍କୁ ଭଲ ପାଉଥିବା ସାଧାରଣ ଜନତା, ଶୁଭେଚ୍ଛୁ, ସମର୍ଥକ ଏଥିରେ ସାମିଲ ହୋଇ ତାଙ୍କ ଦୀର୍ଘାୟୁ ଲାଗି ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ପରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯିବା ସହ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଏବଂ ପୁରୀ ଜିଲ୍ଲା ବିଜେଡି ସଭାପତି ଉମାକାନ୍ତ ସାମନ୍ତରାୟ ଉଦ୍‌ଘାଟନ କରିଥିଲେ। ଏହି ରକ୍ତଦାନ ଶିବିରରେ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ପୂର୍ବତନ କାଉନ୍‌ସିଲର ବିଭୂତି ସେଠୀ, ଜମ୍ବେଶ୍ୱର ମହାନ୍ତି, ପ୍ରିତମ୍ ଜଗଦେବ, ନାରାୟଣ ପଟ୍ଟନାୟକ, କାଶୀନାଥ ମହାସୁଆର, ବରିଷ୍ଠ ସେବାୟତ ରାମକୃଷ୍ଣ ଦାସ ମହାପାତ୍ର, ରବିଶଙ୍କର ପ୍ରତିହାରୀ, ବିଜୁ ଜନତା ଦଳ ରାଜ୍ୟ ପରିଷଦ ସଦସ୍ୟ କୃଷ୍ଣଚନ୍ଦ୍ର ପଣ୍ଡା, ପୁରୀ ସଦର ବୀରହରେକୃଷ୍ଣପୁର ସରପଞ୍ଚ ହୁଲାସ ଚନ୍ଦ୍ର ଜେନା, ସମଙ୍ଗର ପୂର୍ବତନ ସରପଞ୍ଚ ଦାମୋଦର ସେଠୀ, ଗୋପିନାଥପୁରର ସମିତିସଭ୍ୟ ପ୍ରଭାକର ସମର୍ଥା, ଗଙ୍ଗାନାରାୟଣପୁର ସମିତିସଭ୍ୟ ବ୍ରଜକିଶୋର ନାୟକ, ବାବୁଲି ବାରିକ, ବିଶ୍ୱକେତନ ଦାସ, ଯୁବନେତା ଭଗବାନ ପଢ଼ିଆରୀ, ଅସିତ୍ କୁମାର ମେକାପ, ଅଜୟ କୁମାର ସ୍ୱାଇଁ, ରାମକୃଷ୍ଣ ପ୍ରତିହାରୀ, ପୁରୀ ଜିଲ୍ଲା ଆଇଟି ସଂଯୋଜକ ମୁରାରୀ ଶ୍ରୀପତି ନାୟକ, ଛାତ୍ର ନେତା ସାଗର ପାତ୍ର, ରାଜେଶ ତ୍ରିପାଠୀ, ନାରୀନେତ୍ରୀ ସନ୍ଧ୍ୟାରାଣୀ ଭଞ୍ଜ, ବିନୋଦିନୀ ସାହୁ, ରୋଜାଲିନ ନାୟକ, ଅରୁଣିମା ନନ୍ଦ, ପ୍ରିୟଙ୍କା ସାହୁ, ଲିପ୍ସା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ରକ୍ତଦାନ ଶିବିରରେ ୧୪୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

ବାଲୁଗାଁ ମହାବିଦ୍ୟାଳୟରେ ପୋଷଣ କାର୍ଯ୍ୟକ୍ରମ

ବାଲୁଗାଁ,୧୬।୧୦(ସମିସ): ରାଜ୍ୟର ସମସ୍ତ ମହାବିଦ୍ୟାଳୟରେ ବର୍ତ୍ତମାନ ସରକାରଙ୍କ ପୋଷଣ ଅଭିଯାନ ଅନ୍ତର୍ଗତ ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି କ୍ରମରେ ବାଲୁଗାଁ ମହାବିଦ୍ୟାଳୟରେ ଅଧକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ପୋଷଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. କୈଳାସ ଚନ୍ଦ୍ର ମହାରଣା, କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରାଧ୍ୟାପିକା ସୁଜାତା ପ୍ରଧାନ, ଅଧ୍ୟାପିକା ଡ. ମୋନାଲିସା ମାନସିଂହ, ସ୍ୱାତି ସ୍ୱାଗତିକା ସାହୁ, କୀର୍ତ୍ତିମୟୀ ବାରିକ, ପ୍ରିୟମ୍ବଦା ମହାପାତ୍ର ପ୍ରମୁଖ ଯୋଗଦେଇ ପୋଷଣ ମାସର ଉଦ୍ଦେଶ୍ୟ, ଗୁରୁତ୍ୱ, ପ୍ରଭାବ ସହ ପୋଷଣ କାର୍ଯ୍ୟକ୍ରମର ଉପାଦେୟତା ଓ କିଶୋରୀମାନଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରି ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ଏଥିରେ ମହାବିଦ୍ୟାଳୟର ବହୁ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

ମାଉଣ୍ଟ ଲିଟେରା ଜି ସ୍କୁଲ୍‌ରେ ବିଶ୍ୱ ଖାଦ୍ୟ ଦିବସ

ଟାଙ୍ଗୀ,୧୬।୧୦(ସମିସ): ସ୍ଥାନୀୟ ମାଉଣ୍ଟ ଲିଟେରା ଜି ସ୍କୁଲରେ ବିଶ୍ୱ ଖାଦ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଟାଙ୍ଗୀ ମାଉଣ୍ଟ ଲିଟେରା ଜି ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ନିଜ ନିଜ ପକେଟ୍ ଖର୍ଚ୍ଚରୁ ସଞ୍ଚିତ ଅର୍ଥରେ ଚଣ୍ଡେଶ୍ୱର ଝୁମ୍ପୁଡ଼ି ବସ୍ତି, ଟାଙ୍ଗୀ ବୃଦ୍ଧାଶ୍ରମରେ ଗରିବ ଓ ଅସହାୟ ଗରିବ ଲୋକମାନଙ୍କୁ ବିଭିନ୍ନ ଖାଦ୍ୟ ପଦାର୍ଥ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅଧକ୍ଷ ପ୍ରଦୋଷ କୁମାର ସ୍ୱାଇଁ, ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀଙ୍କ ଦ୍ୱାରା ଏହି ସମାଜ ମଙ୍ଗଳ କାର୍ଯ୍ୟର ଉଚ୍ଚ ପ୍ରଶଂସା କରିଥିଲେ।

ବେଆଇନ ଭାବେ ସୀମା ବନ୍ଧ କାଟିଲେ ଠିକାଦାର

ବେପରୁଆ କାର୍ଯ୍ୟ ଯୋଗୁଁ ଜଳାର୍ଣ୍ଣବ ହେବ ବାଣପୁର ସହର

ବାଣପୁର,୧୬।୧୦(ସମିସ)

ସୁପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ମନ୍ଦିରର ଉନ୍ନତୀକରଣ କାର୍ଯ୍ୟ ମନ୍ଥରଗତିରେ ଚାଲିଛି। ଉକ୍ତ କାମ ନେଇଥିବା ଠିକାଦାରଙ୍କ ମନମୁଖୀ, ବେପରୁଆ କାର୍ଯ୍ୟ ଯୋଗୁଁ ଏବେ ବାଣପୁର ସହର ଜଳାର୍ଣ୍ଣବ ହେବାର ଆଶଙ୍କା ଉପୁଜିଛି। ଏକ ନିର୍ମାଣ କାର୍ଯ୍ୟ ପାଇଁ ଠିକାଦାର ଜଣକ ନିଜ ସୁବିଧା ଅନୁଯାୟୀ ନିର୍ମାଣ ସାମଗ୍ରୀର ପରିବହନ ଓ ଜେସିବି ଯାତାୟାତ ପାଇଁ ବାଣପୁରର ସୁରକ୍ଷା କବଚ ଶାଳିଆ ନଈ ସୀମା ବନ୍ଧକୁ କାଟି ଦେଇଛନ୍ତି। ଫଳରେ ଏବେ ଶାଳିଆ ଡ୍ୟାମ୍‌ରୁ ପାଣି ଛଡ଼ାଗଲେ ବାଣପୁର ସହର ମଧ୍ୟକୁ ଶାଳିଆ ନଦୀର ପାଣି ପ୍ରବେଶ କରିବାର ବାଟ ଖୋଲି ଦେଇଛନ୍ତି ଠିକାଦାର। ଠିକାଦାର ନିଜ ସ୍ୱାର୍ଥ ପାଇଁ ବନା ଅନୁମତିରେ ମନଇଚ୍ଛା ବେଆଇନ ଭାବେ ଶାଳିଆ ନଈ ସୀମା ବନ୍ଧକୁ କାଟି ଦେବାରେ ବାଣପୁରରେ ପାଣି ପଶିବାର ବିପଦ ସୃଷ୍ଟି ହୋଇଛି।

ସୂଚନା ମୁତାବକ, ବାଣପୁରର ଜୀବନ ରେଖା କୁହାଯାଉଥିବା ଶାଳିଆ ନଦୀରେ ଜଳସ୍ତର ବୃଦ୍ଧି ଘଟିଲେ ଉଦ୍‌ବୃତ ଜଳ ତଥା ବନ୍ୟାଜଳ ବାଣପୁର ସହର ଦେଇ ଯାଇଥିବା ଶାଳିଆ ନଈରୁ ପାଣି ସହର ମଧ୍ୟକୁ ପ୍ରବେଶ ନ କରିବା ପାଇଁ ଦୀର୍ଘ ପ୍ରାୟ ୫୦ ବର୍ଷ ପୂର୍ବେ ଏକ ପରିକଳ୍ପନା କରାଯାଇ ସହରକୁ ବନ୍ୟା ପରିସ୍ଥିତିରୁ ସୁରକ୍ଷା ଦେବା ପାଇଁ ଶାଳିଆ ନଦୀ ପାଶ୍ୱର୍ରେ ସୀମା ବନ୍ଧ ନିର୍ମାଣ କରାଯାଇଥିଲା। ପରେ ୧୯୯୦ରେ ବିଶ୍ୱ ବ୍ୟାଙ୍କ ସହାୟତାରେ ଏହାର ଉନ୍ନତୀକରଣ ନିମନ୍ତେ ବହୁ ଅର୍ଥ ବ୍ୟୟ କରାଯାଇ ଶାଳିଆ ନଈର ଉଭୟ ପାଶ୍ୱର୍ରେ ସୀମା ବନ୍ଧରେ ପଥର ପ୍ୟାକିଂ କରାଯାଇ ଏହାକୁ ସ୍ଥାୟୀ ଓ ମଜଭୁତ କରାଯାଇଥିଲା। ହେଲେ ବର୍ତ୍ତମାନ ବାଣପୁର ସହରର ସଂକୀର୍ଣ୍ଣ ବଜାର ରାସ୍ତାରେ ବାରମ୍ବାର ଟ୍ରାଫିକ୍ ସମସ୍ୟା ଉପୁଜୁଥିବାରୁ ଏହାର ସମାଧାନ କରିବା ସହ ପର୍ଯ୍ୟଟନସ୍ଥଳ ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ମନ୍ଦିରକୁ ଯାତାୟାତ ପାଇଁ ଏହି ସୀମା ବନ୍ଧକୁ ଚଉଡ଼ା କରାଯାଇ ବିକଳ୍ପ ରାସ୍ତା ନିର୍ମାଣ କରିବା ପ୍ରସ୍ତାବର ଡିପିଆର୍ ପ୍ରସ୍ତୁତ କାରାଯାଇ ସରକାରଙ୍କ ନିକଟରେ ବିଚାରାଧୀନ ରହିଛି। ଏଭଳି ପରିସ୍ଥିତିରେ ବର୍ତ୍ତମାନ ମା' ଭଗବତୀଙ୍କ ମନ୍ଦିରର ଉନ୍ନତୀକରଣ କାର୍ଯ୍ୟ ଚାଲିଥିବାବେଳେ ଉକ୍ତ କାମ କରୁଥିବା ଠିକାଦାର ଜଣକ ମନଇଚ୍ଛା ନିଜ ସୁବିଧା ପାଇଁ କିଛି ଦିନ ପୂର୍ବେ ରଙ୍ଗନାଥ ଦେବଙ୍କ ମନ୍ଦିର ପଛ ପାଶ୍ୱର୍ସ୍ଥ ଉକ୍ତ ଶାଳିଆ ନଈ ସୀମା ବନ୍ଧର ଦୁଇଟି ସ୍ଥାନରେ ପ୍ରାୟ ୫୦ ଫୁଟ୍ କାଟିଦେଇଥିବା ଦେଖିବାକୁ ମିଳୁଛି। ଫଳରେ ଶାଳିଆ ନଦୀର ବନ୍ୟାଜଳ ବର୍ତ୍ତମାନ ସହର ମଧ୍ୟକୁ ପ୍ରବେଶ କରିବା ସମ୍ଭାବନା ସୃଷ୍ଟି ହୋଇଛି। ସୌଭାଗ୍ୟବଶତଃ ଅଞ୍ଚଳରେ ଲଘୁଚାପଜନିତ ପ୍ରବଳ ବର୍ଷା ସତ୍ତ୍ୱେ ଏବେ ଶାଳିଆ ଡ୍ୟାମ୍‌ରୁ ଶାଳିଆ ଜଳସେଚନ ବିଭାଗ ପାଣି ଛାଡ଼ି ନ ଥିବାରୁ ସହରରେ ବନ୍ୟାଜଳ କୌଣସି କ୍ଷତି ପହଞ୍ଚାଇ ନାହିଁ। ହେଲେ ଆଗକୁ ଯଦି ଲଘୁଚାପଜନିତ ବର୍ଷା ଲାଗି ରହେ ଓ ଶାଳିଆ ଡ୍ୟାମ୍‌ରେ ଜଳସ୍ତର ବୃଦ୍ଧି ପାଇ ଏହାର ଧାରଣ କ୍ଷମତାଠାରୁ ଅଧିକ ଜଳ ପ୍ରବାହିତ ହୁଏ ତେବେ କର୍ତ୍ତୃପକ୍ଷ ଡ୍ୟାମ୍‌ର ସୁରକ୍ଷା ପାଇଁ ନିଶ୍ଚିତ ପାଣି ଛାଡ଼ିବେ। ବନ୍ୟାଜଳ ଶାଳିଆ ନଈରେ ଆସିଲେ ଉକ୍ତ କଟାଯାଇଥିବା ସୀମା ବନ୍ଧ ବାଟ ଦେଇ ଉଦ୍‌ବୃତ ଜଳ ସୁନିଶ୍ଚିତ ବାଣପୁରରେ ବନ୍ୟା ପରିସ୍ଥିତି ସୃଷ୍ଟି କରିବାର ସମ୍ଭାବନା ରହିଛି। ଏ ସମ୍ପର୍କରେ ସୀମା ବନ୍ଧ ଦାୟିତ୍ୱରେ ଥିବା ଶାଳିଆ ଜଳସେଚନ ବିଭାଗ ଉପଖଣ୍ଡ ଯନ୍ତ୍ରୀ ସୁରେନ୍ଦ୍ର ସାହୁଙ୍କୁ ପଚାରିବାରେ ସୀମା ବନ୍ଧକୁ ଠିକାଦାରଙ୍କ ଦ୍ୱାରା କଟାଯିବା ସମ୍ପର୍କରେ ଅବଗତ ଅଛନ୍ତି, ସେ ଶାଳିଆ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ମନୋଜ ସାହୁଙ୍କ ସହ ଘଟଣାସ୍ଥଳକୁ ଯାଇ ସବିଶେଷ ତଦନ୍ତ କରିଛନ୍ତି। ବିନା ଅନୁମତିରେ ସୀମା ବନ୍ଧକୁ କାଟି ସରକାରୀ ସମ୍ପତ୍ତିକୁ କ୍ଷତି ପହଞ୍ଚାଇବାକୁ ନେଇ ଯଥାଶୀଘ୍ର ଉକ୍ତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ। ତେବେ ଠିକାଦାର ଜଣକ କେଉଁ ସାହସରେ ଅଞ୍ଚଳ ପାଇଁ ବିପଦ ସୃଷ୍ଟି କରି ମନମୁଖୀ କମ କରୁଛି ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ତେବେ ବିଭାଗ ପକ୍ଷରୁ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ତାହା ଦେଖିବାକୁ ବାକି ରହିଲା।

ଲେଖନପୁରରୁ ବାଣ ଜବତ, ଜଣେ ଗିରଫ

ବେଗୁନିଆ,୧୬।୧୦(ସମିସ): ବାଘମାରୀ ଥାନା ଅନ୍ତର୍ଗତ ଲେଖନପୁର ଗ୍ରାମ ଆଦିବାସୀ ସାହିର ସିଲୁ ଦେଉରୀଙ୍କ ଘରେ ଚଢ଼ଉ କରି ବିପୁଳ ପରିମାଣର ବାଣ ଜବତ କରାଯାଇଛି। ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ନେତୃତ୍ୱରେ ପୁଲିସ କର୍ମଚାରୀମାନେ ଲେଖନପୁର ଗ୍ରାମର ଶ୍ରୀ ଦେଉରୀଙ୍କ ଘରେ ଚଢ଼ଉବେଳେ ବିପୁଳ ପରିମାଣର ବାଣ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ତେବେ ବାଘମାରୀ ପୁଲିସ ପକ୍ଷରୁ ବାରମ୍ବାର ବେଆଇନ ବାଣ କାରବାର କରୁଥିବା ବ୍ୟବସାୟୀଙ୍କ ଚଢ଼ଉ କରିବା ଫଳରେ ଏକରକମ କୋକୁଆ ଭୟ ସୃଷ୍ଟି ହୋଇଛି।

ପୂର୍ବତନ ସରପଞ୍ଚଙ୍କ ପରଲୋକ

ନିରାକାରପୁର,୧୬।୧୦(ସମିସ): ଖୋର୍ଦ୍ଧା ଜିଲ୍ଲାର ଜଣେ ସୁଦକ୍ଷ ସମାଜସେବୀ, ପୂର୍ବତନ ସରପଞ୍ଚ ତଥା ଅବସରପ୍ରାପ୍ତ ସଚିବାଳୟ କର୍ମଚାରୀ ବୈକୁଣ୍ଠନାଥ ମାର୍ଥାଙ୍କ ପରଲୋକ ହୋଇଯାଇଛି। ବୈକୁଣ୍ଠନାଥ ଜଣେ ଜଣାଶୁଣା ସମାଜସେବୀ, ରାଜନେତା, ଧର୍ମପରାୟଣ ଓ ମେଳାପୀ ବ୍ୟକ୍ତି ଥିଲେ। ସେ ମଧ୍ୟ ଖୋର୍ଦ୍ଧା ଜିଲ୍ଲା ଭୈରବୀ କ୍ଲବ୍ ସମ୍ପାଦକ ଥିଲେ। କିଛି ଦିନ ହେବ ସେ ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ।

ବଉଳାବନ୍ଧରେ ଭାଗବତ ସପ୍ତାଙ୍ଗ ଓ ପ୍ରବଚନ

ଚିଲିକା,୧୬।୧୦(ସମିସ): ଚିଲିକା ବ୍ଲକ୍ ଅନ୍ତର୍ଗତ ବଉଳାବନ୍ଧ ଗ୍ରାମସ୍ଥ ମଙ୍ଗରାଜପୁରଠାରେ ଗତ ୯ରୁ ୧୫ ତାରିଖ ପର୍ଯ୍ୟନ୍ତ ସପ୍ତାହବ୍ୟାପୀ ଶ୍ରୀମଦ୍ ଭାଗବତ ସପ୍ତାଙ୍ଗ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟହ ସକାଳ ସମୟରେ ପାରାୟଣ, ହୋମ, ସଂକୀର୍ତ୍ତନ ଓ ଭଜନ ସମାରୋହ ହେଉଥିବାବେଳେ ସନ୍ଧ୍ୟା ସମୟରେ ଆଳତି, ଗୀତଗୋବିନ୍ଦ ପାଠ, ବେଦପାଠ ଓ ପ୍ରବଚନ କାର୍ଯ୍ୟକ୍ରମ ହୁଏ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଦିବସରେ ତ୍ରିଦଣ୍ଡୀ ସ୍ୱାମୀ ଭକ୍ତ ଗୌରବ ସଚିଦାନନ୍ଦ ଦାଶ ମହାରାଜ, ପଣ୍ଡିତ କିଶୋର ଚନ୍ଦ୍ର ଭଞ୍ଜ, ପଣ୍ଡିତ ବିକ୍ରମ କେଶରୀ ମହାରଣା, ଗାୟକ ଦକ୍ଷିଣକେଶରୀ ରାମଚନ୍ଦ୍ର କର, ପଣ୍ଡିତ କାଶୀନାଥ ଦାସ, ବାସନ୍ତୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ପ୍ରବଚନ କାର୍ଯ୍ୟକ୍ରମର ପ୍ରତ୍ୟହ ଦିବସରେ ନୀଳକଣ୍ଠ ଉଚ୍ଚ ବିଦ୍ୟାଳୟର ପଣ୍ଡିତ ପ୍ରଭାସିନୀ ଦାଶ ମଞ୍ଚ ପରିଚାଳନା କରିଥିବାବେଳ ଭାଗବତ ପଠନ କରିଥିଲେ ଭାସ୍କର ଚନ୍ଦ୍ର ଦାଶ ଓ ସହଯୋଗିତା କରିଥିଲେ ଲକ୍ଷ୍ମୀଧର ପଣ୍ଡା, ପ୍ରଭାକର ଦାଶ ଓ ସୁବାସ ଚନ୍ଦ୍ର ତ୍ରିପାଠୀ। ଏ ସମସ୍ତ କାର୍ଯ୍ୟକ୍ରମକୁ ସମ୍ପାଦନା କରିଥିଲେ ଭାଗବତ ଟୁଙ୍ଗୀ ସେବା ସମିତିର ସଭାପତି ସୁବାସ ଚନ୍ଦ୍ର ନାୟକ, ସମ୍ପାଦକ ବୃନ୍ଦାବନ ମହାରଣା ଓ ନୀଳ ମହାରଣା।

ଆର୍‌ଡି ରାସ୍ତାରୁ ମଙ୍ଗଳାଯୋଡ଼ି ପ୍ରକୃତି ନିବାସ ସଂଯୋଗୀକରଣ ରାସ୍ତା

କାମ ଅଧାରୁ ଛାଡ଼ି ଠିକାଦାର ଛୁ'

ଟାଙ୍ଗୀ,୧୬।୧୦(ସମିସ): ଟାଙ୍ଗୀ ତେନ୍ତୁଳିଆପଡ଼ା ଆର୍‌ଡି ରାସ୍ତାଠାରୁ ମଙ୍ଗଳାଯୋଡ଼ି ପ୍ରକୃତି ନିବାସ ପର୍ଯ୍ୟନ୍ତ ସଂଯୋଗୀକରଣ ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୧.୪୬ କୋଟି ଟଙ୍କା ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇ ନିର୍ମାଣ କାର୍ଯ୍ୟ ଭୁବନେଶ୍ୱରର ଜନୈକ ଠିକାଦାରଙ୍କୁ ପ୍ରଦାନ କରାଯାଇଥିଲା। କିନ୍ତୁ ଠିକାଦାରଙ୍କ ମନମୁଖୀ ତଥା ନିମ୍ନମାନର କାର୍ଯ୍ୟ ଯୋଗୁଁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତା କାମ ଅଧାରୁ ଛାଡ଼ି ଠିକାଦାର ଛୁ ମାରିଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସୂଚନାଯୋଗ୍ୟ ଯେ, ସରକାରଙ୍କ ନିୟମ ଅନୁଯାୟୀ ରାସ୍ତା ନିର୍ମାଣ ଆରମ୍ଭ ପୂର୍ବରୁ ସୂଚନାଫଳକ ଲଗାଯାଇ ରାସ୍ତା ନିର୍ମାଣ ଅବଧି, ଅଟକଳ ପରିମାଣ, ନିର୍ମାଣ ସମୟସୀମା ତଥା ଠିକାଦାରଙ୍କ ନାମ ଇତ୍ୟାଦି ସ୍ପଷ୍ଟ ଭାବେ ଉଲ୍ଲେଖ କରାଯିବା କଥା। କିନ୍ତୁ ଦୀର୍ଘ ୩ ମାସରୁ ଉର୍ଦ୍ଧ୍ୱ ସମୟ ହେଲା ରାସ୍ତା କାମ ଚାଲିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସୂଚନାଫଳକ ମଧ୍ୟ ମରାଯାଇ ନାହିଁ। ଠିକାଦାର ବିଭିନ୍ନ ସ୍ଥାନରେ ଅଧପନ୍ତରିଆ କଂକ୍ରିଟ୍ କରି ଛାଡ଼ିଦେଇଥିବାରୁ ପ୍ରକୃତି ନିବାସକୁ ଆସୁଥିବା ପର୍ଯ୍ୟଟକମାନେ ପ୍ରବଳ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କଂକ୍ରିଟ ସରୁଥିବା ସ୍ଥାନରେ ମାଟି ପକାଇ ଏହାକୁ ଗମନାଗମନ ଉପଯୋଗୀ

କରିବା ଦାୟିତ୍ୱ ଠିକାଦାରଙ୍କର ହୋଇଥିଲେ ମଧ୍ୟ ସେ ଅତ୍ୟନ୍ତ ଖାମଖିଆଲି ଭାବେ ଏହା ନ କରି ଛାଡ଼ି ଦେଇଥିବା ଅଭିଯୋଗ ହୋଇଛି। ତେଣୁ ପର୍ଯ୍ୟଟକମାନଙ୍କ ଯାନବାହନ ସୁବିଧାରେ ଯାତାୟାତ ନିମନ୍ତେ ମଙ୍ଗଳାଯୋଡ଼ି ପରିବେଶ ପର୍ଯ୍ୟଟନ ଗୋଷ୍ଠୀ ସଦସ୍ୟମାନେ ନିଜ ହାତରୁ ଖର୍ଚ୍ଚ କରି ରାସ୍ତାରେ ମାଟି ପକାଇ ଯାତାୟାତ ଉପଯୋଗୀ କରୁଥିବା ଜଣାପଡ଼ିଛି। ଜଙ୍ଗଲ ଜମିରୁ ବେଆଇନ ଭାବେ ମୋରମ୍ ଖୋଳି ରାସ୍ତା କାମରେ ବ୍ୟବହାର ହୋଇଥିବା ସମ୍ପର୍କରେ ମଧ୍ୟ ଅଭିଯୋଗ ହୋଇଛି। ପ୍ରକୃତି ନିବାସ ପରିସରରେ ହେବାକୁ ଥିବା ସୌନ୍ଦର୍ଯ୍ୟକରଣ କାମ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇ ନ ଥିବାରୁ ଚଳିତ ପର୍ଯ୍ୟଟନ ଋତୁରେ ଏହା ସରିବ କି ନାହିଁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତୁରନ୍ତ କାମ ସମ୍ପୂର୍ଣ୍ଣ ନହେଲେ ଗ୍ରାମବାସୀମାନେ ଭିଜିଲାନ୍ସର ଦ୍ୱାରସ୍ଥ ହେବାକୁ ଚେତାବନୀ ଦେଇଛନ୍ତି। ତେବେ ବିଭାଗୀୟ କନିଷ୍ଠଯନ୍ତ୍ରୀଙ୍କୁ ପଚାରିବାରେ କାର୍ଯ୍ୟ ଶେଷର ଅବଧି ନଭେମ୍ବର ମାସ ପର୍ଯ୍ୟନ୍ତ ଥିବାବେଳେ କଲର କୋର୍ଡ ଯୋଗୁଁ ନାମଫଳକ ଲାଗି ନ ଥିଲା। ଖୁବଶୀଘ୍ର ଏହା ହେବ। ତେବେ ୭୦ ଫୁଟ୍ ଜାଗା ବିବାଦୀୟ ଥିବା ଜଣେ ବ୍ୟକ୍ତି ଅଭିଯୋଗରୁ ମଧ୍ୟ କାର୍ଯ୍ୟରେ ବିଳମ୍ବ ଘଟିଥିଲା ବୋଲି ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସୂଚନା ଦେଇଛନ୍ତି।

ଅନ୍ତର୍ନିହିତ ପ୍ରତିଭାର ଅନ୍ୱେଷଣ 'ସୁରଭି'

ଖୋର୍ଦ୍ଧା,୧୬।୧୦(ସମିସ): ଖୋର୍ଦ୍ଧା ବ୍ଲକ୍ ନରଶଗଡ଼ ଆଞ୍ଚଳିକ ସାଧନ କେନ୍ଦ୍ର ଆନୁକୂଲ୍ୟରେ ସରକାରୀ ଉ.ପ୍ରା ବିଦ୍ୟାଳୟ, ଜଗନ୍ନାଥପୁରଠାରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ଶରତ ଚନ୍ଦ୍ର ତ୍ରିପାଠୀଙ୍କ ସଭାପତିତ୍ୱରେ ରାଜୀବ ମହାପାତ୍ର, ପ୍ରଧାନଶିକ୍ଷକ ରବୀନ୍ଦ୍ର ନାଥ ଦାସ, ଯୁଧିଷ୍ଠିର ଶ୍ରୀଚନ୍ଦନ ପ୍ରମୁଖ ଯୋଗଦେଇଥିଲେ। କ୍ଲଷ୍ଟରର ୧୦ଟି ବିଦ୍ୟାଳୟରୁ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେହିପରି ଖୋର୍ଦ୍ଧା ପୌରପରିଷଦ-୧ କ୍ଲଷ୍ଟରସ୍ତରୀୟ ସୁରଭି ପ୍ରାକ୍ଟିସିଙ୍ଗ୍ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲଷ୍ଟରର ୧୧ଟି ବିଦ୍ୟାଳୟରୁ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଶିକ୍ଷାର୍ଥୀ ଯୋଗଦେଇଥିଲେ। ପ୍ରତ୍ୟେକ କ୍ଷେତ୍ରରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଥିବା ପିଲାଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ନବ କିଶୋର ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଡିଆଇଇଟିର ଅଧକ୍ଷ ଡ. ତାପସ କୁମାର ନାୟକ ଯୋଗଦେଇ ପିଲାମାନଙ୍କୁ ନିଜର ଅନ୍ତର୍ନିହିତ ଗୁଣାବଳୀର ବିକାଶପୂର୍ବକ ନିଜ ଜୀବନର ଲକ୍ଷ୍ୟରେ ପହଞ୍ଚି ସୁନାମ ବୃଦ୍ଧି କରିବା ନିମନ୍ତେ ଅନୁପ୍ରେରିତ କରିଥିଲେ। କାର୍ଯ୍ୟକ୍ରମକୁ ରଶ୍ମି ଦାସ, ଶିବ ପ୍ରସାଦ ବେହେରା, କେଶବ ଚନ୍ଦ୍ର ତ୍ରିପାଠୀ ପରିଚାଳନା କରିଥିଲେ। ସେହିପରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କାଇପଦର ମାଳିସାହିଠାରେ କାଇପଦର ଓ ବଙ୍ଗିଦା ପଞ୍ଚାୟତ ଅଧୀନରେ ଥିବା ୮ଟି ବିଦ୍ୟାଳୟ ଏବଂ ୨ଟି ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ କାଇପଦର କ୍ଲଷ୍ଟରସ୍ତରୀୟ 'ସୁରଭି' ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଛି। ସିଆର୍‌ସିସି ବାଗେଶ୍ରୀ ମହାପାତ୍ରଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥିଭାବେ କାଇପଦର ସରପଞ୍ଚଙ୍କ ପ୍ରତିନିଧି ବିଜୟ ଅରିସଲ, ସମ୍ମାନିତ ଅତିଥି ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଅଧକ୍ଷ ଉମେଶ ସାହୁ, ପୂର୍ବତନ ଅଧକ୍ଷ ପ୍ରତାପ କିଶୋର ଛୋଟରାୟ, ଭିକାରୀ ଚରଣ ବଳିୟାରସିଂହ, ରଜନୀକାନ୍ତ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ।

ଟାଙ୍ଗୀ: ଟାଙ୍ଗୀ ବ୍ଲକ୍ ଅଧୀନସ୍ଥ କୁହୁଡ଼ି ଜନତା ଉଚ୍ଚ ବିଦ୍ୟାଳୟ ଲକ୍ଷ୍ମୀଧରପୁର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ପ୍ରଧାନଶିକ୍ଷୟିତ୍ରୀ ମମତା ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଶ୍ରୀବତ୍ସ ପରିଡ଼ା, ସମ୍ମାନିତ ଅତିଥି ରତନପୁର ସରପଞ୍ଚ ଗୁରୁବନ୍ଧୁ ବେହେରା, ମନୋଜ କୁମାର ମାନସିଂହ, ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ସିଆର୍‌ସିସି ଦିନବନ୍ଧୁ ପୃଷ୍ଟି ଯୋଗଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ରଘୁନାଥ ସ୍ୱାଇଁ। ୧୨ଟି ବିଦ୍ୟାଳୟରୁ ୧୫୬ ଜଣ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ବିଭୂତିଭୂଷଣ ଜୁଝାରସିଂହ ଧନ୍ୟବାଦ ଦେଇଥିଲେ।

୪ ରାଜ୍ୟ ଓ ଏକ କେନ୍ଦ୍ରଶାସିତ ଅଞ୍ଚଳ ଶିକ୍ଷାଧିକାରୀଙ୍କ ଖୋର୍ଦ୍ଧା ଗସ୍ତ

ଖୋର୍ଦ୍ଧା,୧୬।୧୦(ସମିସ): ଓଡ଼ିଶା ସମେତ ୪ଟି ରାଜ୍ୟ ବିହାର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ ଆଣ୍ଡାମାନର ଶିକ୍ଷା ଅଧିକାରୀମାନେ ଏକଦିବସୀୟ ଗସ୍ତରେ ଆସି ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିଦର୍ଶନ କରିଛନ୍ତି। ଏହି ପ୍ରତିନିଧି ଦଳରେ ସମୁଦାୟ ୭୨ଜଣ ଶିକ୍ଷା ଅଧିକାରୀ ସାମିଲ ହୋଇଛନ୍ତି। ଏନ୍‌ସିଇଆର୍‌ଟିର ପ୍ରଫେସର ଜିତେନ୍ଦ୍ର ପଟିଦାରଙ୍କ ନେତୃତ୍ୱରେ ଆସିଥିବା ଏହି ପ୍ରତିନିଧି ଦଳ ପ୍ରଥମେ ପ୍ରୟୋଗଶାଳା ବିଦ୍ୟାଳୟରେ ସମସ୍ତ କାର୍ଯ୍ୟଶୈଳୀକୁ ଟିକିନିଖି ପରଖିଥିଲେ। ସୂଚନା ଓ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟ, ସାମାଜିକ ଓ ଆବେଗିକ ଶିକ୍ଷଣ କାର୍ଯ୍ୟକ୍ରମ ସମ୍ପର୍କରେ ବିଷଦ୍ ଭାବେ ବୁଝିବା ସହିତ ଆଲୋଚନା ମଧ୍ୟ କରିଥିଲେ। ପରେ ଡିଆଇଇଟି ବାଲ୍ ବାଟିକା ପ୍ରୟୋଗଶାଳା, ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କ ସମ୍ବଳ କେନ୍ଦ୍ର, ଷ୍ଟୁଡିଓ ପ୍ରଭୃତି ପରିଦର୍ଶନ କରିଥିଲେ। ଏପରିକି ଶିକ୍ଷାନୁଷ୍ଠାନରେ ଚାଲିଥିବା ପରଖ ରାଷ୍ଟ୍ରୀୟ ସର୍ବେକ୍ଷଣ ଉପରେ ଯୋଜନା ପ୍ରସ୍ତୁତି କର୍ମଶାଳାରେ ଭାଗ ନେଇ ଖୁସିବ୍ୟକ୍ତ କରିବା ସହିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବିଭିନ୍ନ ବିଭାଗ ପରିଦର୍ଶନ କରି ସନ୍ତୋଷବ୍ୟକ୍ତ କରିଥିଲେ। ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ଡ. ତାପସ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏକ ଆଲୋଚନାରେ ଅନୁଷ୍ଠାନର ବିଶେଷ କାର୍ଯ୍ୟାବଳୀ ସମ୍ପର୍କରେ ଡ. ନାୟକ ଉପସ୍ଥାପନା କରିଥିଲେ। ଅଧ୍ୟାପକ ମହେଶ ବେହେରା ଓ ବୀଣାପାଣି ପାଢ଼ୀ ପ୍ରତିନିଧି ଦଳକୁ ଧନ୍ୟବାଦ ଦେଇଥିଲେ।

ଖୋର୍ଦ୍ଧାରେ ବିଶ୍ୱ ଛାତ୍ର ଦିବସ

ଖୋର୍ଦ୍ଧା,୧୬।୧୦(ସମିସ): ସ୍ଥାନୀୟ ରାଧାବଲ୍ଲଭ ସାହିସ୍ଥିତ ରାଧାଗୋବିନ୍ଦ ଶେଫାଳି ସଂଗ୍ରହଶାଳାରେ ବିଶ୍ୱ ଛାତ୍ର ଦିବସ ପାଳିତ ହୋଇଛି। ଭାରତରେ ୧୧ତମ ରାଷ୍ଟ୍ରପତି, ଛାତ୍ରବତ୍ସଳ ବୈଜ୍ଞାନିକ ଭାରତରତ୍ନ ଏପିଜେ ଅବ୍‌ଦୁଲ୍ କାଲାମଙ୍କ ଜନ୍ମ ଦିନକୁ ବିଶ୍ୱ ଛାତ୍ର ଦିବସ ଭାବେ ପାଳନ କରାଯାଏ। କଲାମଙ୍କ ଜୀବନାଦର୍ଶ ଛାତ୍ରଙ୍କ ପାଇଁ ପ୍ରେରଣାର ଉତ୍ସ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଚେକୋସ୍ଲୋଭିଆର ରାଜଧାନୀ ପ୍ରେଗ୍‌ଠାରେ ୯ଜଣ ସ୍ୱାଧୀନ ଚେତା ଛାତ୍ରଙ୍କୁ ୧୯୩୯ରେ ଫାଶୀ ଦିଆଯାଇଥିଲା। ସେହି



ଶିକ୍ଷାର୍ଥୀମାନଙ୍କ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ସମଗ୍ର ପୃଥିବୀରେ ବିଶ୍ୱ ଛାତ୍ର ଦିବସ ପାଳନ କରାଯାଉଛି। ଶିକ୍ଷାବିତ୍ ଗୋପାଳକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସନ୍ତୋଷ ସାହୁ ମୁଖ୍ୟ ଅତିଥି, କବି ଭବାନୀ ପ୍ରସାଦ କର ମୁଖ୍ୟବକ୍ତା ଓ ଅଭିନେତା ରଣ୍ଟୁ ଜେନା ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ରୋଭର ରେଞ୍ଜରମାନେ ଉପସ୍ଥିତ ଥିଲେ।

ଇଡ୍‌କୋକୁ ଜମି ହସ୍ତାନ୍ତର ପଦକ୍ଷେପକୁ ବିରୋଧ

ଗୟାବନ୍ଧ ମୌଜା ଗୋଚର ଜମି ହସ୍ତାନ୍ତରକୁ ନେଇ ତହସିଲ୍‌ଦାରଙ୍କୁ ଭେଟିଲେ ଗ୍ରାମବାସୀ

ନିରାକାରପୁର,୧୬।୧୦(ସମିସ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ତହସିଲ୍ ଅନ୍ତର୍ଗତ ଜଂକିଆ ଥାନା ଅଧୀନ ଛଣଗିରି ରାଜସ୍ୱ କାର୍ଯ୍ୟାଳୟ ଅନ୍ତର୍ଗତ ଗୟାବନ୍ଧ ଗ୍ରାମର ଶତାଧିକ ଗ୍ରାମବାସୀ ଗୁରୁବାର ଟାଙ୍ଗୀ ତହସିଲ୍‌ଦାରଙ୍କୁ ଭେଟି ଗୟାବନ୍ଧ ମୌଜାର ମୋଟ୍ ୧୩୦ ଏକର ଗୋଚର ଓ ପୁରାତନ ପତିତ ଜମିକୁ ଇଡ୍‌କୋକୁ ହସ୍ତାନ୍ତର ନ କରିବାକୁ ଅଭିଯୋଗ କରିଥିଲେ।

ସୂଚନାଯୋଗ୍ୟ କି, ଗୟାବନ୍ଧ ମୌଜାର ଖାତା ନଂ ୩୩୮ ର ପ୍ଲଟ୍ ନଂ ୫୩୨, ୫୪୨, ୫୭୨, ୫୭୪, ୧୪୪, ୫୦, ୬୮, ୬୧, ୧୭୬, ୫୮୫, ୫୮୩, ୬୦୫ ଓ ଖାତା ନଂ ୩୪୦ର ପ୍ଲଟ୍ ନଂ ୫୮୧, ୫୮୪, ୫୯୩, ୬୦୨, ୫୯୮, ୫୭୯ ସମୁଦାୟ ୧୩୦ ଏକରରୁ ଅଧିକ ଗୋଚର ଓ ପୁରାତନ ପତିତ ଜମି ରହିଛି। ସେହିପରି ନୟାକୋଟ ମୌଜାରେ ଥିବା ୨୮୪, ୩, ୧, ୭୯୨, ୫୮୭, ୯୧୩, ୯୧୦, ୪୨୪, ୪୪୦, ୪୩୫ରେ ଥିବା ମୋଟ ୨୦୧ ଏକର ୬୨୯୫ ଡେସିମିଲରୁ ଉର୍ଦ୍ଧ୍ୱ ଜାଗା ଗୋଚର କିସମକୁ ପରିବର୍ତ୍ତନ କରି ଇଡ୍‌କୋକୁ ହସ୍ତାନ୍ତର କରିବାକୁ ଗତ ୪ ଓ ୧୦ ତାରିଖରେ ଟାଙ୍ଗୀ ତହସିଲ୍‌ଦାରଙ୍କ ତରଫରୁ ଚାରୋଟି ନୋଟିସ୍ ମାଧ୍ୟମରେ ପଞ୍ଚାୟତକୁ ଜଣାଇ ଦିଆଯାଇଛି। ତେଣୁ ଗ୍ରାମବାସୀ ଏ ବିଷୟରେ ଆଲୋଚନା ପାଇଁ ଗ୍ରାମରେ ଏକ ଗ୍ରାମସଭା ଗତ ୧୩ ତାରିଖରେ ଡକାଇଥିଲେ। ଏହାପରେ ଗ୍ରାମରେ ଏକ କମିଟି ତହସିଲ୍ ପକ୍ଷରୁ ନୋଟିସ୍ ହୋଇଥିବା ସମସ୍ତ ପ୍ଲଟ୍‌କୁ ଯାଇ ତଦାରଖ କରିବା ପରେ ଗୟାବନ୍ଧରେ ଥିବା ପ୍ଲଟ୍‌ଗୁଡ଼ିକରେ କିଛି ବ୍ୟକ୍ତିଙ୍କ ଘରଦ୍ୱାର, ମନ୍ଦିର, ବାରି, ଖେଳପଡ଼ିଆ ଆଦି ରହିଛି। ଗ୍ରାମରେ ଥିବା ୪୦୦ ପରିବାରରୁ ଉର୍ଦ୍ଧ୍ୱ ଲୋକଙ୍କ ଗାଈଗୋରୁ ଏବଂ ଗୃହପାଳିତ ପଶୁ ଏହି ଜାଗାରେ ଚରାବୁଲା କରି ଆସୁଛନ୍ତି। ପ୍ଲଟ୍ ନଂ ୬୦୨ରେ ଗ୍ରାମର ଖେଳ ପଡ଼ିଆ ରହିଛି। ଯେଉଁ ପଡ଼ିଆରେ ୫୦ ବର୍ଷରୁ ଉର୍ଦ୍ଧ୍ୱ ହେବ କ୍ରିକେଟ୍ ଏବଂ ରାଜ୍ୟସ୍ତରୀୟ ଫୁଟ୍‌ବଲ ଖେଳ ପ୍ରତିବର୍ଷ ଅନୁଷ୍ଠିତ ହେଉଛି। ପ୍ଲଟ୍ ନଂ ୫୮୧ରେ ଗ୍ରାମର ସର୍ବପୁରାତନ ହନୁମାନ ମନ୍ଦିର ଅବସ୍ଥିତ। ପ୍ଲଟ୍ ନଂ ୫୮୪, ୫୩୨, ୫୭୪ରେ ଗ୍ରାମର ୭୦ରୁ ଉର୍ଦ୍ଧ୍ୱ ଗରିବ ପରିବାର ପୁରୁଷ ପୁରୁଷ ଧରି ଘର କରି ରହି ଆସୁଛନ୍ତି। ବହୁ ସଂଖ୍ୟାରେ ଏଠାରେ ବନ୍ୟଜନ୍ତୁ ଅଛନ୍ତି। ଯଦି ସରକାର ଏମିତି ପଦକ୍ଷେପ ନିଅନ୍ତି, ଗ୍ରାମର ସମସ୍ତ ପରିବାର ଏବଂ ଗୃହପାଳିତ ପଶୁ ଓ ବନ୍ୟଜନ୍ତୁ ବହୁ ମାତ୍ରାରେ ପ୍ରଭାବିତ ହେବେ। ଗୁରୁବାର ଶତାଧିକ ଗ୍ରାମବାସୀ ତହସିଲ୍‌ଦାରଙ୍କୁ ଭେଟି ନୋଟିସରେ ଦର୍ଶାଯାଇଥିବା ଗୟାବନ୍ଧ ମୌଜାର ସମସ୍ତ ପ୍ଲଟ୍‌କୁ ବାଦ୍ ଦେଇ ଜାଗାଗୁଡ଼ିକୁ ପୂର୍ବାବସ୍ଥା ରଖିବା ପାଇଁ ଅନୁରୋଧ କରିଛନ୍ତି। ଏ ବିଷୟରେ ତହସିଲ୍‌ଦାର ନିଷ୍ଠା ମହାପାତ୍ରଙ୍କୁ ପଚାରିବାରୁ, ସେ କହିଲେ ଗ୍ରାମବାସୀଙ୍କ ଅଭିଯୋଗକୁ ଗ୍ରହଣ କରି ସେ ଶୁକ୍ରବାର ଉକ୍ତ ମୌଜାକୁ ଯାଇ ସରଜମିନ ତଦନ୍ତ କରି ଯାହା ପଦକ୍ଷେପ ନେବେ।

କାର୍ତ୍ତିକରେ ପରିବା ଦର ଆକାଶଛୁଆଁ

ମହଙ୍ଗାମାଡ଼ରେ ହବିଷିଆଳି ବେହାଲ

ବାଲୁଗାଁ,୧୬।୧୦(ସମିସ): ବର୍ତ୍ତମାନ କେନ୍ଦ୍ର ସରକାର ଜିଏସ୍‌ଟି ହ୍ରାସ କରିଥିବା ସ୍ଥଳେ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଦର କମିବ ବୋଲି ରାଜ୍ୟ ସରକାର ଡିଣ୍ଡିମ ପିଟୁଛନ୍ତି। କିନ୍ତୁ ଦରଦାମ୍ କମିବାର ନାଁ ଧରୁନି। ସମସ୍ତ ଦ୍ରବ୍ୟର ଦରଦାମ୍ ହ୍ରାସ ହେବା ପରିବର୍ତ୍ତେ ଦିନକୁ ଦିନ ପେଟ୍ରୋଲ ଓ ଡିଜେଲ ଦର କମି ନ ଥିବାବେଳେ ରାସନ ସାମଗ୍ରୀ, ରନ୍ଧନ ଗ୍ୟାସ୍‌ଠାରୁ ଆରମ୍ଭ କରି ପନିପରିବା ଭଳି ଦୈନନ୍ଦିନର ଅତ୍ୟାବଶ୍ୟକ ସାମଗ୍ରୀ ଆଦି ସବୁ କିଛିର ଦରଦାମ୍ ହୁହୁ ହୋଇ ବୃଦ୍ଧି ଘଟିବାରୁ ବାଦ୍ ପଡ଼ିନାହିଁ। ଏପରିସ୍ଥଳେ ବର୍ତ୍ତମାନ ହବିଷ ମାସ କାର୍ତ୍ତିକ ଚାଲିଥିବାବେଳେ ପ୍ରାୟତଃ ପରିବାରରେ ଆମିଷ ଭକ୍ଷଣ ନିଷେଧ ହେତୁ ନିରାମିଷ ଖାଦ୍ୟ ତଥା ପନିପରିବା ଉପରେ ସମସ୍ତେ ନିର୍ଭର କରିଥା'ନ୍ତି। ତେବେ କାର୍ତ୍ତିକ ହବିଷରେ ବାଲୁଗାଁ ବାଣପୁର ତଥା ଆଖପାଖ ବଜାରରେ ପରିବା ଦର ଆକାଶଛୁଆଁ ବୃଦ୍ଧି ଘଟିଥିବା ଜଣାଯାଇଛି। ଏଭଳି ଦରଦାମ୍ ବୃଦ୍ଧି ଦେଖି ହବିଷିଆଳିମାନେ ଛାନିଆ ହୋଇ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏହି ହବିଷ ମାସରେ ଶାଗ, ଓଉ, କନ୍ଦମୂଳ, ସାରୁ ଓ କଞ୍ଚା କଦଳୀର ବହୁଳ ବ୍ୟବହାର ହେଉଥିବାରୁ ବର୍ତ୍ତମାନ ବଜାରରେ ଶାଗ ବିଡ଼ା ୧୫ ଟଙ୍କାରୁ ଉର୍ଦ୍ଧ୍ୱ ହୋଇଥିବାବେଳେ ଓଉ ଗୋଟିକ ୧୫ ଟଙ୍କା, ସାରୁ କିଲୋ ୪୦, କନ୍ଦମୂଳ ୬୦ ଓ କଞ୍ଚା କଦଳୀ ଗୋଟାକ ୧୦ ଟଙ୍କା ହୋଇଥିବାରୁ ଏଭଳି ମହଙ୍ଗାମାଡ଼ରେ ହବିଷିଆଳି ବେହାଲ ହୋଇପଡ଼ିଛନ୍ତି। ଏବେ ବଜାରରେ ଆଳୁ କିଲୋ ୨୦ ଟଙ୍କା ଓ ପିଆଜ ୩୦ ଟଙ୍କାକୁ ବାଦ୍ ଦେଲେ ପ୍ରାୟତଃ ଅନ୍ୟାନ୍ୟ ସମସ୍ତ ପରିବା ଦର ୫୦ ଟଙ୍କା

ପାର୍ ହୋଇଛି। ବାଇଗଣ ୭୦ରୁ ୮୦, ପୋଟଳ ୭୦, ଟମାଟୋ ୬୦, କଲରା ୬୦, ଦେଶୀ କାଙ୍କଡ଼ ୧୮୦, ଫୁଲକୋବି ୮୦, କାଙ୍କଡ଼ ୮୦, ଭେଣ୍ଡି ୬୦, କଖାରୁ ୪୦, ସଜନା ଛୁଇଁ ୧୪୦, ବିନ୍ ୧୨୦, ଝୁଡ଼ଙ୍ଗ ୮୦, କାକୁଡ଼ି ୬୦, ଗାଜର ୮୦, ପତ୍ରକୋବି ୪୦, ମୂଳା ବିଡ଼ା ୧୫ ଟଙ୍କା ହୋଇଛି। ବର୍ତ୍ତମାନ ଡବଲ ଇଞ୍ଜିନ ସରକାରରେ ସମସ୍ତ ଦ୍ରବ୍ୟ ୨ ଗୁଣା ବୃଦ୍ଧି ପାଇଛି। ଏଭଳି ଆକାଶଛୁଆଁ ପରିବା ଦର ବୃଦ୍ଧି ସମ୍ପର୍କରେ କିଛି ପରିବା ବ୍ୟବସାୟୀଙ୍କୁ ପଚାରିବାରେ ତେଲ ଦର ବୃଦ୍ଧି ଯୋଗୁଁ ଭଡ଼ା ୨ଗୁଣା ହୋଇପଡ଼ିଛି। ଏହାସହ ଲଗାଣ ବର୍ଷାରେ ପନିପରିବା ଚାଷ ବ୍ୟାପକ କ୍ଷୟକ୍ଷତି ଘଟିବା ଯୋଗୁଁ ଚାଷୀ ଆଉ ଆଗ ଭଳି ଚାଷ କାମ କରିବାକୁ ପଛଘୁଞ୍ଚା ଦେବାରେ ଫସଲ କମ୍ ଅମଳ ସହ ଆବଶ୍ୟକତାଠାରୁ କମ୍ ଆମଦାନୀ ହେଉଛି। ଯାହାଫଳରେ ଏଭଳି ଦରଦାମ୍ ବୃଦ୍ଧି ଘଟିଛି ବୋଲି କହୁଛନ୍ତି।

ଛେଣ୍ଡିପଦାରେ ମା' ମହାଲକ୍ଷ୍ମୀ ମେଳଣ, ଭସାଣି ଉତ୍ସବ ଓ ଆଞ୍ଚାଲଡୁ ନିଲାମ

ଆତସବାଜି ଓ ଡିଜେ ସାଉଣ୍ଡରେ ଦୁଲୁକିଲା ଛେଣ୍ଡିପଦା

ଛେଣ୍ଡିପଦା,୧୬ ।୧୦(ସମିସ)

ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଯୁବମଞ୍ଚ ପକ୍ଷରୁ ବୁଧବାର ଅପରାହ୍ନରେ ଲକ୍ଷ୍ମୀପୂଜା ମେଳଣ, ଭସାଣି ଉତ୍ସବ, ଆଞ୍ଚାଲଡୁ ନିଲାମ ସହ ଆତସବାଜି କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଛି । ଛେଣ୍ଡିପଦା ସଦରମହକୁମାରେ ୧୧ଟି ପୂଜା ମଣ୍ଡପରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହୋଇଥିଲା । ତେବେ ୯ଟି ମେଢ଼ ମେଳଣ ଉତ୍ସବରେ ସାମିଲ ହୋଇଥିଲେ । ପାରମ୍ପରିକ ନୃତ୍ୟଗୀତ, ଢୋଲ ନିଶାନର ତାଳେ ତାଳେ ଶୋଭାଯାତ୍ରାରେ ମେଢ଼ଗୁଡ଼ିକ ଜଗନ୍ନାଥ ମନ୍ଦିର ସମ୍ମୁଖ ମେଳଣ ପଡ଼ିଆରେ ପହଞ୍ଚିଥିଲେ । ସେଠାରେ ଯୁବମଞ୍ଚ ସଭାପତି ଦୀପକ କୁମାର ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ସମ୍ମାନିତ ଅତିଥି ଭାବେ ପୂର୍ବତନ ଛେଣ୍ଡିପଦା ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଗ୍ରାମ ସଭାପତି ଚନ୍ଦ୍ରମଣି ପ୍ରଧାନ, ସିଙ୍ଗରନିର ଜିଏମ, ଜିଲ୍ଲାପରିଷଦ ସଭ୍ୟ ଯଶୋବନ୍ତ ପ୍ରସାଦ ବେହେରା, ବିଜେପି ମିଡିଆ କୋଅର୍ଡିନେଟର ଅକ୍ଷୟପାଦ ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ । ଏହି ଅବସରରେ ଜଟଣୀ ଓ କୁଶକିଳାର ୨ଟି ଦଳ ଆତସବାଜି ପ୍ରଦର୍ଶନ କରିଥିଲେ । ପରେ ମା'ଙ୍କ ଆଞ୍ଚାଲଡୁ ନିଲାମ କରାଯାଇଥିଲା । ସ୍ଥାନୀୟ ଶାନ୍ତି ବଜାର ପୂଜା କମିଟିର ଶ୍ରୀକାନ୍ତ ନାଏକ ୧ଲକ୍ଷ ୧ ହଜାର ୧ ଟଙ୍କାରେ ଆଞ୍ଚାଲଡୁ ନିଲାମ ଧରିଥିଲେ । ଏହି ଅବସରରେ ନିୟମିତ ରକ୍ତଦାତା ସୋନାଲିକା ପଣ୍ଡା, ତ୍ରିନାଥ ନାୟକ, ଆଶୁତୋଷ ମାଝୀଙ୍କୁ ସମ୍ମାନିତ କରାଯାଇଥିଲା । ଥାନା ଛକ ପୂଜା କମିଟି ସଭାପତି ପଞ୍ଚୁନାଥ ବେହେରା, ଲକ୍ଷ୍ମୀ ବଜାର ପୂଜା କମିଟି ସଭାପତି ନଗେନ ନନ୍ଦ, ହନୁମାନପଡ଼ା ପୂଜା କମିଟି ସଭାପତି ପପୁ ବେହେରା, ବ୍ଲକ ଛକ ପୂଜା କମିଟି ସଭାପତି ସୁବାସ ପ୍ରଧାନ, ଦୋଳମଣ୍ଡପ ପୂଜା କମିଟି ସଭାପତି ଟଙ୍କଧର ବେହେରା, ଶାନ୍ତି ବଜାର ପୂଜା କମିଟି ସଭାପତି ବିଦ୍ୟୁତ ସିଂ ନାୟକ, ବୁଢ଼ା ମଣ୍ଡପ ପୂଜା କମିଟି ସଭାପତି ଜୟନ୍ତ କୁମାର ସାହୁ ଓ ପ୍ରଧାନସାହି ପୂଜା କମିଟି ସଭାପତି ବାଦଲ ପ୍ରଧାନ, ସାର୍ବଜନନୀ ପୂଜା କମିଟିର ଶୁଭେନ୍ଦୁ ସାହୁଙ୍କ ନେତୃତ୍ୱରେ ମେଳଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଯୁବମଞ୍ଚ ଉପଦେଷ୍ଟା ସୁଦୀପ୍ତ ପ୍ରଧାନ ମଞ୍ଚ ପରିଚାଳନା କରିଥିବାବେଳେ ସମ୍ପାଦକ ହିମାଂଶୁ ଶେଖର ବେହେରା, ସଭ୍ୟ ଜିତୁ ମାଝୀ, କାମପାଳ ଦାଶ, ତ୍ରବେଣୀ ସାହୁ, ଚିତ୍ତରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ । ଛେଣ୍ଡିପଦା ସରପଞ୍ଚ ସୁଦୀପ୍ତ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ । ପ୍ରତିକୂଳ ପାଗ ସତ୍ତ୍ୱେ ମେଳଣ ଉତ୍ସବରେ ୩୦ ହଜାରରୁ ଅଧିକ ଲୋକଙ୍କ ସମାଗମ ହୋଇଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଛେଣ୍ଡିପଦା ଥାନା ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ।

ଜନନାୟକ ନବୀନ ପଟ୍ଟନାୟକଙ୍କ ଜନ୍ମଦିରେ ଦୀପଦାନ

ଢେଙ୍କାନାଳ,୧୬ ।୧୦(ସମିସ): ନୂଆ ଓଡ଼ିଶାର ନିର୍ମାତା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମଦିନରେ ଦୀପଦାନ କରାଯାଇ ତାଙ୍କ ଦୀର୍ଘାୟୁ ନିମନ୍ତେ ପ୍ରାର୍ଥନା କରାଯାଇଛି । ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ସିଦ୍ଧବଳରାମ ମନ୍ଦିର ପ୍ରାଙ୍ଗଣରେ ଦଳୀୟ କର୍ମୀମାନେ ଦୀପଦାନ କରିଥିଲେ । କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରଶାନ୍ତ ଦାସ, କାଉନସିଲର ସୁମତୀ ପ୍ରଧାନ, ଉପନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, ଅଜୟ ଭଞ୍ଜ, ଅନୁପମା ସାହୁ, ପୂର୍ବତନ କାଉନସିଲର ରମେଶ ସାହୁ, ଯୁବ କାଉନସିଲର ଶୁଭଲକ୍ଷ୍ମୀ ସାହୁ, ଦୀପ୍ତିରଞ୍ଜନ ସେଠୀ, ନେତା ଦିପୁ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଶ୍ରୀକାନ୍ତ ମହାପାତ୍ର, ସାମାଜିକ ଗଣମାଧ୍ୟମ ସଂଯୋଜକ ଗଙ୍ଗାଧର ରାଉତ, ପ୍ରତାପ ଦାସ, ସ୍ୱରୂପାନନ୍ଦ ଦାସ, ସତୀଶ ରଞ୍ଜନ ସାହୁ, କ୍ଷୀରୋଦ ମିଶ୍ର, ଅନିଶ ରଥ, ବିଷ୍ଣୁପ୍ରସାଦ କର, ଜ୍ୟୋତ୍ସ୍ନାରାଣୀ ମଣ୍ଡଳ, ମିନତୀ ନାୟକ, ଜୟନ୍ତୀ ବେହେରା, ଜ୍ୟୋତିପ୍ରକାଶ ବେହେରା, ଶୁଭମ ଗୁରୁମ୍ବ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ ।

ହିନ୍ଦୋଳ: ଓଡ଼ିଶାବାସୀଙ୍କ ପ୍ରିୟନେତା ଜନନାୟକ ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମଦିନରେ ହିନ୍ଦୋଳ ବ୍ଲକ ସୁକିଆବାଉଡି ମନ୍ଦିରରେ ପୂଜାର୍ଚ୍ଚନା ସହ ଏକଶତ ଦୀପଦାନ କରି ହିନ୍ଦୋଳ ବିଜେଡି ପକ୍ଷରୁ ତାଙ୍କ ଦୀର୍ଘାୟୁ କାମନା କରାଯାଇଛି । ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁଙ୍କ ନେତୃତ୍ୱରେ ଶତାଧିକ କର୍ମୀ ମା'ଙ୍କ ପୀଠରେ ଏକତ୍ରିତ ହୋଇ ନବୀନଙ୍କ ୭୯ତମ ଜନ୍ମଦିନ ପାଳନ କରିଥିଲେ । ଶେଷରେ ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ରାଜ୍ୟ ଯୁବ ବିଜେଡି ସମ୍ପାଦକ ଦେବୀପ୍ରସାଦ ପଟ୍ଟନାୟକ, ଜିଲ୍ଲା ଯୁବ ବିଜେଡି

ଘଣ୍ଟପଡ଼ା ଲକ୍ଷ୍ମୀପୂଜାରେ କ୍ଷୀରୋଦଙ୍କୁ ସମ୍ବର୍ଦ୍ଧନା

ତାଳଚେର ସହର,୧୬ ।୧୦(ସମିସ): ତାଳଚେର ବ୍ଲକ ଘଣ୍ଟପଡ଼ା ଗ୍ରାମ ଡିଅର ସାହି ଲକ୍ଷ୍ମୀନାରାୟଣୀ ପୂଜା କମିଟି ପକ୍ଷରୁ ୬୫ତମ ବାର୍ଷିକ ଲଡୁ ନିଲାମ ଉତ୍ସବରେ ଘଣ୍ଟପଡ଼ାର ସମାଜସେବୀ କ୍ଷୀରୋଦ ସାହୁଙ୍କୁ କମିଟି ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଛି । ସେହିପରି ମହାପାତ୍ର ସାହିର ଅନ୍ନଦାତ୍ରୀ ପୂଜା କମିଟି ସଦସ୍ୟ ସୁମନ୍ତ ସାହୁ, ମଣ୍ଡପ ସାହି ପୂଜା କମିଟିର କାର୍ତ୍ତିକ ସାହୁ, ସିଦ୍ଧି ଲକ୍ଷ୍ମୀପୂଜା କମିଟିର ଅମର ପ୍ରଧାନ, ସାମନ୍ତ ସାହି ପୂଜା କମିଟିର ମନୋଜ ଦାସ ପୂଜା ମଣ୍ଡପରେ ସମାଜସେବୀ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

'ପିଲାମାନେ କଳା ମାଧ୍ୟମରେ ଦେଶକୁ ଗୌରବାନ୍ୱିତ କରନ୍ତୁ'

ଅନୁଗୋଳ,୧୬ ।୧୦(ସମିସ): ସ୍ଥାନୀୟ ଅନୁଗୋଳ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ କଳା ଉତ୍ସବ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ଅନୁଗୋଳ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ଯୋଗଦେଇ କହିଲେ ଭାରତୀୟ କଳା ଓ ସଂସ୍କୃତି ଅନନ୍ୟ । ତାକୁ ଉଜ୍ଜୀବିତ ରଖିବା ଏହି

କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ପିଲାମାନେ କଳାକୁ ସାଧନ କରି କଳା ମାଧ୍ୟମରେ ନିଜେ ଗୌରବ ଅର୍ଜନ କରିବା ସହିତ ଦେଶକୁ ଗୌରବାନ୍ୱିତ କରିବାକୁ ସେ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମ ଅନ୍ତର୍ଗତ ୧୨ଟି ବିଭାଗରେ ଜିଲ୍ଲାରୁ ମୋଟ ୯୦ ଛାତ୍ରଛାତ୍ରୀ, ୨୦ ଗାଇଡ ଶିକ୍ଷକ, ୮ ବିଚାରକ ସମେତ ସମୁଦାୟ ୧୩୦ ଜଣ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ସଙ୍ଗୀତ, ବାଦ୍ୟଯନ୍ତ୍ର, ଅଭିନୟ, ଚିତ୍ରକଳା, ଗଳ୍ପକଥନ, ନୃତ୍ୟ ଆଦି ପ୍ରତିଯୋଗିତା କରାଯାଇଥିଲା । ସଙ୍ଗୀତରେ ଅନୁଗୋଳ ରୋଟାରୀ ପବ୍ଲିକ ସ୍କୁଲର ରୋନିତ ମିଶ୍ର, ବାଦ୍ୟଯନ୍ତ୍ରରେ ଅନୁଗୋଳ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚିନ୍ମୟ ସାହୁ, ଦଳଗତ ସଙ୍ଗୀତରେ ଅନୁଗୋଳ ରୋଟାରୀ ପବ୍ଲିକ ସ୍କୁଲର ଭିଶାଶ୍ରୀ ପଣ୍ଡା ଓ ସାଥୀ, ସ୍ୱର ବାଦ୍ୟରେ ଛେଣ୍ଡିପଦା ଓପି ଜିନ୍ଦଲ ସ୍କୁଲର ସ୍ୱହମ ସରାଗ ମେଣ୍ଡେଲକର, ଦଳଗତ ବାଦ୍ୟଯନ୍ତ୍ରରେ ଛେଣ୍ଡିପଦା ଓପି ଜିନ୍ଦଲ ସ୍କୁଲର ସଙ୍କେତ ମିଶ୍ର ଓ ସାଥୀ, ଏକକ ନୃତ୍ୟରେ ଛେଣ୍ଡିପଦା ଓପି ଜିନ୍ଦଲ ସ୍କୁଲର ପୌଲମି ଦାସ, ଦଳଗତ ନୃତ୍ୟରେ ଛେଣ୍ଡିପଦା ଓପି ଜିନ୍ଦଲ ସ୍କୁଲର ସତଚିନ୍ତନ ଶତପଥୀ ଓ ସାଥୀ, ଚିତ୍ରକଳାରେ ଅୁଗୋଳ ରୋଟାରୀ ପବ୍ଲିକ ସ୍କୁଲର ନୀତିଶ କୁମାର ବେହେରା, ଶିଳ୍ପକଳାରେ ଛେଣ୍ଡିପଦା ଡିଏଭି ସାବିତ୍ରୀ ଜିନ୍ଦଲ ସ୍କୁଲର ଅସ୍ମିତ ପଟ୍ଟନାୟକ, ପାରମ୍ପରିକ ଗଳ୍ପ କଥନରେ ତାଳଚେର ଅନନ୍ତବିବାହ ଡିଏଭି ସ୍କୁଲର ଆୟୁଷ କୁମାର ଦାଶ ଓ ସାଥୀ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଏହି ପ୍ରତିଯୋଗୀମାନେ ଆସନ୍ତା ୧୮ ତାରିଖ କଟକ ଖାନନଗର ଉଚ୍ଚ ବିଦ୍ୟାଳୟରେ ହେବାକୁ ଥିବା ଜୋନସ୍ତରୀୟ କାର୍ଯ୍ୟକ୍ରମରେ ଭାଗନେବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି । ପ୍ରତିଯୋଗିତାଗୁଡ଼ିକରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ବିଜ୍ଞାନ ସଂଯୋଜକ ମନୋରଞ୍ଜନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମଗ୍ର ଶିକ୍ଷା କାର୍ଯ୍ୟାଳୟର ଜିଲ୍ଲା ଯୋଜନା ସଂଯୋଜକ ଅଶ୍ୱିନୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ସମଗ୍ର ଶିକ୍ଷା କାର୍ଯ୍ୟାଳୟର ଶିକ୍ଷା ବିଜ୍ଞାନ ସଂଯୋଜକ ମନୋରଞ୍ଜନ ସାହୁ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ ।

ଜିଲ୍ଲାସ୍ତରୀୟ କଳା ଉତ୍ସବ

ମହିଳାଙ୍କୁ ଅସଦାଚରଣ; ଯୁବକ ଗିରଫ

ଛେଣ୍ଡିପଦା,୧୬ ।୧୦(ସମିସ): ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ଅନୁଗୋଳ ଜିଲ୍ଲା ବାଗଡ଼ିଆ ଥାନା ପୁଲିସ ଗୁରୁବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ ପାତ୍ରପଡ଼ା ପଞ୍ଚାୟତ ଘାସିମଳିହା ଗାଁର ଭାରତ ବେହେରା । ବାଗଡ଼ିଆ ଥାନା ଅଞ୍ଚଳର ଏହି ମହିଳା ଘରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ଭାରତ ଘରେ ପଶି ତାଙ୍କୁ ଅସଦାଚରଣ କରିଥିଲେ । ମହିଳା ଚିତ୍କାର କରିବାରୁ ପଡ଼ିଶା ଘର ଲୋକେ ଉଠି ପଡ଼ିଥିଲେ । ଏହା ଦେଖି ଭାରତ ସେଠାରୁ ପଳାଇ ଯାଇଥିଲେ । ଏ ନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ଭାରତଙ୍କୁ ଗିରଫ କରିଛି ।